ମୁକ୍ତି ସଂଗ୍ରାମରେ ବରୀ ଅଞ୍ଚଳ

ଗୋପବନ୍ଧୁ ରମାଦେବୀ ଆଶ୍ରମ
ବରୀ

Digitized by PPRACHIN, SOA



ଆଜୀବନ ତ୍ୟାଗୀ , ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ସର୍ବୋଦୟ ସାଧକ
ତଥା ସମସ୍ତଙ୍କର ପ୍ରିୟ ଗୁରୁଜୀ **୰ଶରତଚନ୍ଦ୍ର ମହାରାଣା** ଯାହାଙ୍କ ଆପ୍ରାଣ ଉଦ୍ୟମରେ
"ମୁକ୍ତି ସଂଗ୍ରାମରେ ବରୀ ଅଞ୍ଚଳର ଅବଦାନ" ପୁସ୍ତକଟି ପ୍ରକାଶ କରିବା ସମ୍ଭବ
ହୋଇଛି ତାଙ୍କ କରକମଳରେ ଏହି ପୁସ୍ତକଟି ସମର୍ପଣ କରୁଅଛୁ ।

Digitized by PPRACHIN, SOA

ମୁକ୍ତି-ସଂଗ୍ରାମରେ ବରୀଅଞ୍ଚଳ

ଲେଖକ : ଆର୍ତ୍ତବନ୍ଧୁ ମହାନ୍ତି ଓ ଶ୍ରୀ ଦାଶରଥି ସାମଲ

ସଂକଳକ : ଶ୍ରୀ ଶରତଚନ୍ଦ୍ର ମହାରାଣା

ପ୍ରକାଶକ : ଗୋପବନ୍ଧୁ - ରମାଦେବୀ ଆଶ୍ରମ
ପୋଷ୍ଟ, ବରୀ-କଟକ, ଜିଲ୍ଲା- ଯାଜପୁର

ପ୍ରଥମ ପ୍ରକାଶନ: ଶ୍ରୀ ଅକ୍ଷୟ କୁମାର ମହାନ୍ତି
ସର୍ବୋଦୟ ସମିତି, ଗାନ୍ଧୀ ନଗର, କୋରାପୁଟ

ଦ୍ୱିତୀୟ ପ୍ରକାଶନ: ୨୯ ଅପ୍ରେଲ, ୨୦୦୮
ସଂଖ୍ୟା- ୧୦୦୦

ମୁଦ୍ରଣ : ସ୍ପା କମ୍ପ୍ୟୁଟର, ପୁରୀଘାଟ, କଟକ-୯

ମୂଲ୍ୟ : ଟ. ୬୦/-

Mukti-Sangramare Bari Anchala

Authors : Artabandhu Mahanty, & Sri Dasarathi Samal

Editor : Sri Saratchandra Maharana

Publisher : Gopabandhu - Ramadevi Ashram
Po- Bari-Cuttack, Dist- Jajpur

First Edition: Sri Akshaya kumar Mahanty
Sarvodaya Samiti, Gandhi Nagar, Koraput

Second Edition: 29th April, 2008
Copy- 1000

Printer : SPA Computer, Purighat, Cutack-9

Price : **Rs.60/-**

Digitized by PPRACHIN, SOA

ଭୂମିକା

ଭାରତର ସ୍ୱାଧୀନତା-ସଂଗ୍ରାମରେ ଉତ୍କଳର କେତେକ ଅଞ୍ଚଳର ଅବଦାନ ସମ୍ବନ୍ଧରେ ପୁସ୍ତକ ପ୍ରକାଶିତ ହେଲାଣି । କେହି କେହି ବରୀ ଅଞ୍ଚଳର ଅବଦାନ ବିଷୟରେ କିଛି ପ୍ରକାଶ ହେଉ ବୋଲି ଭାବୁଥିଲେ । ତା୧୦-୧୦-୧୯୮୯ରେ ବରୀର ଦୁଧେଇଠାରେ 'କସ୍ତୁରୀପୁର'ରେ ଆର୍ତ୍ତବନ୍ଧୁ ମହାନ୍ତିଙ୍କର ଏକାଦଶାହରେ କେତେକ ଆତ୍ମୀୟ ଓ ବନ୍ଧୁ ଏକତ୍ର ହୋଇଥିଲେ । ଅରଙ୍ଗାବାଦ-ନିବାସୀ ଶ୍ରୀ ଦାଶରଥି ସାମଲ ସେଠାରେ ସ୍ୱାଧୀନତା-ସଂଗ୍ରାମରେ ବରୀ ଅଞ୍ଚଳର ଅବଦାନ କଥା ଉଠାଇଲେ । ତାଙ୍କ କଥାକୁ ଅନ୍ୟମାନେ ସ୍ୱାଗତ କଲେ । ଏହା ହିଁ ଏହି ପୁସ୍ତିକା ପ୍ରକାଶନ ପାଇଁ ପ୍ରେରଣା ।

ଶ୍ରୀ ଆର୍ତ୍ତବନ୍ଧୁ ମହାନ୍ତି ପାଞ୍ଚବର୍ଷ ପୂର୍ବେ ତାଙ୍କ ମନକୁ କିଛି ଲେଖିଥିଲେ । ଶ୍ରୀ ଦାଶରଥି ସାମଲ ୧୯୩୦-୩୨ରେ ସେ ଅଞ୍ଚଳରେ ଜାତୀୟ ସଙ୍ଗୀତ ଗାଇ ଏବଂ ନାଟକ ଲେଖି ଓ ଅଭିନୟ କରି ଲୋକମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲେ । ସେ ଏହି ପୁସ୍ତିକା ପାଇଁ ୩ମାସ ପୂର୍ବେ ଲେଖା ପଠାଇଥିଲେ । କେତେକ ସ୍ୱାଧୀନତା-ସଂଗ୍ରାମୀ ନିଜ ନିଜର ବିବରଣୀ ମଧ ଲେଖିଦେଲେ । ଆର୍ତ୍ତବନ୍ଧୁ ବାବୁ ବର୍ଷେ ହେଲା ସ୍ୱର୍ଗାରୋହଣ କଲେଣି । ଦାଶରଥିବାବୁ ଟିକିଏ ଦୂରରେ ରହୁଛନ୍ତି । ଏହି ପୁସ୍ତକାର ପୂର୍ଣ୍ଣ ଚିତ୍ର ଆରମ୍ଭରୁ କରାଯାଇନଥିଲା । କିଛି ଜ୍ଞାତବ୍ୟ ବିଷୟ ପରିଶିଷ୍ଟରେ ଦେବାକୁ ପଡ଼ିଲା ।

ଇଣ୍ଡିଆନ୍ ନ୍ୟାସନାଲ (ଭାରତ ଜାତୀୟ) କଂଗ୍ରେସର ଉଦ୍ଦେଶ୍ୟ କାର୍ଯ୍ୟକ୍ରମ ଓ ମହାତ୍ମା ଗାନ୍ଧୀଙ୍କର ବିଚାର, ବ୍ୟାଖ୍ୟା ଆଦି ଏ ପୁସ୍ତିକାରେ ଦେବା ଅସମ୍ଭବ ଓ ଅନାବଶ୍ୟକ । ଯେଉଁ ପାଠକ ତାହା ଜାଣିବାକୁ ଇଚ୍ଛା କରନ୍ତି ସେ ଉକ୍ତ ସମ୍ବନ୍ଧୀୟ ପୁସ୍ତକଗୁଡ଼ିକରୁ ପାଇବେ । ଏ ବହିରେ ବରୀ ଅଞ୍ଚଳର ଲୋକମାନେ ଓ କର୍ମୀମାନେ ଯାହା କାର୍ଯ୍ୟରେ କରିଥିଲେ, ତାହା ସଂକ୍ଷେପରେ ଦିଆଗଲା ।

ଯେଉଁ ସ୍ୱାଧୀନତା-ସଂଗ୍ରାମୀମାନେ ଓ ଅନ୍ୟମାନେ ଏହି ପୁସ୍ତିକା ପ୍ରକାଶନରେ ସାହାଯ୍ୟ କରିଛନ୍ତି ସେମାନଙ୍କୁ ପ୍ରକାଶକ ଆନ୍ତରିକ କୃତଜ୍ଞତା ଜଣାଉଛନ୍ତି ।

ଆଶା କରାଯାଏ ଯେ ଏହାପରେ ଚିନ୍ତାଶୀଳ ଲୋକ, ଗବେଷକ ବା ସଂସ୍ଥା ତ୍ରୁଟିଶୂନ୍ୟ ବଡ଼ ବହି ପ୍ରକାଶ କରିବେ ।

ଅକ୍ଷୟ କୁମାର ମହାନ୍ତି
୧୦.୧୨.୧୯୯୦ ମସିହା

Digitized by PPRACHIN, SOA

ମୁଖବନ୍ଧ

ଓଡ଼ିଶାର କାହିଁକି, ସାରା ଭରତର ସ୍ୱାଧୀନତା-ସଂଗ୍ରାମରେ କଟକ ଜିଲାର ବରୀ ଅଞ୍ଚଳର ଏକ ବିଶିଷ୍ଟ ସ୍ଥାନ ରହିଛି । ମହାତ୍ମା ଗାନ୍ଧୀଙ୍କର ସଂଗ୍ରାମ-ପନ୍ଥାର ଦୁଇଟି ଧାରାଥିଲା : ସତ୍ୟାଗ୍ରହ ଓ ରଚନାତ୍ମକ କାମ । ସତ୍ୟାଗ୍ରହର ଶାସ୍ତ୍ରରେ ଏ ଉଭୟ ଧାରା ପରସ୍ପର ସହିତ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ଗୋଟିକ ବିନା ଅନ୍ୟଟି ପୂର୍ଣ୍ଣାଙ୍ଗ ହୋଇପାରେ ନାହିଁ । ବରୀ ଅଞ୍ଚଳର ବିଶେଷତ୍ୱ ଯେ ସେଠି ଏ ଦୁଇଟି ଯାକ ଧାରା, ସେ ଅଞ୍ଚଳର ଦୁଇ ପଟେ ଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ପରି, ବରୀ-କ୍ଷେତ୍ରକୁ ପ୍ଲାବିତ ଓ ପୁଷ୍ଟ କରିଥିଲା ।

ବରୀ ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଥିଲା । ଏବେ ବନ୍ୟାର ପ୍ରକୋପ ବହୁ ପରିମାଣରେ ପ୍ରଶମିତ ହେଇଛି । ମାତ୍ର ଏ ସେଠା ଲୋକଙ୍କୁ ଦୁଃଖ ଦେବା ସାଙ୍ଗେ ସାଙ୍ଗେ ସୁଖ ବି ଦେଉଥିଲା । ବନ୍ୟା ବହି ଆଣୁଥିବା ପଟୁମାଟି ସେଠା ଜମିକୁ ଉର୍ବର କରୁଥିଲା ଓ ଶାରଦ ଧାନର ଫସଲ ପ୍ରାୟ ନଷ୍ଟ ହେଇ ଯାଉଥିଲେ ମଧ, ନାନା ଜାତିର ରବି ଫସଲ ସେ କ୍ଷତିକୁ ବହୁ ପରିମାଣରେ ପୂରଣ କରି ଦେଉଥିଲା ।

ସେ ଅଞ୍ଚଳର ଲୋକଙ୍କୁ ଏ ବନ୍ୟାର ଆଉ ଏକ ବହୁମୂଲ୍ୟ ବରଦାନ ହେଲା ସେଠା ଲୋକଙ୍କର ସଂଗ୍ରାମୀ ଚରିତ୍ର । ପ୍ରାକୃତିକ ପ୍ରତିକୂଳତା ସହିତ ବରାବର ଯୁଝିବାକୁ ପଡୁଥିବା ଫଳରେ ସେମାନଙ୍କର ମେରୁଦଣ୍ଡ ଟାଣ ହେଇଥିଲା । ସେମାନେ ଅଳ୍ପ ଆଘାତରେ ଭାଙ୍ଗି ପଡୁନଥିଲେ । ଏହି ଗୁଣ ଯୋଗୁଁ ମହାତ୍ମାଗାନ୍ଧୀଙ୍କର ଆହ୍ୱାନର ପ୍ରତି ସ୍ପନ୍ଦନ ସେ ଅଞ୍ଚଳରୁ ୧୯୩୦ ଲବଣ ସତ୍ୟାଗ୍ରହ ବେଳେ ପ୍ରଚୁର ପରିମାଣରେ ମିଳିଥିଲା । ବାପା ଓ ବୋଉ ସେ ଅଞ୍ଚଳକୁ ଆପଣାର କର୍ମ କ୍ଷେତ୍ର ରୂପେ ବାଛିବା ଫଳରେ ସତ୍ୟାଗ୍ରହର ଧାରା ସହିତ ରଚନାତ୍ମକ କାମର ଧାରା ଆସି ମିଶିଲା ଓ ତା'ର ପରିଣାମ ଦେଖିବାକୁ ମିଳିଲା, ୧୯୪୦ର ବ୍ୟକ୍ତିଗତ ସତ୍ୟାଗ୍ରହ ଓ ୧୯୪୨ର 'ଭାରତ ଛାଡ଼' ଆନ୍ଦୋଳନରେ ।

ଆଜି ଦେଶ ସ୍ୱାଧୀନ ହେବାର ତେୟାଳିଶ ବର୍ଷ ବିତିଗଲା ମାତ୍ର ମହାତ୍ମା ଗାନ୍ଧୀଙ୍କର ସ୍ୱପ୍ନର ଭାରତ ଏପର୍ଯ୍ୟନ୍ତ ଗଢ଼ି ହେଇପାରି ନାହିଁ । ସମସ୍ତଙ୍କର ଆଖିରୁ ସବୁ ଲୁହ ପୋଛିବାର ଗାନ୍ଧୀଜୀଙ୍କର ଆକାଙ୍କ୍ଷା ପୂରଣ ହେଇନାହିଁ । ମୁଁ ଆଶା କରୁଛି ଯେ ଏ ସାନ ବହି ଖଣ୍ଡିକରୁ ବର୍ତ୍ତମାନର ଓ ଭବିଷ୍ୟତର ଯୁବ ପିଢ଼ି ସ୍ୱାଧୀନତା-ସଂଗ୍ରାମର ଏକ ଗୌରବମୟ ସାମୁଖ୍ୟ ସହିତ ପରିଚିତ ହେବେ ଓ ଏକ ଏଭଳି ନୂଆ ଭାରତ ଗଢ଼ିବା ପାଇଁ ପ୍ରେରଣା ପାଇବେ ଯେଉଁଠି ଦାରିଦ୍ର୍ୟ, ଶୋଷଣ, ଅସମାନତା, ଭାତୃ-ବିବାଦ ଓ ଯୁଦ୍ଧଖୋରୀ ନଥିବ ଓ ଯେଉଁ ଭାରତ ସାରା ବିଶ୍ୱର ଦୁଃଖୀ ଜନତାଙ୍କ ପାଇଁ ଏକ ଆଶା ଓ ଶକ୍ତିର ସ୍ଥାନ ହେବ ।

ବାଖରାବାଦ, କଟକ-୨ — ମନମୋହନ ଚୌଧୁରୀ

ଗୁରୁବାର ତା ୦୩-୦୫-୧୯୯୦

Digitized by PPRACHIN, SOA

ଏ ଦ୍ୱିତୀୟ ସଂକଳନ ସଂପର୍କରେ ଦୁଇପଦ

ଗୋପବନ୍ଧୁ - ରମାଦେବୀ ଆଶ୍ରମ ଗତ ଅକ୍ଟୋବର ୧୧ ତାରିଖ ୧୯୯୮ ମସିହା ଜୟପ୍ରକାଶ ଏବଂ ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବରୀରେ ଆରମ୍ଭ ହୋଇଥିଲେ ମଧ ଗତ ୩/୪ ବର୍ଷ ହେଲା କାମର ଅଗ୍ରଗତି କରୁଛି । ମୁଁ ବରୀ ଅଞ୍ଚଳରେ ବୁଲିବା ସମୟରେ ବହୁ ଲୋକ "ମୁକ୍ତି ସଂଗ୍ରାମରେ ବରୀ ଅଞ୍ଚଳର ଅବଦାନ" ବହିଟି ପଢ଼ିବା ପାଇଁ ଖୋଜୁଛନ୍ତି ବୋଲି ଅବଗତ ହେଲି । ସେ ପୁସ୍ତିକାଟି ୧୯୯୦ ମସିହାରେ ଶ୍ରୀ ଅକ୍ଷୟ କୁମାର ମହାନ୍ତି, କୋରାପୁଟଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ସେଥିରେ ଲେଖକ ଭାବରେ ପୂଜ୍ୟ ଆର୍ତ୍ତବନ୍ଧୁ ମହାନ୍ତି ଓ ଦାଶରଥି ସାମଲ ଏବଂ ସଂକଳକ ଭାବରେ ଶରତଚନ୍ଦ୍ର ମହାରାଣା ଥିଲେ । ଆଜି ସେମାନେ ତିନିଜଣ ସ୍ୱର୍ଗତଃ । ତେଣୁ ସେମାନଙ୍କଠାରୁ ପୁସ୍ତିକା ସମ୍ବନ୍ଧରେ କିଛି ପରାମର୍ଶ ନେଇପାରିଲିନାହିଁ, କିନ୍ତୁ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରାଣା, ସୁମିତ୍ରା ଚୌଧୁରୀ ଏବଂ ଅକ୍ଷୟ କୁମାର ମହାନ୍ତିଙ୍କ ପରାମର୍ଶ ବିଭିନ୍ନ ସମୟରେ ନେଇଛି ।

ଉକ୍ତ ବହିରେ କେତେକ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର କେବଳ ନାମ ଦିଆଯାଇଥିଲା, ଚେଷ୍ଟା କରିଛି ତାଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ ପାଇଁ । ଆଉ କେତେକ ସ୍ୱାଧୀନତା ସଗ୍ରାମୀମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ ହୋଇପାରିନଥିଲା, ତାକୁ ମଧ ଚେଷ୍ଟା କରି ସଂଗ୍ରହ କରିଛି । ପୁରୁଷୋତ୍ତମ ସିଂଙ୍କ ଦ୍ୱାରା ସଂକଳନ ବାନରସେନା ବହିରୁ କେତେକ ଫଟୋ ଏବଂ କେତେକଙ୍କ ବିଷୟରେ ଲେଖା ଉଦ୍ଧୃତ କରିଛି, ସେଥିପାଇଁ ବାନରସେନା ଇତିହାସ ସଂକଳନ କମିଟିକୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ଉକ୍ତ ପୁସ୍ତିକା ଛପାଇବା ପାଇଁ ବିଶେଷ ଭାବରେ ଆର୍ଥିକ ସହାୟତା ଯୋଗାଇ ଦେଇଥିବା ପୂଜ୍ୟା ଶକୁନ୍ତଳା ଦାସ (ମାଳଅପା), ସୁମିତ୍ରା ଚୌଧୁରୀ, ପ୍ରୀତିଲତା ଜେନା, ପ୍ରମିଳା ସ୍ୱାଇଁ, ଅନାଦି ନାୟକ, ଅକ୍ଷୟ କୁମାର ମହାନ୍ତି, ହଳଧର ଦାସ ପ୍ରଭୃତି ବ୍ୟକ୍ତି ବିଶେଷମାନଙ୍କୁ କୃତଜ୍ଞତା ଜଣାଉଛି ।

ଏହି ବହିଟି ଛପାଇବା ଦିଗରେ ବିଶେଷ ଭାବରେ ଉତ୍ସାହ ଓ ଦିଗ୍‌ଦର୍ଶନ ଦେଇଥିବା ସର୍ବଶ୍ରୀ ଗୋକୁଳାନନ୍ଦ ଦାସ, କୁଞ୍ଜବିହାରୀ ଦାସ, ନିମାଇଁ ରାୟ, ଡ଼. ବିଶ୍ୱଜିତ୍ ରାୟ ଏବଂ ଆଶ୍ରମର ମୁଖ୍ୟ ଶ୍ରୀ ପଦ୍ମଚରଣ ନାୟକ, ଇନ୍ଦୁମତୀ ସାହୁ, ଦିଲୀପ କୁମାର ଶର୍ମା ଓ ସୀତାରାଣୀ ଦେଓଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସ୍ୱା କମ୍ପ୍ୟୁଟରର ସାଥିମାନେ କମ୍ ସମୟରେ ଅକ୍ଳାନ୍ତ ପରିଶ୍ରମ କରି ଏହାକୁ ମୁଦ୍ରଣ ଏବଂ ଛପାଇଥିବାରୁ କୃତଜ୍ଞତା ଅର୍ପଣ କରୁଛି ।

ଏହି ବହିଟି ବରୀ ଅଞ୍ଚଳର ଜନସାଧାରଣଙ୍କୁ ଇତିହାସ ଜଣାଇବା ସଙ୍ଗେ ସଙ୍ଗେ ନୂଆ ନୂଆ ପାଦ ଦେଉଥିବା ଯୁବା ସାଥିମାନଙ୍କୁ ଦିଗ୍‌ଦର୍ଶନ ଦେବବୋଲି ଆଶା ଓ ବିଶ୍ୱାସ ।

ରମାକାନ୍ତ ମଣ୍ଡଳ
ଗୋପବନ୍ଧୁ - ରମାଦେବୀ ଆଶ୍ରମ, ବରୀ
୨୯-୦୪-୨୦୦୮

Digitized by PPRACHIN, SOA

ସ୍ୱାଧୀନତା-ସଂଗ୍ରାମରେ ବରୀ ଅଞ୍ଚଳର ଅବଦାନ

ପ୍ରାକୃତିକ ଅବସ୍ଥିତି

"ଥାଅ ଗୋ ବ୍ରାହ୍ମଣୀ ପୀନପୟୋଧରା !
ହେଉ ତୁମ ଯୋଗେ ଉତ୍କଳ ଉର୍ବରା,
ଖରସ୍ରୋତା ସଙ୍ଗେ କରି ତୁ ମନ୍ତ୍ରଣା
ତଟବାସୀ ଜନେ ନ ଦିଅ ଯନ୍ତ୍ରଣା ।" ପୃ: ୨୪
'ବନ୍ଦୀର-ଆତ୍ମକଥା', ଉତ୍କଳମଣି ଗୋପବନ୍ଧୁ ଦାସ ।।

ସୁଦୂର ଅତୀତରେ ରତ୍ନଗିରିରେ ପୁଷ୍ପବିହାର ନାମରେ ବିଖ୍ୟାତ ବୌଦ୍ଧ ବିଶ୍ୱବିଦ୍ୟାଳୟ ଥିଲା । ତାହାର ଦକ୍ଷିଣରେ ଅନତିଦୂରରେ କେଲୁଅ ଓ ବିରୂପା ନଦୀ ପ୍ରବାହିତ । ଯଥାକ୍ରମେ ଜୈନକୀର୍ତ୍ତି ଓ ବୌଦ୍ଧକୀର୍ତ୍ତିର ନିଦର୍ଶନ ରୂପେ ମନୋହର ଉଦୟଗିରି ଓ ଲଳିତଗିରି ଏ ଅଞ୍ଚଳର ଦକ୍ଷିଣ ଦିଗରେ ଆଲେଖ୍ୟ ରୂପେ ଦଣ୍ଡାୟମାନ । ବହଡ଼ିହ ପର୍ବତ ନାମରେ ଉଦୟଗିରି କଥିତ । ପଶ୍ଚିମରେ ଭକ୍ତକବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ଜନ୍ମସ୍ଥାନ ବାଲିଆ ଗ୍ରାମ । ପୂର୍ବରେ କଳାମାଟିଆ ଶହୀଦ-ପୀଠ । ଏହି ଚଉହଦିଯୁକ୍ତ କ୍ଷେତ୍ରଫଳ ପ୍ରାୟ ୧୫୦ ବର୍ଗ ମାଇଲ ବା ୩୮୪ ବର୍ଗ କିଲୋମିଟର । ଏହି ଅଞ୍ଚଳ ବରୀ ଧୋୟା ଅଞ୍ଚଳ ନାମରେ କଟକ ଜିଲ୍ଲାରେ ପରିଚିତ ।

ବାସିନ୍ଦା ମଧ୍ୟରେ ଅଧିକାଂଶ ଖଣ୍ଡାୟତ ଓ ହରିଜନ । କେତେକ ବ୍ରାହ୍ମଣ, କରଣ ଓ ନବଶାୟକ ବା ନବପାଟକ ଜାତିର ଲୋକ ଏବଂ ଅରଙ୍ଗାବାଦ, ବରୀ, ରଜାପୁରରେ କେତେକ ମୁସଲମାନ ଅଛନ୍ତି । ଏ ଅଞ୍ଚଳରେ ଜଣେ ସୁଦ୍ଧା ବୌଦ୍ଧ ବା ଜୈନ ନାହାନ୍ତି । ମାଳୀସାହିରେ ଅଲେଖ ଧର୍ମର କ୍ଷେତ୍ରବାସୀ ବାବାଙ୍କର ଟୁଙ୍ଗୀ ଅଛି । ଆଖପାଖରେ ଓ ରାମପୁରରେ ଗୃହୀ ଅଲେଖ ଧର୍ମାବଲମ୍ବୀ କେତୋଟି ପରିବାର ଅଛନ୍ତି । ଖ୍ରୀଷ୍ଟାନ୍ ବାସିନ୍ଦା ନାହାନ୍ତି ।

Digitized by PPRACHIN, SOA

ରତ୍ନଗିରି

ଯାଜପୁର ଜିଲ୍ଲାର ଅନ୍ତର୍ଗତ ସ୍ରୋତସ୍ୱିନୀ ବିରୂପାର ଏକ ଶାଖା ନଦୀ କେଲୁଅର ଉତ୍ତର-ପୂର୍ବ ଦିଗରେ ଆସିରାଯ ପର୍ବତମାଳାର ରତ୍ନଗିରି ଏକ ସମ୍ପୂର୍ଣ୍ଣ ବିଛିନ୍ନ ଅଂଶ । ଏହା ଅନୁଚ୍ଚ ଅଟେ । ଏହାର ଅବଲୁପ୍ତ ଐତିହ୍ୟ, ବିଶାଳ ବୁଦ୍ଧମୂର୍ତ୍ତି, ତାରାମୂର୍ତ୍ତି, ବୋଧିସତ୍ତ୍ୱ ଓ ବିଭିନ୍ନ ତନ୍ତ୍ର-ଦେବୀମାନଙ୍କର କମନୀୟ ପ୍ରସ୍ତର-ମୂର୍ତ୍ତି ଏହି ଅଞ୍ଚଳର ପ୍ରାଚୀନ ଗାଥା ବହନ କରେ । ଦୁର୍ଭାଗ୍ୟବଶତଃ ବିଶାଳ ପ୍ରସ୍ତର ମୂର୍ତ୍ତିଗୁଡ଼ିକ ବିଖଣ୍ଡିତ, ଅନ୍ୟାନ୍ୟ ଅବୟବରୁ ବିଚ୍ୟୁତ । ବୃହତ୍ ମସ୍ତକମାନ ମୂର୍ତ୍ତିଗୁଡ଼ିକର ବିଶାଳତାର ସ୍ପଷ୍ଟ ସୂଚନା ଦିଏ ।

ସପ୍ତମ ଶତାବ୍ଦୀର ଇତିହାସ-ପର୍ଯ୍ୟାଲୋଚନାରୁ ତତ୍‌କାଳୀନ ଉତ୍କଳ ଓ ତହିଁରେ ସମୃଦ୍ଧ ଶିକ୍ଷାର ପ୍ରାଣକେନ୍ଦ୍ର ରୂପେ ରତ୍ନଗିରିର ପ୍ରତିଷ୍ଠାର ସମ୍ୟକ୍ ସୂଚନା ମିଳେ । ସେହି ସମୟରେ ଏଠାରେ ପ୍ରତିଷ୍ଠିତ ବୌଦ୍ଧ ମନ୍ଦିରଗୁଡ଼ିକ ପରିବ୍ରାଜକ ହୁଏନ୍‌ସାଙ୍ଗୁ ଏତେ ପ୍ରଭାବିତ କରିଥିଲା ଯେ ସେ ଏହାର ବର୍ଣ୍ଣନା ତାଙ୍କର ଭ୍ରମଣ କାହାଣୀରେ ବିସ୍ତୃତଭାବରେ ପ୍ରଦାନ କରିଛନ୍ତି । ଏହାର ସ୍ତୂପ ଓ ଚୈତ୍ୟଗୁଡ଼ିକର ଅପରୂପ ଗଠନ-ଶୈଳୀ ଦେଖି ସେ ଅଭିଭୂତ ହୋଇଯାଇଥିଲେ । ସେଗୁଡ଼ିକର ସ୍ରଷ୍ଟା ରକ୍ତମାଂସଧାରୀ ଶିଳ୍ପୀ ନୁହନ୍ତି ବରଂ କୌଣସି ଦୈବୀ ଶକ୍ତିଧାରୀ ଅତିମାନବ ଅଥବା ପୈଶାଚିକ ଶକ୍ତି-ଏଭଳି ଭ୍ରାନ୍ତ ଧାରଣା ତାଙ୍କର ହୋଇଥିଲା ।

କଳାତ୍ମକ ସମ୍ପଦ ଓ ବୌଦ୍ଧ ସଂସ୍କୃତି ପାଇଁ ପ୍ରସିଦ୍ଧ ସେହି ମନ୍ଦିରଗୁଡ଼ିକ ଅଷ୍ଟମଶତାବ୍ଦୀ ବେଳକୁ ଏକ ଉନ୍ନତ ବିଶ୍ୱବିଦ୍ୟାଳୟ ରୂପେ ପରିଗଣିତ ହେଲା । ମଧ୍ୟଯୁଗରେ ବାସ୍ତବରେ ଏହା ଏକ ଅଦ୍ୱିତୀୟ ଶିକ୍ଷାକେନ୍ଦ୍ର ହୋଇଥିଲା । ସୁଦୂର ତିବ୍ବତ, ନେପାଳ ପ୍ରଭୃତି ଅଞ୍ଚଳରୁ ବହୁ ପ୍ରତିଷ୍ଠିତ ଜ୍ଞାନପିପାସୁ ସାଧୁସନ୍ଥ ଏଠାରେ ଜ୍ଞାନାଲୋକର ସନ୍ଧାନ ପାଇଥିଲେ । ଭାରତର ବିଭିନ୍ନ ଅଂଶରୁ ଯୋଗ ଓ ଦର୍ଶନ ଅଧ୍ୟୟନ ପାଇଁ ଆସୁଥିବା ଶିକ୍ଷାର୍ଥୀମାନଙ୍କୁ ବହୁ ପ୍ରତିଷ୍ଠିତ ଆଚାର୍ଯ୍ୟ ଶିକ୍ଷା ଦେଉଥିଲେ । ଲାମା ତାରାନାଥଙ୍କ ଭାଷାରେ ଆଚାର୍ଯ୍ୟ ପିଟୋ, ଯେ ଶୂନ୍ୟବାଦରେ ସିଦ୍ଧି ଲାଭ କରିଥିଲେ, ଯୋଗ ବିଦ୍ୟାର ଆଚାର୍ଯ୍ୟ ଥିଲେ ଓ ଜନାଦୃତ ହୋଇଥିଲେ ।

ଭକ୍ତକବି ଅଭିମନ୍ୟୁ ସାମନ୍ତସିଂହାର

ଜନଶ୍ରୁତି ହେଉଛି, କାଳୀସିଂହ ରାଜା ଜୟସିଂହଙ୍କର କନିଷ୍ଠା ରାଣୀଙ୍କର ପୁତ୍ର ହୋଇଥିବାରୁ ଜୟପୁର ଅନ୍ତର୍ଗତ ଭବନଗରରେ ରାଜା ହୋଇପାରିଲେନାହିଁ । ରାଜ୍ୟଛାଡ଼ି ଉତ୍କଳକୁ ଆସିଲେ । ସେ ସମୟରେ ଉତ୍କଳର ମହାରାଜା ଗଜପତି ପୁରୁଷୋତ୍ତମ ଦେବଙ୍କର

Digitized by PPRACHIN, SOA

ଦେହରକ୍ଷୀ ରୂପେ ୧୪୬୫ ରୁ ୧୪୯୫ ମସିହା ପର୍ଯ୍ୟନ୍ତ ନିଯୁକ୍ତ ଥିଲେ । ସେ ରାଣୀଙ୍କୁ ସର୍ପାଘାତରୁ ରକ୍ଷା କରିବାକୁ ଯାଇ, ଉଭୟ ରାଣୀ ଓ ମହାରାଜାଙ୍କର ସନ୍ଦେହ-ଭାଜନ ହେଲେ ଏବଂ ଶ୍ରୀକ୍ଷେତ୍ରରୁ ବିତାଡ଼ିତ ହେଲେ । ନିଜର ଇଷ୍ଟଦେବୀ ଦକ୍ଷିଣେଶ୍ୱରୀଙ୍କ ନିର୍ଦ୍ଦେଶରେ କାଳୀ ସିଂହ ବ୍ରାହ୍ମଣୀ-ନଦୀର ଦକ୍ଷିଣ ତଟରେ ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ବସତି ସ୍ଥାପନ କରି ରହିଲେ । ପରେ ପୁରୁଷୋତ୍ତମଦେବ ନିଜର ଭୁଲ୍ ବୁଝିପାରି ଅନୁତପ୍ତ ହେଲେ ଏବଂ କାଳୀ ସିଂହଙ୍କୁ ନିଜ ସ୍ଥାନରେ ରହିବା ପାଇଁ ସବୁ ପ୍ରକାରେ ସାହାଯ୍ୟ କଲେ । କିଛିଦିନ ପରେ ବାଲିଆର ରାଜା ସାରଙ୍ଗ ଦଳେଇଙ୍କର କାଳୀ ସିଂହଙ୍କ ସହ ମନାନ୍ତର ହୋଇ, ଯୁଦ୍ଧ ହେଲା । ଯୁଦ୍ଧରେ ସାରଙ୍ଗ ଦଳେଇ ମୃତ୍ୟୁବରଣ କଲେ । କାଳୀସିଂହ ବାଲିଆର ରାଜାହେଲେ ।

ସାହିତ୍ୟକ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର ମତ ଯେ ବାଲିଆର ସିଂହ ବଂଶ ଖୋର୍ଦ୍ଧାର ଭୋଇ ବଂଶଧରଙ୍କଠାରୁ ବାଲିଆ ଜମିଦାରି ପାଇଥିଲେ । ତିନିପୁରୁଷ ପର୍ଯ୍ୟନ୍ତ ଏମାନଙ୍କର ସିଂହ ସଂଜ୍ଞାଥିଲା । ଚତୁର୍ଥ ପୁରୁଷରେ ଏହା ସାମନ୍ତ ସିଂହାରରେ ପରିବର୍ତ୍ତିତ ହେଲା । ଏ ସମ୍ବନ୍ଧରେ ନିମ୍ନଲିଖିତ କୌତୁହଳପୂର୍ଣ୍ଣ କିମ୍ବଦନ୍ତୀ ଅଛି :

ପୂର୍ବେ ଯାଜପୁର ଅଞ୍ଚଳରେ ଛଅଟି ସାଆନ୍ତଥିଲେ । (୧) ଗୁହାଳୀ (୨) ବରପଦା (୩) ରତଳା (୪) ରତ୍ନଗିରି (୫) ଦେବିଲ (୬) ବାଲିଆ । ପ୍ରତ୍ୟେକରେ ଜଣେ ଲେଖାଏଁ ସାମନ୍ତ ଶାସନ କରୁଥିଲେ । ଏକଦା ଏହି ୬ ସାମନ୍ତ ତତ୍କାଳୀନ ମୋଗଲ-ବାହିନୀ ଦ୍ୱାରା ପରାଜିତ ହୋଇ ବନ୍ଦୀହେଲେ । ଅଭିମନ୍ୟୁଙ୍କର ପୂର୍ବ ଚତୁର୍ଥପୁରୁଷ ଗଣପତି ସିଂହ ମୋଗଲ-ବାହିନୀ ସହ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ; ସନ୍ଧି ସ୍ଥାପିତ ହେଲା ଏବଂ ୬ ସାମନ୍ତ ମୁକ୍ତି ପାଇଲେ । ଏମାନେ ଗଣପତି ସିଂହଙ୍କୁ ଏକ ଉତ୍ସବରେ ସାମନ୍ତସିଂହାର ଉପାଧିରେ ଭୂଷିତ କଲେ । ଏହି ବଂଶର ଜ୍ୟେଷ୍ଠ ପୁତ୍ର ଏହି ଉପାଧିର ହକଦାର, ଅନ୍ୟ ପୁତ୍ରମାନେ ରାୟ ସଂଜ୍ଞାଧାରୀ । କବିଙ୍କର ବଂଶାବଳୀର ଅନୁକ୍ରମ ତଳେ ଦିଆଗଲା ।

କାଳୀ ସିଂହ-ବଳୀ-ଯୋଦ୍ଧା । ଗଣପତି ସାମନ୍ତସିଂହାର-ଆର୍ତ୍ତବନ୍ଧୁ-ଟିକାଲୀ-ପରମାନନ୍ଦ-ବଳବୀର-ଖୋସାଲୀ-ଇନ୍ଦ୍ରଜିତ-ଅଭିମନ୍ୟୁ-ରାମକୃଷ୍ଣ-ରଘୁନାଥ-ପୀତାମ୍ବର-ରାଧାଚରଣ-ନବଘନ । ନବଘନ ବର୍ତ୍ତମାନ ଜୀବିତ ଅଛନ୍ତି ।

ଇନ୍ଦ୍ରଜିତଙ୍କର ସାତ ପତ୍ନୀଙ୍କ ମଧ୍ୟରୁ କୌଣସି ପତ୍ନୀଙ୍କଠାରୁ ସନ୍ତାନ ନ ହେବାରୁ ଉଦୟପୁର ଗ୍ରାମର ପଟ୍ଟନାୟକ ସଂଜ୍ଞାଧାରୀ ପରିବାରରୁ ଇନ୍ଦ୍ରଜିତ ଅଷ୍ଟମ ପତ୍ନୀ ଗ୍ରହଣକଲେ । ପୁତ୍ରେଷ୍ଟି ଯଜ୍ଞପରେ ଅଭିମନ୍ୟୁ ଏହି ଶେଷ ପତ୍ନୀଙ୍କର ଗର୍ଭରୁ ଭୂମିଷ୍ଠ ହେଲେ । କବିଙ୍କର ଜନ୍ମ

Digitized by PPRACHIN, SOA

ମାଘ ଶୁକ୍ଳ ପଞ୍ଚମୀତିଥି, ତା ୨୩.୦୨.୧୭୬୦ ମସୀହା ଓ ତିରୋଧାନ ୧୮୦୬ ମସିହାରେ । କବିଙ୍କର ଅନୁଜ ସୁରଥ ରାୟ ।

କବିଙ୍କର ଜନ୍ମସ୍ଥାନ ନୈସର୍ଗିକ ସୌନ୍ଦର୍ଯ୍ୟର ଭଣ୍ଡାର । କବି ଅଭିମନ୍ୟୁ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ପ୍ରେମଭକ୍ତିର ଉପାସକ ଥିବାରୁ ତାଙ୍କର ହୃଦୟରେ ବୃନ୍ଦାବନବାସର ବାସନା ପ୍ରବଳ ହେଲା । ସେଥିପାଇଁ ସେ ନିଜର ଜନ୍ମସ୍ଥାନକୁ ଲଗାଇ ୮୪ ଏକର ପରିମିତ ସ୍ଥାନରେ ଉତ୍ତର ଭାରତର ବୃନ୍ଦାବନ ସଦୃଶ ଏକ ନବ ବୃନ୍ଦାବନର କଳ୍ପନା କରି, ସେଠାରେ କୁଳଦେବତା ଶ୍ରୀ ରାଧାମୋହନଙ୍କର ବିଗ୍ରହ ପ୍ରତିଷ୍ଠା କଲେ । ସେହି ହତାରେ ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡ ସଦୃଶ ୨ଟି ଦୀର୍ଘିକା କେନ୍ଦୁଗଡ଼ିଆ ଓ କଦମ୍ବଗଡ଼ିଆନାମରେ ଖୋଳାଇଲେ । ବୃନ୍ଦାବନରେ ଯୋଗେଶ୍ୱର ଶିବ ଓ କାତ୍ୟାୟନୀଙ୍କର ମନ୍ଦିର ପରି ବାଲିଆରେ ବାଲୁକେଶ୍ୱର ଶିବ ଓ ଜାଗୁଳାଇଙ୍କର ମନ୍ଦିର କରାଇଲେ । ଏବେ ଦେବଦାରୁ-କୁଞ୍ଜ ଓ ନାନା ପୁଷ୍ପତରୁ ରହିଛି । କିଛି ଦୂରରେ ଗୋପାଳ-ପଲ୍ଲୀ ଓ ରାଧିକା-ଘାଟ ଅବସ୍ଥିତ । କବି ବିଦଗ୍ଧ ଚିନ୍ତାମଣି କାବ୍ୟ ଆଦି ରଚନା କଲେ ।

ରତ୍ନଗିରି ଠାରେ ଥିବା ପୁଷ୍ପଗିରି ଅଥବା ପୁଷ୍ପବିହାର ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଐତିହାସିକମାନଙ୍କର ବିଭିନ୍ନ ମତ ଥିଲେ ହେଁ ଏହାର ଅବସ୍ଥିତି ଓ ପ୍ରସିଦ୍ଧି ସମ୍ବନ୍ଧରେ ପୃଥକ ମତ ଦେଖାଯାଏ ନାହିଁ ।

ଭୌମକରମାନଙ୍କର ପୃଷ୍ଠପୋଷକତାରେ ଏହିଯୋଗ ଶିକ୍ଷାନୁଷ୍ଠାନର ଚରମ ଉତ୍କର୍ଷ ସାଧିତ ହୋଇଥିଲା । ନାଳନ୍ଦା ବିଶ୍ୱବିଦ୍ୟାଳୟର ସମସାମୟିକ ଏହି ଯୋଗ ଶିକ୍ଷାନୁଷ୍ଠାନ ଜ୍ଞାନଲିପ୍ସୁ ବହୁ ଛାତ୍ର ଓ ପଣ୍ଡିତଙ୍କୁ ଭାରତର ନାନା ଅଞ୍ଚଳରୁ ଆକୃଷ୍ଟ କରୁଥିଲା । ଭୌମକର ବଂଶର ରାଜା ଶୁଭଙ୍କର ସମପ୍ରଜ୍ଞା ନାମକ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଚୀନ ଦେଶର ସମ୍ରାଟ ସେଣଙ୍କ ନିକଟକୁ ସାଂସ୍କୃତିକ ରାଜଦୂତ ଭାବରେ ପଠାଇଥିଲେ ।

ରତ୍ନଗିରି ସମ୍ବନ୍ଧରେ କିମ୍ବଦନ୍ତୀ - ମୂଳ ନାମ ପୁଷ୍ପଗିରି ଥିଲା । କାଳକ୍ରମେ ସେଠାରେ ରତ୍ନର ସନ୍ଧାନ ମିଳିବାରୁ ରତ୍ନଗିରି ନାମହେଲା । ସେ ଅଞ୍ଚଳରେ ବସୁକଳ୍ପ ନାମକ ଜଣେ ରାଜା ଥିଲେ । ତାଙ୍କର ଦୁଇ ରାଣୀଙ୍କର ନାମ ଲଳିତା ଓ ରଞ୍ଜିତା । ବସୁକଳ୍ପ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ସାଧୁସନ୍ନ୍ୟାସୀମାନେ ପୂର୍ବପରି ସେଠାକୁ ଆସିଲେ ନାହିଁ । ବହୁକାଳ ପରେ ସେଠାରେ... ମଙ୍ଗରାଜ ରତ୍ନଗିରିର ଅଧିକାରୀ ହେଲେ । ବହୁ ବର୍ଷ ପରେ ଏହି ମଙ୍ଗରାଜ ଜେନାଙ୍କ ଠାରୁ ଋଣ କରିଥିଲେ । ସେ ଋଣ ପରିଶୋଧ କରି ନପାରିବାରୁ ଜେନା ରତ୍ନଗିରିକୁ

Digitized by PPRACHIN, SOA

ଦଖଲ କଲେ । ବସୁକନ୍ତ ରାଜା ମହାକାଳ ମନ୍ଦିର, ସେହି ପାହାଡ଼ ଉପରେ ନିର୍ମାଣ କରିଥିଲେ । ମହାକାଳ ଉଭୟ ଲିଙ୍ଗର ଦେବତା ।

ଭାରତ ସରକାର ୧୫ ଫେବୃଆରୀ ୧୯୫୮ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଏହି ପାହାଡ଼କୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଖୋଳାଇଲେ । ଶ୍ରୀମତୀ ଦେବଳା ମିତ୍ର ଏହି ଖୋଦନ-କାର୍ଯ୍ୟ ପରିଚାଳନା କରୁଥିଲେ ।

ବିଜ୍ଞାନ ଓ ସାଂସ୍କୃତିକ ବ୍ୟାପାରର ମନ୍ତ୍ରୀ ହୁମାୟୁନ କବୀର ତା ୨୫-୦୧-୧୯୫୯ରେ ଏହା ପରିଦର୍ଶନ କରିଥିଲେ । ଶ୍ରୀମତୀ ରମାଦେବୀଙ୍କର ସୂଚନାକ୍ରମେ ତାଙ୍କୁ ଏ ଅଞ୍ଚଳର ନଣ୍ଡ ତାଲୀମର ଏକ ସଂକ୍ଷିପ୍ତ ରିପୋର୍ଟ ଦିଆଯାଇଥିଲା । ଶିକ୍ଷାମନ୍ତ୍ରୀ ପାହାଡ଼ର ପାଦଦେଶର ଉତ୍ତର ଦିଗରେ ଏକ ହାଇସ୍କୁଲ ଗୃହର ଭିତ୍ତି-ପ୍ରସ୍ତର ସ୍ଥାପନ କରିଥିଲେ ।

ବରୀ ଦରଘା ସାହେବଙ୍କ ବିଷୟରେ କିମ୍ବଦନ୍ତୀ -

(ଶେଖ୍ ଫସିଉଦ୍ଦିନଙ୍କଠାରୁ ତା ୮-୩-୧୯୯୦ରେ ସଂଗୃହୀତ)

ସୟଦ୍ ଆହମଦ୍ ଶହୀଦ ସାହେବ ଅନେକ ଦେଶ ଭ୍ରମଣ କରି ତାଙ୍କର ଚାକର ସହ ବରୀରେ ପହଞ୍ଚିଲେ । ବର୍ତ୍ତମାନ ଦରଘା ସାହେବ ଯେଉଁଠାରେ ଅଛନ୍ତି, ସେଠାରେ ଏକ ବୃକ୍ଷ ମୂଳରେ ସେ ଆଶ୍ରୟ ନେଲେ । ରାତିରେ ତାଙ୍କର ଚାକର ତାଙ୍କୁ ହତ୍ୟା କରି ପଳାଇଲା । ତାଙ୍କର ଶବ ସେଠାରେ ପଡ଼ି ରହିଥିଲା । ବରୀବାସୀ ଫତେ ହାଇଦର ରାତିରେ ସ୍ୱପ୍ନ ଦେଖିଲେ ଯେ ଲିମ୍ବ ଗଛ ମୂଳରେ ମୁଁ ଅଛି । ମୋ ପାଇଁ ସ୍ଥାନ ଠିକ୍ କରି କବର ଦେ । ତତ୍‌ପରଦିନ ତାଙ୍କୁ ସେହି ସ୍ଥାନରେ କବର ଦିଆଗଲା । ସେହି ଦିନଠାରୁ ସେଠାରେ ଦରଘା ସାହେବ ସ୍ଥାପିତ ହୋଇଛନ୍ତି । ଜମି ଖଞ୍ଜାଯାଇଛି । ପ୍ରତି ଗୁରୁବାର ଦିନ ସେଠାରେ ଭୋଗ ଶିରଣି ହୁଏ ।

ଦେବଦେବୀ

ପ୍ରାୟ ପ୍ରତି ଗ୍ରାମରେ ଗ୍ରାମଦେବତା ଅଛନ୍ତି । ସେମାନଙ୍କର ପୂଜା ପ୍ରଚଳିତ ରୀତିରେ ଗ୍ରାମବାସୀମାନେ କରନ୍ତି । ଏହା ଉପରନ୍ତୁ, କେତେକ ସ୍ଥାନରେ ଦୁର୍ଗା, କାଳୀ, ମହାଦେବ ଓ ବିଶିଷ୍ଟ ଲୋକଙ୍କର କୁଳଦେବତା ଅଛନ୍ତି । ନାନା ପର୍ବପର୍ବାଣିରେ ପୂଜା ଅର୍ଚ୍ଚନା ହୁଏ । ମୁସଲମାନମାନଙ୍କର ଦରଘାରେ ଦୈନିକ ପ୍ରାର୍ଥନା ହୁଏ ଏବଂ ଇଦ୍, ମହରମ ଆଦି ପର୍ବ ପାଳନ କରନ୍ତି । ହିନ୍ଦୁମାନଙ୍କ ସହ ସଦ୍‌ଭାବ ଥାଏ ।

Digitized by PPRACHIN, SOA

(କ) ଡ଼ାକଘର

ଏ ୧୫୦ ବର୍ଗମାଇଲ ଅଞ୍ଚଳରେ କାଇପଡ଼ାରେ ବରୀ-କଟକ ନାମରେ, ଗୋଟିଏ ବ୍ରାଞ୍ଚ ପୋଷ୍ଟ ଅଫିସ ଥିଲା । ଟେଲିଗ୍ରାଫ ଅଫିସ ଯାଜପୁରରେ ଥିଲା । ବିଞ୍ଝାରପୁରରେ ଓ କବୀରପୁରରେ ବ୍ରାଞ୍ଚ ପୋ. ଅ. ଥିଲା । ତା ୧୫-୦୧-୧୯୬୨ରେ ବରୀରେ ସବ୍ ଅଫିସ ହେଲା ଓ ପରେ ଟେଲିଗ୍ରାଫ ଅଫିସ ହେଲା ।

(ଖ) ବାଟଘାଟ

ପ୍ରାୟ ୩୦ ବର୍ଷ ପୂର୍ବେ ବରୀ ଅଞ୍ଚଳକୁ ଯିବାଆସିବାର କୌଣସି ସୁବିଧା ନଥିଲା । କଟକରୁ, ଆସିଲେ (୧) ହରିଦାସପୁର ରେଳ ଷ୍ଟେସନରେ ଓହ୍ଲାଇ, ଚାଲି ନେଉଳପୁର-ପାଟପୁର- ସାଲେପୁର- କୋଟପୁର- ବନ୍ଧଡ଼ିହ- ହରିପୁର- ବାଲିଆ- ନାଥପୁର- ସାହୁପଡ଼ା-ଅଳିଆପାଳ ବାଟେଆସିବାକୁ ହେଉଥିଲା । ମଝିରେ ଶଗଡ଼, ଡ଼ିଆ ନାଳ, କେଲୁଅ ନଦୀ, ପାଟ, ବ୍ରାହ୍ମଣୀ ନଦୀ । (୨) ଯାଜପୁର ରୋଡ଼ ଷ୍ଟେସନରେ ଓହ୍ଲାଇ, ଯାଜପୁର ସହର-ଅରେଇ-ଗୁହାଳୀ- ବୋଦୁଅ- ଏରଡ଼ା- ପଘିଡ଼ା ବାଟେ ଆସିବାକୁ ହେଉଥିଲା । ମଝିରେ ଖରସ୍ରୋତା ନଦୀ ଓ ପାଟ । (୩) କେନ୍ଦ୍ରାପଡ଼ା ରୋଡ଼ରେ ଓହ୍ଲାଇ, କେନ୍ଦ୍ରାପଡ଼ା- ଇନ୍ଦୁପୁର- କାଇପଡ଼ା-କଳାମାଟିଆ- ଅନ୍ୟାସୀପୁର- ବାଲିବିଲ- ରାମଚନ୍ଦ୍ରପୁର ବା ଅରଙ୍ଗାବାଦ ବାଟେ । ମଝିରେ ବିରୂପା-ବ୍ରାହ୍ମଣୀର ସଙ୍ଗମ । ଏବେ ରାସ୍ତା ପକ୍କା ହୋଇଗଲାଣି ଏବଂ ପଟାମୁଣ୍ଡାଇ କେନାଲ କଡ଼ ସାଉଡ଼ିଆଠାରେ ପକ୍କା ପୋଲ ହେଲାଣି । ମହାନଦୀ, ବ୍ରାହ୍ମଣୀ ଉପରେ ପୋଲ ହେଲାଣି; ପ୍ରାୟ ୨ଘଣ୍ଟା ୩୦ମିନିଟ୍‌ରେ କଟକରୁ ବରୀରେ ବସଦ୍ୱାରା ପହଞ୍ଚ ହେଉଛି । ୨-୫-୧୯୬୧ରେ ପ୍ରଥମେ ହରିଦାସପୁରରୁ ବରୀକୁ ସର୍ଭିସ୍ ବସ୍ ଚାଲିଲା ।

(ଗ) କୃଷି

ନଦୀ-ମାତୃକା ଅଞ୍ଚଳ ହୋଇଥିବାରୁ ମାଟି ଉର୍ବର ଥିଲା । ଗହୀର ମଟାଳ ଜମିରେ ଶାରଦ ଧାନ, ଉଚ୍ଚ ବାଲିଆ ଜମିରେ ବିଅଳି ଧାନ, ମାଣ୍ଡିଆ, ଝୋଟ ହେଉଥିଲା । ପାଟ କୂଳରେ ଡ଼ାଲୁଅ ହେଉଥିଲା । ମୁଗ, ବିରି, ଗହମ, ସୋରିଷ, ଜଡ଼ା, କୋଦୁଅ, ଯଅ, ଧନିଆ ମଧ ହେଉଥିଲା । ଲୋକେ ବାଇଗଣ, କଲରା, ବୋଇତକଖାରୁ, ଲାଉ, ଜହ୍ନି, ଭେଣ୍ଡି, ସାରୁ, କନ୍ଦମୂଳ ଆଦି ପରିବା ଚାଷ କରୁଥିଲେ । ଚାଳିଶ ବର୍ଷ ପୂର୍ବେ ଚିନାବାଦାମ, ପୋଟଳ ଚାଷ ଲୋକେ ଜାଣି ନଥିଲେ କିମ୍ବା ଅଧିକ ଅମଳକ୍ଷମ ଧାନର ଚାଷ ଓ ଫସଲରେ କୃତ୍ରିମ ସାର ଓ କୀଟନାଶକ

Digitized by PPRACHIN, SOA

ପଦାର୍ଥ ଦେଉନଥିଲେ । ନଦୀ-ବନ୍ଧ ହେବା ଫଳରେ ପ୍ରବଳ ବନ୍ୟା ହେଲେ, ଶାରଦ ଧାନ ଧୋଇ ଯାଉଥିଲା । ସେହି ବର୍ଷ ଲୋକେ ବିରି-ମୁଗ ବଦଳ ଦେଇ ନିଧୋୟା ଅଞ୍ଚଳରୁ ଧାନ ଆଣୁଥିଲେ । କେତୋଟି ଗାଁରେ ଆଖୁଚାଷ ହେଉଥିଲା ଓ ଗୁଡ଼ ରନ୍ଧା ଯାଉଥିଲା ।

(ଘ) ଗୃହ ପାଳିତ ପଶୁ

ଗୋଚର ଭୂମି ପ୍ରତି ମୌଜାରେ ଯଥେଷ୍ଟ ଥିଲା । ଚାଷୀମାନଙ୍କର ଗୋରୁଥିଲା ପ୍ରଧାନ ସମ୍ପଦ ଓ ଏବେ ବି ଅଛି । ଗରୀବ ଲୋକେ ଛେଳି ମେଣ୍ଢା, ଘୁଷୁରି ଓ କୁକୁଡ଼ା ପାଳୁଥିଲେ । ଗଉଡ଼ମାନେ ଗୋରୁ ସହିତ ମଇଁଷି ମଧ ପାଳୁଥିଲେ । ଦୁଧ, ଦହି, ଘିଅ, ଲହୁଣି ପ୍ରଚୁର ପରିମାଣରେ ମିଳୁଥିଲା । ଏବେ ଏହା ଶିଶୁମାନଙ୍କ ପାଇଁ ଦୁଷ୍ପ୍ରାପ୍ୟ । ଚା ଓ ଗୁଡ଼ିଆଦୋକାନକୁ ସବୁ ରପ୍ତାନି ହୋଇଯାଉଛି । ପଚାଶ ବର୍ଷ ପୂର୍ବେ ରସଗୋଲା, କ୍ଷୀରମୋହନ, ଛେନାପୋଡ଼ ଏ ଅଞ୍ଚଳରେ ଆଦୌ ଦେଖିବାକୁ ମିଳୁନଥିଲା । ନଡ଼ିଆ-କୋରା, ଉଖୁଡ଼ା, ମିଠାଇ, ମାଲପୁଆ ପ୍ରଧାନ ଜଳଖିଆ ଥିଲା ।

(ଙ) କ୍ଷୁଦ୍ରଶିଳ୍ପ

ବିଲାତୀ ଲୁଗା ଆସିବା ପୂର୍ବେ କପାଚାଷ କରି ଲୋକେ ପୁରୁଣାକାଳିଆ ଅରଟରେ ସୂତାକାଟି ତନ୍ତୀଙ୍କ ଦ୍ୱାରା ଲୁଗା ବୁଣାଇ ବ୍ୟବହାର କରୁଥିଲେ ଓ ତାଳପତ୍ରର ପଖିଆ ଏବଂ ବରଡ଼ାଛତା ବ୍ୟବହାର କରୁଥିଲେ । ଅନେକ ଗାଁରେ ବଢ଼େଇ ଓ କମାରମାନେ କାଠ ଲଙ୍ଗଳ, ଯୁଆଳୀ, ଫାଳ, ଦା, କଟୁରୀ, କୁରାଢ଼ି ଆଦି ତିଆରି କରୁଥିଲେ । କଳଲଙ୍ଗଳ ଆସି ନଥିଲା । ନାଇଲନ୍ ଦଉଡ଼ି, ଜାଲ ଲୋକଙ୍କ କଳ୍ପନାରେ ନଥିଲା ।

(ଚ) ବ୍ୟବସାୟ

ବାଟର ସୁବିଧା ନଥିବାରୁ, ଜଳପଥରେ ବା ଭାର ଦ୍ୱାରା ଦୂରରୁ ଜିନିଷପତ୍ର ଆସୁଥିଲା । କଲିକତାରୁ ଚାନ୍ଦବାଲି ବାଟେ ସମୁଦ୍ର ଓ ନଦୀନାଳ ପଥରେ ମାଲ କାଇପଡ଼ାକୁ କଟକରୁ କେନାଲ ଏବଂ ଯାଜପୁରରୁ ଏବଂ ନଦୀ ନାଳ ଦ୍ୱାରା ଇନ୍ଦୁପୁର, ବାଲିଆପାଳ ଆଦିକୁ ଆସୁଥିଲା । କାଇପଡ଼ା, ବାଲିଆପାଳ, ହରିପୁର, ସୁଜନପୁର, ରାମଚନ୍ଦ୍ରପୁରଠାରେ ଓ ବନ୍ଧଡ଼ିହରେ ହାଟ ଥିଲା । ବରୀ ମାଉଣ୍ଡରେ ଓ ଅନ୍ୟତ୍ର ହାଟ ନଥିଲା ।

(ଛ) ଦରଦାମ୍

୧୯୩୯ରେ ୨ୟ ମହାଯୁଦ୍ଧ ପୂର୍ବେ ମୋଟା ଧାନ ଟଙ୍କାରେ ୧୦ ଗୌଣୀ (୩

Digitized by PPRACHIN, SOA

ସେରିଆ), ଘିଅ ଟଙ୍କାରେ ୪୦/୪୫ ତୋଳା, ବିରି କଟକୀ ୧୭ ସେର, କୋଳଥ ୨୫ ସେର, ମୁଗ ୧୬ ସେର, ମାଣ୍ଡିଆ ୧୬ ସେର ମିଳୁଥିଲା । ସାଧାରଣ ପୁରୁଷ ମୂଲିଆଙ୍କର ଦୈନିକ ମଜୁରି ୨ ଅଣା ବା ନୂଆ ୧୨ ନୂଆ ପଇସା, ସ୍ତ୍ରୀଲୋକଙ୍କ ମଜୁରୀ ୬ପାହୁଲା (୯ ନୂଆ ପଇସା) ବଢ଼େଇ ମଜୁରି ଚାରିଅଣା ବା ନୂଆ ୨୫ ପଇସା ଥିଲା ।

(ଜ) ଓଜନମାପ

କଟକୀ ଓଜନ ତୋ୧୦୫ଲା ଓ କେତେକ ପଦାର୍ଥରେ ବାଲେଶ୍ୱରୀ ୮୦ ତୋଳା ମାପ ଚଳୁଥିଲା କିମ୍ବା ମାଣ (କଠା) ମାପ ମପଥିଲା । ଦୁଧ ବା କ୍ଷୀର ୮ ବା ୧୦ ପଇସାରେ ସେରେ ମିଳୁଥିଲା । ପରିବାପତ୍ର ଓଜନ ହେଉ ନଥିଲା । ହୁଣ୍ଡା ମୂଲରେ ବିକ୍ରି ହେଉଥିଲା । ମଧ୍ୟଭଳି ସାଇଜର ନଡ଼ିଆ ଟଙ୍କାରେ ୨୦/ ୨୧ଟା ବିକ୍ରି ହେଉଥିଲା । ଫୁଟ୍‌ନୋଟ୍-ବର୍ତ୍ତମାନର ଟ.୧=୧୦୦ ପଇସା =ପୂର୍ବର ୧୬ ଅଣା= ୬୪ ପଇସା= ୧୨୮ ଅଧଲା= ୧୯୨ ପାହୁଲା । କଟକୀ ସେର= ୧୦୫ ତୋଳା । ବର୍ତ୍ତମାନ ୧ କିଲୋଗ୍ରାମ= ୧୦୦୦ ଗ୍ରାମ= ପ୍ରାୟ ୮୭ ତୋଳା ।ଧ କ୍ଷୀର ୮ ବା ୧୦ ପଇସାରେ ସେରେ ମିଳୁଥିଲା । ପରିବାପତ୍ର ଓଜନ ହେଉନଥିଲା । ହୁଣ୍ଡା ମୂଲରେ ବକ୍ରି ହେଉଥିଲା । ମଧ୍ୟଭଳି ସାଇଜ୍‌ର ନଡ଼ିଆ ଟଙ୍କାରେ ୨୦/ ୨୧ଟା ବିକ୍ରି ହେଉଥିଲା ।

(ଝ) ଶିକ୍ଷା

୧୯୩୬ ମସିହା ପର୍ଯ୍ୟନ୍ତ ଏ ବିସ୍ତୀର୍ଣ୍ଣ ଅଞ୍ଚଳ ମଧ୍ୟରେ ବରୀରେ ୧ ଉ. ପ୍ରା. କାଇପଡ଼ାରେ ୧ ଉ. ପ୍ରା. ଓ ମୋଟରେ ୧୪/୧୫ ନି. ପ୍ରା. ସ୍କୁଲ ଓ ଗାଉଁଲି ଚାଟଶାଳୀ ଥିଲା । କୌଣସି ମଧ ଇଂରାଜୀ ବା ଭର୍ଣ୍ଣାକୁଲାର ସ୍କୁଲ ନଥିଲା । ଛାତ୍ରମାନେ ପଢ଼ିବାପାଇଁ କଲ୍ୟାଣପୁର ମି.ଇ. ଯାଜପୁର ବିରଜା ମି.ଇ. ହାଇସ୍କୁଲ, ବଡ଼ଚଣା ମି.ଇ. କେନ୍ଦ୍ରାପଡ଼ା ହାଇ, ବଳଦେବ ମି.ଇ. ସ୍କୁଲକୁ ଯାଉଥିଲେ ଓ ଛାତ୍ରବାସରେ ରହି ପଢୁଥିଲେ ।

ଏ ଅଞ୍ଚଳ ମଧ୍ୟରେ ୧୯୩୫ ପର୍ଯ୍ୟନ୍ତ ବେଙ୍କରାପୁରର ଗୁରୁଚରଣ ଜେନା ଏକମାତ୍ର ବି. ଏଲ୍, ବାଗଦାର ନବକିଶୋର ଦାସ ଏକମାତ୍ର ବି. ଏ., ରାମପୁରର ଲାଲବିହାରୀ ଦାସ ଏକମାତ୍ର ମୋକ୍ତାର ଓ ଅମଠପୁରର ରାମଚନ୍ଦ୍ର ମହାନ୍ତି ଏକମାତ୍ର ଆଇ. ଏ. ପାସ୍ ଲୋକଥିଲେ ।

(ଞ) ବନ୍ଧବାଡ଼-ନିର୍ମାଣ

ଓଡ଼ିଶାର ମହାରାଜା ଦିବ୍ୟସିଂହ ଦେବଙ୍କର ରାଜତ୍ୱର ନଅ ଅଙ୍କରେ ୧୮୨୬

Digitized by PPRACHIN, SOA

ମସାହାରେ ଓଡ଼ିଶାରେ ଘୋର ଦୁର୍ଭିକ୍ଷ ପଡ଼ିଥିଲା । ପରେ କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ, ତାଳଦଣ୍ଡା, ମାଛଗାଁ କେନାଲ ଓ ବ୍ରାହ୍ମଣୀ ନଦୀରେ ଜେନାପୁରଠାରେ ଆନିକଟ୍ ହୋଇ ଦୁଧେଇ କେନାଲ ତିଆରି ହେଲା । ହାଇଲେଭେଲ୍ କେନାଲ ମଧ ଦକ୍ଷିଣରୁ ଉତ୍ତରକୁ ହେଲା । ଖରସ୍ରୋତାର ଉତ୍ତର କୂଳରେ ଓ ବିରୂପାର ଦକ୍ଷିଣକୂଳରେ ସରକାର ବନ୍ଧ ତିଆରି କରିବା ପୂର୍ବରୁ ଏହି ବରୀ ଧୋୟା ଅଞ୍ଚଳର ଲୋକଙ୍କର ମତାମତ ପଚାରିଲେ । ମାତ୍ର, ଲୋକେ ବନ୍ଧର ଭବିଷ୍ୟତ କୁପରିଣାମ କଳ୍ପନା କରିନପାରି, ଉଦାସୀନ ରହିଲେ । ଫଳରେ ଏହି ଧୋୟା ଅଞ୍ଚଳର ଲୋକେ ଘୋର ଘରଭଙ୍ଗା ବନ୍ୟା ବାରମ୍ବାର ସହି ଅଶେଷ ଦୁଃଖଦୁର୍ଦ୍ଦଶା ଭୋଗିଲେ । ଚାଳିଶ ବର୍ଷ ମଧରେ ଦୁଧେଇ କେନାଲ ଅକର୍ମଣ୍ୟ ହୋଇଗଲା ।

(ଟ) ବନ୍ୟା ବାତ୍ୟା

ପ୍ରତି ୧୦ ବର୍ଷରେ ୧ ଘରଭଙ୍ଗା ବନ୍ୟା, ୨ଟା ସାଧାରଣ ବନ୍ୟା ଓ ୨ବର୍ଷ ମରୁଡ଼ି ହେଉଥିଲା । ତନ୍ତୀଘାଇ, ସୁଆରଘାଇ, ଚରପଡ଼ା ଘାଣ୍ଟ (ଇନ୍ଦୁପୁରର) ଓ ବ୍ରାହ୍ମଣୀ, ଖରସ୍ରୋତା, ବିରୂପାର ବନ୍ୟାଜଳ ଉଛୁଳି ଗ୍ରାମମାନଙ୍କରେ ପଶୁଥିଲା । ଗତ ୭୦ ବର୍ଷ ମଧରେ ୧୯୨୧, ୧୯୨୭,୧୯୪୫, ୧୯୫୦, ୧୯୫୫, ୧୯୬୦ ଓ ୧୯୬୧ ପ୍ରଳୟଙ୍କାରୀ ବନ୍ୟା ହୋଇଅଛି ।

(ଠ) ଜମିଦାର

୧୯୫୨ରେ ଜମିଦାରି ଉଚ୍ଛେଦ ପୂର୍ବରୁ ଏ ଅଞ୍ଚଳରେ ସାନ ବଡ଼ ଜମିଦାର ଥିଲେ । ବାଲେଶ୍ୱରର ବୈକୁଣ୍ଠନାଥ ଦେ, କଟକର ମୋତିଲାଲ ପଣ୍ଡିତଙ୍କର ଏ ଅଞ୍ଚଳରେ ବଡ଼ ଜମିଦାରୀ ଓ କଚେରି ଘରମାନ ଥିଲା । କେତେକ ସାନ ସାନ ଜମିଦାର ବା ମଧସତ୍ତ୍ୱାଧିକାରୀ ପ୍ରଜାପୋଡ଼କ ଥିଲେ ।

ମିଷ୍ଟର ଦାସଙ୍କର ବରୀ ଆଗମନ

ବହୁ ବର୍ଷପୂର୍ବେ ୧୮୯୨ରେ ଉତ୍କଳ ଗୌରବ ମଧୁସୂଦନ ଦାସ କେନ୍ଦୁଝର ମହାରାଜା ଧନୁର୍ଜୟ ଭଞ୍ଜଙ୍କର ଆଇନ୍-ପରାମର୍ଶଦାତା ଥିଲେ । ସେ ସମୟରେ ବରୀର ଗୋପବନ୍ଧୁ ଦାସ ରାଜାଙ୍କର ସହକାରୀ ଦେୱାନ୍ ଥିଲେ । ଏହି ଗୋପବନ୍ଧୁ ଦାସ ଆନନ୍ଦପୁରର ଭଗୀରଥ ଦାସଙ୍କର ସାଆନ୍ତ ଥିଲେ । ଗୋଟିଏ ଘଟଣାରେ ଯାଜପୁରର ଏସ୍.ଡ଼ି.ଓ. ଶ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କ୍ରୋଧରେ ଭଗୀରଥ ଦାସଙ୍କର ପିତା ରଘୁନାଥ ଦାସ ଓ ତାଙ୍କର ଦୁଇଜଣ କର୍ମଚାରୀଙ୍କୁ ଜେଲଦଣ୍ଡ ଦେଲେ । ମଧୁସୂଦନ ଦାସ ସେହି ମକଦମା ସମ୍ପର୍କରେ ବରୀକୁ ଆସିଥିଲେ ।

Digitized by PPRACHIN, SOA

ସାଆନ୍ତ ଗୋପବନ୍ଧୁ ଦାସ ଓ ତାଙ୍କର ସ୍ତ୍ରୀ ଲାବଣ୍ୟ ଦେବୀଙ୍କ ଉପରେ ଚାଲିଥିବା ଏକ ମକଦ୍ଦମାରେ ମୁନସିଫ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଯାଜପୁରରୁ ଆସି ଆନନ୍ଦପୁରରେ ସରଜମିନ୍ ଇନ୍‌କ୍ୱାରି କରିଥିଲେ । ଏହି ପଟ୍ଟନାୟକ ମହାଶୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁପଟ୍ଟନାୟକଙ୍କର ପିତା ।

ଗୋପବନ୍ଧୁ ଚୌଧୁରୀଙ୍କର ବରୀ ଆଗମନ

ବରୀ ଅଞ୍ଚଳରେ ୧୯୧୯ ମସିହାରେ ଭୀଷଣ ବନ୍ୟା ବେଳେ ଗୋପବନ୍ଧୁ ଚୌଧୁରୀଙ୍କର ପ୍ରଥମ ବରୀ ଆଗମନ । ଲୋକଙ୍କୁ ସରକାରଙ୍କ ତରଫରୁ ରିଲୀଫ୍ ଦିଆଯାଉଥିଲା । ତତ୍‌କାଳୀନ ସେକେଣ୍ଡ ଅଫିସର୍ ଗୋପବନ୍ଧୁ ଚୌଧୁରୀ ବରୀ ଡ଼ାକ-ବଙ୍ଗଳାରେ ଅବସ୍ଥାନ କରି ରିଲୀଫ୍ ଦେଉଥିଲେ । ସେତେବେଳେ ଯାଜପୁରରେ ସବ୍‌ଡ଼ିଭିଜନ୍ ଅଫିସର୍ ଦୟାନିଧି ଦାସ ଥିଲେ । ଗୋପବନ୍ଧୁ ସରକାରୀ ନିର୍ଦ୍ଧାରଣ ଅନୁସାରେ ରିଲୀଫ୍ ନଦେଇ ଅଧିକା ସାହାଯ୍ୟ ଦେବାରୁ ସେ କୈଫିୟତ୍ ମାଗିଥିଲେ । ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ଗୋପବନ୍ଧୁ ଚୌଧୁରୀ ଲେଖିଥିଲେ ଯେ ସେ ଏ ଅଞ୍ଚଳର ଅବସ୍ଥାର ସତ୍ୟ ବିବରଣୀ ଦେଇଛନ୍ତି । ସେହି ଘଟଣା ନେଇ ପରେ ବରଗଡ଼ରୁ ସେ ଚାକିରୀରୁ ଇସ୍ତଫା ଦେଇଥିଲେ ।

ଉତ୍କଳମଣି ଗୋପବନ୍ଧୁଙ୍କର ବରୀ ଆଗମନ

ପୁରୀରୁ ୧୯୨୨ମସିହାରେ ଉତ୍କଳମଣି ଗୋପବନ୍ଧୁ (ପଣ୍ଡିତ ଗୋପବନ୍ଧୁ) ଦାସ ବନ୍ୟା ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିଲେ । ସେ କଂଗ୍ରେସର ବାର୍ତ୍ତା ଲୋକଙ୍କୁ ଶୁଣାଇଥିଲେ । ବିଦେଶୀ ବସ୍ତ୍ର-ବର୍ଜନ ହେତୁ ବିଦେଶୀ ଲୁଗା ଓ ଛତା ପୋଡ଼ା ଯାଇଥିଲା । ବନ୍ୟାଞ୍ଚଳର ଦୁର୍ଦ୍ଦଶା ଦେଖି ତାଙ୍କ ଆଖିରୁ ପାଣି ବହିଯାଉଥାଏ । ତାଙ୍କୁ ପିଇବା ପାଇଁ ଦିଆଯାଇଥିବା ଦୁଧ ଗ୍ଲାସଟି ଧରି କହିଥିଲେ "ଯେଉଁ ଅଞ୍ଚଳରେ ଲୋକେ ତୋରାଣୀ-ମୁନ୍ଦାଏ ପାଉନାହାନ୍ତି, ସେଠାରେ ମୁଁ ଦୁଧ ପିଇବି ?" ଏହା କହି ଅସ୍ଥି-କଙ୍କାଳ-ସାର ଛୋଟ ଛୋଟ ପିଲାଙ୍କ ମୁହଁରେ ସେ ଦୁଧ ଟୋପାଏ ଟୋପାଏ ପିଆଇ ଦେଇଥିଲେ ।

୧୯୨୧ ମସିହାରେ ବିଦେଶୀ-ବର୍ଜନ ଓ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଯେଉଁମାନେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ସେମାନଙ୍କୁ ନନ୍ କୋପରେଟର୍ କୁହା ଯାଉଥିଲା । ମହାତ୍ମାଗାନ୍ଧୀ କଟକ କାଠ-ଯୋଡ଼ି ବାଲିରେ ସଭା କରି ସ୍କୁଲ କଲେଜ ଛାଡ଼ିବାକୁ ପ୍ରିୟ ଜନତାଙ୍କୁ ଡ଼ାକରା ଦେଇଥିଲେ । ଏହି ଡ଼ାକରାରେ ଏ ଅଞ୍ଚଳର ଉମାଚରଣ

Digitized by PPRACHIN, SOA

ମହାନ୍ତି ଓ ଗୁରୁଚରଣ ଜେନା ଦୁଇଜଣ କଲେଜ-ପଢୁଆ ଛାତ୍ର କଲେଜ ଛାଡ଼ିଥିଲେ । ଗଣେଶ୍ୱର ଦାସ ଏବଂ ଗୋବର୍ଦ୍ଧନ ପୁହାଣ ଦୁଇଜଣ ବ୍ୟକ୍ତି ନନ୍‌କୋପରେଟର୍ ରୂପେ ଯୋଗଦେଇ, ଖଦଡ଼ ପିନ୍ଧିବା, ବରଡ଼ା ଛତା ଧରିବା ଆରମ୍ଭ କରିଥିଲେ ଓ ସୂତାକଟା ପ୍ରସାର-କାର୍ଯ୍ୟ ଏଠାରେ ଆରମ୍ଭ କରାଇଥିଲେ ।

ବରୀ ରାଜନୈତିକ କ୍ଷେତ୍ରରେ କ୍ରମେ ଖ୍ୟାତି ଅର୍ଜନ କରିଥିଲା । ଏହିସମୟରେ ଗୋଦାବରୀଶ ମିଶ୍ର, ଲିଙ୍ଗରାଜ ମିଶ୍ର, ନାରାୟଣ ବୀରବର ସାମନ୍ତ, ନିରଞ୍ଜନ ପଟ୍ଟନାୟକ, ପ୍ରଚାରକ ଅନନ୍ତ ମିଶ୍ର ପ୍ରଭୃତି ଆସି ଲୋକଙ୍କୁ ସ୍ୱରାଜ ବିଷୟରେ ବୁଝାଇଥିଲେ ଓ ମହାତ୍ମାଗାନ୍ଧୀଙ୍କ ବିଦେଶୀ-ବର୍ଜନ, ସ୍ୱଦେଶୀ-ପରିଧାନ ବିଷୟରେ କହିଥିଲେ ।

ବରୀ ଅରଙ୍ଗାବାଦ ଗ୍ରାମରେ ଗୋବର୍ଦ୍ଧନ ପୁହାଣଙ୍କ ନେତୃତ୍ୱରେ ଏକ କ୍ଲବ୍ ପ୍ରତିଷ୍ଠା ହୋଇଥିଲା । ଉକ୍ତ କ୍ଲବ୍‌ର ନାମ "ଗଣପତି ଥିଏଟର କ୍ଲବ୍" ଥିଲା । ଏଥିରେ ପ୍ରତିବର୍ଷ ଗଣେଷ ପୂଜାବେଳେ ଥିଏଟର କରାଯାଉଥିଲା । ଆର୍ତ୍ତବନ୍ଧୁ ମହାନ୍ତି, ଭାଗୀରଥି ସାମଲ, ସୀତାନାଥ ମହାନ୍ତି, ବୃନ୍ଦାବନ ପୁହାଣ ପ୍ରଭୃତି ମୁଖ୍ୟଥିଲେ । କ୍ଲବରେ ଗୋଟିଏ ଛୋଟିଆ ଲାଇବ୍ରେରୀ ମଧ୍ୟଥିଲା । ଗୋବର୍ଦ୍ଧନ ବାବୁ ଉକ୍ତ କ୍ଲବର ପ୍ରତିଷ୍ଠାତା ଓ ପ୍ରଧାନ ଉଦ୍ୟୋକ୍ତା ଥିଲେ ଓ ଆର୍ତ୍ତବନ୍ଧୁ ମହାନ୍ତି ତାଙ୍କର ସହକାରୀ ଥିଲେ । ବର୍ତ୍ତମାନ ଶ୍ରୀ ଦାଶରଥି ସାମଲ ଏହି ଗଣପତି ଥିଏଟରକୁ ଚଳାଉଛନ୍ତି ।

ବ୍ୟବସ୍ଥିତ କଂଗ୍ରେସ-କାର୍ଯ୍ୟ

ଶ୍ରୀ ଗୋପବନ୍ଧୁ ଚୌଧୁରୀ ୧୯୨୬-୨୭ରେ ଯେତେବେଳେ ଜିଲ୍ଲା ବୋର୍ଡ଼ର ଚେୟାରମ୍ୟାନ୍ ହେଲେ, ସେ ଏ ଅଞ୍ଚଳରେ ପ୍ରାଇମେରୀ ସ୍କୁଲମାନ ଦେଖିବାକୁ ଆସିଥିଲେ ଓ ତାଙ୍କ ସମୟରେ ପ୍ରାଇମେରୀ ସ୍କୁଲମାନଙ୍କରେ ସୂତା-କଟା ଆରମ୍ଭ ହୋଇଥିଲା । ସେ ପାଦରେ ଚାଲି ଚାଲି ଗସ୍ତ କରୁଥିଲେ ଓ ଖଣ୍ଡେ ଧୋତି ଓ ଖଣ୍ଡେ ଚାଦର ତାଙ୍କର ପରିଧେୟ ଥିଲା ଏବଂ କାନ୍ଧରେ ଖଣ୍ଡେ ବ୍ୟାଗ୍ ଝୁଲାଇଥିଲେ । ଖାଦ୍ୟପେୟ ଓ ରହଣି ସାଧାସିଧା ଢ଼ଙ୍ଗ ଦେଖି ଲୋକମାନେ ପ୍ରଭାବିତ ହେଉଥିଲେ ।

ରାମବାଗ (ଯାଜପୁର)ର ଜଗନ୍ନାଥ ନାଏକ ଓ ଜିଲ୍ଲାବୋର୍ଡ଼ର ସଭ୍ୟ ଦୟାନିଧି ସାଇଁ ତୁଳା-ଭିଣା ଓ ସୂତାକଟା ଦେଖାଇବା ପାଇଁ ଆଗ ଏଠାରେ ଥିବା ବାଳିକା-ସ୍କୁଲକୁ ଆସନ୍ତି । ସେ ଖଦଡ଼ ପିନ୍ଧି ଗୋଟିଏ ଭିଣା କାନ୍ଧରେ ଝୁଲାଇ ତକଲିରେ ସୂତା କାଟିବା ଦେଖି କେତେକ

Digitized by PPRACHIN, SOA

ଯୁବକଙ୍କ ମଧରେ ଆଲୋଡ଼ନ ସୃଷ୍ଟି ହେଉଥିଲା । ସେତେବେଳେ ବାଗଦାର ଗଣେଶ୍ୱର ଦାସ କଂଗ୍ରେସର ପୂର୍ଣ୍ଣ ସମର୍ଥକ ଥିଲେ ସେ ଜିଲ୍ଲା-ବୋର୍ଡ଼କୁ ସଭ୍ୟ ମନୋନୀତ ହୋଇଥିଲେ । ତାଙ୍କର ପୁତୁରା ପୂର୍ଣ୍ଣଚନ୍ଦ୍ରଚୌଧୁରୀ ସତ୍ୟବାଦୀ ବନ ବିଦ୍ୟାଳୟରେ ଅଧୟନ କରିଥିଲେ । ସେ ସ୍ୱରାଜ ଆନ୍ଦୋଳନକୁ ମଧ ସମର୍ଥନ କରୁଥିଲେ ।

୧୯୩୦ ମସିହା ଜାନୁଆରୀ ୨୬ ତାରିଖରେ ସାରା ଭାରତବର୍ଷରେ ଜାତୀୟ ପତାକା ଉତ୍ତୋଳନ କରାଯିବା ଓ ସ୍ୱାଧୀନତାର ଶପଥପାଠ କରାହୋଇ ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରାଯିବାର ପ୍ରସ୍ତାବ ଗୃହୀତ ହୋଇଥିଲା । ସେତେବେଳେ ବରୀ ସ୍ୱାଧୀନତା ଆନ୍ଦୋଳନରଏକ ପୀଠସ୍ଥଳୀ ଥିଲା । ଏଠାକାର ଚୌଧୁରୀ ବଂଶ ସ୍ୱାଧୀନତା-ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରୁଥିଲେ । ଏଥିରେ ଜଗନ୍ନାଥ ନାୟକ, ଶିକ୍ଷକ ଉପେନ୍ଦ୍ରନାଥ ଦାସ, ହରିଶ ଚନ୍ଦ୍ର ଦାସ, ଗୋବର୍ଦ୍ଧନ ପ୍ରହାଣ, ଦଫାଦର ଇନ୍ଦ୍ରମଣି ମହାନ୍ତି, ଗୋଲୋକଚନ୍ଦ୍ର ମହାନ୍ତି, କ୍ଷେତ୍ରବାସୀ ପଣ୍ଡା, ଆଦି ଯୋଗ ଦେଇଥିଲେ ଓ ସ୍ୱାଧୀନତାର ଶପଥ ପାଠ କରିଥିଲେ ।

୧୯୩୦ରେ ମହାତ୍ମା ଗାନ୍ଧୀଙ୍କ ଉପରେ କଂଗ୍ରେସ ନେତୃତ୍ୱ ଦେଲା । ମହାତ୍ମାଗାନ୍ଧୀ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇବା ସ୍ଥିର କରି ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲେ । ସମୁଦ୍ର ପାଣିରୁ ଲୁଣ ତିଆରି ହେଉଛି । ଏହି ଲୁଣ ସମସ୍ତଙ୍କର ଦରକାର ମାତ୍ର ଇଂରେଜ ସରକାର ଏହି ଲୁଣମରାକୁ ନିୟନ୍ତ୍ରଣ କରି, ଏହା ଉପରେ କର ବସାଇ ମହଙ୍ଗାରେ ବିକ୍ରି କରୁଛନ୍ତି । ଏହି ଲୁଣ ଯେପରି ସମସ୍ତେ ସମୁଦ୍ର-ପାଣିରୁ ମାରି ପାରିବେ, ସେଥିପାଇଁ ମହାତ୍ମାଗାନ୍ଧି "ଲବଣ ସତ୍ୟାଗ୍ରହ" ଆରମ୍ଭ କଲେ । ଆହୁରି ମଧ ନିଶା ନିବାରଣ ପାଇଁ ପିକେଟିଂ କରିବା ପାଇଁ ଆହ୍ୱାନ ଦେଇଥିଲେ । ଯେଉଁମାନେ ଏହି ଆଇନ ଅମାନ୍ୟରେ ଯୋଗଦେଲେ, ସେମାନଙ୍କୁ ସତ୍ୟାଗ୍ରହୀ କୁହାଯାଇଥିଲା । କଟକରୁ ତା ୮-୪-୧୯୩୦ରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଏକ ଦଳ ଲୁଣ ମାରିବା ପାଇଁ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିକୁ ଯାତ୍ରା କଲେ । ପୋଲିସ ଗୋପବନ୍ଧୁ ଚୌଧୁରୀଙ୍କୁ କେନ୍ଦ୍ରାପଡ଼ାର କୁସୁନପୁରଠାରେ ଗିରଫ କଲେ । ଚାରିଆଡ଼େ ଆନ୍ଦୋଳନର ନିଆଁ ଜଳି ଉଠିଲା ।

ଆମ ବରୀରୁ ଦୁଇଜଣ ପିଲା ଶ୍ରୀ ମୁନୀନ୍ଦ୍ର ପଣ୍ଡା ଓ ଏଠା ପୋଷ୍ଟମ୍ୟାନର ଭାଇ କୁଶ କଟକ ପଳାଇ ପିକେଟିଂକରି ଗିରଫ ହେଲେ । ବରୀର ଶ୍ରୀ ଭଗୀରଥ ଦାସ କଟକ ଯାଇଥିଲେ । ଏହି ଆନ୍ଦୋଳନ କଟକରେ କିପରି ଚାଲିଛି ତାହା ଦେଖି ତାଙ୍କ ମନରେ ପରିବର୍ତ୍ତନ ଆସିଥିଲା । ଆମର ଏଠାରେ ଅପ୍ରେଲ ୧୩ ତାରିଖରେ "ବଣ ବାବାଜୀ" ପାଖରେ ସେ ଦିନ ଏକ ସଭା

Digitized by PPRACHIN, SOA

ହେଲା । ଉକ୍ତ ସଭାରେ ଶ୍ରୀ ଭଗୀରଥଦାସ ପ୍ରଥମେ ଭାଷଣ ଦେଇ ଲୋକଙ୍କୁ ଉତ୍ତେଜିତ କରିଦେଲେ । ତାହାପରେ ମାଉଣ୍ଡ ପାଖ ବରଗଛ-ମୂଳେ ସଭା ହୋଇ ଯେଉଁମାନେ ସତ୍ୟାଗ୍ରହ କରିବେ, ସେମାନଙ୍କର ଏକ ତାଲିକା କରାହେଲା । ଭଗୀରଥ ଦାସ ମୁଖ୍ୟବକ୍ତା ରୂପେ ଏ ଅଞ୍ଚଳରେ ସବୁ ଗ୍ରାମରେ ବୁଲି ବକ୍ତୃତା ପ୍ରଦାନ କରି ଲୋକଙ୍କ ମନରେ ସ୍ୱାଧୀନତାର ଭାବନା ଜାଗ୍ରତ କରିଥିଲେ ।

ବରୀଠାରେ ଏକ "ଆଶ୍ରମ" ପ୍ରତିଷ୍ଠା କରିବା ସ୍ଥିର ହୋଇ ଅରଙ୍ଗାବାଦ ଠାରେ ଶ୍ରୀ ଗୋବର୍ଦ୍ଧନ ପୁହାଣଙ୍କ ପରିଚାଳନାରେ ଏକ ଆଶ୍ରମ ପ୍ରତିଷ୍ଠା କରାଗଲା ।

ଗଞ୍ଜାମ ଜିଲ୍ଲାରୁ ଶ୍ରୀ ଚକ୍ରପାଣି ରାଉଳ ନାମକ ଜଣେ ଯୁବକ ଆସି ଏଠାରେ ରହିଲେ ଓ ନିଜେ ଚାନ୍ଦା କରି ଆଶ୍ରମ ତିଆରି କଲେ । ଗୋବର୍ଦ୍ଧନ ବାବୁ ଏହି ଆଶ୍ରମ ଦାୟିତ୍ୱରେ ରହିଲେ । କପିଳା-ବରପଦା ଗ୍ରାମର ଯୁବକ ଭିକାରିଚରଣ ନାୟକ କଲେଜ ପଢ଼ା ଛାଡ଼ିଦେଇ, ବରୀରେ ରହି କପାଚାଷ ଓ ସୂତାକଟା ଆରମ୍ଭ କରିଥିଲେ । ଅନ୍ୟାସୀପୁରର ଓକିଲ ରାଖାଲ ପାଲିତ ପ୍ରଥମ କଂଗ୍ରେସଲୋକ ।

ନିଶାନିବାରଣ ପାଇଁ ଖଜୁରୀ-ଗଛରୁ ତାଡ଼ି କାଟିବା ବନ୍ଦ ଆନ୍ଦୋଳନ ହେଲା । ଯାହା ବାଡ଼ିରେ ଖଜୁରୀ ଗଛ ଅଛି, ସେ ଚମାରମାନଙ୍କୁ ତାଡ଼ି କାଟିବାକୁ ନ ଦିଅନ୍ତୁ ପ୍ରସ୍ତାବ ହେଲା ମାତ୍ର, ସରକାରୀ ସାହାଯ୍ୟରେ ଚମାରମାନେ ଆସି ଖଜୁରୀ ଗଛରୁ ତାଡ଼ି କାଟିଲେ । ପରେ ଲୋକମାନେ କ୍ରୋଧରେ ଖଜୁରୀଗଛ କାଟିବା ଆରମ୍ଭ କଲେ । ଆଗ ଗୋଚର ଓ ଅନାବାଦି ଜମିରେ ଥିବା ଗଛ କଟାଗଲା । ଏପରି ଏକ ହଜାର ତାଡ଼ିଗଛ କଟାଗଲା । ଏହି ଗଛ କାଟିବା ହେତୁ ସରକାର ବହୁ ଲୋକଙ୍କୁ ଗିରଫ କଲେ । ଅନେକ ନାମରେ ମକଦ୍ଦମା ରୁଜୁହେଲା । ଏଠାରେ ପଘିରା ଗ୍ରାମର ଶ୍ରୀ ରୂପ ସାହାଣୀଙ୍କର ପୁତ୍ର ହଳଧର ସାହାଣିଙ୍କୁ ଗିରଫ କରାଯାଇ ଜେଲ୍ ଜୋରିମାନା ଉଭୟ ଦଣ୍ଡ ହୋଇ ତାଙ୍କୁ ଘର ଜୋରିମାନା ବାବଦକୁ କୋରକ କରାଗଲା । ନିଲାମରେ ଗ୍ରାମ ଲୋକେ କେହି ଜିନିଷ ନ ନେବାରୁ ପୁଲିସ କେତେକ ଜିନିଷ ନେଇଗଲେ ଓ ଅବଶିଷ୍ଟ ଜିନିଷ ଫିଙ୍ଗିଦେଲେ । ଏହି ସମୟରେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁ ହଳଧର ସାହାଣୀ, ଅଭିରାମ ସାହାଣୀ, ଗଣେଶ ଜେନା, ହରିଶ୍ଚନ୍ଦ୍ର ଦାସ, ଗୋବର୍ଦ୍ଧନ ପୁହାଣ, ସାହାଣୀ ପଣ୍ଡା, କାହ୍ନୁଚରଣ ପଣ୍ଡା, ଗଣେଷ ଚନ୍ଦ୍ର ମହାନ୍ତି, ରାଜକିଶୋର ମହାନ୍ତି ପ୍ରଭୃତି ଗିରଫ ହେଲେ । ଆଗ୍ରହରେ ନିକଟତମ ଗ୍ରାମମାନଙ୍କରୁ ବହୁ ଯୁବକ କର୍ମୀ ଘରୁ ଲୁଚି ପଳାଇ ଆସନ୍ତି । ସେମାନଙ୍କର ବାପାମା ଅଭିଭାବକ ଆଦି ଆସି ସେମାନଙ୍କୁ "ଆଶ୍ରମ"ରୁ ନେଇ ଯିବାରୁ, ଠିକ କରାଗଲା ଯେ

Digitized by PPRACHIN, SOA

ଏଠାକୁ ଆସୁଥିବା ପିଲାମାନଙ୍କୁ କେନ୍ଦ୍ରାପଡ଼ା ବା କଟକକୁ ପଠାଇ ସେଠାରୁ କର୍ମୀମାନଙ୍କୁ ଅଣାଇ, ଏଠାରେ ଗିରଫ କରାଇବା । ସେହି ଅନୁସାରେ ଏଠାରୁ କର୍ମୀମାନଙ୍କୁ ଅନ୍ୟତ୍ର ପଠାଇ କେନ୍ଦ୍ରାପଡ଼ା ବା ଅନ୍ୟ ଅଞ୍ଚଳର ପିଲାଙ୍କୁ ଆଣି ଏଠାରେ କାର୍ଯ୍ୟହେଲା । ଆଶ୍ରମଟି ଚାନ୍ଦାରେ ଚଳୁଥାଏ । ଆଶ୍ରମରେ ରହୁଥିବା ପିଲାମାନେ ହାଟରୁ ଓ ଦୋକାନମାନଙ୍କରୁ ଭିକ ମାଗିଆଣି ଚଳୁଥିଲେ ।

୧୯୩୦ ସମିହାରେ ମା ରମା ଦେବୀ ବରୀକୁ ଆସି ବରୀ ମାଉଣ୍ଡରେ ଏକ ବିରାଟ ସଭାରେ ଭାଷଣ ଦେଇଥିଲେ । ଏପରି ବିରାଟ ସଭା କେବେ ହୋଇନଥିଲା । ସେ ଭଗୀରଥ ଦାସଙ୍କ ଘରଠାରେ ରହିଲେ । ସେ ପ୍ରିୟମ୍ବଦା ଦେବୀଙ୍କୁ ପ୍ରଭାବିତ କରି ଆନ୍ଦୋଳନରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ । ରମା ଦେବୀଙ୍କୁ ବରୀ ଆସିବାକୁ ପୁଲିସ୍ କଟକଣା ଜାରି କରିଥିଲା । ସେ ଅନ୍ୟଆଡ଼େ, କଲ୍ୟାଣପୁର ଯିବାକୁ ପୋଗ୍ରାମ କରି ଗୁହାଳି ଆସି ସେଠାରୁ ଏକ ଡ଼ଙ୍ଗାରେ ବରୀ ଆସିଥିଲେ । ନାରୀକର୍ମୀଙ୍କ ମଧ୍ୟରେ ପ୍ରିୟମ୍ବଦା ଦେବୀ ସଙ୍ଗରେ ରାମପୁରର ସୁଶୀଳ ଦେବୀ, ଆନନ୍ଦପୁରର ହରପ୍ରିୟା ଦେଈ, ପଘିରାର ଛାୟା ଦେବୀ, ଅଟିରାର ଅଧରମଣି, ହାରାମଣି, ମାଳତୀ ଦେଈ, ଉଷା, କୁମୁଦିନୀ ଦେଈ ପ୍ରଭୃତି ଆଇନ୍ ଅମାନ୍ୟ କରି ଜେଲ ବରଣ କରିଥିଲେ । କଟକ କଲିଜିଏଟ୍ ସ୍କୁଲର କୃତୀ ଛାତ୍ର ବିପିନ ବିହାରୀ ମହାନ୍ତି ଓ କୃପାସିନ୍ଧୁ ଖୁଣ୍ଟିଆ ଦୁଇଜଣ ଯୁବକ ସତ୍ୟାଗ୍ରହୀ ହିସାବରେ ଯୋଗ ଦେଇଥିଲେ । ବିପିନ ବିହାରୀ ମହାନ୍ତି ଯାଜପୁରରେ ରହି ଆଶ୍ରମ ପ୍ରତିଷ୍ଠା କରାଇ ସେଠାରେ ଆନ୍ଦୋଳନ ଚଳାଇଥିଲେ । ନିଜେ ଅବକାରୀ ଦୋକାନରେ ପିକେଟିଂ କରିଥିବାରୁ ପୁଲିସ ତାଙ୍କୁ ଘୋଷାରି ଘୋଷାରି ନେଇଥିଲେ । ସେ ଜେଲ ବରଣ କରିଥିଲେ । କୃପାସିନ୍ଧୁ ଖୁଣ୍ଟିଆ କଟକଠାରେ ରହି ପିକେଟିଂ କରି ଜେଲ୍ ବରଣ କରିଥିଲେ । ଆଇନ ଅମାନ୍ୟ ଆନ୍ଦୋଳନ ତୀବ୍ର ହୋଇ ଉଠିବାରୁ ସରକାର ଖବର-କାଗଜ ଛାପା ବନ୍ଦ କରି ଦେଇଥିଲେ । କଂଗ୍ରେସ ବୁଲେଟିନ୍ କଟକରୁ ଇନ୍ଦୁପୁର ବାଟେ ଇନ୍ଦୁପୁରର ତ୍ରୈଲୋକ୍ୟନାଥ ଦାସ ଆଣି ରାମଚନ୍ଦ୍ରପୁର ପ୍ରାଇମେରୀ ସ୍କୁଲର ଶିକ୍ଷକ ଆର୍ତ୍ତବନ୍ଧୁ ମହାନ୍ତିଙ୍କୁ ଦେଉଥିଲେ । ବରୀ ଆଶ୍ରମର ଭଗୀରଥ ଦାସ ଆଣି ନାନା ଗ୍ରାମରେ ଏହାକୁ ବାଣ୍ଟୁଥିଲେ । ପୁଲିସ କେତେକ ବଣ୍ଟନକାରୀ ପିଲାଙ୍କୁ ଗିରଫ କରିଥିଲେ ।

ଜଣେ ବାଳକକୁ ତତ୍କାଳୀନ ବିଂଝାରପୁର ଥାନାର ପୁଲିସ ସ. ଇ. ଗଙ୍ଗାଧର ଦ୍ୱିବେଦୀଙ୍କୁ ଗିରଫ କରି ଦୁଇଦିନ ପର୍ଯ୍ୟନ୍ତ ତାଙ୍କୁ ସଙ୍ଗରେ ଧରି ବାଲିଆପାଳ ପ୍ରଭୃତି ଅଞ୍ଚଳରେ ବୁଲାଇଲେ । ଏହା ସମାଜକାଗଜରେ ପ୍ରକାଶ ପାଇବାରୁ ସମାଜ କାଗଜ ଉପରେ କଟକ କଲେକ୍ଟର ସମ୍ବାଦ ଉପରେ ନିଷେଧ ଆଦେଶ ଜାରି କରି କୈଫିୟତ୍ ଦାବୀ କରିଥିଲେ । ଏହି

Digitized by PPRACHIN, SOA

କୈଫିୟତ୍ ଯୋଗୁଁ ତତ୍କାଳୀନ ସମାଜ ସମ୍ପାଦକ ଶ୍ରୀ ଲିଙ୍ଗରାଜ ମିଶ୍ର ବରୀ ଆସି ଉକ୍ତ ଘଟଣା ତଦନ୍ତ କରି, ଲୋକଙ୍କଠାରୁ ଦସ୍ତଖତ କରାଇ ସରକାରଙ୍କୁ କୈଫିୟତ୍ ଦେଇଥିଲେ ଯେ ସମାଜରେ ପୁଲିସ ବିରୁଦ୍ଧରେ ଯେଉଁ ଅଭିଯୋଗ ହୋଇଛି ତାହା ସତ୍ୟ । ସେତେବେଳେ ହଳଧର ସାହାଣୀ ସମାଜର ସମ୍ବାଦଦାତା ଥିଲେ । ଭଗୀରଥ ଦାସ ଏ ଅଞ୍ଚଳରେ ବୁଲି ବୁଲି ସଭାମାନ କରି ଲୋକଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ । ୧୯୩୦ ମସିହା ଜୁନ୍ ମାସ ୧୩ ତାରିଖରେ ଅରଙ୍ଗାବାଦର ବୁଢ଼ା ଠାକୁରଙ୍କ ପାଖରେ ଏକ ସଭା ହୋଇଥିଲା । ଉକ୍ତ ସଭାରେ ଗଣେଶ୍ୱର ଦାସଙ୍କୁ ସଭାପତି କରାହୋଇଥିଲା । ସେହି ସଭାରେ ଭଗୀରଥ ଦାସ ବକ୍ତୃତା ଦେଇ ଇଂରେଜମାନଙ୍କର ଭାରତ ଆଗମନ ଓ ତନ୍ତିଙ୍କ ଆଙ୍ଗୁଠି କଟା, ଭାରତ ଲୁଣ୍ଠନ ବିଷୟରେ ବକ୍ତୃତା ଦେଇଥିଲେ ।

ଏହି ମିଥ୍ୟା ଖବର ଯାଜପୁର ଏସ୍. ଡ଼ି. ଓ. ଙ୍କୁ ୪ ନମ୍ବର ୟୁନିୟନ୍‌ର ପ୍ରେସିଡ଼େଣ୍ଟ ଚୌଧୁରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଗୁପ୍ତରେ ରିପୋର୍ଟ ଦେଇଥିଲେ କି ଭଗୀରଥ ଦାସ ଆର୍ତ୍ତବନ୍ଧୁ ମହାନ୍ତିଙ୍କଠାରୁ ଗୋଟିଏ ବାଜ୍ୟାପ୍ତି ବହି 'ପଲାସୀ ଅବସାନେ' ଆଣି ତାହାକୁ ଏହି ମିଟିଂରେ ପଢ଼ି, କ୍ଲାଇବ କିପରି ତନ୍ତୀଙ୍କ ଆଙ୍ଗୁଠି କାଟି ଆମର ଦେଶୀ ଲୁଗାକୁ ବନ୍ଦ କରିଥିଲେ, ତାହା ବୁଝାଇ ଭାଷଣ ଦେଇଥିଲେ । ଏହି ଭାଷଣ ଶୁଣି ଲୋକେ ଭାରି ଉତ୍ୟକ୍ତ ହୋଇଥିଲେ । ଏହି ରିପୋର୍ଟ ଉପରେ ଏସ୍. ଡ଼ି. ଓ ବିଞ୍ଝାରପୁର ପୁଲିସ ସବ୍‌ଇନ୍‌ସପେକ୍ଟର ଗୋକୁଳବାବୁଙ୍କୁ ଇନକ୍ୱାରୀ କରିବାକୁ ଦେଇଥିଲେ । ଗୋକୁଳ ବାବୁ ପ୍ରଥମ ଆସି ଆର୍ତ୍ତବନ୍ଧୁ ମହାନ୍ତିଙ୍କୁ ପଚାରିଥିଲେ ତୁମେ ଏହି ଭଗୀରଥ ଦାସଙ୍କୁ ସଭାରେ ବକ୍ତୃତା ଦେବାକୁ ଦେଇଥିଲ କି ? ଆର୍ତ୍ତବନ୍ଧୁ ମହାନ୍ତି ମନାକଲେ । ତାହାପରେ ତାଙ୍କୁ ଛାଡ଼ି ଏ ବହି ସଭାରେ ପଢ଼ାଯାଇ ନାହିଁ ବୋଲି ରିପୋର୍ଟ କଲେ । ଦ୍ୱିତୀୟ ଥର ପାଇଁ ଏହି କେଶ୍ ଉପରେ ଯାଜପୁର ପୋଲିସ ଇନ୍‌ସପେକ୍ଟର ଓ ଦାରୋଗା ବାବୁ ଇନ୍‌କ୍ୱାରୀ କରି ଏହା ସତ ବୋଲି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରରୋଚନାରେ ରିପୋର୍ଟ କଲେ । ସେହି ରିପୋର୍ଟ ଅନୁସାରେ ଭଗୀରଥ ଦାସଙ୍କୁ ଗିରଫ କରାଗଲା । ଏହି ମିଛ କଥା ଉପରେ କେଶ୍ ହୋଇଥିବାରୁ ଗ୍ରାମଲୋକେ ସମସ୍ତେ ଏକାଠି ହୋଇ କେଶ୍ ଲଢ଼ିବାକୁ ଭଗୀରଥ ବାବୁଙ୍କୁ କହିଲେ । ସେତେବେଳେ କଂଗ୍ରେସ ଲୋକେ କେଶ୍ ଲଢ଼ୁ ନଥିଲେ । ଏହା ମଧ ସତ୍ୟାଗ୍ରହୀମାନଙ୍କର ନୀତି ଥିଲା । ସେଥିପାଇଁ କଂଗ୍ରେସରୁ ଅନୁମତି ଆଣି ଓ ଗାଁର ଲୋକେ ଚାନ୍ଦା ଦେଇ ସାକ୍ଷ୍ୟ ଦେଇ କେଶ୍ ଲଢ଼ିଲେ । କେଶ୍ ଯାଜପୁର କୋର୍ଟରେ ବିଚାର ନହୋଇ କଟକରେ ବିଚାର ହେଲା । ବିଚାରରେ ଭଗୀରଥ ବାବୁ ଖଲାସ ହେଲେ । [illegible] ଦାସ ପ୍ରେସିଡେଣ୍ଟ ରିପୋର୍ଟ କରିଥିଲେ । ତାଙ୍କ ରିପୋର୍ଟ ମିଛ ବୋଲି ପ୍ରମାଣିତ ହେବାରୁ

Digitized by PPRACHIN, SOA

ଇଉନିୟନ ପ୍ରେସିଡ଼େଣ୍ଟ ପଦରୁ ତାଙ୍କୁ ବହିଷ୍କାର କରାଗଲା । ଉକ୍ତ ପୂର୍ଣ୍ଣ ବାବୁଙ୍କୁ ମଧ ସ୍ଥାନୀୟ ଲୋକେ ବୟକଟ୍ କଲେ । ଏହି ବୟକଟ୍ ସମୟରେ ଗୋଟିଏ ଅତି ଅପ୍ରୀତିକର ଘଟଣା ଘଟିଥିଲା । ତାଙ୍କୁ କେହି ନିମିତ୍ତ ପର୍ବରେ ଡ଼ାକନ୍ତି ନାହିଁ, କିମ୍ୱା ତାଙ୍କ ସହିତ ସମ୍ପର୍କ ରଖନ୍ତି ନାହିଁ । ପଘିରାର ନୀଳମଣି ସାମଲଙ୍କ ମାତୃବିୟୋଗ ଘଟିଥିଲା । ସେ ତାଙ୍କୁ ନିମନ୍ତ୍ରଣ କରିଥିଲେ । ପୂର୍ଣ୍ଣବାବୁଙ୍କ ଭାଇ ଆନନ୍ଦ ଚନ୍ଦ୍ର ଦାସ ଉକ୍ତ ନିମନ୍ତ୍ରଣକୁ ଯାଇଥିବାରୁ ତାଙ୍କୁ ଫେରାଇ ଦିଆଯାଇଥିଲା । ବନ୍ୟା ସମୟରେ ପଘିଡ଼ାକୁ ଯିବାକୁ ହେଲେ ଡ଼ଙ୍ଗା ଛଡ଼ା ଅନ୍ୟ ବାଟ ନଥିଲା । ସେ ଫେରିବାକୁ ଡ଼ଙ୍ଗା ନପାଇ ରାତିରେ ଜଣକ ଘରେ ଆସି ରହିଲେ ।

ସେତେବେଳେ ବରୀ ଅଞ୍ଚଳର ଲୋକେ ଇଂରେଜ ସରକାର ବିରୁଦ୍ଧରେ ସଭାସମିତି କଲେ । କଂଗ୍ରେସର ସପକ୍ଷ ଲୋକଙ୍କୁ ସରକାର ଜବତ୍ କରିବାରେ ଲାଗିଲେ । ନିକଟତମ ଗାଁମାନଙ୍କରୁ ପିଲାମାନେ ଆସି ଆଶ୍ରମରେ ରହି ପତାକା ଧରି ଭିକ୍ଷା କଲେ, ଗଞ୍ଜେଇ ଅଫିମ ଦୋକାନରେ ପିକେଟିଂ କଲେ, ସଭାସମିତି କଲେ । ଏ ଅଞ୍ଚଳର ପ୍ରଧାନ ବକ୍ତା ରୂପେ ଭଗୀରଥ ଦାସ ବାହାରି ଗାଁମାନଙ୍କରେ ସଭାକରି ସ୍ୱରାଜ୍ୟ ସ୍ଥାପନ କରି ବ୍ରିଟିଶ ସରକାରକୁ ହଟାଇବା ଲାଗି ବଡ଼ ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଲେ । ପିକେଟିଂ ମଧ ହେଉଥିଲା । କାରଣ ପୋଙ୍ଗା ଲୁଣ ବିଦେଶରୁ ଆସୁଥିଲା । ଦୋକାନୀ ଗୋଖେଇ ଜେନା ପୋଙ୍ଗା ଲୁଣ ବିକ୍ରି କରୁଥିଲେ । ତାଙ୍କ ଦୋକାନରେ ଆଶ୍ରମ କର୍ମୀମାନେ ପିକେଟିଂ କରିବାରୁ ସେ ତାଙ୍କୁ ତାଚ୍ଛଲ୍ୟ ଭାବରେ ଗାଳି-ଗୁଲଜ କଲେ ଓ ଧକା ମାରି ସେମାନଙ୍କୁ ତଡ଼ିଦେଲେ । ସେଥିପାଇଁ ଗୋବର୍ଦ୍ଧନ ପୁହାଣ ଗୋଡ଼ା-ଲୁଣ ବିକ୍ରିର ଏକ ଦୋକାନ କଲେ, ଓ ସେଥିରେ ଆର୍ତ୍ତବନ୍ଧୁ ମହାନ୍ତି ସାହାଯ୍ୟ କଲେ । ଏହି ଗୋଡ଼ା ଲୁଣ ବିକ୍ରି ସଙ୍ଗେ ସଙ୍ଗେ ଗରାଖିମାନଙ୍କର ମତ ନେଇ ସବୁ ପ୍ରକାର ଜିନିଷ ଏହି ଦୋକାନରେ ବିକ୍ରି ହେଲା । ଏଠାରେ ଖଦଡ଼ ଲୁଗା ମଧ ବିକ୍ରି ହେଲା ।

ବରୀ ଉ: ପା: ସ୍କୁଲର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ଦାସ ଖଦଡ଼ ପିନ୍ଧୁଥିଲେ । ସେ ମଧ ଗୋଟିଏ ଖଦଡ଼ ଦୋକାନ କଲେ ଓ ସ୍କୁଲ-ବାଡ଼ିରେ କପା ଗଛ ଲଗାଇଲେ । ଜଣେ ସ୍କୁଲ ସବ୍‌ଇନ୍‌ସପେକ୍ଟର ତାଙ୍କ ଭିଜିଟ୍ ବହିରେ ଲେଖିଦେଲେ ଯେ ଏ ଅନାବନା ଗଛଗୁଡ଼ିକ ସ୍କୁଲବାଡ଼ିରୁ ହାଣିଦେଇ ଅନ୍ୟ ଫସଲ ଲଗାଅ ।

ସେ ବରୀ ଡ଼ାକ ବଙ୍ଗଳା ହତା ମଧରେ ସଭା କଲେ ଏଣେ ଏକ ପ୍ରତିବାଦ ସଭା କଂଗ୍ରେସ ତରଫରୁ ଅଟଳବିହାରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ "ବେଙ୍ଗ ବୋହୂ" ଡ଼ିହରେ (ବର୍ତ୍ତମାନ ଯେଉଁଠାରେ ଉମାବାବୁଙ୍କର ଘର ଅଛି ସେହିଠାରେ) କରାଗଲା । ଉକ୍ତ ସଭାରେ

Digitized by PPRACHIN, SOA

ବହୁଲୋକ ଯୋଗ ଦେଲେ । କଂଗ୍ରେସ ବିରୋଧି ସଭାରେ କେବଳ ଚୌକିଦାର, ଦଫାଦାର ଇଉନିଅନ ପ୍ରେସିଡ଼େଣ୍ଟ, କେତେକ ସ୍କୁଲ ଶିକ୍ଷକ ଓ ସରକାର କର୍ମଚାରୀ ଯୋଗ ଦେଇଥିଲେ ।

ଏହି ସମୟରେ ଦଳେ ଲୋକ ଜାତୀୟ-ପତାକା ଧରି କୀର୍ତ୍ତନ କରି ମହାତ୍ମାଗାନ୍ଧୀ କି ଜୟ କହି, ଯାଉଥିବା ବେଳେ, ତାଙ୍କଠାରୁ ମୃଦଙ୍ଗ ଛଡ଼ାଇ ପତାକା ଚିରି ପୋଲିସ ଲାଠି ଚଳାଇ ଲୋକଙ୍କୁ ଗିରଫ କଲେ । ଲୋକଙ୍କ ମଧରେ ବିପିନ ବିହାରୀ ମହାନ୍ତି ଅଗ୍ରଣୀ ଥିଲେ ।

ସତ୍ୟାଗ୍ରହୀମାନେ ଗଞ୍ଜେଇ ଅଫିମ ଦୋକାନ ବନ୍ଦ କରିବା ସଙ୍ଗେ ସଙ୍ଗେ ଖଜୁରୀ ତାଡ଼ି ବନ୍ଦ କରିବା ଓ ପଙ୍ଗାଲୁଣ ବନ୍ଦ କରିବାପାଇଁ ଲୋକମାନଙ୍କୁ ଉତ୍ସାହିତ କରୁଥିଲେ । ସତ୍ୟାଗ୍ରହୀମାନେ ଲୁଣ ମାରି ଆଣି ତାକୁ ପୁଡ଼ିଆ କରି ବିକ୍ରି କରି ଚାନ୍ଦା ଆଦାୟ କରୁଥିଲେ । ପୋଲିସ ପକ୍ଷରୁ କଡ଼ା କଟକଣା ଥିଲା ଯେ କେହି ଯଦି କଂଗ୍ରେସ ଲୋକଙ୍କୁ ଘରେ ରଖିବ ବା ସାହାଯ୍ୟ କରିବ, ତାକୁ ମଧ ଗିରଫ୍ କରାଯିବ । ସଭା ସମିତିରେ ଯୋଗ୍ଦେଲେ ତାଙ୍କ ନାମ ଟିପା ଯାଉଥିଲା । ସଭାରେ ପ୍ରଚାର ପାଇଁ ଯେ, ନାଗରା ଦେବ, ତାକୁ ମଧ ଗିରଫ କରାଯିବ । ବରୀରେ ପୋଲିସ ୩୨ଧାରା ଜାରି କଲା, ଅସ୍ଥାୟୀ ଭାବରେ ୪ଜଣ ପୋଲିସ କନେଷ୍ଟବଳ ଓ ଜଣେ ଜମାଦାର ଡ଼ାକବଙ୍ଗଳାରେ ରହିଲେ । କେହି ନାଗରା ଦେବାକୁ ରାଜୀ ନହେବାରୁ ଆଶ୍ରମ ପକ୍ଷରୁ ଏକ ନାଗରା କିଣା ହେଲା । ଆଶ୍ରମ କର୍ମୀମାନେ ଏହି ନାଗରା ନିଜେ ନିଜେ ଦେଉଥିଲେ, ଏହି ନାଗରା ଦେଇ ପଘିରାର ଗଣେଶ ଜେନା, ହଳଧର ସାହାଣୀ, ବାଗଦାର ସୁରେଶ ଚନ୍ଦ୍ର ଦାସ ପ୍ରଭୃତି ଗିରଫ ହୋଇଥିଲେ । ସେତେବେଳେ ଯାଜପୁର ଏସ୍. ଡ଼ି. ଓ. କାର୍ତ୍ତିକ ଚନ୍ଦ୍ର ଥିଲେ । କଂଗ୍ରେସ ବିରୁଦ୍ଧରେ ପ୍ରଚାର କରିବାକୁ କଂଗ୍ରେସ ସରକାରଙ୍କ ପକ୍ଷରୁ ସେ ଆଦିକନ୍ଦ ପଣ୍ଡାଙ୍କୁ ରଖିଥିଲେ ।

୧୯୩୧ ମସିହାରେ ଗୋବର୍ଦ୍ଧନ ପୁହାଣ ଓ ପ୍ରିୟମ୍ବଦା ଦେବୀ ମାଉଣ୍ଡରେ ପତାକା ଉତ୍ତୋଳନ କରି ଗିରଫ ହୋଇଥିଲେ । ଗାନ୍ଧିଜୀ ଖଲାସ ହେବା ଦିନ ଖବର ପାଇ ଗୋବର୍ଦ୍ଧନ ପୁହାଣଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅରଙ୍ଗାବାଦଠାରୁ ମାଉଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଡ଼ାକବଙ୍ଗଳା ପାଖରେ ପହଞ୍ଚିବା ମାତ୍ରେ ସେଠାରେ ଥିବା ପୋଲିସ୍ ଦଳ ସଡ଼କ ଉପରେ ଆସି ଲାଠିଧରି ଠିଆହୋଇ ଶୋଭା ଯାତ୍ରାକୁ ରୋକିଲେ । ମାତ୍ର ଗୋବର୍ଦ୍ଧନ ବାବୁ ତାକୁ ନମାନି ସଡ଼କ କଡ଼ରେ ଭାଙ୍ଗି ଯାଇ ଶୋଭାଯାତ୍ରା ଆଗକୁ ମାଡ଼ି ଯାଇଥିଲେ । ପୁଲିସ ଗୋବର୍ଦ୍ଧନ ପୁହାଣଙ୍କ ନାମରେ ଆଇନ ଅମାନ୍ୟ ମକଦ୍ଦମା ରୁଜୁ କରିଥିଲେ । ଉକ୍ତ ମକଦ୍ଦମା ଇନ୍‌କ୍ୱାରୀ କରିବାକୁ ଯାଜପୁରର ପୋଲିସ ଇନ୍‌ସପେକ୍ଟର ଓ ଡ଼ି. ଏସ୍. ପି. ଆସିଥିଲେ । ଗୋବର୍ଦ୍ଧନ

Digitized by PPRACHIN, SOA

ବାବୁଙ୍କୁ କହିଥିଲେ ତୁମେ ପୋଲିସ ଆଇନ୍ ଅମାନ୍ୟ କରି ରାସ୍ତା ଉପରେ ପୋଲିସ୍ ଘେର ଭାଙ୍ଗି ବରୀରେ ଜାରି ହୋଇଥିବା ୩୨ ଧାରା ଅମାନ୍ୟ କରି ଶୋଭାଯାତ୍ରା କରିଥିବାରୁ ଗିରଫ ହେବ । ସେ କହିଲେ ବରୀଉପରେ ସିନା ପୋଲିସ୍ ୩୨ ଧାରା ଜାରିକରିଛନ୍ତି; କିନ୍ତୁ ବରୀ ଗ୍ରାମ ଉପରେ ଶୋଭାଯାତ୍ରା କରିନାହୁଁ । ଅରଙ୍ଗାବାଦ ଉପରେ ଶୋଭାଯାତ୍ରା କରିଛୁ । ପୋଲିସ ଅଫିସର ଗ୍ରାମର ମ୍ୟାପ୍ ଆଣିଦେଖିଲେ । ପ୍ରକୃତରେ ବର୍ତ୍ତମାନ କଳାମାଟିଆ ରାସ୍ତା ଅରଙ୍ଗାବାଦ ଗ୍ରାମରେ ରହିଛି ଓ ଡ଼ାକବଙ୍ଗଳାଟି ରମ୍ଭା ଗ୍ରାମରେ ରହିଛି । ତେଣୁ, ପୋଲିସ କେବଳ ବରୀ ଗ୍ରାମ ଉପରେ ୩୨ଧାରା ଜାରୀ କରିଥିବାରୁ ମକଦ୍ଦମା ଲାଗୁହେବ ନାହିଁ । ଏହାପରେ ପୋଲିସ ଇନ୍‌ସପେକ୍ଟର ଓ ଡ଼ି. ଏସ୍. ପି. ଏହା ହୃଦୟଙ୍ଗମ କରି ଏହି ଧାରାକୁ ଆଉ ୩ଟି ଗ୍ରାମ ପଘିରା, ଅରଙ୍ଗାବାଦ ଓ ରମ୍ଭା ଉପରେ ଜାରି କଲେ ଓ ଡ଼ାକ ବଙ୍ଗଳାର ନାମ ବରୀ-ଡ଼ାକ ବଙ୍ଗଳା ପରିବର୍ତ୍ତେ ରମ୍ଭା-ଡ଼ାକ ବଙ୍ଗଳା କରିଦେଲେ ।

୧୯୩୨ ମସିହାର ଆନ୍ଦୋଳନ

୧୯୩୨ ମସିହା ଜାନୁଆରୀ ମାସ ୨୬ ତାରିଖରେ ଜାତୀୟ ପତାକା ଉତ୍ତୋଳନ କରାଇ ନ ଦେବାକୁ ସରକାର ଆଗରୁ ସବୁ କର୍ମୀଙ୍କୁ ଗିରଫ କରି ନେଇଥିଲେ । ଅନ୍ୟଆଡ଼ୁ କର୍ମୀଙ୍କୁ ଆଣି ଏଠାରେ ପତାକା ଉତ୍ତୋଳନ କରିବା ଠିକ୍ ହୋଇଥିଲା । ଆକୁଳି ମେକାପ ଏକ ସ୍ମାରକ ପତ୍ରରେ କଟକର କଲେକ୍ଟରଙ୍କୁ ଜଣାଇଥିଲେ ଯେ ବିଞ୍ଝାରପୁର ଥାନା, ବରୀ ମାଉଣ୍ଡ, ବାଲିଆପାଳ ହାଟ ଓ ଅଲୀପୁର ହାଟରେ ପତାକା ଉତ୍ତୋଳନ କରାଯିବ । ସେହି ଅନୁସାରେ କଲେକ୍ଟର ସାହେବ ଥାନା ଅଫିସର ଗଙ୍ଗାଧର ଦ୍ୱିବେଦୀଙ୍କୁ ଉକ୍ତ ସ୍ଥାନମାନଙ୍କରେ ପତାକା ଉତ୍ତୋଳନ ନ କରାଇ ଦେବାପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ପୋଲିସ ଥାନାର ସବୁ ଚୌକିଦାର, ଦଫାଦରଙ୍କୁ ଅଣାଇ ଏହିସବୁ ସ୍ଥାନମାନଙ୍କରେ ଜମା କଲେ । କେଉଁଠାରେ ପତାକା ଉତ୍ତୋଳନ ହୋଇପାରି ନଥିଲା କିନ୍ତୁ ଆର୍ତ୍ତବନ୍ଧୁ ମହାନ୍ତିଙ୍କ କୌଶଳ କ୍ରମେ ଅଲୀପୁର ହାଟରେ ପତାକା ଉତ୍ତୋଳନ କରାଯାଇଥିଲା । ପୋଲିସମାନେ ହାଟ-ଜମିକୁ ଜଗିଥିଲେ । ଜଣେ ସତ୍ୟାଗ୍ରହୀ ରାମଚନ୍ଦ୍ରପୁରର ବିଶ୍ୱାଳ ସାହି ପାଖ ଠାକୁରଙ୍କ ପାଖରେ ବାହାରି ପତାକା ଉତ୍ତୋଳନ କରିଥିଲେ । ତାହାଦେଖି ଅଲୀପୁର ହାଟରେ ଜଗିଥିବା ପୋଲିସ ମାନେ ଏହି ସତ୍ୟାଗ୍ରହୀଙ୍କୁ ଗିରଫ କରିବାକୁ ଚାଲି ଆସିବାରୁ ତେଣେ ଅନ୍ୟଜଣେ ଅଲୀପୁର ହାଟରେ ରୀତିମତ 'ବନ୍ଦେ ମାତରମ' ଗାନ କରି ପତାକା ଉତ୍ତୋଳନ କରିଥିଲେ । ଏହା ଜାଣି ପୋଲିସ ପୁଣି ସେଠାକୁ

Digitized by PPRACHIN, SOA

ଫେରି ଆସି ସେଠାରେ ତାଙ୍କୁ ଗିରଫ କଲେ । ଗୋବର୍ଦ୍ଧନ ପୁହାଣ ହାଟ-ପୋଖରୀ ପାଖରେ ଥିବା କଦମ୍ବ ଗଛରେ ଓ ତାଳଗଛରେ ଶୁକୁରିଆ ଚମାରକୁ ଚଢ଼ାଇ ଦେଲେ । ଶୁକୁରିଆ ସେହି ଗଛରେ ଜାତୀୟ ପତାକା ଉଡ଼ାଇ ଦେଲା । ପୋଲିସମାନେ ଗଛ ଚଢ଼ିପାରିଲେ ନାହିଁ କିମ୍ବା ପତାକାକୁ ନେଇପାରିଲେ ନାହିଁ । ପୋଲିସ ତହିଁ ପୂର୍ବ ରାତିରେ (ତା ୨୫-୧ର ରାତିରେ) ଭଗୀରଥ ଦାସଙ୍କର ପାଳିତ ପୁଅ ଆକୁଳାନନ୍ଦ ମେକାପଙ୍କୁ ଆଣି ଗୋଟାଏ ଚାଳ ଘରେ ରଖିଦେଲେ । ଆକୁଳାନନ୍ଦ ସେହି ଘରର ପିଢ଼ାରେ ଚଢ଼ି ଜାତୀୟ ପତାକା ଉଡ଼ାଇଦେଲେ ଏବଂ "ବନ୍ଦେ ମାତରମ" ଗାନ କଲେ । ଲୋକମାନେ ବାହାରେ ଥାଇ ଯୋଗଦେଲେ । ଆକୁଳାନନ୍ଦ ପିଢ଼ାରୁ ଓହ୍ଲାଇବାରୁ ପୋଲିସ ତାଙ୍କୁ ଗିରଫ କଲେ । ସେଦିନ ଏହି ରୂପେ ବିଭିନ୍ନ ଜାଗାରେ ମୋଟ ୮ଜଣ ଗିରଫ୍ ହୋଇଥିଲେ ।

ରହସ୍ୟ ଦେଖିବାପାଇଁ ଦାଶରଥି ସାମଲ ଆଦି ୩ଟି କାଠ ଗଡ଼ ରାସ୍ତାରେ ଥୋଇଦେଇଥିଲେ । ବିଞ୍ଝାରପୁରର ପୋଲିସ ସ. ଇ. ଗଙ୍ଗାଧର ଦ୍ୱିବେଦୀ ଓ କନେଷ୍ଟବଳ ମାନେ କାହ୍ନୁଚରଣ ଦାସ ନାମକ ଜଣେ ସତ୍ୟାଗ୍ରହୀଙ୍କୁ ଅନ୍ଧାରରେ ଖୋଜୁଥିଲେ । ଏମାନେ କାଠଗଡ଼ ଝୁଣ୍ଟିଲେ ।

ପୁରୀରେ କଂଗ୍ରେସ ଅଧିବେଶନ ୧୯୩୨ ମସିହାରେ ବସିବା ସ୍ଥିର ହେଲା । ସେଥିପାଇଁ କଂଗ୍ରେସ ସେବାଦଳ ଟ୍ରେନିଙ୍ଗ୍ ବରୀରେ ଖୋଲାଯାଇଥିଲା । ବାମନ ଚରଣ ଦାସଙ୍କ ଚଉପାଢ଼ିରେ ଏଇ ଟ୍ରେନିଙ୍ଗ୍ ଖୋଲିବାର ସମସ୍ତ ଖର୍ଚ୍ଚ ଏ ଅଞ୍ଚଳରେ ଲୋକେ ଚାନ୍ଦା କରି ଦେଇଥିଲେ । ଭଗୀରଥ ଦାସ ଏହାର ଦାୟିତ୍ୱରେ ଥିଲେ । ଏହି ଟ୍ରେନିଙ୍ଗ୍‌ର ଛାତ୍ରମାନେ ଚାରିଆଡ଼େ ମାର୍ଚ୍ଚିଙ୍ଗ୍ କରି ବୁଲୁଥିଲେ । ଲୋକଙ୍କ ଉପରେ ଗୋଟିଏ ପ୍ରଭାବ ପଡ଼ିଥିଲା । ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ବାମନ ଚରଣ ଦାସ, ଗୋବର୍ଦ୍ଧନ ପୁହାଣ ପ୍ରଭୃତି ଗାଁ ଗାଁ ବୁଲି ଏଥିପାଇଁ ଚାନ୍ଦା ସଂଗ୍ରହ କରିଥିଲେ ।

ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଏହି ସ୍ୱେଚ୍ଛାସେବକମାନଙ୍କୁ ପୋଷାକ ପ୍ରଦାନ କରିଥିଲେ । ମହାତ୍ମା ଗାନ୍ଧୀ ଗୋଲ ଟେବୁଲ ବୈଠକରୁ ଫେରିବା ପରେ ତାଙ୍କୁ ତା ୪-୧-୧୯୩୨ରେ ବମ୍ବେରେ ଗିରଫ୍ କରାଗଲା । ପରେ ପରେ ସବୁ କର୍ମୀମାନଙ୍କୁ ଗିରଫ କରାଯାଇଥିଲା । ଏଠାରୁ ପୂର୍ବ କର୍ମୀମାନଙ୍କ ସହ ବନବିହାରୀ ମହାନ୍ତି, କାଳନ୍ଦୀ ଚରଣ ମହାନ୍ତି ପ୍ରଭୃତି ନୂଆ କର୍ମୀ ଓ ସ୍ୱେଚ୍ଛାସେବକମାନେ ଗିରଫ ହେଲେ; ନିଖିଳ ଭାରତ କଂଗ୍ରେସ ବୈଠକ ବନ୍ଦ ହୋଇଗଲା ।

Digitized by PPRACHIN, SOA

ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା

ଇନ୍ଦୁପୁରର ଧୂମାତ୍‌ରୁ ମୋହନଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମା ଗାନ୍ଧୀ) ତା ୩୦ ମେ, ୧୯୩୪ର ସନ୍ଧ୍ୟାରେ ଆସି ଅନ୍ୟାସୀପୁରରେ ପହଞ୍ଚିଲେ । ବରୀ-କଳାମାଟିଆ କଚା ରାସ୍ତାକଡ଼ରେ ଗଦାଧର ପାଲିତଙ୍କର ଛୋଟ ଆମ୍ବତୋଟାରେ ରହିଲେ । ଆଣ୍ଠୁ ପର୍ଯ୍ୟନ୍ତ ଖଣ୍ଡିଏ ସାନ ଖଦଡ଼ ଧୋତି ସେ ପିନ୍ଧିଥାନ୍ତି ଓ ସାନ ଖଦଡ଼ ଚାଦର ପକାଇଥାନ୍ତି । ତାଙ୍କ ଅଣ୍ଟାରୁ ଗୋଟିଏ ପକେଟ୍ ଉଆଚ୍ ସୂତାରେ ଝୁଲୁଥାଏ । ଦୁଇଜଣ ମହିଳାଙ୍କ କାନ୍ଧରେ ଦୁଇହାତ ରଖି ସେ ମଝିରେ ଦ୍ରୁତ ଗତିରେ ଚାଲିଥାନ୍ତି । ତାଙ୍କ ସଙ୍ଗରେ ଇଂରେଜ ମହିଳା ମୀରାବେନ୍ (ମୂଳ ନାମ କୁମାରୀ ସ୍ଲେଡ୍), ଗୋପବନ୍ଧୁ ଚୌଧୁରୀ, ରାଜକୃଷ୍ଣ ବୋଷ, ରମାଦେବୀ, ଦକ୍ଷିଣଆଫ୍ରିକାରୁ ଆଗତ ଜର୍ମାନ୍ ଯୁବକ କେ. ବୁଟୋ, ଉମା, (ଯମୁନାଲାଲ ବଜାଜଙ୍କର କନ୍ୟା), ବିନୋଦ କାନୁନଗୋ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଗୁଣନିଧି ମହାନ୍ତି, ମନମୋହନ ଚୌଧୁରୀ (ବୁଲୁବାବୁ), ମଙ୍ଗଳା ସେନଗୁପ୍ତ, ଶୋଭା ପଣ୍ଡା, ଗୋଦାବରୀ ଦେବୀ, ମାଣିକ ଦେବୀ, ସୁଶୀଳା ଦେବୀ, (ରାମପୁର), ଅନ୍ନପୂର୍ଣ୍ଣା ଚୌଧୁରୀ ତୁଳସୀ ଦେବୀ ଥାନ୍ତି । ବୁଲୁବାବୁ ପଦଯାତ୍ରାର ଫଟୋ ଉଠାଉଥାନ୍ତି । ସେତେବେଳେ ଟେଲିଫୋନ ଏ ଅଞ୍ଚଳରେ ନଥିଲା । ଗାନ୍ଧୀଙ୍କର ଆସୁଥିବା ଲୋକଙ୍କୁ ଜଣାଇଦେବାକୁ ମଝିରେ ମଝିରେ ନାଗରା ବଜାଇ ରାସ୍ତାକଡ଼ର ଗ୍ରାମବାସୀଙ୍କୁ ଆଗରୁ ଜଣାଇ ଦିଆଗଲା । ଗାନ୍ଧୀଜୀ ତ ଗାଈଦୁଧ ଖାଆନ୍ତି ନାହିଁ । ସେ ଛେଳିଦୁଧ ଖାଇବା ପାଇଁ ଦୁଧିଆଳୀ ଛେଳି ରଖାଯାଇଥିଲା । ବାଗଦାର ବାମନ ଚରଣ ଦାସଙ୍କର ଚଉପାଡ଼ିରେ ଗାନ୍ଧୀଜୀ ରହିଲେ । ବନ୍ଧର ପଶ୍ଚିମରେ "ମେଳଣ ପଡ଼ିଆ"ରେ ସାଧାରଣ ସଭାରେ ଗାନ୍ଧୀ ଭାଷଣ ଦେଲେ । ରାଜକୃଷ୍ଣ ବୋଷ ତାହାକୁ ଓଡ଼ିଆରେ ଅନୁବାଦ କରି କହୁଥିଲେ । ଶଙ୍ଖ ଓ ହୁଳୁହୁଳି ଦ୍ୱାରା ଲୋକେ ଗାନ୍ଧୀଜୀଙ୍କୁ ସ୍ୱାଗତ କରୁଥିଲେ ଓ ହାତକଟା ସୂତାର ମାଳ ଦେଇଥିଲେ, ଫୁଲ ଓ ଚନ୍ଦନ ମଧ ଦେଇଥିଲେ ।

ବ୍ୟାଣ୍ଡପାର୍ଟିକୁ ଗାନ୍ଧୀଜୀ ନାପସନ୍ଦ କରିବାକୁ କୀର୍ତ୍ତନ ଦଳ ତାଙ୍କ ସହ ଚାଲିଥିଲେ । ଲୋକଙ୍କଠାରୁ ସଂଗୃହୀତ ଟ.୧୦୮-୦୦ ତାଙ୍କୁ ଭେଟି ଦିଆଗଲା । ଶିକ୍ଷକ ପରମାନନ୍ଦ ନାୟକ ଆଙ୍କିଥିବା ଗାନ୍ଧୀଙ୍କର ଏକ ଚିତ୍ରକୁ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଟ.୧୦ରେ ଓ ଏକ ବିଞ୍ଚଣାକୁ ଦାଶରଥି ସାମଲ ଟ.୧ ଅଣାରେ ନିଲାମ ଧରିଥିଲେ । ଖିରାବେଳେ ଗାନ୍ଧୀଜୀ ଅସ୍ପୃଶ୍ୟତାକୁ ଯକ୍ଷ୍ମାରୋଗ ସହ ତୁଳନା କରି, ତାକୁ ନିର୍ମୂଳ କରିବାକୁ ଉପଦେଶ ଦେଇଥିଲେ । ଏହି ଆଲୋଚନାରେ ଗଣେଶ୍ୱର ଦାସ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ହଳଧର ସାହାଣୀ, ରୂପ ସାହାଣୀ, ଗଜେନ୍ଦ୍ର ଦ୍ୱିବେଦୀ, ଆଦି ଯୋଗଦେଇଥିଲେ । ବାମନ ଚରଣ ଦାସଙ୍କର କୁଳଦେବତା ବଳଦେବଙ୍କର ମନ୍ଦିରରେ

Digitized by PPRACHIN, SOA

ହରିଜନ-ପ୍ରବେଶ ସମ୍ବନ୍ଧରେ ବାମନବାବୁ କହିଲେ- ସ୍ନାନପୂର୍ଣ୍ଣିମାରେ ଠାକୁରଙ୍କୁ ଉଠାଇବାକୁ ୧୬ ଜଣ ବ୍ରାହ୍ମଣ ଦରକାର ହୁଅନ୍ତି । ବ୍ରାହ୍ମଣମାନେ ତାହା ଏଣିକି କଲେ, ମୁଁ ମନ୍ଦିରରେ ହରିଜନ ପ୍ରବେଶ କରାଇବି । ବାମନବାବୁଙ୍କର ଜ୍ୟେଷ୍ଠ ପୁତ୍ର ନବକିଶୋର ବାବୁ ହରିଜନ ପ୍ରବେଶ ସପକ୍ଷରେ ଥିଲେ । ଗାନ୍ଧୀଜୀ କହିଲେ, ଅନ୍ଧବିଶ୍ୱାସକୁ ଛାଡ଼ନ୍ତୁ ଏବଂ ମୁଁ ଭଦ୍ରକରୁ ବିଦାୟ ନେବା ଆଗରୁ ଆପଣ ମାନଙ୍କର ସିଦ୍ଧାନ୍ତ ମୋତେ ଜଣାଇବେ । କଟକରୁ ମୁକ୍ତାର ଲକ୍ଷ୍ମୀଧର ମହାନ୍ତି ଆସି ନିଜ ତିଆରି ଗୋଟିଏ ଅରଟ ଗାନ୍ଧୀଙ୍କୁ ଦେଖାଇଲେ । ସେହି ଅରଟରେ ଜଣେ ଦୁଇ ହାତରେ ସୂତା କାଟିପାରେ ଓ ଯନ୍ତ୍ରଟି ଟିକିଏ ଜଟିଳ । ଗାନ୍ଧୀଜୀ ତାହା ଗରୀବ ଲୋକଙ୍କ ପାଇଁ ଅନୁପଯୁକ୍ତ କହିଲେ । ଗୋପବାବୁ ପରିହାସରେ କହିଲେ- "ଦେଖାଯାଉ, ମୁକ୍ତାର ଓ ବାରିଷ୍ଟର କିଏ ଜିତୁଛନ୍ତି ।"

ଗାନ୍ଧୀଜୀଙ୍କ ସହ ପଦଯାତ୍ରାରେ ଥିବାବେଳେ ରମାଦେବୀଙ୍କର ମାତା ବସନ୍ତ କୁମାରୀ ଦେବୀଙ୍କର କଟକରେ ତା ୨୭/୫/୧୯୩୪ରେ ଦେହାନ୍ତ ହେଲା ।

ବରୀରେ ସଭା ପରେ ବାଟରେ ବହୁତ ଭିଡ଼ ଦେଖି ଜର୍ମାନ ଯୁବକ ବୁଟୋ ଲୋକଙ୍କୁ ହଟାଇ ଦେଇ ଗାନ୍ଧୀଙ୍କୁ ସାହସ-ଗୋବିନ୍ଦପୁର ଅଭିମୁଖେ ନେଲେ । ଅଟିରା ଗ୍ରାମର ରାଜାତୋଟାରେ ଗାନ୍ଧୀଜୀ ଲୋକମାନଙ୍କୁ ଦର୍ଶନ ଦେବା ଉଦ୍ଦେଶ୍ୟରେ ଗୋଟିଏ ସଭା ହେଲା । ସଭା କରିବାକୁ ପୋଲିସର ଅନୁମତି ଦରକାର ହେଉଥିଲା । ମାତ୍ର ଅଟିରା ଗ୍ରାମରେ ୩୨ ଧାରା ଜାରି ହୋଇ ନଥିବାରୁ ସୁରୁଖୁରରେ ସଭା ହେଲା । ରାତିରେ ସାହସ-ଗୋବିନ୍ଦ ପୁରରେ ଗାନ୍ଧୀଜୀ ରହି ଜୁନ୍ ତା ୧ରେ ପୁରୁଷୋତ୍ତମପୁରରେ ସକାଳେ ଅବସ୍ଥାନ କଲେ । ରାତିରେ 'ବୁଢ଼ା-ଘାଟ'ରେ ରହିଲେ । ହଠାତ୍ ପ୍ରବଳ ବର୍ଷା ଓ ପବନ ହେବାରୁ ପଦଯାତ୍ରୀମାନେ କଷ୍ଟପାଇଲେ । ତା ୨ରେ ଗାନ୍ଧୀଜୀ ଯାଜପୁରକୁ ଗଲେ ।

ଅରଙ୍ଗାବାଦରେ ଗୋଟିଏ ପଞ୍ଚାୟତ ଗଠିତ ହେଲା । ଏହି ପଞ୍ଚାୟତରେ ଧନେଶ୍ୱର ଦାସ (ଅଧିକାରୀ), ଆନନ୍ଦ ଚନ୍ଦ୍ର ବେହେରା, କପିଳେଶ୍ୱର ଦାସ, ବୃନ୍ଦାବନ ପୁହାଣ ଓ କହ୍ନେଇ ସାହୁ ଥିଲେ । କାଙ୍ଗାଳୀ ଜେନା ପିଅନ ରହିଲେ । ପଞ୍ଚାୟତର ସମସ୍ତେ ଖଦଡ଼ ପିନ୍ଧୁଥିଲେ ଓ ମଣିଣା ଶପରେ ବସୁଥିଲେ । ବିଚାର ଚାହୁଁଥିବା ଲୋକ ପାଞ୍ଚ ସୁଉକା (ଟ ୧-୨୫ ପଇସା) ସହ ଗୋଟିଏ ଦରଖାସ୍ତ ପଞ୍ଚାୟତକୁ ଦେଉଥିଲା । ପିଅନ ଦରମା, କାଗଜ, ଆଦି ଖର୍ଚ୍ଚ ଏହି ପଇସାରେ ହେଉଥିଲା । ଉଭୟ ପକ୍ଷଙ୍କୁ ଡ଼କାଇ, ମକଦ୍ଦମା ଫଇସଲା କରାଯାଉଥିଲା । ଏହିରୂପେ ଅତି ଅଳ୍ପ ଖର୍ଚ୍ଚରେ ସରଳ ଭାବରେ ଲୋକଙ୍କୁ ନ୍ୟାୟ ମିଳିଲା ।

Digitized by PPRACHIN, SOA

ଗାନ୍ଧୀଜୀ ଓଡ଼ିଶା-ଗସ୍ତରୁ ଫେରିଗଲା ପରେ ଶ୍ରେଷ୍ଠ ଗାନ୍ଧୀବାଦୀ ନେତାମାନଙ୍କୁ ଗାଁରେ ଯାଇରହି ତାଙ୍କ ପ୍ରବର୍ତ୍ତିତ ନାନା ପ୍ରକାର ରଚନାତ୍ମକ କାମ କରିବାକୁ ଗାନ୍ଧୀଜୀ ନିର୍ଦ୍ଦେଶ ଦେଇଥିଲେ । ନିଜେ ଯାଇ ସେବା ଗ୍ରାମରେ ଆଶ୍ରମ ପ୍ରତିଷ୍ଠା କଲେ । ଅନ୍ୟମାନେ ସହର ଛାଡ଼ି ଗାଁରେ କାମ କରିବା ସ୍ଥିର କଲେ । ଭାରତର ସାତ ଲକ୍ଷ ଗାଁରେ ସାତ ଲକ୍ଷ କର୍ମୀ ରହିବେ । ଏହି ସଂକଳ୍ପ ନେଇ, ଗୋପବନ୍ଧୁ ଚୌଧୁରୀ ଗାଁରେ ଯାଇ ରହିବା ଠିକ୍ କଲେ । ସେଥିପାଇଁ ଓଡ଼ିଶାର ଅନ୍ୟ ଅଞ୍ଚଳରୁ ତାଙ୍କୁ ନିମନ୍ତ୍ରଣ ଆସିଥାଏ । ଆମ ବରୀରୁ ମଧ ନିମନ୍ତ୍ରଣ ଯାଇଥିଲା । ସେ ତ ଆଗରୁ ଜାଣିଥିଲେ ଯେ ବରୀ ଗୋଟିଏ ଅନୁନ୍ନତ ବନ୍ୟାପ୍ଳାବିତ ଅଞ୍ଚଳ । ସେଠାକୁ ବହୁବର୍ଷ ପୂର୍ବେ ସେ ରିଲୀଫ୍ ଅଫିସର ହୋଇ ଆସିଥିଲେ । ଏହି ଲୋକଙ୍କ ପାଇଁ ସେ ସରକାରୀ ଚାକିରୀ ଛାଡ଼ିଥିଲେ । ତେଣୁ ସେହିଠାରେ ଯାଇ ଲୋକଙ୍କ ସେବା କରିବା ସ୍ଥିର କଲେ ।

ରଚନାତ୍ମକ କାର୍ଯ୍ୟ ପାଇଁ ରମାଦେବୀ ଓ ଗୋପବାବୁଙ୍କର ବରୀକୁ ଆଗମନ

ଗୋପବାବୁ ତା ୧୩ ଅଗଷ୍ଟ, ୧୯୩୪ରେ ହରିଦାସପୁର ବାଟେ ଧର୍ମଶାଳାକୁ ଆସି ସେଠାରୁ ନୌକାରେ ବରୀରେ ପହଞ୍ଚିଲେ । ତାଙ୍କ ସହିତ ଶ୍ରୀମତୀ ରମାଦେବୀ, ଶୋଭା ପଣ୍ଡା, ଗୋଦାବରୀ, ସୁଶୀଳା, ମାଣିକ, ଅନ୍ନପୂର୍ଣ୍ଣା (ଚୁନୀ), ସୁରେନ୍ଦ୍ର ପଟ୍ଟନାୟକ, ବିନୋଦ କାନୁନଗୋ ଆସିଥିଲେ । ସେମାନେ ବାଗଦାର ବାମନ ଚରଣ ଦାସଙ୍କର ଚଉପାଢ଼ିରେ ରହିଲେ । ଏହିଠାରେ ଅସ୍ଥାୟୀ ଭାବରେ 'ଆଶ୍ରମ' ଚାଲିଲା । ସେମାନେ ହରିଜନବସ୍ତି ଓ ଗାଁ ସଫାଇ କଲେ । ନାରୀ କର୍ମୀମାନେ ଲୋକମାନଙ୍କର ଘରକୁ ଯାଇ ବୋହୂ-ଝିଅମାନଙ୍କ ସହ ମିଳାମିଶା କଲେ । ଗାନ୍ଧୀଜୀଙ୍କର କାର୍ଯ୍ୟ ବୁଝାଇଲେ । ଏ ଅଞ୍ଚଳରେ ସତ୍ୟାଗ୍ରହୀମାନେ ପୂର୍ବେ ଖଜୁରିଗଛ ହାଣି ପକାଇଥିଲେ । ସେଥିପାଇଁ ନିଶା-ନିବାରଣ, ତାଡ଼ି ପିଇବା ବନ୍ଦ କରିବା ଆରମ୍ଭ ହେଲା ।

ବିଶେଷତଃ ରାସ୍ତା ସଫାଇ, ହରିଜନ ବସ୍ତି ସଫାଇ ଓ ସେମାନଙ୍କ ସଙ୍ଗରେ ଅବାଧ ମିଳାମିଶା କରିବା ଦ୍ୱାରା ଏ ଅଞ୍ଚଳର କେତେକ ସନାତନୀ ଲୋକ କ୍ଷୁବ୍ଧ ହୋଇ ଉଠିଥିଲେ । ହରିଜନମାନେ ଚୌଧୁରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଠାକୁର ମନ୍ଦିର ହତାରେ ଥିବା କୂଅରୁ ପାଣି ଆଣି ଖାଉଥିଲେ । ତେଣୁ, ସେ ଠାକୁର ମନ୍ଦିର କୂଅରୁ ପାଣି ଆଣିବାକୁ ମନା କରିଦେଲେ । ଏମାନେ ଅନ୍ୟ ଲୋକଙ୍କ କୂଅପାଣି ବ୍ୟବହାର କଲେ । ଗୋପବାବୁ ଅନ୍ୟତ୍ର ଆଶ୍ରମ ପ୍ରତିଷ୍ଠା କରିବା ପାଇଁ ସ୍ଥାନ ନିରୂପଣ କଲେ ।

Digitized by PPRACHIN, SOA

ଅରଙ୍ଗାବାଦ ମୌଜାର ପଶ୍ଚିମାଂଶରେ ଲୋକାଲବୋର୍ଡ଼ ସଡ଼କକୁ ଲାଗି ଶ୍ରୀ ବାମନ ଚରଣ ଦାସଙ୍କର ଜମିଥିଲା । ଆଶ୍ରମ ଘର କରିବାପାଇଁ ସେ ତାହା ଦାନ କଲେ । ୧୯୩୪ ମସାହାର ସୁନିଆଁ ଦିନ ଆଚାର୍ଯ୍ୟ ମହାଶୟ (ହରିହର ଦାସ) ସେହି ଜମିରେ ଆଶ୍ରମର ଶୁଭ ଦେଲେ । ସେ, ଗୋପବାବୁ, ରମାଦେବୀ, ବିନୋଦ କାନୁନଗୋ ଆଦି ମାଟି ବୋହି ଅବୁଡ଼ା ଡ଼ିହ ବାନ୍ଧିଲେ । କେତେକ ଗ୍ରାମବାସୀ କାମରେ ମଧ ଶ୍ରମଦାନ କଲେ । ମହତାବବାବୁ ଓ ତାଙ୍କର ସହଧର୍ମିଣୀ ସୁଭଦ୍ରା ଦେବୀ ମଧ ମାଟି ବୋହି... । ଗାନ୍ଧୀଜୀଙ୍କର ଇଚ୍ଛା ଅନୁସାରେ ଆଶ୍ରମର ନାମ "ସେବାଘର" ରଖାଗଲା । ବନ୍ୟା ପୂର୍ବରୁ ୧୯୩୫ରେ ଗୋପବାବୁ ଆଦି ବାଗଦାରୁ ଆସି ଏହିଠାରେ ରହିଲେ ।

ଗରୀବ ଲୋକେ କିପରି ଶସ୍ତାରେ ପାଇବେ, ସେଥିପାଇଁ ବାଉଁଶରେ ଅରଟ ତିଆରି ହେଉଥିଲା । ହରିଜନ ଅକୁର ଜେନା (ଘର ଅଗରବିନ୍ଧା, କରିଲୋ-ପାଟଣାରେ) ବଢ଼େଇକାମ ଶିଖି ବରୀରେ ଏହି ଅରଟ ତିଆରି କରୁଥିଲେ ।

କଂଗ୍ରେସର ରଜତ ଜୟନ୍ତୀ ପାଳନ- ୧୯୩୫ରେ କଂଗ୍ରେସର ପଚାଶ ବର୍ଷ ପୂରିଲା । ସେହି ଅବସରରେ ରଜତ-ଜୟନ୍ତୀ ମହାସମାରୋହରେ ନିରାଡ଼ମ୍ବର ଭାବରେ ଖାଣ୍ଟି ଉତ୍କଳୀୟ ସଂସ୍କୃତିରେ ବରୀ ଅଞ୍ଚଳରେ ପାଳିତ ହେଲା. ଗୋବର୍ଦ୍ଧନ ପୁହାଣ ଏହାର ପୁରୋଧା ହେଲେ । ସେ ଅରଙ୍ଗାବାଦର ଯୁବକମାନଙ୍କୁ ନେଇ ଗୋଟିଏ କମିଟି ଗଠନ କରିଥିଲେ । ଏହି ଜୁବୁଲୀ ଉତ୍ସବ ପାଇଁ କାହାରିଠାରୁ ବାଧ୍ୟ କରି ଚାନ୍ଦା ଆଦାୟ ନକରି, ପ୍ରତିଘରୁ ପ୍ରତିଦିନ ମୁଠି ଚାଉଳ ଆଦାୟ କରାଗଲା । ସେଥିପାଇଁ ପ୍ରତି ପଡ଼ାରେ ଜଣେ ଜଣେ ସ୍ଥାନୀୟ ଯୁବକଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେମାନେ ମୁଠି ଚାଉଳ ଆଦାୟ କରିଆଣି ଗୋବର୍ଦ୍ଧନ ପୁହାଣଙ୍କ ଜିମା ଦେଲେ । ଏହି ମୁଠି ଚାଉଳ ବିକ୍ରି କରି ଜୁବୁଲୀ ଉତ୍ସବ ଖର୍ଚ୍ଚ ତୁଲା ହୋଇଥିଲା ।

ଜୁବୁଲୀ ଉତ୍ସବ ଗ୍ରାମବାସୀମାନେ ଉତ୍ସବ ଭଳି ଯେପରି ପ୍ରତିଘରେ ଅନୁଭବ କରିବେ, ସେଥିପାଇଁ ପ୍ରତି ଘରେ ଲୋକମାନେ କାନ୍ଥରେ ଚିତା ପକାଇବେ ଓ ଘରେ ଖାଇବା ପାଇଁ ମଣ୍ଡାପିଠା କରିବେ ବୋଲି ଅଧିକାରୀ ଧନେଶ୍ୱର ଦାସ ପ୍ରସ୍ତାବ ଆଣିଥିଲେ । ସମସ୍ତଙ୍କ ଘରେ ଏହାହିଁ ହେଲା । କେଉଁ ସ୍ତ୍ରୀ-ଲୋକର ଚିତା ପକାଇବା ଉତ୍କୃଷ୍ଟ ହେବ, ମା ରମାଦେବୀ ବୁଲି ଦେଖିବେ ଏବଂ ତାକୁ ପୁରସ୍କାର ଦିଆଯିବ । ମା ରମାଦେବୀ ଏହି ପ୍ରସ୍ତାବ ଦେଇଥିଲେ ।

Digitized by PPRACHIN, SOA

ଉତ୍ସବ ଦିନ ରାସ୍ତାରେ ତୋରଣ, ଆଲୋକ, ଯୋଡ଼ି ନାଗରା ଥିଲା । ଦାଶରଥି ସାମଲ, ଗଣେଶ ଚନ୍ଦ୍ର ଦ୍ୱିବେଦୀ ଆଦି ସାହାଯ୍ୟ କରିଥିଲେ । ବିଭିନ୍ନ ସାହିରେ ଯାତ୍ରା-ପୂଜା ଓ ମ୍ୟାଜିକ୍ ହୋଇଥିଲା । ହରେକୃଷ୍ଣ ମହତାବ ଓ ଗୋପବନ୍ଧୁ ଚୌଧୁରୀ ବିରାଟ ସଭାରେ ବକ୍ତୃତା ଦେଇଥିଲେ ।

ରଚନାତ୍ମକ କାର୍ଯ୍ୟ

ମଫସଲରେ ରହି ୧୫ ପ୍ରକାରର କାର୍ଯ୍ୟ କରିବାକୁ ଓ କରାଇବାକୁ ଗାନ୍ଧିଜୀ କଂଗ୍ରେସ-ଲୋକଙ୍କୁ ପରାମର୍ଶ ଦେଇଥିଲେ । ଗୋପବାବୁ ତାଙ୍କର ଆଶ୍ରମବାସୀଙ୍କୁ ନେଇ ନିମ୍ନଲିଖିତ କାର୍ଯ୍ୟମାନ କରାଇଥିଲେ ।

(କ) ଗ୍ରାମ ସଫାଇ ଓ କୃଷି- ପିଲାମାନେ, ସ୍ତ୍ରୀଲୋକ ଓ ପୁରୁଷ ଲୋକେ ସୁଦ୍ଧା ରାସ୍ତାକଡ଼ରେ ଝାଡ଼ା ଫେରୁଥିଲେ । ଆଶ୍ରମ ପକ୍ଷରୁ ଗାତ ଖୋଳି ଦିଆଗଲା ଓ ବାଉଁଶ ଷ୍ଟାଣ୍ଡ କରି ପାଇଖାନା କରି ଦିଆଗଲା । କେହି କେହି ତାହାର ବ୍ୟବହାର ନଜାଣି, ବାହାରେ ମଳତ୍ୟାଗ କରୁଥିଲେ । ରମାଦେବୀ ଓ ତାଙ୍କର ଆଶ୍ରମର ଝିଅମାନେ ତାହା ସଫା କରି ଖତ ପାଇଁ ପୋତି ଦେଉଥିଲେ । ବିନୋଦ କାନୁନଗୋ, ସୁରେନ୍ଦ୍ର ନାଥ ପଟ୍ଟନାୟକ ଓ ବାହାରୁ ଆସୁଥିବା ଅତିଥିମାନେ ସୁଦ୍ଧା ଏହି ସଫାଇ କରୁଥିଲେ । ଗୋପବାବୁ ସଡ଼କ କଡ଼ରୁ ଡ଼ିସ୍‌ଟ୍ରିକ୍ଟ ବୋର୍ଡ଼ର ଅଣଓସାରିଆ ଜାଗା ନେଇ ସେଥିରେ କପା, ବିଲାତୀ ବାଇଗଣ, କୋବି, ବାଇଗଣ, କଦଳୀ ଆଦି ଲଗାଇଲେ । ଲୋକଙ୍କୁ ପାଚିଲା ବିଲାତୀ ବାଇଗଣ, ପାଚିଲା ଅମୃତଭଣ୍ଡା ଖାଇବାକୁ ଦେଇ, ରୁଚି ସୃଷ୍ଟି କଲେ । ଏ ଅଞ୍ଚଳର ଲୋକେ ଆଗେ ଏହା ଖାଉ ନଥିଲେ । ଲୋକେ କ୍ରମେ ନିଜ ବାଡ଼ିରେ ଏସବୁ କଲେ ।

(ଖ) - ଗୋପାଳନ- ପୂର୍ବେ ଏ ଅଞ୍ଚଳରେ ପ୍ରଚୁର ଗୋଚର ଜମିଥିଲା ଓ ସ୍ଥାନୀୟ ଗାଈ, ଷଣ୍ଢ ଓ ବଳଦ ଥିଲେ । ରମାଦେବୀ ଆଶ୍ରମରେ କେତୋଟି ଗାଈ ପାଳିଲେ । ପଞ୍ଜାବର ହରିଆନାରୁ ଷଣ୍ଢ ସରକାରଙ୍କର ପଶୁପାଳନ ବିଭାଗ ଦ୍ୱାରା ଗୋପବାବୁ ଅଣାଇଲେ । ଏହି ଷଣ୍ଢ ଦ୍ୱାରା ସ୍ଥାନୀୟ ଗାଈର ଗର୍ଭରୁ ଭଲ ବାଛୁରୀ ଜନ୍ମିଲେ । ଉପର୍ଯ୍ୟୁପରି ୪/୫ ପିଢ଼ୀରେ ଖାଣ୍ଟି ହରିଆନା ଗାଈ ହୋଇଗଲେ । ଭଲ ଦାମୁଡ଼ି ବା ବଳଦ ମଧ ହେଲେ । ଲୋକେ ଏହା ଦ୍ୱାରା ଖୁବ୍ ଉପକାର ପାଇଲେ ।

(ଗ) ଖଜୁରିଗୁଡ଼ ତିଆରି- ତାଡ଼ି ଖାଇବା ବନ୍ଦ କରାଗଲା । ଖଜୁରିରସକୁ ରାନ୍ଧି ଗୁଡ଼ କରାଗଲା । ଏଥିପାଇଁ ପୂର୍ବବଙ୍ଗରୁ କାରିଗର ଆସିଥିଲେ । ସ୍ଥାନୀୟ ହରିଜନ ଅକୃର,

Digitized by PPRACHIN, SOA

ରାଧୁ, ଆଦି ଏହା ଶିଖିଲେ । ଏମାନେ ଧନ୍ଦା ପାଇଲେ ଓ ଅସ୍ପୃଶ୍ୟତା-ଲୋପରେ ଗୋଟିଏ ପ୍ରକାରେ ଏହା ସହାୟକ ହେଲା । ବରୀ ବାହାରେ ଯାଜପୁର ଓ କଟକ ସହରରେ ମଧ ଏ ଗୁଡ଼ କିଛି କିଛି ହେଉଥିଲା ।

(ଘ) ମହୁମାଛି ପାଳନ- ପ୍ରଥମେ ନିତ୍ୟାନନ୍ଦ କାନୁନଗୋ କୋୟମ୍ବାଟୋରକୁ ଯାଇ ମହୁମାଛି ଧରିବା, ବାକ୍‌ସରେ ପାଳିବା ଓ ମହୁମାଛିର ଅଣ୍ଡାକୁ ଓ ଫେଣାକୁ ନ ଚିପୁଡ଼ି, ସରଳ ଯନ୍ତ୍ର ଦ୍ୱାରା ମହୁ ବାହାର କରିବା ଶିଖି ଆସିଥିଲେ । ମନମୋହନ ଚୌଧୁରୀ ତାଙ୍କଠାରୁ ଏହା ୧୯୩୬ରେ ଶିଖିଲେ, ବରୀରେ ନିଜର ଗୋଟିଏ ପ୍ରୟୋଗଶାଳା କଲେ ଓ ଗ୍ରାମବାସୀଙ୍କୁ ସବୁ ପ୍ରକ୍ରିୟା ଶିଖାଇଲେ । କ୍ରମେ ଏହି କୁଟୀର ବା ଗୃହ-ଶିଳ୍ପ ପ୍ରସାର ଲାଭକଲା । ଗମ୍ଭାରିକାଠରେ ଉତ୍ତମ ମହୁବାକ୍‌ସ ତିଆରି ହେଲା ଓ ଲୋକେ ଏହା କିଣିନେଲେ । "ବିମଳମଧୁ" ନାମ ଦେଇ ଲେବଲ୍ ଛାପାଥିବା ବରୀର ମହୁ ବାହାରେ ବିଖ୍ୟାତ ହେଲା । ସେତେବେଳେ ଭଲ ଆଖୁଗୁଡ଼ ବାଲେଶ୍ୱରୀ ସେରକୁ ପ୍ରାୟ ଦଶ ପୁରୁଣା ପଇସା ଥିଲା ଏବଂ ଏହି ମହୁ ସେରକୁ ପ୍ରାୟ ଏକ ଟଙ୍କାରେ ବିକ୍ରି ହେଉଥିଲା । ପରେ ସରକାର ରତଳାଂରେ ଗୋଟିଏ ମହୁମାଛି ପାଳନ କେନ୍ଦ୍ର ବସାଇଲେ । ଅରଙ୍ଗାବାଦର ବଳରାମ ଧଳ ସେଠାରେ କର୍ମୀ ରହିଲେ । ମଧୁକାର ସମବାୟ ସମିତି ଗଢ଼ା ହୋଇଥିଲା ।

(ଙ) ଖଦୀର ପ୍ରସାର- ପୂର୍ବେ କୁହାଯାଇଛି ଯେ ସୂତାକଟା ଓ ଲୁଗାବୁଣା ଅଳ୍ପ ପରିମାଣରେ ଚାଲିଥିଲା । ଆନନ୍ଦପୁରରେ ଯୋଗୀ-ମା ଡ଼ିହରେ ଏକ ସ୍ୱତନ୍ତ୍ର ଘରେ ଏହାର ଟ୍ରେନିଂ କେନ୍ଦ୍ର ଖୋଲିଲା । କିଶୋରନଗର ଥାନାର ରାମଚନ୍ଦ୍ରପୁରବାସୀ ସ୍ୱାଧୀନତା-ସଂଗ୍ରାମୀ ବ୍ରଜମୋହନ ସିଂହ (ଡ଼ାକନାମ ଚାଟୁବାବୁ) ଏହାର ପରିଚାଳକ ହେଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶିକ୍ଷାର୍ଥୀ ଏଠାରେ ଟ୍ରେନିଂ ପାଇଲେ । କପାଚାଷ, ତୁଳା ସୁଆଁରିବା, ଭିଣିବା, ଅରଟରେ ସୂତାକାଟିବା, ଅରଟ ସଜାଡ଼ିବା, ଲୁଗାବୁଣା ଆଦି ଶିକ୍ଷା ଦିଆଗଲା । ନିଖିଳ ଭାରତ ଚରଖା ସଙ୍ଘର ଉତ୍କଳ ଶାଖାର ପୂର୍ବରୁ ସମ୍ପାଦକ ଗୋପବନ୍ଧୁ ଚୌଧୁରୀ ଥିଲେ । ତାଙ୍କର ମାର୍ଗଦର୍ଶନରେ କାର୍ଯ୍ୟ ହେଉଥିଲା । ଅନ୍ତର୍ଯ୍ୟାମୀ ପଣ୍ଡା (ଘର ଖଜୁରିଆ, ପୋ. ଅ. ରାମଚନ୍ଦ୍ରପୁର, ଗଞ୍ଜାମ ଜିଲ୍ଲା) ଏହାର ଅଡ଼ିଟର ଥିଲେ । କ୍ରମେ ମଗନ ଚରଖାରେ ଦୁଇ ହାତରେ ୨ଟି ସୂତା ଏକା ସମୟରେ କାଟିବା, ଧନୁଷ-ତକଲି, କିସାନଚରଖା, ବାକ୍‌ସ ଅରଟ ମଧ ବାହାରିଲା । ମନମୋହନ ଚୌଧୁରୀଙ୍କର ଦାୟିତ୍ୱରେ ଆଉ ଏକ ଘରେ ଖଦୀ ସରଞ୍ଜାମ-କାର୍ଯ୍ୟାଳୟ ଚାଲିଲା । ଅରଙ୍ଗାବାଦର ରଘୁ, ଚନ୍ଦ୍ରଶେଖରପୁରର ଉଦ୍ଧବ, ଧାନପୁରର ସୋମନାଥ ଓ ଭାବ ଆଦି ଚାହିଦା

Digitized by PPRACHIN, SOA

ଅନୁସାରେ ଖଦଡ଼ ଲୁଗାପଟା ବୁଣିଦେଲେ । ଖଦଡ଼ ସୂତାରେ ମଶାରି ସୁଦ୍ଧା ବୁଣା ହେଲା । କାରଣ ଗାନ୍ଧୀ ସେବା ସଂଘର ବ୍ରତଧାରୀମାନେ ମିଲ୍ ସୂତାର ମଶାରି ବ୍ୟବହାର କରୁ ନଥିଲେ ।

ଅଲେଖ ପ୍ରସାଦ ଦାସ ୧୯୩୭ରୁ ପ୍ରାୟ ମାର୍ଚ୍ଚ ୧୯୪୨ ପର୍ଯ୍ୟନ୍ତ ବରୀରେ ଏହାର ହିସାବ-ରକ୍ଷକ ଥିଲେ । ତାଙ୍କର ମୂଳ ଘର କଳକଳାରେ ।

(ଚ) - ଚମଡ଼ା କାମ- ଗୋରୁ ମରିଗଲେ ଲୋକେ ତାହାକୁ ମଶାଣିରେ ବା ଗ୍ରାମ ବାହାରର ପଦାରେ ଫିଙ୍ଗି ଦେଉଥିଲେ । ଯେଉଁଠାରେ ସମ୍ଭବ ହେଉଥିଲା, ବାହାରୁ ମୁସଲମାନ ବେପାରୀ ହାଡ଼ି, ତୂମଙ୍କ ଦ୍ୱାରା ଚମଡ଼ା ଉତାରି ଲୁଣ ଦେଇ, ଓଡ଼ିଶା ବାହାରକୁ ରପ୍ତାନି କରୁଥିଲେ । ହାଡ଼, ଶିଙ୍ଗ, ଖୁରା ମଧ ବାହାରକୁ ରପ୍ତାନି ହେଉଥିଲା । ବହୁ ବର୍ଷ ପୂର୍ବେ ମଧୁବାବୁ (ଦାସ) କଟକରେ ଉତ୍କଳ ଟ୍ୟାନେରି ପ୍ରତିଷ୍ଠା କରାଇ, ଅତି ସୁନ୍ଦର ଯୋତା ତିଆରି କରାଉଥିଲେ । ଏହି ଯୋତା ବିଦେଶକୁ ସୁଦ୍ଧା ରପ୍ତାନି ହେଉଥିଲା । ଗାନ୍ଧିଜୀ ମଧୁବାବୁଙ୍କୁ ବଡ଼ ପ୍ରଶଂସା କରୁଥିଲେ । ଗୋରୁ ଗାଈ ସ୍ୱାଭାବିକ ଭାବରେ ମଲେ-କଂସାଇଖାନାରେ ହଣା ହୋଇ ନଥିଲେ-ସେମାନଙ୍କର ଚମଡ଼ାରେ ଚଟି, ଚପଲ, ଯୋତା ଆଦି ତିଆରିକୁ ଗାନ୍ଧୀଜୀ ଓ ଗାନ୍ଧୀ ସେବା ସଙ୍ଘର ସଦସ୍ୟମାନେ ଅହିଂସକ ପଦାର୍ଥ କହୁଥିଲେ ଓ ବ୍ୟବହାର କରୁଥିଲେ, ଏବଂ ବ୍ୟବହାର କରିବା ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଉଥିଲେ । ଏହି ବିଚାରରେ ବରୀରେ ଗୋଟିଏ କୁଟୀର ଚମଡ଼ା କେନ୍ଦ୍ର ପ୍ରତିଷ୍ଠା ହେଲା । ବିଖ୍ୟାତ ରସାୟନବିତ୍ ସତୀଶଚନ୍ଦ୍ର ଦାସଗୁପ୍ତା- ଯେ ବେଙ୍ଗଲ କେମିକ୍ୟାଲ ଏଣ୍ଡ ଫାର୍ମାସିଉଟିକ୍ୟାଲ କମ୍ପାନୀ ପ୍ରତିଷ୍ଠାର ଜଣେ ମୁଖ୍ୟ ବ୍ୟକ୍ତିଥିଲେ ତାଙ୍କଠାରୁ ଆଳୀର ବଂଶୀଧର ନାୟକ ସେହି ଚମଡ଼ା କାମ ୨ ୨ ବର୍ଷ ଶିଖିଥିଲେ । ମନମୋହନ ଚୌଧୁରୀ ମଧ ସତୀଶବାବୁଙ୍କଠାରେ ରହି ଶସ୍ତା ଔଷଧ ତିଆରି ଶିଖିଥିଲେ ଏବଂ ଏ ଚମଡ଼ା କାମ ଦେଖିଥିଲେ । ଚିକଣାର ବୈଦ୍ୟନାଥ ଦାସ (ଜାତିରେ ବ୍ରାହ୍ମଣ) ଗାନ୍ଧୀଜୀଙ୍କର ସାବରମତୀ ଆଶ୍ରମରେ ଥାଇ ଚମଡ଼ା କାମ କିଛି ଶିଖିଥିଲେ । ଏମାନେ ବରୀରେ ଗୋଟିଏ କ୍ଷୁଦ୍ର କଟେଜ୍-ଟ୍ୟାନେରି କଲେ । ମଲା ଗୋରୁର ଚମଡ଼ା ଉତାରିବା, ତାକୁ ଟ୍ୟାନ୍ କରିବା ଓ ସେହି ଚମଡ଼ାରେ ସାଧାରଣ ବ୍ୟବହାର୍ଯ୍ୟ ଚପଲ ଆଦି ତିଆରି କାମ ଚାଲିଲା । ବରୀର ଦଳିତ୍‌ଗୁଡ଼ିକ କଞ୍ଚା ଚମଡ଼ା ଯୋଗାଉଥିଲେ ।

ତୁଳା ଭିଣିବା ପାଇଁ ଭିଣାରେ ତନ୍ତ ଦରକାର । ଚାରିନଙ୍ଗଳ (ବିରୂପା ନଦୀ କୂଳରେ ବଡ଼ ମୁସଲମାନ ବସ୍ତି)ରୁ ପୁନୀ ଆଣି ରାମପୁରର ଗୋରାଚାନ୍ଦ ସାମଲ ଓ ପରେ ଦୁର୍ଗାଚରଣ ସାମଲ ତନ୍ତ ତିଆରି କରୁଥିଲେ । ଏହି ତନ୍ତ ବରୀର ବାହାରକୁ ମଧ ଯାଉଥିଲା ଏବଂ ପରେ

Digitized by PPRACHIN, SOA

ମୌଳିକ ସ୍କୁଲମାନଙ୍କରେ ତୁଳାଭିଣା ଯାଉ ଥିଲା । ତଥାକଥିତ ଉଚ୍ଚ ହିନ୍ଦୁ ଏହି କାମ କରିବାରୁ କେତେକଙ୍କ ମନରୁ ଜାତିର ଅଭିମାନ ଦୂର ହେଉଥିଲା ।

ଗୁଣନିଧି ମହାନ୍ତିଙ୍କର ଘର ଥିଲା କାଠଯୋଡ଼ି ଓ ସିଡୁଆ ନଦୀର ମଧ୍ୟବର୍ତ୍ତୀ ଦେଉଳା ଗ୍ରାମରେ । ସେ ପାଟଣାରୁ ଓଭରସିୟରିଙ୍ଗ ପାସ କରି ସରକାରୀ ଚାକିରୀରେ ଥିଲେ । ସେ ରେଭେନ୍ସା କଲେଜରେ ନୂଆ କୋଠା ତିଆରିବେଳେ ଚାକିରୀରେ ଥିଲେ । ସେ ଗାନ୍ଧୀଜୀଙ୍କର ଆହ୍ୱାନରେ ଚାକିରୀ ଛାଡ଼ିଥିଲେ ସେ ୧୯୩୦ରେ ଇଞ୍ଚୁଡ଼ିରେ ଲୁଣ ମାରି ଜେଲ ଯାଇଥିଲେ ଏବଂ ଗ୍ରାମୋଦ୍ୟୋଗ କାର୍ଯ୍ୟକୁ ବଡ଼ ପସନ୍ଦ କରୁଥିଲେ । ବରୀରେ ସେ ଆଶ୍ରମ ଘର ତିଆରିରେ ଓ ଅନ୍ୟ କାର୍ଯ୍ୟରେ ଜଣେ ବଡ଼ ସହାୟକ ଥିଲେ । କଟକର ଓକିଲ ସତ୍ୟନାରାୟଣ ସେନଗୁପ୍ତ ଗାନ୍ଧୀ-ପ୍ରେମୀ ଥିଲେ । ତାଙ୍କର ପୁତୁରା ନୃପେନ୍ଦ୍ର ସତ୍ୟନାରାୟଣ ସେନଗୁପ୍ତ ମଧ ଗାନ୍ଧୀ ପ୍ରେମୀ ଥିଲେ । ଅବିବାହିତ ଓ କଳାବିତ୍ ଥିଲେ ଏବଂ ଡ଼ାକ୍ତରୀ ଚିକିତ୍ସା ଜାଣିଥିଲେ । ସେ ବରୀକୁ ଆସି କେତେ ସମୟ ରୋଗୀ ଚିକିତ୍ସାରେ ସାହାଯ୍ୟ କରିଥିଲେ ଏବଂ ସ୍ୱାସ୍ଥ୍ୟ ବିଷୟକ ଚାର୍ଟ କରି ଗ୍ରାମବାସୀଙ୍କୁ ବୁଝାଇଥିଲେ ।

ଗାନ୍ଧୀଜୀଙ୍କର ବରୀରେ ହରିଜନ ପଦଯାତ୍ରାକୁ ସ୍ମରଣ କରି ପ୍ରତିବର୍ଷ ମେ ମାସର ୩ ତାରିଖରେ ହରିଜନ ମେଳା ବରୀରେ ହେଲା । ଇନ୍ଦୁପୁରରୁ କଂଗ୍ରେସ ଲୋକ ନାରାୟଣଚନ୍ଦ୍ର ଦାସ, କଟକର ଜଗଦେବ ପ୍ରଭୃତି ଆସି ଏଥିରେ ଅଂଶଗ୍ରହଣ କରୁଥିଲେ । ବଙ୍ଗଳାରୁ ସତୀଶ ଚନ୍ଦ୍ର ଦାସଗୁପ୍ତା, ଓଡ଼ିଶାର ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ କୃପାସିନ୍ଧୁ ହୋତା, ସୁନାମଣି ଦେବୀ ସତ୍ୟନାରାୟଣ ସେନଗୁପ୍ତ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, କଣ୍ଟାପାରିର ଜଗନ୍ନାଥ ଦାସ ପ୍ରଭୃତି ଯୋଗଦେଇଥିଲେ । ସେହି ଉପଲକ୍ଷେ ବରୀରେ ପ୍ରସ୍ତୁତ ନାନା କୁଟୀର ଶିଳ୍ପ, ଖଦୀ, ସ୍ତ୍ରୀମାନଙ୍କ ଦ୍ୱାରା ତିଆରି କାଇଁଚର ପଦାର୍ଥ, ଆଦିର ଏକ ଚିତ୍ତାକର୍ଷକ ପ୍ରଦର୍ଶନୀ ହୋଇଥିଲା ।

(ଛ) ହରିଜନମାନଙ୍କର ମନ୍ଦିର-ପ୍ରବେଶ- ଗାନ୍ଧୀଜୀଙ୍କୁ ୧୯୩୪ରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ବାମନଚରଣ ଦାସ ଓ ପୁତ୍ର ନବକିଶୋର ବାବୁ ନିଜର କୁଳଦେବତାଙ୍କ ମନ୍ଦିରରେ ହରିଜନମାନଙ୍କୁ ପ୍ରବିଷ୍ଟ କରାଇଲେ । ଏଥିରେ ନେଉଳାର ହରିଶ୍ଚନ୍ଦ୍ର ଦାସ, ଆନନ୍ଦପୁରର ଭଗୀରଥ ଦାସ, ଅରଙ୍ଗାବାଦର ଗୋବର୍ଦ୍ଧନ ପ୍ରଧାନ ଓ ଆର୍ତ୍ତବନ୍ଧୁ ମହାନ୍ତି ଆଦି ସାହାଯ୍ୟ କରିଥିଲେ । ଆର୍ତ୍ତବନ୍ଧୁ ବାବୁଙ୍କର ପରିବାରକୁ ଲୋକେ ସାମାଜିକ ବାସନ୍ଦ କରିବାରୁ ସେମାନେ ବଡ଼ ହଇରାଣ ହେଲେ । ରମାଦେବୀ, ବିନୋଦ କାନୁନଗୋ ଆଦି ତାଙ୍କ ପରିବାରରେ ସାହାଯ୍ୟ କରିଥିଲେ ।

Digitized by PPRACHIN, SOA

(ଛ) ସେବାଘରର କାର୍ଯ୍ୟ- ଆଶ୍ରମରେ ରମାଦେବୀ କେତେକ ଝିଅଙ୍କୁ ରଖି ତାଲୀମ ଦେଲେ । ହୃଷୀକେଶ ମିଶ୍ର ସେମାନଙ୍କୁ ରାଷ୍ଟ୍ରଭାଷା ଶିକ୍ଷା ଦେଉଥିଲେ । ଏଠାରେ ରାଷ୍ଟ୍ରଭାଷା ଶିକ୍ଷାର ଏକ ପରୀକ୍ଷାକେନ୍ଦ୍ର ହୋଇଥିଲା । ରାଷ୍ଟ୍ରଭାଷା-ପ୍ରଚାରକ ଅନସୂୟା ପ୍ରସାଦ ପାଠକ ରାଷ୍ଟ୍ରଭାଷା ଶିକ୍ଷାପାଇଁ ରାମଚନ୍ଦ୍ରପୁର ଓ ଧାରପୁରରେ ବ୍ୟବସ୍ଥା କରିଥିଲେ ଏବଂ ନିଜେ ପରିଦର୍ଶନ କରୁଥିଲେ । ଲଛମାନ ଖାଡ଼ଙ୍ଗା ବରୀକୁ ଆସି ଆଶ୍ରମର ଝିଅମାନଙ୍କୁ ସଂଗୀତ ଶିକ୍ଷା ଦେଉଥିଲେ ।

ସତ୍ୟାଗ୍ରହ-ଆଶ୍ରମରେ ବୋଲାହେଉଥିବା ଭୋର ଚାରିଟାରେ ପ୍ରାର୍ଥନାପରେ ସେବାଘରର ଛୋଟ ଝିଅମାନେ ଗୀତ ଅଭ୍ୟାସ କରୁଥିଲେ, କର୍ମୀମାନେ ସୂତା କାଟୁଥିଲେ ।

ଗୋସେବା, ସଫାଇ, ନିତ୍ୟକର୍ମ ପରେ ଜଳଖିଆ ଖାଇସାରି ଛୋଟଝିଅମାନେ ପାଠ ପଢୁଥିଲେ । ବଡ଼ମାନେ ଗାଁ ସଫେଇ, ଗାଁ-ରୋଗୀକୁ ଔଷଧ ଦେବା, ଗୋପବାବୁଙ୍କ ଚିଠିପତ୍ର ଲେଖିବାରେ ସାହାଯ୍ୟ କରିବା, ହିସାବ ରଖିବା ଆଦି କାମ କରୁଥିଲେ । ରୋଷେଇ ଦେଢ଼ଘଣ୍ଟା ମଧ୍ୟରେ ଶେଷ କରିବାର ନିୟମ ଥିଲା । ଗାଁରେ ସୂତାକଟା ଶିଖାଇବା, ପଢ଼ାଇବା ଆଦିରେ ଅଧିକ ସମୟ ଦେବା ଦୃଷ୍ଟିରେ ପିଠାପଣା, ବଡ଼ି, ଆଚାର ଆଦି ତିଆରୀ କରିବା ନିଷିଦ୍ଧ ଥିଲା ।

ଖିଆବେଳେ ଅଧଘଣ୍ଟାଏ ସମସ୍ତେ ମୌନ ରହି ଟକଲୀ ବା ଚରଖାରେ ସୂତାକାଟୁଥିଲେ । ଏହାକୁ ସତ୍ରଯଜ୍ଞ କୁହାଯାଉଥିଲା । ତାହାପରେ ଘଣ୍ଟାଏ "ହରିଜନ" ପତ୍ରିକା ପଢ଼ା ହେଉଥିଲା । ଜଣେ କେହି ପଢୁଥିଲେ, ଗୋପବାବୁ ଓଡ଼ିଆରେ ତର୍ଜମା କରି କହୁଥିଲେ । ତାହା ପରେ କର୍ମୀମାନେ ବିଭିନ୍ନ ଗାଁରେ ସୂତାକଟା, ତୂଳାଭିଣା ଶିଖାଇବାକୁ, ଅକ୍ଷର-ପରିଚୟ କରାଇବାକୁ, ସଦ୍‌ଗ୍ରନ୍ଥ ପଢ଼ି ଶୁଣାଇବାକୁ ଯାଉଥିଲେ । ଗାଁରୁ ଫେରି କର୍ମୀମାନେ ଗାନ୍ଧିକାମ, ବଗିଚାକାମ, ରୋଷେଇ ଆଦି କରୁଥିଲେ । ଛୋଟଝିଅମାନେ ମଧ ବଗିଚାକାମ, ମହୁମାଛି ବାକ୍ସରେ ଯତ୍ନନେବା କାମ କରୁଥିଲେ ।

ସୂର୍ଯ୍ୟାସ୍ତ ପୂର୍ବରୁ ରାତ୍ରିଭୋଜନ ଶେଷ ହେଉଥିଲା । କର୍ମୀ ଓ ପିଲାମାନେ ତୂଳା ବାଛିବା, ସିଲେଇ ଆଦି କାମ ସମୟ ଅନୁସାରେ କରୁଥିଲେ । ପ୍ରାର୍ଥନାପରେ ସମସ୍ତେ ନିଜ ନିଜର ସେ ଦିନର କାର୍ଯ୍ୟ ଓ ସମସ୍ୟା ଉପରେ ଆଲୋଚନା କରୁଥିଲେ ଓ ତାହା ଟିପା ହୋଇ ରହୁଥିଲା । ଛୋଟ ଝିଅମାନଙ୍କୁ ହସ୍ତାକ୍ଷର ଲେଖାଇବା ଆଦିକାମ ମଧ ଦେଖିବାକୁ ପଡୁଥିଲା ।

ରାତି ନଅଟାରେ ଶୋଇବାର ଘଣ୍ଟା ପଡୁଥିଲା । ଗାଁରେ ଲୋକେ ଯେପରି ସମୟ ଜାଣିପାରିବେ ସେଥିପାଇଁ ଭୋର ଚାରିଟା, ଦିନ ବାରଟା ଓରାତି ନଅଟାରେ ଘଣ୍ଟା ବାଜୁଥିଲା । ତାହାଅବଧି 'ସେବାଘରେ' ବାଜୁଛି ।

Digitized by PPRACHIN, SOA

(୫) ନାରୀ-ଜାଗରଣ- ଆଶ୍ରମର ଆଲୋଚନାରେ ଯୋଗଦେବା ପାଇଁ ଗ୍ରାମମାନଙ୍କରୁ ସ୍ତ୍ରୀଲୋକ ଆସୁଥିଲେ । ଆଶ୍ରମବାସୀମାନେ ସେମାନଙ୍କୁ ନିଜନିଜର ଘରେ ସୂତାକଟା ଶିଖାଉଥିଲେ, ଗ୍ରାମ-ସଫାଇ କରାଉଥିଲେ ଏବଂ ଗର୍ଭବତୀ ସ୍ତ୍ରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ବୁଝାଉଥିଲେ । ଶିଶୁମାନଙ୍କର ଲାଳନପାଳନ ଓ ରୋଗୀ-ପରିଚର୍ଯ୍ୟା ଶିଖାଉଥିଲେ । ମଙ୍ଗଳାଦେବୀ, ସୁଶୀଳା ଦେବୀ, ହାରାମଣି ଦେବୀ, ଶୋଭା ଦେବୀ ରତଳାଂ, ଏରଡ଼ା, ରାମପୁର, ରତ୍ନଗିରି, ଧାରପୁରରେ ରହି ଏସବୁ କରାଉଥିଲେ ।

ସୁରେନ୍ଦ୍ର ନାଥ ପଟ୍ଟନାୟକ ବରୀ ବାଗେଦା ହରିଜନ ସାହିରେ ଓ ବିନୋଦ କାନୁନଗୋ ଆନନ୍ଦପୁରର ହରିଜନ ସାହିରେ ଆଶ୍ରମ କରି ରହିଲେ । ହରିଜନ ପିଲା ଓ ଯୁବକମାନଙ୍କୁ ତାଲିମ ଦେଲେ । ସେମାନଙ୍କୁ ନିଶା-ନିବାରଣ, ଅସ୍ପୃଶ୍ୟତାବର୍ଜନ, ଆତ୍ମନିର୍ଭରତା ଦିଗରେ ଶିକ୍ଷା ଦେଲେ ଏବଂ ପୂର୍ବେ ବର୍ଣ୍ଣିତ ଅନ୍ୟ ରଚନାତ୍ମକ କାର୍ଯ୍ୟରେ ଲୋକମାନଙ୍କୁ ପ୍ରବର୍ତ୍ତାଇଲେ ।

(୬) ଜିଲ୍ଲାବୋର୍ଡ଼ ନିର୍ବାଚନ- କଂଗ୍ରେସର ମନୋନୀତ ପ୍ରାର୍ଥୀରୂପେ ସଦସ୍ୟ ଭାବରେ ୧୯୩୬ରେ ବିଞ୍ଝାରପୁର ଅଞ୍ଚଳରୁ ଭଗୀରଥ ଦାସ ଠିଆ ହେଲେ । ଚୌଧୁରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱାଧୀନ ପ୍ରାର୍ଥୀରୂପେ ତାଙ୍କର ପ୍ରତିଦ୍ୱନ୍ଦିତା କଲେ । ଗୋପବାବୁ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କଲେ । ଭଗୀରଥବାବୁ ନିର୍ବାଚିତ ହେଲେ । ଗୋପବାବୁ ବରୀରେ ଅନୁପସ୍ଥିତ ଥିବାବେଳେ ନିର୍ବାଚିତ ସଦସ୍ୟଙ୍କ ପକ୍ଷରୁ ଗୋଟିଏ ଶୋଭାଯାତ୍ରା ଚୌଧୁରୀଙ୍କ ସାହିବାଟେ ଯାଇଥିଲା । ଚୌଧୁରୀ କ୍ଷୁବ୍ଧ ହେଲେ । ଗୋପବାବୁ ଆଶ୍ରମକୁ ଫେରି ଏହା ଶୁଣି, ଏହି ଶୋଭାଯାତ୍ରା ଅନୁଚିତ ବୋଲି ରମା ଦେବୀ, ଗୋବର୍ଦ୍ଧନ ପ୍ରଧାନ, ବିନୋଦ କାନୁନଗୋ ଓ ସୁରେନ୍ଦ୍ର ପଟ୍ଟନାୟକଙ୍କୁ ବୁଝାଇଥିଲେ ।

ଡ଼େଲାଙ୍ଗ ଗାନ୍ଧୀସେବା ସଂଘ ସମ୍ମିଳନୀ

୧୯୩୭ରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଶାସନଭାର ନେଲେ । ତା୨୫-୦୩-୧୯୩୮ରେ ପୁରୀ ଜିଲ୍ଲାର ଡ଼େଲାଙ୍ଗ ରେଳଷ୍ଟେସନ ନିକଟ ବେରବୋଇଠାରେ ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ ସାତଦିନ ଅନୁଷ୍ଠିତ ହେଲା । ଗାନ୍ଧୀଜୀ, କସ୍ତୁରବା ଗାନ୍ଧୀ, ମହାଦେବ ଦେସାଇ, ଦୁର୍ଗା ବେନ, କୃପାଲାନୀ, ଆଦି ଯୋଗ ଦେଇଥିଲେ । ବରୀ ଅଞ୍ଚଳରୁ ଚାନ୍ଦା ସଂଗ୍ରହ କରି ସମ୍ମିଳନୀକୁ ପଠାଯାଇଥିଲା, ଆଶ୍ରମ-ବାସୀମାନେ, ଓ ସ୍ୱେଚ୍ଛାସେବକ-ସେବିକା ରୂପେ ଅନେକ ସେହି ସମ୍ମିଳନୀରେ କାର୍ଯ୍ୟ କରିଥିଲେ ।

Digitized by PPRACHIN, SOA

ମୌଳିକ ଶିକ୍ଷା

ନଇତାଲିମ ବା ମୌଳିକ ଶିକ୍ଷା ଗାନ୍ଧୀଜୀଙ୍କର ଗୋଟିଏ ପ୍ରିୟ ରଚନାତ୍ମକ କାର୍ଯ୍ୟ । ଗୋପବାବୁ ବରୀ ଅଞ୍ଚଳର କେତେକ ପ୍ରାଇମେରୀ ସ୍କୁଲ-ଶିକ୍ଷକ ଓ କଂଗ୍ରେସ-ଲୋକଙ୍କୁ ଏହି ନୂଆ ଶିକ୍ଷାର ତାତ୍ପର୍ଯ୍ୟ ବୁଝାଇଲେ । ଅନେକ ଗ୍ରାମର ଲୋକେ ସ୍କୁଲ ପାଇଁ ଜମି ଦାନ କରିବାକୁ ଓ ଶିକ୍ଷାର ଉଦ୍ଦେଶ୍ୟ ପାଳନ କରିବାକୁ ରାଜି ହେଲେ । ଗୋପବନ୍ଧୁ ଚୌଧୁରୀଙ୍କର ସଭାପତିତ୍ୱରେ ଓ କେତେକ ଜଣାଶୁଣା ଶିକ୍ଷାବିତ୍‌ଙ୍କୁ ମେମ୍ବର କରି ଓଡ଼ିଶା ସରକାର ବୋର୍ଡ଼ ଅଫ୍ ବେସିକ୍ ଏଡୁକେସନ୍ ନାମରେ ଏକ ବୋର୍ଡ଼ ଗଢ଼ିଲେ । ମଧ୍ୟପ୍ରଦେଶର ୱାର୍ଦ୍ଧା (ବର୍ତ୍ତମାନ ମହାରାଷ୍ଟ୍ର) ଟ୍ରେନିଂ ପାଇବା ପାଇଁ ସରକାର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା, କାହ୍ନୁ ଚରଣ ମହାନ୍ତି, ଶ୍ରୀନିବାସ ମିଶ୍ର, ଲାଲବିହାରୀ ପଟ୍ଟନାୟକ ଆଦିଙ୍କୁ ପଠାଇଲେ । ଗାନ୍ଧୀ ସେବା ସଂଘ ପକ୍ଷରୁ ଅନ୍ନପୂର୍ଣ୍ଣା ଚୌଧୁରୀ ବ୍ୟତୀତ, ରାମଚନ୍ଦ୍ର ପୁର ଠାରେ ସରକାରୀ ବେସିକ୍ ଟ୍ରେନିଂ ସ୍କୁଲ ଓ ଗୋଟିଏ ଅଭ୍ୟାସ ବିଦ୍ୟାଳୟରେ ତା ୧-୬-୧୯୩୯ରେ କାର୍ଯ୍ୟ ଆରମ୍ଭ କଲେ । ଏମାନେ ସଂପୂର୍ଣ୍ଣରୂପେ ସରକାରୀ କର୍ମଚାରୀ ହେଲେ । ଯୋଜନା ବା ସ୍କୀମ୍ ଅବଶ୍ୟ ଅସ୍ଥାୟୀ ଓ ପରୀକ୍ଷାମୂଳକ ଥିଲା । ଗୋପବାବୁଙ୍କର ମାର୍ଗଦର୍ଶନରେ କାର୍ଯ୍ୟ ଚାଲିଲା ।

ଏହି ସମୟରେ ତା ୩-୯-୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଗାନ୍ଧୀଜୀ ଓ କଂଗ୍ରେସ ଅହିଂସାନୀତି ହେତୁ ଯୁଦ୍ଧକୁ ଓ ଭାରତ ଏଥିରେ ଅଂଶ ଗ୍ରହଣ କରିବାକୁ ବିରୋଧ କଲେ । ଯୁଦ୍ଧ ବିରୋଧରେ ବାଣୀ-ସତ୍ୟାଗ୍ରହ ହେଲା । ବରୀ ଅଞ୍ଚଳରୁ କେତେକ ଲୋକ ଏଥିରେ ଯୋଗ ଦେଇ କାରାବରଣ କଲେ । କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ ଓ କଂଗ୍ରେସ ଏମ୍: ଏଲ୍: ଏ :ମାନେ ଜେଲ ଗଲେ ।

ଓଡ଼ିଶା ସରକାରଙ୍କର ଚୀଫ୍ ସେକ୍ରେଟାରୀ ମ୍ୟାନ୍‌ସଫୀଲଡ଼୍ ସାହେବ ରାମଚନ୍ଦ୍ରପୁରକୁ ଆସି ବୋର୍ଡ଼ର ସଭାପତିଙ୍କ ସହ ଆଲୋଚନା କରି, ଆଉ ଏକ ବର୍ଷ ଏହି ପରୀକ୍ଷାମୂଳକ ଶିକ୍ଷାକୁ ଚଳାଇବାକୁ ନିର୍ଦ୍ଦେଶ ଦେଲେ । ଶିକ୍ଷା ବିଭାଗର ଅନେକ ଉଚ୍ଚ କର୍ମଚାରୀ ଆସି ଏହି ଶିକ୍ଷାର କାର୍ଯ୍ୟ ଓ ହିନ୍ଦୁସ୍ତାନୀ ତାଲିମ ସଙ୍ଘର ସମ୍ପାଦକ ଇ: ଡ଼ବ୍ଲ୍ୟୁ : ଆର୍ଯ୍ୟନାୟକମ୍ ଦେଖି ଏକପ୍ରକାରେ ସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର ଶେଷରେ ଡ଼ିରେକ୍ଟର (ଶ୍ୟାମଚରଣ ତ୍ରିପାଠୀ) ଆସି ସ୍କୁଲମାନ ପରିଦର୍ଶନ କରି ରିପୋର୍ଟ ଦେଲେ । ସରକାର ତା ୧ ମାର୍ଚ୍ଚ, ୪୧ରୁ ଏ ଶିକ୍ଷାକୁ ପୂର୍ଣ୍ଣରୂପେ ବନ୍ଦ କରିଦେଲେ । କେତେକ ଶିକ୍ଷକ ଓ ଗ୍ରାମର ବାସିନ୍ଦାମାନଙ୍କର ଆଗ୍ରହରେ ସେହି ୧ ମାର୍ଚ୍ଚରୁ ବେସରକାରୀ ମୌଳିକ ଶିକ୍ଷା ଚାଲିଲା । ଉତ୍କଳ ମୌଳିକ ଶିକ୍ଷା ପରିଷଦ ତା ୬

Digitized by PPRACHIN, SOA

୪-୪୯ରେ ଗଢ଼ା ହେଲା । ଆଚାର୍ଯ୍ୟ ହରିହର ଦାସ ସଭାପତି ଓ ଗୋପବନ୍ଧୁ ଚୌଧୁରୀ ସମ୍ପାଦକ ଏବଂ କେତେକ ଶିକ୍ଷାବିତ୍-ସମାଜସେବୀ-ସେବିକା ସଦସ୍ୟ ରହିଲେ । ପ୍ରଥମେ ସରକାରୀ ସ୍କୁଲ ରାମଚନ୍ଦ୍ରପୁର, ଚନ୍ଦନପୁର, ଧାରପୁର, ହଳଦୀବସନ୍ତ, ଅଲିଆବାଦ, ରତ୍ନଗିରି, ପଟଣା, ଗମ୍ଭୁ, ହାଟସାହି, କାଇପଡ଼ା, ଅନ୍ୟାସୀପୁର, ବେଣ୍ଟାରପୁର, ବାଲିବିଲ, ଅରଙ୍ଗାବାଦ, ରତଳଂ ଗ୍ରାମମାନଙ୍କରେ ଥିଲା । ବେସରକାରୀ ଭାବରେ ରତଳଂ, ଅରଙ୍ଗାବାଦ, ବାଲିବିଲ, ଅନ୍ୟାସୀପୁର, ହାଟସାହି, ହଳଦୀବସନ୍ତ, ଧାରପୁର ଓ ରାମଚନ୍ଦ୍ର ପୁରରେ ସ୍କୁଲ ରହିଲା ।

"ଭାରତ ଛାଡ଼" ଆନ୍ଦୋଳନ

ନିଖିଳ ଭାରତ କଂଗ୍ରେସ କମିଟି ବମ୍ବେରେ ତା ୮ ଅଗଷ୍ଟ, ୧୯୪୨ ମସିହାରେ ଐତିହାସିକ "ଭାରତ ଛାଡ଼" ପ୍ରସ୍ତାବ ପାସ୍ କଲେ । ବ୍ରିଟିଶ ସରକାର ୨ମାସ ପୂର୍ବରୁ ତାଲିକା ପ୍ରସ୍ତୁତ କରି ରଖିଥିଲେ ଯେ ଏ ପ୍ରସ୍ତାବ ପାସ୍ ହେଲା ମାତ୍ରେ ଭାରତରେ କାହାକୁ କାହାକୁ ଗିରଫ୍ କରିବେ । ଗାନ୍ଧୀଜୀ ପ୍ରଭୃତି ବମ୍ବେରେ ସେହି ରାତିରେ ଗିରଫ ହେଲେ । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ବମ୍ବେକୁ ଯାଇନଥିଲେ । ପୋଲିସ ଏ ଦୁହିଁକୁ ତା ୯ ଅଗଷ୍ଟ ସକାଳେ କଟକରେ ଗିରଫ କରି କଟକ ଜେଲ୍‌କୁ ପଠାଇଦେଲେ । ଏ ଖବର ବିଦ୍ୟୁତ-ବେଗରେ ପ୍ରଚାରିତ ହୋଇଗଲା । ବିଞ୍ଝାରପୁର ପୋଲିସ ସ:ଇ: ତା ୯ରେ ଉପରଓଳି ବରୀର ସେବାଘରେ ଗୁଣନିଧି ମହାନ୍ତି, ମଙ୍ଗଳା ସେନଗୁପ୍ତଙ୍କୁ ଗିରଫ୍ କରି ଯାଜପୁର ସବ୍‌ଜେଲ୍‌କୁ ପଠାଇଦେଲେ । ମନମୋହନ ଚୌଧୁରୀ ବରୀରେ ନଥିଲେ । ତା ୧୬-୮-୪୨ରେ ବେସରକାରୀ ମୌଳିକ ବିଦ୍ୟାଳୟଗୁଡ଼ିକର ସବୁ ଶିକ୍ଷକ ସ୍ଥିର କଲେ ଯେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବେ ଏବଂ କର୍ମୀମାନେ ଆନ୍ଦୋଳନରେ ଯୋଗ ଦେବେ । ସରକାରଙ୍କ ଶାସନକୁ ଅଚଳ କରିଦେବା, ମରଣସେନା ଓ ଶାନ୍ତିସେନା ଗଢ଼ିବା, ଗଞ୍ଜେଇ ଓ ଅଫିମ ଦୋକାନ ବନ୍ଦ କରାଇବା, ପ୍ରତି ଗାଁରେ ପଞ୍ଚାୟତ ଗଢ଼ି କଳିକଜିଆ ଗ୍ରାମବାସୀମାନେ ନିଷ୍ପତ୍ତି କରିବା, ଆଦି କାର୍ଯ୍ୟକ୍ରମ ସ୍ଥିର ହେଲା । ବମ୍ବେରୁ ଗୁପ୍ତଭାବରେ ପ୍ରେରିତ ଛାପା କାର୍ଯ୍ୟକ୍ରମ ଆସିଥିଲା । ତାହା ଯାଜପୁର ଟାଉନ୍, ବାଲେଶ୍ୱର ଜିଲ୍ଲାର କଣ୍ଟାପାରିକୁ ପଠାଗଲା । ଆର୍ତ୍ତବନ୍ଧୁ ମହାନ୍ତି, ଋଷି ବେହେରା, କୃଷ୍ଣଚନ୍ଦ୍ର ସାହୁ, ଗୋଲକ ବିହାରୀ ନାୟକ, ଗୋପୀନାଥ ଦାସ, ବାଞ୍ଛାନିଧି ଦାସ, ମଧୁସୂଦନ ମିଶ୍ର, ଶ୍ୟାମସୁନ୍ଦର ପାଣିଗ୍ରାହୀ, ସଦାଶିବ ମିଶ୍ର ଗୁରୁଜୀମାନେ (ଶିକ୍ଷକମାନେ) ଏବଂ ଜଗନ୍ନାଥ ଦାସ, ବସୁଦେବ ସାମଲ, ମଧୁସୂଦନ ନନ୍ଦ (ପୁରୀ), ରାଧାକୃଷ୍ଣ ସାମଲ ଆଦି ଏସବୁ କାର୍ଯ୍ୟକ୍ରମରେ ମାତିଗଲେ । ଭଗୀରଥ ଦାସ ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଉଥିଲେ ଓ ବାଲିଆପାଳର

Digitized by PPRACHIN, SOA

ବାଞ୍ଛାନିଧି ଦାସ ଜାତୀୟ ସଙ୍ଗୀତ ସଭାରେ ବୋଲୁଥିଲେ । ବାଲିଆପାଳଠାରୁ କାଇପଡ଼ା ଏବଂ ରତଳାଂ ଠାରୁ ବେଣୀପୁର ପର୍ଯ୍ୟନ୍ତ ଦକ୍ଷିଣ ବିଞ୍ଝାରପୁର ଅଞ୍ଚଳରେ ଅସହଯୋଗ ଓ ଏହି ନୂତନ କାର୍ଯ୍ୟକ୍ରମ କ୍ଷିପ୍ର ଗତିରେ ପ୍ରସାରିତ ହୋଇଗଲା । ଅନେକ ଚୌକିଦାର ଓ ଦଫାଦରଙ୍କର ହୋଦା ବାହାର କରି ଆଣି ଏମାନେ ଓ ଲୋକେ ପୋଡ଼ିଦେଲେ । ତା ୨୧-୮-୪୨ରେ ଭଗୀରଥ ଦାସ, ପ୍ରିୟମ୍ବଦା ଦେବୀ ଓ ଗୋଦାବରୀ ଦେବୀ ଗିରଫ୍ ହୋଇଗଲେ । ତା ୧୮-୮-୪୨ରେ ରାଧାକୃଷ୍ଣ ସାମଲ, ବାସୁଦେବ ସାମଲ, ଋଷି ବେହେରା, ଭୁବନାନନ୍ଦ ସ୍ୱାଇଁ, ମଧୁସୂଦନ ନନ୍ଦ କାଇପଡ଼ା ଡ଼ାକଘରର ମେଞ୍ଚାଏ ଅଲେଖା ଫର୍ମ ଆଣି ଡ଼ାକଘରର ବାହାରେ ପୋଡ଼ି ଦେଇ ଚାଲିଗଲେ । ପୋଷ୍ଟମାଷ୍ଟର କାହାରି ନିର୍ଦ୍ଦିଷ୍ଟ ନାମ ନଦେଇ, ଏ ଘଟଣା କର୍ତ୍ତୃପକ୍ଷଙ୍କୁ ଲେଖିଦେଲେ ।

ଅରଙ୍ଗାବାଦର କେତେକ ଲୋକ ଗ୍ରାମରେ ସଭା ଓ ପଞ୍ଚାୟତ ଗଠନ କରାଇ ଦେଲେ ନାହିଁ । କାରଣ, ସେଠାରେ ଦୁଇ ଦଳ ଥିଲେ । ସେ ଗ୍ରାମର ଗୋଖେଇ ଜେନା (ବ୍ୟବସାୟୀ) ଓ ପୁହାଣ ପରିବାର ମଧ୍ୟରେ ଥିବା ପୂର୍ବକଳି ତା ୨୨-୮-୪୨ରେ ଉଗ୍ର ରୂପ ଧାରଣ କଲା । ବୁଲେଇ ମଳିକ ନାମକ ଜଣେ ଲୋକ ଗୁରୁତର ଆଘାତ ପାଇ ତା ୨-୯-୪୨ରେ ଡ଼ାକ୍ତରଖାନାରେ ପ୍ରାଣତ୍ୟାଗ କଲେ । କେତେକ ଲୋକ ଜେନାଙ୍କର ଦୋକାନକୁ ଲୁଟି ନେଲେ ଓ ଦୂରରେ ଥିବା ତାଙ୍କର ଗୋଟିଏ ଖଞ୍ଜା ଘରକୁ ପୋଡ଼ିଦେଲେ । ଏଥିରେ ସୁଶୀଳା ଦେବୀ (ଆଶ୍ରମର କର୍ମୀ) ବାଧା ଦେବାକୁ ଯିବାରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଆଡ଼େଇ ଦେଲେ । ଗୋବର୍ଦ୍ଧନ ପୁହାଣ ଗୋଖେଇ ଜେନାଙ୍କର ଗୋଟିଏ କିଶୋର ବୟସର ପୁଅକୁ ନିଜ ଘରେ ନିରାପଦରେ ରଖିନେଲେ । ଅବସ୍ଥା ଶାନ୍ତ ହେଲାରୁ ତାହାର ଘରକୁ ପଠାଇଦେଲେ । ଏହି ଘଟଣା ଜାଣି ବିଞ୍ଝାରପୁରରୁ ପୋଲିସ ଆସି ଉଭୟ ପକ୍ଷର ଅନେକ ଲୋକଙ୍କୁ ଗିରଫ କରି ଫୌଜଦାରି ମକଦ୍ଦମା ସୁପର୍ଦ୍ଦ କଲେ ।

ସମ୍ରାଟ୍ ବୋରିମାନ୍

ସେସନ୍ସ୍ କେସ୍ ୧୯୪୩ ମସିହାରେ ନମ୍ବର ୩୬ର ରାୟ ତା ୩୧-୧-୧୯୪୪ରେ ଦିଆଗଲା । କଟକ ସମ୍ବଲପୁରର ଆଡ଼ିସନାଲ ସେସନ୍ସ୍ ଜଜ୍ ରାୟବାହାଦୁର ଚାରୁଚନ୍ଦ୍ର କୋଅରୀ । ମୁଦେଇ-ଭାରତ ସମ୍ରାଟ୍ । ମୁଦାଲାମାନେ ୧-- କିଶୋରୀ ପୁହାଣ ୨--ଦୁର୍ଯ୍ୟୋଧନ ପୁହାଣ ୩-- ବିମ୍ବାଧର ସ୍ୱାଇଁ ୪- ବଳରାମ ଧଳ ୧୦--ଗୋବର୍ଦ୍ଧନ ପୁହାଣ, ୨୬-- ଟୁନା ବନାମ ରାମଜନ ଖାଁ, ୨୭-- ମାୟାଧର ମହାନ୍ତି, ୨୮ -- ଗୌରୀ ପୁହାଣ ୨୯-

Digitized by PPRACHIN, SOA

- ବୃନ୍ଦାବନ ପୁହାଣ ୩୦-- ତଉଲି ମଳିକ ।

ପୃ ୧୦-ତା ୨୪-୮-୪୨ରେ ଚାନ୍ଦମଣି ଜେନା ଲିଖିତ ଆପତ୍ତି ଡ଼ିଷ୍ଟ୍ରିକ୍ଟ ମ୍ୟାଜିଷ୍ଟ୍ରେଟ୍‌ଙ୍କୁ ତାଙ୍କ କୋଠିରେ ଦେଲେ ।

ପୃ ୩୩-- ଅଗଷ୍ଟ ୧୯୪୨ର ଆନ୍ଦୋଳନ ଓ ସମୂହ ଜୋରିମାନା ସମ୍ବନ୍ଧରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଆବେଦନ ଲେଖିଥିଲେ ।

ପୃ ୪୧-- ଦିବାକର ପଟ୍ଟନାୟକ-- ସର୍କଲ ପୋଲିସ ଇନ୍‌ସପେକ୍ଟର ଈଶ୍ୱର ରାଉତରାୟ-ଡ୍ରିଲ ସବ୍‌ଇନ୍‌ସପେକ୍ଟର, ଲକ୍ଷ୍ମଣ ମିଶ୍ର-- ପୋଲିସ ଡ଼େପୁଟି ସୁପରିନ୍‌ଟେଣ୍ଡେଣ୍ଟ, ନାରାୟଣ ପ୍ରସାଦ ମହାନ୍ତି-- ସହକାରୀ ପୋଲିସ ସ. ଇ. ବିଞ୍ଝାରପୁରର ଓ ନବାବ ଖାଁ-- ପୋଲିସ ସବ୍‌ଇନ୍‌ସପେକ୍ଟର ।

ପୃ ୪୩-- ଏ. ଡ଼ି. ଏମ୍ ଆଦି ତା ୩୧-୮-୪୨ରେ ବରୀ ଡ଼ାକବଙ୍ଗଳାରେ ପହଞ୍ଚିଲେ ।

ପୃ ୮୬-- ଗୋଖେଇ ଜେନାଙ୍କର ପୁଅ ସୂର୍ଯ୍ୟମଣୀ ଗୋବର୍ଦ୍ଧନ (ପୁହାଣ)ଙ୍କ ଘରେ ନିଜେ ଥିଲେ ଏବଂ ଗୋବର୍ଦ୍ଧନଙ୍କର ସ୍ତ୍ରୀ ତାଙ୍କୁ ମହୁ ଓ ପାଣି ପିଇବାକୁ ଦେଇଥିଲେ ।

ପୃ ୯୪-- ଯାଜପୁର ହସପିଟାଲରେ ବୁଲେଇ ମଳିକ ମରିଗଲେ ।

x x x x

ମାନ୍ୟବର ଜଜ୍ ୧୩୯ ପୃଷ୍ଠାର ବିବରଣୀର ଶେଷରେ ରାୟର ଦଶଜଣଙ୍କୁ ଇଣ୍ଡିଆନ୍ ପେନାଲ୍ କୋଡ୍‌ର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରି ଜେଲ ଓ ଜୋରିମାନା ଦଣ୍ଡଦେଲେ ଏବଂ ବାକୀ ଆସାମୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଲେ । ରାୟର ଶେଷରେ ଉଲ୍ଲେଖ ଥିଲା ଯେ ୧୯୪୨ର ଅଗଷ୍ଟ ଆନ୍ଦୋଳନ ସହ ଏହି ମକଦ୍ଦମାର କୌଣସି ସମ୍ପର୍କ ନାହିଁ ।

ପ୍ରକାଶ ଥାଉ କି, ଏହି ଶେଷ ଧାଡ଼ିକ ହେତୁରୁ ବ୍ରିଟିଶ ସରକାର ୧୯୪୬ରେ ସମୂହ ଜୋରିମାନା ଲୋକମାନଙ୍କୁ ଫେରାଇ ଦେଲେ ।

କଳାମାଟିଆରେ ଗୁଳିକାଣ୍ଡ

ପ୍ରତ୍ୟକ୍ଷଦର୍ଶୀ ଇନ୍ଦ୍ରମଣି ତ୍ରିପାଠୀଙ୍କର ଓ ଯାଜପୁରର ସେକେଣ୍ଡ ଅଫିସରଙ୍କର ପେସ୍କାର ଏଡ୍‌ୱିନ୍ ସୁକୁମାର ଦାସଙ୍କର ବିବରଣୀ : ସାରକଥା- ଯାଜପୁରରେ ଏସ୍. ଡ଼ି. ଓ. ରତ୍ନାକର ଷଡ଼ଙ୍ଗୀ ଥିଲେ । ସେକେଣ୍ଡ ଅଫିସର ଗୋପାଳ ରାଓ ପଟ୍ଟନାୟକ, ଡ଼ି. ଏସ୍. ପି. ଲକ୍ଷ୍ମଣ ମିଶ୍ର,

Digitized by PPRACHIN, SOA

ବିଞ୍ଝାରପୁରର ପୋଲିସ ସ. ଇ. ନବାବ ଖାଁ, ୨୭ ଜଣ ବନ୍ଧୁକଧାରୀ ବିହାରୀ ଫୌଜ ଓ ପେସ୍କାର ଶ୍ରୀ ସୁକୁମାର ଦାସ ତା ୨୫-୮-୪୨ର ସନ୍ଧ୍ୟାରେ କାଇପଡ଼ା ଉ. ପ୍ରା. ସ୍କୁଲ ଘରେ ପହଞ୍ଚି ରହିଲେ । ତା ୨୬ ସକାଳେ କେତେଜଣ ପୁଲିସ ଓ ଶ୍ରୀ ଲକ୍ଷ୍ମଣ ମିଶ୍ର ବ୍ରାହ୍ମଣୀର ଉତ୍ତର କୂଳରେ ବୁଲି କାଇପଡ଼ା କାଠଗୋଲାରେ ପହଞ୍ଚିଲେ । କୃଷ୍ଣନଗର ଗ୍ରାମରୁ କେତେକ ଲୋକ ସେଠାରେ ଏକତ୍ର ହୋଇସାରିଥିଲେ । ପୋଲିସ ସେମାନଙ୍କୁ ସେଠାରୁ ବାହାରି ଯିବାକୁ ଧମକ ଦେଲେ । ପୋଲିସ ବିଦ୍ୟାଧର ରାୟ, ଇନ୍ଦ୍ରମଣି ତ୍ରିପାଠୀ, ହୃଷୀକେଶ ରାୟ, ଅନାମ, ଡମ୍ବରୁଧର, ବେଣୁଧର ସାମଲ, ରସାନନ୍ଦ ଶୁକ୍ଳଙ୍କୁ ଗିରଫ କରି ଉକ୍ତ ସ୍କୁଲଘରକୁ ଆଣିଲେ । ନବାବ ଖାଁ ଜଣଙ୍କୁ ଅପମାନ କରି କହିବାରୁ ଲକ୍ଷ୍ମଣ ମିଶ୍ର ନବାବ ଖାଁଙ୍କୁ ଚୁପ୍ ରହିବାକୁ କହିଲେ ।

ପୁଣି ଅନେକ ଲୋକ ଅନ୍ୟାସୀପୁରରେ ଗଦାଧର ପାଲିତଙ୍କ ବାହାର ଅଗଣାରେ ଏକତ୍ର ହେଲେ । ଋଷି ବେହେରା (ଶିକ୍ଷକ) ଓ ଅନ୍ନପୂର୍ଣ୍ଣା ମହାରଣା ଲୋକଙ୍କୁ କହିଲେ- ପୋଲିସଙ୍କ ହାତରେ ବନ୍ଧୁକ ଅଛି, ଆପଣମାନେ ବନ୍ଦୀମାନଙ୍କୁ ଛଡ଼ାଇ ଆଣିବାକୁ ଯିବା ଆଦୌ ଠିକ୍ ନୁହେଁ । ନିର୍ଦ୍ଦୋଷ ଲୋକଙ୍କୁ ଛାଡ଼ି ଦେବାପାଇଁ ଅଫିସରଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ନିବେଦନ କରିପାରନ୍ତି । ଏହା କହୁଁ କହୁଁ ଲୋକେ ସିଧା ବିଲବାଟେ ପୋଲିସଙ୍କର ନୌକା ପାଖକୁ ପାଟକୁ ଦଉଡ଼ିଲେ । ସେତେବେଳକୁ ଅଫିସରମାନେ ବନ୍ଦୀ ଲୋକ ଓ ଅନ୍ୟାସୀପୁରର ମୁକ୍ତେଶ୍ୱର ମିଶ୍ର ଓ ଭଗବାନ୍ ପତିଙ୍କୁ ନେଇ ବିଞ୍ଝାରପୁର ଅଭିମୁଖେ ବାହାରୁଥିଲେ । ପ୍ରାୟ ଏକ ହଜାର ଲୋକ ଜମା ହୋଇଗଲେ ।

ବର୍ଷାଦିନ ଓ ବିଲପାଟ ଯୋଗୁଁ କେତେକ ଲୋକଙ୍କ ହାତରେ ଛତା ଓ ବାଡ଼ିଥିଲା । ଫୌଜ ଅଫିସରମାନଙ୍କୁ ଓ ବନ୍ଦୀମାନଙ୍କୁ ମଝିରେରଖି ବ୍ୟୁହ ରଚନା କରିଦେଲେ । ହଠାତ୍ ମାୟାଧର ଭୂୟାଁ ପୋଲିସଙ୍କଠାକୁ ଦଉଡ଼ିଯାଇ ଜଣେ ସିପାହୀର ବନ୍ଧୁକକୁ ଛଡ଼ାଇ ଆଣିବାକୁ ଟାଣିଲେ । ସେହି ସିପାହୀ ଓ ଆଉ ଜଣେ ସିପାହୀ ଠେଲିବାରୁ ମାୟାଧର ପଛକୁ ହଟି ହଟି ଚିତ୍ ହୋଇ ପଡ଼ିଗଲେ ଏବଂ ସଙ୍ଗୀନକୁ ତାଙ୍କ ବେକ ସନ୍ଧିରେ ପୋଲିସ ଭୂଷି ଦେବାରୁ ସେହିଠାରେ ସେ ପ୍ରାଣତ୍ୟାଗ କଲେ । ସୁକୁମାର ଦାସବାବୁ ଲେଖିଛନ୍ତି ଯେ "ଜଣେ ଲୋକ ଲକ୍ଷ୍ମଣ ବାବୁଙ୍କୁ ଠେଙ୍ଗାରେ ଏକ ପାହାର ବସାଇବାରୁ ଲକ୍ଷ୍ମଣବାବୁ ରିଭଲ୍‌ଭରରୁ ତାଙ୍କୁ ଗୁଳି କଲେ । ସେ ଲୋକ ଜଣକ ମଲେ । ହାବିଲଦାର ଗୁଳି ଚଳାଇବାକୁ ସଙ୍ଗୀମାନଙ୍କୁ ଅର୍ଡ଼ର ଦେଲା । ୬ଜଣ ଗୁଳିଖାଇ, ପଡ଼ିଗଲେ । ଅନ୍ୟ ଜଣେ ଲୋକ ଏକ ବାଡ଼ି ବୁଲାଇ ବୁଲାଇ ଆସୁଥିଲା । ସେ ବାଓନେଟରେ ଭୂଷା ଖାଇଲା । ଆମେ ବନ୍ଦୀଙ୍କୁ ଧରି ଷ୍ଟିମରକୁ କୂଳରୁ ୩୦ ହାତ ଦୂରରେ ରହିଲୁ । କାଇପଡ଼ା ସ୍କୁଲରେ ଆମେ ଛାଡ଼ି ଆସିଥିବା ସିପାହୀଙ୍କୁ ବିପଦ ପଡ଼ିପାରେ, ଆମଙ୍କ

Digitized by PPRACHIN, SOA

କରି ମୁଁ ୨୦ଜଣ ସିପାହୀ ନେଇ ସେଠାକୁ ଗଲି । ସେତେବେଳକୁ ପ୍ରାୟ ୩ ହଜାର ଲୋକ ଜମା ହୋଇଯାଇଥିଲେ । ହାତରେ ଗୁଳିମାତ୍ର ଖାଇଥିବା ଗୋଟିଏ ବାଳକକୁ ଧରି ବୃନ୍ଦାଦେବୀ ଠିଆ ହୋଇଥିଲେ । ସେ ଫୌଜକୁ ଧିକ୍କାର କରି କହିଲେ । ଭାଗ୍ୟକୁ ଜନତା ଦୁଇଭାଗ ହୋଇଗଲେ । ଆମେ ତୁଙ୍ଗାକୁ ଫେରିଲୁ ଏବଂ ବିଞ୍ଝାରପୁର ଦେଇ ଯାଜପୁରକୁ ଆସିଲୁ ।

ଇନ୍ଦ୍ରମଣି ତ୍ରିପାଠୀ, ଅନାମ ଦାଶ ଓ ମୁକ୍ତେଶ୍ୱର ମିଶ୍ର ଲେଖିଛନ୍ତି- "ପ୍ରଥମେ ଲୋକମାନେ ଭୀତ ହୋଇ ବାଲିଗଲେ । ପୁଣି ଏକାଠି ହେଲେ । ହାଡ଼ିବନ୍ଧୁ ପଣ୍ଡା ନବାବ ଖାଁକୁ ପଚାରିଲେ, ବିନା ଦୋଷରେ (କାଇପଡ଼ା ଡାକଘର ଏମାନେ ପୋଡ଼ି ନାହାନ୍ତି, ଅତଏବ ନିର୍ଦ୍ଦୋଷ) ଏମାନଙ୍କୁ ଛାଡ଼ି ଦିଅନ୍ତୁ ।" ଡ଼ି. ଏସ୍. ପି. କହିଲେ- ଏହାଙ୍କୁ (ପଣ୍ଡା)କୁ ୨ଚାପୁଡ଼ା ଦେଇ, ବିଦା କରିଦିଅ । ପଣ୍ଡା ଏଥିରେ ଅପମାନିତ ହେଲେ । ତାଙ୍କୁ ଚାପୁଡ଼ା ମାରିଥିବା ସିପାହୀ ପାଖକୁ ହାଡ଼ିବନ୍ଧୁ ଯାଇ ଆଗେ ପାଞ୍ଚଣରେ ତାଙ୍କୁ ୨ ପାହାର ଦେଲା ଓ ବନ୍ଧୁକ ଛଡ଼ାଇବାକୁ ଚେଷ୍ଟା କରିବାରୁ, ସଙ୍ଗୀନ-ଭୂଷାରେ ପ୍ରାଣ ହରାଇଲେ । ମାୟାଧର ଭୂୟାଁ ମଧ ସଙ୍ଗୀନ ଭୂଷାରେ ପ୍ରାଣତ୍ୟାଗ କଲେ । ପଛରେ ପ୍ରାୟ ୪୦୦୦ ଲୋକ ଜମା ହୋଇଗଲେ । ସେମାନେ ପୋଲିସଠାରୁ ପ୍ରାୟ ୩ ଜରାବ ଦୂରରେ ଥିଲେ । ପୋଲିସ ଫାଙ୍କା ଆବାଜ୍ କରି ନଥିଲେ । ଋଷି ବେହେରା ଲୋକଙ୍କ ଆଗରେ ଥିଲେ । ନିଧି ସାମଲ ନିଜ ବାଡ଼ିଦ୍ୱାରା ଲକ୍ଷ୍ମଣ ମିଶ୍ରଙ୍କୁ ୨ ପାହାର ପକାଇଲା । ଲକ୍ଷ୍ମଣ ବାବୁଙ୍କର ଗୁଳି ତାହାର ଅଣ୍ଟାରେ ପଶିଗଲା । ଫୌଜ୍ ଲୋକଙ୍କ ଆଡ଼କୁ ଗୁଳି ଚଳାଇଲେ । ଲୋକେ ମାଟିରେ ଶୋଇଯାଆନ୍ତୁ ବୋଲି ବୃନ୍ଦା ଦେବୀ କହୁଥିଲେ । ଗୁଳି ସାଉଣ୍ଟି ମଳିକ, ସାନନ୍ଦ ସ୍ୱାଇଁ, ରାମ ଜେନା, ପିଲା ସୁପ୍ରଭାତ (ଖୋକନ)ଙ୍କ ଦେହରେ ଭେଦକଲା । ସାଉଣ୍ଟି ମରିଗଲେ, ଅନ୍ୟମାନେ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଭଲ ହେଲେ । ମାୟାଧରଙ୍କୁ ହାଟସାହିର "ଅଜାଣ" ପଡ଼ିଆରେ ସମାଧି ଦିଆଗଲା । ଲୋକେ ସାଉଣ୍ଟିଙ୍କର ମୃତ ଶରୀରକୁ ନଦୀରେ ଭସାଇ ଦେଲେ ଓ ହାଡ଼ିବନ୍ଧୁ ଓ ସାନନ୍ଦଙ୍କର ଶବକୁ ଗ୍ରାମରେ ସତ୍କାର କରିଦେଲେ ।

ସେଦିନ ଗହ୍ମାପୂର୍ଣ୍ଣିମା ଥିଲା, ତା ୨୬-୮-୧୯୪୨ ମସିହା ।

ଯାଜପୁର କଚେରି ଘେରାଉ

ଛତ୍ରପଡ଼ାର ପଦ୍ମନାଭ ରାୟ ଓ ଚିକଣାର ବୈଦ୍ୟନାଥ ଦାସଙ୍କର ନେତୃତ୍ୱରେ ଶହ ଶହ ଲୋକ ଯାଜପୁର କଚେରି ଘେରାଉ କରିବାକୁ ତା ୨୭-୮-୪୨ରେ ପହଞ୍ଚିଲେ । ଗଣ୍ଡାକାନ୍ତ ଷଡ଼ଙ୍ଗୀ ଏସ୍. ଡ଼ି. ଓ. ଥିଲେ । ତାଙ୍କୁ ଗାନ୍ଧୀମାନେ ଓ ନେତା ଖଦୀ ପୋଷାକ [illegible]

Digitized by PPRACHIN, SOA

ନେତା ଦେଲେ ଏବଂ ସରକାରୀ ଚାକିରି ଛାଡ଼ି ଦେବାକୁ ନିବେଦନ କଲେ । ଉପରେ ଉଡ଼ାଜାହାଜ ଉଡୁଥିଲା । ଏସ୍. ଡ଼ି. ଓ. ସଙ୍କେତ ଦେବାରୁ ଉଡ଼ାଜାହାଜ ଫେରିଗଲା । କୌଶଳପୂର୍ଣ୍ଣ ସମାଧାନରେ ଶାନ୍ତିପୂର୍ଣ୍ଣ ବାଟ ଉଭୟ ପକ୍ଷ ଧରିବାଦ୍ୱାରା କୌଣସି ସଙ୍ଘର୍ଷ ହେଲା ନାହିଁ ଏବଂ ଲୋକେ ଫେରିଗଲେ । ପଦ୍ମନାଭ ରାୟ ୧୯୪୪ ଜୁଲାଇ ପର୍ଯ୍ୟନ୍ତ ଧରା ପଡ଼ି ନଥିଲେ । ସେ ଲୁଚି ରହି ଆନ୍ଦୋଳନକୁ ସାହାଯ୍ୟ କରୁଥିଲେ ।

ଗଣ-ଗିରଫଦାରି

କଟକରୁ ଏ. ଡ଼ି. ଏମ୍. ମୋସାହେବ ଖାଁ, ଆଡ଼ିସନାଲ ଏସ୍. ପି. ଜ୍ୟୋତିଷ ଚନ୍ଦ୍ର ଘୋଷ, ଜନ୍ ନାମକ ଜଣେ ଇଂରେଜ ଟମି, ପଦ୍ମନାଭ ମିଶ୍ର ସବ୍‌ଡେ଼ପୁଟି ଓ ୨୬ ଜଣ ବନ୍ଧୁକଧାରୀ ପୋଲିସ ଆସି ବରୀରେ ତା ୩୧-୮-୪୨ରେ ପହଞ୍ଚିଲେ । ମୁସଲମାନ ଲୋକଙ୍କୁ ଛାଡ଼ି ଅନ୍ୟମାନଙ୍କଠାରୁ ମଲିଆଘାଇ, ବରୀ ଓ ଅରଙ୍ଗାବାଦରୁ ମୋସାହେବ ଖାଁ ସମୂହ ଜୋରିମାନା ଆଦାୟର ଧମକ ଦେଲେ । ତା ୧/୯ରେ ଅନ୍ନପୂର୍ଣ୍ଣା ମହାରଣା ଓ ଶରତ ଚନ୍ଦ୍ର ମହାରଣା ଏହାର ପ୍ରତିବାଦ କଲେ । ମାତ୍ର ମୋସାହେବ ଖାଁ ଟ.୬୫୦୦-୦୦ ଜୋରିମାନା ଆଦାୟ କରି, ପ୍ରାୟ ୧୮ଜଣ କଂଗ୍ରେସଲୋକଙ୍କୁ ଏବଂ ଅନ୍ନପୂର୍ଣ୍ଣା ଦେବୀ ଓ ଶରତ ଚନ୍ଦ୍ର ମହାରଣାଙ୍କୁ ଗିରଫ କରିନେଲେ । , ବନ୍ଦୀମାନେ ତା ୨-୯ରେ ଯାଜପୁର ସବ୍ ଜେଲରେ ରହିଲେ ଓ ତା ୩ରେ କଟକ ଜେଲକୁ ପ୍ରେରିତ ହେଲେ । ଏହା ପରେ ପୋଲିସ ସ. ଇ., ଦଫାଦର ଓ ଚୌକିଦାର ଗାଁମାନଙ୍କରେ ବୁଲି ଲୋକମାନଙ୍କୁ ଭୀତତ୍ରସ୍ତ କରାଇଲେ । କୃଷ୍ଣନଗରର ଭାଗବତ ନାୟକଙ୍କୁ ପୋଲିସ ଘରୁ ଆଣୁଥିଲା ଓ ନାୟକଙ୍କ ୫/୬ ବର୍ଷର ଗୋଟିଏ ଝିଅ ନାମ ଅବଳା ବାପାର ପଛରେ ଯାଉଁ ଯାଉଁ ସଡ଼କ କଡ଼ରେ ଜଳପୂର୍ଣ୍ଣ ଏକ ଖଣାରେ ପଡ଼ିଗଲା । ଏହା କେହି ଜାଣି ପାରିଲେ ନାହିଁ । ଝିଅଟି ମରିଗଲା ।

ଆର୍ତ୍ତବନ୍ଧୁ ମହାନ୍ତି, ବସୁଦେବ ସାମଲ ଆଦି ହରିଦାସପୁରକୁ ଯାଇ, ମହାଦେବ ସିଂହଙ୍କ ସାହାଯ୍ୟରେ ନେଉଳପୁର-ବାଲିଗିରି ପାହାଡ଼ ଉପରେ ଥିବା ପୋଲିସ-ପର୍ଯ୍ୟବେକ୍ଷଣ କୁଡ଼ିଆକୁ ପୋଡ଼ିଦେବାକୁ ବାହାରିଲେ । କଦଳୀ ମଠରେ ଏମାନେ ରହିଥିଲେ । ମଠର ଅଧିକାରୀ ଚକ୍ରଧର ଦାସ ସେମାନଙ୍କୁ ଏହି ପୋଡ଼ିବାରୁ ନିବୃତ୍ତ କଲେ । ଗଡ଼ମଧୁପୁର ପାଟ ଭିତରେ ପୋଲିସ ବସୁଦେବ ସାମଲ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜୟମଣି ସାମଲ, ତ୍ରିଲୋଚନ ମହାନ୍ତି ଓ ବୀରକିଶୋର ରାୟଙ୍କୁ ଘେରାଉ କରି ଗିରଫ କଲେ । ଆର୍ତ୍ତବନ୍ଧୁ ବାବୁ ଅସୁସ୍ଥ ହେବାରୁ ବରୀକୁ ଆସିଲେ ।

Digitized by PPRACHIN, SOA

ପଲେଇ-ବରଦାର ବୃନ୍ଦାବନ ତ୍ରିପାଠୀ ଓ ଆର୍ତ୍ତବନ୍ଧୁ ପଳସିଂହ ଅଞ୍ଚଳରୁ କେତେକ କର୍ମୀ ସଂଗ୍ରହ କଲେ । ଏମାନେ ଓ ଶୋଭା ଦେବୀ (ପଣ୍ଡା) ଅଭିମନ୍ୟୁ ପାତ୍ର, କାର୍ତ୍ତିକ ଚନ୍ଦ୍ର ମଲ୍ଲ, ଜଗନ୍ନାଥ ଜେନା, ଜଗବନ୍ଧୁ ଜେନା, ଦେବେନ୍ଦ୍ର ନାଥ ପାତ୍ରୀ, ମଧୁସୂଦନ ଦାସ ଗଙ୍ଗାଧର ଦାସ, ଆଦି ତା ୨୯-୧୦ରେ କେନ୍ଦ୍ରାପଡ଼ାରେ ଗିରଫ ହୋଇ ଜେଲ ଗଲେ ।

ଗାନ୍ଧୀଜୀଙ୍କର ଅନଶନ

ଅକ୍ଟୋବର ୧୯୪୨ ବେଳକୁ ସରକାରଙ୍କର କଠୋର ଦମନରେ ଭାରତର ଅନେକ ଅଞ୍ଚଳରେ ଆନ୍ଦୋଳନ ଧୀମେଇ ଗଲା । ସେତେବେଳକୁ ହଜାର ହଜାର ଲୋକ ନାନା ଦଫାରେ ବା ଅଟକ ବନ୍ଦୀରୂପେ ଜେଲରେ ରହିଗଲେଣି । ଗାନ୍ଧୀଜୀ ସରକାରଙ୍କର ଦମନଲୀଳାର ପ୍ରତିବାଦ କରି ଆଗା ଖାଁ ପ୍ରାସାଦର ବନ୍ଦୀଶାଳାରେ ତା ୧୦-୨-୪୩ରୁ ୨୧ ଦିନ ଅନଶନ କରି ତା ୩-୩-୪୩ ସକାଳ ଘ ୯-୩୦ରେ ତାହା ଭଙ୍ଗ କଲେ ।

କେତେକ ସଂଗ୍ରାମୀ ଖଲାସ

ତା ୧୩-୯-୧୯୪୩ରେ ଆର୍ତ୍ତବନ୍ଧୁ ମହାନ୍ତି ଜେଲରୁ ଖଲାସ ହୋଇ, କଳକତାର ଅଲେଖ ପ୍ରସାଦ ଦାସଙ୍କ ସହ ବରୀରେ ରିଲୀଫ କାର୍ଯ୍ୟ ଆରମ୍ଭ କଲେ । ଶ୍ରୀ ଅମୃତଲାଲ୍ ଠକ୍କର ଏହି ରିଲୀଫ କାର୍ଯ୍ୟ ଦେଖିବାକୁ ଆସି, ପୁଣି ମୌଳିକ ବିଦ୍ୟାଳୟ ଆରମ୍ଭ କରିବାପାଇଁ ଉପଦେଶ ଦେଲେ । ସେ ଶ୍ରୀମତୀ ଆଶାଦେବୀ ଆର୍ଯ୍ୟନାୟକମ୍‌ଙ୍କ ଅନୁକୂଳ ମତ ନେଲେ ଏବଂ ରିଲୀଫ ଫଣ୍ଡରୁ ବିଦ୍ୟାଳୟ ଗୃହର କିଛି ଅଂଶ ମରାମତି ପାଇଁ ସାହାଯ୍ୟ ଦେଲେ । ଭଗୀରଥ ଦାସ ନିଜ ହାତରୁ ଖର୍ଚ୍ଚ କରି ସବୁ ଘର ମରାମତି କରିଦେଇଥିଲେ । ଆର୍ତ୍ତବନ୍ଧୁ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ଗୋଲକ ଚନ୍ଦ୍ର ନାୟକ ଯଥାକ୍ରମେ ରାମଚନ୍ଦ୍ରପୁର, ବାଲିବିଲ ଓ ହାଟସାହିରେ ବିଦ୍ୟାଳୟ ଆରମ୍ଭ କଲେ । ହଳଦୀବସନ୍ତ ସ୍କୁଲ ମଧ ପରେ ଚାଲିଲା । ଚାଉଳ ମିଳୁ ନଥିବାରୁ ଏମାନେ କୋଳଥ ଓ ମାଣ୍ଡିଆ ମାଗି ଆଣି ଖାଉଥିଲେ । ଏହି ସମୟରେ ଜେଲରେ ଥିବା ରାମଚନ୍ଦ୍ର ମିଶ୍ର (ଶିକ୍ଷକ)ଙ୍କ ଘର ପୋଡ଼ିଗଲା । ଜେଲରେ ଥିବାବେଳେ ଗଙ୍ଗାଧର ଦାସଙ୍କର ମାତା ମରିଗଲେ । ତାଙ୍କର ଶୁଦ୍ଧିକ୍ରିୟା ପାଇଁ ବାସୁଦେବ ସାମଲ ଆଦି ଚାନ୍ଦାକରି ସାହାଯ୍ୟ କଲେ । ଏମାନେ ଚାନ୍ଦା ମାଗି ଓ ନିଜେ କିଛି ସାହାଯ୍ୟ ତାଙ୍କ ଘରକୁ ପଠାଇଲେ । ରିଲୀଫ୍ କମିଟି ପକ୍ଷରୁ ଗୋଟିଏ ଅସ୍ଥାୟୀ ଡ଼ାକ୍ତରଖାନା ବରୀର ସରଞ୍ଜାମ ତିଆରି ଘରେ ମଧ ଖୋଲାହେଲା । ଗୋଲକ ବିହାରୀ ପଟ୍ଟନାୟକ (ଡ଼ାକନାମ ଟିମବାବୁ) ତା ୨୬-୧-୪୪ରେ କଳାମାଟିଆ ଶହୀଦପୀଠରେ ଜାତୀୟ ପତାକା ଉଡ଼ାଇଥିଲେ । ପୂର୍ବୋକ୍ତ ଗୁରୁଜୀମାନେ ନୂଆ ଖଦୀ ଦେଇ ପତାକା ଉଡ଼ାଇକରି

Digitized by PPRACHIN, SOA

ସମ୍ବର୍ଦ୍ଧନା ଜଣାଇଥିଲେ । ଯାଜପୁରର ଏସ୍. ଡ଼ି. ଓ. ସି: ଆଇ: ଡ଼ି: ରିପୋର୍ଟ ପାଇ ୱାରେଣ୍ଟ ଜାରି କରିବାକୁ ବାହାରିଥିଲେ । ଯାଜପୁରର ଶ୍ରୀ ନାରାୟଣ ଚନ୍ଦ୍ର ଘୋଷ (ଶିକ୍ଷକ)ଙ୍କ ଠାରୁ ପ୍ରକୃତ କଥା ବୁଝି ସେ ଏ ୱାରେଣ୍ଟ ରଦ୍ଦ କରିଦେଲେ ।

ଗାନ୍ଧୀଜୀ ବିନା ସର୍ତ୍ତରେ ଖଲାସ

ତା ୬-୫-୪୪ରେ ଗାନ୍ଧୀଜୀଙ୍କର ଖଲାସ ପରେ ବହୁ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର ହେଲା ଯେ ରାଜନୈତିକ ଅଚଳ ଅବସ୍ଥାର ସମାଧାନ ହେବ । ତା ୧୯-୨-୪୪ରେ ଶିକ୍ଷକ ରାମଚନ୍ଦ୍ର ମିଶ୍ର ଜେଲରୁ ଖଲାସ ହୋଇ, ଶିକ୍ଷକତା କାମରେ ଯୋଗଦେଲେ । ତା ୨୮-୬-୪୪ରେ ଗୁଣନିଧି ମହାନ୍ତି ଓ ତା ୨୯-୬-୪୪ରେ ଆଚାର୍ଯ୍ୟ ମହାଶୟ ବ୍ରହ୍ମପୁର ଜେଲରୁ ଖଲାସ ହେଲେ । ଶ୍ରୀମତୀ ରମାଦେବୀ ତା ୮-୭-୪୪ରେ କଟକ ଜେଲରୁ ମୁକ୍ତହେଲେ । କେନ୍ଦ୍ରାପଡ଼ା ଅଞ୍ଚଳକୁ ଯାଇ ପାରିବେ ନାହିଁ ଏହି କଟକଣା ଥାଇ, ଶ୍ରୀ ଗୋପବନ୍ଧୁ ଚୌଧୁରୀ ବ୍ରହ୍ମପୁର ଜେଲରୁ ପ୍ରାୟ ସେହି ତା ୮ରିଖରେ ଜେଲରୁ ଖଲାସ ହୋଇ ଆଗେ କେନ୍ଦୁପାଟଣାରେ ଖଦୀ କେନ୍ଦ୍ରରେ ରହିଲେ । ଆର୍ତ୍ତବନ୍ଧୁ ବାବୁଙ୍କୁ ଡ଼କାଇ ଆଣି ବରୀ ଅଞ୍ଚଳର ହାଲଚାଲ ବୁଝିଲେ । ପରେ ଗୋପବାବୁ କଟକଣା ୨ଥର ଭଙ୍ଗ କରି କେନ୍ଦ୍ରାପଡ଼ାକୁ ଗଲେ ଏବଂ ୮ ମାସ ଜେଲଦଣ୍ଡ କଟକ ଜେଲରେ ଭୋଗିଲେ ।

ଶ୍ରୀମତୀ ରମାଦେବୀ ଜେଲରୁ ଖଲାସ ହେବା ମାତ୍ରେ ସେବାଗ୍ରାମରେ ଗାନ୍ଧୀଜୀଙ୍କୁ ସାକ୍ଷାତ କଲେ । ଗାନ୍ଧୀଜୀ ବରୀ ଅଞ୍ଚଳର, ଆନ୍ଦୋଳନର ଘଟଣା ଶୁଣି, ସମୂହ ଜୋରିମାନା ଅବୈଧ ବୋଲି ହୃଦୟଙ୍ଗମ କରି ଲୋକଙ୍କଦ୍ୱାରା ସରକାର ଉପରେ ମକଦ୍ଦମା କରିବାକୁ ପରାମର୍ଶ ଦେଲେ । ଏପ୍ରିଲ ୧୯୪୬ରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ହେବାର ଠିକ୍ ଆଗରୁ ବ୍ରିଟିଶ ସରକାର ଜୋରିମାନା ଫେରାଇ ଦେବାର ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଏ ଜୋରିମାନା ଲୋକଙ୍କ ପକ୍ଷରୁ ଗୋପବାବୁ ଶରତ୍‌ଚନ୍ଦ୍ର ମହାରଣାଙ୍କ ଜରିଆରେ ପାଇଲେ । ମାତ୍ର ସେ ଆଦୌ ଏହି ଟଙ୍କା ଛୁଇଁଲେ ନାହିଁ ଏବଂ ଯେଉଁମାନେ ଜୋରିମାନା ଦେଇଥିଲେ ସେମାନଙ୍କୁ ତୁରନ୍ତ ଫେରାଇ ଦେଲେ ।

ଅନ୍ନପୂର୍ଣ୍ଣା ମହାରଣାଙ୍କ ଉପରେ କଟକଣା ଥିଲା ଯେ ସେ ବରୀ ଅଞ୍ଚଳକୁ ଯାଇପାରିବେ ନାହିଁ । ସେ ତାହା ଅମାନ୍ୟ କରି ବରୀକୁ ଗଲେ । ୧୯୪୪ର ଗଣେଶପୂଜା ପରେ ରାମଚନ୍ଦ୍ରପୁରରୁ ପୋଲିସ ତାଙ୍କୁ, ଏବଂ ଶ୍ରୀମତୀ ରମାଦେବୀ ଓ ଶରତ୍‌ଚନ୍ଦ୍ର ମହାରଣାଙ୍କୁ ବିନା ଦୋଷରେ ଗିରଫ କଲେ । ଜେଲରେ ଏମାନଙ୍କୁ କେତେ ଦିନ ରଖାଗଲା । ରମାଦେବୀ ଓ

Digitized by PPRACHIN, SOA

ଶରତ୍‌ବାବୁ ମକଦ୍ଦମା ଲଢ଼ିବାକୁ ଚାହୁଁ ନଥିଲେ । ମାତ୍ର ଓକିଲ ଶ୍ରୀ ବିରୂପାକ୍ଷ କର ସ୍ୱେଚ୍ଛାପ୍ରଣୋଦିତ ହୋଇ ମକଦ୍ଦମା ଲଢ଼ିଲେ ଏବଂ ଦୁହେଁ ଖଲାସ ହେଲେ । ଅନ୍ନପୂର୍ଣ୍ଣା ଦେବୀଙ୍କୁ ୪ମାସ ଜେଲଦଣ୍ଡ ହେଲା । ସେତେବେଳେ ମୌ: ମୟିନୁଦ୍ଦିନ ଅହମଦ୍ ଯାଜପୁରର ସବ୍‌ଡ଼ିଭିଜନାଲ୍ ଅଫିସର ଥିଲେ ଏବଂ ଡ଼ାକ୍ତର କୈଳାସଚନ୍ଦ୍ର ତ୍ରିପାଠୀ ସିଭିଲ୍ ଆସିଷ୍ଟାଣ୍ଟ ସର୍ଜନ ଥିଲେ ।

କସ୍ତୁରବା ଗାନ୍ଧୀସ୍ମାରକ କାର୍ଯ୍ୟ

କସ୍ତୁରବା ଗାନ୍ଧୀ ବନ୍ଦୀ ଅବସ୍ଥାରେ ଆଗା ଖାଁ ପ୍ରାସାଦରେ ତା ୨୨-୨-୧୯୪୪ରେ ପ୍ରାଣତ୍ୟାଗ କଲେ । ତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସେବାଗ୍ରାମରେ ଗାନ୍ଧୀଜୀଙ୍କ ଅଧ୍ୟକ୍ଷତାରେ ଏବଂ ଠକ୍‌କର ବାପା ଓ କୁମାରୀ ମୃଦୁଲା ସରାଭାଇଙ୍କ ସମ୍ପାଦକତ୍ୱରେ ନିଖିଳ ଭାରତ କସ୍ତୁରବା ଗାନ୍ଧୀ ସ୍ମାରକ ନିଧି ତା. ୧ ଏପ୍ରିଲ, ୧୯୪୫ରେ ଗଠିତ ହେଲା । ଉତ୍କଳ ଶାଖାର ପ୍ରଥମ ପ୍ରତିନିଧି ଶ୍ରୀମତୀ ରମାଦେବୀ ଗାନ୍ଧୀଜୀଙ୍କ ଦ୍ୱାରା ମନୋନୀତ ହେଲେ । ରାମଚନ୍ଦ୍ରପୁରଠାରେ ୧୯୪୬ରେ ପୂର୍ବତନ ମୌଳିକ ଶିକ୍ଷାକେନ୍ଦ୍ର ନିକଟରେ ଏହି ନିଧିର ଗୋଟିଏ ଛୋଟ ଚାଳଅଫିସ ଘର ଓ ଶିକ୍ଷାର୍ଥୀମାନଙ୍କର ତାଲୀମକେନ୍ଦ୍ର ତିଆରି ହେଲା । କୁମାରୀ ଶକୁନ୍ତଳା ମହାନ୍ତି ଓ ଅନ୍ନପୂର୍ଣ୍ଣା ମହାରଣା ପ୍ରଥମେ ଏହି ତାଲୀମ ଦାୟିତ୍ୱରେ ରହିଲେ । ରାମପୁରର ଗୋବିନ୍ଦ ସାମଲ ଘରତିଆରିର ତତ୍ତ୍ୱାବଧାନ କରିଥିଲେ । ତା ୧୫-୬-୪୬ରେ ଶ୍ରୀ ନବକୃଷ୍ଣ ଚୌଧୁରୀ (ରାଜସ୍ୱ-ମନ୍ତ୍ରୀ) ଏହି ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କଲେ ।

ଶ୍ରୀ ବିଭୂତିଭୂଷଣ ବାନାର୍ଜୀଙ୍କର ଦ୍ୱିତୀୟା କନ୍ୟା ସୁମିତ୍ରା ଦେବୀଙ୍କ ସହ ସେବାଗ୍ରାମରେ ତା ୧୬-୨-୧୯୪୬ରେ ମନମୋହନ ଚୌଧୁରୀଙ୍କ ସହ ଶୁଭ ପରିଣୟ ଅତି ନିରାଡ଼ମ୍ବରଭାବରେ ଓ ଆଶ୍ରମ ପଦ୍ଧତିରେ ସମ୍ପନ୍ନ ହୋଇଥିଲା । ସେମାନେ ଆସି ବରୀରେ ନିଜର କୁଡ଼ିଆରେ ରହିଲେ ଏବଂ ରଚନାତ୍ମକ କାର୍ଯ୍ୟରେ ଲାଗିଲେ ।

୧୯୪୬ ସାଧାରଣ ନିର୍ବାଚନ

ସମଗ୍ର ଭାରତରେ ଏପ୍ରିଲ, ୧୯୪୬ରେ ସାଧାରଣ ନିର୍ବାଚନ ହେଲା । ସେତେବେଳେ ଲିମିଟେଡ୍ ଫ୍ରାଞ୍ଚାଇଜ୍ ଥିଲା । ହରିଜନମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ଥିଲା । ଅତି ଅଳ୍ପ ଲୋକଙ୍କର ଭୋଟ ଦେବାର କ୍ଷମତା ଥିଲା । ସମଗ୍ର ବିଞ୍ଝାରପୁର ଥାନା ପାଇଁ ଗୋଟିଏ ମାତ୍ର ଭୋଟ-କେନ୍ଦ୍ର ବିଞ୍ଝାରପୁର ପୋଲିସ ଥାନା ଅଫିସ ରେ ହୋଇଥିଲା । ତା ୮-୪-୧୯୪୬ରେ ସମବାୟ ବିଭାଗର ସହକାରୀ ରେଜିଷ୍ଟ୍ରାର ଶ୍ରୀ ଅନନ୍ତପ୍ରସାଦ ପଣ୍ଡା ମହୋଦୟଙ୍କୁ

Digitized by PPRACHIN, SOA

ପ୍ରିଜାଇଡ଼ିଙ୍ଗ୍ ଅଫିସରଭାବରେ ଆସିଥିଲେ । ଶ୍ରୀ ଶାନ୍ତନୁକୁମାର ଦାସ ହରିଜନମାନଙ୍କର ସଂରକ୍ଷିତ ସୀଟ୍ ପାଇଁ ଏବଂ ଶ୍ରୀ ଗଦାଧର ଦତ୍ତ ସାଧାରଣ ସୀଟ୍ ପାଇଁ ପ୍ରାର୍ଥୀ ହୋଇଥିଲେ । ଏ ଦୁହେଁ କଂଗ୍ରେସ ପ୍ରାର୍ଥୀରୂପେ ନିର୍ବାଚିତ ହେଲେ । ଏହା ପୂର୍ବରୁ ତା ୮-୩-୪୬ରେ ବରୀରେ ଶ୍ରୀମତୀ ପ୍ରିୟମ୍ବଦା ଦେବୀ କଂଗ୍ରେସ ପ୍ରାର୍ଥୀଭାବରେ କଟକ ସହର ନିର୍ବାଚନ ମଣ୍ଡଳୀରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

ପୁରୀର ଶ୍ରୀ ଲୋକନାଥ ମିଶ୍ର (ପଙ୍କବାବୁ) ତା ୧୬-୬-୪୬ରେ ଧାରପୁରରେ ଦେଶର ରାଜନୈତିକ ଅବସ୍ଥା ବୁଝାଇଲେ ଏବଂ ବୀରବର ରଥ ଆଦିଙ୍କ ଦ୍ୱାରା ପ୍ରତିଷ୍ଠିତ ରମାଦେବୀ ପାଠାଗାର ଉଦ୍‌ଘାଟନ କଲେ । ଗଞ୍ଜାମ ଜିଲ୍ଲା ବୋର୍ଡ଼ର ଚେୟାରମ୍ୟାନ ଶ୍ରୀ ଦୀନବନ୍ଧୁ ବେହେରା କଂଗ୍ରେସର ଓ ରଚନାତ୍ମକ କାର୍ଯ୍ୟର ଜଣେ ବଡ଼ ସମର୍ଥକ । ସେ ତାଙ୍କର ପୁଅଙ୍କୁ ରାମଚନ୍ଦ୍ରପୁରର ଛାତ୍ରାବାସରେ ଛାଡ଼ିଲେ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିଗଲେ ।

ଗୋପବାବୁ ଓ ରମାଦେବୀ ଅରଙ୍ଗାବାଦରେ ଗୋବର୍ଦ୍ଧନ ପ୍ରଧାନଙ୍କର ବାହାରିଆ ଘରେ ରହି ସୂତାକଟା, ଲୁଗାବୁଣା ଦ୍ୱାରା ସ୍ୱାବଲମ୍ବନ ପ୍ରୟୋଗ ଆରମ୍ଭ କଲେ । ସେମାନେ ସେବାଘରର ଡ଼ିହରେ, ଲୋକେ ଚାହିଁଲେ ସୁଦ୍ଧା, ଆଶ୍ରମଘର କଲେନାହିଁ । ରାମଚନ୍ଦ୍ରପୁରର ରାଜନୈତିକ ବନ୍ଦୀମାନଙ୍କର ସାନ ପୁଅଝିଅଙ୍କ ରହିବା ଓ ମୌଳିକ ଶିକ୍ଷା ପାଇବା ଉଦ୍ଦେଶ୍ୟରେ ଏକ ଛାତ୍ରାବାସ ଖୋଲିଲା । ରାଜକୃଷ୍ଣ ବୋଷ, ନୀଳାମ୍ବର ଦାସ, କୃପାସିନ୍ଧୁ ଦାସ, ଆଦିଙ୍କର ପିଲାମାନେ ସେଠାରେ ରହିଲେ । କଲିକତାର ସୀତାରାମ ସାକ୍‌ସେରିଆ ଆଦି ଏଥିପାଇଁ ଚାନ୍ଦା ଦେଇଥିଲେ ।

ଶ୍ରୀ ଅମୃତଲାଲ ଭିଠଲ୍ ଦାସ ଠକ୍‌କର-ବାପା ଡ଼ାକ୍ତର ସେକ୍ରେଟାରୀ ଶ୍ରୀ ଲକ୍ଷ୍ମୀନାରାୟଣ ରାଓ ଭାରତ ସେବକ ସମାଜର ସଦସ୍ୟ ଶ୍ରୀ ଶ୍ୟାମସୁନ୍ଦର ମିଶ୍ର ଓ ଯାଜପୁର ହାଇସ୍କୁଲର ଶିକ୍ଷକ ଶ୍ରୀ ନାରାୟଣ ଚନ୍ଦ୍ର ଘୋଷଙ୍କ ସହ ଆସି ତା ୨୩ ଓ ୨୪ ସେପ୍ଟେମ୍ବର, ୪୬ରେ ରାମଚନ୍ଦ୍ର ପୁର ଓ ବରୀରେ ଦୁଇ ଦିନ ରହିଲେ । ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟ ପରିଦର୍ଶନ କଲେ, ଗ୍ରାମବାସୀମାନଙ୍କୁ ଅସ୍ପୃଶ୍ୟତା-ନିବାରଣ ଓ ଦଧିବାମନ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରିବାକୁ ଦେବାପାଇଁ ବୁଝାଇଲେ । ଗୋପବାବୁ ଓ ମା ରମାଦେବୀ ଆଦିଙ୍କର ଆତିଥ୍ୟ ଗ୍ରହଣ କରି ରଚନାତ୍ମକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରି ସେ ଅନ୍ୟ ଆଡ଼େ ଗଲେ ।

Digitized by PPRACHIN, SOA

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଭାରତ ସେବକ ସମାଜର ଉତ୍କଳର ପ୍ରଥମ ସଦସ୍ୟ ହୋଇଥିଲେ । ସେ କଂଗ୍ରେସ ଲୋକ ହୋଇନଥିଲେ ହେଁ ଖଦୀଧାରୀ ଏବଂ ଅତି ନିର୍ଭୀକ ବ୍ୟକ୍ତିଥିଲେ । ହରିଜନମାନଙ୍କ ଉପରେ ଓଡ଼ିଶାରେ କେଉଁଠି କିପରି ଅତ୍ୟାଚାର ହେଉଛି, ତାହା ଅନୁସନ୍ଧାନ କରିବା ପାଇଁ ଗସ୍ତ କରୁଥିଲେ । ସେ ତା ୯-୫-୪୬ରେ ବରୀ ଅଞ୍ଚଳକୁ ଆସି ଲୋକମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ ।

ସ୍ୱାଧୀନତା-ଦିବସ

କୂଟନୀତିରେ ଧୁରନ୍ଧର ବ୍ରିଟିଶ ସରକାର ଅଖଣ୍ଡ ଭାରତବର୍ଷକୁ ହିନ୍ଦୁସ୍ତାନ ଓ ପାକିସ୍ତାନରେ ବିଭକ୍ତ କରିଦେଲା । ତା ୧୪ ଅଗଷ୍ଟ. ୧୯୪୭ରେ ପାକିସ୍ତାନର ଲୋକେ ସ୍ୱାଧୀନତା ପାଳନ କଲେ । ସେହିଦିନ ଠିକ୍ ମଧ୍ୟରାତ୍ରରେ ଦିଲ୍ଲୀରେ ଭାରତ ସରକାର ସ୍ୱାଧୀନତା ପାଳନ କଲେ । ଗାନ୍ଧୀଜୀ ଦେଶ-ବିଭାଜନର ଭୟଙ୍କର ପରିଣତି ବହୁ ଆଗରୁ ଦେଖି ପାରିଥିଲେ । ସେ ସେହି ଦିନ ପ୍ରାର୍ଥନା, ଉପବାସ ଓ ମୌନରେ ଘୋର ମନୋଦୁଃଖରେ କଟାଇଲେ । ଗୋପବାବୁ ଓ ରମାଦେବୀ ଅନୁରୂପ ଭାବରେ କଟାଇଲେ । ଚାରିଆଡ଼େ ସାଧାରଣ ଲୋକେ ଆଡ଼ମ୍ବରରୂପେ ଏ ଦିନଟି ପାଳନ କଲେ । ରାମଚନ୍ଦ୍ରପୁର ଛାତ୍ରବାସରେ ଛାତ୍ର ବଟକୃଷ୍ଣ ଦାସ ଗାନ୍ଧୀଜୀଙ୍କର ପରି ନିଷ୍ଠାରେ ଦିନଟି କଟାଇଲେ ।

ତିନି, ଚାରି ବର୍ଷର ପିଲାଙ୍କ ପାଇଁ କୌଣସି ଶିକ୍ଷାର ବ୍ୟବସ୍ଥା ନଥିଲା । ଶ୍ରୀମତୀ ରମାଦେବୀ ସର୍ବପ୍ରଥମେ ସୁମିତ୍ରା ଚୌଧୁରୀ ଓ କୁମାରୀ ପ୍ରେମଲତା ମହାନ୍ତିଙ୍କ ଦ୍ୱାରା ସେବାଘର ଡ଼ିହରେ ଏହା ଆରମ୍ଭ କରାଇଲେ ।

ମାତୃମଙ୍ଗଳ-କାର୍ଯ୍ୟ

ରେମୁଣା (ବାଲେଶ୍ୱର) ନିବାସୀ କୁମାରୀ ନିର୍ମଳା ଦତ୍ତ ରମାଦେବୀଙ୍କର ବ୍ୟବସ୍ଥାରେ ମଧ୍ୟପ୍ରଦେଶର ନାଗପୁରରେ ଧାତ୍ରୀବିଦ୍ୟାରେ ଟ୍ରେନିଂ ପାଇ ସାରି ପ୍ରଥମେ ଗୋବର୍ଦ୍ଧନ ପୁହାଣଙ୍କର ସ୍ତ୍ରୀ ମାୟା ଦେବୀ ଓ ଆନନ୍ଦପୁରର ହରିପ୍ରିୟା ଦେବୀଙ୍କର ସହାୟତାରେ ଲୋକଙ୍କର ଘରକୁ ଯାଇ ତା ୬-୧-୪୯ରେ ପ୍ରସୂତି-ପରିଚର୍ଯ୍ୟା ଆରମ୍ଭକଲେ । ପରେ ଡ଼ାକ୍ତର ତୁଙ୍ଗବିଦ୍ୟା ଦେବୀ (ଡ଼ାକନାମ କୁନଅପା) ବରୀରେ ରହି ଝିଅବୋହୂମାନଙ୍କୁ ସ୍ୱାସ୍ଥ୍ୟରକ୍ଷା, ପ୍ରସୂତି-ଚର୍ଯ୍ୟା ଓ ଶିଶୁପାଳନ ବିଷୟରେ ଶିକ୍ଷାଦେଲେ । ଏ କାର୍ଯ୍ୟ ବିନା ସରକାରୀ ସାହାଯ୍ୟରେ ଚଳିଲା । ଏପ୍ରିଲ. ୧୯୫୦ରୁ କେନ୍ଦ୍ରୀୟ କସ୍ତୁରବା ନିଧିରୁ ପ୍ରଥମେ ଗ୍ରାଣ୍ଟ ମିଳିଲା । ତା ୩୦-୧-୫୦ରେ ଡ଼ିରେକ୍ଟର ଡ଼ାକ୍ତର ହାଜରା ଏହି କେନ୍ଦ୍ରକୁ ଉଦ୍‌ଘାଟନ କଲେ ।

Digitized by PPRACHIN, SOA

କଂଗ୍ରେସ ମନ୍ତ୍ରୀମଣ୍ଡଳ, ଶ୍ରୀଯୁକ୍ତ ବିଶ୍ୱନାଥ ଦାସଙ୍କର ପ୍ରବର୍ତ୍ତନାରେ, ୧୯୪୭ରେ ସରକାରୀ ବୋର୍ଡ଼ ଅଫ୍ ବେସିକ୍ ଏଡୁକେସନ ଗଢ଼ିଲେ ଓ ଓଡ଼ିଶାର କେତୋଟି ସଘନ ଅଞ୍ଚଳରେ ମୌଳିକ ଶିକ୍ଷାକୁ ପ୍ରବର୍ତ୍ତନ କଲେ । ହିନ୍ଦୁସ୍ଥାନୀ ତାଲିମ ସଂଘର ସମ୍ପାଦକ ଆର୍ଯ୍ୟନାୟକମ୍ ପରାମର୍ଶ ଦେଲେ ।

ମାନ୍ୟବର ଗବର୍ଣ୍ଣରଙ୍କର ପରିଦର୍ଶନ

ଓଡ଼ିଶାର ଗବର୍ଣ୍ଣର ମାନ୍ୟବର କୈଳାସ ନାଥ କାଟଜୁ ରବିବାର ତା ୪-୪-୧୯୪୮ରେ ବରୀ ଓ ରାମଚନ୍ଦ୍ରପୁରକୁ ଶୁଭାଗମନ କରିଥିଲେ । ସେ ସମୂହ ସୂତ୍ରଯଜ୍ଞରେ ଓ ଛାତ୍ର-ଛାତ୍ରୀ ଗ୍ରାମବାସୀମାନଙ୍କ ସହ ପଙ୍‌କ୍ତି-ଭୋଜନରେ ଯୋଗ ଦେଇଥିଲେ । ଏପରି ମଫସଲ ଓ ଦୁର୍ଗମ ସ୍ଥାନକୁ ଗବର୍ଣ୍ଣରଙ୍କର ଆସିବା ପ୍ରଥମ । ଗୋପବାବୁ ଓ ରମାଦେବୀ ବ୍ୟବସ୍ଥା ଦେଖୁଥିଲେ । ଏ ଅଞ୍ଚଳରେ ବହୁ କଂଗ୍ରେସ ଓ ଜଣାଶୁଣା ଲୋକ ଆନନ୍ଦରେ ସହଯୋଗ କରିଥିଲେ ।

ନିମ୍ନଲିଖିତ ବିବାହମାନ ଆଶ୍ରମ ପଦ୍ଧତିରେ ଓ ବୈଦିକ ରୀତିରେ ୧୯୪୮ ଓ ୧୯୪୯ରେ ହୋଇଥିଲା : ହରିଜନ-କନ୍ୟା ସରସ୍ୱତୀ ସହ ବ୍ରାହ୍ମଣ ଯୁବକ ବୃନ୍ଦାବନ ତ୍ରୀପାଠୀଙ୍କର : ନାଥ ଜାତିର ଫୁଲସହ ବ୍ରାହ୍ମଣ ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀଙ୍କର; ପ୍ରେମଲତାଙ୍କ ସହ ବୃନ୍ଦାବନ ଜେନାଙ୍କର; ଶକୁନ୍ତଳା (ମାଳ)ଙ୍କ ସହ ଶକ୍ତିଶେଖର ଦାସଙ୍କର ଏବଂ କଟକରେ କିରଣଲେଖାଙ୍କ ସହ ଜୟକୃଷ୍ଣ ମହାନ୍ତିଙ୍କର ।

ଚରଖା ସଂଘର ନବ ସଂସ୍କରଣ

ସେବାଗ୍ରାମରେ ଗାନ୍ଧୀଜୀ ତା ୧ରୁ ୩ ସେପ୍ଟେମ୍ବର, ୧୯୪୪ରେ ଚରଖା ସଂଘର ନବ ସଂସ୍କରଣ ସମ୍ବନ୍ଧରେ ଅ.ଭା. ଚରଖା ସଂଘର ସଦସ୍ୟମାନଙ୍କୁ ବୁଝେଇଲେ । ଏହି ଅଖିଳ ଭାରତ ସଂଘକୁ ବିକେନ୍ଦ୍ରିତ କରି, ପ୍ରତି ପ୍ରଦେଶରେ ସ୍ୱତନ୍ତ୍ର ସଂସ୍ଥା ଗଢ଼ିବାକୁ ଓ ସ୍ୱାବଲମ୍ବନଭିତ୍ତିରେ ଖଦୀ କାର୍ଯ୍ୟ ଚଳାଇବାକୁ ଗାନ୍ଧୀଜୀ ଉପଦେଶ ଦେଲେ । ଶ୍ରୀମତୀ ରମାଦେବୀ ସେହି ବୈଠକକୁ ଯାଇଥିଲେ । ଶ୍ରୀ ଗୋପବନ୍ଧୁ ଚୌଧୁରୀ ଯାଇନଥିଲେ । ପରେ ସେ, ଆଚାର୍ଯ୍ୟ ମହାଶୟ ଆଦି ସେହି ସିଦ୍ଧାନ୍ତ କ୍ରମେ ଓଡ଼ିଶାରେ ସ୍ୱତନ୍ତ୍ର ସଂସ୍ଥା **"ଉତ୍କଳ ଖଦୀ ମଣ୍ଡଳ"** ଗଠନ କଲେ । ଗୋପବାବୁ ଅଧ୍ୟକ୍ଷ ରହିଲେ । ଚରଖା ସଂଘର କେନ୍ଦ୍ରଗୁଡ଼ିକ ଓଡ଼ିଶା ସରକାରଙ୍କର (ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ସଂଘଙ୍କର) ଅଧୀନତାରେ କାର୍ଯ୍ୟ କଲେ । ଖଦୀମଣ୍ଡଳ ସରଞ୍ଜାମ ନିର୍ମାଣ କେନ୍ଦ୍ର କେନ୍ଦୁପାଟଣାରେ ରହିଲେ । ଅତି ପୁରୁଣା ଖାଦିର କର୍ମୀ ବିଶ୍ୱନାଥ ପରିଡ଼ା ଓ ଅଚ୍ୟୁତ

Digitized by PPRACHIN, SOA

ଚରଣ ଦାସ ଖଦୀ ମଣ୍ଡଳରେ ରହିଲେ । ବରୀ ଅଞ୍ଚଳରେ ଏହି ନୂତନ ଲକ୍ଷ୍ୟ ଅନୁସାରେ କାମ ଆରମ୍ଭ ହେଲା । ମନମୋହନ ଚୌଧୁରୀ ତା ୨୫-୧୧-୪୬ରେ ପାଲଟପୁରକୁ ଓ ବିଭିନ୍ନ ଗ୍ରାମକୁ ଯାଇ ଏହାର ସଙ୍ଗଠନ କଲେ । ପରେ ଶକ୍ତିଶେଖର ଦାସ ରତଳା ନିକଟ କହରାଗଣ୍ଡ ଗ୍ରାମରେ ଓ ବିନୋଦ କାନୁନଗୋ ନିଜ ଗ୍ରାମ ମଲ୍ଲୀପୁରରେ 'ସମଗ୍ର ଗ୍ରାମସେବା' କାର୍ଯ୍ୟକଲେ ।

ଗାନ୍ଧୀଜୀଙ୍କର ମହାପ୍ରୟାଣ : ସର୍ବୋଦୟ ସମାଜ

ଦିଲ୍ଲୀରେ ପ୍ରାର୍ଥନା-ସଭାରେ ଆତତାୟୀର ଗୁଳିରେ ତା ୩୦-୧-୧୯୪୮ରେ ଗାନ୍ଧୀଜୀଙ୍କର ମହାପ୍ରୟାଣ ହେଲା । ସର୍ବତ୍ର ଶୋକର ଛାୟା । ସେବାଗ୍ରାମରେ ନିଖିଳ ଭାରତ ରଚନାତ୍ମକ କର୍ମୀମାନଙ୍କର ଏକ ସଭା ଗାନ୍ଧୀଜୀଙ୍କର ଉପସ୍ଥିତରେ ଫେବୃୟାରୀରେ ହେବାର କଥା ଥିଲା । ଗୋପବାବୁ ଆଗରୁ ସେବାଗ୍ରାମ ଅଭିମୁଖେ ବାହାରି ଯାଇଥିଲେ । ଗାନ୍ଧୀଜୀଙ୍କର ଆକସ୍ମିକ ମହାପ୍ରୟାଣ-ବାର୍ତ୍ତା ଶୁଣି ସେ ଯାଜପୁରରୁ ବରୀକୁ ଫେରିଆସିଲେ । ୧୩ ମାର୍ଚ୍ଚ, ୧୯୪୮ରେ ରଚନାତ୍ମକ କର୍ମୀଙ୍କର ବୈଠକ ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କର ଅଧ୍ୟକ୍ଷତାରେ ହେଲା ଓ ଏକ ଭାଇଚାରା ସଂସ୍ଥା **'ସର୍ବୋଦୟ ସମାଜ'** ଗଢ଼ାଗଲା । ଗୋପବାବୁ ତାହାର ସଂଯୋଜକ ହେଲେ ଏବଂ ଭାରତର ନାନା ଅଞ୍ଚଳରେ ଗସ୍ତ କଲେ । ତଥାପି, ସେ ବରୀରେ ରହି ତାଙ୍କର କୃଷି ଓସ୍ୱାବଲମ୍ବନ ପ୍ରୟୋଗ ଜାରି ରଖିଲେ । ଲୋକେ ସେହି ପ୍ରୟୋଗରୁ ପ୍ରେରଣା ପାଇଲେ ଓ ସେ ଦିଗରେ କେତେକ ଆଗେଇଲେ । ୧୯୩୪ରେ ପୁରୀରେ ଜଗନ୍ନାଥ ମନ୍ଦିରରେ ହରିଜନମାନେ ପ୍ରବେଶ କରିବାକୁ ଅନୁମତି ପାଇ ନଥିଲେ । ତା ୧୩-୨-୪୮ରେ ସରକାରଙ୍କର ଚାପରେ ହରିଜନମାନେ ପ୍ରବେଶ କରିପାରିଲେ ।

ଅନୁଗୁଳରେ ସର୍ବୋଦୟ ସମ୍ମିଳନୀ ଓ ଗୋପବାବୁ ରମାଦେବୀଙ୍କର ପଦଯାତ୍ରା

ଏପ୍ରିଲ ତା ୬ରୁ ୧୩ ପର୍ଯ୍ୟନ୍ତ ୧୯୫୦ରେ ଅନୁଗୁଳରେ ଦ୍ୱିତୀୟ ଅଖିଳ ଭାରତ ସର୍ବୋଦୟ ସମ୍ମିଳନୀ ହେଲା । ଶ୍ରୀମତୀ ମାଳତୀ ଚୌଧୁରୀ, ରମାଦେବୀ, ଉତ୍କଳ ନବଜୀବନମଣ୍ଡଳର ଓ କସ୍ତୁରବା ନିଧିର ନାରୀକର୍ମୀମାନେ, ଆଚାର୍ଯ୍ୟ ମହାଶୟ, ନବବାବୁ (ଚୌଧୁରୀ) ଏବଂ ବହୁ ସ୍ୱେଚ୍ଛାସେବକ-ସେବିକା ଏଥିରେ ସାହାଯ୍ୟ କଲେ । ବରୀ ଅଞ୍ଚଳରୁ ମଧ ସ୍ୱେଚ୍ଛାସେବକ-ସେବିକା ଅକୁଣ୍ଠ ସାହାଯ୍ୟ ଦେଇଥିଲେ । ଆଚାର୍ଯ୍ୟ ବିନୋବା ସମ୍ମିଳନୀକୁ ଆସିନଥିଲେ । ସେ ପଦଯାତ୍ରା କରୁଥିଲେ । ଭୂଦାନ ଯଜ୍ଞ ଜରିଆରେ ସେ ଭାରତର ଆର୍ଥିକ ସମାନତା ଦିଗରେ ପନ୍ଥା ଦେଖାଇଲେ । ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ମା ରମାଦେବୀ ତା ୭-

Digitized by PPRACHIN, SOA

୧-୫୨ରେ ରାମଚନ୍ଦ୍ରପୁରଠାରୁ ପଦଯାତ୍ରାରେ ବାହାରିଲେ । ବ୍ରାହ୍ମଣୀର ବାଲିରେ ସଭାରେ ରାମଚନ୍ଦ୍ରପୁରର ଶ୍ରୀମତୀ ଖୁଦ ଦେଈ ପ୍ରଥମେ ଭୂମିଦାନ ଘୋଷଣା କଲେ । ଅନୁଗୁଳର ଟାଙ୍ଗିସିଠାରେ ଫେବୃଆରୀ ତା ୧ରୁ ୮ ପର୍ଯ୍ୟନ୍ତ ସର୍ବୋଦୟ ଶିବିରରେ ବରୀ ଅଞ୍ଚଳର ରଚନାତ୍ମକ କର୍ମୀମାନେ ମଧ ଅଂଶଗ୍ରହଣ କରିଥିଲେ । ଏମାନେ ଖଣ୍ଡସାହିରେ ତା ୨୯-୫-୫୨ରେ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ । ସେହିଦିନ ବେସରକାରୀ ଉତ୍କଳ ଭୂଦାନ ଯଜ୍ଞ ସମିତି ଗଢ଼ାଗଲା । ଏହି ନୂଆ ଆନ୍ଦୋଳନରେ ରାମଚନ୍ଦ୍ରପୁରର ମୌଳିକ ବିଦ୍ୟାଳୟର ଅର୍ଦ୍ଧାଧିକ ଶିକ୍ଷକ ଯୋଗ ଦେଇ ଅନ୍ୟତ୍ର ଚାଲିଗଲେ । **ଆଚାର୍ଯ୍ୟ ବିନୋବା ଭାବେ** ଭାରତର ଗଣତନ୍ତ୍ର ଦିବସରେ ତା ୨୬-୧-୧୯୫୫ରେ ଲକ୍ଷ୍ମଣନାଥ (ବାଲେଶ୍ୱର ଜିଲ୍ଲା)ରେ ପ୍ରବେଶ କଲେ ଏବଂ ତା ୨୨.୦୨.୫୫ରେ ବରୀ ଓ ରାମଚନ୍ଦ୍ରପୁରରେ ଅବସ୍ଥାନ କରିଥିଲେ । ତାଙ୍କର ପରିଚର୍ଯ୍ୟାକାରିଣୀ ମହାଦେବୀ ତାଈ ଶାନ୍ତ ପରିବେଶ ଓ ସୌହାଦ୍ର ଦେଖି ଖୁସି ହୋଇ କହିଲେ, 'ଆମେ ନିଜଘରକୁ ବା ଆଶ୍ରମକୁ ଆସିବା ପରି ଲାଗୁଛି ।' ବରୀ ଅଞ୍ଚଳର କେତେକ କର୍ମୀ ନୂଆ ସ୍ୱେଚ୍ଛାସେବକ ଏହି ଆନ୍ଦୋଳନରେ ବଡ଼ ଉତ୍ସାହରେ ଯୋଗଦେଇଥିଲେ ଏବଂ ଭୂଦାନ ସଂଗ୍ରହ ଓ ବିତରଣରେ କୋରାପୁଟ ଜିଲ୍ଲାକୁ ମଧ ଯାଇଥିଲେ । ତା ୧୪-୬-୫୪ରେ ଗମ୍ଭୁରେ ମୋତିଲାଲ ପଣ୍ଡିତଙ୍କର ଭୂଦାନ ଜମି ବିତରିତ ହୋଇଥିଲା ।

ଗୋପବାବୁଙ୍କର ଇଙ୍ଗିତରେ ଓ ଗଣେଶଚନ୍ଦ୍ର ମହାନ୍ତି, ପ୍ରାଣକୃଷ୍ଣ ଦାସ ଆଦିଙ୍କର ଚେଷ୍ଟାରେ ବରୀ ମାଉଣ୍ଡରେ ଗୋଟିଏ ନୂଆ ହାଟ ସପ୍ତାହରେ ସୋମବାର ଓ ଗୁରୁବାରରେ ଚାଲିଲା । ଏହି ହାଟରେ, ଅନ୍ୟାନ୍ୟ ହାଟପରି, କୌଣସି "ତୁଳା' (ହାଟ ମାସୁଲ) ନିଆଯାଏ ନାହିଁ । ନିକଟରେ ମଧ ଗୋଟିଏ ଖାଉଟି ସମବାୟ ଭଣ୍ଡାର ଖୋଲିଥିଲା । ଏବେ ତାହା ଆଉନାହିଁ ।

କଟକ ଡ଼ିସ୍ତ୍ରିକ୍ଟ ବୋର୍ଡ଼ ରାମଚନ୍ଦ୍ରପୁରରେ ଏକ ଡ଼ାକ୍ତରଖାନା ମଞ୍ଜୁର କଲେ । ତା ୯-୧୨-୪୮ରେ ଡ଼ାକ୍ତର କାଳୀପଦ ଚୌଧୁରୀ ସେଠାରେ ପ୍ରଥମ ଡ଼ାକ୍ତର ରୂପେ ଯୋଗଦେଲେ ।

ଶ୍ରୀ ଜୟପ୍ରକାଶ ନାରାୟଣ ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ପ୍ରଭାବତୀ ଦେବୀ ୧୯୫୪ରେ ବୋଧଗୟା ସର୍ବୋଦୟ ସମ୍ମିଳନୀଠାରୁ 'ଜୀବନ-ଦାନ' କରି, ବିନୋବାଜୀଙ୍କର ଅହିଂସକ କ୍ରାନ୍ତିରେ ଲାଗିଥିଲେ । ଆତ୍ମଶୁଦ୍ଧି ପାଇଁ ଭୂଦାନ କର୍ମୀ ଶ୍ରୀ ଗଙ୍ଗାଧର ଦାସ ଅମଠପୁରରେ ତା ୪-୭-୫୫ରୁ ଏକୋଇଶ ଦିନ ଅନଶନ କରିଥିଲେ । ଜୟପ୍ରକାଶଜୀ ଓ ପ୍ରଭାବତୀ ଦେବୀ ତା ୨୩-୪-୧୯୫୭ରେ ରାମଚନ୍ଦ୍ରପୁରରେ ଥିଲେ । ଜୟପ୍ରକାଶଜୀ ଲୋକଙ୍କୁ ଏହି କ୍ରାନ୍ତିର

Digitized by PPRACHIN, SOA

କଥା ପ୍ରାଞ୍ଜଳଭାବରେ ବୁଝାଇଥିଲେ । ତା ୯-୧-୫୭ରେ ବରୀରେ ମନମୋହନ ଚୌଧୁରୀଙ୍କର ଜମି ଭୂମିହୀନ ଲୋକଙ୍କୁ ବିତରିତ ହୋଇଥିଲା ।

ମା ରମାଦେବୀ ୧୯୫୮ ଏପ୍ରିଲରେ କଟକରେ ଟାଇଫଏଡ୍ ଜ୍ୱରରେ ଆକ୍ରାନ୍ତ ହେଲେ । ଗୋପବାବୁ ତାଙ୍କୁ ଦେଖିବାକୁ ଥୋଡ଼ିଆସାହିକୁ ଆସିଲେ । ହଠାତ୍ ତା ୨୯-୪-୫୮ରେ ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ମାତ୍ର ୧ଘଣ୍ଟା ମଧ୍ୟରେ ସଂସାରରୁ ବିଦାୟ ନେଲେ । ତା ୯-୫-୫୮ରେ କଟକରୁ ତାଙ୍କର ଚିତାଭସ୍ମ ନେଇ ବିନୋଦ କାନୁନଗୋ, ସୁରେନ୍ଦ୍ର ପଟ୍ଟନାୟକ, କ୍ଷମା ମହାନ୍ତି, ରାଜାବଗିଚାର ବସନ୍ତକୁମାରୀ ମହାନ୍ତି ଆଦି ବରୀରେ ପହଞ୍ଚିଲେ । ଶହ ଶହ ପିଲା ଓ ଲୋକେ ସଂକୀର୍ତ୍ତନ କରି ବ୍ରାହ୍ମଣୀ ନଦୀର କଣିବାଙ୍କଠାରେ ତାହା ବିସର୍ଜନ କଲେ । ଲୋକେ କହିଲେ- 'ଦୀପ ନିଭିଗଲା ।' ପ୍ରତିବର୍ଷ ଏହି କଣିବାଙ୍କରେ-ଉତ୍କଳମଣିଙ୍କର, ଜୀବରାମ କଲ୍ୟାଣୀଙ୍କର ପୁଣ୍ୟତିଥିରେ ତିଳତର୍ପଣ ହେଉଥିଲା ।

ଡ଼ାକ୍ତର କୁନ ଅପା ୨ ମାସ ପରେ ବରୀରୁ ସ୍ୱେଚ୍ଛାରେ ତା ୨-୭-୫୮ରେ ନିଜର ବାପଘରକୁ ଓ ସ୍ୱାମୀଙ୍କଠାକୁ କୁଜଙ୍ଗକୁ ଗଲେ । ଯିବା ପୂର୍ବରୁ ବରୀ ଲୋକେ ତାଙ୍କୁ ଅତି ଆଦରରେ ବିଦାୟ ଦେଇଥିଲେ ଏବଂ ଝିଅ ଶାଶୁଘରକୁ ଯିବାପରି ଭାର ଦେଇଥିଲେ । ସେ ୧୯୮୩ ମସିହାଠାରୁ କସ୍ତୁରବା ନିଧିର ଉତ୍କଳ ଶାଖାର ପ୍ରତିନିଧି ଥିଲେ ଏବଂ ପ୍ରତ୍ୟକ୍ଷଭାବରେ ପୁଣି ସାର୍ବଜନୀନ ସେବାରେ ଲାଗିଥିଲେ ।

ନୂଆଘର (ଦୁଧେଇପାଳ)
ଗୋପବନ୍ଧୁ-ରମାଦେବୀ ଆଶ୍ରମ

ବରୀରେ ତିନୋଟି ସ୍ଥାନରେ ଗୋପବାବୁଙ୍କର କର୍ମସ୍ଥଳୀ ଥିଲା । ସେଥି ମଧ୍ୟରୁ ପ୍ରଥମରେ ସେବାଘର (ମାତୃମଙ୍ଗଳ କେନ୍ଦ୍ର), ଦ୍ୱିତୀୟରେ ମୌଳିକ ଶିକ୍ଷାର ପ୍ରୟୋଗ (ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ), ତୃତୀୟରେ ଚାଷର ପ୍ରୟୋଗ ନୂଆଘର ଯେଉଁଠାରେ ମୁଖ୍ୟତଃ ଭାବରେ ପୁଅ ମନମୋହନ ଚୌଧୁରୀଙ୍କ ନାମରେ ପାଞ୍ଚଏକର ଜମି କିଣା ଯାଇଥିଲା ୧୯୫୦ ମସିହାରେ । ଏଠାରେ ପୁଅ ମନମୋହନ ଚୌଧୁରୀ, ବୋହୂ ସୁମିତ୍ରା ଚୌଧୁରୀ ମିଶି ଶାରୀରିକ ପରିଶ୍ରମ କରି ଉନ୍ନତ ଧରଣର ପରିବା, ଧାନ, ଗହମ, ତୈଳବୀଜ, ଗୋପାଳନ, ମହୁଚାଷ, ଚମଡ଼ା କାମ, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ଏକତା, ନିଶା ନିବାରଣ ପ୍ରଭୃତି କାମ କରିଥିଲେ । ତା'ପରେ ସେତେବେଳେ ଏଠାରେ ଏକ ସ୍ୱାବଲମ୍ବୀ ଜୀବନର ପ୍ରୟାଶ କରିଥିଲେ । ଗୋପବାବୁ- ରମାଦେବୀ ଏଠାରେ କିଛି ସମୟ କଟାଇଥିଲେ ।

Digitized by PPRACHIN, SOA

ଏଇ ନୂଆଘର କିଛି ଦିନ କାମ ଚାଲିଲା ପରେ ବିନୋବା ଭାବେଙ୍କ ନେତୃତ୍ୱରେ ଭୂଦାନ ଯାତ୍ରା ସମୟରେ ଗୋପବାବୁ-ରମାଦେବୀ ତଥା କର୍ମୀ ଭାଇଭଉଣୀ ସମସ୍ତେ ଭୂଦାନ କାମ କରିବାକୁ ଚାଲିଆସିଲେ । ମଝିରେ ମଝିରେ ଗୋପବାବୁ, ରମାଦେବୀ ଏବଂ ମନମୋହନ ଚୌଧୁରୀ ଏ ଅଞ୍ଚଳକୁ ଆସୁଥିଲେ । ୧୯୫୮ ମସିହାରେ ହଠାତ୍ ଗୋପବାବୁଙ୍କର ଦେହାନ୍ତ ଯୋଗୁଁ ମା' ରମାଦେବୀ କଟକର ଭୂଦାନ ଅଫିସରେ ରହି କାମ କଲେ, ତତ୍‌ପରେ ନୂଆଘରେ ଚାଲିଥିବା କାମ ବନ୍ଦ ହୋଇଗଲା । ବରୀ ଅଞ୍ଚଳର ଗଣେଶ ଚନ୍ଦ୍ର ମହାନ୍ତି ଉକ୍ତ ଘରେ ଆସି ଅବସ୍ଥାନ କଲେ । ୧୯୯୮ ମସିହା ଅକ୍ଟୋବର ୧୧ ତାରିଖରେ ଜୟପ୍ରକାଶ ଏବଂ ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଦିବସରେ ପୁନଶ୍ଚ ଏହାର କାର୍ଯ୍ୟ ସୁମିତ୍ରା ଚୌଧୁରୀଙ୍କ ଦ୍ୱାରା ଆରମ୍ଭ କରାଗଲା । ଏହା ପରବର୍ତ୍ତୀ ସମୟରେ ମନମୋହନ ଚୌଧୁରୀ ଉକ୍ତ ଜମିକୁ ଗୋପବନ୍ଧୁ-ରମାଦେବୀ ଆଶ୍ରମ ଟ୍ରଷ୍ଟ ନାମରେ ନାମିତ କରାଇଲେ । ଏଇ ଟ୍ରଷ୍ଟ ମାଧମରେ ମୁଖ୍ୟତଃ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ, କର୍ମୀ ତାଲିମ ଏବଂ ସ୍ୱାବଲମ୍ବନ କୃଷି ସାଙ୍ଗକୁ ଏକ ସ୍ୱାବଲମ୍ବୀ ଜୀବନ ବିତାଇବାର ପ୍ରୟାସ ।

ଆନ୍ଦୋଳନରେ ଭଟ୍‌ଟା

ପଣ୍ଡରପୁରଠାରେ ସର୍ବୋଦୟ ସମ୍ମିଳନୀରେ ୧୯୫୮ରେ ବିନୋବାଜୀ ସୂଚନା ଦେଲେ ଯେ ଗୋପବାବୁଙ୍କର ସ୍ମୃତିରେ **'ସର୍ବୋଦୟ ପାତ୍ର'** (ମୁଷ୍ଟିଭିକ୍ଷା) ପ୍ରତ୍ୟେକ ଗୃହସ୍ଥ ନିଜ ଘରେ ବସାନ୍ତୁ ଓ ସେଥିରୁ ସମ୍ବଳ ଦ୍ୱାରା ଏ ଆନ୍ଦୋଳନ ଚାଲୁ । ବରୀ ଅଞ୍ଚଳର ଲୋକେ ଏଥିରେ ଭଲ ସହଯୋଗ କଲେ । ଗୋବିନ୍ଦ ସାମଲ, ବୈଷ୍ଣବ ଚରଣ ସାମଲ, ନନ୍ଦ ଜେନା, ରାଜୀବଲୋଚନ ସାମଲ ଆଦି ସକ୍ରିୟ ଦାୟିତ୍ୱ ନେଲେ । ହେଲେ ହେଁ, ରମାଦେବୀ, ବୁଲୁବାବୁ ଆଦି ବରୀ ଛାଡ଼ି ଅନ୍ୟତ୍ର ରହିବାରୁ ବରୀ ଅଞ୍ଚଳରେ ଏସବୁ କାର୍ଯ୍ୟରେ ଭଟ୍ଟା ପଡ଼ିଗଲା । ଗୋପବାବୁଙ୍କର ମୃତ୍ୟୁର ୨ବର୍ଷ ପରେ ୧୯୬୦ରେ ମା ରମାଦେବୀ ରାମଚନ୍ଦ୍ରପୁରକୁ ଗଲେ । ସର୍ବପ୍ରଥମେ ଏ ଅଞ୍ଚଳରେ ମାଲିମକଦ୍ଦମାଗୁଡ଼ିକ ଆପୋଷ ରଫାନାମା କରିବା ପାଇଁ **'ସମନ୍ୱୟ ସମିତି'** ନାମରେ ଗୋଟିଏ କ୍ଷୁଦ୍ର ଅନୁଷ୍ଠାନ ଗଢ଼ାଗଲା । ହଳଦୀବସନ୍ତର ଗୟାଧର ଜେନା, ରାମଚନ୍ଦ୍ରପୁରର ବସୁଦେବ ସାମଲ ଓ ଅମଠପୁରର ରଙ୍ଗାଧର ଦାସ ଏହାର ଦାୟିତ୍ୱ ନେଲେ । କଚେରିରେ ଥିବା ମୋଟ ୪୧ଟି ମକଦ୍ଦମାରୁ ୩୯ଟି ମକଦ୍ଦମା ସନ୍ତୋଷଜନକ ଭାବରେ ସମାଧାନ ହେଲା । ତା ୧୩-୧-୬୦ରେ ଆଞ୍ଚଳିକ ସର୍ବୋଦୟ ମଣ୍ଡଳ ଦ୍ୱାରା କିଛି ଗଠନମୂଳକ କାର୍ଯ୍ୟର ସୂତ୍ରପାତ ହେଲା । ତା ୨୬-୮-୧୯୬୦ ଓ ତା ୭-୯-୧୯୬୧ରେ ଏ ଅଞ୍ଚଳରେ ଅଭୂତପୂର୍ବ ବନ୍ୟା ଦ୍ୱାରା ବହୁ କ୍ଷୟକ୍ଷତି ହେଲା । ପ୍ରଥମେ ସାମାନ୍ୟ ବେସରକାରୀ ସାହାଯ୍ୟରେ

Digitized by PPRACHIN, SOA

ରିଲାଫ୍ ଦିଆ ହେଲା । ଏଥିରେ ଶ୍ରୀ ବିରଜାପ୍ରସାଦ ରାୟଙ୍କର ଦାନ, ଶାରୀରିକ ଶ୍ରମ ଓ ବିଜୁ ପଟ୍ଟନାୟକ; ମାରୁଆଡ଼ି ସୋସାଇଟି ଆଦିଙ୍କର ଦାନ ଉଲ୍ଲେଖଯୋଗ୍ୟ । ବରୀ ପକ୍ଷରୁ ତା ୩-୯-୧୯୬୦ରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲାଲ ନେହେରୁଙ୍କୁ ଶ୍ରୀ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଥିଲାବେଳେ ଯେଉଁ ପ୍ରତିକାର ଗୁଡ଼ିକ ସମ୍ବନ୍ଧରେ ସ୍ମାରକପତ୍ର ଦିଆଯାଇଥିଲା, ପ୍ରଧାନମନ୍ତ୍ରୀ ତାଙ୍କର ସାଧାରଣ ସଭାରେ ସେହି ପ୍ରତିକାରମାନ ସ୍ପଷ୍ଟ ରୂପେ ଦର୍ଶାଇଥିଲେ ।

ଗୋପବନ୍ଧୁ ଚୌଧୁରୀ କଲେଜ

ଉତ୍କଳ ମୌଳିକ ଶିକ୍ଷା ପରିଷଦଙ୍କର ଯତ୍ନରେ ରାମଚନ୍ଦ୍ରପୁରଠାରେ ଉତ୍ତର ମୌଳିକ (ହାଅର୍ ସେକେଣ୍ଡାରୀ) ସ୍କୁଲ ଚାଲିଥିଲା । ତା ୧୨-୯-୧୯୬୨ରେ ପ୍ରଫେସର ଶତ୍ରୁଘ୍ନ ନାଥ ଓ ପ୍ରଫେସର ବୈଦ୍ୟନାଥ ରଥ ଏହା ପରିଦର୍ଶନ କରିବା ଓ ସୁପାରିସ କରିବା ଫଳରେ ଓଡ଼ିଶା ମାଧମିକ ଶିକ୍ଷା ବୋର୍ଡ଼ ତାହାକୁ ଦଶମ ସୋପାନ ଖୋଲିବାପାଇଁ ମାନ୍ୟତାଦେଇଥିଲେ । ଓଡ଼ିଶାର ଇନ୍‌ସପେକ୍ଟର କୁମାରୀ ବିବାସିନୀ ମହାନ୍ତି ତା ୭-୪-୬୨ରେ ଏବଂ ଡ଼ିରେକ୍ଟର ଡ଼କ୍ଟର ସଦାଶିବ ମିଶ୍ର ତା ୧୮-୨-୬୩ରେ ସେହି ସ୍କୁଲ ପରିଦର୍ଶନ କରିଥିଲେ । ମାତ୍ର ପୂର୍ଣ୍ଣ ମାନ୍ୟତାର ଅଭାବରୁ ଏହାର ଛାତ୍ରମାନେ ପ୍ରାଇଭେଟ୍ ଭାବରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଉଥିଲେ । ସ୍ଥାନୀୟ ଲୋକେ ଆଗ୍ରହ କରିବାରୁ ଉ. ମୌ. ଶି. ପରିଷଦ ଗୋପବନ୍ଧୁ ଚୌଧୁରୀଙ୍କ ନାମରେ ଏକ କଲେଜ ପ୍ରତିଷ୍ଠା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟଙ୍କୁ ନିବେଦନ କଲେ । ପ୍ରଫେସର ମହେନ୍ଦ୍ରକୁମାର ରାଉତ ଓ ପ୍ରଫେସର କ୍ଷେତ୍ରମୋହନ ପଟ୍ଟନାୟକଙ୍କର ପରିଦର୍ଶନ ଓ ସୁପାରିସ ଫଳରେ ତା ୨୯-୫-୧୯୬୫ରେ କଲେଜ ମାନ୍ୟତା ପାଇଛି । ବର୍ତ୍ତମାନ ସେହି କଲେଜରେ ବି.ଏ. ଓ ବି.ଏସ୍‌ସି. ପଢ଼ା ହେଉଅଛି ।

ବରୀ ଅଞ୍ଚଳର ବାହାରେ ସେବା

ଭୂଦାନ-ଗ୍ରାମଦାନ ଆନ୍ଦୋଳନ ୧୯୬୩ ପରେ ଧିମେଇ ଯିବା ପରେ ବରୀ ଅଞ୍ଚଳରେ ସେପରି କୌଣସି ଉଲ୍ଲେଖଯୋଗ୍ୟ କାର୍ଯ୍ୟ ପ୍ରାୟ ହୋଇନାହିଁ । ୧୯୬୪ ମସିହାରେ ଓଡ଼ିଶାରେ ଛାତ୍ର ଆନ୍ଦୋଳନ, ରାଉରକେଲାରେ ସାମ୍ପ୍ରଦାୟିକ ଗଣ୍ଡଗୋଳ, ୧୯୭୧ରେ ପଶ୍ଚିମ ଦିନାଜପୁର ଜିଲ୍ଲାରେ ହିଲି ବ୍ଲକ୍‌ରେ ପୂର୍ବ ପାକିସ୍ତାନରୁ ଶରଣାର୍ଥୀ ଆଗମନ ପ୍ରଧାନ ଦୁଃଖଦାୟକ ଘଟଣାମାନ ଘଟିଥିଲା । ଏ ସମ୍ପର୍କରେ ରିଲାଫ୍ ଓ ଥଇଥାନ କାମରେ ବରୀର କସ୍ତୁରବା ନିଧିର ନାରୀକର୍ମୀ ଓ ବରୀ ଅଞ୍ଚଳରକେତେ ଜଣ ସ୍ୱାଧୀନତା-ସଂଗ୍ରାମୀ ସ୍ୱେଚ୍ଛାସେବକରୂପେ ଯୋଗ ଦେଇଥିଲେ ।

Digitized by PPRACHIN, SOA

ଭାରତରେ ଜରୁରୀ ପରିସ୍ଥିତି

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉତ୍ତର ପ୍ରଦେଶ ରାୟବରେଲୀ ଲୋକସଭା ନିର୍ବାଚନ-ମଣ୍ଡଳୀରୁ ଜିତିଥିଲେ । ସେ ନିର୍ବାଚନ ପ୍ରଚାରରେ ସରକାରୀ କଳକୁ ବ୍ୟବହାର କରିଥିବାର ପ୍ରମାଣ ପାଇ ଏଲ୍‌ହାବାଦ ହାଇକୋର୍ଟର ମାନ୍ୟବର ଜଜ୍ ଜଗମୋହନ ଲାଲ ସିଂହ ତାଙ୍କର ନିର୍ବାଚନକୁ ଅସିଦ୍ଧ କରିଦେଲେ ଏବଂ ୬ ବର୍ଷ ପାଇଁ ଶ୍ରୀମତୀ ଗାନ୍ଧୀ କୌଣସି ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ- ରାୟ ଦେଲେ । ମାତ୍ର ଶ୍ରମତୀ ଗାନ୍ଧୀ ଏହି ରାୟକୁ ଅମାନ୍ୟ କରି ସମଗ୍ର ଭାରତରେ "ଜରୁରୀ ପରିସ୍ଥିତି" ଘୋଷଣା କଲେ । ତା ୨୬-୬-୧୯୭୫ରେ ଜୟପ୍ରକାଶ ନାରାୟଣ, ମୋରାରଜୀ ଦେସାଇ, ଚନ୍ଦ୍ରଶେଖର, ଆଦି ଗିରଫ ହେଲେ । ସେହି ୩/୪ଦିନ ମଧ୍ୟରେ ମନମୋହନ ଚୌଧୁରୀ, ମଦନମୋହନ ସାହୁ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଅନାଦି ନାୟକ ଆଦି ମଧ ଗିରଫ ହେଲେ ଏବଂ ମିଶା **(MISA)** ଆଇନରେ ବିନା ବିଚାରରେ ୨୧ ମାସ ପର୍ଯ୍ୟନ୍ତ କାରାରୁଦ୍ଧ ହେଲେ । ମାଳତୀ ଚୌଧୁରୀ, ବିରଜାପ୍ରସାଦ ରାୟ, ସୁରେନ୍ଦ୍ର ମହାନ୍ତି ବିନୋଦ ମହାନ୍ତି, ଆଦି ମଧ ଜେଲ ଯାଇଥିଲେ । ଶ୍ରୀମତୀ ରମାଦେବୀ ଆଦିଙ୍କ ଉପରେ କଟକଣା ଜାରି ହୋଇଥିଲା ଯେ ଓଡ଼ିଆସାହିସ୍ଥ ଗୁଣନିଧି ଭବନରେ ପୋଲିସର ବିନା ରେକର୍ଡ଼ରେ କେହି ତାଙ୍କୁ ଦେଖା କରି ପାରିବେ ନାହିଁ ଏବଂ ରମାଦେବୀ ଅନ୍ୟତ୍ର ଯାଇ ସଭା କରିପାରିବେ ନାହିଁ । ପୋଲିସ ଗୁଣନିଧି ଭବନରେ ବାରମ୍ବାର ସାର୍ଚ୍ଚ **(search)** କଲେ, ସେଠାରେ ସରକାରୀ-ବିରୋଧ ପ୍ରଚାରପତ୍ର ଆଦି ବାହାରୁଛି କି । ବାଖରାବାଦରେ ଗ୍ରାମସେବକ ପ୍ରେସକୁ ପୋଲିସ ବନ୍ଦ କରି ଦେଲେ ଏବଂ ଉଭୟ ଜାଗାରେ ୨୪ ଘଣ୍ଟାକାଳ ପୋଲିସ ଜଗୁଆଳି ରହିଲେ । ତଥାପି, ୧୪ଟି ପ୍ରଚାରପତ୍ର ରମାଦେବୀ, ନବକୃଷ୍ଣଚୌଧୁରୀ ଓ କେତୋଟି ସଂସ୍ଥାଦ୍ୱାରା ଓଡ଼ିଶାରେ ପ୍ରଚାରିତ ହେଲା । ରମାଦେବୀ ତା ୧୪ ଜୁଲାଇରେ କଟକରୁ ବରୀକୁ ଯାଇ ୧୧ଦିନ ରହିଲେ । ଲୋକେ ଏତେ ଭୀତ ହୋଇଯାଇଥିଲେ ଯେ-ଯେଉଁ ରମାଦେବୀ ୧୯୩୪ରୁ ବହୁବର୍ଷ ସେ ଅଞ୍ଚଳରେ ରହି ଏତେ ସେବା କରିଥିଲେ ଏବଂ ଲୋକମାନେ ଏତେ ଆନ୍ଦୋଳନ ପୂର୍ବେ କରିଥିଲେ ସେହି ଲୋକେ ତାଙ୍କ ସହ କଥାବାର୍ତ୍ତା କରିବାକୁ ଆସିଲେ ନାହିଁ ।

ଅବଶ୍ୟ ଚନ୍ଦ୍ରଗିରି ରଘୁନାଥ ଜେନାଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀକାନ୍ତ ଜେନା 'ମିଶା' **MISA** ଆଇନ୍‌ରେ କାରାରୁଦ୍ଧ ହୋଇଥିଲେ । ରାମପୁରର ହରିଚରଣ ଜେନା ଓ ଆଉ କେହି କେହି ସଚେତନ ବ୍ୟକ୍ତି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଏକଛତ୍ର-ଶାସନକୁ ନିନ୍ଦା କରୁଥିଲେ । ମାତ୍ର ପ୍ରକାଶ୍ୟରେ କହିବାକୁ ଡ଼ରିଥିଲେ । ତା.୧୬-୧୨-୭୬ରେ ଓଡିଶାର

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଇସ୍ତଫା ଦେଲେ । ତା ୧୯-୧-୭୭ରେ ମନମୋହନ ଚୌଧୁରୀ, ମଦନମୋହନ ସାହୁ ଆଦି ଖଲାସ ହେଲେ । ନବକୃଷ୍ଣ ଚୌଧୁରୀ ବାରିପଦା ଜେଲରେ ପକ୍ଷାଘାତ -ଗ୍ରସ୍ତ ହେବାରୁ ତା ୨୪-୧୧-୭୫ରେ ଅପାତତଃ ଖଲାସ ହୋଇ ସାରିଥିଲେ ଏବଂ ପରେ ପୂର୍ଣ୍ଣରୂପେ ମୁକ୍ତି ପାଇଲେ । ଜେଲରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଦୁଇଟି ଯାକ ଯକୃତ ନିଷ୍କ୍ରିୟ ହୋଇଗଲା ଏବଂ ସେ ଖଲାସ ହୋଇ ଯଶଲୋକ ହସପିଟାଲରେ ଚିକିତ୍ସାଧୀନ ରହିଲେ । ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଉଠାଇ ନେବାକୁ ଓ ଲୋକସଭା-ନିର୍ବାଚନ କରିବାକୁ ବାଧ ହେଲେ । ତା ୨୦-୩-୭୭ରେ ନିର୍ବାଚନ ଫଳ ବାହାରିଲା । ରାୟ-ବରେଲୀର ନିର୍ବାଚନ-ମଣ୍ଡଳୀରେ ସେ ରାଜନାରାୟଣଙ୍କ ଦ୍ୱାରା ପରାସ୍ତ ହେଲେ ।

ଏହି ରୂପେ ୨୧ ମାସର ଦୀର୍ଘ କଠିନ ନିର୍ଯାତନା ଲୋକେ ପାଇବା ପରେ ଭାରତରେ ଗଣତନ୍ତ୍ର ପୁନର୍ଜୀବନ ଲାଭ କଲା । ବାକ୍-ସ୍ୱାଧୀନତା ପ୍ରତିଷ୍ଠିତ ହେଲା ।

"ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ-ସଂସ୍ଥିତି ।"
-କାରାକବିତା,
ଉତ୍କଳମଣି ଗୋପବନ୍ଧୁ ଦାସ

ପୁରୁଷାର୍ଥହୀନ କର୍ମ

ଦେଶର ଶହ ଶହ ଅଞ୍ଚଳରେ ବ୍ଲକ୍ ଡେଭଲପ୍‌ମେଣ୍ଟ କାର୍ଯ୍ୟ, ଉଠାଜଳସେଚନ କାର୍ଯ୍ୟ, ନୂଆ ରାସ୍ତା, ଡାକଘର, ହାଇସ୍କୁଲ, କଲେଜ, ଡାକ୍ତରଖାନା ଆଦି ହେଲା । ବରୀ ଅଞ୍ଚଳରେ ମଧ ଏସବୁ କେତେକ ପରିମାଣରେ ହେଲା । ଏଥିରେ ଲୋକଙ୍କର ଅଭିକ୍ରମ ବା ଅବଦାନ ପ୍ରାୟ ନାହିଁ । ଗଡ୍‌ଡ଼ାଲିକା-ପ୍ରବାହରେ ଏ କାମ ଚାଲିଛି । ଲୋକସାଧାରଣ କହିଥାନ୍ତି ଯେ କେତେକ ବ୍ୟକ୍ତି ଓ କେତେକ ସଂସ୍ଥା ଏସବୁକୁ ସରକାରଙ୍କର ଅନୁଗ୍ରହ ବୋଲି ଭାବନ୍ତି ଏବଂ ଏଥିରେ ପକ୍ଷପାତ, ଅନୀତି, ଦୁର୍ନୀତି ହେଲେ ଏହି ବ୍ୟକ୍ତି ଓ ସଂସ୍ଥା ସହିଯାନ୍ତି । ଏ ମନୋଭାବ ଗଣତନ୍ତ୍ରର ଘୋର ବାଧକ ଅଟେ ।

Digitized by PPRACHIN, SOA

ଶହିଦମାନଙ୍କର ସଂକ୍ଷିପ୍ତ ପରିଚୟ

୧। ମାୟାଧର ଭୂୟାଁ- ମାତା ସୁଲୋଚନା (ସୋଲ) ପିତା ✓ଘନ ଭୂୟାଁ । ତାଙ୍କର ଗ୍ରାମ ହାଟସାହିରେ । ସେ ମରଣସେନାରେ ନାମ ଲେଖାଇଥିଲେ । ତା ୨୬-୮ ସକାଳେ ସେ ରାମଚନ୍ଦ୍ରପୁର ମୌଳିକ ସ୍କୁଲ ହତାକୁ ଯାଇ ଶରତଚନ୍ଦ୍ର ମହାରଣାଙ୍କୁ ଦେଖା କଲେ ଏବଂ କାଇପଡ଼ାକୁ ଯିବାକୁ ଇଚ୍ଛା ପ୍ରକାଶ କଲେ । ଶରତବାବୁ ତାଙ୍କୁ କହିଲେ- ଋଷି ବେହେରା କାଇପଡ଼ାକୁ ଯାଇ ପୋଲିସଙ୍କ ସହ କଥାବାର୍ତ୍ତା କରିବେ । ଆପଣ ଏତେ ଦୂରକୁ ଯିବା ଓ ପୋଲିସଙ୍କଠାକୁ ଯିବା ଉଚିତ ନୁହେଁ । ମାତ୍ର ସେ ଏ ପରାମର୍ଶରେ ସନ୍ତୁଷ୍ଟ ହେଲେ ନାହିଁ । ନିଜ ଘରକୁ ଫେରିଗଲେ । ସେଠାରୁ ସେ କଳାମାଟିଆକୁ ଖରାବେଳେ ଯିବାବେଳେ ହସି ହସି ତାଙ୍କର ଜଣେ ଆତ୍ମୀୟାକୁ ଓ ନିଜର ଗୋଟିଏ ପୁଅକୁ କହିଥିଲେ, "ମୁଁ ଯୁଦ୍ଧକୁ ଯାଉଛି" । ସେ ଜଣେ ସିପାହୀଙ୍କ ବନ୍ଧୁକକୁ ଛଡ଼ାଇବାକୁ ଚେଷ୍ଟା କଲେ । ଦୁଇଜଣ ସିପାହୀ ତାଙ୍କ ବେକରେ ସଙ୍ଗୀନ ଭୂଷି ଦେବାରୁ ସେହିଠାରେ ସେ ପ୍ରାଣତ୍ୟାଗ କଲେ । ସ୍ତ୍ରୀ-ସୁରବେଓ୍ୱା, ପୁଅ-ତ୍ରିଲୋଚନ ଓ କଳ୍ପତରୁ ।

୨। ହାଡ଼ିବନ୍ଧୁ ପଣ୍ଡା- ମାତା ଚାନ୍ଦଦେବୀ, ପିତା ✓ମହେଶ୍ୱର ପଣ୍ଡା, ଘର- କୃଷ୍ଣନଗରରେ । ଚେହେରା ବୀରପରି ଥିଲା । ସେ କଲିକତା ଯାଇ ରୋଜଗାର କରୁଥିଲେ । ତାଙ୍କ କୁଟୁମ୍ବରେ ଜଣଙ୍କର ଅନ୍ତ୍ୟେଷ୍ଟିକ୍ରିୟାର ନବମ ଦିନ ତା ୨୬-୮ରେ ପଡ଼ିଥିଲା । ଏଥିପାଇଁ କେତେ ଲୋକ ତାଙ୍କୁ କଳାମାଟିଆକୁ ଯିବାପାଇଁ ବାରଣ କରୁଥିଲେ । ପୋଲିସର ସଙ୍ଗୀନ- ଭୂଷାରେ ସେ ପ୍ରାଣତ୍ୟାଗ କଲେ । ମୃତ୍ୟୁ ବେଳକୁ ହାଡ଼ିବନ୍ଧୁଙ୍କର ବୟସ ୩୫ ବର୍ଷ ହୋଇଥିଲା ତାଙ୍କର ପତ୍ନୀଙ୍କ ନାମ ଯୁତୀ, ପୁଅଙ୍କ ର ନାମ ରାମଚନ୍ଦ୍ର ଓ ଝିଅଙ୍କ ର ନାମ ସତ୍ୟଭାମା, ବୋହୂଙ୍କର ନାମ ସୁଲୋଚନା । ୧୯୭୯ରେ ଯୁତୀ ଦେବୀଙ୍କର ମୃତ୍ୟୁ ହୋଇଯାଇଛି ।

୩। ସାଉଣ୍ଟି ମଳିକ- ଘର ଶେରପୁର (ଶ୍ରୀରାମପୁର) ମାତା-ଗୟାଦେବୀ, ପିତା- ✓ ବିଦ୍ୟାଧର । ଛଅ ବର୍ଷ ବେଳେ ପିତା ମରିଯିବାରୁ ମାତା ମୂଲ ଲାଗି ଚଳୁଥିଲେ । ବଡ଼ ହେବାରୁ ସାଉଣ୍ଟି ଜଣଙ୍କ ଘରେ କୋଠିଆ ଭାବରେ କାମ କଲେ । ଏ ବଡ଼ କୀର୍ତ୍ତନ-ପ୍ରିୟ ଥିଲେ । ସେ ଜନତା ମଧ୍ୟରେ ଆଗ ଧାଡ଼ିରେ ଥିଲେ । ପୋଲିସର ଗୁଳି ତାଙ୍କର ଚିତା (କପାଳ)ରେ ବାଜିଲା ଓ ତତ୍କ୍ଷଣାତ୍ ତାଙ୍କର ପ୍ରାଣ ବାହାରିଗଲା । ମୃତ୍ୟୁ ବେଳକୁ ପ୍ରାୟ ୨୩ ବର୍ଷ ହୋଇଥିଲା । ସେ ବିବାହ କରିଥିଲେ । ସ୍ତ୍ରୀଙ୍କର ନାମ ଶ୍ରୀମତୀ ହାଡ଼ିଆଣୀ ଦେଈ, ସାନ ଭାଇର ନାମ ଶ୍ରୀ କେଶବ ମଳିକ ।

Digitized by PPRACHIN, SOA

୫ । ସାନନ୍ଦ ସାଇଁ- ଘର କୃଷ୍ଣନଗର । ଜନ୍ମ ୧୯୦୨ ମସିହାରେ । ମାତା-ରୋଦନୀ ଦେବୀ, ପିତା- ✓ ସପନ ସାଇଁ, ଭାଇ ନତ୍ୟାନନ୍ଦ । ସାନନ୍ଦ କଂଗ୍ରେସର ପ୍ରାଥମିକ ସଦସ୍ୟ ଥିଲେ ଓ ସୂତା କାଟୁଥିଲେ । ସେ ଗାଁମାନଙ୍କରେ କଳିଗୋଳ ଆପୋଷରେ ମୀମାଂସା କରୁଥିଲେ । ସାମାନ୍ୟ ଝୋଟ ଓ ଘିଅର ବେପାର କରି ଚଳୁଥିଲେ । ସେ ମରଣସେନାରେ ନାମ ଲେଖାଇଥିଲେ । ସେ ଗୀତ ରଚନା କରି ଗାଉଥିଲେ ପ୍ରଥମ ବିଶ୍ୱଯୁଦ୍ଧ ବେଳେ ସେ ଇଛାପୁର ଗୁଳି-କାରଖାନାରେ କାମ କରୁଥିଲେ । କଳାମାଟିଆରେ ପୋଲିସର ଗୁଳି ତାଙ୍କର ଜଙ୍ଘର କୋଲ୍‌ହାରେ ଫୁଟି ବାହାରି ଯାଇଥିଲା । ସେ 'ଜୟ ମହାତ୍ମା' କହୁଥିଲେ । ସେହି ରାତିରେ ସେ ଘରେ ପ୍ରାଣତ୍ୟାଗ କଲେ । ସାନନ୍ଦଙ୍କର ପତ୍ନୀ ମାଳତୀ, ପୁଅ ପ୍ରମୋଦରଞ୍ଜନ ଓ ପରଶୁରାମ, କନ୍ୟା ପଦ୍ମାବତୀ ଓ ଶଶିରେଖା ।

୫ । କୁମାରୀ ଅବଳା- ଜନ୍ମଦାତ୍ରୀ ମାତାଙ୍କର ନାମ-ସୀତା ଦେବୀ, ପାଳିତା ମାତାଙ୍କର ନାମ-ଖୁସୀ ଦେବୀ । ପାଳକ ପିତା-ଭାଗବତ ନାୟକ । ଘର-ଶେରପୁର । ଅବଳାଙ୍କର ବୟସ ମାତ୍ର ୬ବର୍ଷ ହୋଇଥିଲା । ପୋଲିସ ବରୀ ଅଞ୍ଚଳର କଂଗ୍ରେସ ଲୋକଙ୍କୁ ଓ ସରକାରଙ୍କର ଅତ୍ୟାଚାରକୁ ବିରୋଧ କରୁଥିବା ଲୋକଙ୍କୁ ଗିରଫ୍ କରିନେବା ପରେ, ଗାଁମାନଙ୍କରେ ବୁଲି ଗ୍ରାମବାସୀଙ୍କୁ ଭୀତତ୍ରସ୍ତ କରୁଥିଲେ । ସେହି ସମୟରେ ଅବଳାଙ୍କର ବାପାଙ୍କୁ ପୋଲିସ ଧରିନେଇ ଗଲେ । ଏହି ସାନ ଝିଅଟି ବାପାର ପଛେ ପଛେ କାନ୍ଦି କାନ୍ଦି ଯାଉଥିଲା । ସେ ପଛକୁ ରହିଗଲା । ବାଟର କଡ଼ରେ ଗୋଟିଏ ବଡ଼ ଚଉଡ଼ା ଓ ଗହୀରିଆ ଖାତରେ ବର୍ଷାଜଳ ପୂରି ରହିଥିଲା । ଝିଅଟି ଦୁର୍ଯୋଗକୁ ସେହି ଖାତରେ ପଡ଼ିଗଲା । କେହି ଏହା ତୁରନ୍ତ ଜାଣିପାରି ନ ଥିଲେ । ଝିଅଟି ବୁଡ଼ି ମରିଗଲା । ଅତଏବ, ଅବଳା ମଧ୍ୟ ଶହୀଦ ପଦବାଚ୍ୟ ।

ସ୍ୱାଧୀନତା-ସଂଗ୍ରାମୀଙ୍କର ପରିଚୟ

୧ । ଗୋପବନ୍ଧୁ ଚୌଧୁରୀ- ମୂଳ ଗ୍ରାମ-ଖେରସ, ଜଗତ୍‌ସିଂହପୁର, ଜିଲ୍ଲା-କଟକ, ଜନ୍ମ-ବାଖରାବାଦ, କଟକ ସହରରେ । ମାତା-ପଦ୍ମାବତୀ ଦେବୀ, ପିତା-ଗୋକୁଳାନନ୍ଦ ଚୌଧୁରୀ । ଜନ୍ମ-ବୁଦ୍ଧ ପୂର୍ଣ୍ଣିମା ତା ୮-୫-୧୮୯୫ ମସିହାରେ, ପାଠପଢ଼ା-ଏଣ୍ଟ୍ରାନସ୍-ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ୧୯୦୮ରେ, ଏଫ୍.ଏ. ରେଭେନ୍‌ସା କଲେଜରୁ ୧୯୧୦ରେ, ବି.ଏ. କଲିକତାର ପ୍ରେସିଡ଼େନ୍‌ସି କଲେଜରୁ, ୧୯୧୨ରେ ଏମ.ଏ. କଲିକତା ବିଶ୍ୱବିଦ୍ୟାଳୟରୁ ୧୯୧୪ରେ. ପ୍ରିଲିମିନାରୀ ବି.ଏଲ୍. କଲିକତା ବିଶ୍ୱବିଦ୍ୟାଳୟରୁ ୧୯୧୬ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ । ବିବାହ-ଶ୍ରୀମତୀ ରମାଦେବୀଙ୍କ

Digitized by PPRACHIN, SOA

ସହ-ପ୍ରଥମାଷ୍ଟମୀରେ ତା ୧-୧୧-୧୯୧୪ରେ । ଚାକିରୀ-୧୯୧୭ରେ ଡେପୁଟି ମାଜିଷ୍ଟ୍ରେଟ୍ ଭାବରେ ଆରମ୍ଭ । ଚାକିରିରୁ ଇସ୍ତଫା-୧୯୨୧ ମସିହାର ଜାନୁଆରୀ ବା ଫେବୃଆରୀରେ । ପରେ ପରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ସାକ୍ଷାତ କଲେ । କଟକର କାଠଯୋଡ଼ି ବାଲିରେ ମହାତ୍ମା ଗାନ୍ଧୀଙ୍କ ତା ୨୪-୩-୧୯୨୧ରେ ଯୋଗଦେଲେ । ୧୯୨୨ରେ ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଅଳକା ଆଶ୍ରମର ଶୁଭ ଦେଲେ । ସେଠାରେ ଗୋପବାବୁ, ରମାଦେବୀ ଜାତୀୟ ବିଦ୍ୟାଳୟ କରି ଦେଶସେବାପାଇଁ ଛାତ୍ରମାନଙ୍କ ଶିକ୍ଷାର ବ୍ୟବସ୍ଥା କଲେ । ଗୋପବାବୁ ୧୯୨୪ରେ କଟକ ଜିଲାବୋର୍ଡ଼ର ଚେୟାରମ୍ୟାନ ହେଲେ, ତିନିବର୍ଷ ରହିଲେ । ସେ ୧୯୨୮ରେ ଗାନ୍ଧୀସେବା ସଂଘର ଉତ୍କଳ ଶାଖାର ଭାର ନେଲେ । ତା ୧୨-୩-୩୦ରେ କାଠଯୋଡ଼ି ବାଲିରେ ସଭା ହେଲା, ଲବଣ ସତ୍ୟାଗ୍ରହର ପ୍ରସ୍ତୁତି ଉଦ୍ଦେଶ୍ୟରେ । ତା ୮-୪-୩୦ରେ ଗୋପବାବୁ ପ୍ରଥମେ ଗିରଫ ହେଲେ । ତା ୯-୪ରୁ ତା ୧୦-୩-୩୧ପର୍ଯ୍ୟନ୍ତ ହଜାରୀବାଗ ଜେଲରେ ବନ୍ଦୀ । ତା ୧୦-୧-୩୨ରେ ପୁଣି ଗିରଫ, କଟକ ହଜାରୀବାଗ ଜେଲରେ । ତା ୧୫-୧-୧୯୩୪ରେ ବିହାର ଭୂମିକମ୍ପ ପରେ ପରେ ଖଲାସ । ଗାନ୍ଧୀଙ୍କ ସହ ହରିଜନ ପଦଯାତ୍ରାରେ ପୁରୀରୁ ଭଦ୍ରକ ପର୍ଯ୍ୟନ୍ତ ରହିଲେ । ତା ୧୩-୮-୩୪ରେ ସପରିବାର ବରୀକୁ ଗଲେ । **'ଭାରତ ଛାଡ଼'** ଆନ୍ଦୋଳନରେ ତା ୯-୮-୪୨ ଭୋରରୁ କଟକରେ ସେ ଓ ଶ୍ରୀମତୀ ରମାଦେବୀ ଗିରଫ୍ ହୋଇ, ଜୁଲାଇ ୧୯୪୪ ପର୍ଯ୍ୟନ୍ତ ଜେଲରେ ରହିଲେ । ସେ ଏକାକୀ ସରକାରୀ କଟକଣା ଦୁଇଥର ଅମାନ୍ୟ କରି ଜେଲ ଗଲେ ଏବଂ ୧୯୪୫ରେ ଶେଷ ଆଡ଼କୁ ଖଲାସ ହେଲେ । ଅରଙ୍ଗାବାଦ (ବରୀ)ରେ ରହି ସେ ଓ ରମାଦେବୀ ସ୍ୱାବଲମ୍ବନ ପ୍ରୟୋଗ କଲେ । ୧୯୪୬-୪୭ ଭାରତର ଅନେକ ଆଡ଼େ ସାଂପ୍ରଦାୟିକ ହିଂସାକାଣ୍ଡ ସଂଘଟିତ ହେଲା । ଗୋପବାବୁ କଟକ ସହରରେ ଓ ମଫସଲରେ ଶାନ୍ତି-କମିଟିମାନ ଗଠିତ କରାଇଲେ । ତା ୧୫-୮-୪୭ରେ ଭାରତର ସ୍ୱାଧୀନତା-ଦିବସରେ ଉଭୟେ ନିର୍ଜଳା ଉପବାସ କଲେ, ମୌନ ରହିଲେ, ସୂତା କାଟିଲେ, ପ୍ରାର୍ଥନା କଲେ । **"ଗାନ୍ଧୀଙ୍କର ମହାପ୍ରୟାଣ"** ପରେ ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ୧୯୪୮ରେ ସେବାଗ୍ରାମରେ ଅଖିଳ ଭାରତ ରଚନାତ୍ମକ କର୍ମୀ ସମ୍ମିଳନୀରେ କିଶୋରଲାଲ ମଶ୍ରୁୱାଲାଙ୍କ ଅଧ୍ୟକ୍ଷତାରେ ସର୍ବୋଦୟ ସମାଜ ଗଠିତ ହେଲା । ତା ୩୦-୪-୪୯ରେ ଗୋପବାବୁ ଏହାର ସଂଯୋଜକ ହେଲେ ଏବଂ ଭାରତର ନାନା ପ୍ରଦେଶ ବୁଲିଲେ । ଦେଶର ଦୁର୍ଦ୍ଦଶା ଦେଖିଲେ, ପ୍ରତିକାର ଖୋଜିଲେ । ବିନୋବାଜୀଙ୍କର ଭୂଦାନ ଆନ୍ଦୋଳନରେ ସେ ଅହିଂସାତ୍ମକ ପ୍ରତିକାରର ସନ୍ଧାନ ପାଇଲେ । ତା ୭-୧-୫୨ରେ ସେ ଓ ରମାଦେବୀ ରାମଚନ୍ଦ୍ରପୁର (ବରୀ)ରୁ ବାହାରି ୮ମାସ ପଦଯାତ୍ରା କଲେ । ଉତ୍କଳ

Digitized by PPRACHIN, SOA

ବିଶ୍ୱବିଦ୍ୟାଳୟରୁ ୧୯୫୬ରେ ସମାଜ ସେବାପାଇଁ ଆଚାର୍ଯ୍ୟ ହରିହର ଦାସଙ୍କୁ ଓ ଶ୍ରୀ ଗୋପବନ୍ଧୁ ଚୌଧୁରୀଙ୍କୁ ଅନରାରୀ ପିଏଚ୍. ଡି. ଡିଗ୍ରୀ ଦେବା ସ୍ଥିର କଲେ । କିନ୍ତୁ ସେ ଦୁହେଁ ଗ୍ରହଣ କଲେ ନାହିଁ । ସେତେବେଳେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଭାଇସ୍-ଚାନ୍ସେଲର୍ ଥିଲେ । ତା ୨୮-୪-୫୮ର ରାତିରେ ତାଙ୍କର ପ୍ରାଣତ୍ୟାଗ ପର୍ଯ୍ୟନ୍ତ ସର୍ବୋଦୟ ଆନ୍ଦୋଳନ ଓ ଗ୍ରାମଦାନ ଆନ୍ଦୋଳନରେ ଜୀବନକୁ ଅତିବାହିତ କଲେ ।

(ତାଙ୍କର ସାଧନା ଓ କୃତୀର ବିଶେଷ ବିବରଣି ପାଇଁ **"ଧୂଳିମାଟିର ସନ୍ଥ"** ବହି ଦେଖନ୍ତୁ । ଲେଖକ-ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି, ପ୍ରକାଶକ-ଶ୍ରୀ ପିତାମ୍ବର ମିଶ୍ର, ବିଦ୍ୟାପୁରୀ, କଟକ-୨ ।

୭। ଶ୍ରୀମତୀ ରମାଦେବୀ- ମାତା ବସନ୍ତ କୁମାରୀ ଦେବୀ, ପିତା-ଗୋପାଳବଲ୍ଲଭ ଦାସ, ପିତୃବ୍ୟ-ଉତ୍କଳ ଗୌରବ ମଧୁସୂଦନ ଦାସ । ମାମୁଁ-ରାୟବାହାଦୂର ରାଜକିଶୋର ଦାସ । ଜନ୍ମ ତା ୩ ଡିସେମ୍ବର, ୧୮୯୯ ମସାହା । ଶିକ୍ଷା-ଘରେ । କୌଣସି ସ୍କୁଲ-କଲେଜରେ ପଢ଼ି ନ ଥିଲେ । ବିବାହ-ତା ୧-୧୧-୧୯୧୪ରେ ଶ୍ରୀ ଗୋପବନ୍ଧୁ ଚୌଧୁରୀଙ୍କ ସହ ।

ଉଚ୍ଚ କରଣ ପରିବାରର ପ୍ରଚଳିତ ପର୍ଦ୍ଦା-ପ୍ରଥା ଆଦି ପରିତ୍ୟାଗ କରି ସ୍ୱାମୀଙ୍କର ଆଦର୍ଶରେ ଗାନ୍ଧୀ କାର୍ଯ୍ୟରେ ଯୋଗ ଦେଲେ । ତା ୨୪-୩-୨୧ର ସଭାରେ ଗାନ୍ଧୀଜୀଙ୍କୁ ନିଜର ପିନ୍ଧିଥିବା ସୁନା ଅଳଙ୍କାରଗୁଡ଼ିକ ଦେଶ କାମପାଇଁ ଦେଲେ । ସୂତା କାଟିଲେ । ଅଳକାଶ୍ରମରେ ସପରିବାର ରହିଲେ । ୧୯୩୪ରେ ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରାରେ ଥାଇ ନାନା ସୁବନ୍ଦୋବସ୍ତ କଲେ । ତା ୧୩-୮-୩୪ରୁ ବରୀରେ ସେବାଘର ଆଶ୍ରମରେ ରହି ଗାନ୍ଧୀଜୀଙ୍କର ନାନା ରଚନାତ୍ମକ କାର୍ଯ୍ୟ କଲେ । ସେ ୧୯୩୦ରେ, ୧୯୩୨ରେ ସ୍ୱାଧୀନତା ସଂଗ୍ରାମରେ ଜେଲ ଯାଇଥିଲେ । ୧୯୪୨ ଅଗଷ୍ଟରୁ ଜୁଲାଇ ୧୯୪୪ ପର୍ଯ୍ୟନ୍ତ ଅଟକ ବନ୍ଦୀ ଭାବରେ କଟକ ଜେଲରେ ରହିଥିଲେ । ଖଲାସ ପରେ ସେବାଶ୍ରମରେ କେତେ ଥର ଗାନ୍ଧୀଙ୍କୁ ସାକ୍ଷାତ କରି ଖଦୀ, ମୌଳିକ ଶିକ୍ଷା ଆଦି ବିଷୟରେ ଉପଦେଶ ନେଇଥିଲେ । କସ୍ତୁରବା ଗାନ୍ଧୀ ସ୍ମାରକ କାର୍ଯ୍ୟରେ ଗାନ୍ଧୀଜୀଙ୍କ ଦ୍ୱାରା ଉତ୍କଳ ଶାଖାର ପ୍ରତିନିଧି ହେଲେ, ସବୁ ଦାୟିତ୍ୱରେ ରହିଲେ ।

ସ୍ୱାଧୀନତା-ଦିବସରେ ଉପବାସ । ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କର ସହମିଶି ସେ ସବୁ ଦେଶସେବା କାର୍ଯ୍ୟ କଲେ । ଗୋପବନ୍ଧୁଙ୍କର ପ୍ରୟାଣ ପରେ ସେ ଉକ୍ତ କର୍ମରୁ ବିରତ ନ

Digitized by PPRACHIN, SOA

ହୋଇ, ବର୍ଗ ଅଧିକ ଅଭିନିବେଶ ସହକାରେ ମୃତ୍ୟୁ ପର୍ଯ୍ୟନ୍ତ କଲେ । ଓଡ଼ିଶାରେ ୧୯୬୪ରେ ଛାତ୍ର ଆନ୍ଦୋଳନର ପ୍ରଶାନ୍ତି, ରାଉରକେଲା ସାଂପ୍ରଦାୟିକ ଗଣ୍ଡଗୋଳରେ ଶାନ୍ତି-ପ୍ରତିଷ୍ଠା ଓ ଥଇଥାନ, ଚୀନ ଆକ୍ରମଣ ପରେ ନେଫାରେ ଶାନ୍ତି-କାର୍ଯ୍ୟ, ୧୯୭୧ରେ ବାଙ୍ଗଲାଦେଶର ଶରଣାର୍ଥୀ ଥଇଥାନ କାର୍ଯ୍ୟ କଲେ ।

ସେ ବନ୍ୟା, ବାତ୍ୟା ଆଦିରେ ରିଲିଫ୍‌ଦାନ, ଆଚାର୍ଯ୍ୟ ହରିହର ଦାସ ମେମୋରିଆଲ୍ ଟ୍ରଷ୍ଟର ପ୍ରେସିଡେ଼ଣ୍ଟ ଭାବରେ କର୍କଟ ରୋଗ ନିର୍ଣ୍ଣୟର ବେସରକାରୀ କେନ୍ଦ୍ର ପରିଚାଳନା ଓ ଅନ୍ୟାନ୍ୟ ସେବାକାର୍ଯ୍ୟ , କସ୍ତୁରବା ଗାନ୍ଧୀ ସ୍ମାରକ ନିଧି ଜରିଆରେ ଶିଶୁ ଓ ମାତୃମଙ୍ଗଳ କାର୍ଯ୍ୟ, ନାରୀ-ଜାଗରଣ ଆଦି ମୃତ୍ୟୁର ଏକ ସପ୍ତାହ ପୂର୍ବ ପର୍ଯ୍ୟନ୍ତ କରିଗଲେ ।

ବମ୍ବେଠାରେ ଶ୍ରୀମତୀ ରମାଦେବୀ ଚୌଧୁରୀଙ୍କୁ, ଆସାମର କୁମାରୀ ଅମଳପ୍ରଭା ଦାସଙ୍କୁ ଓ ମାଦ୍ରାସର A. M. M. Muruguppa Chatiar Research Centreର ବୈଜ୍ଞାନିକ ଡକ୍ଟର ସି.ଭି.ଶେଷାଦ୍ରିଙ୍କୁ ଯମୁନାଲାଲ ବଜାଜ ପୁରସ୍କାର-ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପତ୍ରରେ ମାନପତ୍ର ଓ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ତା ୪-୧୧-୧୯୮୧ରେ ପ୍ରଦତ୍ତ ହୋଇଥିଲା । ଏହି ଉତ୍ସବ ସେହି ସମୟରେ ଟି.ଭି.ରେ ପ୍ରଦର୍ଶିତ ହୋଇଥିଲା । କଟକରେ ତା୧୦-୧୧ରେ ଶ୍ରୀ ଶେଖର ବଜାଜ ନିଜେ ଆସି ମା ରମାଦେବୀଙ୍କୁ ନିଜର ଆନନ୍ଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

ସ୍ୱତଃ ଓ ସର୍ବୋଦୟ ନୀତି ଅନୁସାରେ ଆଚାର୍ଯ୍ୟ ହରିହର ଦାସ ଓ ଗୋପବନ୍ଧୁ ଚୌଧୁରୀ ଉତ୍କଳ ବିଶ୍ୱବିଦ୍ୟାଳୟର ଅନରାରୀ ପିଏଚ୍. ଡ଼ି. ପଦବୀ ୧୯୫୬ରେ ଗ୍ରହଣ କରି ନ ଥିଲେ । ତା ୧୬-୪-୮୪ରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ୍-ଚାନ୍‌ସେଲର୍ ଡକ୍ଟର ମନ୍ମଥନାଥ ଦାସ ଅଭିନନ୍ଦନ ପତ୍ରରେ ପଢ଼ିଲେ "ଶ୍ରୀମତୀ ରମାଦେବୀଙ୍କୁ ସର୍ବସାଧାରଣ ବ୍ୟାପାରରେ ତାଙ୍କର କୁଶଳତା ନିମିତ୍ତ ବିଶ୍ୱବିଦ୍ୟାଳୟର ସମ୍ମାନ-ସୂଚକ "ବିଧି-ପରମ-ଭୂଷଣ" (degree of Doctor of Laws-Honours Causa) ଉପାଧିରେ ଭୂଷିତ କରି ବିଶ୍ୱବିଦ୍ୟାଳୟ ଗୌରବ ଅନୁଭବ କରୁଅଛି । "ମା ରମାଦେବୀ ଅତିଶୟ କୁଣ୍ଠା ସହକାରେ ଅଭିନନ୍ଦନ ପତ୍ର ଓ ଉପାଧି ଗ୍ରହଣ କରିଥିଲେ । ପ୍ରାୟ ସାଧାରଣ ଜୀବନରେ ୭ଦଶକ ସର୍ବ ସାଧାରଣରେ କାମ କରି ତା.୨୨-୭-୧୯୮୫ରେ ଇହଧାମ ତ୍ୟାଗ କଲେ ।

୩। ହଳଧର ସାହାଣୀ- ପିତା-ରୂପ ଚରଣ ସାହାଣୀ, ମା-ଗୋଦାବରୀ ସାହାଣୀ, ଗ୍ରାମ-ପଘିଡ଼ା, ପୋ.ଅ.-ବରୀ, ଜିଲ୍ଲା-ଯାଜପୁର ।

Digitized by PPRACHIN, SOA

ଜୁନ୍ ୧୯୦୬ ମସିହାରେ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ସ୍ୱାଧୀନତା ସଂଗ୍ରାମରେ ସେ ଯୋଗ ଦେଲେ । ବାନର ସେନାରେ ନିଜକୁ ସାମିଲ କରି ମଦ ଓ ଗଞ୍ଜେଇ ଦୋକାନ ଆଗରେ ଧାରଣା ଦେବା ସମୟରେ କଟକଠାରେ ଗିରଫ୍ ହୋଇଥିଲେ । ଏ ଯାଜପୁର, କଟକ, ବ୍ରହ୍ମପୁର ଓ ପାଟଣା ଜେଲରେ ତିନିବର୍ଷରୁ ଅଧିକ ସମୟ କଟାଇଥିଲେ । ଆନ୍ଦୋଳନ ସମୟରେ ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା କରାଯାଉଥିବା ବରୀ ଅଞ୍ଚଳରେ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ଅଂଶ ଗ୍ରହଣ କରୁଥିଲେ । ନିମ୍ନ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ହିସାବରେ ତାଙ୍କର ଶେଷ ଜୀବନ କଟି ଯାଇଛି । ସେ ଦୈନିକ ସମାଜର ପ୍ରତିନିଧି ଥିଲେ । ୧୯୮୯ ମସିହା ଡିସେମ୍ବର ୧୯ ତାରିଖରେ ୮୩ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ତିନୋଟି ପୁଅ, ଦୁଇଟି ଝିଅ ଓ ସ୍ତ୍ରୀ ଅଛନ୍ତି ।

୪। କାର୍ତ୍ତିକ ଚନ୍ଦ୍ର ମହାନ୍ତି- ପିତା-ବିପ୍ରଚରଣ ମହାନ୍ତି, ଗ୍ରାମ/ପୋ:ଅ: ସୁଜନପୁର, ଜିଲ୍ଲା- ଯାଜପୁର । ଜନ୍ମ-ତା ୧-୦୯-୧୯୧୩ ମସିହାରେ ।

ବାରିପଦା ହାଇସ୍କୁଲରେ ପାଠ ପଢୁଥିବା ସମୟରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ପଢ଼ା ଛାଡ଼ିଥିଲେ । ୧୯୩୦-୧୯୪୨ ମସିହା ଆନ୍ଦୋଳନରେ ଯୋଗ ଦେଇ ଏକ ବର୍ଷ ତିନିମାସ କାରାବରଣ କରିଥିଲେ । ଏହି ସମୟରେ ପୋଲିସର ଲାଠି ମାଡ଼ରେ ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା । ମହାତ୍ମା ଗାନ୍ଧୀଙ୍କ ସାହାସପୁର ରହଣୀର ବ୍ୟବସ୍ଥାରେ ସେ ସାହାଯ୍ୟ କରିଥିଲେ । ବର୍ତ୍ତମାନ ତାଙ୍କର ପାଞ୍ଚ ପୁଅ ଓ ଗୋଟିଏ ଝିଅ ଅଛନ୍ତି ।

୫। ଭଗୀରଥ ଦାସ- ଗ୍ରାମ, ପୋ.ଅ.-ବରୀ, ଜିଲ୍ଲା- ଯାଜପୁର, ମାତା-୰ ସୁବାସିନୀ. ପିତା୰ ରଘୁନାଥ ଦାସ । ଜନ୍ମ-୧୯୦୧ ମସିହାରେ ।

ଏହାଙ୍କର ସାଆନ୍ତ ବାପା ଗୋପବନ୍ଧୁ ଦାସ ଉନବିଂଶ ଶତାବ୍ଦୀର ଶେଷ ଭାଗରେ କେଉଁଝରର ମହାରାଜା ଧନୁର୍ଜୟ ଭଞ୍ଜଙ୍କର ଆସିଷ୍ଟାଣ୍ଟ ଦେୱାନ ଥିଲେ । ତାଙ୍କର ବହୁତ ଜମିବାଡ଼ି ଥିଲା । ଏହା ସତ୍ତ୍ୱେ ଭଗୀରଥବାବୁ ଉଚ୍ଚଶିକ୍ଷା ପାଇ ନ ଥିଲେ । ଅଯସରେ ଯୌବନ ଅତିବାହିତ କଲେ । ୧୯୨୧ରେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ବରୀ ଅଞ୍ଚଳରେ ସେ ଏଥିରେ ମାତିଲେ । ୧୯୩୦ରେ ସେ ଏ ଅଞ୍ଚଳରୁ "ବାନର-ସେନା" ସଂଗ୍ରହ କରି କଟକରେ ସତ୍ୟାଗ୍ରହ କରିବାପାଇଁ ପଠାଉଥିଲେ । ସେ ନିଜେ ଆନ୍ଦୋଳନରେ ଯୋଗ ଦେଇ ପୋଲିସ ସାହେବଙ୍କଠାରୁ ଧକ୍କା ଓ ମାଡ଼ ଖାଇଥିଲେ । ଜେଲ ମଧ ଯାଇଥିଲେ । ୧୯୩୨ର ଆନ୍ଦୋଳନବେଳେ, ବରୀ ଅଞ୍ଚଳରେ ଗାନ୍ଧୀଜୀଙ୍କର ପଦଯାତ୍ରାରେ ସେ ଯୋଗ

Digitized by PPRACHIN, SOA

ଦେଇଥିଲେ । ଗୋପବାବୁ ଓ ରମାଦେବୀ ବରୀରେ ରହି ରଚନାତ୍ମକ କାର୍ଯ୍ୟ କରିବାରୁ ଖୁବ୍ ସହଯୋଗ କରିଥିଲେ । ୧୯୪୨ର **"ଭାରତ ଛାଡ଼"** ଆନ୍ଦୋଳନରେ ସେ ଓ ତାଙ୍କର ସହଧର୍ମିଣୀ ପ୍ରିୟମ୍ବଦା ଦେବୀ ଯୋଗ ଦେଇ କାରାବରଣ କରିଥିଲେ । ସେ ଶୁଦ୍ଧ ଆଳଙ୍କାରିକ ଓଡ଼ିଆରେ କଂଗ୍ରେସ ସମ୍ବନ୍ଧରେ ଭାଷଣ ଦେଇପାରୁଥିଲେ । ବଡ଼ ଝୁଙ୍କି ଲୋକ ଥିଲେ । ଖର୍ଚ୍ଚରେ ବେପରବାୟ ଥିଲେ ଏବଂ ଅତିଥି-ପରାୟଣ ଥିଲେ । କର୍ମୀମାନେ ଅନେକ ସମୟରେ ତାଙ୍କର ଘରେ ଆହାର ଓ ବିଶ୍ରାମ କରୁଥିଲେ । ତା ୧୦-୧୨-୧୯୮୯ରେ ଜରାଗ୍ରସ୍ତ ହୋଇ ୮୮ ବର୍ଷ ବୟସରେ ସେ ଇହଧାମ ତ୍ୟାଗ କଲେ । ପୁଅ, ବୋହୂ, ନାତିନାତୁଣୀ ଅଛନ୍ତି ।

୬ । ପ୍ରିୟମ୍ବଦା ଦେବୀ- ପିତା-ନାରାୟଣ ଦାସ, ଜନ୍ମ- ୧୯୦୩ ମସିହାରେ । ସ୍ୱାମୀ ଭଗୀରଥ ଦାସ ଆନନ୍ଦପୁର, ବରୀ , ଜିଲ୍ଲା- ଯାଜପୁର ଶାଶୁ- ସୁବାସିନୀ ।

ପ୍ରିୟମ୍ବଦା ଦେବୀଙ୍କର ପିତା ନାରାୟଣ ଦାସ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର କୁଟୁମ୍ବର ଲୋକ ଥିଲେ । ଏ ବାମଣ୍ଡା ରାଜାଙ୍କର କୋଚିଣ୍ଡା ସବ୍‌ଡିଭିଜନରେ ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ୍ ଥିଲେ । ଶୁଣାଯାଏ ଯେ ପ୍ରିୟମ୍ବଦା ଦେବୀ ପିଲାଦିନେ ରାଜାଙ୍କର ପୁତ୍ରଙ୍କ ସହ ଖେଳାବୁଲା କରୁଥିଲେ । ସେ ୧୬ ବର୍ଷ ବୟସରେ ଭଗୀରଥ ଦାସଙ୍କୁ ବିବାହ କଲେ ।

ଜମିଦାର ଘରର ବୋହୂ ହୋଇ ସୁଦ୍ଧା ୧୯୩୨ରେ ଜାନୁଆରୀ ୩୦ ତାରିଖରେ ପର୍ଦ୍ଦା ପ୍ରଥା ନ ମାନି ବାହାରେ ଜାତୀୟ ପତକା ଉତ୍ତୋଳନ କଲେ ଏବଂ କଟକ ଜେଲରେ ୩ମାସ ବନ୍ଦୀ ହୋଇ ରହିଥିଲେ । ୧୯୪୦ରେ ସେ ମଧ ଜେଲ ଯାଇଥିଲେ । "ଭାରତ ଛାଡ଼" ଆନ୍ଦୋଳନରେ ସେ ତାଙ୍କ ସ୍ୱାମୀଙ୍କ ସହ ବାଈଁଶିରିଆରେ ଗିରଫ୍ ହେଲେ । କଟକ ଜେଲରେ ଅଟକ ବନ୍ଦୀ ହୋଇ ରହିଲେ । ବରୀ ଅଞ୍ଚଳର କେତେକ ନାରୀଙ୍କୁ ପ୍ରବର୍ତ୍ତାଇ ସତ୍ୟାଗ୍ରହରେ ସାମିଲ କରାଇଥିଲେ । ନାରୀ-ଜାଗରଣ ଉଦ୍ଦେଶ୍ୟରେ ସେ ରମାଦେବୀଙ୍କ ସହ ନାନା ଅଞ୍ଚଳରେ ଗସ୍ତ କରିଥିଲେ । କଟକ ସହର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପକ୍ଷରୁ ନିର୍ଦ୍ୱନ୍ଦରେ ଜିତି ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଆସେମ୍ବ୍ଲି ମେମ୍ବର ଥିଲେ । ସେ ୯୬ ବର୍ଷ ବୟସରେ ତା ୧୦-୭-୧୯୯୯ ମସିହାରେ ମୃତ୍ୟୁ ବରଣ କଲେ ।

୭ । ଅଭିରାମ ସାହାଣୀ- ପିତା-ଧନେଶ୍ୱର ସାହାଣୀ, ସ୍ତ୍ରୀ- ପ୍ରଭାତୀ ସାହାଣୀ, ଗ୍ରାମ-ପଘିଡ଼ା, ବରୀ, ଜିଲ୍ଲା- ଯାଜପୁର ।

ଛାତ୍ର ଅବସ୍ଥାରେ ୧୯୩୦ ମସିହା ଆନ୍ଦୋଳନରେ ଯୋଗ ଦେଇ ଜୋରିମାନା ଦେବାକୁ ପଡ଼ିଥିଲା । ୧୯୩୨ ଓ ୧୯୪୨ ମସିହାରେ ଏକବର୍ଷ ଛଅମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ

Digitized by PPRACHIN, SOA

ଭାବରେ ଗଞ୍ଜାମ, ଆସ୍କା, ରାଜମହେନ୍ଦ୍ରୀ, ପାଟଣା କ୍ୟାମ୍ପ ଜେଲ, ଯାଜପୁର ଓ ବାଲେଶ୍ୱରର ଜେଲଖାନାମାନଙ୍କରେ କଟାଇଛନ୍ତି । ୧୯୬୧ ମସିହା ଫେବୃଆରୀ ମାସରେ ୫୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ତିନିପୁଅ ଓ ଦୁଇ ଝିଅ ଅଛନ୍ତି ।

୮ । ଶ୍ରୀ ରାଜକିଶୋର ମହାନ୍ତି- ପିତା-ଅଚ୍ୟୁତାନନ୍ଦ ମହାନ୍ତି ଓ ମାତା-ଶ୍ରୀୟା ଦେବୀ । ଜିଲ୍ଲା- ଯାଜପୁର, ଜନ୍ମ ୧୯୧୧ ମସିହା । ପିଲାଦିନରୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ପଢ଼ାଛାଡ଼ି ଆନ୍ଦୋଳନରେ ଯୋଗ ଦେଇଥିଲେ । ଲବଣ ସତ୍ୟାଗ୍ରହ ସମୟରେ ବେତମାଡ଼ ଖାଇଥିଲେ ଓ ପାଟଣା କ୍ୟାମ୍ପ ଜେଲରେ ୬ମାସ କାଳ ଥିଲେ । ପରେ ମହତାବଙ୍କର ଅଗରପଡ଼ା କର୍ମମନ୍ଦିର ଆଶ୍ରମରେ ଅନେକଦିନକାମ କଲାପରେ ଟାଟା କମ୍ପାନୀରେ ଜଣେ କର୍ମଚାରୀ ହିସାବରେ ଯୋଗଦାନକଲେ ଓ ସେଠାରୁ ଅବସର ଗ୍ରହଣ ପରେ ୧୯୭୮ ଜୁନ୍ ୨୭ ତାରିଖରେ ୬୮ ବର୍ଷରେ ଦେହତ୍ୟାଗ କଲେ । ତାଙ୍କର ଏକମାତ୍ର ପୁତ୍ର କ୍ଷିତୀଶ ଟାଟା କାରଖାନାରେ କାମ କରନ୍ତି ।

୯ । ଅଧରମଣୀ ଦେବୀ- ସେ ବରୀ ଅଞ୍ଚଳର ପ୍ରଥମ ମହିଳା ସତ୍ୟାଗ୍ରହୀ ବୋଲି କୁହାଯାଇପାରେ । ପିତା-ଅଚ୍ୟୁତାନନ୍ଦ ମହାନ୍ତି ଓ ମାତା ଶ୍ରୀୟାଦେବୀଙ୍କର ତୃତୀୟା କନ୍ୟାରୂପେ ଜନ୍ମଗ୍ରହଣ କରିଥିଲେ ୧୯୧୭ରେ । ରକ୍ଷଣଶୀଳ କରଣ ଜମିଦାର ଘରର ଝିଅ । ସେ ବରୀ ମାଇନର ସ୍କୁଲରୁ ପାଶ୍ କଲେ । ନିଜେ ସୂତାକାଟି ପ୍ରତିଯୋଗିତାରେ ଏକ ଚରଖା ପୁରସ୍କାର ପାଇଥିଲେ । ଖବର କାଗଜରୁ ଆନ୍ଦୋଳନରେ ଯୋଗଦେବାର ପ୍ରେରଣା ପାଇ ସାନ ଭାଇ ରାଜକିଶୋରଙ୍କୁ ନେଇଯାଇ କଟକରେ ରମାଦେବୀଙ୍କ ଠାରେ ପହଞ୍ଚି କଂଗ୍ରେସ-କାମରେ ଯୋଗଦେଲେ । ଲବଣ ସତ୍ୟାଗ୍ରହରେ ତିନିମାସ କାଳ ଜେଲ ଯାଇ ଫେରିବାପରେ ରମାଦେବୀଙ୍କର ଉଦ୍ୟମରେ ବିଶିଷ୍ଟ ଗାନ୍ଧୀବାଦୀ ନେତା ଶ୍ରୀ ନନ୍ଦକିଶୋର ଦାସଙ୍କୁ ବିବାହ କରିଥିଲେ ଓ ସହଧର୍ମିଣୀ ହୋଇ କଂଗ୍ରେସ କାମରେ ନିଜକୁ ନିୟୋଜିତ କରିଥିଲେ । ଚାରିବର୍ଷ ବିବାହିତ ଜୀବନ ପରେ ଶରୀର ତ୍ୟାଗକଲେ । ତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଅଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୨୨ବର୍ଷ ମାତ୍ର ହୋଇଥିଲା ।

୧୦ । କୃପାସିନ୍ଧୁ ଖୁଣ୍ଟିଆ- ପିତା-ପ୍ରଭାକର ଖୁଣ୍ଟିଆ, ଗ୍ରା/ପୋ-ବରୀ, ଜିଲ୍ଲା-ଯାଜପୁର, ପ୍ରଥମେ ହାଇସ୍କୁଲର ପଢ଼ା ଛାଡ଼ି, ୧୯୩୦ରେ ଲବଣ ସତ୍ୟାଗ୍ରହ କରି ଏ ଜେଲ ଗଲେ । ପାଟନାରେ ଆଇ.ଏ. ପଢୁଥିବା ସମୟରେ ପୁଣି ଆନ୍ଦୋଳନରେ ଯୋଗ ଦେଲେ । ସୁଭାଷବୋଷଙ୍କ ନୀତିରେ ଅନୁପ୍ରାଣିତ ହୋଇ "ଆଜାଦ ହିନ୍ଦ୍" ଫୌଜରେ ଯୋଗ ଦେଲେ ।

Digitized by PPRACHIN, SOA

ସୁଭାଷ ବୋଷ ଜାପାନ ଗଲାପରେ ୧୯୪୨ରୁ ୧୯୪୫ ମସିହା ପର୍ଯ୍ୟନ୍ତ କଲିକତାର ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିଲେ । ଏହି ସମୟ ମଧ୍ୟରେ ସେ କମ୍ୟୁନିଷ୍ଟ ନୀତିରେ ଅନୁପ୍ରାଣିତ ହୋଇଥିଲେ । ୧୯୪୫ ମସିହାରେ ଓଡ଼ିଶାକୁ ଫେରିବା ପରେ ପଟିଆ ଓ ହୀରାକୁଦ ବୁଡ଼ି ଅଞ୍ଚଳର ଆନ୍ଦୋଳନର ନେତୃତ୍ୱ ନେଲେ । ୧୯୪୫ ମସିହା ପରେ ସେ ରାଜନୀତିରୁ ଅବସର ନେଇ ଏଲ. ଆଇ. ସି (L. I. C.)ର ଫୀଲଡ଼ ଅଫିସର ହୋଇଥିଲେ । ୧୯୬୮ ମସିହା ମେ ମାସ ୨୮ ତାରିଖ ସ୍କୁଟର-ଦୁର୍ଘଟଣାରେ ଇହଲୀଳା ସମ୍ବରଣ କଲେ । ସ୍ୱାଧୀନତା ଆନ୍ଦୋଳନରେ ଏକବର୍ଷ ଓ ହୀରାକୁଦ ବୁଡ଼ି ଅଞ୍ଚଳର ଆନ୍ଦୋଳନର ନେତୃତ୍ୱ ନେଇ ୧୯୫୩ରୁ ୧୯୫୫ ମସିହା ଦୁଇବର୍ଷପାଇଁ କାରାବରଣ କରିଥିଲେ । ତାଙ୍କର ତିନୋଟି ପୁଅ ଅଛନ୍ତି ।

୧୧ । ହରପ୍ରିୟା ଦେବୀ- ସ୍ୱାମୀ-ରାଧାଗୋବିନ୍ଦ ଦାସ । ସା-ଆନନ୍ଦପୁର, ପୋ.ଅ.-ବରୀ କଟକ, ଜିଲ୍ଲା- ଯାଜପୁର । ୧୯୩୨ ମସିହାରେ ପ୍ରିୟମ୍ବଦା ଦେବୀଙ୍କ ସହ ବରୀ ମାଉଣ୍ଡଠାରେ ପତାକା ଉଡ଼ାଇବାରୁ ଆରେଷ୍ଟ ହେଲେ । ଏ ବରୀ ଅଞ୍ଚଳରେ ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରାରେ ଯୋଗ ଦେଇଥିଲେ । ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ ରଚନାତ୍ମକ କାମରେ ଅଂଶ ଗ୍ରହଣ କଲେ । ୧୯୪୨ର ଆନ୍ଦୋଳନରେ ଏ କଟକ ଜେଲରେ ଛଅମାସ ବନ୍ଦିନୀ ଥିଲେ । ମଲାବେଳକୁ ତାଙ୍କୁ ୬୦ବର୍ଷ ହୋଇଥିଲା । ତାଙ୍କର ବିଧବା ବୋହୂ ଓ ନାତି, ନାତୁଣୀ ଅଛନ୍ତି ।

୧୨ । ହାରାମଣି ଦେବୀ- ସ୍ୱା-✓ ଅନାଦି ଚରଣ ମହାନ୍ତି, ସା-ଙ୍ଗପା, ବରୀ-କଟକ । ୧୯୦୨ ମସିହାରେ ଜନ୍ମ । ଅଳ୍ପ ବୟସରେ ବିଧବା ହେଲାପରେ ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ନିଜ ମାମୁଁ ଘରେ ରହିଲେ । ମାମୁଁ ଅଟିରା ଗ୍ରାମରେ ରାଜକିଶୋର ମହାନ୍ତି । ତାଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ସମସ୍ତ ସାମାଜିକ ବନ୍ଧନକୁ ଛିନ୍ନକରି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ । କଟକରେ ମଦ ଓ ଗଞ୍ଜେଇ ଦୋକାନ ଆଗରେ ପିକେଟିଙ୍ଗ୍ କରି ଜେଲ ବରଣ କଲେ । ବରୀ ଓ ପୁରୀ ସହରରେ ସୂତାକଟା ଶିକ୍ଷାଦେବା, ବିଦେଶୀ ବସ୍ତ୍ର ପୋଡ଼ିବା ଓ ମହାତ୍ମାଜୀଙ୍କ ହରିଜନ ପଦଯାତ୍ରାରେ ଯୋଗ ଦେବା ଦ୍ୱାରା ସାମାଜିକ ବାସନ୍ଦ ହେଲେ । ନିଜ ପିତାଙ୍କ ମୃତ୍ୟୁରେ ଜାତିଆଣ ଜୋରିମାନା ଦେଇ ଶବଦାହ କରିଥିଲେ । ୧୯୩୨ ଓ ୪୨ରେ ବରୀ ଅଞ୍ଚଳର ବିଭିନ୍ନ ସ୍ୱାଧୀନତା-ସଭାରେ ଯୋଗ ଦେଇ ଏକବର୍ଷ ଛଅମାସ କାରାବରଣ କରିଥିଲେ । ସେ ସର୍ବଦା ସେତେବେଳର ସଂଗ୍ରାମୀ ବିବରଣ ପିଲାମାନଙ୍କୁ କହନ୍ତି । ମେ ତା ୧୩-୧୨-୧୯୯୨ ମସିହାରେ ମୃତ୍ୟୁ କରଣ କଲେ ।

Digitized by PPRACHIN, SOA

୧୩। ଗଣେଶଚନ୍ଦ୍ର ମହାନ୍ତି- ଗ୍ରାମ-ରମ୍ଭା, ପୋ.ଅ-ବରୀ କଟକ, ଜିଲ୍ଲା-ଯାଜପୁର। ସ୍ତ୍ରୀ ସୁବାସିନୀ ଦେଈ, ପିତା-ଗୋପାଳଚନ୍ଦ୍ର ମହାନ୍ତି । ଜନ୍ମ ଗଣେଶ ଚତୁର୍ଥୀରେ, ୧୯୦୯ ମସାହାରେ । ଗଞ୍ଜାମ ଜିଲାରୁ ଚନ୍ଦ୍ରପାଣି ରାଉଳ ଆସି ଅରଙ୍ଗାବାଦର ଗୋବର୍ଦ୍ଧନ ପ୍ରହାଣଙ୍କର ଜାଗା ଉପରେ ଆଶ୍ରମ କଲେ । ଭଗୀରଥ ଦାସ, ସାଧୁଚରଣ ଦ୍ୱିବେଦୀ, ବଂଶୀଧର ଦ୍ୱିବେଦୀ, ମହେଶ୍ୱର ଅଧିକାରୀ ଓ ଅଟିରାର ରାଜକିଶୋର ମହାନ୍ତି ଆଦି ସହ ସେ ନାନା ଗ୍ରାମରେ ବୁଲି ଗାନ୍ଧୀଜୀଙ୍କର ବାର୍ତ୍ତା ପ୍ରଚାର କଲେ ।

ଗଣେଶବାବୁ ୧୯୩୨ରେ କଟକରେ ଗଞ୍ଜେଇ ଦୋକାନ ଆଗରେ ପିକେଟିଙ୍ଗ କରି ଜେଲ ଗଲେ । ଗାନ୍ଧୀଜୀଙ୍କ ହରିଜନ ପଦଯାତ୍ରାର ଆୟୋଜନ, ସଜାସଜିରେ ସାହାଯ୍ୟ କଲେ । ଗୋପବାବୁ, ରମାଦେବୀ ଆଦି ବରୀରେ ରହିବାରୁ ସେ ଗାନ୍ଧୀଜୀଙ୍କର ବିବିଧ ରଚନାତ୍ମକ କାର୍ଯ୍ୟରେ ଉତ୍ସାହରେ ଲାଗିଲେ । ବିଶେଷ କରି ମହୁମାଛି-ପାଳନରେ ତାଙ୍କର ଦକ୍ଷତା ହେତୁ ଲୋକେ ତାଙ୍କୁ **"ମହୁ-ଗଣେଶ"** ନାମରେ ଡାକୁଥିଲେ । ବିନୋବାଜୀଙ୍କର ଭୂଦାନ ଯଜ୍ଞ ଆନ୍ଦୋଳନରେ ସେ ଗୋପବାବୁଙ୍କ ସହ କେତେକ ଅଞ୍ଚଳ ବୁଲିଥିଲେ । ନିଜର ପିଲାମାନଙ୍କୁ ମୌଳିକ ଶିକ୍ଷାରେ ପ୍ରଥମେ ଶିକ୍ଷିତ କରିଥିଲେ । ଡାକ୍ତର ତୁଙ୍ଗବିଦ୍ୟା ଦେବୀଙ୍କୁ ସେ ବିଶେଷ ଭାବରେ ସାହାଯ୍ୟ କରିଥିଲେ । ନିଜର ଭଉଣୀ ଭଳି ତାଙ୍କୁ-ସେ ଯେତେବେଳେ ୧୯୫୮ ଜୁନ୍‌ରେ ବରୀରୁ ବିଦାୟ ନେଲେ - ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ମା ରମାଦେବୀଙ୍କ ସହ ୧୯୬୬-୬୭ରେ ଜମ୍ମୁ ଅଞ୍ଚଳରେ, ୧୯୭୧ରେ କୁଜଙ୍ଗ ଅଞ୍ଚରେ ବାତ୍ୟାପରେ ଥଇଥାନ କାର୍ଯ୍ୟରେ ଏବଂ ୧୯୭୧ରେ ପଶ୍ଚିମ ଦିନାଜପୁର ଜିଲାରେ ଶରଣାର୍ଥୀଙ୍କୁ ରିଲିଫ୍ ଦେବାରେ ଅତି ନିଷ୍ଠାସହକାରେ ପାଞ୍ଚମାସ ସାହାଯ୍ୟ କରିଥିଲେ ।

ସେ କିଛି ଦଣ୍ଡିଧରି ଦୁଧେଇ ଆଶ୍ରମରେ ରହୁଥିଲେ ତା ୩୦-୦୧-୧୯୯୩ରେ ମୃତ୍ୟୁବରଣ କଲେ ।

୧୪। ଗୋବର୍ଦ୍ଧନ ପ୍ରହାଣ- ପିତା-ରାଘବାନନ୍ଦ ପ୍ରହାଣ, ସା-ଅରଙ୍ଗାବାଦ, ଜିଲ୍ଲା-ଯାଜପୁର । ସ୍ୱାଧୀନତା ଆନ୍ଦୋଳନରେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହ ଯୋଗଦେଲେ । ୧୯୩୪ ମସିହା ମେ ମାସ ୩୧ ତାରିଖରେ ମହାତ୍ମାଗାନ୍ଧୀଙ୍କ ହରିଜନ ପଦଯାତ୍ରାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୪୦ ମସିହାରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗ ଦେଇ କାରାବରଣ କରିଥିଲେ । ୧୯୩୨ ମସିହା ଜାନୁୟାରୀ ୨୬ ତାରିଖରେ ସେ ପ୍ରିୟମ୍ୱଦା ଦେବୀ, ହରପ୍ରିୟା ଦେବୀ ଆଦିଙ୍କ ସହ ବରୀ-ମାଉଣ୍ଡଠାରେ ପ୍ରଥମ

Digitized by PPRACHIN, SOA

ଥରପାଇଁ ଆରେଷ୍ଟ ହୋଇଥିଲେ । ବରୀ ଅଞ୍ଚଳର ପ୍ରଧାନ ଗାନ୍ଧୀବାଦୀ ବ୍ୟକ୍ତି ଥିଲେ । ଏଣୁ ଲୋକମାନେ ତାଙ୍କୁ "ଗାନ୍ଧୀବାବୁ" ବୋଲି ଡ଼ାକୁଥିଲେ । ପ୍ରାୟ ୨୦ ଦିନ ସ୍ୱେଚ୍ଛାରେ ଅନାହାରରେ ରହି ତା ୨୯-୧୧-୫୬ ରିଖରେ ସେ ଦେହତ୍ୟାଗ କଲେ । ମୃତ୍ୟୁ ପର୍ଯ୍ୟନ୍ତ ଗାନ୍ଧୀଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ଉପବାସ ରହୁଥିଲେ । ତାଙ୍କର ପତ୍ନୀ ମାୟା ଦେବୀ ଅତି ଅତିଥି-ପରାୟଣା ଓ ପତିବ୍ରତା ଥିଲେ । ତାଙ୍କର ସନ୍ତାନମାନେ-ସୁଭଦ୍ରା, ବୃନ୍ଦୀ, ଧନୀ ଓ ବିଚିତ୍ରାନନ୍ଦ ।

୧୫ । ମାଳତୀ ଦେଈ- ସା-ନେଉଳା ପୋ-ବରୀ-କଟକ ଜିଲ୍ଲା- ଯାଜପୁର । ସେ ୧୯୩୨ ମସିହାରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କଟକ ଆସି ଜେଲରେ ପ୍ରାୟ ୯ମାସ କଟାଇଥିଲେ । ଗୋପବନ୍ଧୁ ଚୌଧୁରୀ ଓ ମା ରମାଦେବୀଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ଯୋଗ ଦେଇଥିଲେ । ତାଙ୍କର କୌଣସି ସନ୍ତାନ ସନ୍ତତି ନ ଥିଲା । ସେ ନେଉଳା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରେ କାମଧନ୍ଦା କରି ତାଙ୍କର ଶେଷ ଜୀବନ କଟାଇଥିଲେ । ମୃତ୍ୟୁବେଳକୁ ତାଙ୍କୁ ୬୦ବର୍ଷ ହୋଇଥିଲା ।

୧୬ । କୁମୁଦ ଦେଈ- ସ୍ୱାମୀ-ଗୋପୀନାଥ ମହାନ୍ତି ସା-ରମ୍ପା, ଜିଲ୍ଲା- ଯାଜପୁର ସେ ବିଭାଘରର ଅଳ୍ପ ଦିନ ପରେ ବିଧବା ହେଲେ । ଅନ୍ନପୂର୍ଣ୍ଣା ଚୌଧୁରୀଙ୍କ ସହ ୧୯୩୦ରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ୧୯୩୨ ମସିହାରେ ଆନ୍ଦୋଳନରେ ଯୋଗ ଦେଇ ବରୀ ମାଉଣ୍ଡ ଠାରେ ଆରେଷ୍ଟ ହେଲେ । ପୋଲିସଡ୍ରେସ ଓ ବିଦେଶୀ ଲୁଗା-ପୋଡ଼ି, ମଦ-ଦୋକାନ, ଗଞ୍ଜେଇ ଦୋକାନ ଆଗରେ ପିକେଟିଂ କରି ଯାଜପୁର ଓ କଟକ ଜେଲରେ ନଅମାସ ରହିଥିଲେ । ଗାନ୍ଧୀଜୀଙ୍କ ହରିଜନ ପଦଯାତ୍ରା ନିମିତ୍ତ ଭଦ୍ରକ, ବାରିପଦା ଆଦି ବିଭିନ୍ନ ସ୍ଥାନକୁ ଯାଇ ଚାନ୍ଦା ସଂଗ୍ରହ କରିଥିଲେ । ମାତ୍ର ୩୫ ବର୍ଷ ବୟସରେ ବସନ୍ତ ରୋଗରେ ଅତି ଦୀନ ଅବସ୍ଥାରେ ସେ ମୃତ୍ୟୁ ବରଣ କଲେ । ତାଙ୍କର ଗୋଟିଏ ମାତ୍ର କନ୍ୟା ଅଛନ୍ତି ।

୧୭ । ହରିଚରଣ ଜେନା- ଗ୍ରାମ-ରାମପୁର, ପୋ.ଅ.-ରାମଚନ୍ଦ୍ର ପୁର ଜିଲ୍ଲା- ଯାଜପୁର. ମାତା-ଫୁଲ ଦେଈ, ପିତା-ରାଜକିଶୋର ଜେନା । ଜନ୍ମ-କାର୍ତ୍ତିକ ପୂର୍ଣ୍ଣିମା, ୧୯୨୦ ମସିହାରେ । ବିବାହ ଶ୍ରୀମତୀ ମାଳତୀଙ୍କ ସହ ତା ୩୦-୪-୧୯୪୨ରେ ।

"୧୯୩୨ରେ ୪ର୍ଥ ଶ୍ରେଣୀରେ ପଢ଼ିବାବେଳେ ଭଗୀରଥ ଦାସ ରାମପୁରରେ କଂଗ୍ରେସ-ସଭା କରୁଥିଲେ । ତାଙ୍କ ସଙ୍ଗରେ ମୁଁ ବରୀ ଆଶ୍ରମକୁ ଆସିଲି, ତାଙ୍କ ଘରେ ଖାଇଲି । ଅଟିରାର କଂଗ୍ରେସ ଲୋକ ମୋତେ ନାଉଖିଆ ଗାଁରେ ଛାଡ଼ିଲେ । ସେଠାରୁ କେନ୍ଦ୍ରାପଡ଼ାର

Digitized by PPRACHIN, SOA

ଗରାପୁରକୁ ଯାଇ ରଘୁନାଥ ମହାନ୍ତି ଓ ରଘୁନାଥ ମହାନ୍ତି ଓ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହ ବିଲାତୀ ଲୁଗା ଦୋକାନରେ ମୁଁ ପିକେଟିଙ୍ଗ୍ କରି ଗିରଫ ହେଲି । ମୋ ସହିତ ବିଞ୍ଝାରପୁରରେ ନିତ୍ୟାନନ୍ଦ ଜେନା ଓ ବୁଲା ଜେନା ଗିରଫ ହେଲେ । କେନ୍ଦ୍ରାପଡ଼ା କୋର୍ଟରେ ଆମର ବିଚାର ହେଲା । ଆମ ପ୍ରତ୍ୟେକଙ୍କୁ ଦଶ ପ୍ରହାର ବେତମାଡ଼ ପରେ ଛାଡ଼ି ଦିଆଗଲା । ପୁଣି ଦୁଇଥର ଏହିପରି ପିକେଟିଂ ହେତୁ ବେତମାଡ଼ ଖାଇଲୁ । ବରୀ ଅଞ୍ଚଳରେ ଆମେ ବିଦେଶୀ-ବର୍ଜନ, ନିଶାନିବାରଣ କାମ କଲୁ । ୧୯୩୩ ମସିହା ପର୍ଯ୍ୟନ୍ତ କଟିଗଲା ।''

୧୯୩୪ରେ ମୁଁ କଲ୍ୟାଣପୁର ମି:ଇ: ସ୍କୁଲରେ ନାମ ଲେଖାଇ ୧୯୩୭ରେ ମାଇନର ପାସ୍ କଲି । ୧୯୩୪ ଅଗଷ୍ଟରେ ଆସି ଗୋପବାବୁ, ମା ରମାଦେବୀ ବରୀରେ ରହିଲେ । ଆମ ଗାଁରେ ଜଣେ ନାରୀକର୍ମୀ ରହି ସୂତାକଟା ଆଦି କରାଇଲେ । କେତେକ ଲୋକ କଂଗ୍ରେସ-ମେମ୍ବର ହେଲେ । ମୁଁ ଛୁଟିରେ ଆସି ଓ ୧୯୩୭ରୁ ଏଥିରେ ସାହାଯ୍ୟ କଲି ।

"ଭାରତ ଛାଡ଼" ଆନ୍ଦୋଳନରେ ମୁଁ ଯୋଗଦେଇ ଦେଢ଼ ବର୍ଷ ଜେଲରେ ରହିଲି । ଖଲାସ ହେବା ପରେ କେନ୍ଦୁପାଟଣାରେ ଖଦୀ ଟ୍ରେନିଂ ନେଇ କୋଦଳା (ଗଞ୍ଜାମ)ରେ ମାସିକ ଟ ୩୦ରେ ଖଦୀ କାର୍ଯ୍ୟ କଲି । ନିଜ ଘରକୁ ଫେରି ଆସି ଜମିଦାର ଓ ମହାଜନଙ୍କର ଅତ୍ୟାଚାର ବିରୋଧରେ ଆନ୍ଦୋଳନ କଲି । ଏ ଅତ୍ୟାଚାର ବନ୍ଦ ହେଲା । ହାଟସାହି ମୌଳିକ ବିଦ୍ୟାଳୟରେ ମୁଁ କେତେ ମାସ ଶିକ୍ଷକତା ମଧ କଲି । ୧୯୫୨ରୁ ପ୍ରାୟ ୧୯୬୦ପର୍ଯ୍ୟନ୍ତ ବିନୋବାଜୀଙ୍କର ଭୂଦାନ ଯଜ୍ଞ ଆନ୍ଦୋଳନରେ ମୁଁ କଟକ ଜିଲ୍ଲାରେ କଲି । ମୋର ବାପାଙ୍କର ମୃତ୍ୟୁ ପରେ ଘରର ସମସ୍ତ ଦାୟିତ୍ୱ ମୋ ଉପରେ ପଡ଼ିବାରୁ ବାହାରେ ରହିବା ସମ୍ଭବ ହେଲା ନାହିଁ । ହରିଚରଣ ବାବୁଙ୍କର ଦେହାନ୍ତ ତା ୬-୧-୨୦୦୫ରେ ହୋଇଥିଲା ।

୧୮ । ମଧୁସୂଦନ ଦାସ- ଗ୍ରାମ-ଅଲିଆବାଦ, ପୋ.ଅ.-ରତ୍ନଗିରି, ଜିଲ୍ଲା-ଯାଜପୁର । ମାତା-ଲାବଣ୍ୟ ଦେବୀ, ପିତା-ଅର୍ଜୁନ ଦାସ । ଜନ୍ମ ତା ୧୧-୧୧-୧୯୨୧ ମସିହାରେ ।

ଆମ ଗ୍ରାମରେ ଚାଟଶାଳୀରେ ପଢ଼ିସାରି ଅମଠପୁର ଉ.ପ୍ରା. ବିଦ୍ୟାଳୟରୁ ପାଶ୍ କଲି । ବାପା ଘରୋଇ ଶିକ୍ଷକ ରଖି ମତେ କିଛି ଇଂରାଜୀ ପଢ଼ାଇଲେ । ରାମପୁରର ଗୋବିନ୍ଦ ସାମଲଙ୍କ ପ୍ରେରଣାରେ ମୁଁ ସ୍ୱରାଜ ବିଷୟରେ ଜାଣିଲି । ମୁଁ ବରୀର ଆଶ୍ରମକୁ ଯାଇ ଗୋପବାବୁଙ୍କ ସହ କଥାବାର୍ତ୍ତା କରି ଉଦ୍‌ବୁଦ୍ଧ ହେଲି । ୧୯୪୦ରେ ଆମ ଗ୍ରାମରେ ସରକାରୀ ମୌଳିକ ବିଦ୍ୟାଳୟ ହେବାବେଳେ ମୁଁ ଛାତ୍ର-ସଂଗ୍ରହ ଆଦିରେ ସାହାଯ୍ୟ କଲି । ତା ୧୬-୪-୧୯୪୦

Digitized by PPRACHIN, SOA

ମସିହାର ବାଣୀ-ସତ୍ୟାଗ୍ରହ କରି ଯାଜପୁରରେ ଏସ୍.ଡ଼ି.ଓ. ଉମାଚରଣ ତ୍ରିପାଠୀଙ୍କ ଦ୍ୱାରା ତିନିମାସ ସଶ୍ରମ ଜେଲଦଣ୍ଡ ପାଇଛି । କଟକ ଜେଲରେ ଦଣ୍ଡ ଭୋଗି, ୧୯୪୧ରେ କେନ୍ଦ୍ରାପଡ଼ାର ଜହ୍ନିମୂଳ ଗ୍ରାମରେ ୨ୟ ଥର ସତ୍ୟାଗ୍ରହ କଲି । ପୁଣି ତିନିମାସ ଜେଲ ଗଲି । ଜେଲରୁ ଫେରି କଂଗ୍ରେସରେ କାର୍ଯ୍ୟ-କ୍ରମରେ ଲାଗିଗଲି । ୧୯୪୨ର ଅକ୍ଟୋବର ମାସରେ, "ଭାରତ ଛାଡ଼" ଆନ୍ଦୋଳନରେ ଗିରଫ ହେଲି ଓ ଆଠବର୍ଷ ଜେଲଦଣ୍ଡର ଆଦେଶ ପାଇଲି । ମାତ୍ର କଂଗ୍ରେସ ମନ୍ତ୍ରୀମଣ୍ଡଳ ହେବା ଆଗରୁ ୧୯୪୫ରେ ମୁଁ ଖଲାସ ହେଲି । ମୌଳିକ ଶିକ୍ଷା, ଜନ-ଜାଗରଣ, ହାଇସ୍କୁଲ-ପ୍ରତିଷ୍ଠା ଆଦିରେ ସମୟ ଦେଲି । ସେ ୧୯-୫-୨୦୦୫ରେ ଇହଧାମ ତ୍ୟାଗ କଲେ ।

୧୯। ରତ୍ନାକର ଜେନା- ପି:-ଶମ୍ଭୁନାଥ ଜେନା, ମାତା- ଫୁଲ ଦେଇ ସ୍ତ୍ରୀ ଛବି ଦେଈ, ଜନ୍ମ- ୭-୩-୧୯୧୪ । ସା-ବାଗଦା, ପୋ.ଅ.-ବରୀ କଟକ, ଜିଲ୍ଲା -ଯାଜପୁର, ଏ ଜଣେ ହରିଜନ । ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରେ ୧୯୪୦ ବାଣୀ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ଡିଫେନ୍ସ ଅଫ୍ ଇଣ୍ଡିଆ ରୁଲସ୍ ଦ୍ୱାରା ତା ୧୩-୧୦-୧୯୪୦ରେ କାରାବରଣ କଲେ । ଦୀର୍ଘ ଏକବର୍ଷ ଛଅମାସ ଯାଏ କଟକ, ଯାଜପୁର ଆଦି ଜେଲରେ ଥିଲେ । ୭୦ବର୍ଷ ବୟସରେ ପକ୍ଷାଘାତ ରୋଗରେ ତା ୧୫-୫-୮୫ ତାରିଖରେ ପ୍ରାଣତ୍ୟାଗ କଲେ । ତାଙ୍କର ଚାରିଗୋଟି ପୁଅ ଓ ସ୍ତ୍ରୀ ଜୀବିତ ଅଛନ୍ତି ।

୨୦। ଅକ୍ରୁର ଜେନା- ପି:-ଇନ୍ଦ୍ରମଣି ଜେନା, ସା-ଆନନ୍ଦପୁର, ଜିଲ୍ଲା-ଯାଜପୁର, ସ୍ତ୍ରୀ- ଅବଳା ଜେନା । ବ୍ୟକ୍ତିଗତ ସତ୍ୟାଗ୍ରହରେ ୧୯୪୦ରେ ଆରେଷ୍ଟ ହୋଇ ସେ ଦୁଇମାସ କଟକ ଜେଲରେ ଏବଂ ୧୯୪୨ ମସିହାରେ କଟକ ଜେଲରେ ୧ବର୍ଷ ୩ମାସ କଟାଇଥିଲେ । ଏଥିପୂର୍ବେ ବିଦେଶୀ ବସ୍ତ୍ର ପୋଡ଼ି, ମଦ ଓ ଗଞ୍ଜେଇ ଦୋକାନ ଆଗରେ ପିକେଟିଂରେ ମହୁଚାଷ, ସୂତାକଟା ଆଦି ବିଭିନ୍ନ କାମରେ ବରୀ ଅଞ୍ଚଳରେ ସହଯୋଗ କରିଥିଲେ । ତାଙ୍କର ଚାରୋଟି ପୁଅ ଓ ତିନିଟି ଝିଅ ଅଛନ୍ତି ।

୨୧। ମୁରଲୀଧର ରାୟ- ଗ୍ରାମ-କୃଷ୍ଣନଗର ମାତା-୰ ସୂର୍ଯ୍ୟମଣି ଦେବୀ, ପିତା-୰ ରତ୍ନାକର ରାୟ । ଜନ୍ମ- ତା ୨୦-୧୦-୧୮୮୭ରେ । ଶିକ୍ଷା-ସାଧାରଣ ଥିଲା । ସେ କୃଷକ ଥିଲେ । ଅନେକ ସମୟରେ ସେ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ପଢୁଥିଲେ । ସେ ଗହ୍ମାପୂର୍ଣ୍ଣିମା ଦିନ ୧୯୪୨ରେ କଳାମାଟିଆରେ ଗିରଫ୍ ହୋଇଥିଲେ । ଗୁଳିକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ଥିଲେ । କଟକ ଓ ବ୍ରହ୍ମପୁର ଜେଲରେ ସେ ଚଉଦ ମାସ ରହିଥିଲେ । ତା ୨୦-୮-୧୯୪୮ରେ ସେ ସ୍ୱର୍ଗାରୋହଣ କରିଛନ୍ତି ।

Digitized by PPRACHIN, SOA

୨୨। ହୃଷିକେଶ ରାୟ- ଗ୍ରାମ-କୃଷ୍ଣନଗର, ପୋ:ଅ:-ଶେରପୁର ମାତା-୰ସୁଧା ଦେବୀ, ପିତା-୰କୃଷ୍ଣ ରାୟ । ପତ୍ନୀ- ୰ ଉଦୟା ଦେବୀ । ଜନ୍ମ ତା ୨୩-୧୦-୧୮୮୯ରେ । ତାଙ୍କର ପରିବାର ବଡ଼ ଚାଷୀ ରୂପେ ସେ ଅଞ୍ଚଳରେ ଜଣାଶୁଣା ଥିଲେ । ତାଙ୍କର ବାପା ପ୍ରଭାବଶାଳୀ ଥିଲେ ଓ ମାତା ଅତି ଧର୍ମପରାୟଣ ଥିଲେ । ହୃଷୀକେଶଙ୍କର ଶିକ୍ଷା ଅତି ସାଧାରଣ ଥିଲା । ଅଗଷ୍ଟ ୧୯୪୨ରେ ସ୍ୱାଧୀନତା ଆନ୍ଦୋଳନରେ ଗିରଫ୍ ହୋଇଥିଲେ । କଟକ ଓ ବ୍ରହ୍ମପୁର ଜେଲରେ ୧୪ମାସ ରହିଥିଲେ । ସେ ୧୯୫୪ରେ ବହୁମୂତ୍ର ରୋଗରେ ଆକ୍ରାନ୍ତ ହେଲେ । ତାଙ୍କର ବଡ଼ପୁଅ ବୀଣାକର ଜଣେ ବଡ଼ ପୋଲିସ କର୍ମଚାରୀ ଥିଲେ ଏବଂ ହୃଷୀକେଶଙ୍କର ଚିକିତ୍ସା ଉତ୍ତମରୂପେ କରାଇଲେ । ତା ୨୬-୬-୧୯୫୯ରେ ହୃଷୀକେଶ ପ୍ରାଣତ୍ୟାଗ କଲେ । ସ୍ତ୍ରୀ ତା ୧୬-୧-୧୯୬୨ରେ ଇହଧାମ ତ୍ୟାଗ କଲେ । କନିଷ୍ଠ ପୁତ୍ର ବୀରବିଶୋର ମଧ ୧୯୪୨ର ସ୍ୱାଧୀନତା-ସଂଗ୍ରାମୀ ।

୨୩। ଉଷାଦେବୀ- ସ୍ୱାମୀ- ବ୍ରଜ କିଶୋର ମହାନ୍ତି, ସା: ରମ୍ଭା, ଜିଲ୍ଲା-ଯାଜପୁର । ଅଳ୍ପ ବୟସରେ ବିଧବା ହୋଇଥିଲେ ମଧ ଏକମାତ୍ର ପୁଅକୁ ମାମୁଁ ଘରେ ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ । ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରେ ବିଭିନ୍ନ ସ୍ଥାନରେ ବୁଲି ରଚନାତ୍ମକ କାମ କରିଥିଲେ । କଟକ ଜେଲରେ ଏକବର୍ଷ ଛଅମାସ ରହିଥିଲେ । ତାଙ୍କର ମୃତ୍ୟୁ ପୂର୍ବରୁ ତାଙ୍କର ଏକମାତ୍ର ପୁଅ ଓ ନାତି ମରିଯାଇଥିଲେ । ତାଙ୍କର ବିଧବା ବୋହୂ ଓ ତିନିଟି ନାତୁଣୀ ଜୀବିତ ଅଛନ୍ତି । ଅମଠପୁରର ଗ୍ରାମର ବିଶିଷ୍ଟ ସ୍ୱାଧୀନତା-ସଂଗ୍ରାମୀ ଶ୍ରୀ ରଙ୍ଗାଧର ଦାସଙ୍କ ଏ ଭଉଣୀ ଥିଲେ । ସେ ୧ ଜାନୁଆରୀ ୧୯୮୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

୨୪। କାଶୀନାଥ ଜେନା- ପିତା- ମନ୍ଦର ଜେନା, ସ୍ତ୍ରୀ-ଶୋଭାବତୀ ଜେନା, ସା-ଆନନ୍ଦପୁର, ଜିଲା- ଯାଜପୁର । "ଭାରତ ଛାଡ଼" ଆନ୍ଦୋଳନରେ ଯୋଗ ଦେଇ ଛଅମାସରୁ ଊର୍ଦ୍ଧ୍ୱକାଳ ଜେଲରେ ଥିଲେ । ଜେଲରେ ରାମକୃଷ୍ଣ ପତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କମ୍ୟୁନିଷ୍ଟ ଦଳରେ ଯୋଗ ଦେଲେ । ବରୀ ଆଶ୍ରମରେ ତାହା ପୂର୍ବରୁ ସେ ଚମଡ଼ା କାରଖାନା, ସୂତା କଟା ଓ ମହୁ ଚାଷ ଆଦି ବିଭିନ୍ନ ରଚନାତ୍ମକ କାମରେ ଅଂଶ ଗ୍ରହଣ କରିଥିଲେ । ୧୯୮୩ ମସିହାରେ ୫୦ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ ।

୨୫। ବଂଶୀଧର ଦ୍ୱିବେଦୀ- ପିତା- ପଞ୍ଚାନନ ଦ୍ୱିବେଦୀ ମୂଳ ଘର ସା-ଅରଙ୍ଗାବାଦ, ଜିଲ୍ଲା- ଯାଜପୁର । ବର୍ତ୍ତମାନ ବୟସ ୯୦ବର୍ଷ । ଯାଜପୁର ବିରଜା ହାଇସ୍କୁଲର

Digitized by PPRACHIN, SOA

ହିନ୍ଦୀ ଶିକ୍ଷକ ରୂପେ ସେ ଶିକ୍ଷକତା କରୁଥିଲେ । ସେ ୧୯୩୨ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କଟକ, ବ୍ରହ୍ମପୁର ପାଟନା ଆଦି ଜେଲରେ ୧ବର୍ଷରୁ ଅଧିକ ସମୟ କଟାଇଛନ୍ତି । ଛାତ୍ର-ଜୀବନରେ ଆନ୍ଦୋଳନରେ ଯୋଗ ଦେଇ ସେ ପାଠପଢ଼ା ଛାଡ଼ିଥିଲେ । ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି ।

୨୬। ଆକୁଳି ଚରଣ ମେକାପ- ଗ୍ରାମ- ମଧଖଣ୍ଡି, ଜିଲ୍ଲା- କେନ୍ଦ୍ରାପଡ଼ା, ଜନ୍ମ- ୧/୧୨/୧୯୧୯ ମସିହା, ପିତା- ମହନୀ ମେକାପ, ମାତା- ସୁନାଦେଈ, ସ୍ତ୍ରୀ- ଜାନକୀ ମେକାପ, ପାଳକ ପିତା- ଭଗୀରଥି ଦାସ, ଆନନ୍ଦପୁର ।

ସେ ପିତାମାତାଙ୍କର ଏକ ମାତ୍ର ପୁତ୍ରଥିଲେ । ୧୯୩୩ ମସିହାରେ କେନ୍ଦ୍ରାପଡ଼ା ଅଞ୍ଚଳରୁ ଆସି ୧୪ ବର୍ଷ ବୟସରେ ବାନର ସେନା ହିସାବରେ ବରୀ ଅଞ୍ଚଳରେ ଆନ୍ଦୋଳନରେ ଯୋଗଦେଲେ । ଭଗୀରଥି ଦାସଙ୍କ ନେତୃତ୍ୱରେ ବାଲିଆପାଳ ହାଟରେଥିବା ଗଞ୍ଜା ଅଫିମ ଦୋକାନ ଆଗରେ ପିକେଟିଂ କରିବା ସମୟରେ ପୋଲିସଙ୍କ ମାଡ଼ରେ ତାଙ୍କର ଅଙ୍ଗୁଳି ଭାଙ୍ଗି ଯାଇଥିଲା । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ଜେଲ ଗଲେ । ବିଦେଶୀ ଲୁଗା ବର୍ଜନ ସମୟରେ ସେ ଲୁଚି ଲୁଚି ଏସିଡ୍ ପକାଇ ବହୁ ଲୁଗା ନଷ୍ଟ କରିଦେଇଥିଲେ । ମଦ ବିଲୋପ ପାଇଁ ସେ ଓ ସହକର୍ମୀମାନେ ପ୍ରାୟ ୩ଶହରୁ ଅଧିକ ଖଜୁରୀ ଗଛ ହାଣି ପକାଇଥିଲେ । ଭଗୀରଥି ଦାସଙ୍କ ପାଳିତ ପୁତ୍ର ହିସାବରେ ସେ ଶେଷ ଜୀବନ ବରୀରେ କଟାଇଥିଲେ । ତାଙ୍କର ଗୋଟିଏ ପୁଅ ଓ ତିନୋଟି ଝିଅ ଏବଂ ବିଧବା ପତ୍ନୀ ଅଛନ୍ତି । ତାଙ୍କର ୨୫/୦୫/୧୯୮୬ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି ।

୨୭। ଜଗନ୍ନାଥ ଜେନା- ଗ୍ରାମ-କମ୍ପଗଡ଼, ପୋ.ଅ-ବାଲିଚନ୍ଦ୍ରପୁର, ଜିଲ୍ଲା-ଯାଜପୁର, ମାତା-ଝୁମୋଇ ଦେଈ, ପିତା-ମାଧବ ଜେନା । ଜନ୍ମ-୨୮ ମାଘ, ୧୩୦୮ ସାଲରେ, ଦ୍ୱାଦଶୀ ତିଥିରେ । ଅଗଷ୍ଟ ୧୯୪୨ ଆନ୍ଦୋଳନରେ ସେ ଯୋଗଦେଇ ଦେଢ଼ବର୍ଷ ଜେଲଦଣ୍ଡ ଭୋଗିଥିଲେ । ୧୦୦୦ଟଙ୍କା ଉପରକୁ ଜୋରିମାନା ଦେଇ ନ ପାରିବାରୁ ଘରର ବାସନପତ୍ର ଓ ଏ ୭-୫୫ ଡ଼େସିମିଲ୍ ଜମି ସରକାର ନିଲାମ କରିନେଲେ । ବିପତ୍ନୀକ, ଜ୍ୟେଷ୍ଠପୁତ୍ର ବୈଷ୍ଣବ ଓ ବୋହୂ ମୃତ ; ଆଉ ଦୁଇ ପୁଅ ଆଦିକନ୍ଦ ଓ ନିତ୍ୟାନନ୍ଦ । ପରିବାରରେ ୧୨ ଜଣ ଅଛନ୍ତି ।

୨୮। ରାମଚନ୍ଦ୍ର ମିଶ୍ର- ଗ୍ରାମ-ଏକତଳା, ପୋ.ଅ-ମଧୁବନ ହାଟ, ଭାୟା-କବୀରପୁର ଥାନା-ଧର୍ମଶାଳା ଜିଲ୍ଲା- ଯାଜପୁର । ମାତା-କିଣି ଦେବୀ, ପିତା-ଅଇଁଠୁ ମିଶ୍ର, ଜନ୍ମ-ବୈଶାଖ ପୂର୍ଣ୍ଣିମା, ୧୯୮ ମସି 'ରେ ।

Digitized by PPRACHIN, SOA

ଗ୍ରାମ ଚାଟଶାଳୀରେ ପଢ଼ି ସେଠା ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ବୃତ୍ତି ପାଇଲେ ୧୨ ମାଇଲ ଦୂର ଦଶରଥପୁର ଉପ୍ରା ବିଦ୍ୟାଳୟରୁ ବୃତ୍ତିପାଇ କୋରେଇ ମି:ଇ ସ୍କୁଲରୁ ୧୯୧୯ରେ ଉତ୍ତୀର୍ଣ୍ଣ ହେଲେ । ଯାଜପୁର ଟାଉନ୍ ହାଇସ୍କୁଲରେ ୧୯୨୧ରେ ଗୋବିନ୍ଦଚନ୍ଦ୍ର ମିଶ୍ର (ସେ ଗାନ୍ଧୀଜୀଙ୍କ ପାଖରେ ସାବରମତୀ ଆଶ୍ରମରେ ଅନେକ ବର୍ଷ ଥିଲେ) ଓ କଳକତାର ଅଲେଖ ପ୍ରସାଦ ଦାସଙ୍କଠାରୁ ଅସହଯୋଗ ଆନ୍ଦୋଳନ କଥା ଶୁଣିଲେ । ଗ୍ରାମର ସ୍କୁଲରେ ଶିକ୍ଷକତା କରୁଥିଲେ । ସେଥିରୁ ବରଖାସ୍ତ ହେଲେ । କବୀରପୁର ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲରେ ୧୯୨୨ରେ ଟ୍ରେନିଂ ପଢ଼ିଲେ । ସୂତାକାଟିଲେ, ଖଦଡ଼ ପିନ୍ଧିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ୧୯୨୭ରେ ବନ୍ୟା-ରିଲିଫ କାମ କଲେ । ଧର୍ମଶାଳା ଥାନାର କଂଗ୍ରେସ କମିଟିରେ ମେମ୍ବର ହୋଇ କଂଗ୍ରେସ କାମ ୧୯୩୭ରୁ ସେ କଲେ । ରାମଚନ୍ଦ୍ରପୁରରେ ସରକାରୀ ବେସିକ୍ ଟ୍ରେନିଂ ତା ୧-୬-୩୯ରୁ ୬ମାସ ନେଇ, ଏପ୍ରିଲ ୧୯୪୦ରେ ରତ୍ନଗିରି ଗ୍ରାମରେ ସରକାରୀ ମୌଳିକ ବିଦ୍ୟାଳୟରେ ଶିକ୍ଷକ ହେଲେ । ସରକାର ଏହି ଯୋଜନାକୁ ବନ୍ଦ କରିଦେବାରୁ ତା ୧-୩-୪୧ରୁ ବେସରକାରୀ ଯୋଜନାରେ ବରୀ ଅଞ୍ଚଳରେ ଶିକ୍ଷକତା କଲେ । "ଭାରତ ଛାଡ଼" ଆନ୍ଦୋଳନରେ ସେ ଦେଢ଼ବର୍ଷ ଜେଲରେ ଥିଲେ ।

ଜେଲରୁ ଖଲାସ ହୋଇ ରାମଚନ୍ଦ୍ରପୁରରେ ରିଲିଫ କାର୍ଯ୍ୟ ଓ ନଈତାଲିମର ଶିକ୍ଷକତା କଲେ ।

ଆଚାର୍ଯ୍ୟ ବିନୋବା ଭାବେଙ୍କର ଭୂଦାନ ଗ୍ରାମଦାନ ଆନ୍ଦୋଳନରେ ୧୯୫୨ରୁ ୧୯୬୩ପର୍ଯ୍ୟନ୍ତ ଲାଗିଲେ ; ଗଞ୍ଜାମ ଜିଲାର ଏହି କାର୍ଯ୍ୟରେ ଦାୟିତ୍ୱରେ ଥିଲେ । ବରୀ ଅଞ୍ଚଳକୁ ୧୯୬୪ରେ ଆସି ସର୍ବୋଦୟ ଆନ୍ଦୋଳନରେ ସାହାଯ୍ୟ କଲେ ଏବଂ ରାମଚନ୍ଦ୍ରପୁର ମୌଳିକ ଶିକ୍ଷା କେନ୍ଦ୍ରରେ ୧୯୭୦ ପର୍ଯ୍ୟନ୍ତ ଶିକ୍ଷକଥିଲେ ।

ତାଙ୍କର ସମଗ୍ର ପରିବାର ସର୍ବୋଦୟରେ ବିଶ୍ୱାସୀ । ପତ୍ନୀ କେତକୀ ଦେବୀ, ପୁତ୍ର ହର, ସନାତନ ଓ କନ୍ୟା ଭବାନୀ, ଜାମାତା ନଟବର ଏହିଥିରେ ଦୀକ୍ଷିତ ।

୨୯ । ଜଗବନ୍ଧୁ ଜେନା- ଗ୍ରାମ-ପୋ.ଅ-ରତ୍ନଗିରି, ଜିଲ୍ଲା- ଯାଜପୁର । ମାତା- ✓କେଲୁଣୀ ଦେଈ, ପିତା-✓ଶ୍ରୀପତି ଜେନା । ଜନ୍ମ ତା୫-୭-୧୯୦୫ରେ । ପତ୍ନୀ-ଶ୍ରୀମତୀ ନୟନାସୁନ୍ଦରୀ ଜେନା । ସେ ପିଲାଦିନରୁ ଆନ୍ଦୋଳନ-ପ୍ରେମୀ ଥିଲେ । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ବରୀ ଅଞ୍ଚଳରେ ରହିବା ପରେ ଜଗବନ୍ଧୁଙ୍କର ବଡ଼ ଭାଇ ଅନିରୁଦ୍ଧ (ଅନ୍ନୁ) ବାବୁ, ବଡ଼ ଭଉଣୀ ତିଳୋତ୍ତମା ଓ ତାଙ୍କର ସ୍ୱାମୀ ରତନ ବାସୀ ବୈଦ୍ୟନାଥ ରାୟ ଗାନ୍ଧୀଜୀଙ୍କର

Digitized by PPRACHIN, SOA

ରଚନାତ୍ମକ କାର୍ଯ୍ୟରେ ଆଗ୍ରହୀ ହେଲେ । "ସେବାଘରୁ" ଗୋଦାବରୀ ଦେବୀ, ମଙ୍ଗଳା ସେନଗୁପ୍ତ ଗ୍ରାମରେ ସୂତାକଟା, ଅସ୍ପୃଶତା-ନିବାରଣ ଆଦି କଲେ ଓ କରାଇଲେ ।

୧୯୪୨ର "ଭାରତ ଛାଡ଼" ଆନ୍ଦୋଳନରେ ଜଗବନ୍ଧୁ ଜେନା ଯୋଗଦେଲେ । ସେ କଟକ ଓ ବ୍ରହ୍ମପୁର ଜେଲରେ ଅଢ଼େଇ ବର୍ଷ ବନ୍ଦୀ ଥିଲେ । ସେ ଜୀବନସାରା ରୋଗୀ ଥିଲେ । ତଥାପି, ରୋଗକଷ୍ଟକୁ ଭ୍ରୂକ୍ଷେପ ନ କରି ଦେଶମାତାକୁ ପରାଧୀନତାର ଶୃଙ୍ଖଳାରୁ ମୁକ୍ତ କରିବାପାଇଁ ବହୁ ଘାତପ୍ରତିଘାତ ସହିଥିଲେ । ତା ୧-୮-୧୯୮୭ରେ ତାହାଙ୍କର ଜୀବନଦୀପ ଲିଭି ଯାଇଥିଲା ।

୩୦ । ଆର୍ତ୍ତବନ୍ଧୁ ମହାନ୍ତି- ଘର-ଅରଙ୍ଗାବାଦ; ପରେ ଦୁଧେଇ, ପୋ.ଅ-ବରୀ କଟକ, ଜିଲ୍ଲା- ଯାଜପୁର । ବଂଶାବଳୀ-ଅକ୍ରୁର ମହାନ୍ତି, (ପତ୍ନୀ ତଳକ) ମଦନ, (ପତ୍ନୀ ତୁଳସୀ) ଲକ୍ଷ୍ମୀଧର, (ପତ୍ନୀ ସରସ୍ୱତୀ) ରୂପନାରାୟଣ, (ପତ୍ନୀ ଚମ୍ପା) ଆର୍ତ୍ତବନ୍ଧୁ ପତ୍ନୀ ମଣିପ୍ରିୟା । ଆର୍ତ୍ତବନ୍ଧୁ ବାବୁଙ୍କର ଜନ୍ମ ମାର୍ଗଶୀର ୧୨ଦିନ, ଅମାବାସ୍ୟା ୧୩୧୩ସାଲ ତା ୨୭-୧୧-୧୯୦୫ ମସିହାରେ ।

"ଶ୍ରୀ ଫକୀର ମହାନ୍ତି ମୋର ବାଲ୍ୟଗୁରୁ ଥିଲେ । ବରୀର ନିଧି ଅବଧାନଙ୍କର ଚାଟଶାଳୀରେ ପଢ଼ିଲି । ବାପା ମୋତେ ସଙ୍ଗରେ ନେଇ ସଦେଇ ସୁଆରଙ୍କ କଚେରୀରେ (ଆନନ୍ଦପୁର ସବ୍‌ଡ଼ିଭିଜନର ଇଛୋଳ ଗ୍ରାମରେ) ପଢ଼ାଇଲେ । ସେଠାରୁ ଆସି ବରୀ ଉ.ପ୍ରା. ବିଦ୍ୟାଳୟରେ ପଢ଼ିଲି । ଶ୍ରୀ ଉପେନ୍ଦ୍ର ଦାସ ହେଡ଼୍‌ପଣ୍ଡିତ ଥିଲେ । ବାପା ଯାଜପୁରରେ ବାଳିକା ନି.ପ୍ରା. ସ୍କୁଲରେ ଶିକ୍ଷକ ହେଲେ । ମୁଁ ବିରଜା ମି.ଇ.ସ୍କୁଲରେ ପଢ଼ି ୧୯୨୩ରେ ମାଇନର ପାଶ୍ କଲି । ବାପା ଗୁରୁ ଟ୍ରେନିଂ ପଢ଼ିବାପାଇଁ ଯିବାରୁ ମୁଁ ତାଙ୍କ ପରିବର୍ତ୍ତେ ଶିକ୍ଷକ ହେଲି ।

୧୯୨୫ରେ ଉଦୟପୁରର ଭିକାରୀ ମହାନ୍ତିଙ୍କ କନ୍ୟା ମଣିପ୍ରିୟା ସହ ମୋର ବିବାହ ହେଲା । ମାର୍କଣ୍ଡପୁର ନି.ପ୍ରା. ସ୍କୁଲରେ ମୁଁ ଶିକ୍ଷକ ବର୍ଷେ ଖଣ୍ଡେ ହେଲି । ସେତେବେଳେ ଶ୍ରୀ ଶ୍ରୀଧର ସାମଲ, ବି.ଏ.ଏଲ୍.ଟି. ହରିଜନ ପିଲାଙ୍କ ପାଇଁ ସ୍ୱତନ୍ତ୍ର ପରିଦର୍ଶକ ଥିଲେ । ସେ ମୋ ସ୍କୁଲରେ ହରିଜନଛାତ୍ରଙ୍କୁ ଦେଖି ଆନନ୍ଦିତ ହେଲେ । ମୁଁ କବୀରପୁର ଗୁରୁଟ୍ରେନିଂ ସ୍କୁଲରେ ୧୯୨୬ରେ ଟ୍ରେନିଂ ନେଲି । ହେଡ଼୍‌ପଣ୍ଡିତ ଶ୍ରୀ ଯଦୁମଣି ମହାନ୍ତି ଥିଲେ । ତା ୩୦-୧୨-୧୯୨୯ରେ ମୁଁ ରାମଚନ୍ଦ୍ରପୁର (ବରୀ ଅଞ୍ଚଳ) ନି.ପ୍ରା. ବିଦ୍ୟାଳୟରେ ଜଏନ୍ କଲି, ତା ୨୬-୧-୧୯୩୦ରେ ଜାତୀୟ ପତାକା ଅନେକ ଆଡ଼େ କଂଗ୍ରେସ ଲୋକ ଉଡ଼ାଇଲେ । ସେହି ସମୟରୁ ମୁଁ ଶିକ୍ଷକତା କରୁଥିଲେ ହେଁ ଦେଶକାମରେ ଅଂଶ ଗ୍ରହଣ କଲି । ବରୀ ଅଞ୍ଚଳରେ

Digitized by PPRACHIN, SOA

ଅନେକ ସ୍ୱାଧୀନତା-ପ୍ରେମୀ ଲୋକଙ୍କର ଘନିଷ୍ଠ ସମ୍ପର୍କରେ ଆସିଲି । ୧୯୩୨ ଜାନୁଆରୀ ୨୬ ତାରିଖରେ ଜାତୀୟ ପତାକା ଉତ୍ତୋଳନରେ ମଧ ସହଯୋଗ କଲି । ତା ୧୩-୮-୩୪ରେ ଗୋପବନ୍ଧୁ ଚୌଧୁରୀ ମହାଶୟ ଓ ମା ରମାଦେବୀ ବରୀକୁ ଆସି ରହିଲେ ଏବଂ ନାନା ରଚନାତ୍ମକ କାର୍ଯ୍ୟ କଲେ ଓ କରାଇଲେ । ମୁଁ ସକ୍ରିୟ-ଭାବରେ ସହଯୋଗ କଲି । ଗାନ୍ଧୀଜୀଙ୍କର ପଦଯାତ୍ରାରେ ଆମ୍ଭେମାନେ କେତେକ କାମ କଲୁ । ୧୯୩୭ରେ ମୋର ଫୁସ୍‌ଫୁସରେ ରୋଗ ହେଲା । ଗୋପବାବୁ ମୋତେ ଡାକ୍ତର ଦେଖାଇ, ଆର୍ଥିକ ସାହାଯ୍ୟ ଦେଇ, ରୋଗମୁକ୍ତ କରାଇଲେ । ସରକାରୀ ପ୍ରୟୋଗକୁ ତା ୧-୩-୧୯୪୧ରେ ସରକାର ବନ୍ଦ କରିଦେବାରୁ ମୁଁ ସେହି ତାରିଖଠାରୁ ବେସରକାରୀ ମୌଳିକ ବିଦ୍ୟାଳୟର ଶିକ୍ଷକ ହେଲି । ୧୯୪୨ର "ଭାରତ ଛାଡ଼" ଆନ୍ଦୋଳନରେ ମୁଁ ଜେଲ ଗଲି । ଅଗଷ୍ଟ ୧୯୪୩ରେ ଖଲାସ ହେଲି । ଜେଲମୁକ୍ତ ଅନ୍ୟ ୩/୪ ଜଣ ମିଶି ଏହି ଶିକ୍ଷାକୁ ପୁଣି ଆମେ ଚଳାଇଲୁ । ହାଟସାହି ମୌଳିକ ସ୍କୁଲରେ ଶିକ୍ଷକ ଥିବାବେଳେ ମୁଁ ଗ୍ରାମ ସଂଗଠନ କାର୍ଯ୍ୟ ଓ ଜମିଦାରଙ୍କର ଅତ୍ୟାଚାରର ପ୍ରତିକାର କରାଇଲି । ପରେ ଆମ୍ଭେମାନେ ସରକାରଙ୍କର କର୍ମଚାରୀ ରୂପେ ପରିଗଣିତ ହେଲୁ । ମୋର ୫୫ବର୍ଷ ବୟସରେ ମୁଁ କାର୍ଯ୍ୟରୁ ଅବସର ନେଲି । ରାଜନୈତିକ ବନ୍ଦୀ ରୂପେ ମୁଁ ପେନସନ୍ ମଧ ପାଇଆସୁଛି । ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟ, ବରୀ ଆଞ୍ଚଳିକ ସର୍ବୋଦୟ କାର୍ଯ୍ୟ, ବେସରକାରୀ ରିଲିଫ୍ କାର୍ଯ୍ୟ ଆଦି ସବୁଥିରେ ମୁଁ ଯଥାସାଧ ସାହାଯ୍ୟ ସହଯୋଗ କରିଆସିଛି । ମୋର ପରିବାର ମଧ ଏଥିରେ ସାମିଲ । ମୋର ଜାମାତା ବୃନ୍ଦାବନ ଜେନା, ଜ୍ୟେଷ୍ଠପୁତ୍ର ଅକ୍ଷୟ ସଂସ୍ଥା ଗଢ଼ି, ସମାଜ-ସେବାରେ ସୁଦୂର କୋରାପୁଟ ଜିଲାରେ ଲାଗିଛନ୍ତି । କର୍ମନିଷ୍ଠ ଆର୍ତ୍ତବନ୍ଧୁ ବାବୁଙ୍କର ଦେହାନ୍ତ ୩୦-୯-୧୯୮୯ ହୋଇଯାଇଛି ।

୩୧ । ରଙ୍ଗାଧର ଦାସ- ଗ୍ରାମ-ଅମଠପୁର, ପୋ.ଅ.-ବେଣୀପୁର, ଜିଲ୍ଲା-ଯାଜପୁର ମାତା-୰ଶ୍ରୀମତୀ ଦେଈ, ପିତା-୰ କୃପାସିନ୍ଧୁ ଦାସ, ଜନ୍ମ ରଜସଂକ୍ରାନ୍ତି ୧୯୦୫ । ରଙ୍ଗାଧର ବାବୁଙ୍କର ବାଲ୍ୟାବସ୍ଥାରେ ପିତାଙ୍କର ମୃତ୍ୟୁ ହୋଇଥିଲା । ତେଣୁ ସେ ଉଚ୍ଚ ଶିକ୍ଷା ପାଇ ପାରିଲେ ନାହିଁ । ବନ୍ଦୋବସ୍ତ ବିଭାଗରେ ସରକାରୀ ଅମୀନ ରୂପେ କେତେ ବର୍ଷ କାର୍ଯ୍ୟ କଲେ । ସେ ଚାକିରୀ ଛାଡ଼ି ୧୯୩୭ ମସିହାରେ ଦେଶକାମକୁ ବାହାରିଲେ । ଗୋପବାବୁ ବରୀରେ ଆଶ୍ରମ କରି ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟ କରୁଥିଲେ । ରଙ୍ଗାଧରବାବୁ ତାଙ୍କ ସଂସ୍ପର୍ଶରେ ଆସି ଗାନ୍ଧୀଜୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେଲେ ଏବଂ କଂଗ୍ରେସ କାମ କଲେ । ଦିନେ ସେ ଅନ୍ୟାସୀପୁର୍‌ର ଗଦାଧର ପାଳିତଙ୍କୁ ଦେଖା କରିବାକୁ ଯାଇ ପ୍ରାୟ ପାଞ୍ଚ ଘଣ୍ଟାକାଳ ତାଙ୍କର ବାହାର ମେଲାରେ ଅପେକ୍ଷା କଲେ । ଗଦାଧର ବାବୁ ଭୁଲି ଯାଇଥିଲେ । ପରେ ଆସି ତାଙ୍କୁ

Digitized by PPRACHIN, SOA

କ୍ଷମା ମାଗିଲେ, ଗାନ୍ଧୀଜୀଙ୍କର ବହିମାନ ମଗାଇ ପଢ଼ିଲେ ଓ ଗାନ୍ଧୀ କାମରେ ଖୁବ୍ ସହଯୋଗ କଲେ । କାଇପଡ଼ାର ବେଣୁଧର ଉତ୍ତରସିଂହ ମଧ ଗଙ୍ଗାଧର ବାବୁଙ୍କର ସରଳ ଜୀବନ ଓ ଗାନ୍ଧୀପ୍ରେମରେ ଆକୃଷ୍ଟ ହୋଇଥିଲେ । ଗମ୍ଭ ଓ ଆଉ କେତେକ ଗ୍ରାମରେ ସରକାରୀ ମୌଳିକ ବିଦ୍ୟାଳୟ ସ୍ଥାପନପାଇଁ ଗଙ୍ଗାଧର ବାବୁ ଗ୍ରାମବାସୀଙ୍କୁ ପ୍ରେରଣା ଦେଇଥିଲେ ।

"ଭାରତ ଛାଡ଼" ଆନ୍ଦୋଳନରେ ସେ ଝାସ ଦେଲେ । କେନ୍ଦ୍ରାପଡ଼ାର ଏସ. ଡ଼ି. ଓ. ମନୀନ୍ଦ୍ରନାଥ ଙ୍କ ବିଚାରରେ ତାଙ୍କୁ ନାନା ଦଫାରେ ୭ବର୍ଷ ଜେଲଦଣ୍ଡ ହେଲା । ସେ କଟକ ଓ ବ୍ରହ୍ମପୁର ଜେଲରେ C ଶ୍ରେଣୀର ବନ୍ଦୀଭାବରେ ରହିଲେ । ତାଙ୍କର ସଂସ୍କୃତ ଭାଷରେ ଜ୍ଞାନ ଅତି ଊଣା ଥିଲା । ମାତ୍ର ସେ ଆଚାର୍ଯ୍ୟ ହରିହରଙ୍କର ଶ୍ରୀମଦ୍ ଭଗବତ୍-ଗୀତା ପ୍ରତିଦିନ ପଢ଼ି ଆଧତ୍ମିକ ଭାବରେ ଉଦ୍‌ବୁଦ୍ଧ ହେଲେ । ଆଶ୍ରମର ବିଧି ଅନୁସାରେ ତାହାର ପାରାୟଣ କରିବାରେ ଲାଗିଲେ ।

୧୯୪୬ରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ହେଲାରୁ ସେ ଜେଲରୁ ଖଲାସ ହୋଇ, ଗଠନମୂଳକ କାମରେ ଲାଗିଲେ । ଆଚାର୍ଯ୍ୟ ବିନୋବାଙ୍କର ଭୂକ୍ରାନ୍ତି ଆନ୍ଦୋଳନରେ ସେ ଜଣେ ଅତି ସକ୍ରୀୟ କର୍ମୀ ହେଲେ । ସେ ଆତ୍ମଶୁଦ୍ଧିପାଇଁ ତାଙ୍କ ଘରେ ତା ୪-୭-୧୯୫୫ରୁ ଏକୋଇଶ ଦିନ ଅନଶନ କରିଥିଲେ । ଛତିଆରୁ ଡାକ୍ତର ଜଗନ୍ନାଥ ଦାସ M.B.B.S ତାଙ୍କର ଅନଶନ ଭିତରେ ଆସି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ଉଦ୍‌ଯାପନ ବେଳେ ଡାକ୍ତରବାବୁ ଓ ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟର ଗୁରୁଜୀ ପରିଷଦର ସମ୍ପାଦକ ଉପସ୍ଥିତ ଥିଲେ ।

ଭୂଦାନ ଆନ୍ଦୋଳନର 'ତନ୍ତ୍ରମୁକ୍ତି ଓ ନିଧିମୁକ୍ତି' ପର୍ଯ୍ୟାୟରେ ସେ ସମ୍ବଲପୁର ଜିଲାର କୋଚିଣ୍ଡା ଅଞ୍ଚଳରେ ରହି ଉତ୍ତମ ସଂଗଠନ କରିଥିଲେ, ଗ୍ରାମଦାନ କରାଇଥିଲେ ଓ ଭୂମି ବିତରଣ କରାଇଥିଲେ । ସେ ପ୍ରତିଦିନ ବିଷ୍ଣୁ-ସହସ୍ର ନାମ ଆବୃତ୍ତି ନ କଲେ ଭୋଜନ କରୁ ନ ଥିଲେ । ଶ୍ୱାସରୋଗରେ ସେ ମଧେ ମଧେ କଷ୍ଟ ପାଉଥିଲେ । ପରେ ସେ ଦେଶର ରାଜନୈତିକ ଓ ଅନ୍ୟ ସମସ୍ୟାରେ ସଂପୃକ୍ତ ନ କରି ଭାଗବତ-ଚିନ୍ତନରେ ରହିଥିଲେ । ତାଙ୍କର ୨୪-୭-୧୯୯୪ ମସିହାରେ ମୃତ୍ୟୁ ବରଣ ହେଲା ।

୩୨ । ଅନାମ ଚନ୍ଦ୍ର ଦାଶ- ଗ୍ରାମ-କୃଷ୍ଣନଗର, ମାତା -ଝୁମେଇ ଦେବୀ, ପିତା-୰ହରିହର ଦାଶ । ଜନ୍ମ ଏପ୍ରିଲ, ୧୯୦୮ ମସିହାରେ । କଳାମାଟିଆରେ ତା ୨୬-୮-୧୯୪୨ରେ ଗିରଫ୍ ହୋଇ, ରାଜନୈତିକ ଅଟକ ବନ୍ଦୀଭାବରେ କଟକ ଓ ବ୍ରହ୍ମପୁର ଜେଲରେ ଚଉଦମାସ ରହିଥିଲେ ।

Digitized by PPRACHIN, SOA

୩୩। ବିଦ୍ୟାଧର ରାୟ- ଗ୍ରାମ-କୃଷ୍ଣନଗର, ପୋ.ଅ.-ଶେରପୁର, ଭାୟା-କାଇପଡ଼ା, ପିତା-ଇନ୍ଦ୍ରମଣି ରାୟ, ଜନ୍ମ ୧୯୧୦ ମସିହାରେ ।

" ଚାଟଶାଳୀରେ ପାଠପଢ଼ା ଶେଷ ପରେ ମୋର ସ୍ୱାମୀଙ୍କୁ ଶ୍ୱଶୁର ନିଜର ଚାଷକାମରେ ଲଗାଇଲେ । କାରଣ ସେ ବଡ଼ ଚାଷି ପରିବାର ଥିଲେ । ଖାନଦାନ ଘର ଥିଲେ । "ଭାରତ ଛାଡ଼" ଆନ୍ଦୋଳନ ଆରମ୍ଭ ହେବା ପରେ କେତେକ ଲୋକ କାଇପଡ଼ା ଡାକଘରର କାଗଜପତ୍ର ପୋଡ଼ି ଦେଇ ଚାଲିଗଲେ । ଗହ୍ମାପୂର୍ଣ୍ଣିମା ଦିନ ସକାଳେ ଆମର ଗ୍ରାମ କୃଷ୍ଣନଗରରୁ ଅନେକ ଲୋକ କାଇପଡ଼ା ଗୋଲାରେ ରମାଦେବୀଙ୍କ ଭାଷଣ ଶୁଣିବାକୁ ଗଲେ । ମୋର ସ୍ୱାମୀ , ଖୁଡ଼ୁତା-ଶ୍ୱଶୁର ହୃଷୀକେଶ ରାୟ, ଇନ୍ଦ୍ରମଣି ତ୍ରିପାଠୀ ଆଦି ସେମାନଙ୍କ ମଧରେ ଥିଲେ । ଅନାମ ଚରଣ ଦାଶ, ମୁକ୍ତେଶ୍ୱର ମିଶ୍ର ଆଦି ଆଗରୁ କାଇପଡ଼ା ଉ:ପ୍ରା: ବିଦ୍ୟାଳୟରେ ଗିରଫ ହୋଇ ରହିଥିବା ମୋର ସ୍ୱାମୀ ପ୍ରଭୃତିଙ୍କୁ ମୁକୁଳାଇବାକୁ ଗଲେ । ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ଜଣେ ସିପାହୀର ବନ୍ଧୁକ ଛଡ଼ାଇ ନେବାକୁ ଟାଣିଲେ ଏବଂ ନିଧି ସାମଲ ପୋଲିସ ସାହେବ ଲକ୍ଷ୍ମଣ ମିଶ୍ରଙ୍କୁ ଛତାରେ ପିଟିଲେ । ସଙ୍ଗୀନ ଓ ଗୁଳିରେ ୪ଜଣ ମଲେ ଓ ଆଉ କେତେକ ଗୁଳିରେ ଆଘାତ ପାଇଲେ । ମୋର ସ୍ୱାମୀ ବିଦ୍ୟାଧର ରାୟ କଟକ ଓ ବ୍ରହ୍ମପୁର ଜେଲରେ ବହୁ ମାସ ବନ୍ଦୀ ଭାବରେ କଟାଇଥିଲେ ।

ତା ୨୧-୧-୧୯୮୭ରେ ମୋର ସ୍ୱାମୀ ବାର୍ଦ୍ଧକ୍ୟ ଓ ରୋଗରେ ପ୍ରାଣତ୍ୟାଗ କରିଛନ୍ତି ।"

ତିଳୋତ୍ତମା ରାୟ

କୃଷ୍ଣନଗର । ତା୧୦-୮-୧୯୯୦

୩୪। ବେଣୁଧର ସାମଲ- ଗ୍ରାମ-କୃଷ୍ଣନଗର, ମାତା-✓ ହାଡ଼ିଆଣି ଦେଈ, ପିତା-✓ ଭଗବାନ ସାମଲ, ପତ୍ନୀ-✓ ଗେହ୍ଲୀ ଦେଈ, ଜନ୍ମ-୧୯୧୦ ମସିହାରେ ।

"ମୁଁ ବେଶି ପାଠ ପଢ଼ିପାରି ନାହିଁ । କେବଳ ସ୍ୱାକ୍ଷର ମାତ୍ର । ତା ୨୬-୮-୪୨ରେ ମୁଁ କାଇପଡ଼ାରେ ଅନ୍ୟ ସ୍ୱାଧୀନତା-ସଂଗ୍ରାମୀଙ୍କ ସହ ଗିରଫ ହୋଇଥିଲି । ମୁଁ ୧୪ମାସ କଟକ ଓ ବ୍ରହ୍ମପୁର ଜେଲରେ ଥିଲି ।" ସେ ବର୍ତ୍ତମାନ ସ୍ୱର୍ଗତ ।

୩୫। ଧ୍ରୁବ ଚରଣ ରାୟ- ଗ୍ରାମ -କୃଷ୍ଣନଗର, ପୋ.ଅ.-ସେରପୁର, ମାତା-ଭାବ(ଭବାନୀ) ଦେବୀ, ପିତା- ✓ବଂଶୀଧର ରାୟ । ଜନ୍ମ ତା୬-୯-୧୯[illegible] ମସିହାରେ ପତ୍ନୀ-✓ଶଶିମଣି ଦେବୀ ।

Digitized by PPRACHIN, SOA

ଧ୍ରୁବ ଚରଣ ରାୟ ବଡ଼ ନିର୍ଭୀକ ଥିଲେ । ସେ ୧୯୪୨ ଅଗଷ୍ଟରେ ଆନ୍ଦୋଳନ ସଂକ୍ରାନ୍ତ ଗୁପ୍ତ ସର୍କୁଲାର ଆଦି ନେଇ ନାନା ଗ୍ରାମରେ ପ୍ରଚାର କରୁଥିଲେ । ଗିରଫ୍ ହୋଇ ଜେଲ ଯାଇଥିଲେ । ଖଲାସ ହେବାପରେ ମଧ କେତେ ମାସ କଂଗ୍ରେସ କାର୍ଯ୍ୟ କରିଥିଲେ । ସେ ତା ୨୯-୫-୧୯୫୨ରେ ପ୍ରାଣତ୍ୟାଗ କଲେ । ଶଶିମଣି ଦେବୀ ୧୯୭୯ରେ ସଂସାରରୁ ବିଦାୟ ନେଲେ ।

୩୬ । ବୀରବର ରଥ- ଧାରପୁର, ପୋ.ଅ.-ଧାରପୁର, ଭାୟା-ବରୀ କଟକ, ଜିଲ୍ଲା- ଯାଜପୁର । ମାତା-ରୂପା ଦେବୀ, ପିତା-ଗିରିଧାରି ରଥ, ଜନ୍ମ-୯ ଭାଦ୍ର, ୧୩୨୨ସାଲ ।

" ବରୀ ଅଞ୍ଚଳରେ ମାଇନର୍ ସ୍କୁଲ ନ ଥିବାରୁ ମୁଁ କଲ୍ୟାଣପୁର ମି.ଇ. ସ୍କୁଲରେ ୧୯୩୦ରେ ପଢୁଥିଲି । ଶ୍ରୀମତୀ ରମାଦେବୀ ଓ ଗୋଦାବରୀ ଦେବୀଙ୍କୁ ସଙ୍ଗରେ ଧରି ସ୍କୁଲ ପାଖରେ ସଭା କରୁଥିଲି । " ଭାରତ-ଜନନୀର ହାତ ଗୋଡ଼ରେ ବେଡ଼ି, ଅଥଚ ପୁଅ ବେଞ୍ଚରେ ବସି ପାଠ ପଢୁଛି, ମା'ର ବନ୍ଧନ ଖୋଲିବ କିଏ ।''- ପୁଣି ମୋର ପାଠ ପଢ଼ା ଇତିଶ୍ରୀ ହେଲା । ମୁଁ ଆନନ୍ଦପୁରରେ ଭଗୀରଥ ଦାସ ପ୍ରଭୃତିଙ୍କ ସହ ମିଶିଲି, ସୂତା କାଟିଲି, ନିଜର ସୂତାରେ ଖଦି ଲୁଗା ପିନ୍ଧିଲି । ୧୯୩୪ରେ ବରୀରେ ଗାନ୍ଧୀଜୀଙ୍କର ଭାଷଣ ଶୁଣି ଉତ୍ସାହ ପାଇଲି । ଗୋପବାବୁ ବରୀରେ ରହିବା ପରେ ତାଙ୍କ ସହ ଖଦି ଆଦି ରଚନାତ୍ମକ କାର୍ଯ୍ୟ ଲଗାତାର କଲି । ଡ଼େଲାଙ୍ଗରେ ଗାନ୍ଧୀ ସେବା ସଂଘର ଏକ ମାସ ଆଗରୁ ଯାଇ ପ୍ରାରମ୍ଭିକ କାର୍ଯ୍ୟରେ ଲାଗିଲି ଏବଂ ସମ୍ମିଳନୀରେ ଯୋଗ ଦେଲି । ଆମ ଗାଁରେ ହାରାମଣି ଦେବୀ ରହି ସୂତାକଟା ଓ ନାରୀ-ଜାଗରଣ କାର୍ଯ୍ୟ କଲେ । ୧୯୪୦ରେ ସରକାରୀ ମୌଳିକ ବିଦ୍ୟାଳୟ ହେଲା । ମୁଁ ଏ ସବୁଥିରେ ସାହାଯ୍ୟ କଲି । ୧୯୪୧ରେ ବାଣୀ ସତ୍ୟାଗ୍ରହରେ ମୁଁ ୩ମାସ ଜେଲ ଗଲି ଓ ଟ. ୩୦ ଜୋରିମାନା ଦେଲି । ୧୯୪୨ର ଅଗଷ୍ଟ ଆନ୍ଦୋଳନରେ ତା ୧-୯-୪୨ରେ ଗିରଫ୍ ହେଲି, କଟକ ବ୍ରହ୍ମପୁର ଜେଲରେ ଆଚାର୍ଯ୍ୟ ମହାଶୟ ଗୋପବାବୁ, ଚାଟୁବାବୁ ଆଦିଙ୍କ ସହ ଆନନ୍ଦରେ ପ୍ରାୟ ୨ବର୍ଷ କଟିଗଲା । ଯାଜପୁର ଲୋକାଲ୍ ବୋର୍ଡ଼ର ଚେୟାରମ୍ୟାନ ଦାୟିତ୍ୱ ସହ ଗାନ୍ଧୀ କାମରେ ଲାଗିଥାଏ । ବିନୋବାଜୀଙ୍କର ଭୂଦାନ ଯଜ୍ଞ, ଭୂମି ବିତରଣରେ ମଧ ୧୯୫୭ ପର୍ଯ୍ୟନ୍ତ ସମୟ ଦେଲି । ୧୯୬୧ରେ ମା ରମାଦେବୀଙ୍କର ଅନୁରୋଧରେ ମୁଁ ସୂତାକଟା ଜରିଆରେ ଲୋକଙ୍କୁ ରିଲିଫ୍ ଦେବାର ଦାୟିତ୍ୱ ବରୀ ଅଞ୍ଚଳରେ ନେଇଥିଲି । ମୁଁ ବିପତ୍ନୀକ ; ଅଳ୍ପ ବୟସ୍କ ଝିଅମାନଙ୍କର ଉଭୟ ମାତା-ପିତାର ଦାୟିତ୍ୱ ମୋତେ ତୁଲାଇବାକୁ ପଡ଼ିଲା । ଦୁଇଟିଅ ହେମଲତା ଓ ପ୍ରତିଭାଙ୍କୁ ରାମଚନ୍ଦ୍ରପୁର କନ୍ୟାଶ୍ରମରେ ରଖାଇ ମୌଳିକ ଶିକ୍ଷା ଦିଆଇଥିଲି ।'' ବୀରବାବୁଙ୍କର ତା ୧୨ -

Digitized by PPRACHIN, SOA

୧-୧୯୯୩ ମସିହାରେ ଦେହାନ୍ତ ହୋଇଥିଲା ।

୩୭। ଡ଼ମ୍ବରୁଧର ରାୟ- କୃଷ୍ଣନଗର, ପୋ.ଅ.-ଶେରପୁର, ଭାୟା-କାଇପଡ଼ା । ୧୯୪୨ର କଳାମାଟିଆରେ ଗୁଳିକାଣ୍ଡ ଦିନ ପୋଲିସ ଦ୍ୱାରା ଗିରଫ ହୋଇଥିଲେ । କଟକ ଓ ବ୍ରହ୍ମପୁର ଜେଲରେ ମୋଟରେ ୧୮ ମାସ ଜେଲ ଭୋଗିଥିଲେ । ସେ ବର୍ତ୍ତମାନ ସ୍ୱର୍ଗତ ।

୩୮। ବିଚିତ୍ରାନନ୍ଦ ଶୁକ୍ଳ- ଗ୍ରାମ-କୃଷ୍ଣନଗର, ପୋ.ଅ.-ଶେରପୁର, ପ୍ରଗଣା-କଳାମାଟିଆ, ଜିଲ୍ଲା - ଯାଜପୁର । ମାତା-ବାଉରୀ ଦେବୀ, ପିତା-ବ୍ରଜବନ୍ଧୁ ଶୁକ୍ଳ, ଜନ୍ମ ତା-୧୫-୧୨-୧୯୧୫ । ଗ୍ରାମବାସୀ ଧ୍ରୁବ ଚରଣ ରାୟଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ । ଗହ୍ମାପୂର୍ଣ୍ଣିମା ଦିନ ତା ୨୬-୮-୧୯୪୨ରେ କଳାମାଟିଆରେ ଏ ଗିରଫ୍ ହେଲେ । ଜେଲ ଜୀବନଯାପନ ପରେ ଏ ନାନା ଆଡ଼େ ବୁଲି ଅସ୍ପୃଶ୍ୟତା-ନିବାରଣ ଆଦି କାର୍ଯ୍ୟ କଲେ । ଏ ରାଜନୈତିକ ପେନ୍‌ସନ୍ ନେଲେ ନାହିଁ । କେତେକ ଲୋକ ଏହାଙ୍କର ମାତାଙ୍କୁ ସେହି ପେନ୍‌ସନ୍ ନେବାପାଇଁ ଅନୁରୋଧ କଲେ । ମାତା କହିଲେ-ବିନା ପେନ୍‌ସନ୍‌ରେ ମୁଁ ଚଳିଯାଉଛି, ପେନ୍‌ସନ୍ ନେବି ନାହିଁ ।'' ବିଚିତ୍ରାନନ୍ଦ ଭଦ୍ରକର ଏକ ମଫସଲରେ ଆଶ୍ରମ କରି ରହିଥିଲେ । ସେ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ମେ ୧୦ ତାରିଖ ୧୯୯୯ ମସିହାରେ ମୃତ୍ୟୁବରଣ କଲେ ।

୩୯। ବସୁଦେବ ସାମଲ- ମୂଳଘର ବାଲିବିଲ;ପରେ ରାମଚନ୍ଦ୍ରପୁରରେ, ପୋ.ଅ.-ରାମଚନ୍ଦ୍ରପୁର, ଥାନା-ବିଞ୍ଝାରପୁର, ଜିଲ୍ଲା- ଯାଜପୁର । ପିତା-ବିଶ୍ୱନାଥ ସାମଲ (ବାଲିବିଲ) । ମାତା- ନିଧି (ସୁଧାନିଧି) । ଶ୍ୱଶୁର-ଦରି (ଦରବାରି)ବେଉରିଆ । ତାଙ୍କର ତା.୩୦-୧୧-୧୯୧୫ରେ ଜନ୍ମ । ଆର୍ତ୍ତବନ୍ଧୁ ମହାନ୍ତି ରାମଚନ୍ଦ୍ରପୁର ନି.ପ୍ରା. ବିଦ୍ୟାଳୟରେ ଦୀର୍ଘକାଳ ଶିକ୍ଷକ ଥିଲେ । ସେ କଂଗ୍ରେସର କଥା, ଗାନ୍ଧୀଜୀଙ୍କର କଥା ଲୋକମାନଙ୍କୁ କହୁଥିଲେ । ବସୁଦେବ ବାବୁ ସେହି ବିଦ୍ୟାଳୟରେ ତାଙ୍କର ସହକାରୀ ହେଲେ । ଗୋପବାବୁ ଆଶ୍ରମ କରି ବରୀରେ ରହିବାରୁ ଲୋକେ ଗାନ୍ଧୀଜୀଙ୍କର କାର୍ଯ୍ୟ ଦେଖିବାକୁ ପାଇଲେ । ଗାନ୍ଧୀଙ୍କର ନଈ ତାଲୀମର ପ୍ରୟୋଗ ଓଡ଼ିଶାର ଗୋଟିଏ ଅଞ୍ଚଳରେ ହେବ ବୋଲି ୧୯୩୭ରେ ଶୁଣାଗଲା । ଆର୍ତ୍ତବନ୍ଧୁ ବାବୁଙ୍କର ପ୍ରବର୍ତ୍ତନାରେ ରାମଚନ୍ଦ୍ରପୁରର କେତେକ କଂଗ୍ରେସ-ସମର୍ଥକ ଲୋକେ ଦରଖାସ୍ତ ଦେଲେ । ଗୋପବାବୁଙ୍କ ଯୋଗୁ ବରୀ ଅଞ୍ଚଳରେ ତାହାର ପ୍ରୟୋଗ ହେଲା । ଓଡ଼ିଶାର ଚୀଫ୍ ସେକ୍ରେଟାରୀ ପି.ଟି. ମ୍ୟାନସଫୀଲ୍ଡ଼ ସାହେବ ୧୯୪୦ରେ ରାମଚନ୍ଦ୍ରପୁରକୁ ଆସି, ଗୋପବାବୁଙ୍କ ସହ ଆଲୋଚନା କଲେ । ସରକାର ଆଉ ଏକ ବର୍ଷ ସେହି ପ୍ରୟୋଗ ଚଳାଇବା ପରେ, ଗଭର୍ଣ୍ଣର ହବାକ୍ ସାହେବଙ୍କର ଚାପରେ ତାକୁ ବନ୍ଦ କରିଦେଲେ । ଗାନ୍ଧୀଜୀଙ୍କର ଆହ୍ୱାନ "କର ବା ମର" ତା ୯-୮-୧୯୪୨ରେ ଆସିଲା । ଏ ଅଞ୍ଚଳର ଲୋକେ ଶହୀଦ ହୋଇ,

Digitized by PPRACHIN, SOA

ଗୁଳିଖାଇ, ସମୂହ ଜୋରିମାନା ଦେଇ ଓ ନାନା ପ୍ରକାରର ଲାଞ୍ଛନା ଭୋଗ କରି ତାହାର ଉତ୍ତର ଦେଲେ । ବସୁଦେବ ବାବୁ ସେହି ଆନ୍ଦୋଳନରେ ଝାସ ଦେଇ, ଜେଲଦଣ୍ଡ ଭୋଗିଲେ । ଖଲାସ ହେବାପରେ କଂଗ୍ରେସ କାମରେ ଲାଗି ରହିଲେ । ସେ ଜମିଦାର ଓ ଅନ୍ୟମାନଙ୍କର ପ୍ରଜାଙ୍କ ଉପରେ ଅତ୍ୟାଚାରର ପ୍ରତିବାଦ କଲେ । ସେ ବାଲିବିଲର ସୁରେନ୍ଦ୍ର ପତି ତାଙ୍କର ଘନିଷ୍ଠ ସହଯୋଗୀ ଆରମ୍ଭରୁ ଥିଲେ । ପତି ମହାଶୟ ବ୍ରାହ୍ମଣ ହୋଇ ସୁଦ୍ଧା କୁସଂସ୍କାରକୁ ନ ମାନି ହାତରେ ହଳ କରିଥିଲେ । ବରୀ ଅଞ୍ଚଳର ସରକାରୀ ଉନ୍ନୟନ କାର୍ଯ୍ୟରେ ବସୁଦେବ ବାବୁ ସାହାଯ୍ୟ କରୁଥିଲେ । ଆଞ୍ଚଳିକ ସର୍ବୋଦୟ କମିଟି ଓ ସମନ୍ୱୟ ସମିତିରେ ସେ ରହି ଅନେକ କଳି ଓ ମକଦ୍ଦମାର ଆପୋଷ ନିଷ୍ପତ୍ତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପରେ ମା ରମାଦେବୀଙ୍କର କଳ୍ପିତ ପ୍ରାକୃତିକ ଚିକିତ୍ସା କେନ୍ଦ୍ର କିପରି ଗମ୍ଭରେ ସ୍ଥାପିତ ହେବ ସେଥିପାଇଁ ସେ ଯତ୍ନ କରିଥିଲେ । ମାତ୍ର ତାହା ହୋଇପାରି ନାହିଁ । ସେ ୩୦-୬-୨୦୦୪ ରେ ମୃତ୍ୟୁ ବରଣ କଲେ ।

୪୦ । ଋଷି ବେହେରା- ଗ୍ରାମ- କବାଟବନ୍ଧ, ଥାନା-ଗନ୍ଧିଆ, ଜିଲ୍ଲା-ଢେଙ୍କାନାଳ । ୧୯୬୫ରେ ଏହି ଗ୍ରାମ କଟକ ଜିଲାର ଧର୍ମଶାଳା ଥାନାର ପ୍ରଥମ ନମ୍ବର ବ୍ଲକର ଅନ୍ତର୍ଗତ ହୋଇଅଛି । ମାତା-ସରୋଜିନୀ ଦେବୀ, ପିତା-ରାଜୀବଚରଣ । ତିନିଭାଇ ଓ ଗୋଟିଏ ଭଉଣୀ ମଧ୍ୟରେ ଋଷି କନିଷ୍ଠ । ଗ୍ରାମରେ କୌଣସି ପ୍ରାଥମିକ ବିଦ୍ୟାଳୟ ନ ଥିଲା । ଏ ଢେଙ୍କାନାଳ ଗଡ଼ରେ ନି.ପ୍ରା.ପରୀକ୍ଷା ଦେଇ ଘରେ ରହିଲେ । ପଢ଼ିବାକୁ ଜିଦ୍ ଧରିବାରୁ ସେ ୭ମାଇଲ ଦୂର ପିଙ୍ଗୁଆ ଉ.ପ୍ରା. ବିଦ୍ୟାଳୟରେ ପଢ଼ି ଉତ୍ତୀର୍ଣ୍ଣ ହେଲେ । ୨୫ମାଇଲ ଦୂରବର୍ତ୍ତୀ ଢେଙ୍କାନାଳ ଗଡ଼ରେ ତାଙ୍କୁ ପଢ଼ାଇବାକୁ ମାତା ପିତା ରାଜି ହେଲେ ନାହିଁ । ବର୍ଷଟାଏ ଘରେ ରହିଲେ ଓ ୧୩ ବର୍ଷ ବୟସରେ ବିବାହ ହୋଇଗଲା । ତାଙ୍କର ଜିଦ୍ ଦେଖି ଗଡ଼ରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ବାପା ନାମ ଲେଖାଇଦେଲେ । ଦୁଇମାସ ପରେ ବାପାଙ୍କର ଦେହାନ୍ତ ହୋଇଗଲା । ସେ ରାମଚନ୍ଦ୍ରପୁର ସରକାରୀ ବେସିକ୍ ଟ୍ରେନିଂ ସ୍କୁଲରେ ଟ୍ରେନିଂ ପାଇ, ଅନ୍ୟାସୀପୁର ସରକାରୀ ମୌ.ସ୍କୁଲରେ ତା ୧୦-୧-୪୦ରେ ସହକାରୀ ଶିକ୍ଷକ ହେଲେ । ସରକାର ଏହାକୁ ବନ୍ଦ କରିଦେଲେ । ତା ୧-୩-୪୧ରୁ ଗ୍ରାମବାସୀଙ୍କଠାରୁ କେବଳ ଖାଦ୍ୟପେୟ ପାଇ, ସେଠାରେ ଶିକ୍ଷକତା କଲେ । ଏସବୁ ଆଚାର୍ଯ୍ୟ ହରିହର ଦାସ, ମା ରମା ଦେବୀ, ଗୋପବନ୍ଧୁ ଚୌଧୁରୀଙ୍କର ପ୍ରେରଣାରୁ ସମ୍ଭବପର ହୋଇଥିଲା ।

"ଭାରତ ଛାଡ଼" ଆନ୍ଦୋଳନରେ ସେ ତା. ୧୬-୮-୪୨ରେ ଯୋଗ ଦେଲେ । କଳାମାଟିଆଠାରେ ଗୁଳିକାଣ୍ଡରେ ଏ ପ୍ରଥମ ଧାଡ଼ିରେ ଥିଲେ । ରାମଚନ୍ଦ୍ରପୁର ଗ୍ରାମର ଭଜକୃଷ୍ଣ

Digitized by PPRACHIN, SOA

ନାଥ, ସୁପ୍ରଭାତ ଦେ(ଛାତ୍ର) ଆଦି ଥିଲେ । ଦୈବଯୋଗରୁ ଏମାନେ ମୃତ୍ୟୁମୁଖରୁ ବର୍ତ୍ତିଗଲେ । ମାୟାଧର ଭୂୟାଁ ଆଦି ୪ଜଣ ଶହୀଦ ହେଲେ (ଏ ସବୁର ବର୍ଣ୍ଣନା ଏ ବହିରେ ୩୩ ତମ ପୃଷ୍ଠାରେ ଅଛି) । କଟକ ଓ ବ୍ରହ୍ମପୁର ଜେଲରେ ୧୮ ମାସ ରହି ସେ ଖଲାସ ହେଲେ । ଶ୍ରୀଯୁକ୍ତ ମାଳତୀ ଚୌଧୁରୀଙ୍କର ଆହ୍ୱାନରେ ଏ ଅନୁଗୁଳ ଆଶ୍ରମରେ ଯୋଗ ଦେଲେ ଏବଂ ତା ୧୧/୦୫/୧୯୪୬ରେ "ବାଜୀରାଉତ ଛାତ୍ରାବାସ" ଆରମ୍ଭ ଓ ଏହାର ଦାୟିତ୍ୱରେ ରକ୍ଷିବାବୁ ରହିଲେ । ପରେ ଉତ୍କଳ ନବଜୀବନ ମଣ୍ଡଳର ସମ୍ପାଦକ ମଧ ହେଲେ । (ସେହି ସଂସ୍ଥାର ଓ ଶିକ୍ଷା କେନ୍ଦ୍ରର ବିସ୍ତୃତ ବିବରଣ ଉତ୍କଳ ନବଜୀବନ ମଣ୍ଡଳର ବିବରଣୀରେ ଓ ସନ୍ଦର୍ଭ ପୁସ୍ତକମାନଙ୍କରେ ମିଳିବ ।) ସେ ବର୍ତ୍ତମାନ ସ୍ୱର୍ଗତଃ ।

୪୧ । ଦେବେନ୍ଦ୍ର ନାଥ ପାଢ଼ୀ- ଗ୍ରାମ-ରତ୍ନଗିରି, ପୋ.ଅ.-ରତ୍ନଗିରି, ଜିଲ୍ଲା-ଯାଜପୁର, ମାତା-ଫୁଲ ଦେବୀ, ପିତା-ଶିବରାମ ପାଢ଼ୀ ସ୍ତ୍ରୀ-ସୁକମୟୀ ପାଢ଼ୀ, ଜନ୍ମ-ତା ୪-୪-୧୯୧୯ ମସିହାରେ । କାଶୀମବଜାର ମହାରାଜାଙ୍କ ପରିବାରରେ ପିତା ଚାକିରୀ କରିଥିଲେ । ଦେବେନ୍ଦ୍ର ବାବୁ ପିଲାଦିନେ ସେଠାରେ ରହି କିଛି ପଢ଼ିଲେ । ବଡ଼ ଭାଇ ନଗେନ୍ଦ୍ରନାଥ ଡାକ୍ତରୀ ପଢ଼ି ଭଦ୍ରକରେ ପ୍ରାଇଭେଟ୍ ପ୍ରାକ୍‌ଟିସ୍ କରିଥିଲେ । ଏବେ ସେ ସ୍ୱର୍ଗତ । ତାଙ୍କଠାରୁ ଚିକିତ୍ସାରେ କିଛି ବ୍ୟାବହାରିକ ଜ୍ଞାନ ପାଇ, ଦେବେନ୍ଦ୍ରବାବୁ ବରୀ ଧୋୟା ଅଞ୍ଚଳରେ ରୋଗୀଙ୍କର ସେବା କଲେ । ସେତେବେଳେ ଏ ଧୋୟା ଅଞ୍ଚଳରେ କୌଣସି ଡାକ୍ତରଖାନା ବା ଡାକ୍ତର ନ ଥିଲେ । ମା ରମାଦେବୀ ଓ ଗୋପବାବୁ ବରୀରେ ରହିଲେ । ଅଲିଆବାଦର ମଧୁସୂଦନ ଦାସ ବରୀରେ ରହି ଖଦୀ କାମର ଟ୍ରେନିଂ ନେଲେ ଓ ଲୋକଙ୍କୁ କଂଗ୍ରେସ କାମରେ ପ୍ରେରଣା ଦେଲେ । ଚାହୁଁ ଚାହୁଁ ୧୯୪୨ର ଆନ୍ଦୋଳନ ଆସିଗଲା । ବିଭିନ୍ନ ଦଫାରେ ମକଦ୍ଦମାରେ ପଡ଼ି ଦେବେନ୍ଦ୍ର ବାବୁ ୫ବର୍ଷ ଜେଲଦଣ୍ଡର ଆଦେଶ ପାଇଥିଲେ । ମାତ୍ର ୧୯୪୫ରେ ଜେଲରୁ ଖଲାସ ହୋଇଗଲେ । ସେ ଅସୁସ୍ଥତା ବଶତଃ ଘରୋଇ ରୋଗୀସେବା ଛାଡ଼ିଲେଣି । ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ଉନ୍ନୟନ କାର୍ଯ୍ୟରେ ସେ କିଛି ସମୟ ଦେଉଛନ୍ତି ।

୪୨ । ଇନ୍ଦ୍ରମଣି ତ୍ରିପାଠୀ- ଗ୍ରାମ-କୃଷ୍ଣନଗର, ପୋ.ଅ.-ଶେରପୁର, ଜିଲ୍ଲା-ଯାଜପୁର, ମାତା-✓ ସୁମା (ସୁମିତ୍ରା ଦେବୀ), ପିତା- ✓ ମାୟାଧର ତ୍ରିପାଠୀ । ଜନ୍ମ-ମକରମାସ ୯ଦିନ ୧୩୨୬ ସାଲ ୧୯୧୯ ମସିହାରେ ମୋର ୧୫ ବର୍ଷ ୧୦ ମାସ ବୟସରେ ମୋର ପିତା ଦୁଇଟି ସାନ ଭାଇ ଓ ମୋର ବୋଉର ଦାୟିତ୍ୱ ମୋ ଉପରେ ଲଦି ଦେଇ, ଇହଧାମରୁ ଚାଲିଗଲେ । ମୋର ମନ ଭାଙ୍ଗି ପଡ଼ୁଥାଏ । ଯାହା ହେଉ, ମୋର ସାଂସାରିକ କର୍ତ୍ତବ୍ୟରେ

Digitized by PPRACHIN, SOA

ଲାଗିଲି ।

ମହାତ୍ମା ଗାନ୍ଧୀଙ୍କର ଡାକରା କାନରେ ବାଜିଲା । ମୋର ଯୁବକରକ୍ତ ତାତି ଉଠୁଥାଏ । କଣ କରିବି ? ଏ ପଟେ ପରିବାରର ଦାୟିତ୍ୱ, ସେ ପଟେ ଦେଶର ଆହ୍ୱାନ । ଶେଷରେ ୧୯୪୨ ଅଗଷ୍ଟ ତା ୨୬ରିଖରେ ଆଉ ସମ୍ଭାଳି ହୋଇ ରହିପାରିଲି ନାହିଁ, ଆନ୍ଦୋଳନରେ ଯୋଗଦେଲି । କାଇପଡ଼ାରେ ଗିରଫ୍ ହୋଇ, କଟକ ଓ ବ୍ରହ୍ମପୁର ଜେଲରେ ଚଉଦମାସ ଦଣ୍ଡ ପାଇଛି ।

ଜେଲରୁ ଆସିବା ପରେ ଆମ୍ଭେମାନେ ସ୍ୱାଧୀନତା-ସଂଗ୍ରାମୀ କୃଷ୍ଣନଗରର ଅଷ୍ଟଶମ୍ଭୁଙ୍କ ନିକଟରେ ଏକ ଗାନ୍ଧୀ-ପ୍ରତିମୂର୍ତ୍ତି ସ୍ଥାପନ କରିଅଛୁ । ପ୍ରତିବର୍ଷ ଜାତୀୟ ଦିବସମାନଙ୍କରେ ଅମ୍ଭେମାନେ ସେଠାରେ ଜାତୀୟ ପତାକା ଉତ୍ତୋଳନ କରିଥାଉ ।

ତାଙ୍କର ପତ୍ନୀ ଶ୍ରୀମତୀ ଅନ୍ନପୂର୍ଣ୍ଣ ତ୍ରିପାଠୀ, ଦୁଇ ପୁଅ, ଦୁଇ ବୋହୂ ଓ ନାତି-ନାତୁଣୀଙ୍କ ସହ ଏକପ୍ରକାରେ ଭଲରେ ଥିଲେ । ସେ ସ୍ୱର୍ଗାରୋହଣ କଲେଣି ।

୫୩ । ବୀରକିଶୋର ରାୟ- ଗ୍ରାମ-କୃଷ୍ଣନଗର, ପୋ.ଅ.-ଶେରପୁର, ଜିଲ୍ଲା-ଯାଜପୁର । ପିତା-ହୃଷିକେଶ ରାୟ, ମାତା-୰ ରଜିୟା ଦେଇ, ଜନ୍ମ-ଜୁଲାଇ, ୧୯୨୦ ମସିହାରେ । ମୁଁ ନିଜ ଗ୍ରାମରେ ପଢ଼ା ଶେଷ କରି ଯାଜପୁର ବିରଜା ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲି । ଅର୍ଥାଭାବ ହେତୁରୁ ସପ୍ତମଶ୍ରେଣୀ ଉପରକୁ ପଢ଼ିପାରିଲି ନାହିଁ । ଆମ ବାପା ସେ ଅଞ୍ଚଳରେ ଜଣେ ବଡ଼ ଚାଷୀ ଥିଲେ ଏବଂ ବାପା ଦକ୍ଷ କୃଷକ ଥିଲେ । ସେ ବପୁ-ବନ୍ତ ଥିଲେ । ମୋର ବଡ଼ବାପାଙ୍କର ପୁଅ ଧ୍ରୁବଚରଣ ଓ ବିଚିତ୍ରାନନ୍ଦ ଶୁକ୍ଳ ୧୯୩୨ ମସିହାରେ କେନ୍ଦ୍ରାପଡ଼ାରେ ଗଞ୍ଜେଇ, ଅଫିମ ଓ ମଦ ଦୋକାନରେ ପିକେଟିଂ କରିଥିଲେ । ୧୯୩୪ରେ ଗୋପବାବୁ ବରୀରେ ରହିବାରୁ ଏମାନେ ଯାଇ ତାଙ୍କର ଉପଦେଶ ନେଲେ । ଆମ ଗ୍ରାମରେ "ସତ୍ୟ-ସମାଜ' ନାମରେ ଏକ ସମିତି ଗଠନ କରି ଆମ୍ଭେମାନେ କେତେକ ଗଠନମୂଳକ କାମ କଲୁ । ତ୍ରିଲୋଚନ ମହାନ୍ତି ଓ ବିଚିତ୍ରାନନ୍ଦ ଶୁକ୍ଳ ବରୀରେ ଖଦୀକେନ୍ଦ୍ରରେ ସୂତାକଟା ଟ୍ରେନିଂ ନେଲେ । ୧୯୩୯ରେ ମୁଁ କଂଗ୍ରେସକୁ ଚାରିଅଣା ଚାନ୍ଦା ଦେଇ ମେମ୍ବର ହେଲି । ରାମପୁରର ଗୋବିନ୍ଦ ସାମଲ ଖଦୀଲୁଗା ଆଣି ଆମ ଆଡ଼େ ବିକ୍ରି କଲେ । ଶ୍ରୀମତୀ ମାଳତୀ ବେଓ୍ୱା ନାମ୍ନୀ ଜଣେ ନାରୀକର୍ମୀ ଆସି ଆମର ମା-ଭଉଣୀମାନଙ୍କୁ ସୂତାକଟା ଶିଖାଇଲେ । ୧୯୪୨ର "ଭାରତ ଛାଡ଼''ରେ ସତ୍ୟସମାଜ ସକ୍ରିୟ ହୋଇଉଠିଲେ । ତ୍ରିଲୋଚନ, ଜୟମଣି ଓ ମୁଁ "ମରଣ ସେନା''

Digitized by PPRACHIN, SOA

ରେ ପରିବାରଙ୍କର ଅଜ୍ଞାତରେ ନାମ ଲେଖାଇଲୁ । ବସୁଦେବ ସାମଲ, ଗଙ୍ଗାଧର ଦାସ ଓ ଆମ୍ଭେମାନେ କୁଆଁପାଳ ଡାକଘରର କାଗଜପତ୍ର ପୋଡ଼ିଦେଲୁ, କନ୍‌ଷ୍ଟେବଲଙ୍କଠାରୁ ପଗଡ଼ି ଆଣି ପୋଡ଼ିଦେଲୁ ଏବଂ କଡ଼େଇ ଶାସନର ଶଶିଭୂଷଣ ଦାଶ, ଡିଗିରିଆର କୃଷ୍ଣଚନ୍ଦ୍ର ରାଉତରାୟ ଆଦି କଳକଳାରେ ଅଲେଖପ୍ରସାଦ ଦାସଙ୍କୁ ଦେଖା କରି ଫେରିବାବେଳେ ଦର୍ପଣୀଠାରେ ଗୁପ୍ତଚର ପୋଲିସକୁ ଖବର ଦେଲା । ଗଡ଼ ମଧୁପୁରର ପାଟ ଭିତରେ ପୋଲିସ ଆମକୁ ଘେରାଉ କରି ଗିରଫ୍ କଲେ । ବଡ଼ଚଣା ଥାନାର ପୋଲିସ ଅଫିସର ନୀଳମଣି ମହାନ୍ତି ଦ୍ୱାରା ଆମ୍ଭେମାନେ ନିର୍ଯ୍ୟାତିତ ହେଲୁ । ତା ୨୭-୮ରେ ଯାଜପୁର ଥାନାରେ ଆମ୍ଭେମାନେ ଆମ ଗ୍ରାମର ବନ୍ଦୀମାନଙ୍କ ଠାରୁ କାଇପଡ଼ା-ଗୁଳିକାଣ୍ଡର ଲୋମହର୍ଷଣକାରୀ ବିବରଣୀ ଶୁଣିଲୁ ।'' ଆମ୍ଭମାନଙ୍କୁ ୨୮-୮ରେ କଟକ ଜେଲକୁ ଚାଲାଣ କରାଗଲା । ଆମ ଗ୍ରାମରୁ ଦୁଇଜଣ ଶହୀଦ ହୋଇଥିଲେ, ଜଣେ ଗୁଳିରେ ଆଘାତ ପାଇଥିଲେ, ଓ ୧୮ ଜଣ ଜେଲ ଯାଇଥିଲେ ।

ମୁଁ ଜାନୁଆରୀ, ୧୯୪୪ରେ ଜେଲରୁ ଖଲାସ ହେବାର କିଛି ଦିନ ପରେ ମୋର ବିବାହ ହେଲା । ମୋର ବଡ଼ ଭାଇ ବୀଣାକର ରାୟ ଜଣେ ଉଚ୍ଚ ପୋଲିସ କର୍ମଚାରୀ ଥିଲେ । ମୋର ପିତାଙ୍କର ବହୁମୂତ୍ର ରୋଗ ହେବାରୁ ସେ ତାଙ୍କର ଯଥୋଚିତ ଚିକିତ୍ସା କରାଇଲେ । ମୋର ପିତା ତା ୨୬-୬-୧୯୫୯ରେ ଓ ମାତା ତା ୨୬-୧-୧୯୬୨ରେ ଇହଧାମ ତ୍ୟାଗ କଲେ । ଜେଲରେ ଭୈରବ ଚନ୍ଦ୍ର ମହାନ୍ତି ମୋର ଡାହାଣ ଆଣ୍ଠୁର କଷ୍ଟବେଳେ ବହୁତ ସମବେଦନା ଜଣାଇଥିଲେ । ମୋର ସ୍ତ୍ରୀ ସୁଗୃହିଣୀ ଥିବାରୁ ମୁଁ ସାର୍ବଜନୀନ କାର୍ଯ୍ୟ (ସରପଞ୍ଚ, ପଞ୍ଚାୟତ ସମିତିର ଚେୟାରମ୍ୟାନ ଆଦି କାର୍ଯ୍ୟ ସୁରୁଖୁରରେ ସୁନାମ ସହ ତୁଲାଇ ପାରିଲି । ତତ୍‌ପରେ ଲୋକଙ୍କ କାମରେ ମଧ ଲାଗିଲେ, ତାଙ୍କର ୨ପୁଅ ଓ ୩ଝିଅ ଅଛନ୍ତି । ବୀର କିଶୋର ବାବୁଙ୍କର ତା.୩୦.୦୯.୨୦୦୫ରେ ଦେହାନ୍ତ ହେଲା ।

୪୦ । ରାଧାକୃଷ୍ଣ ସାମଲ- ଗ୍ରାମ/ପୋ.ଅ.-ବାଲିବିଲ, ଭାୟା ବରୀ-କଟକ, ଜିଲ୍ଲା- ଯାଜପୁର । ମାତା-ଦୁର୍ଗାବତୀ, ପିତା-ପ୍ରାଣକୃଷ୍ଣ । ଜନ୍ମ-ତା ୮-୯-୧୯୨୧ ମସିହାରେ । ସେ ନବମଶ୍ରେଣୀରେ ପଢୁଥିବାବେଳେ ବରୀକୁ ଯାଇ ଖଦୀ, ଗ୍ରାମଦ୍ୟୋଗ ଆଦି ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟ ଦେଖିଲେ । ସେ ଗୋପବାବୁ ଓ ରମାଦେବୀଙ୍କ ଦ୍ୱାରା ପ୍ରଭାବିତ ହୋଇ ୧୯୪୦ରେ କଂଗ୍ରେସ ଶିବିରରେ ବରୀରେ ଯୋଗ ଦେଲେ ।

ବରୀରେ ମଗନ-ଚରଖାରେ ସୂତାକଟାରେ ଟ୍ରେନିଂ ନେବା ପରେ ରାମଚନ୍ଦ୍ରପୁରରେ ବେସରକାରୀ ମୌଳିକ ଶିକ୍ଷାରେ ସେ ଟ୍ରେନିଂ ନେଲେ । ରତ୍ନଗିରି ଓ ବାଲିଆପାଳରେ ସେ

Digitized by PPRACHIN, SOA

କଂଗ୍ରେସ ସଂଗଠନ କାର୍ଯ୍ୟ କଲେ । ତା ୨୮-୯-୪୨ରେ ଶୁକ୍ଳ ଗ୍ରାମର ଗୌରୀଶ୍ୟାମ ପ୍ରଧାନଙ୍କ ଘରେ ଲିଥୋ ମେସିନ୍‌ରେ କଂଗ୍ରେସ ଆନ୍ଦୋଳନର ପ୍ରଚାରପତ୍ର ଛାପା ହେଉଥିଲା । ପୋଲିସ ଗିରଫ କରି ହାତକଡ଼ି ଦେଇ ଏହାଙ୍କୁ ଯାଜପୁରକୁ ନେଲେ । ସେ କଟକ ଜେଲରେ ଏକ ବର୍ଷ ଓ କୋରାପୁଟ ଜେଲରେ ୩ମାସ ବନ୍ଦୀ ଥିଲେ ଓ ଜେଲ ଭିତରେ ଲାଠି-ମାଡ଼ ଖାଇଥିଲେ । ଜେଲରେ ଥିବାବେଳେ ଜ୍ଞାନୀ ଓ ଆଚାରବାନ୍ ବୟସ୍କ ରାଜନୈତିକ ବନ୍ଦୀମାନଙ୍କଠାରୁ ଉପଦେଶ ପାଇବା ଓ ସଦ୍‌ଗ୍ରନ୍ଥ ପଢ଼ିବାର ସୁଯୋଗ ମିଳିଲା । ଦେଶ ନିଶ୍ଚୟ ସ୍ୱାଧୀନ ହେବ-ଏ ବିଶ୍ୱାସ ଦୃଢ଼ୀଭୂତ ହେଲା । ୧୯୪୪ରେ ଜେଲରୁ ଖଲାସ ହେବା ପରେ ବାଲିବିଲର ସୁରେନ୍ଦ୍ର ପତି ଆଦିଙ୍କ ସହ ଗଠନମୂଳକ କାର୍ଯ୍ୟରେ ରାଧାକୃଷ୍ଣବାବୁ ଲାଗିଲେ । ବିନୋବାଜୀଙ୍କ ପ୍ରବର୍ତ୍ତିତ ଭୂଦାନ ଯଜ୍ଞ ଆନ୍ଦୋଳନରେ ଯୋଗ ଦେଇ ୧୯୫୫ରେ କୋରାପୁଟ ଜିଲାରେ ୩ମାସ ପଦଯାତ୍ରା ଓ ଭୂମି-ସଂଗ୍ରହରେ ସମୟ ଦେଲେ । ଏ ଆନ୍ଦୋଳନ ଧିମେଇ ଯିବାରୁ ସେ ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟରେ ବହୁ ବର୍ଷ ଶିକ୍ଷକତା କରି ଅବସର ନେଲେ । ବାଲିବିଲ, ଧାରପୁର ଓ ରତଳଂ ବେସରକାରୀ ମୌଳିକ ବିଦ୍ୟାଳୟମାନଙ୍କରେ ସେ ଶିକ୍ଷକତା କରିଥିଲେ । ରାଧାକୃଷ୍ଣ ବାବୁ ତା ୧୮ମେ, ୪୮ରେ ଛତ୍ରପଡ଼ାର ଦୟାନିଧି ରାୟଙ୍କର କନ୍ୟା ସତ୍ୟବତୀଙ୍କର ପାଣିଗ୍ରହଣ କରିଥିଲେ । ଏହାଙ୍କର ଦୁଇ ପୁଅ ଓ ଦୁଇ ଝିଅ । ତା ୨୬.୦୯.୯୨ରେ ମୃତ୍ୟୁ ବରଣ କଲେ ।

୦୫ । ସୁରେନ୍ଦ୍ର ଶୁକ୍ଳ- ସା-କୃଷ୍ଣନଗର, ପୋ.ଅ.-ଶେରପୁର, ଜିଲ୍ଲା- ଯାଜପୁର । ମାତା-ନୀଳମଣୀ ଦେଈ, ପିତା-ହାଡ଼ିବନ୍ଧୁ ଶୁକ୍ଳ । ସେ ୧୯୩୭ ମସିହାରେ ଗାନ୍ଧୀଜୀଙ୍କର ନିର୍ଦ୍ଦେଶ "ଖଟି ଖାଇବା, କାଟି ପିନ୍ଧିବା" ଜାଣିଲେ, ସୂତା କାଟିଲେ । ଥରେ ରାମଚନ୍ଦ୍ରପୁରରେ ସୂତ୍ରଯଜ୍ଞରେ ଯୋଗ ଦେଇଥିଲେ । ସେ ନିଜ ଗ୍ରାମରେ ଚାଷୀ ମୂଲିଆ ସଂଗଠନ, ନାରୀଜାଗରଣ, ନିଶାନିବାରଣ ଓ ଅସ୍ପୃଶ୍ୟତା-ବର୍ଜନ କାର୍ଯ୍ୟ କଲେ । ଧର୍ମଶାଳାର ପରମାନନ୍ଦ ମହାନ୍ତିଙ୍କ ସହ ୧୯୪୨ର ଆନ୍ଦୋଳନରେ ଯୋଗ ଦେଲେ ଏବଂ କଟକ କଲେକ୍ଟରଙ୍କ ଅଫିସ ଆଗରେ ପିକେଟିଂ କରି ଜେଲ ଗଲେ । ସେ କଟକ ଓ ବ୍ରହ୍ମପୁର ଜେଲରେ ୯ମାସ ଦଣ୍ଡ ଭୋଗ କଲେ । ଚାଷବାସ କରି ଚଳୁଛନ୍ତି । ବର୍ତ୍ତମାନ ସେ ବୟସ ୮୭ବର୍ଷରେ ପଦାର୍ପଣ କଲେଣି ।

୦୬ । ଶକ୍ତିଶେଖର ଦାସ- ଜନ୍ମ-ତା ୧୫.୧୧.୧୯୨୦ ମସିହାରେ କଲ୍ୟାଣପୁର, ଜିଲ୍ଲା- ଯାଜପୁର, ପିତା-୰ଗୋପୀନାଥ ଦାସ, ମାତା-୰ହରପ୍ରିୟା ଦେବୀ, "ମୁଁ ୨ବର୍ଷ ୬ମାସ ହୋଇଥବାବେଳେ ମାତାଙ୍କୁ ଓ ୮ ବର୍ଷରେ ବାପାଙ୍କୁ ହରାଇଛି । ରେଭେନସା କଲେଜରେ ୧୯୪୨ରେ I. A. ର ଶେଷ ବର୍ଷରେ ପଢ଼ିଲାବେଳେ ସ୍ୱାଧୀନତା ସଂଗ୍ରାମରେ

Digitized by PPRACHIN, SOA

ଧରା ହୋଇ ଅଟକବନ୍ଦୀ ହୋଇ ୧୮ ମାସ କାଳ ବ୍ରହ୍ମପୁର ଜେଲରେ ଗୋପବାବୁ ଓ ଆଚାର୍ଯ୍ୟ ମହାଶୟ ପ୍ରଭୃତି ଗାନ୍ଧୀବାଦୀଙ୍କ ସଂସ୍ପର୍ଶରେ ଆସି ଗାନ୍ଧୀ ବିଚାରଧାରାକୁ ଗ୍ରହଣ କଲି । ଜେଲଖାନାରୁ ଆସି ଗୋପବାବୁ ଓ ରମାଦେବୀଙ୍କ ସହିତ ରହିଲି । ପରେ ଓ୍ୱାର୍ଦ୍ଧା ସେବାଗ୍ରାମରେ ସମଗ୍ର ଗ୍ରାମସେବା ବିଦ୍ୟାଳୟରେ ଦୁଇବର୍ଷ ତାଲିମ ନେବାପରେ ଗୁଜରାଟ ଓ କାଥିଆବାଡ଼ରେ ଗାନ୍ଧୀଙ୍କର ରଚନାତ୍ମକ କାର୍ଯ୍ୟର କେନ୍ଦ୍ରମାନ ୬ମାସ କାଳ ବୁଲି ପ୍ରତ୍ୟକ୍ଷ ଅନୁଭବ ପାଇଲି । ଅ:ଭା: ଚରଖା ସଂଘର ସହାୟତାରେ ସମଗ୍ର ଗ୍ରାମସେବା କେନ୍ଦ୍ର ରତଳାଙ୍ଗଠାରେ ଗୋପବାବୁଙ୍କ ନିର୍ଦ୍ଦେଶରେ ଚଳାଇଲି । ଏଠାରେ ଅଟୀରାର ଶକୁନ୍ତଳା (ମାଳ) ଦେବୀଙ୍କ ସହିତ ବିବାହ ହେଲା । ତିନିବର୍ଷ ପରେ ରାମଚନ୍ଦ୍ରପୁର ମୌଳିକ ଶିକ୍ଷା କେନ୍ଦ୍ରରେ ଶିକ୍ଷା ଓ ଅନ୍ୟାନ୍ୟ ସମନ୍ୱିତ ରଚନାତ୍ମକ କାର୍ଯ୍ୟରେ ଲାଗିଲି । ଭୂଦାନ କାମରେ ନାନା ସ୍ଥାନରେ ଓ ୬ବର୍ଷ ପରେ କଳାହାଣ୍ଡି ଜିଲାର ଭୂଦାନ ନିବେଦକ କାମ କଲି । ନବଜୀବନ ମଣ୍ଡଳର କାମ ଓ ପରେ ଗାନ୍ଧୀତତ୍ତ୍ୱ ପ୍ରଚାରକ ରୂପେ କାମ କଲି । ୧୯୬୨ରେ ଖଦୀ ଗ୍ରାମୋଦ୍ୟୋଗ କମିଶନର Asst dev. officer ହୋଇ ଗ୍ରାମ ଏକାଈ କାମରେ ୧୬ବର୍ଷ କାଳ କାମ କଲା ପରେ ୧୯୭୨ରେ ସେ ଅନୁଷ୍ଠାନରୁ ଅବସର ଗ୍ରହଣ କଲି । ଏବେ କୌଣସି ଅନୁଷ୍ଠାନର ସଂପୃକ୍ତ ନରହି ସର୍ବୋଦୟ କାମରେ ଅଳ୍ପ ବହୁତ ଲାଗିଛି । ବରୀରେ ଗୋପବାବୁ ଓ ରମାଦେବୀଙ୍କ ସର୍ବୋଦୟ ପରିବାରରେ ସଂପୃକ୍ତ ଥାଇ ବରୀ ଅଞ୍ଚଳର କାମରେ ନିଜେ ଗୌରବାନ୍ୱିତ ହୋଇଛି ବୋଲି ଭାବେ "। (ଶକ୍ତି ଶେଖର ଦାସଙ୍କ ନିଜ କଲମରୁ) । ସେ ୨୫-୪-୨୦୦୬ରେ ଇହଧାମ ତ୍ୟାଗ କଲେ ।

୫୭। ମୁକ୍ତେଶ୍ୱର ମିଶ୍ର- ଗ୍ରା-ଅନ୍ୟାସୀପୁର, ପୋ.ଅ.-କାଇପଡ଼ା, ଜିଲ୍ଲା-ଯାଜପୁର, ମାତା- ବିନିତ୍ରା ଦେବୀ, ପିତା-୰ହରି ମିଶ୍ର । ଜନ୍ମ-୧୯୨୨ମସିହାରେ ।

"ମୁଁ ପବିତ୍ର ବ୍ରାହ୍ମଣକୁଳରେ ଜାତ ହୋଇଥିବାରୁ ଦେବତାଙ୍କର ସେବାପୂଜା କରୁଥିଲି । ଭାରତମାତାଙ୍କର ମୁକ୍ତି-ଆନ୍ଦୋଳନରେ ଯୋଗ ଦେବାପାଇଁ ମୋର ଇଚ୍ଛା ବଳବତୀ ହେଲା । ଦେବତାଙ୍କ ସେବାପୂଜାକୁ ପଛକୁ ପକାଇ ଦେଇ, ସ୍ୱାଧୀନତା-ଆନ୍ଦୋଳନରେ ଝାସ ଦେଲି ।

ଭ୍ରାତୃତ୍ୱର ନିବିଡ଼ ବନ୍ଧନକୁ ଦୃଢତର କରିବାକୁ ଭଗିନୀ ଯେଉଁ ପବିତ୍ର ତିଥିରେ ତାହାର ହସ୍ତରେ ପ୍ରେମର ନିଦର୍ଶନ ସ୍ୱରୂପ ରକ୍ତ-ରଙ୍ଗର "ରାକ୍ଷୀ' ପିନ୍ଧାଇ ଦିଏ, ସେହି ପୁଣ୍ୟ ଗହ୍ମାପୂର୍ଣ୍ଣିମା ତିଥିରେ ସାତ ଦରିଆ ତେର ନଈ ପାରିର ଇଂରେଜ ଫଉଜ ସେମାନଙ୍କର କଳାରଙ୍ଗର ସଙ୍ଗୀନ ମୁନରେ ମୁକ୍ତି ସଂଗ୍ରାମୀମାନଙ୍କର ବକ୍ଷ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଚିରି, ରକ୍ତର ରାକ୍ଷୀ ପିନ୍ଧାଇଦେଲେ । ଆମ୍ଭେମାନେ ଜକାମାଟିଆର ସେହି ପୁଣ୍ୟ ତିଥିରେ ଶହୀଦ ପାଠରୁ

Digitized by PPRACHIN, SOA

ଗିରଫ୍ ହୋଇଗଲୁ । ଜେଲରେ ଦୀର୍ଘ ୧ବର୍ଷ ୨୬ଦିନ ମୁଁ କଟାଇଲି । ପବିତ୍ର ଭାଗବତ-ପାଠର କାର୍ଯ୍ୟକ୍ରମ ସପ୍ତାହ ବ୍ୟାପୀ କରାଇଥିଲି । କେତେକ ସାଥୀ ସଂଗ୍ରାମୀ ସଂସାରରୁ ବିଦାୟ ନେଲେଣି । ବିଦେଶୀ ସରକାରର କବଳରୁ ଭାରତମାତାଙ୍କର ମୁକ୍ତିପାଇଁ ମୋର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ, ମୋର ମୁକ୍ତେଶ୍ୱର ନାମ ସାର୍ଥକ କରିପାରିଥିବାରୁ ଈଶ୍ୱରଙ୍କଠାରେ ବାରମ୍ବାର ପ୍ରଣତି ଜଣାଉଛି ।

ମାତୃଭୂମିର ଚରଣ ତଳେ ସଂଗ୍ରାମୀର ଶିର ଚିରଦିନ ଲୋଟୁ-ଏହା ହିଁ କାମ୍ୟ ଓ ଆଜିର ଯୁବଶକ୍ତିକୁ ମୋର ନିବେଦନ । ଜୟହିନ୍ଦ୍ ।"

ଶ୍ରୀ ମୁକ୍ତେଶ୍ୱର ମିଶ୍ର । ଅନ୍ୟାସୀପୁର । ଶ୍ରୀ ଶ୍ରୀ ବିଶ୍ୱକର୍ମା-ପୂଜା । ତା ୧୭-୯-୧୯୯୦ ମସିହା । ମୁକ୍ତେଶ୍ୱର ବାବୁଙ୍କର ତା. ୧୧.୧୧.୧୯୯୨ ମସିହାରେ ଦେହାନ୍ତ ହୋଇଥିଲା ।

୪୮ । ୰ରସାନନ୍ଦ ଶୁକ୍ଳ- ଗ୍ରାମ-କୃଷ୍ଣନଗର, ପୋ.ଅ.-ଶେରପୁର, ଜିଲ୍ଲା-ଯାଜପୁର । ମାତା-୰ବାଉରୀ ଦେବୀ, ପିତା-ବ୍ରଜବନ୍ଧୁ ଶୁକ୍ଳ ।

"ମୁଁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାସଙ୍କର ସମ୍ପର୍କରେ ଆସିଲି । ବରୀରେ ସୂତାକଟା ଶିଖିଲି । ଆମ ଗ୍ରାମରେ ବିଚିତ୍ରାନନ୍ଦ ଶୁକ୍ଳଙ୍କୁ ଆମେ ନେତା ମନେ କରୁଥିଲୁ । ୧୯୪୨ର ଆନ୍ଦୋଳନରେ ଆମ୍ଭେମାନେ ସରକାରକୁ ଅଚଳ କରିଦେବାର କାର୍ଯ୍ୟକ୍ରମରେ ଯୋଗ ଦେଲୁ । ମୁଁ ୧୪ମାସ କଟକ ଓ ବ୍ରହ୍ମପୁର ଜେଲରେ ଥିଲି । ଆମେ ଜେଲ ଯିବା ପରେ ପୋଲିସ ଆମ ଘରୁ ବାସନବର୍ତ୍ତନ ନେଇଗଲେ, ମୋର ବାପାମା'ଙ୍କର ଖାଇବାପାଇଁ ଖଣ୍ଡିଏ ସୁଦ୍ଧା ବାସନ ଛାଡ଼ି ଦେଲେ ନାହିଁ । ୧୯୭୨ ମସିହାରେ ମୁଁ ସ୍ୱାଧୀନତା-ସଂଗ୍ରାମୀ ତାମ୍ରଫଳକ ପାଇଅଛି । " ରସାନନ୍ଦ ଶୁକ୍ଳ । ସେ ବର୍ତ୍ତମାନ ସ୍ୱର୍ଗତ ।

୪୯ । କପିଳ ଚରଣ ଶୁକ୍ଳ- ଗ୍ରାମ- କୃଷ୍ଣନଗର, । ମାତା ୰ସୁଭଦ୍ରା, ପିତା ଗଙ୍ଗାଧର ଶୁକ୍ଳ । ପତ୍ନୀ-ସରସ୍ୱତୀ ଦେବ. ଜିଲ୍ଲା- ଯାଜପୁର ।

ଗହ୍ମାପୂର୍ଣ୍ଣିମା, ୧୯୪୨ରେ କାଇପଡ଼ାଘାଟରେ ପୋଲିସମାନେ ନୌକାରେ କୃଷ୍ଣନଗର ଗ୍ରାମକୁ ଯିବାପାଇଁ ଚାହିଁଥିଲେ । କପିଳଚରଣ ନାଉରୀକୁ କୃଷ୍ଣନଗର ଆଡୁ ଡଙ୍ଗା ଲଗାଇବାକୁ ବାରଣ କରିଥିଲେ । ବିଞ୍ଝାରପୁରର ପୋଲିସ ସବ୍‌ଇନ୍‌ସପେକ୍ଟର ନବାବ ଖାଁ ପରେ ନୌକାରେ କୃଷ୍ଣନଗରକୁ ଆସି ମୋତିଲାଲ ପଣ୍ଡିତଙ୍କର କଚେରୀ ଘରେ କେତେକଙ୍କ

Digitized by PPRACHIN, SOA

ଉପରେ ଅତ୍ୟାଚାର କରିଥିଲେ । ଏବଂ କପିଳଚରଣଙ୍କ କାନ୍ଧରେ ଜଣେ ହରିଜନ ଜାତିର ଚୌକିଦାରକୁ ବସାଇ ଥିଲେ । ସେ କପିଳଚରଣଙ୍କୁ ଗିରଫ୍ କରି ଜେଲକୁ ପଠାଇଥିଲେ । କଟକ ଜେଲରେ ସେ ଥିଲେ । ତାଙ୍କ ପରେ ତାଙ୍କର ସ୍ତ୍ରୀ ରାଜନୈତିକ ଭତ୍ତା ପାଉଛନ୍ତି । ରିପୋର୍ଟର-ଶ୍ରୀ ବୀରକିଶୋର ରାୟ । କୃଷ୍ଣନଗର । ସେ ବର୍ତ୍ତମାନ ସ୍ୱର୍ଗତ ।

୫୦। ଜୟମଣି ସାମଲ- ସା-କୃଷ୍ଣନଗର । ପିତା-√ଭଗବାନ ସାମଲ, ମାତା-√ହାଡ଼ିଆଣୀ । ପତ୍ନୀ-ଶ୍ରମତୀ ସୀତା ଦେବୀ । ଜନ୍ମ ତା ୧୫-୨-୧୯୨୨ ମସିହାରେ ।

ସେ ବେଶି ପଢ଼ି ପାରି ନ ଥିଲେ । ଗ୍ରାମର "ସତ୍ୟ-ସମାଜ"ର ଜଣେ ସକ୍ରିୟ ସଦସ୍ୟ ଥିଲେ । କଂଗ୍ରେସର ଗଠନମୂଳକ କାର୍ଯ୍ୟରେ ସେ ସହଯୋଗ କରୁଥିଲେ । ଗଡ଼ମଧୁପୁରର ଗହୀର ପାଟରେ ସେ ବସୁଦେବ ସାମଲ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଆଦି ସହ ପୋଲିସ ଦ୍ୱାରା ଗିରଫ୍ ହୋଇ, ଯାଜପୁର ଓ କଟକ ଜେଲରେ ରହିଥିଲେ ଏବଂ ୧୯୪୪ରେ ଖଲାସ ହେଲେ । ସେ ମାର୍ଚ୍ଚ ୧୯୮୨ରେ ପ୍ରାଣତ୍ୟାଗ କରିଛନ୍ତି । ତାଙ୍କର ପତ୍ନୀ ଏବେ ରାଜନୈତିକ ପେନ୍‌ସନ୍ ପାଉଛନ୍ତି ।

୫୧। ହଳଧର ଦାଶ- ଗ୍ରାମ-କୃଷ୍ଣନଗର , ପୋ.ଅ.-ଶେରପୁର, ଜିଲ୍ଲା-ଯାଜପୁର । ମାତା-ମୋତି ଦେବୀ, ପିତା-ନିଧିରାମ ଦାଶ, ଜନ୍ମ-ତା୩-୩-୧.୯୨୩ରେ ।

"ଆମ୍ଭେମାନେ 'ସତ୍ୟ-ସମାଜ' ନାମରେ ଗୋଟିଏ ସଂସ୍ଥା ନିଜ ଗାଁରେ ଗଢ଼ି କଂଗ୍ରେସର ଗଠନମୂଳକ କାର୍ଯ୍ୟ କିଛି କରୁଥିଲୁ । ୧୯୪୨ ଆନ୍ଦୋଳନରେ ମୁଁ ମରଣସେନାରେ ନାମ ଦେଇଥିଲି । ତା ୨୫-୮-୪୨ରେ ପୋଲିସ କାଇପଡ଼ାକୁ ଆସିବାରୁ ସେମାନେ ଯେପରି ଖାଦ୍ୟ ନ ପାଇବେ, ସେଥିପାଇଁ ଆମେ କାଇପଡ଼ାରେ ଦୋକାନମାନ ବନ୍ଦ କରାଇଥିଲୁ । କେନ୍ଦ୍ରାପଡ଼ା ସବ୍‌ଡ଼ିଭିଜନର ଆନ୍ଦୋଳନ ହୋଇ ନ ଥିଲା । ଶ୍ରୀ ରଙ୍ଗାଧର ଦାସଙ୍କ ନେତୃତ୍ୱରେ ଆମ୍ଭେମାନେ ଗଲୁ । ବଡ଼ଚଣା ଥାନାଅନ୍ତର୍ଗତ ଭରତପୁରରେ ହରିଚରଣ ଜେନା, ଗୋଲକ ନାୟକ, କପିଳ ଜେନା, ଫକୀର ଜେନା, ରତ୍ନାକର ଜେନା ଓ ମୁଁ ୧୭ ଜଣ ପୋଲିସଦ୍ୱାରା ଗିରଫ୍ ହେଲୁ । ତା ୫-୧୧-୧୯୪୪ରେ ମୁଁ ଜେଲରୁ ଖଲାସ ହେଲି । ଶ୍ରୀମତୀ ରମାଦେବୀଙ୍କ ନିର୍ଦ୍ଦେଶରେ ମୁଁ କିଛି ଦିନ କେନ୍ଦୁପାଟଣାରେ ଚରଖା ସଂଘର କର୍ମୀ ଥିଲି ।" ବର୍ତ୍ତମାନ ହଳଧର ଦାଶ ଟ୍ରଷ୍ଟ ନାମରେ ଏକ ଅନୁଷ୍ଠାନ ଗଢ଼ି ଗରୀବ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ, ରୋଗୀମାନଙ୍କୁ ସାହାର୍ଯ୍ୟ ଆଦି କରୁଛନ୍ତି ।

Digitized by PPRACHIN, SOA

୫୭। ବାଞ୍ଛାନିଧି ଦାସ- ଜନ୍ମ ବାଇଁଶ୍ରୀୟା, ଗ୍ରାମ, ବରୀ-କଟକ, ଜିଲ୍ଲା-ଯାଜପୁର । ମାତା-✓ ରଲି ଦେବୀ, ପିତା-✓ମାୟାଧର ଦାଶ । ଜନ୍ମ ନନ୍ଦ ଉତ୍ସବ, ଭାଦ୍ର କୃଷ୍ଣପକ୍ଷ, ଅଗଷ୍ଟ, ୧୯୨୩ ମସିହାରେ ।

ଶ୍ରୀ ବାଞ୍ଛାନିଧି ଦାସ ଲେଖିଛନ୍ତି- ମୋର ବାପା ବରୁଣେଶ୍ୱର ମହାଦେବଙ୍କଠାରେ ୪୨ ଦିନ ଓ ବୋଉ ୨୧ ଦିନ ଧାରଣା ପଡ଼ିଥିଲେ । ଏହି ଧାରଣାର ବର୍ଷକ ପରେ ମୋର ଜନ୍ମ । ନିଜ ଗ୍ରାମରେ ନିମ୍ନ ପ୍ରାଥମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ, ବରୀ ମାଉଣ୍ଡରେ ଥିବା ଉ.ପ୍ରା. ବିଦ୍ୟାଳୟରେ ପଢ଼ିଲି । ଶ୍ରୀ ଉପେନ୍ଦ୍ର ନାଥ ଦାଶ ହେଡ଼ପଣ୍ଡିତ ଥିଲେ । ସେ ଛାତ୍ରମାନଙ୍କ ମନରେ ଦେଶାତ୍ମବୋଧ ଜନ୍ମାଉଥିଲେ । ଶ୍ରୀ ରାଧାକୃଷ୍ଣ ସାମଲ ଓ ଶ୍ରୀ ଅର୍ଜୁନ ବେହେରା ଆମ ଗ୍ରାମରେ ସୂତାକଟା କେନ୍ଦ୍ର ଚଳାଉଥିଲେ । ଛାତ୍ରଅବସ୍ଥାରେ ମୁଁ ସେ କାମରେ ଯୋଗ ଦେଉଥିଲି । ସେହି ବିଦ୍ୟାଳୟରୁ ବୃତ୍ତି ପାଇ, କବୀରପୁର ଭବନାଥ ମି.ଇ.ସ୍କୁଲରୁ ପାଶ୍ କଲି । କଟକ ଟାଉନ୍ ଭିକ୍ଟୋରିଆ ହାଇସ୍କୁଲର ଶେଷ ଶ୍ରେଣୀରୁ, ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ମାତି, ପଢ଼ା ଛାଡ଼ିଲି । କଟକ ସହରର ଛାତ୍ର ଆନ୍ଦୋଳନରେ, ବରୀ ଅଞ୍ଚଳରେ ମରଣ-ସେନାରେ ଯୋଗ ଦେଲି । କୃଷ୍ଣ ରାଉତରାୟଙ୍କ ନେତୃତ୍ୱରେ ବଡ଼ଚଣା ଓ ଦର୍ପଣୀ ଅଞ୍ଚଳରେ ଆନ୍ଦୋଳନାତ୍ମକ କାର୍ଯ୍ୟ କଲି । କଳାମାଟିଆରେ ଗୁଳିକାଣ୍ଡ ପରେ ହଳଦୀବସନ୍ତର "ବାରମାଣିଆ" ପଡ଼ିଆରେ ପୋଲିସ ଗୁରୁଜୀ ଗୋପୀନାଥ ଦାଶଙ୍କୁ ଓ ମୋତେ ଗିରଫ୍ କଲେ । ବରୀ ମାଉଣ୍ଡଠାରୁ ଆମ ପ୍ରାୟ ୨୦ଜଣ ସଂଗ୍ରାମୀଙ୍କ ଅଣ୍ଟାରେ ଓ ହାତରେ ଦଉଡ଼ିବାନ୍ଧି ବିଞ୍ଝାରପୁର ବାଟେ ଯାଜପୁରକୁ ପୋଲିସ-ଫୋର୍ସ ଆଣିଲେ । କଟକ ଓ ବ୍ରହ୍ମପୁର ଜେଲରେ ପ୍ରାୟ ଏକ ବର୍ଷ ମୁଁ ରହି, ଜୁଲାଇ ୧୯୪୩ରେ ଖଲାସ ହେଲି । ବ୍ରହ୍ମପୁର ଜେଲରେ ଲକ୍ଷ୍ମଣ ନାୟକଙ୍କର ଫାଶି ବାର୍ତ୍ତାକୁ ମୁଁ କବିତା ଆକାରରେ ଲେଖିଥିଲି ।

ଜେଲରୁ ଆସିବା ପରେ ମୁଁ ବରୀ ଅଞ୍ଚଳର ଜାତୀୟ ମୌଳିକ ବିଦ୍ୟାଳୟମାନଙ୍କରେ ଶିକ୍ଷକତା କଲି, ମୋର କବିତା ମାଧମରେ ଦେଶାତ୍ମବୋଧ ଜାଗ୍ରତ ରଖିଲି । ଋଷିପ୍ରାଣ ଆଚାର୍ଯ୍ୟ ହରିହରଙ୍କର ପ୍ରେରଣା ଓ ଆଶୀର୍ବାଦ କ୍ରମେ ମୁଁ ଓଡ଼ିଶାର ନାନା ପୁର ପଲ୍ଲୀରେ ବୁଲି ଦେଶପ୍ରବୋଧକ କବିତା ପ୍ରଚାର କଲି । ଜୟଭେରୀ, ବିପ୍ଳବୀ ବାଣୀ, ବାଳପ୍ରଭାତୀ, ପଲ୍ଲୀଛବି, ପ୍ରାୟଶ୍ଚିତ୍ତ, ସଞ୍ଜିବନୀ ଆଦି ଦେଶାତ୍ମବୋଧର ଗୀତ ଓ ସଙ୍ଗୀତ ପୁସ୍ତକମାନ ରଚନା ଓ ପ୍ରକାଶ କଲି । ପରେ ମୁଁ ଦୈନିକ 'ଆଶା'ର ସହକାରୀ ସମ୍ପାଦକ କାର୍ଯ୍ୟ କଲି । ୧୯୪୮ରେ ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଡକ୍ଟର ମହତାବଙ୍କ ଇଚ୍ଛାନୁସାରେ ମୁଁ ସହକାରୀ ଲୋକକଲ୍ୟାଣ ଅଫିସର ହେଲି ଓ ସରକାରଙ୍କର 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦନାରେ ସାହାଯ୍ୟ କଲି । ୧୯୫୧ରେ ସରକାରୀ ଚାକିରି ଛାଡ଼ି, 'ଦୈନିକ ସମାଜ'ରେ ସମ୍ପାଦନା ବିଭାଗରେ ୧୯୮୨ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଲି । ପ୍ରତିଦିନ କବିତା ରଚନା କରି ମାତୃଭାଷାର ସେବା

Digitized by PPRACHIN, SOA

ମୋର ପ୍ରଧାନ କାର୍ଯ୍ୟ । ମୋର ୧୪ଖଣ୍ଡ କାବ୍ୟ-କବିତା ପୁସ୍ତକ ପ୍ରକାଶିତ ହୋଇଛି ଏବଂ ଅସଂଖ୍ୟ ଗୀତିକାବ୍ୟ ଓ କବିତା ଅପ୍ରକାଶିତ ଅବସ୍ଥାରେ ଅଛି । ମୁଁ ୧୯୪୭ ମସିହାରେ ଶ୍ରୀମତୀ ସୌଦାମିନୀ ଦେବୀଙ୍କୁ ବିବାହ କଲି । ଆମର ୩ପୁଅ ଓ ୪କନ୍ୟା । ସମ୍ବାଦପତ୍ର କାର୍ଯ୍ୟରୁ ଅବସର ନେଇ ବର୍ତ୍ତମାନ ସୁଖେ ଦୁଃଖେ କାଳ କଟାଉଛି ।

କୁମାରପୂର୍ଣ୍ଣିମା, ବାଞ୍ଛାନିଧି ଦାସ । ତା ୪-୧୦-୯୦ । ନାରାୟଣ ମିଶ୍ର ଲେ'ନ୍, କଟକ-୧୨ ।

୫୩। ଶକୁନ୍ତଳା ମହାନ୍ତି (ଦାସ)- ଗ୍ରାମ-ଅଟିରା, ପୋ.ଅ. ବରୀ କଟକ, ଜିଲ୍ଲା- ଯାଜପୁର । ମାତା-ଉମାସୁନ୍ଦରୀ, ପିତା-ଗୌରୀଶ୍ୟାମ ମହାନ୍ତି, ସ୍ୱାମୀ- ଶକ୍ତି ଶେଖର ଦାସ, ପିଉସୀ ଅଧରମଣି ମହାନ୍ତି, ଦାଦା ରାଜକିଶୋର ମହାନ୍ତି । ଜନ୍ମ ୧୯୨୮ରେ । ଏହାଙ୍କର ପିଉସୀ ଓ ଦାଦା ସ୍ୱାଧୀନତା ସଂଗ୍ରାମରେ ୧୯୩୦ମସିହାରେ ଜେଲ ଯାଇଥିଲେ । ଗ୍ରାମରେ କଂଗ୍ରେସର ବାତାବରଣ ଥିଲା । ସୂତାକଟା ହେଉଥିଲା । ମା ରମାଦେବୀ ଓ ଗୋପବାବୁ ବରୀରେ ଆଶ୍ରମ କରି ରହିବା ପରେ ଶକୁନ୍ତଳାଙ୍କର ପିତା ତାଙ୍କୁ ସେବାଘରେ ରଖାଇଲେ । ଆଶ୍ରମର ରୀତିନୀତିରେ ଏ ଶିକ୍ଷା ପାଇଲେ । ତେଲାଙ୍ଗରେ ଗାନ୍ଧୀ ସେବା ସଂଘର ଚତୁର୍ଥ ସମ୍ମିଳନୀରେ ଏ ସ୍ୱେଚ୍ଛାସେବିକା କର୍ତ୍ତବ୍ୟ ସୁଚାରୁରୂପେ ତୁଲାଇଲେ । "ଭାରତ ଛାଡ଼" ଆନ୍ଦୋଳନରେ ଏ ପ୍ରିୟମ୍ବଦା ଦେବୀଙ୍କ ସହ ଗିରଫ୍ ହେଲେ ଏବଂ କଟକ ଜେଲରେ ୧୨ ନମ୍ବର ୱାର୍ଡ଼ରେ (ମହିଳାମାନଙ୍କପାଇଁ ଅଭିପ୍ରେତ କୋଠରୀରେ) ରହିଲେ । ଏକବର୍ଷ ପରେ ଖଲାସ ହେବା ପରେ ସୋରର ପୂରୁ ବାଲ ଆଶ୍ରମରେ ସାନ ସାନ ଝିଅମାନଙ୍କର ସେବା ଓ ତତ୍ତ୍ୱାବଧାନ କାମ କଲେ । ଉତ୍ତର ବାଲେଶ୍ୱରରେ ୧୯୪୩ରେ ହୋଇଥିବା ଦୁର୍ଭିକ୍ଷ-ପୀଡ଼ିତ ଏ ପିଲାମାନେ ସେହି ବାଳାଶ୍ରମରେ ରହିଥିଲେ । ସୋରର ନିଷ୍ଠାପର ବର୍ଷିୟାନ୍ କଂଗ୍ରେସ ନେତା ନନ୍ଦକିଶୋର ଦାସ ଏହାଙ୍କର ପିଉସୀ ଅଧରମଣୀଙ୍କୁ ବିବାହ କରିଥିଲେ ।

ସେଠାରୁ ଆସି ବରୀ ଅଞ୍ଚଳର କୃଷ୍ଣନଗର ଓ ଶେରପୁର ଗ୍ରାମରେ କେତକୀ ଦେବୀଙ୍କ ସହିତ ଶକୁନ୍ତଳା ସୂତାକଟା, ନାରୀଜାଗରଣ କାର୍ଯ୍ୟ କେତେ ମାସ କଲେ । ରାମଚନ୍ଦ୍ର ପୁରରେ ପ୍ରାଦେଶିକ କସ୍ତୁରବା ମହିଳା ଟ୍ରେନିଂ କେନ୍ଦ୍ର ୧୯୪୬ରେ ଆରମ୍ଭ ହେଲା । ଏ ସେହି କେନ୍ଦ୍ରର ତତ୍ତ୍ୱାବଧାନ ମା ରମାଦେବୀଙ୍କ ନିର୍ଦ୍ଦେଶରେ କଲେ ।

ଏହାଙ୍କର ବାପାଙ୍କର ଓ ଶ୍ରୀମତୀ ରମାଦେବୀଙ୍କର ଆଦେଶରେ ସ୍ୱାଧୀନତା ସଂଗ୍ରାମୀ ଶକ୍ତିଶେଖର ଦାସଙ୍କ ସହିତ ଏ ବିବାହ କଲେ । ବିବାହ ସମୟରେ କୋଡ଼ି, କୋଦାଳ ଓ ସାବଳ ପ୍ରଭୃତି ବଗିଚା ସରଜାମ ଯୌତୁକ ଭାବରେ ଆସିଥିଲା ଏବଂ ବିବାହ ସମୟରେ ପୋଖରୀ ସଫା ଏବଂ ବୃକ୍ଷରୋପଣ କରିଥିଲେ । ତାଙ୍କର ଗୋଟିଏ ପୁଅ ଚାରିଜଣ ଝିଅ ଅଛନ୍ତି ।

Digitized by PPRACHIN, SOA

ଏ ଦୁହେଁ ଗତଳା କହରାଗଣ୍ଡ ସାହିରେ ରହି "ସମଗ୍ର ଗ୍ରାମସେବା" କାର୍ଯ୍ୟ ୩ବର୍ଷ କଲେ । ସେତେବେଳେ ଚରଖା ସଂଘରୁ ସାମାନ୍ୟ ସାହାଯ୍ୟ ପାଇ କୃଷି, ମହୁମାଛି ପାଳନ ଓ ଖଦୀ ଉତ୍ପାଦନ ଦ୍ୱାରା ଏ ଦମ୍ପତି ସ୍ୱାବଲମ୍ବୀ ହେବାକୁ ଯତ୍‌ପରୋନାସ୍ତି ପରିଶ୍ରମ କରୁଥିଲେ ।

ବିନୋବାଜୀଙ୍କର ଭୂଦାନ ଯଜ୍ଞ ଆନ୍ଦୋଳନରେ ଦୁହେଁ କଳାହାଣ୍ଡି ଜିଲାର ଦାୟିତ୍ୱ ନେଇ ଅନେକ ବର୍ଷ ଭେଲାରେ ଥିଲେ । ଶକ୍ତିଶେଖରବାବୁ ଖଦୀ କମିସନ୍ ଅଧୀନତାରେ କେତେ ବର୍ଷ କାର୍ଯ୍ୟ କଲେ ଏବଂ ଉତ୍କଳ ଖଦୀ ମଣ୍ଡଳର ସମ୍ପାଦକ ଥିଲେ । ଶକ୍ତିଶେଖର ବାବୁଙ୍କର ଗତବର୍ଷ ତାଙ୍କର ଦେହାନ୍ତ ହୋଇଯାଇଛି, ଶକୁନ୍ତଳା ଅପା (ମାଳ) ବର୍ତ୍ତମାନ ପୁରୁଣା ଭୁବନେଶ୍ୱରରେ ରହି ଉଦ୍ୟାନ କର୍ମ ଏବଂ ପଢ଼ାପଢ଼ିରେ ସମୟ କଟାଉଛନ୍ତି । ତାଙ୍କର ସର୍ବୋଦୟ କାର୍ଯ୍ୟପ୍ରତି ସଦା ସର୍ବଦା ସହଯୋଗ ଅତୁଳନୀୟ ।

୫୦ । ତ୍ରିଲୋଚନ ମହାନ୍ତି- ଗ୍ରାମ-କୃଷ୍ଣନଗର, ପୋ.ଅ.-କାଇପଡ଼ା, ଜିଲ୍ଲା- ଯାଜପୁର । ପିତା-ଭଗବାନ ମହାନ୍ତି, ମାତା-ଶ୍ରୀମତୀ ଚମ୍ପାବତୀ ଦେବୀ । "୧୯୨୯ ମସିହାରେ ମୋର ପାଠପଢ଼ା ସରିଲା । ମୁଁ କିଛିଦିନ ଖଦୀ ଟ୍ରେନିଂ ପାଇଥିଲି ଏବଂ ୧୯୩୦ରୁ ନାନା ଗ୍ରାମରେ କଂଗ୍ରେସ କାମ କରିଥିଲି । ତା ୯-୮-୪୨ରେ ଗାନ୍ଧୀଜୀ ଓ କଂଗ୍ରେସର ତୁଙ୍ଗ ନେତାମାନେ ଗିରଫ୍ ହେବା ପରେ ପରେ ବରୀ ଅଞ୍ଚଳରେ ସ୍ୱାଧୀନତା ଆନ୍ଦୋଳନ ତେଜି ଉଠିଲା । ମୁଁ ଅମଠପୁରର ଗଙ୍ଗାଧର ଦାସ ଓ ତିଗିରିଆ ଗ୍ରାମର କୃଷ୍ଣ ରାଉତରାୟଙ୍କ ସହ ବିରୂପା କୂଳରେ ବେଣୀପୁର, ଗୋପାଳପୁର, ଖଡ଼୍‌ଗପୁର ଆଦି ଗ୍ରାମଗୁଡ଼ିକରେ ଆନ୍ଦୋଳନ କାର୍ଯ୍ୟ କଲି । ବାଲିଚନ୍ଦ୍ରପୁର ଓ କୁମୁଡ଼ାହାଟରେ ପ୍ରଚାର କଲି । କୁଆଁପାଳ ଡାକଘରର ଫର୍ମ ପୋଡ଼ିଦେଲି । ପୋଲିସ ମୋତେ ଆରେଷ୍ଟ କରି ବିଧା, ଚାପୁଡ଼ା ଓ ବୁଟ୍‌ଯୋତାରେ ମାଡ଼ ଦେଲା । ମୁଁ ଦଶମାସ ଜେଲରେ ଥିଲି । ଏହା ଫଳରେ ମୋର ଚାଷରେ ବହୁତ କ୍ଷତି ହେଲା । ପରେ ମୁଁ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କଲି ।" ତ୍ରିଲୋଚନ ।

୫୧ । ରଘୁନାଥ ନାୟକ- ଗ୍ରାମ-ବରୀ, ପୋ.ଅ.-ବରୀ, ଜିଲ୍ଲା- ଯାଜପୁର । ମାତା-ନୟନା ଦେବୀ, ପିତା-ଗୟାଧର ନାୟକ, ସ୍ତ୍ରୀ-ତୁଳସୀ ଦେବୀ । ଜନ୍ମ-ତା ୧୮-୧୧-୧୯୨୩ ।

ପିତା ଗୟାଧରବାବୁ ବରୀ ମାଉଣ୍ଡରେ ଥିବା ଉ:ପ୍ରା: ବିଦ୍ୟାଳୟରେ ଜଣେ ଆଦର୍ଶ ଶିକ୍ଷକ ଥିଲେ । ରଘୁନାଥ ବାବୁ ରେଭେନ୍‌ସା କଲେଜରେ ଏ ଗ୍ରେଡ୍ ବୃତ୍ତିଧାରୀ କୃତୀ ଛାତ୍ରଭାବରେ ବି.ଏ. ପଢୁଥିବାବେଳେ "ଭାରତ ଛାଡ଼" ଆନ୍ଦୋଳନରେଯୋଗ ଦେଇଥିଲେ ।

Digitized by PPRACHIN, SOA

କଟକ ଓ ବ୍ରହ୍ମପୁର ଜେଲରେ ସେ ୧୪ମାସ କଟାଇଲେ । ସେତେବେଳ ସେହି ଦୁଇ ଜେଲରେ ନବକୃଷ୍ଣ ଚୌଧୁରୀ, ସାରଙ୍ଗଧର ଦାସ, ବୈଦନାଥ ରଥ, ବୀରେନ ମିତ୍ର ଆଦି ଅଟକବନ୍ଦୀ ରୂପେ ଥିଲେ । ଜେଲରୁ ଖଲାସ ହେବା ପରେ ପରେ ତାଙ୍କର ପତ୍ନୀଙ୍କର ଅକାଳ ମୃତ୍ୟୁରେ ତାଙ୍କର ମନ ଦବିଗଲା । ସେ ଗାନ୍ଧୀଜୀଙ୍କର କୌଣସି ରଚନାତ୍ମକ କାର୍ଯ୍ୟରେ ଯୋଗ ଦେଲେ ନାହିଁ । ସେତେବେଳର ଆଇନ ଅନୁସାରେ କଲେଜରେ ଆଉ ପଢ଼ିବାକୁ ସୁଯୋଗ ନ ଥିଲା । ସେ ହାତିମଡ଼ା ଗୋବିନ୍ଦପୁର ମି.ଇ.ସ୍କୁଲରେ ହେଡ୍‌ମାଷ୍ଟର ରହିଲେ । ପ୍ରାଇଭେଟ୍‌ଭାବରେ ବି.ଏ. ପାସ୍ କଲେ । ବରୀ କୃପାସିନ୍ଧୁ ବିଦ୍ୟାଭବନରେ ସହକାରୀ ଶିକ୍ଷକ ହେଲେ । ଉଚ୍ଚତମ ଡିଗ୍ରୀ ପାଇବାର ଇଚ୍ଛା-ତାଙ୍କର ଏତେ ପ୍ରବଳ ଥିଲା ଯେ ସେ ପ୍ରାୟ ୨୦ ବର୍ଷ ପରେ ରେଭେନ୍‌ସା କଲେଜରେ ଏମ୍.ଏ. କ୍ଲାସରେ ପଢ଼ି ଇଂରାଜୀ ବିଷୟରେ ଏମ୍.ଏ. ପାସ୍ କଲେ । ରାମଚନ୍ଦ୍ରପୁର ଉତ୍ତର ମୌଳିକ ସ୍କୁଲରେ ଶିକ୍ଷକ ହେଲେ ଏବଂ ପରେ ଗୋପବନ୍ଧୁ କଲେଜରେ ଇଂରାଜୀର ଅଧ୍ୟାପକ ବହୁ ବର୍ଷ ଥିଲେ । ସେ ଓଡ଼ିଆ ଓ ଇଂରାଜୀରେ ସୁବକ୍ତା, ସ୍ୱାଧୀନଚେତା, ଦୟାଳୁ ଓ ଧର୍ମପରାୟଣ ଅଟନ୍ତି । ଏତେ ନିଃସ୍ୱାର୍ଥ ଓ ନୀତିବାଦୀ ଯେ ସେ ରାଜନୈତିକ ପେନ୍‌ସନ୍ ନେବାକୁ ଦରଖାସ୍ତ କଲେ ନାହିଁ । ବହୁ କୁଟୁମ୍ବୀ, ଘୋର ଆର୍ଥିକ ଅନାଟନରେ ଚାକିରିରୁ ଅବସର ନେଲେ । ସେ ତା. ୨୭-୨-୨୦୦୪ରିଖରେ ଇହଧାମ ତ୍ୟାଗ କଲେ ।

୫୬। ଭିକାରି ଚରଣ ମହାନ୍ତି- ଗ୍ରାମ-କୃଷ୍ଣନଗର, ପୋ.ଅ.-ଶେରପୁର, ଜିଲ୍ଲା-ଯାଜପୁର, ଜନ୍ମ-ଜାନୁଆରୀ ୨୬, ୧୯୨୩ , ମାତା- ଲଳିତା ଦେଈ, ପିତା- ନନ୍ଦକିଶୋର ମହାନ୍ତି । ସେ ମହାତ୍ମା ଗାନ୍ଧୀଙ୍କର ନିର୍ଦ୍ଦେଶରେ କିଛି ରଚନାତ୍ମକ କାର୍ଯ୍ୟ କରୁଥିଲେ ଓ ଜଣେ ହରିଜନର ଶବ ଉଠାଇବାରୁ ଜାତିରୁ ଅଟକ ହୋଇଥିଲେ । ୧୯୩୯-୪୦ରେ ଅସ୍ପୃଶ୍ୟତା-ନିବାରଣ, କୃଷି-ସଂଗଠନ ଆଦି କାମ କଲେ । ଏ ପରମାନନ୍ଦ ମହାନ୍ତିଙ୍କ ସହ ଯୋଗଦେଲେ ଏବଂ ପୋଲିସ ଗୋଡ଼ାଇବାରୁ ରାତିଏ ଜଙ୍ଗଲରେ ଲୁଚି ରହିଲେ । କଟକର କଲେକ୍ଟରଙ୍କ ଅଫିସ ଆଗରେ ସେ ପିକେଟିଂ କଲେ । ଗୁର୍ଖା-ପୋଲିସ ନିର୍ମମ ଭାବରେ ମାଡ଼ ଦେଲେ ଏବଂ ସମସ୍ତଙ୍କୁ ଗିରଫ୍ କଲେ । ମକଦ୍ଦମା ବିଚାର ହୋଇ ୩ମାସ ହାଜତରେ କଟିଗଲା ଏବଂ କଟକ ଜେଲରେ ୯ମାସ ଦଣ୍ଡ ଭୋଗି ଭିକାରିବାବୁ ଖଲାସ ହେଲେ । ବର୍ତ୍ତମାନ ଘରେ ରହୁଛନ୍ତି । ତାଙ୍କର ବାର୍ତ୍ତାରେ କହନ୍ତି ଯେ ଯୁବକମାନେ ଦେଶ ପାଇଁ କାମ କରନ୍ତୁ ବୋଲି ।

୫୭। ରାମଚନ୍ଦ୍ର ଜେନା- ଗ୍ରାମ-ରାମପୁର, ପୋ.ଅ.-ରାମଚନ୍ଦ୍ରପୁର,, ଜିଲ୍ଲା-

Digitized by PPRACHIN, SOA

ଯାଜପୁର ମାତା- ତଉଲ ଦେଈ ପିତା-୰ମଧୁସୂଦନ ଜେନା, ସ୍ତ୍ରୀ-ଚାନ୍ଦମଣି ଦେବୀ, ଜନ୍ମ-ତା ୨୯-୧୦-୧୯୨୩ ମସିହାରେ । "ପିଲାଦିନେ ମୋର ମା ମରିଯାଇଥିଲେ । ପିତା କଲିକତାରେ ରହି ଛୋଟ ବ୍ୟବସାୟ କରୁଥିଲେ । ନିଜର ଗ୍ରାମ ବିଦ୍ୟାଳୟରେ ୩ୟ ଶ୍ରେଣୀରୁ ପାସ୍ କରିବା ପରେ ପଢ଼ାରେ ଡୋରି ବନ୍ଧା ହେଲା । ମୋର ବୁଢ଼ୀମା' ବ୍ୟତୀତ ଘରେ ଆଉ ସେବାକାରିଣୀ କେହି ନ ଥିବାରୁ ମୁଁ ସାନ ଭାଇ ଓ ବଡ଼ ଭଉଣୀର ଯତ୍ନ ନେଲି ।

ବରୀ ଅଞ୍ଚଳରେ ମା ରମାଦେବୀ ଓ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କର ପ୍ରଭାବରେ ଜାତୀୟ କଂଗ୍ରେସର ଆହ୍ୱାନକୁ ବହୁ ଯୁବକ-ଯୁବତୀ ଗ୍ରହଣ କଲେ । ୧୯୪୨ ଆନ୍ଦୋଳନ ଆସିଗଲା । ପୋଲିସ ଆମର ହାଟସାହି ଗ୍ରାମକୁ ଆସି ଅତ୍ୟାଚାର ଆରମ୍ଭ କଲେ । ଏହା ପୂର୍ବରୁ ମା ରମାଦେବୀ ଓ ତାଙ୍କର କର୍ମୀମାନେ ଏବଂ ମୌଳିକ ବିଦ୍ୟାଳୟର ଶିକ୍ଷକମାନେ ସୂତାକଟା, ଗ୍ରାମ-ସଂଗଠନ ଆଦି ଗ୍ରାମବାସୀମାନଙ୍କୁ ଶିଖାଇଥିଲେ । ହରିଚରଣ ଜେନା, ଗୋବିନ୍ଦ ସାମଲ, ନୀଳମଣି ଦାସ, ମହେଶ୍ୱର ଘଡ଼େଇ ଆଦି ପ୍ରେରଣା ମଧ ଦେଇଥିଲେ ।

ଗହ୍ମାପୂର୍ଣ୍ଣିମା ଦିନ ତା ୨୬-୮-୧୯୪୨ରେ ମୁଁ ସହସ୍ରାଧିକ ଲୋକଙ୍କ ସହିତ କଳାମାଟିଆର ପାଟ ନିକଟକୁ ଯାଇଥିଲି । ସଙ୍ଗୀନ ଓ ଗୁଳିରେ ୪ଜଣ ଶହୀଦ ହେଲେ । ମୋର ଡାହାଣ ବାହୁରେ ପୋଲିସର ଗୁଳି ଭେଦ କରିଥିଲା । କେନ୍ଦ୍ରାପଡ଼ା ସରକାରୀ ଡାକ୍ତରଖାନାରେ ତିନି ମାସ ଚିକିତ୍ସିତ ହେବା ପରେ ଘା ଭଲ ହୋଇଗଲା । ମାତ୍ର ସେହି ହାତଟି ଅକର୍ମଣ୍ୟ ହୋଇଥିଲା ।" ରାମଚନ୍ଦ୍ରବାବୁ ତା ୮-୧-୨୦୦୩ରେ ଇହଲୀଳା ତ୍ୟାଗ କରିଛନ୍ତି ।

୫୮ । **ପର୍ଶୁରାମ ମହାନ୍ତି-** ପିତା - ଗୋପାଳ ଚରଣ ମହାନ୍ତି, ଗ୍ରାମ/ପୋ - ସୁଜନପୁର, ଜିଲ୍ଲା- ଯାଜପୁର । "ଭାରତ ଛାଡ" ଆନ୍ଦୋଳନରେ ଯୋଗ~~ଦେଇ~~ କଟକ, ବ୍ରହ୍ମପୁର, ସମ୍ବଲପୁର, ଯାଜପୁର ଆଦି ଜେଲରେ ଏକ ବର୍ଷରୁ ଉର୍ଦ୍ଧ୍ୱକାଳ ବନ୍ଦୀଜୀବନ କଟାଇଛନ୍ତି । ୧୯୪୨ ମସିହାରେ ବାଲିଆପାଳଠାରେ ଗଞ୍ଜେଇ ଦୋକାନ ସାମନାରେ ସତ୍ୟାଗ୍ରହ କରିଥିଲେ ଏବଂ ହରିପୁର ହାଟରେ ତା ୧୫-୮-୪୨ରେ ସଭା କରାଇ ଥିଲେ । ସୁରେନ୍ଦ୍ରନାଥ ଦ୍ୱିବେଦୀ ଛଦ୍ମ ବେଶରେ ରହି ଆନ୍ଦୋଳନର ବାର୍ତ୍ତା ଏହାଙ୍କର ଓ ଅନ୍ୟ ସହକର୍ମୀଙ୍କ ଜରିଆରେ ବିଭିନ୍ନ ନେତାମାନଙ୍କ ପାଖକୁ ପ୍ରେରଣା କରୁଥିଲେ ।

ବହୁଦିନ ଧରି ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ । ତାଙ୍କର ପାଞ୍ଚ ଝିଅ ଓ ଗୋଟିଏ ପୁଅ, ତାଙ୍କର ମଇମାସ ୧୯୯୧ ମସିହାରେ ମୃତ୍ୟୁବରଣ କଲେ ।

Digitized by PPRACHIN, SOA

୫୯ । ବିପିନବିହାରୀ ମହାନ୍ତି- ଘର ଅରଙ୍ଗାବାଦ, ପୋ.ଅ-ବରୀ, କଟକ, ଜିଲ୍ଲା- ଯାଜପୁର । ମାତା- ଗୋଖଣୀ ଦେଈ, ପିତା- ବଟକୃଷ୍ଣ ମହାନ୍ତି । ଜନ୍ମ- ତା ୨୮ -୭- ୧୯୧୩ ମସିହାରେ । କଟକ କଲିଜିଏଟ୍ ସ୍କୁଲରୁ ପାଠ ଛାଡ଼ି, ୧୯୩୦ର ଲବଣ ସତ୍ୟାଗ୍ରହରେ ଯୋଗଦେଇଥିଲେ ଏବଂ ଏକ ମାସ ଜେଲ ଦଣ୍ଡ ପାଇଥିଲେ । ୧୯୩୨ରେ ୨ ଥରରେ ୧୦ ମାସ କାରାବରଣ କରିଥିଲେ । 'ବାଣୀ ସତ୍ୟାଗ୍ରହ'ରେ ଓ 'ଭାରତ ଛାଡ଼' ଆନ୍ଦୋଳନରେ ମଧ ଜେଲରେ ପ୍ରାୟ ୩ବର୍ଷ ୬ମାସ ଥିଲେ । ବରହମପୁର ଜେଲରେ ସେ ରାଜନୈତିକ ବନ୍ଦୀମାନଙ୍କ ଓ ଜେଲ କର୍ତ୍ତୃପକ୍ଷଙ୍କ ମଧରେ ଯୋଗସୂତ୍ର ରୂପେ କାର୍ଯ୍ୟ କରି ଖାଦ୍ୟପେୟ ସମ୍ବନ୍ଧରେ ସମସ୍ୟା ସୁରଖୁରରେ ସମାଧାନ କରିଦେଉଥିଲେ । ସେ ଯାଜପୁର ଲୋକାଲ ବୋର୍ଡର ଚେୟାରମ୍ୟାନ ହୋଇଥିଲେ । ଅନୁଗୁଳ ସର୍ବୋଦୟ ସମ୍ମିଳନୀ ପାଇଁ ସେ ଯାଜପୁର ଅଞ୍ଚଳରୁ ୧୪ହଜାର ଟଙ୍କା ଚାନ୍ଦା ସଂଗ୍ରହ କରିଦେଇଥିଲେ । ତାଙ୍କର ଦେହାନ୍ତ ତା.୧୦.୦୮.୧୯୯୮ ମସିହାରେ ହୋଇଯାଇଛି ।

୬୦ । ଅଦ୍ୱୈତ ଚରଣ ମହାପାତ୍ର- ଗ୍ରାମ-ମୂଷାଟିକିରି, ବଡ଼ଚଣା ବ୍ଲକ, ଜିଲ୍ଲା-ଯାଜପୁର । ମାତା-ଲକ୍ଷ୍ମୀଦେବୀ, ପିତା-ନାରାୟଣଚନ୍ଦ୍ର ମହାପାତ୍ର । ଜନ୍ମ-ତା ୧୩- ୪-୧୮୯୫ ମସିହାରେ । ଏ ଓ ଏହାଙ୍କର ଭାଇ ଦୁର୍ଗାଚରଣ ଏବଂ ଜୟରାମ ଦେଶପ୍ରେମୀ ଥିଲେ । ଗୋପବନ୍ଧୁ ଚୌଧୁରୀଙ୍କର ଡାକରାରେ ଅଦ୍ୱୈତ ଚରଣ ମହାପାତ୍ର, ବରୀ ଓ କାଇପଡା ଅଞ୍ଚଳରେ ଗ୍ରାମମାନଙ୍କରେ ବୁଲି କଂଗ୍ରେସ-ବାର୍ତ୍ତା ପ୍ରଚାର କଲେ ।୧୯୪୨ର ଆନ୍ଦୋଳନରେ ଏ କୃଷ୍ଣମୋହନ ରାଉତରାୟ, ବୃନ୍ଦାବନ ତ୍ରିପାଠୀ, ହଳଧର ରଣସିଂହ ମହାପାତ୍ର, ରଙ୍ଗନିଧି ମହାପାତ୍ର, ବେଣୁଧର ମହାପାତ୍ର, ଇନ୍ଦ୍ରମଣି ମହାପାତ୍ର, ଦୁର୍ଯ୍ୟୋଧନ ମହାପାତ୍ର, ରାଘବ ଚନ୍ଦ୍ର ଜେନା, ରତ୍ନାକର ମଳିକ ଆଦିଙ୍କ ସହ ନାନା ସରକାରବିରୋଧୀ କାର୍ଯ୍ୟ କରିଥିଲେ । ବଡ଼ଚଣା ଥାନା ଅଞ୍ଚଳରୁ ୫୭ ଜଣ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ କଟକ ଜେଲରେ ୧୭ ମାସ ବନ୍ଦୀ ଥିଲେ । ବିଭିନ୍ନ ଗ୍ରାମ ମଧରେ କଳିଗୋଳ, ଜମିଜମା ସମସ୍ୟାକୁ କୋର୍ଟର ଆଶ୍ରୟ ନ ନେଇ ଗ୍ରାମପଞ୍ଚାୟତ ଦ୍ୱାରା ଅଦ୍ୱୈତ ଚରଣ ମହାପାତ୍ର ରଫା କରାଉଥିଲେ । କୃଷିର ଉନ୍ନତି ଓ କୂପ ଖନନ ଦିଗରେ ସେ ଯତ୍ନ କରିଥିଲେ । ହାଇସ୍କୁଲ ବସାଇବାରେ ମଧ ସେ ସହଯୋଗ କରିଥିଲେ । ତା ୨୭-୧୦-୧୯୭୭ରେ ଚଣ୍ଡୀଖୋଲଠାରେ ତାଙ୍କର ଦେହାନ୍ତ ହୋଇଥିଲା । (ଅଲିଆବାଦର ଶ୍ରୀ ମଧୁସୂଦନ ଦାସଙ୍କର ଅନୁରୋଧରେ ଶ୍ରୀ ରବୀନ୍ଦ୍ରନାଥ ମହାପାତ୍ରଙ୍କଠାରୁ ଉପରିଲିଖିତ ତଥ୍ୟ ପ୍ରାପ୍ତ ।)

Digitized by PPRACHIN, SOA

୬୧ । ଗୋବିନ୍ଦ ସାମଲ- ଗ୍ରାମ-ରାମପୁର, ପୋ.ଅ-ବରୀ-କଟକ,ଜିଲ୍ଲା-ଯାଜପୁର । ପିତା-ହରି ସାମଲ । ଜନ୍ମ-୨୯ ଚୈତ୍ର, ୧୯୦୧ ମସିହାରେ । ଏହାଙ୍କର ଖୁଡ଼ୀ ସୁଶୀଳା ଦେଈ (ଡ଼ାକ ନାମ-ବଡ ଦିଦି) କଂଗ୍ରେସରେ ଯୋଗଦେଇ ୧୯୩୨ରେ ଜେଲ ଯାଇଥିଲେ । ତାଙ୍କଠାରୁ ଗୋବିନ୍ଦ ଦେଶସେବାର ପ୍ରେରଣା ପାଇଲେ । ସେ ଅତି ଅଳ୍ପ ପଢ଼ିଥିଲେ । ନିଜର ଚାଷ କରୁଥିଲେ । ସମବାୟ ବିଭାଗର 'କଲ୍ୟାଣୀ' ପତ୍ରିକା ପଢ଼ି ଗାଁ କାମ ପାଇଁ ଉତ୍ସାହ ପାଉଥିଲେ । ଗୋପବାବୁ ଓ ମା ରମାଦେବୀ ବରୀରେ ରହିବାଠାରୁ ସେ ଖଦୀ ଓ କଂଗ୍ରେସ କାର୍ଯ୍ୟରେ ବେଶି ସମୟ ଦେଲେ । ନିଜେ ଭାର କରି ଖଦୀ ନେଇ ଗାଁମାନଙ୍କରେ ବୁଲି ବିକ୍ରି କଲେ । ୫୦୦ ଜଣ ପର୍ଯ୍ୟନ୍ତ କଂଗ୍ରେସର ପ୍ରାଥମିକ ମେମ୍ବର କରାଇଲେ । ସଭା କରିବାକୁ ନିଜେ ବେକରେ ଢୋଲ ପକାଇ ଡେଙ୍ଗୁରା ଦେଉଥିଲେ । ଗଉଡ, ବାରିକ ତାଙ୍କୁ ବନ୍ଦ କରିବାରୁ ସେ ନିଜ ଝିଅ-ଘରକୁ ଭାର କରି ଖଇ ଉଖୁଡ଼ା, ନୂଆ ଲୁଗା ନେଇଗଲେ । ରାମଚନ୍ଦ୍ରପୁରରେ ସରକାରୀ ମୌଳିକ ଶିକ୍ଷା କେନ୍ଦ୍ର ହେବା ଶୁଣି ସେ କିଛି ଜମି ଦାନ କଲେ ।

୧୯୪୨ରେ ସେ ନଅ ମାସ କାରାବରଣ କରିଥିଲେ । ବ୍ରାହ୍ମଣ ପୂଜାରୀମାନେ ଶିକ୍ଷା ସପ୍ତାହରେ ରୋଷେଇ କରନ୍ତି ମାତ୍ର ଅଜାତିର ଲୋକେ ପାଣି ଦେଉଥିବାରୁ ନିଜର ରନ୍ଧା ଖାଆନ୍ତି ନାହିଁ । ଗୋବିନ୍ଦ ତାଙ୍କୁ କହନ୍ତି " ଭଲ କଥା, ତୁମେ ନିଜ ଘରେ ଖାଇବ, ଏଠା ଅଛୁଆଁ ଜାତିର ଛୁଆଁ ଖାଦ୍ୟ ଖାଅ ନାହିଁ । ମାତ୍ର ତୁମର ପ୍ରସ୍ତୁତ ଖାଦ୍ୟ ଖରାପ ହୋଇଥିଲେ, ଶଅ ଶଅ ଭୋକ୍ତା ନିନ୍ଦା କରିବେ ; ତୁମେ ପ୍ରତ୍ୟେକରୁ ଟିକିଏ ଟିକିଏ ଚାଖ ।" ଗାଁର କଳିଗୋଳ ଭାଙ୍ଗିବା, ଏକତା ଆଣିବା, 'ସର୍ବୋଦୟ ପାତ୍ର', ଆଞ୍ଚଳିକ ସର୍ବୋଦୟ ସମିତି, ବରୀ ଅଞ୍ଚଳର ସମନ୍ୱୟ ସମିତି, ଆଦି କାର୍ଯ୍ୟରେ ସେ ଜଣେ ଅନନ୍ୟସାଧାରଣ ସଚ୍ଚୋଟ କର୍ମୀ ଥିଲେ । ବନ୍ୟା ରିଲିଫ୍, ଅଇଥାନ ଆଦିରେ ନିଜ ଅଞ୍ଚଳର ବହୁ ସେବା କରିଥିଲେ । ସେ 'ଗ୍ରାମ ସେବକ' ଓ 'ସର୍ବୋଦୟ' ପତ୍ରିକା ମଗାଇ ଧାରାବାହିକ ଭାବରେ ପଢୁଥିଲେ । ଭୂଦାନ ଯଜ୍ଞ ଆନ୍ଦୋଳନରେ ମଧ କାମ କରୁଥିଲେ ।

ଗୋପବନ୍ଧୁ ଚୌଧୁରୀଙ୍କର ମୃତ୍ୟୁ, ଆଚାର୍ଯ୍ୟ ହରିହରଙ୍କର ମୃତ୍ୟୁପରେ ସେ ଚିରାଚରିତ ଶୁଦ୍ଧି ପାଳନରେ ଯୋଗ ନ ଦେଇ, ବରୀ ଅଞ୍ଚଳର ପ୍ରାୟ ୧୫ଟି ଗ୍ରାମରେ ପ୍ରାର୍ଥନା-ସଭା, ସଦ୍‌ଗ୍ରନ୍ଥ-ପାଠ, ସୂତ୍ରଯଜ୍ଞ, ସେମାନଙ୍କର ମହତ୍ କାର୍ଯ୍ୟ ଓ ଗୁଣ ଆଲୋଚନା କରାଇଥିଲେ । ତାଙ୍କର ପରିବାରର ସମସ୍ତେ ଗାନ୍ଧୀକାମ ଓ ଉତ୍‌ପାଦକ ଶରୀରଶ୍ରମକୁ ବ୍ରତ ମନେ କରିଥିଲେ ।

Digitized by PPRACHIN, SOA

ସେ ଓ ତାଙ୍କର ପତ୍ନୀ ଗୃହୀ ଅଲେଖ ଧର୍ମାବଲମ୍ବୀ ଥିଲେ ।

ତା-୫-୬-୧୯୮୨ର ରାତ୍ରୀରେ ଭୟଙ୍କର ବାତ୍ୟାଦ୍ୱାରା ଘର କାନ୍ଥ ତାଙ୍କ ଉପରେ ପଡ଼ିଗଲା ଓ ସେ ପ୍ରାଣ ହରାଇଲେ ।

୬୨ । ସୁଶୀଳା ଦେବୀ- ପିତା-✓କୃଷ୍ଣଚନ୍ଦ୍ର ସିଂହ, ଗ୍ରାମ- ନାଳାପଦା (ବିରୁପାର ଉତ୍ତର କୂଳରେ) । କୃଷ୍ଣଚନ୍ଦ୍ର ବାବୁ ଶିକ୍ଷା ବିଭାଗର ଇନ୍‌ସିପେକ୍ଟିଙ୍ଗ୍ ପଣ୍ଡିତ (ପରିଦର୍ଶକ) ଥିଲେ । ସେ ଅତି ଦୟାଳୁ ଥିଲେ । ସେ ପରିବା ର ମୂଲ୍ୟ ପୁରା ଦେଇ, ସେ ବାଛି ପୋକା ବୁଢ଼ା ବାଇଗଣ ଆଣୁଥିଲେ ଏବଂ ନିଜର ସ୍ତ୍ରୀଙ୍କୁ କହୁଥିଲେ -"ମୁଁ ଖରାପ ପରିବା କିଣି ନ ଥିଲେ ବିଚାରା ବିକ୍ରେତା ଆଉ କାହାକୁ ବିକି ଥାନ୍ତା ?" ସୁଶୀଳା ଦେବୀ ରାମପୁରରେ ବାହା ହୋଇଥିଲେ ଏବଂ ଅତି ଅଳ୍ପ ବୟସରେ ବିଧବା ହୋଇଗଲେ । ସେ ଶାଶୁଘରୁ ଲୁଚି କରି କଟକକୁ ପଳାଇ ଆସିଥିଲେ । ମା' ରମାଦେବୀଙ୍କୁ ଭେଟିଲେ ଓ ଅସ୍ପୃଶ୍ୟତା-ନିବାରଣ, ମେହେନ୍ତର ସାହି ସଫାଇ ଆଦି କାମ କଲେ । ୧୯୩୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଜେଲ ଯାଇଥିଲେ । ଖଲାସ ହୋଇ ପୁଣି ପୂର୍ବ କାର୍ଯ୍ୟମାନ କଲେ । ଗାନ୍ଧୀଜୀଙ୍କର ଉତ୍କଳ ପଦଯାତ୍ରାରେ ସେ ସହଯାତ୍ରୀ ଥିଲେ । ୧୯୩୪ରୁ ନିଜ ଶାଶୁଘର ଗ୍ରାମରେ ରହି ନାନା ଗାନ୍ଧୀ କାମ କଲେ । ସେ ବଡ଼ ନିର୍ଭୀକ ଥିଲେ । ମୌଳିକ ଶିକ୍ଷା ପାଇଁ ସେ ପ୍ରଥମେ ଜମି ଦାନ କରିଥିଲେ ଏବଂ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇ ଦାନ କରାଇଥିଲେ । ପଦାର୍ଥ ବିନିମୟରେ କିପରି ଗରୀବ ଗ୍ରାମବାସୀ ଚଳିବେ, ସେଥିପାଇଁ ସେ ଏକ ଦୋକାନ ନିଜର ଆଶ୍ରମରେ ଚଳାଇଥିଲେ । ୧୯୪୨ରେ ସେ ଆନ୍ଦୋଳନରେ ଯୋଗ ଦେଇ ପ୍ରାୟ ୨ବର୍ଷ କଟକ ଜେଲରେ ଥିଲେ । ଜେଲରୁ ଖଲାସ ହେବାପରେ ସେ ପୂର୍ବ ପରି ଗାନ୍ଧୀଜୀଙ୍କର ରଚନାତ୍ମକ କାମରେ ମୃତ୍ୟୁ ପର୍ଯ୍ୟନ୍ତ ଲାଗି ରହିଥିଲେ । ବିଶେଷରେ ଖଦୀ ତାଙ୍କର ଅତି ପ୍ରିୟ କାର୍ଯ୍ୟ ଥିଲା । ସେ ନିଜେ ନିଜେ ସରଳ ଭଜନ ରଚନା କରି ଗାଉଥିଲେ । ଦୁଃଖର କଥା ଯେ ତା-୧୦-୫-୧୯୬୭ରୁ ତାଙ୍କର ପତ୍ତା କେହି ପାଇଲେ ନାହିଁ । ସାନ ଆଶ୍ରମବାସିନୀମାନେ ତାଙ୍କୁ "ବଡ଼ ଦିଦି" ବୋଲି ଡ଼ାକୁଥିଲେ ।

୬୩ । କିରଣଲେଖା ରାୟ-ଗ୍ରାମ- ରତନୀ, ପୋ-ବରୀ-କଟକ, ଜିଲ୍ଲା-ଯାଜପୁର । ମାତା-ତିଳୋତ୍ତମା, ପିତା-ବୈଦ୍ୟନାଥ ରାୟ, ସ୍ୱାମୀ- ଜୟକୃଷ୍ଣ ମହାନ୍ତି, ଭୁବନେଶ୍ୱର । ଜନ୍ମ ୧୯୨୭ ମସିହାରେ ।

ଏହାଙ୍କର ପିତାମାତା ପୂଜ୍ୟ ଗୋପବାବୁଙ୍କର କାର୍ଯ୍ୟକୁ ଖୁବ୍ ପସନ୍ଦ କରୁଥିଲେ ।

Digitized by PPRACHIN, SOA

ବୈଦ୍ୟନାଥ ରାୟ କଟକର ପ୍ୟାରିମୋହନ ଏକାଡ଼େମୀରେ ନବକୃଷ୍ଣ ଚୌଧୁରୀଙ୍କର ସହପାଠୀ ଥିଲେ । ତେଣୁ ପିତା ମାତା କିରଣଲେଖାକୁ ମା ରମାଦେବୀଙ୍କ ଆଶ୍ରମରେ ୧୦/୧୧ ବର୍ଷ ବେଳେ ରଖାଇଥିଲେ । ତେଲାଙ୍ଗ ଗାନ୍ଧୀ ସେବା ସଂଘର ଅଧିବେଶନରେ କିରଣଲେଖା ସ୍ୱେଚ୍ଛାସେବିକା ରୂପେ କାମ କରିଥିଲେ । ୧୯୪୨ର 'ଭାରତ ଛାଡ଼' ଆନ୍ଦୋଳନରେ ଗିରଫ ହୋଇ ସେ ଦେଢ଼ ବର୍ଷ କଟକ ଜେଲରେ ଥିଲେ । ପୁରୀ ଜିଲାର ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜୟକୃଷ୍ଣ ମହାନ୍ତିଙ୍କ ସହ ୧୯୪୬ରେ ଏହାଙ୍କର ବିବାହ ହେଲା । ୧୯୭୭ ମସିହାରେ ପିପିଲିରୁ ବିଧାୟିକା ଭାବରେ ମଧ ନିର୍ବାଚିତ ହୋଇଥିଲେ । ଉତ୍କଳ ନବଜୀବନ ମଣ୍ଡଳ ଓ ଅନ୍ୟାନ୍ୟ ସେବାସଂସ୍ଥା ସହ ଘନିଷ୍ଠ ଭାବରେ ସଂପୃକ୍ତ ଓ ସମାଜ ସେବା ଓ ସମାଜ-ପରିବର୍ତ୍ତନ କାର୍ଯ୍ୟରେ ସଦାସର୍ବଦା ଲାଗିଥିଲେ । ତାଙ୍କର ଦେହାନ୍ତ ୧୧ମେ ୧୯୯୭ ମସିହାରେ ହୋଇଥିଲା ।

୬୪ । ସୁପ୍ରଭାତ ଦେ- ଜନ୍ମସ୍ଥାନ-ଅନ୍ୟାସୀପୁର, ପୋ.ଅ.-କାଇପଡ଼ା, ଜିଲ୍ଲା-ଯାଜପୁର । ମାତା-ମୁକ୍ତାଦେବୀ, ପିତା-ହରିଶ୍ଚନ୍ଦ୍ର ଦେ । ଜନ୍ମ-୧୯୩୨ ମସିହାରେ ।

ଶୈଶବରୁ ଏହାଙ୍କର ମାତା ଓ ପିତା ସ୍ୱର୍ଗାରୋହଣ କରିଥିଲେ । ଅନ୍ୟାସୀପୁରର ବିଜୟଚନ୍ଦ୍ର ଦେ ଏହାଙ୍କର ତତ୍ତ୍ୱାବଧାନ କରୁଥିଲେ । ଏ ଅନ୍ୟାସୀପୁର ମୌଳିକ ବିଦ୍ୟାଳୟର ଛାତ୍ର ଥିଲେ । ଗହ୍ମାପୂର୍ଣ୍ଣିମା ୧୯୪୨ରେ କଳାମାଟିଆ ଠାରେ ଏହାଙ୍କର ବାମ ହାତରେ ପୋଲିସର ଗୁଳି ଭେଦ କରିଯାଇଥିଲା । ରାମଚନ୍ଦ୍ରପୁର ବେସରକାରୀ ମୌଳିକ ବିଦ୍ୟାଳୟରେ ଏ ଶିକ୍ଷା ଶେଷ କରି ସେବାଗ୍ରାମରେ 'ଉତ୍ତମ ମୌଳିକ' (higher secondary) ଶିକ୍ଷା ଶେଷ କରିଥିଲେ । ମାନ୍ଦ୍ରାସରେ କୁଷ୍ଠରୋଗ-ଚିକିତ୍ସାର ଟ୍ରେନିଂ ପାଇ ଏ କୋରାପୁଟ ଜିଲାରେ କୁଷ୍ଠରୋଗ ଓ ଯକ୍ଷ୍ମା ରୋଗର ନିରାକରଣ କାର୍ଯ୍ୟ ସର୍ବସେବା ସଂଘ ପକ୍ଷରୁ ୧୯୫୭ରୁ ୨ବର୍ଷ କରିଥିଲେ ।

ଏ ଦୁଃସାହାସିକ କାର୍ଯ୍ୟ (adventure) କରି ଯୁକ୍ତରାଷ୍ଟ୍ର ଓ କାନାଡ଼ାକୁ ଗଲେ । ମା ରମାଦେବୀ ସେଠାକୁ ଯିବାର ସୁବିଧା କରିଦେଇଥିଲେ । ସେଠାରେ ନିଜର ଅଭିକ୍ରମ ଓ ନିଷ୍ଠାରେ ଗୋଟିଏ ବଡ଼ ଛାପାଖାନାରେ କର୍ମଚାରୀ ଅଛନ୍ତି । ୧୯୮୫ର ଫେବୃଆରୀ ତା ୧୩ରୁ ୧୫ ପର୍ଯ୍ୟନ୍ତ ସେ ବରୀ ଅଞ୍ଚଳରେ ଓ ନିଜର କୁଟୀରରେ ଥିଲେ । ପ୍ରାୟ ୨୫ ବର୍ଷ ପରେ ସ୍ୱଦେଶକୁ ଫେରିଲେ ହେଁ, ସେ ଗାନ୍ଧୀ ବିଚାର ଓ ଆଚାରକୁ କିଛି ଧରି ରଖିଛନ୍ତି । ସେ କୁଚିତ୍

Digitized by PPRACHIN, SOA

ଆମିଷ ଖାଦ୍ୟ ଖାଆନ୍ତି; ଚା, ସିଗାରେଟ୍ ଖାନ୍ତି ନାହିଁ । ବରୀ ଅଞ୍ଚଳର ଖବର ରଖିଥାନ୍ତି । ତାଙ୍କର ପତ୍ନୀ ଜୋସେଫିନା, କନ୍ୟା ଶର୍ମିଳା । ମାର୍ଚ୍ଚ, ୧୯୮୫ରେ ଠିକଣା-207, Dew Hurst, BLVD, N-4J3K2, Tornto, Ontario, Canada.

୬୫ । ଅନାଦି ନାୟକ- ଜନ୍ମ ସ୍ଥାନ-ମଲିଆଘାଇ, ଗ୍ରାମ-ପୋ.ଅ.-ବରୀ, କଟକ, ଜିଲ୍ଲା- ଯାଜପୁର । ମାତା- ପାର୍ବତୀ ପାଳକ, ପିତା- ବନମାଳୀ ନାୟକ, ଜନକ ଉପେନ୍ଦ୍ର ନାୟକ, ଜନ୍ମ-ତା ୧୦-୩-୧୯୪୦ ମସିହା ।

ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟ (ରାଷ୍ଟ୍ରୀୟ ବୁନିୟାଦୀ ଶାଳା)ରେ ୮ମ ସୋପାନରେ ପଢୁଥିଲେ । ହଠାତ୍ ପଢ଼ା ଛାଡ଼ି ଆଚାର୍ଯ୍ୟ ମହାଶୟଙ୍କ ସହ ଅଖଣ୍ଡ ପଦଯାତ୍ରାରେ ଯୋଗ ଦେଲେ । କଟକର ଗୁଣନିଧି ଭବନରେ ରହି ନିଜେ ନିଜେ ପଢ଼ି ଇଂରାଜୀ ଓ ଅନ୍ୟାନ୍ୟ ବିଷୟରେ ଜ୍ଞାନ ବଢ଼ାଇଲେ । ଯୁକ୍ତରାଷ୍ଟ୍ର ଆମେରିକା ୧୯୬୫ରୁ ସେପ୍ଟମ୍ବର,୬୭ ପର୍ଯ୍ୟନ୍ତ ରହି କ୍ୱେକର (Quaker) ଆନ୍ଦୋଳନ ସମ୍ବନ୍ଧରେ ଅଧ୍ୟୟନ କଲେ । ପ'ଲା ନାମ୍ନୀ ଜଣେ ଇହୁଦୀ ଯୁବତୀଙ୍କ ସହ ତାଙ୍କର କଟକରେ ବିବାହ ହୋଇଥିଲା । ବରୀ ଅଞ୍ଚଳରେ ସେ କିଛି ଗ୍ରାମ ଉନ୍ନୟନ କାର୍ଯ୍ୟ ଆରମ୍ଭ କରିଥିଲେ । ତା ୨-୬-୧୯୭୫ରେ ଜରୁରୀ ପରିସ୍ଥିତି ବେଳେ ଗିରଫ ହୋଇ ବିନା ବିଚାରରେ ଜେଲରେ ରହିଲେ । ପ୍ୟାରୋଲରେ ଆସି ସେ ଯୁକ୍ତରାଷ୍ଟ୍ର ଆମେରିକାକୁ କୌଶଳରେ ୧୯୭୬ରେ ଚାଲିଗଲେ । ସେଠାରେ ସେ ସର୍ବୋଦୟ ଆନ୍ଦୋଳନ, ଯୁଦ୍ଧ ବିରୋଧରେ ଅନ୍ତଃରାଷ୍ଟ୍ରୀୟ ଆନ୍ଦୋଳନ ଆଦିରେ ଅନେକ କାର୍ଯ୍ୟ କଲେ । ସେ ପୂର୍ବେ ଓଡ଼ିଆରେ "ସର୍ବୋଦୟ" ପତ୍ରିକାର ସଂପାଦକ ମଧ ଥିଲେ । ପଣ୍ଡିତ କୃପାସିନ୍ଧୁ ହୋତାଙ୍କର ଈଶ୍ୱରଲାଲ ବ୍ୟାସଜୀଙ୍କର, ଆଚାର୍ଯ୍ୟ ମହାଶୟଙ୍କର ଜୀବନୀ ସେ ଓଡ଼ିଆରେ ପ୍ରଣୟନ ଓ ପ୍ରକାଶିତ କରିଛନ୍ତି । ଏବେ ସେ ଆମେରିକାରେ ରହୁଛନ୍ତି । ପ୍ରତ୍ୟେକ ବର୍ଷ ପ୍ରାୟେ ଭାରତକୁ ଆସନ୍ତି ।

୬୬ । ଆଚାର୍ଯ୍ୟ ହରିହର ଦାଶ- ଜନ୍ମ-ଶ୍ରୀରାମପୁର-ଶାସନ ପୁରୀ ଜିଲ୍ଲାରେ । ମାତା-ଶ୍ରଦ୍ଧା ଦେବୀ, ପିତା-ମହାଦେବ ବ୍ରହ୍ମା । ଜନ୍ମ ତାରିଖ ୧୨-୨-୧୮୭୮ ମସିହା । 'ଆଚାର୍ଯ୍ୟ ମହାଶୟ' ନାମରେ ବେଶୀ ପରିଚିତ । ସେ ୫ ବର୍ଷ ବୟସରେ ମାତୃହୀନ ହେଲେ । ହରିହର ହାଇସ୍କୁଲର ଛାତ୍ର ଥିବା ବେଳେ ନନା ତାଙ୍କୁ ବିବାହ କରିଦେଲେ । ସେହି ସ୍ତ୍ରୀ ବାଳିକା ଅବସ୍ଥାରେ ମରିଗଲେ । ହରିହର ଏହାଙ୍କର ସାନ ଭଉଣୀକୁ ବାହା ହେଲେ । ଏ ସ୍ତ୍ରୀ ନିଃସନ୍ତାନ ଥିଲେ । ହରିହର ଏଫ୍.ଏ. ପଢ଼ିବା ବେଳେ ସେ ମରିଗଲେ । ଆଚାର୍ଯ୍ୟ

Digitized by PPRACHIN, SOA

ମହାଶୟ ୧୯୦୧ରେ ଏଣ୍ଟ୍ରାନ୍ସ ପାସ କରି ବୃତ୍ତି ପାଇ ରେଭେନ୍ସା କଲେଜରେ ଏଫ୍.ଏ ପାସ୍ କରି କଲିକତାରେ ବି.ଏଲ୍ (ଆଇନ୍) ପାସ କଲେ । ସେ ପୁରୀ ଜିଲ୍ଲା ସ୍କୁଲରେ, ନୀଳଗିରି ହାଇସ୍କୁଲରେ, କଟକର ପ୍ୟାରିମୋହନ ଏକାଡ଼େମୀରେ ଶିକ୍ଷକତା କରିଥିଲେ । ୧୯୧୨ରେ ସତ୍ୟବାଦୀରେ ହାଇସ୍କୁଲ ହେଲା ଏବଂ ଉତ୍କଳମଣିଙ୍କ ଡାକରାରେ ଯାଇ ସେଠାରେ ୧୨ ବର୍ଷ ଶିକ୍ଷକତା କଲେ । ସେହି ସମୟରେ 'ଆଚାର୍ଯ୍ୟ' ନାମ ହେଲା । ସର୍ବତ୍ର ଆଦର୍ଶ ଶିକ୍ଷକ ଥିଲେ । ଗଣିତ, ସାହିତ୍ୟ ଆଦିରେ ବିଶେଷ ବ୍ୟୁତ୍ପତ୍ତି ଥିଲା । "Child First Easy Grammar" ତାଙ୍କ ପ୍ରଣୀତ ବହିଟି ଅତି ଛାତ୍ର ପ୍ରିୟ । ଗୋପବନ୍ଧୁ ୧୯୨୨ରେ ସତ୍ୟବାଦୀରୁ 'ସମାଜ' ଖବର କାଗଜ ପ୍ରକାଶ କଲେ । ସେ ଜେଲ ଯିବାରୁ ତା ୧୦-୬-୨୨ରେ ଆଚାର୍ଯ୍ୟ ମହାଶୟ ସମ୍ପାଦକର ଦାୟିତ୍ୱ ତୁଲାଇଲେ । ପୁରୀର 'ବିଧବାଶ୍ରମ'ର ପରିଚାଳକ ୧୯୨୪ରୁ ହୋଇ, ସେ ପୁରୀରେ ରହିଲେ । ୧୯୨୧ରେ ଗୋପବନ୍ଧୁ ଚୌଧୁରୀ ଚାକିରି ଛାଡ଼ି ଉତ୍କଳମଣିଙ୍କୁ ଭେଟିଲେ । ସେହି ସମୟଠାରୁ ଆଚାର୍ଯ୍ୟ ମହାଶୟଙ୍କ ସହ ଘନିଷ୍ଠତା ଆରମ୍ଭ ଏବଂ ଗୋପବାବୁଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅଚ୍ଛେଦ୍ୟ ସମ୍ପର୍କ ଥିଲା । ୧୯୩୦ରେ, ୧୯୩୨ରେ, ୧୯୩୭ରେ, ୧୯୪୦ରେ ଓ ୧୯୪୨ରେ ସ୍ୱାଧୀନତା ସଂଗ୍ରାମରେ ସେ ଜେଲ ଯାଇଥିଲେ । ୧୯୩୪ରେ ଗାନ୍ଧୀଙ୍କ ସହ ହରିଜନ ପଦଯାତ୍ରାରେ ଶେଷାଂଶରେ, ୧୯୩୮ରେ ଡ଼େଲାଙ୍ଗ ଗାନ୍ଧୀ ସେବାସଂଘର ସମ୍ମିଳନୀରେ, ୧୯୫୦ରେ ଅନୁଗୁଳରେ, ୧୯୫୫ରେ ସର୍ବୋଦୟ ସମ୍ମିଳନୀରେ ବହୁତ କାମ କରିଥିଲେ । ସରକାର ମୌଳିକ ଶିକ୍ଷାର ପ୍ରୟୋଗକୁ ବନ୍ଦ କରିଦେବାରୁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ତା ୯-୪-୧୯୪୧ରେ ଗଢ଼ାଗଲା । ଆଚାର୍ଯ୍ୟ ମହାଶୟ ତାହାର ସଭାପତି ହେଲେ ଏବଂ ବରୀ ଅଞ୍ଚଳରେ ବେସରକାରୀ ପ୍ରୟୋଗ ଚାଲିଲା । ବୟସ ଅଶୀ ଟପିବା ସମୟରେ ତା ୧୫-୮-୧୯୫୮ରୁ ସେ ଓଡ଼ିଶାରେ ପ୍ରାୟ ୨ ବର୍ଷ ଅଖଣ୍ଡ ସର୍ବୋଦୟ ପଦଯାତ୍ରା କଲେ । ତାଙ୍କର ସମସ୍ତଙ୍କୁ ନିବେଦନ 'ଭଲ ମଣିଷ ହୁଅ' । ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଅନରାରୀ ପିଏଚ୍.ଡ଼ି ଡ଼ିଗ୍ରୀ ଯାଚିଲେ । ସେ ତାହା ଗ୍ରହଣ କଲେ ନାହିଁ । କ୍ରୋଧ ତାଙ୍କଠାରେ ନ ଥିଲା । ସେ ଅଜାତଶତ୍ରୁ ଥିଲେ । ସେବାଗ୍ରାମଠରେ ୧୯୬୦ରେ ସେ ଅ.ଭା. ସର୍ବୋଦୟ ସମ୍ମିଳନୀର ସଭାପତି ହୋଇଥିଲେ । ତାଙ୍କର ଦୁଇ ଆଖିର ଦୃଷ୍ଟି ଶକ୍ତି ୧୯୪୦ ବେଳକୁ ଅଧା ହରାଇଥିଲେ । କ୍ରମେ ପ୍ରାୟ ଅନ୍ଧ ଅବସ୍ଥାକୁ ଆସିଗଲେ । ୧୯୬୧ରେ ପାଟଣା ମେଡ଼ିକାଲ କଲେଜର ମୁଖ୍ୟ ଆଖି ଡ଼ାକ୍ତର ଦୁଃଖନ୍ ରାମ ଆଖି ଅପରେସନ୍ କରିଦେଲେ ମାତ୍ର ଫଳ କିଛି ହେଲା ନାହିଁ । ତା ୧୧-୧୧-୬୧ରେ ଆଚାର୍ଯ୍ୟ ମହାଶୟ ଏଲ୍ହାବାଦ୍ ବିଶ୍ୱବିଦ୍ୟାଳୟର ଛାତ୍ର ସଂଘର ବାର୍ଷିକ ଅଧିବେଶନରେ ମୁଖ୍ୟ ବକ୍ତା

Digitized by PPRACHIN, SOA

ଭାବରେ ଭାଷଣ ଦେଉଥିଲେ । ୧୯୬୮ରୁ ସେ କଟକର ଗୁଣନିଧିଭବନ (ଆଶ୍ରମ)ରେ ପୂର୍ଣ୍ଣରୂପେ ବିଶ୍ରାମ କଲେ । ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି (ଘର ଗରାପୁର, କେନ୍ଦ୍ରାପଡ଼ାରେ ୧୯୩୦ରୁ ସ୍ୱାଧୀନତା ସଂଗ୍ରାମୀ) ୧୯୫୯ରୁ ତାଙ୍କର ସତତ ସେବାରେ ଲଗିଥିଲେ । ତା୨୧-୨-୧୯୭୧ର ସକାଳେ ଆଚାର୍ଯ୍ୟ ମହାଶୟଙ୍କର ମହାପ୍ରୟାଣ ସେହି ଆଶ୍ରମରେ ହେଲା ।

୬୭ । ପଣ୍ଡିତ କୃପାସିନ୍ଧୁ ହୋତା, - ଜନ୍ମ ସ୍ଥାନ-ବିଶ୍ୱନାଥପୁର ଶାସନ(ନୂଆଗାଁ), ଜିଲ୍ଲା- ପୁରୀ, ମାତା-ଫକିରୀ ଦେବୀ, ପିତା-କବିରାଜ ମଧୁସୂଦନ ହୋତା । ଜନ୍ମ-କୁମାର ପୂର୍ଣ୍ଣିମା, ୧୮୮୪ ମସିହାରେ ।

ତାଙ୍କର ୩ ଭଉଣୀ ଓ ୩ ଭାଇ ଥିଲେ । ମି.ଇ. ପାସ୍ କରି କଟକର ନର୍ମାଲ (ଟ୍ରେନିଂ) ସ୍କୁଲରେ ପଢୁଥିବା ବେଳେ କୃପାସିନ୍ଧୁ ହୋତା ମାତୃହୀନ ହେଲେ । ବଉଦ ଗଡ଼ଜାତରେ ସେ କିଛିକାଳ ଇନସ୍‌ପେକ୍ଟିଙ୍ଗ୍ ପଣ୍ଡିତ ଥିଲେ । ପରେ ନିଜ ଗ୍ରାମର ମି.ଇ. ବିଦ୍ୟାଳୟରେ ମାସିକ ୮ଟଙ୍କା ଦରମାରେ ଶିକ୍ଷକ ହେଲେ । ଅନେକ ଉନ୍ନତିମୂଳକ କାମ ଗାଁରେ କଲେ ଓ କରାଇଲେ । ସେତେବେଳେ ସେ ବିବାହ କଲେ । ପତ୍ନୀଙ୍କ ନାମ ସାବିତ୍ରୀ ।

ଭକ୍ତ କବି ମଧୁସୂଦନ ରାଓ ଓଡ଼ିଶାର ଇନ୍‌ସପେକ୍ଟର ଅଫ୍ ସ୍କୁଲସ୍ ଥିଲେ । ସେ ୧୯୦୭ରେ ପଣ୍ଡିତ ମହାଶୟଙ୍କୁ ଖୋର୍ଦ୍ଧା ହାଇସ୍କୁଲରେ ଦ୍ୱିତୀୟ ପଣ୍ଡିତ ଭାବରେ ନିଯୁକ୍ତ କରିଦେଲେ । ୧୨ ବର୍ଷ ଶିକ୍ଷକତା କଲେ । ସେଠାରେ ସେ ଜାତିଭେଦ, ଅସ୍ପୃଶ୍ୟତା, ଧର୍ମଭେଦ ବିରୋଧରେ ଖାଲି କହୁ ନ ଥିଲେ, ଉପରନ୍ତୁ ନିଜେ କାର୍ଯ୍ୟରେ ଦେଖାଉଥିଲେ । ୧୯୧୭ରେ ଉତ୍କଳମଣିଙ୍କଠାରୁ ଡାକରା ପାଇ ସେ ସତ୍ୟବାଦୀ ବନବିଦ୍ୟାଳୟକୁ ଗଲେ । ମାତ୍ର ୨୯ ଦିନ ପାଠ ପଢ଼ାଇଥିଲେ । ସେ ସୂତାକଟା, ସ୍ୱଦେଶ ପ୍ରୀତି, ଗାନ୍ଧୀ ବିଚାର, ସମବାୟ, ନାରୀଶିକ୍ଷା, କୁସଂସ୍କାର ଲୋପ ଆଦି ଗାଁ ମାନଙ୍କରେ ପ୍ରଚାର କଲେ । ସାରଙ୍ଗଯୋଡ଼ି ଗ୍ରାମରେ ଆଶ୍ରମ କଲେ । ତାଙ୍କର ସାନଭାଇଙ୍କର ବାଳବିଧବା ସ୍ତ୍ରୀ ସୁନାମଣି ଦେବୀ, ସ୍ତ୍ରୀ ସାବିତ୍ରୀ ଓ ଝିଅ ବୀଣା ନୂଆଗାଁରେ ରହୁଥିଲେ । ସାବିତ୍ରୀଙ୍କର ମୃତ୍ୟୁ ୧୯୨୭ରେ ହେଲା । ୧୯୩୦ର ଲବଣ ସତ୍ୟାଗ୍ରହରେ ହୋତା ମହାଶୟ ୨ ବର୍ଷ ୧୧ ମାସ ଜେଲରେ ରହିଲେ । ୧୯୪୨ରେ ଜେଲକୁ ମିଶାଇ, ସେ ସାତ ଥର ଜେଲ ଯାଇଥିଲେ । ସେ ସୁନାମଣି ଦେବୀଙ୍କୁ ଗାନ୍ଧୀଜୀଙ୍କର ସାବରମତୀ ଆଶ୍ରମକୁ ପଠାଇ ଟ୍ରେନିଂ ପ୍ରାପ୍ତ କରାଇଥିଲେ । ସେ ମଧ ଗାନ୍ଧୀଜୀଙ୍କର ରଚନାତ୍ମକ କାମରେ, ସ୍ୱାଧୀନତା ସଂଗ୍ରାମରେ ଓ ମହିଳା ଟ୍ରେନିଂ କାର୍ଯ୍ୟରେ ବହୁ ବର୍ଷ ଲାଗିଥିଲେ । ୧୯୩୮ରେ ଡ଼େଲାଙ୍ଗରେ ଗାନ୍ଧୀସେବା ସଂଘର ସମ୍ମିଳନୀ ହେବା ପୂର୍ବରୁ ପ୍ରାରମ୍ଭିକ ଆୟୋଜନରେ ଏ ଦୁହେଁ ଆଚାର୍ଯ୍ୟ ମହାଶୟ ଆଦିଙ୍କ ସହ ଲାଗିଥିଲେ । ଏମାନେ ସେହି ବେହାବୋଇରେ ଆଶ୍ରମ କରି ଆତ ୯

Digitized by PPRACHIN, SOA

ବର୍ଷଠୁ ରହିଥିଲେ । ୧୯୪୯ରୁ ହୋତା ମହାଶୟ କହୁଥିଲେ-ବ୍ୟକ୍ତିଗତ ସମ୍ପତ୍ତି (ମାଲିକାନା) ନ ରହୁ । ପୁରୀରେ 'ସେବା ସମାଜ' ନାମକ ଆଶ୍ରମରେ ଏ ଦୁହେଁ ରହି ଝିଅମାନଙ୍କୁ ଗାନ୍ଧୀନୀତିରେ ଟ୍ରେନିଂ ଦେଇଥିଲେ । ସେ ସଂସ୍ଥାମୁକ୍ତ ଓ ନିଧିମୁକ୍ତ ଅନାଶ୍ରିତ ଥିଲେ । ସେ ପଇତା ଛାଡ଼ିଥିଲେ । ହୋତା ମହାଶୟ କହୁଥିଲେ- "କୋଡ଼ି କାଙ୍କର ବିଶ୍ୱବିଦ୍ୟାଳୟ ଦରକାର ।" ଖାଲି ତୁଛା ପାଠପଢ଼ା ଛାତ୍ରଛାତ୍ରୀଙ୍କୁ ଅଧୋଗାମୀ କରୁଅଛି ।୧୯୬୦ରେ ସେ ଝାରସୁଗୁଡ଼ାରୁ ୪୦୦ ମାଇଲ ବାଟ ଅନ୍ୟ ୪/୬ ଜଣଙ୍କ ସହ ଚାଲି, ସେବାଗ୍ରାମରେ ଅ.ଭ. ସର୍ବୋଦୟ ସମ୍ମିଳନୀ ରେ ଯୋଗ ଦେଇଥିଲେ ।

ସେ କହୁଥିଲେ- ଧର୍ମ ଗୋଟିଏ, ମଣିଷ ଧର୍ମ, ସବୁ ମଣିଷଙ୍କର ଗୋଟିଏ ଶ୍ରେଷ୍ଠତ୍ୱ; ତାହା ହେଉଛି ମଣିଷ ପଣିଆ । ସେଥିପାଇଁ ଗାନ୍ଧୀ ବଡ଼ । ଗାନ୍ଧୀ ମହାତ୍ମା ନୁହନ୍ତି । ସେ ପ୍ରକୃତ ମନୁଷ୍ୟ । ସେ କହୁଥିଲେ- "ଆମ ଦେଶର ଅସଲ ସମସ୍ୟା ଦାରିଦ୍ର୍ୟ ନୁହେଁ, ମାତ୍ର ବଡ଼ଲୋକି ।" ୧୯୭୫ରେ ଜୟପ୍ରକାଶ ନାରାୟଣ, ମନମୋହନ ଚୌଧୁରୀ ଆଦି 'ମିଶା' ଆଇନ୍‌ରେ ଜେଲ୍‌କୁ ଗଲେ । ପୋଲିସ ହୋତା ମହାଶୟଙ୍କୁ ଗିରଫ କଲେ ନାହିଁ । ସେଥିପାଇଁ ସେ ଅବଶୋଷ କଲେ । ତା ୧୮-୭-୭୫ରେ ଗୁଣନିଧି ଭବନରେ ତାଙ୍କର ଜଙ୍ଘ-ହାଡ଼ ହଠାତ୍ ଭାଙ୍ଗି ଗଲା ଓ ସେ ପଡ଼ିଗଲେ । ହସ୍ପିଟାଲରେ ଚିକିତ୍ସିତ ହେଲେ । ଅନ୍ନଜଳ ଗ୍ରହଣ କଲେ ନାହିଁ । ତା ୨୬-୭-୭୫ରେ ପ୍ରାଣତ୍ୟାଗ କଲେ । ତାଙ୍କର ପୂର୍ବରୁ ବ୍ୟକ୍ତ କାମନା ଅନୁସାରେ ହରିଜନ ଶ୍ରୀ ମୋହନ ନାୟକ ତାଙ୍କୁ ମୁଖାଗ୍ନି ଦେଇଥିଲେ । ସତ୍ୟବାଦୀଠାରେ ତାଙ୍କର ଶବସଂସ୍କାର ହୋଇଥିଲା ।

୬୮ । **ଗୁଣନିଧି ମହାନ୍ତି-** ଜନ୍ମସ୍ଥାନ-ଦେଉଳି ଗ୍ରାମ, କଟକ ସଦରରେ । ମାତା-ସୁମିତ୍ରା, ପିତା-ରଘୁନାଥ, ଜନ୍ମ-୧୮୯୧ମସିହାରେ । ୧୯୨୧ରେ ସରକାରୀ ଓଭରସିୟର୍ ଚାକିରି ଛାଡ଼ି ସେ ବମ୍ବେରେ ଇଞ୍ଜିନିୟର ଭୁବନାନନ୍ଦ ଦାସ, B.Sc.(Glassgo) ଙ୍କ ଠାରେ ରହି ସାହାଯ୍ୟ କରୁଥିଲେ । ୧୯୨୭ରେ ବ୍ରାହ୍ମଣୀ-ବୈତରଣୀର ପ୍ରବଳ ବନ୍ୟା ପରେ, ମହାତ୍ମା ଗାନ୍ଧୀଙ୍କର ଅନୁରୋଧରେ ପ୍ରସିଦ୍ଧ ଇଞ୍ଜିନିୟର୍ ସାର୍ ବିଶ୍ୱେଶରାୟା ଓଡ଼ିଶାକୁ ତଦନ୍ତ କରିବାକୁ ଆସିଥିଲେ । ଗୁଣନିଧି ବାବୁ ତାଙ୍କ ଆଗରେ ବନ୍ୟା ସମ୍ବନ୍ଧରେ ସାକ୍ଷ୍ୟ ଦେଇଥିଲେ । ୧୯୩୦,୧୯୩୨ ଓ ୧୯୪୨ରେ ସ୍ୱାଧୀନତା ଆନ୍ଦୋଳନରେ ଗୁଣନିଧି ବାବୁ ଜେଲ ଯାଇଥିଲେ । ରାମଚନ୍ଦ୍ରପୁରରେ ମୌଳିକ ଶିକ୍ଷାନୁଷ୍ଠାନର ଓ କସ୍ତୁରବା ନିଧିର ଘରଦ୍ୱାର ତିଆରିରେ ସେ ଉପଦେଷ୍ଟା ଓ ତତ୍ତ୍ୱାବଧାରକ ଥିଲେ । ସ୍ୱ ଲକ୍ଷ୍ମୀନାରାୟଣ ସାହୁଙ୍କ ସହଯୋଗରେ କଳକଳାରେ କୁଷ୍ଠ ରୋଗୀଙ୍କର ଆଶ୍ରମ [illegible] ଚଳାଇଥିଲେ ।

Digitized by PPRACHIN, SOA

ବେସରକାରୀ ଉତ୍କଳ ଖଦୀ ମଣ୍ଡଳ, ସ୍ୱାବଲମ୍ବୀ ଖଦୀ, ଆଦି କାର୍ଯ୍ୟରେ ବହୁତ ସମୟ ଦେଇଥିଲେ । ଗାନ୍ଧୀଜୀଙ୍କର ଗ୍ରାମୋଦ୍ୟୋଗ, ବିଶେଷରେ ଚମଡ଼ା କାମ, ଖଜୁରୀ ଗୁଡ଼ ତିଆରିରେ ସେ ଉତ୍ସାହ ଦେଉଥିଲେ । ୧୯୫୨ରୁ ୧୯୫୯ ପର୍ଯ୍ୟନ୍ତ ସେ ଭୂଦାନ, ଗ୍ରାମଦାନ, ଭୂମି-ବିତରଣରେ ପ୍ରାୟ ସବୁସମୟ ଦେଇଥିଲେ । କେଉଁଝର ଜିଲାରେ ୧୯୫୭ରୁ ୧ବର୍ଷ ୬ମାସ ରହି ସେ ଶ୍ରୀମତୀ ରମା ଦେବୀଙ୍କୁ ଏହି ଆନ୍ଦୋଳନରେ "ନିଧିମୁକ୍ତି" ପର୍ଯ୍ୟାୟରେ ସାହାଯ୍ୟ କରିଥିଲେ । ସେ ଆଚାର୍ଯ୍ୟ ମହାଶୟଙ୍କର ଅଖଣ୍ଡ ପଦଯାତ୍ରାରେ ମଧ୍ୟେ ମଧ୍ୟେ ଯୋଗ ଦେଉଥିଲେ । ଆଲୋଚନା ସଭାମାନଙ୍କରେ ସେ ସାଧାରଣ କର୍ମୀ ଓ ଶ୍ରୋତାଙ୍କ ସହ ପଛ ଧାଡ଼ିରେ ବସୁଥିଲେ । ସେ ଅତି ସ୍ନେହୀ, ସରଳ, ନିରଭିମାନ ଥିଲେ । ସେ ବିପତ୍ନୀକ, ନିଃସନ୍ତାନ ଥିଲେ । ସହକର୍ମୀମାନଙ୍କୁ ସେ ସହଜରେ ନିଜର କରିପାରୁଥିଲେ । ତା୧୭-୧୨-୧୯୬୧ରେ ଥୋଡ଼ିଆସାହିର ଆଶ୍ରମରେ ତାଙ୍କର ଦେହାନ୍ତ ହେଲା । ସେ ରାଜନୀତିର କ୍ଷମତାରେ ପଶି ନ ଥିଲେ । ଆଚାର୍ଯ୍ୟ ମହାଶୟ, ରମାଦେବୀ, ଗୋପବାବୁ, ଆଦିଙ୍କର ଘନିଷ୍ଠ ସହଯୋଗୀ ଥିଲେ । ସେ ଗୋପବାବୁଙ୍କୁ "ଶ୍ରୀ-ଜୀ" ନାମରେ ଡାକୁଥିଲେ । ତାଙ୍କର ପୈତୃକ ଜମିକୁ ସେ ଦାନ କରିଯାଇଥିଲେ । ତାହାରି ଉପରେ ଥିବା ଥୋଡ଼ିଆସାହି ଆଶ୍ରମକୁ, ତାଙ୍କ ମୃତ୍ୟୁ ପରେ ରମାଦେବୀ ଆଦି "ଗୁଣନିଧି-ଭବନ" ନାମ ଦେଲେ ।

୬୯ । ଈଶ୍ୱରଲାଲ ବ୍ୟାସ- ଜନ୍ମ-ଗୁଜରାତର ଭୋଜୱା ଗ୍ରାମରେ, କାର୍ତ୍ତିକ ଶୁକ୍ଳ ୩ୟା, ୧୮୯୮ ମସିହାରେ । ମାତା-ଦିବାଳି, ପିତା-ଗଣପତି । ଈଶ୍ୱରଲାଲ ବ୍ୟାସଙ୍କର ୬ବର୍ଷ ବୟସରେ ମାତା ଓ ୧୪ ବର୍ଷ ବୟସରେ ପିତା ମରିଯାଇଥିଲେ । ସେ ରେଙ୍ଗୁନ (ବର୍ମା)ରେ ଜଣେ ବ୍ୟବସାୟୀଠାରେ ହିସାବ ଲେଖକ ଥିଲେ । ଗ୍ରାମକୁ ଆସି ମ୍ୟୁନିସିପାଲିଟିର ଟିକସ ଅସୁଲକାରୀ କାମ କଲେ । ମି.ଇ. ପାସ କରି ଶିକ୍ଷକ ହେଲେ । ସେ ୩୦ ବର୍ଷ ବୟସରେ ବିବାହ କଲେ । ନବଜାତ ଶିଶୁ ଓ ତାହାପରେ ସ୍ତ୍ରୀ ମରିଗଲେ । କଲିକତାରେ ସେ ଥିବାବେଳେ ଲବଣ ସତ୍ୟାଗ୍ରହର ଉତ୍ତେଜନା ଅନୁଭବ କରିଥିଲେ । ଜୀବରାମ କଲ୍ୟାଣୀଙ୍କର ମ୍ୟାନେଜରଙ୍କଠାରୁ ଚିଠି ନେଇ, ବ୍ୟାସଜୀ ଭଦ୍ରକକୁ ତା ୫-୧-୧୯୩୧ରେ ଆସିଲେ । ସେ ୭ ଦିନ ପାଇଁ ଓଡ଼ିଶାକୁ ଆସିଥିଲେ । ମାତ୍ର ୩୧ ବର୍ଷ ରହି ନାନା ସେବା କରିଗଲେ । ଜୀବରାମଜୀ ତାଙ୍କୁ ଫେବୃଆରୀ, ୧୯୩୧ରେ ଗାନ୍ଧୀଜୀଙ୍କ ସହ ଭେଟ କରାଇଥିଲେ । ଗାନ୍ଧୀଜୀ ଗୁଜୁରାତିରେ କହିଥିଲେ- "ଯାକୁ ରଖ, ଏ କାମ କରିବ ।" ବ୍ୟାସଜୀ ସାବରମତୀ ଆଶ୍ରମରେ ଖଦୀ ଟ୍ରେନିଂ ନେଇଥିଲେ । ୧୯୩୨ରେ ଭଦ୍ରକର ଗରଦପୁରରେ ଗାନ୍ଧୀ ବାଳାଶ୍ରମ (ଓଡ଼ିଶା) ଆରମ୍ଭ ହେଲା । ବ୍ୟାସଜୀ ସେଠାର କାମ ତୁଲାଇଲେ । ୧୯୩୩ରେ ବନ୍ୟା ପରେ ଆଳିରେ

Digitized by PPRACHIN, SOA

ବ୍ୟାସଜୀ ରହି ଖଦୀ କାର୍ଯ୍ୟ କଲେ । ବଂଶୀଧର ନାୟକ ତାଙ୍କର ସହକର୍ମୀ ଥିଲେ । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରାରେ ଈଶ୍ୱରଲାଲ ରୋଷାଇ, ସମୟ ସଂକେତ ଦେବା, ଆଦି ବଡ଼ ସୁରଖୁରରେ ତୁଲାଇଲେ । ସେ ଗାନ୍ଧୀ ସେବା ସଂଘର ସଭ୍ୟ ଥିଲେ । ଉତ୍କଳ ଖଦୀ ମଣ୍ଡଳ ପାଇଁ ୧୯୫୦ରେ ଅନୁଗୁଳରେ ଅ.ଭା. ସର୍ବୋଦୟ ସମ୍ମିଳନୀ ପାଇଁ, ୧୯୫୧ରେ ରାୟଗଡ଼ା ସବ୍‌ଡ଼ିଭିଜନ୍‌ରେ ଦୁର୍ଭିକ୍ଷ ରିଲିଫ ପାଇଁ ସେ ଚାନ୍ଦା ସଂଗ୍ରହ କରିଥିଲେ ଏବଂ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । ୧୯୪୨ର ଆନ୍ଦୋଳନରେ ସେ ଜେଲ ଯିବାରୁ ବଞ୍ଚିତ ହୋଇଥିଲେ । ସେହି ବର୍ଷ ସେପ୍ଟେମ୍ବରରେ ଉତ୍ତର ବାଲେଶ୍ୱରରେ ପ୍ରଳୟଙ୍କାରୀ ବର୍ଷା ଓ ବାତ୍ୟା ପରେ ସେ ଅମୃତଲାଲ ଠକ୍‌କର ବାପାଙ୍କର ନିର୍ଦ୍ଦେଶରେ ରିଲିଫ ଓ ଥଇଥାନ କାର୍ଯ୍ୟ ଦକ୍ଷତା ସହକାରେ ସଂପାଦନ କରିଥିଲେ । ୧୯୪୩ରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସେ କଟାଳୀମାନଙ୍କଠାରୁ କେବଳ ଉତ୍ତର ବାଲେଶ୍ୱରରୁ -ଏକ କୋଟି ଗଜ ହାତକଟା ସୂତାର ଭେଟି ସଂଗ୍ରହ କରିଥିଲେ । ଭୂଦାନ ଯଜ୍ଞରେ ଓ ୧୯୫୫ରେ ବିନୋବାଜିଙ୍କର ପଦଯାତ୍ରାରେ ସେ ବିଶେଷ ଅଂଶ ଗ୍ରହଣ କରିଥିଲେ । ରାଉରକେଲାରେ ୧୯୬୧ରେ ସେ ଝୁଣ୍ଟି ପଡିବାରୁ ତାଙ୍କର ଗୋଟିଏ ଆଣ୍ଠୁର ହାଡ଼ ଭାଙ୍ଗିଗଲା । ସେ ଇସ୍ପାତ୍ ହସପିଟାଲରେ ପ୍ରାଥମିକ ଚିକିତ୍ସା ଗ୍ରହଣ କରି, ଏକାକୀ ଟ୍ରେନ୍‌ରେ କଟକକୁ ଓ ଷ୍ଟେସନରୁ ରିକ୍‌ସାରେ ଗୁଣନିଧି ଭବନକୁ ଆସିଗଲେ । କି ଈଶ୍ୱର ନିର୍ଭରତା ! ପ୍ରାୟ ୧୯୬୭ ବେଳକୁ ତାଙ୍କର ହୃଦରୋଗ ଆରମ୍ଭ ହେଲା । ଡ଼ାକ୍ତର ଯଦୁନାଥ ପ୍ରସାଦ ଦାସ ବିଶେଷଜ୍ଞଙ୍କର ଚିକିତ୍ସାରେ ରହିଲେ । ବେଶି ଅସୁସ୍ଥ ହେବାରୁ କଟକର ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ ହସ୍‌ପିଟାଲରେ ସେ ଡ଼ାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଲେ । ତା ୧୧-୨-୧୯୬୯ରେ ଇହଧାମ ତ୍ୟାଗ କଲେ । ସେ ଶାନ୍ତ, ନିଃସ୍ୱାର୍ଥ, ନିର୍ଲୋଭ, ନିଷ୍କପଟ ଗାନ୍ଧୀବାଦୀ ଥିଲେ । ସେ ଓଡ଼ିଶାରେ କାହାରି ବାପା, ଭାଇ, ବା ଅଜା ଥିଲେ । ସେ କହୁଥିଲେ- "ଯେ ପରର ବୋଝ ବୋହିବ, ତାଁହାର ନିଜ ବୋଝ ହାଲୁକା ହେବା ଉଚିତ ।"

୭୦ । **ବ୍ରଜମୋହନ ସିଂହ**- (ଚାଟୁ ବାବୁ) ଜନ୍ମସ୍ଥାନ-ରାମଚନ୍ଦ୍ରପୁର, ଥାନା-କିଶୋରନଗର, ଜିଲ୍ଲା-କଟକରେ । ଜନ୍ମ-ଚିତଉ ଅମାବାସ୍ୟା, ୧୯୦୦ ମସିହାରେ । ରେଭେନ୍‌ସା କଲେଜର ଛାତ୍ର ଥିବା ବେଳେ ୧୯୩୦ରେ ଲବଣ ସତ୍ୟାଗ୍ରହରେ ଜେଲ ଗଲେ । ୧୯୩୨ରେ ମଧ ସେ ଆନ୍ଦୋଳନରେ ଜେଲ ଯାଇଥିଲେ । ସେ ବରୀରେ ରହି ଖଦୀ ତାଲୀମ କେନ୍ଦ୍ରର ପରିଚାଳକ ଥିଲେ । ସେ ଏତେ ନିଷ୍କପଟ ଗାନ୍ଧୀ ଅନୁଯାୟୀ ଥିଲେ ଯେ, ଅନେକ କଂଗ୍ରେସ ଲୋକ ସୁଦ୍ଧା ତାଙ୍କୁ ଅନୁକରଣ କରିପାରୁ ନ ଥିଲେ । ସେ ଗ୍ରାମୋଦ୍ୟୋଗ ଓ ଅନ୍ୟ ରଚନାତ୍ମକ କାର୍ଯ୍ୟରେ ସକ୍ରିୟ ଅଂଶ ନେଉଥିଲେ । ସେ ଢ଼େଙ୍କି କୁଟା ଧାନର ଅଉଆ ଚାଉଳର

Digitized by PPRACHIN, SOA

ଭାତ ଓ ଚକି ପେଷା ଅଟାର ରୋଟି ଖାଉଥିଲେ । ନିଜେ ଘରେ ଢେଙ୍କିରେ ଧାନ କୁଟୁଥିଲେ ଓ ଚକିରେ ଗହମ ପେଷୁଥିଲେ । ବାସନାହୀନ ରଙ୍ଗୀନ ଫୁଲର ଗଛ ଲଗାଇବା ପରିବର୍ତ୍ତେ କପା ଗଛ ଲଗାଇବା ପାଇଁ ସେ ଅନ୍ୟମାନଙ୍କୁ କହୁଥିଲେ । ସେ ପ୍ରତିଦିନ ଗୋସେବା କରୁଥିଲେ । ସେ ନିଜର ପୁରୁଣା ସହକର୍ମୀଙ୍କୁ ବହୁ ଥର କହିଥିଲେ- "ଆସନ୍ତୁ ଆମେ କେତେ ଜଣ ଗୋଟିଏ ଜାଗାରେ (ଆଶ୍ରମରେ)ରହି ଗାନ୍ଧୀ କାମ କରିବା, ବିଭିନ୍ନ ସ୍ଥାନରେ ରହିଲେ ଶକ୍ତି ବଢ଼ିବ ନାହିଁ ।" ସେ ଅବିବାହିତ ଥିଲେ ।

୭୧ । ରାଜକୃଷ୍ଣ ବୋଷ- ମୂଳ ଘର ଗ୍ରା: ପୋ:-କିଶୋରନଗର ଜିଲ୍ଲା-କଟକ, ଜନ୍ମ-ତା ୧୭-୧୨-୧୯୦୦ ମସାହା । ମାତା-୰ପିୟାରି (ପ୍ରେୟାରି ବା ପ୍ୟାରି) ଦେବୀ, ପିତା-୰ଲକ୍ଷ୍ମୀନାରାୟଣ ବୋଷ ।

ପ୍ୟାରୀମୋହନ ଏକାଡ଼େମୀରେ ମ୍ୟାଟ୍ରକୁଲେଶନ୍ ପାସ୍, ରେଭେନ୍‌ସା କଲେଜରେ ଆଇ.ଏ. ପାସ୍ । କଟକ ମେଡ଼ିକାଲ ସ୍କୁଲରୁ, ଗାନ୍ଧୀଜୀଙ୍କର ଆହ୍ୱାନରେ ୧୯୨୧ରେ, ପଢ଼ା ଛାଡ଼ିଲେ । ସେ କଟକ ଭାଗଲପୁର ଜେଲରେ ରହିଲେ । ଯାଜପୁରଠାରେ ବୈତରଣୀର ବାଲିରେ ପ୍ରଥମ ରାଜନୈତିକ ବକ୍ତୃତା ସେ ଦେଇଥିଲେ । ୧୯୨୭ରେ ଉତ୍କଳମଣିଙ୍କ ସହ ଜେନାପୁର ଅଞ୍ଚଳରେ ବନ୍ୟା ରିଲିଫ କାମ କଲେ । କଣ୍ଟାପାରିର ଜଗନ୍ନାଥ ଦାସ ଓ ଦ୍ୱାରିକାନାଥ ଦାସଙ୍କ ସହ କଂଗ୍ରେସ କାର୍ଯ୍ୟ କରିଥିଲେ । ପୋଲିସର ତାଡ଼ନା ଫଳରେ କାହାରି ଘରେ ରହି ନ ପାରି ରାଜକୃଷ୍ଣବାବୁ ଗଛ ମୂଳରେ ରହିଥିଲେ । ୧୯୩୦ରେ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପୂର୍ବରୁ ସେ ଗିରଫ ହୋଇ କଟକ ଓ ଭାଗଲପୁର ଜେଲରେ ଦଣ୍ଡ ଭୋଗିଲେ । ସେ ସଦର ଲୋକାଲ ବୋର୍ଡ଼ର ଭାଇସ୍-ଚେୟାରମ୍ୟାନ ହୋଇଥିଲେ । ହରିଜନ ପଦଯାତ୍ରାରେ ସେ ଗାନ୍ଧୀଜୀଙ୍କର ବକ୍ତୃତାକୁ ଓଡ଼ିଆରେ ଅନୁବାଦ କରି କହୁଥିଲେ । ୧୯୪୨ର ଆନ୍ଦୋଳନରେ ସେ ଅଟକ ବନ୍ଦୀ ହୋଇ ୨ବର୍ଷ ୬ମାସ ବ୍ରହ୍ମପୁର ଜେଲରେ ଥିଲେ । ତାଙ୍କର ପିଲାମାନେ - ସବ୍ୟସାଚୀ, ସଂଘମିତ୍ରା, ଅତିଶା(ବେଲୁ) ଓ ଶିବକୃପା (ଗୋପାଳ) ରାମଚନ୍ଦ୍ରପୁର ଛାତ୍ରବାସ ଓ କନ୍ୟାଶ୍ରମରେ ରହି ମୌଳିକ ଶିକ୍ଷା ପାଇଥିଲେ । ୧୯୫୦ ମସିହାର ବନ୍ୟା ପରେ ପରେ ସେ ଯାଇ ରାମଚନ୍ଦ୍ରପୁରରେ ପୂଜ୍ୟ ଗୋପବାବୁଙ୍କୁ ସାକ୍ଷାତ କରି ରିଲିଫ ଓ ପ୍ରତିକାର ସମ୍ବନ୍ଧରେ ଉପଦେଶ ଗ୍ରହଣ କରିଥିଲେ । ବନ୍ୟା-ନିୟନ୍ତ୍ରଣ ସମ୍ବନ୍ଧରେ ସେ PWD ମନ୍ତ୍ରୀ ଥିବାବେଳେ ସାହସିକ ପଦକ୍ଷେପ ନେଇଥିଲେ ।

ତାଙ୍କର ପତ୍ନୀ ଶ୍ରୀମତୀ ମୃଣାଳିନୀ ବୋଷ ଦେଶ କାମରେ ସହାୟିକା । ବାର୍ଦ୍ଧକ୍ୟ ଓ

Digitized by PPRACHIN, SOA

ରୋଗାଗ୍ରସ୍ତ ହେବାରୁ ରାଜକୃଷ୍ଣବାବୁ ବଙ୍ଗାଳିସାହି (କଟକ ସହର)ରେ ସବୁଥିରୁ ନିର୍ଲିପ୍ତ ହୋଇ ରହୁଥିଲେ । ବର୍ତ୍ତମାନ ସେ ସ୍ୱର୍ଗତ ।

୭୨ । ହରେକୃଷ୍ଣ ବିଶ୍ୱାଳ- ଘର-ନାଗପୁର, ପୋ.ଅ.-ଥାନା-ବାଲିକୁଦା, ଜିଲ୍ଲା-ଜଗତସିଂହପୁର । ମାତା-ଝୁମ୍ପେଇ ଦେଇ, ପିତା-ବଳରାମ ବିଶ୍ୱାଳ । ଜନ୍ମ ୧୯୦୧ରେ । ସେ ସରକାରୀ ସେଟେଲ୍‌ମେଣ୍ଟ ବିଭାଗରେ କାର୍ଯ୍ୟ କରୁଥିଲେ । ୧୯୨୭-୨୮ରେ ଅଳକାଶ୍ରମ ସମ୍ପର୍କରେ ଆସିଲେ, ଖଦୀ ପିନ୍ଧିଲେ ଓ ୧୯୩୦ରେ ଲବଣ ସତ୍ୟାଗ୍ରହରେ ଜେଲଗଲେ । ୧୯୪୨ର ଜେଲଯିବାକୁ ମିଶାଇ ସେ ଚାରିଥର ଜେଲ ଯାଇଥିଲେ । ୧୯୩୪ରେ ସେ ଗୋପବାବୁ ଓ ରମାଦେବୀଙ୍କ ନିର୍ଦ୍ଦେଶରେ ରିଲୀଫ କାମ କରିଥିଲେ । ଏରସମା ଥାନାର ଗଣେଶ୍ୱରପୁର ଠାରେ ସେ ସୂତାକଟା କେନ୍ଦ୍ର ଚଳାଇଥିଲେ ଓ ୧୯୩୯ରେ ସେଠାରେ ଗାନ୍ଧୀସେବା ସଂଘ (ଉତ୍କଳ ଶାଖା)ର ସମ୍ମିଳନୀ ହୋଇଥିଲା । ସେ ଉତ୍କଳ ସର୍ବୋଦୟ ମଣ୍ଡଳର ସଂପାଦକ ଥିଲେ । ଭୂଦାନ-ଗ୍ରାମଦାନ ଆନ୍ଦୋଳନରେ ଓ ଜମି ବଣ୍ଟନରେ ଜଣେ ମୁଖ୍ୟ କର୍ମୀ ଥିଲେ । ନିଜ ଗ୍ରାମ ନାଗପୁର (ବାଲିକୁଦା)ରେ ରହୁଥିଲେ । ସେ ବହୁଥର ବରୀ ଅଞ୍ଚଳକୁ ଆସିଛନ୍ତି, ଲୋକମାନଙ୍କର ବିପଦରେ ସେବା କରିଛନ୍ତି । ତାଙ୍କର ପୁତ୍ର ବିକ୍ରମକେଶରୀ ରାମଚନ୍ଦ୍ରପୁର ଛାତ୍ରବାସରେ ରହି ମୌଳିକ ଶିକ୍ଷା ପାଉଥିଲେ ଏବଂ ସେବାଗ୍ରାମରୁ ଶିକ୍ଷା ସମାପନ କରିସାରି, ରାମଚନ୍ଦ୍ରପୁରରେ ମଧ ଶିକ୍ଷକ ହୋଇଥିଲେ ।

୭୩ । ନବକୃଷ୍ଣ ଚୌଧୁରୀ- ମାତା- ପଦ୍ମାବତୀ ଦେବୀ, ପିତା- ଗୋକୁଳାନନ୍ଦ ଚୌଧୁରୀ, ଜିଲ୍ଲା- କଟକ, ଜନ୍ମ- ତା ୨୩-୧୧-୧୯୦୧ ମସିହାରେ । କଟକର ପ୍ୟାରୀମୋହନ ଏକାଡ଼େମୀରୁ ମ୍ୟାଟ୍ରିକ୍ୟୁଲେସନ ପାସ କରି ରେଭେନ୍‌ସା କଲେଜର ଛାତ୍ର ଥିବାବେଳେ, 'ଭାରତୀ ଭବନ' ପାଠାଗାରରେ ଦେଶବିଦେଶର ରାଜନୀତି ଚର୍ଚ୍ଚା କରୁଥିଲେ । ୧୯୨୧ରେ ପଢ଼ା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଗିରଫ ହୋଇ ଜେଲ ଗଲେ । ରବୀନ୍ଦ୍ରନାଥଙ୍କର 'ଶାନ୍ତି ନିକେତନ'ରେ ଓ ଗାନ୍ଧୀଜୀଙ୍କର ସାବରମତୀ ଆଶ୍ରମରେ ସେ ଶିକ୍ଷା ପାଇଲେ । ସେ ସର୍ବଦା ମୌଳିକ ଭାବରେ ଚିନ୍ତା କରୁଥିଲେ । ମାଳତୀ ଦେବୀଙ୍କ ସହ ବିବାହ ପରେ ଅଣଖିଆରେ ଉଭୟ କୃଷିର ପ୍ରୟୋଗ ଓ ଗ୍ରାମସେବା କଲେ । ୧୯୩୦ରେ, ୧୯୪୦ରେ ଓ ୧୯୪୨ରେ ଉଭୟ ଜେଲ ଗଲେ । ନବବାବୁ ୧୯୪୬ରୁ ମାର୍ଚ୍ଚ ୧୯୪୮ ପର୍ଯ୍ୟନ୍ତ ରାଜସ୍ୱ ମନ୍ତ୍ରୀ ଓ ତା ୧୨-୫-୫୦ରୁ ୨୯-୧୦-୫୬ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ତତ୍‌ପରେ ସେ କଂଗ୍ରେସ ପରିତ୍ୟାଗ କରି ପୂରା ସମୟ ସର୍ବୋଦୟ କାର୍ଯ୍ୟରେ ଦେଲେ । ଜରୁରୀ ପରିସ୍ଥିତି ବେଳେ ସେ ଓ ମାଳତୀ ଦେବୀ ଜେଲ ଯାଇଥିଲେ । ଉଭୟ ବରୀ ଅଞ୍ଚଳକୁ ବହୁତ ଥର ଯାଇଥିଲେ । ବିଶେଷରେ ବନ୍ୟା ପରେ ଯାଇ ସ୍ଥାୟୀ ପ୍ରତିକାରର ଉପାୟ ବତାଇଥିଲେ । ଗଡ଼ଜାତ-ବାସୀଙ୍କ ମୁକ୍ତି ସଂଗ୍ରାମରେ ସେମାନଙ୍କର ଅଂଶଗ୍ରହଣ, ବିପ୍ଳବୀ

Digitized by PPRACHIN, SOA

ମନୋଭାବ, ଦ୍ୱାରା ବରୀ ଅଞ୍ଚଳର ଓ ଅନ୍ୟ ଅଞ୍ଚଳର ଲୋକେ ପ୍ରଣୋଦିତ ହୋଇ ବହୁ ଦୁଃସାହସିକ କାର୍ଯ୍ୟ କରିଥିଲେ । ତା ୨୪-୭-୧୯୮୪ରେ ସେ ବାଜିରାଉତ ଛାତ୍ରାବାସ ପରିସରରେ ପ୍ରାଣ ତ୍ୟାଗ କରିଥିଲେ ।

୭୪ । ମାଳତୀ ଚୌଧୁରୀ- ମାତା-ସ୍ନେହଲତା ସେନ, ପିତା-କୁମୁଦ ସେନ (କଲିକତା ହାଇକୋର୍ଟର ବାରିଷ୍ଟର), ସ୍ୱାମୀ- ନବକୃଷ୍ଣ ଚୌଧୁରୀ, କଟକ ସଦର । ଜନ୍ମ-ତା ୨୬-୭-୧୯୦୪ ମସିହାରେ ।

ମାଳତୀ ଦେବୀ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ୟୁଲେସନ୍ ପାସ୍ କରି ଶାନ୍ତିନିକେତନର ଛାତ୍ରୀ ହେଲେ । ଗୀତ, ବାଦ୍ୟ, ଅଭିନୟରେ ସେ ରବିନ୍ଦ୍ରନାଥ ଓ ଅନ୍ୟ କଳାବିତ୍‌ମାନଙ୍କର ଭୂୟସୀ ପ୍ରଶଂସା ଲାଭ କରିଥିଲେ । ଜୁଲାଇ ୧୯୨୭ରେ ସେ ନବବାବୁଙ୍କ ସହ ବିବାହ କଲେ । ୧୯୩୦, ୧୯୩୨ ଓ ୧୯୪୨ରେ ସେ ସ୍ୱାଧୀନତା-ସଂଗ୍ରାମରେ ଦୀର୍ଘକାଳ ଜେଲରେ ଥିଲେ । ୧୯୩୮ରେ ଗଡ଼ଜାତ ଆନ୍ଦୋଳନରେ, ୧୯୪୮ରେ ଓଡ଼ିଶାର ଗଡ଼ଜାତଗୁଡ଼ିକ ଭାରତ ସହ ମିଶ୍ରଣରେ, ସର୍ବତ୍ର ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମରେ ସେ ଦୁଃସାହାସିକ ଭୂମିକା ଗ୍ରହଣ କରିଆସିଛନ୍ତି । ସେ ବଡ଼ ସ୍ନେହୀ ଓ ସ୍ପଷ୍ଟ ବାଦୀ । ଅନୁଗୁଳରେ ବାଜିରାଉତ ଛାତ୍ରବାସ, ଚମ୍ପତିମୁଣ୍ଡାରେ ଜୀବନ-ବିଦ୍ୟାଳୟ (ଉତ୍ତର ମୌଳିକ ବିଦ୍ୟାଳୟ)ର ଏବଂ ଉତ୍କଳ ନବଜୀବନ ମଣ୍ଡଳର ଅନ୍ୟତମ ପ୍ରତିଷ୍ଠାତ୍ରୀ । ସେ ଜମୁନାଲାଲ ବଜାଜ ପୁରସ୍କାର ୧୯୮୯ରେ ପାଇଛନ୍ତି । ତାଙ୍କର ଜ୍ୟେଷ୍ଠା କନ୍ୟା ଉତ୍ତରା (ବୁବୁ) ମାତ୍ର ୨ବର୍ଷ ୬ମାସ ବୟସରେ ଓ ୧୯୪୨ରେ ୧୪ବର୍ଷ ବୟସରେ ସ୍ୱାଧୀନତା ପାଇଁ ଜେଲ ଯାଇଥିଲେ । ଏମାନେ ବହୁ ବାର ବରୀ ଅଞ୍ଚଳକୁ ଯାଇଥିଲେ ଓ ନାରୀମାନଙ୍କ ମନରେ ଦେଶାତ୍ମବୋଧ ତ୍ୟାଗ ସଞ୍ଚାର କରିଥିଲେ । (ବିଶେଷ ଜାଣିବା ପାଇଁ ପାଠକ-ପାଠିକା ସନ୍ଦର୍ଭ ପୁସ୍ତକମାନ ପଢ଼ିପାରନ୍ତି) । ତାଙ୍କର ଦେହାନ୍ତ ମାର୍ଚ୍ଚ ୧, ୧୯୯୮ ମସିହାରେ ହୋଇଛି ।

୭୫ । ଅମରନାଥ ଚଟ୍ଟୋପାଧ୍ୟାୟ- ଘର-କେନ୍ଦ୍ରାପଡ଼ା ସହରରେ । ମାତା-ଚାରୁଶୀଳା, ପିତା-ବିଜ୍ଞାନେଶ୍ୱର । ଜନ୍ମ ତା ୨-୧-୧୯୧୪ ମସିହାରେ ।

କେନ୍ଦ୍ରାପଡ଼ାରେ ଏହାଙ୍କର ପରିବାର ଅତି ମାନ୍ୟଗଣ୍ୟ ଥିଲେ । ତା ୭-୧୨-୧୯୮୮ରେ ଅମରନାଥବାବୁ ଲେଖିଥିଲେ -"ମୋର ବିପ୍ଳବୀ ଜୀବନ ଆରମ୍ଭ ହୋଇଥିଲା ୧୯୨୮ରେ ମୁଁ ଦୀନେଶ ଗୁପ୍ତଙ୍କଠାରୁ ଦୀକ୍ଷା ପାଇଥିଲି । ଆମର ଗୁପ୍ତ ସମିତିର ଅଧକ୍ଷ ଥିଲେ ବିପ୍ଳବୀ-ମହାନାୟକ ହେମଚନ୍ଦ୍ର ଘୋଷ । ସେ ସ୍ୱାମୀ ବିବେକାନନ୍ଦଙ୍କର ପ୍ରତ୍ୟକ୍ଷ ସଂସର୍ଶରେ ସ୍ୱଦେଶବ୍ରତରେ ଦୀକ୍ଷିତ ହୋଇ ଥିଲେ । ଏଣୁ ଆମର ଆନ୍ଦୋଳନ ରାମକୃଷ୍ଣ-ବିବେକାନ୍ଦଙ୍କର ଭାବଧାରାରେ ଅନୁପ୍ରାଣିତ । ୧୯୪୨ ଆନ୍ଦୋଳନ ପରେ ଆମର ସମିତି ଅନୁଭବ କଲେ ଯେ ଏଣିକି ଆନ୍ଦୋଳନକୁ ଆଉ ଗୁପ୍ତ ରଖିବାର ଆବଶ୍ୟକତା ନାହିଁ । ଏଣୁ ସମିତି ଭାଙ୍ଗି ଦିଆଗଲା,

Digitized by PPRACHIN, SOA

ସଭ୍ୟମାନେ ନିଜର ଅଭିରୁଚି ଅନୁଯାୟୀ କାର୍ଯ୍ୟ କରିବାର ସ୍ୱାଧୀନତା ପାଇଲେ । ଗାନ୍ଧୀଜୀ ୧୯୪୬ରେ ଡ଼ମ୍ ଡ଼ମ୍ ଅଟକବନ୍ଦୀ ଜେଲରେ ବନ୍ଦୀମାନଙ୍କ ସହ ୩ ଘଣ୍ଟା କଥାବାର୍ତ୍ତା କରିଥିଲେ । ଏ ବନ୍ଦୀମାନେ ତାଙ୍କୁ ଫୁଲମାଳ ଦେଇଥିଲେ । ମୁଁ ସେଠାରେ ଥିଲି ।

ଆଚାର୍ଯ୍ୟ ଜେ.ବି.କୃପାଲାନିଙ୍କର Latest Fad ବହି, ରୁଷଦେଶୀୟ ବିପ୍ଳବୀ ଟଲଷ୍ଟୟ, Vera Ficher, Prince Kroptkin ପ୍ରଭୃତିଙ୍କର ବହି ପଢ଼ି ମୁଁ ମୌଳିକ ଶିକ୍ଷା ପାଇଁ ଆକୃଷ୍ଟ ହେଲି । ଅଧ୍ୟାପକ ନିର୍ମଳ ବସୁଙ୍କର ସାହଚର୍ଯ୍ୟ ମୋତେ ଆହୁରି ଆକର୍ଷଣ କରିଥିଲା । ମା ରମାଦେବୀ ଓ ପୂଜ୍ୟ ଗୋପ ବାବୁଙ୍କର ଆମନ୍ତ୍ରଣରେ ମୁଁ ଆସିଲି । ସେବାଗ୍ରାମରେ ନଈ ତାଲିମର ଶିକ୍ଷକ ଟ୍ରେନିଂ ନେଲି । ରାମଚନ୍ଦ୍ରପୁରରୁ ସେଠାକୁ ଯାଇଥିବା ଛାତ୍ରମାନଙ୍କ ସହ ପ୍ରାୟ ବର୍ଷେ କାଳ ରହି 'ନଈ ତାଲୀମ' ଯେ ଦେଶକୁ ଗଢ଼ି ତୋଳିବାର ସାର୍ଥକ ଉପାୟ, ତାହା ବୁଝିପାରିଲି । ସେଠାରେ ଜୀବନ-କଳା, ସହଯୋଗର ମହତ୍ତ୍ୱ, ଜୀବନରେ ବିଜ୍ଞାନର ସୁସ୍ଥ ପ୍ରୟୋଗ, ଭାରତୀୟ ସନାତନ ମୂଲ୍ୟବୋଧ, ଶିବଜ୍ଞାନରେ ଜୀବସେବା ପ୍ରଭୃତି ଶିଖିଲି । ସେଠାରୁ ଆସି ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟରେ ୧୯୪୯ରୁ ଶିକ୍ଷକତା କଲି । ମୁଁ ଜେଲରୁ ଖଲାସ ହୋଇ ଓଡ଼ିଶାରେ କଂଗ୍ରେସରେ ଯୋଗ ଦେଇଥିଲି । ମାତ୍ର କର୍ମୀମାନଙ୍କର ଆନ୍ତରିକତାର ଅଭାବ ବୋଧ କରିବାରୁ କଂଗ୍ରେସ ଛାଡ଼ି ଦେଇଥିଲି । ଗମ୍ଭୁ ଉତ୍ତର ମୌଳିକ ବିଦ୍ୟାଳୟରେ ମଧ ଜୁଲାଇ ୧୯୫୨ରୁ ଅକ୍ଟୋବର, ୧୯୫୩ ପର୍ଯ୍ୟନ୍ତ ମୁଁ ଜୟକୃଷ୍ଣ ବିଶ୍ୱାଳଙ୍କ ସହକର୍ମୀ ଥିଲି ।

ଅମରନାଥ ବାବୁ ୧୯୨୮ରୁ ଦୀର୍ଘକାଳ ବଙ୍ଗଳା ଦେଶର, ବିହାର ଓ ଓଡ଼ିଶାର ଏବଂ ଓଡ଼ିଶାର ବିଭିନ୍ନ ଜେଲରେ ବନ୍ଦୀ ଥିଲେ । ସେବାଗ୍ରାମକୁ ଯିବାଠାରୁ ସେ ପ୍ରତିଦିନ ଅଭ୍ୟସ୍ତ ଭାବରେ ସୂତାକାଟୁଛନ୍ତି । ତାଙ୍କର ସହଧର୍ମିଣୀ ଇନ୍ଦିରା ଦେବୀଙ୍କ ସହିତ ସେ ଏବେ କଲ୍ୟାଣପୁରରେ ରହୁଛନ୍ତି । ଅମରବାବୁ ବନ୍ଦୀଥିବା ବେଳେ ତାଙ୍କ ମାତା ୧୯୪୩ରେ ମରିଯାଇଥିଲେ ।

୭୬ । **ଗଦାଧର ଦତ୍ତ**- ସା-ବରୁହାଁ, ପୋ.ଅ.-କବୀରପୁର, ଜିଲ୍ଲା- ଯାଜପୁର । ସେ ୧୯୨୯ ମସିହାରେ ସମବାୟ ବିଭାଗରେ କର୍ମଚାରୀ ଥିଲେ । ସେ ଖଦୀ ପିନ୍ଧି, କଂଠଉ ମାଡ଼ି ଓ ତାଳପତ୍ର ଛତା ଧରି ଅଫିସକୁ ଯିବାରୁ ଉପରିସ୍ଥ କର୍ମଚାରୀ ତାଙ୍କୁ ତିରସ୍କାର କଲେ । ସେ ଚାକିରି ଛାଡ଼ି ଦେଲେ । ୧୯୩୦ରେ ଓ ୧୯୩୨ରେ ସେ କଟକ ଓ ପାଟଣା କ୍ୟାମ୍ପ ଜେଲରେ ଦୁଇ ବର୍ଷରୁ ଅଧିକ କାଳ ବନ୍ଦୀ ଥିଲେ । ୧୯୩୭ରୁ ୧୯୪୨ ଅଗଷ୍ଟ ପର୍ଯ୍ୟନ୍ତ ସେ

Digitized by PPRACHIN, SOA

ଯାଜପୁର ଲୋକାଲ ବୋର୍ଡ଼ର ଚେୟାରମ୍ୟାନ ଥିଲେ ଏବଂ ମଧ୍ୟେ ମଧ୍ୟେ ବରୀ ଅଞ୍ଚଳକୁ ଆସି ଲୋକମାନଙ୍କର ଅସୁବିଧା ଜାଣି, ଯଥା ସମ୍ଭବ ପ୍ରତିକାର କରୁଥିଲେ । ସରକାର ମୌଳିକ ଶିକ୍ଷା ପ୍ରୟୋଗକୁ ବନ୍ଦ କରିଦେବାରୁ ସେ ରାମଚନ୍ଦ୍ରପୁର ହତାରେ ଲୋକାଲ୍ ବୋର୍ଡ଼ ପକ୍ଷରୁ ପାନୀୟ ଜଳର ଗୋଟିଏ କୂଅ କରାଇ ଦେଇଥିଲେ । ସେପ୍ଟେମ୍ବର ୧୯୪୨ରୁ ସେ ଦୁଇ ବର୍ଷ ଅଟକ ବନ୍ଦୀରୂପେ ବ୍ରହ୍ମପୁର ଜେଲରେ ଥିଲେ । ସେ ପରିହାସପୂର୍ଣ୍ଣ କଥା କହୁଥିଲେ । ସେ ଓ ତାଙ୍କର ପତ୍ନୀ ଅତିଥିପରାୟଣ ଥିଲେ । ତା ୧-୯-୧୯୭୩ରେ ଗଦାଧର ବାବୁଙ୍କର ମୃତ୍ୟୁ ହେଲା ।

୭୭ । ବିନୋଦ କାନୁନ୍‌ଗୋ- ଜନ୍ମ-ତା ୬-୬-୧୯୧୨ମସିହାରେ, କଟକ ଜିଲ୍ଲାର ମଲ୍ଲିପୁର ଗ୍ରାମରେ । ମାତା-ପୀର, ପିତା-କେଶବ । ପତ୍ନୀ-ଶ୍ରୀମତୀ ଶଶିଦେବୀ ।

ସେ ତା ୧୦-୪-୩୦ରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ପଢ଼ା ଛାଡ଼ି ୧୯୩୦ର ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ ଯାଇଥିଲେ । ୧୯୩୨ରେ ମଧ ଜେଲ ଯାଇଥିଲେ । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରାରେ ସେ 'ସମାଜ'ର ସମ୍ବାଦଦାତା ରୂପେ ଥିଲେ । ୧୯୩୪ରେ ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ସଙ୍ଗେ ବରୀ ଅଞ୍ଚଳରେ ରହି ବିବିଧ ରଚନାତ୍ମକ କାର୍ଯ୍ୟ କରିଥିଲେ । ୧୯୪୨ର ସ୍ୱାଧୀନତା [illegible]ରେ ଯୋଗ ଦେଇ ଅଗଷ୍ଟ ୧୯୪୪ରେ ଜେଲରୁ ଖଲାସ ହେଲେ । ନିଜ ଗ୍ରାମରେ [illegible]ମଗ୍ର ଗ୍ରାମସେବା ପ୍ରୟୋଗ କରିଥିଲେ । ତାଙ୍କ ପ୍ରଣୀତ 'ଋଣପରିଶୋଧ' ବହିରେ ବିସ୍ତୃତ କାର୍ଯ୍ୟାବଳୀ ଲେଖି ଯାଇଛନ୍ତି । ତାଙ୍କର କୃତି 'ଜ୍ଞାନ-ମଣ୍ଡଳ' ପାଇଁ ସେ ଭାରତରେ ସୁଖ୍ୟାତି ଅର୍ଜନ କରିଛନ୍ତି । ବିନୋଦ ବାବୁଙ୍କର ତା. ୨୨/୦୯/୧୯୯୦ରେ ମୃତ୍ୟୁ ହୋଇଯାଇଛି ।

୭୮ । ସୁରେନ୍ଦ୍ରନାଥ ପଟ୍ଟନାୟକ- ଗ୍ରାମ-ନଗଣପୁର, ଥାନା-ସାଲେପୁର (କଟକ ଜିଲ୍ଲା) । ପିତା- କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଜନ୍ମ-ତା ୧୦-୧୧-୧୯୧୪ରେ ।

୧୯୩୦ରେ କଲିଜିଏଟ୍ ସ୍କୁଲରୁ ପଢ଼ା ଛାଡ଼ି ଲବଣ ସତ୍ୟାଗ୍ରହରେ ଜେଲ ଗଲେ । ୧୯୪୨ରେ ମଧ ଜେଲ ଯାଇଥିଲେ । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରାରେ ସେ ଅଗ୍ରଗାମୀ ଦଳରେ ଥିଲେ । ସେ ବରୀରେ ୩ବର୍ଷ ରହି ନାନା ରଚନାତ୍ମକ କାର୍ଯ୍ୟ କରିଥିଲେ । ପରେ ସେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭ୍ୟ ହେଲେ, କଟକରେ ରହି ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କଲେ ଏବଂ ସେ ମଧ ରାଜସ୍ୱ ମନ୍ତ୍ରୀ ହୋଇଥିଲେ ।

୭୯ । ସଚ୍ଚିଦାନନ୍ଦ ମହାନ୍ତି- ଘର ଗରାପୁର, ପୋ/ଜିଲ୍ଲା-କେନ୍ଦ୍ରାପଡ଼ା । ମାତା-୰ବଧୂଲୀ, ପିତା-ଶ୍ରୀନାଥ ମହାନ୍ତି । ଜନ୍ମ ମାର୍ଗଶୀର ଶୁକ୍ଳ ୧୨ଶୀ, ୧୩୨୧ସାଲ ୧୯୧୪ ମସିହାରେ ।

Digitized by PPRACHIN, SOA

ଏହାଙ୍କର ପିତା କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ହେଡ୍‌କ୍ଲର୍କ ଥିଲେ । ସେ କେନ୍ଦ୍ରାପଡ଼ାରେ ଜଣେ ପ୍ରଭାବଶାଳୀ ନାଗରିକ ଥିଲେ, ଉତ୍ତମ ଲକ୍ଷ୍ୟଭେଦୀ ଶିକାରୀ ଥିଲେ । ସଚ୍ଚିବାବୁ ହାଇସ୍କୁଲରେ ପଢ଼ା ଛାଡ଼ି ୧୯୩୦ରେ ଲବଣ ସତ୍ୟାଗ୍ରହରେ ଜେଲ ଗଲେ । ଖଲାସ ହେବା ପରେ ବିଲାତି ଲୁଗା, ମଦ, ଆଦି ବିରୋଧରେ ପିକେଟିଙ୍ଗ୍ କରୁଥିଲେ । ୧୯୪୨ରେ ବ୍ରହ୍ମପୁର ଜେଲରେ ୨ ବର୍ଷ ଅଟକ ବନ୍ଦୀ ଥିଲେ । କେନ୍ଦ୍ରାପଡ଼ା ଲୋକାଲ ବୋର୍ଡ଼ର ଭାଇସ୍-ଚେୟାରମ୍ୟାନ୍ ଓ ପରେ ଚେୟାରମ୍ୟାନ୍ ହେଲେ । ୧୯୫୩ରେ ସେ ଖଣ୍ଡିଏ ଧୋତି ଓ ଚାଦରରେ ସଘନ ଭୂଦାନ ଯଜ୍ଞ କ୍ଷେତ୍ରରେ ୨୨ଦିନ ଗୋପବାବୁ, ମନମୋହନ ଚୌଧୁରୀ ଆଦିଙ୍କ ସହ ବୁଲିଲେ । ମାନପୁର ଗ୍ରାମଦାନ ତାଙ୍କରି ଯୋଗୁଁ ପୁର୍ଣ୍ଣାଙ୍ଗ ହେଲା । ଉତ୍କଳ ଭୂଦାନ ଯଜ୍ଞ ସମିତିର ସେ ସହକାରୀ ସଂଯୋଜକ ଥିଲେ । ଗ୍ରାମସେବକ ସମବାୟ ପ୍ରକାଶନ ଲିମିଟେଡ୍‌ର ସେ ମ୍ୟାନେଜର ମଧ ହୋଇଥିଲେ । ୧୯୫୯ରୁ ସେ ଆଚାର୍ଯ୍ୟ ହରିହରଙ୍କ ସହ ନିରବଚ୍ଛିନ୍ନ ଭାବରେ ପ୍ରାୟ ୧ବର୍ଷ ୬ମାସ ପଦଯାତ୍ରା କରିଥିଲେ ଏବଂ ତା ୨୧-୨-୧୯୭୨ ପର୍ଯ୍ୟନ୍ତ ଆଚାର୍ଯ୍ୟଙ୍କର ଦେହାବସାନ ପର୍ଯ୍ୟନ୍ତ ତାଙ୍କର ସେବାରେ ସଂପୂର୍ଣ୍ଣରୂପେ ଆତ୍ମନିୟୋଗ କରିଥିଲେ । ତାଙ୍କୁ କେହି କେହି ଆଚାର୍ଯ୍ୟଙ୍କର 'ଜୀବନ୍ତ ଯଷ୍ଟି' କହୁଥିଲେ । ସେ ମଧ ଗୋଟିଏ କ୍ଷୁଦ୍ର ସେବା ଟ୍ରଷ୍ଟ ଗଢ଼ିଥିଲେ । ତାଙ୍କର ପ୍ରଥମ ପତ୍ନୀଙ୍କର ନାମ ମଣିପ୍ରଭା । ମଣିପ୍ରଭାଙ୍କର ଅକାଳ ମୃତ୍ୟୁ ପରେ ୨ୟା ପତ୍ନୀ ପ୍ରଭା । ସଚିବାବୁ ସଂଜ୍ଞା ଉଠାଇ ଦେଇ କେବଳ ସଚ୍ଚିଦାନନ୍ଦ ଲେଖୁଛନ୍ତି ଏବଂ ପରିବାରଠାରୁ ନିର୍ଲିପ୍ତ ହୋଇ ରହୁଛନ୍ତି । ସେ ରାଜନୈତିକ ପେନ୍‌ସନ୍ ନେଉ ନାହାନ୍ତି । ସେ ଅନାଶ୍ରିତ ଜୀବନକୁ ପସନ୍ଦ କରନ୍ତି ।

୮୦ । **ମନମୋହନ ଚୌଧୁରୀ**- ମୂଳ ପୈତୃକ ସ୍ଥାନ-ଖେରସ, ଜଗତ୍‌ସିଂହପୁର, ଜିଲ୍ଲା-ଜଗତସିଂହପୁର । ହାଲ ସାକିନ-କଟକ ସହର ।

ମାତା-ରମାଦେବୀ, ପିତା-ଗୋପବନ୍ଧୁ ଚୌଧୁରୀ । ଜନ୍ମ ତା ୧୧-୧୦-୧୯୧୫ରେ । ପିତା ଶ୍ରୀଗୋପବନ୍ଧୁ ଚୌଧୁରୀ କଠୋର ଗାନ୍ଧୀବାଦୀ ଥିବାରୁ ମନମୋହନଙ୍କୁ ସରକାରୀ ସ୍କୁଲରୁ ଉଠାଇ ଆଣିଥିଲେ । ଘରେ ଓ ଜେଲଖାନାରେ ତାଙ୍କର ସମସ୍ତ ଶିକ୍ଷା ହୋଇଛି ।

୧୯୩୦-ଲବଣ ସତ୍ୟାଗ୍ରହରେ ଯୋଗ ଦେଲେ । ତା ୧୪-୧୧-୩୦ରେ ଲାଠିମାଡ଼ ଖାଇଲେ ।

Digitized by PPRACHIN, SOA

୧୯୩୧-ହିନ୍ଦୁସ୍ଥାନୀ ଦଳ ଟ୍ରେନିଂ ନେଇ ବାନର ସେନାମାନଙ୍କୁ ଟ୍ରେନିଂଦେବା ଓ ସଂଗଠନ ।

୧୯୩୨-ସତ୍ୟାଗ୍ରହରେ ଯୋଗଦେଇ ପ୍ରଥମେ ୩ମାସ ହଜାରୀବାଗରେ ପରେ ୬ମାସ ପାଟଣା କ୍ୟାମ୍ପ ଜେଲରେ ।

୧୯୩୩-ବନ୍ୟା ରିଲିଫ କାର୍ଯ୍ୟ ।

୧୯୩୪-ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରାରେ ଯୋଗଦାନ, ଫଟୋଗ୍ରାଫ ନେବା ଓ ସମ୍ବାଦପତ୍ରକୁ ରିପୋର୍ଟ ପଠାଇବା ।

-ସତୀଶଚନ୍ଦ୍ର ଦାସ ଗୁପ୍ତଙ୍କଠାରେ ବିଜ୍ଞାନ ଅଧ୍ୟୟନ, ଶସ୍ତା ଔଷଧ ତିଆରି ଶିଖିବା ଓ ଚମଡ଼ା କାର୍ଯ୍ୟ ଦେଖିବା । ବଙ୍ଗଦେଶରେ ରିଲିଫ୍ କାର୍ଯ୍ୟ । କିଛିଦିନ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସଂପର୍କରେ ଆସିବା ।

୧୯୩୪-ରୁ ୧୯୪୨ପର୍ଯ୍ୟନ୍ତ ବରୀରେ ରହି ମହୁଚାଷ, କଟେଜ୍-ଟ୍ୟାନେରୀ ଓ ଅନ୍ୟ ରଚନାତ୍ମକ କାର୍ଯ୍ୟ କରିବା, ତତ୍‌ସଙ୍ଗେ କଂଗ୍ରେସର ବାର୍ତ୍ତା-ପ୍ରଚାର ଓ ସଂଗଠନ । 'ରଚନା' ପତ୍ରିକା ପରିଚାଳନା ।

୧୯୪୦-ବାଣୀ ସତ୍ୟାଗ୍ରହ ଓ କାରାବରଣ ।

୧୯୪୨-ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ପ୍ରାୟ ୩ ବର୍ଷ କାରାବରଣ ।

୧୯୪୬-ଫେବୃଆରୀ ୧୬ରେ ସେବାଗ୍ରାମରେ ସୁମିତ୍ରା ବାନାର୍ଜୀଙ୍କ ସହ ବିବାହ ।

ଦୁଧେଇ (ବରୀ)ରେ ଗାନ୍ଧୀଜୀଙ୍କର ସମଗ୍ର ଗ୍ରାମସେବାର ପ୍ରୟୋଗ ।

ଉତ୍କଳ ଖଦୀମଣ୍ଡଳର ସମ୍ପାଦକ ଓ ଗ୍ରାମସେବକ ପତ୍ରିକାର ସମ୍ପାଦକ ।

୧୯୬୨ରୁ-ସର୍ବସେବା ସଂଘର ସଭାପତି ।

୧୯୭୧ରୁ-ଗାନ୍ଧୀସ୍ମାରକ ନିଧି(ଉତ୍କଳ ଶାଖା)ର ସଭାପତି ।

୧୯୭୫ରେ-ଜରୁରୀକାଳିନ ପରିସ୍ଥିତିର ବିରୋଧ କରି ୨୧ମାସ କାରାବରଣ । ସେ ଓଡ଼ିଆରେ ପ୍ରଣୟନ କରିଛନ୍ତି- ମହୁଚାଷ, ବିନୋବା ବିଚାର, ସର୍ବୋଦୟ, ଭୂଦାନ କଥଣ, କ୍ରାନ୍ତିଯାତ୍ରା, ଗ୍ରାମଦାନ-ଦର୍ପଣ, ଯୁରୋପ ଯାତ୍ରାର ଡ଼ାଏରୀ, ସର୍ବୋଦୟ ରାଜନୈତିକ ଦର୍ଶନ,

Digitized by PPRACHIN, SOA

ଜନତାର ରାଜ୍ୟ, ହାଟ ବଜାରର ବ୍ରହ୍ମ ଜ୍ଞାନ, ପରଶମଣିର ସନ୍ଧାନେ, ଲୋକେ କେଉଁଠି ? ଆଜିର ସଂକଟର କାରଣ ଓ ନିରାକରଣ । ଇଂରାଜୀରେ Why Gramdan ? Time to speak, Freedom for masses, Exploring Gandhi. ହିନ୍ଦୀରେ ग्रामदान मार्गदर्शिका, मनोजगत की सैर, जनता का राज ।

ସେ ୧୯୫୫ରେ ଓ ୧୯୬୩ରେ ଓଡ଼ିଶାରେ ଆଚାର୍ଯ୍ୟ ବିନୋବାଙ୍କର ପଦଯାତ୍ରାରେ ଯୋଗ ଦେଇଥିଲେ, ତାଙ୍କର ଭାଷଣକୁ ଓଡ଼ିଆରେ ଅନୁବାଦ କରି ଶ୍ରୋତାମାନଙ୍କୁ ଶୁଣାଉଥିଲେ ।

ସେ ପତ୍ରିକା ସମ୍ପାଦନ କରିଛନ୍ତି-ରଚନା, ଗ୍ରାମସେବକ, ସର୍ବୋଦୟ, Vigil । ସେ ଭାଷା ଜାଣନ୍ତି - ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ମରାଠୀ, ଗୁଜୁରାଟୀ, ଇଂରାଜୀ, ଜର୍ମାନ, ଫ୍ରେଞ୍ଚ ।

- ବଢ଼େଇ କାମ, ରାତିରେ ଗ୍ରହନକ୍ଷତ୍ର ଟେଲିସ୍କୋପ ଦ୍ୱାରା ଦେଖିବା ତାଙ୍କର ସଉକ ଅଟେ । ସେ ୧୧/୦୬/୨୦୦୩ ମସିହାରେ ଇହଲୀଳା ସମ୍ବରଣ କଲେ ।

୮୧ । **ଶୋଭା ଦେବୀ-** ଜନ୍ମ-୧୦-୮-୧୯୧୪ ମସିହାରେ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡିରେ । ମାତା-କମଳା ରାଜଗୁରୁ, ପିତା-ଶ୍ୟାମସୁନ୍ଦର ରାଜଗୁରୁ । ପାଠପଢ଼ା-୭ମ ଶ୍ରେଣୀ ।

ସେ ୧୯୩୦ ମସିହାର ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଜେଲ ଯାଇଥିଲେ । ଗାନ୍ଧୀଜୀଙ୍କର ଉତ୍କଳ ହରିଜନ ପଦଯାତ୍ରାରେ ସେ ଥିଲେ । ପରେ ପରେ ରମାଦେବୀଙ୍କ ସେବାଘରେ ରହି ଖଦୀ, ଗ୍ରାମସେବା ଆଦି କାମ କଲେ । ତାଙ୍କର ସ୍ୱାମୀ ଅନ୍ତର୍ଯ୍ୟାମୀ ପଣ୍ଡା ଚରଖା ସଂଘ (ଉତ୍କଳ ଶାଖା)ର ହିସାବ ରକ୍ଷକ ଓ ଅଡିଟର ଥିଲେ । ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ବରୀ ଅଞ୍ଚଳରେ ଓ ଅନ୍ୟତ୍ର ଶୋଭାଦେବୀ ଯୋଗ ଦେଇ, ୨ ବର୍ଷ କଟକ ଜେଲରେ ଅଟକ ବନ୍ଦୀ ଥିଲେ । ଖଲାସ ହେବା ପରେ ସେ ତାଙ୍କ ସ୍ୱାମୀଙ୍କ ସହ କେନ୍ଦ୍ରାପାଟଣା ଖଦୀ କେନ୍ଦ୍ରରେ କେତେ ବର୍ଷ ରହିଲେ । ବହୁ ବର୍ଷ ହେଲା ସେ ନିଜ ଗ୍ରାମ ଖଜୁରିଆ, ପୋ.ଅ-ରାମଚନ୍ଦ୍ରପୁର, ଭାୟା ଚିକିଟିରେ ରହିଥିଲେ । ତାଙ୍କର କନ୍ୟା ଗାୟତ୍ରୀଙ୍କୁ ସେ ବିଖ୍ୟାତ ନେତା ସୁରେନ୍ଦ୍ର ଦ୍ୱିବେଦୀଙ୍କ ସହ ବିବାହ ଦେଇଥିଲେ । ସେ ବର୍ତ୍ତମାନସ୍ୱର୍ଗତଃ ।

୮୨ । **ବୈଦ୍ୟନାଥ ଦାସ-** ଘର-ଉତ୍ତର ବିଞ୍ଝାରପୁରର ଚିକିଣା, ଜିଲ୍ଲା-ଯାଜପୁର । ପିତା-ରାମଚନ୍ଦ୍ର ଦାସ, ଜନ୍ମ-ନଭେମ୍ବର ୧୯୧୫ ମସିହାରେ ।

Digitized by PPRACHIN, SOA

ସେ ୫ମ ଶ୍ରେଣୀରୁ ପଢ଼ା ଛାଡ଼ି ୧୯୩୦ର ଲବଣ ସତ୍ୟାଗ୍ରହରେ ଜେଲ ଯାଇଥିଲେ । ସେ 'ବାନରସେନା' ଭୁକ୍ତ ହୋଇ 'ସ୍ୱରାଜ' ସମ୍ବାଦ ପତ୍ର ବିକିଲେ, ପିକେଟିଙ୍ଗ କଲେ । ୧୯୩୧ରେ ପୁରୀର ବଳୀଆପଣ୍ଡାଠାରେ କଂଗ୍ରେସ ସେବା ଦଳ ଟ୍ରେନିଂ ନେଲେ । ୧୯୨୨ରେ ବିଲାତି ଲୁଗା ଦୋକାନରେ ପିକେଟିଂ କରି ମୋଟରେ ୧୫ମାସ କଟକ ଓ ପାଟଣା କ୍ୟାମ୍ପ ଜେଲରେ ଥିଲେ । ଗୋପବନ୍ଧୁ ଚୌଧୁରୀଙ୍କ ସୁପାରିଶ କ୍ରମେ ସେ ନାଗପୁର ଜାତୀୟ ବିଦ୍ୟାଳୟରେ ଓ ସାବରମତୀ ଆଶ୍ରମରେ ଶିକ୍ଷା ପାଇଥିଲେ । ସେ ଗୁଜୁରାଟି ଭାଷା ଶିଖିଥିଲେ । ନିଜ ଗ୍ରାମରେ ରଚନାତ୍ମକ କାମ ଓ ବରୀରେ କଟେଜ୍ ଟ୍ୟାନେରୀ କାମ ମଧ କରିଥିଲେ । ତା ୨୭-୮-୪୨ରେ ଶ୍ରୀ ପଦ୍ମନାଭ ରାୟ ଓ ସେ ଯାଜପୁର କଚେରୀ ଘେରାଉ କରିବାରେ ନେତୃତ୍ୱ ନେଇଥିଲେ । ତତ୍‌ପରେ ସେ ପ୍ରାୟ ୨ ବର୍ଷ କଟକ ଓ ବ୍ରହ୍ମପୁର ଜେଲରେ ଅଟକ ବନ୍ଦୀ ଥିଲେ । ତତ୍‌ପରେ ନିଜ ଗ୍ରାମରେ 'ସମଗ୍ର ଗ୍ରାମସେବା' ପ୍ରୟୋଗ କଲେ । ବିନୋବାଜୀଙ୍କର ଭୂଦାନ-ଗ୍ରାମଦାନ କାର୍ଯ୍ୟ ଓ ପରେ କୋରାପୁଟର ଡ଼ାଙ୍ଗସୁରୁଡ଼ାରେ ନବନିର୍ମାଣ କାର୍ଯ୍ୟରେ ଅଣ୍ଣାସାହେବ ସହସ୍ର ବୁଦ୍ଧେଙ୍କର ମାର୍ଗଦର୍ଶନରେ ଅତିବାହିତ କରିଥିଲେ । ସେ ବହୁତ ଥର ବରୀ ଅଞ୍ଚଳକୁ ଆସି ଲୋକଙ୍କର ସେବାରେ କିଛି କିଛି ସମୟ ଦେଇଛନ୍ତି । ଗୋପବନ୍ଧୁ ଚୌଧୁରୀ ସ୍ମୃତିରକ୍ଷା ସ୍ଥାନୀୟ କମିଟିର ମଧ ଜଣେ କର୍ମକର୍ତ୍ତା ଥିଲେ । ସେ ଶାନ୍ତି ଦାସଙ୍କ ସହ ଅସବର୍ଣ୍ଣ ବିବାହ କରିଥିଲେ ।

୮୩ । **ଗୋଦାବରୀ ଦେବୀ-** ଜନ୍ମ -ଅକ୍ଟୋବର, ୧୯୧୫ ମସିହାରେ ଯାଜପୁର ଜିଲ୍ଲାର କଲ୍ୟାଣପୁରରେ । ମାତା- ହାରାମଣୀ ଦେବୀ, ପିତା-ବାଞ୍ଛାନିଧି ଦାସ । ଯାଜପୁରରେ ଉ.ପ୍ରା. ବୃତ୍ତି ପରୀକ୍ଷା ଦେଇଥିଲେ । ତାଙ୍କ ଗ୍ରାମରେ କଂଗ୍ରେସ ଓ ରଚନାତ୍ମକ କାର୍ଯ୍ୟ ହେଉଥିଲା । ସେଥିରେ ସେ ଉଦ୍‌ବୁଦ୍ଧ ହୋଇ କଂଗ୍ରେସରେ ଯୋଗ ଦେବାପାଇଁ ଜିଦ୍ ଧରିଲେ । ତାଙ୍କର ବାପା ତାଙ୍କୁ ଛାଡ଼ିଲେ ନାହିଁ । ଗୋଦାବରୀ ଦେବୀ ୩ ଦିନ ଗୋଟିଏ କୋଠରୀରେ ଅଖିଆ ଅପିଆ ରହିଲେ । ବାପା ଶେଷରେ ଶ୍ରୀଯୁକ୍ତା ରମାଦେବୀଙ୍କଠାରେ କଟକରେ ରହିବାକୁ ଅନୁମତି ଦେଲେ । ଗୋଦାବରୀ ଦେବୀ କଟକରେ ୧୯୩୦ରେ ସ୍ୱାଧୀନତା-ସଂଗ୍ରାମରେ ଯୋଗଦେଇଥିଲେ । ପୁରୀରେ ବଳିଆପଣ୍ଡା କ୍ୟାମ୍ପରେ ୧୯୩୧ରେ କଂଗ୍ରେସର ସ୍ୱେଛାସେବିକା ଟ୍ରେନିଂ ନେଇଥିଲେ । ୧୯୩୪ରେ ଗାନ୍ଧୀଜୀଙ୍କ ସହ ହରିଜନ ପଦଯାତ୍ରାରେ ଥିଲେ । ବରୀରେ ୧୯୩୪ରୁ ୧୯୪୧ ପର୍ଯ୍ୟନ୍ତ ରମାଦେବୀଙ୍କ ପାଖରେ ରହି କାର୍ଯ୍ୟ କଲେ । ରତ୍ନଗିରି ଗ୍ରାମରେ ରହି ରଚନାତ୍ମକ କାମ ମଧ କରିଥିଲେ । ୧୯୪୧ରେ କେତେ ମାସ ବେସରକାରୀ ମୌଳିକ ଶିକ୍ଷାରେ ଶିକ୍ଷକ ଟ୍ରେନିଂ ନେଇଥିଲେ । ଭାରତ ଛାଡ଼

Digitized by PPRACHIN, SOA

ଜନତାର ରାଜ୍ୟ, ହାଟ ବଜାରର ବ୍ରହ୍ମ ଜ୍ଞାନ, ପରଶମଣିର ସନ୍ଧାନେ, ଲୋକେ କେଉଁଠି ? ଆଜିର ସଂକଟର କାରଣ ଓ ନିରାକରଣ । ଇଂରାଜୀରେ Why Gramdan ? Time to speak, Freedom for masses, Exploring Gandhi. ହିନ୍ଦୀରେ ग्रामदान मार्गदर्शिका, मनोजगत की सैर, जनता का राज ।

ସେ ୧୯୫୫ରେ ଓ ୧୯୬୩ରେ ଓଡ଼ିଶାରେ ଆଚାର୍ଯ୍ୟ ବିନୋବାଙ୍କର ପଦଯାତ୍ରାରେ ଯୋଗ ଦେଇଥିଲେ, ତାଙ୍କର ଭାଷଣକୁ ଓଡ଼ିଆରେ ଅନୁବାଦ କରି ଶ୍ରୋତାମାନଙ୍କୁ ଶୁଣାଉଥିଲେ ।

ସେ ପତ୍ରିକା ସମ୍ପାଦନ କରିଛନ୍ତି-ରଚନା, ଗ୍ରାମସେବକ, ସର୍ବୋଦୟ, Vigil । ସେ ଭାଷା ଜାଣନ୍ତି - ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ମରାଠୀ, ଗୁଜୁରାଟୀ, ଇଂରାଜୀ, ଜର୍ମାନ, ଫ୍ରେଞ୍ଚ ।

- ବଢ଼େଇ କାମ, ରାତିରେ ଗ୍ରହନକ୍ଷତ୍ର ଟେଲିସ୍କୋପ ଦ୍ୱାରା ଦେଖିବା ତାଙ୍କର ସଉକ ଅଟେ । ସେ ୧୧/୦୬/୨୦୦୩ ମସିହାରେ ଇହଲୀଳା ସମ୍ବରଣ କଲେ ।

୮୧ । ଶୋଭା ଦେବୀ- ଜନ୍ମ-୧୦-୮-୧୯୧୪ ମସିହାରେ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡିରେ । ମାତା-କମଳା ରାଜଗୁରୁ, ପିତା-ଶ୍ୟାମସୁନ୍ଦର ରାଜଗୁରୁ । ପାଠପଢ଼ା-୭ମ ଶ୍ରେଣୀ ।

ସେ ୧୯୩୦ ମସିହାର ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଜେଲ ଯାଇଥିଲେ । ଗାନ୍ଧୀଜୀଙ୍କର ଉତ୍କଳ ହରିଜନ ପଦଯାତ୍ରାରେ ସେ ଥିଲେ । ପରେ ପରେ ରମାଦେବୀଙ୍କ ସେବାଘରେ ରହି ଖଦୀ, ଗ୍ରାମସେବା ଆଦି କାମ କଲେ । ତାଙ୍କର ସ୍ୱାମୀ ଅନ୍ତର୍ଯ୍ୟାମୀ ପଣ୍ଡା ଚରଖା ସଂଘ (ଉତ୍କଳ ଶାଖା)ର ହିସାବ ରକ୍ଷକ ଓ ଅଡିଟର ଥିଲେ । ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ବରୀ ଅଞ୍ଚଳରେ ଓ ଅନ୍ୟତ୍ର ଶୋଭାଦେବୀ ଯୋଗ ଦେଇ, ୨ ବର୍ଷ କଟକ ଜେଲରେ ଅଟକ ବନ୍ଦୀ ଥିଲେ । ଖଲାସ ହେବା ପରେ ସେ ତାଙ୍କ ସ୍ୱାମୀଙ୍କ ସହ କେନ୍ଦୁପାଟଣା ଖଦୀ କେନ୍ଦ୍ରରେ କେତେ ବର୍ଷ ରହିଲେ । ବହୁ ବର୍ଷ ହେଲା ସେ ନିଜ ଗ୍ରାମ ଖଜୁରିଆ, ପୋ.ଅ-ରାମଚନ୍ଦ୍ରପୁର, ଭାୟା ଚିକିଟିରେ ରହିଥିଲେ । ତାଙ୍କର କନ୍ୟା ଗାୟତ୍ରୀଙ୍କୁ ସେ ବିଖ୍ୟାତ ନେତା ସୁରେନ୍ଦ୍ର ଦ୍ୱିବେଦୀଙ୍କ ସହ ବିବାହ ଦେଇଥିଲେ । ସେ ବର୍ତ୍ତମାନସ୍ୱର୍ଗତଃ ।

୮୨ । ବୈଦ୍ୟନାଥ ଦାସ- ଘର-ଉତର ବିଞ୍ଝାରପୁରର ଚିକିଣା, ଜିଲ୍ଲା-ଯାଜପୁର । ପିତା-ରାମଚନ୍ଦ୍ର ଦାସ, ଜନ୍ମ-ନଭେମ୍ବର ୧୯୧୫ ମସିହାରେ ।

Digitized by PPRACHIN, SOA

ସେ ୫ମ ଶ୍ରେଣୀରୁ ପଢ଼ା ଛାଡ଼ି ୧୯୩୦ର ଲବଣ ସତ୍ୟାଗ୍ରହରେ ଜେଲ ଯାଇଥିଲେ । ସେ 'ବାନରସେନା' ଭୁକ୍ତ ହୋଇ 'ସ୍ୱରାଜ' ସମ୍ବାଦ ପତ୍ର ବିକିଲେ, ପିକେଟିଂ କଲେ । ୧୯୩୧ରେ ପୁରୀର ବଳୀଆପଣ୍ଡାଠାରେ କଂଗ୍ରେସ ସେବା ଦଳ ଟ୍ରେନିଂ ନେଲେ । ୧୯୨୨ରେ ବିଲାତି ଲୁଗା ଦୋକାନରେ ପିକେଟିଂ କରି ମୋଟରେ ୧୫ମାସ କଟକ ଓ ପାଟଣା କ୍ୟାମ୍ପ ଜେଲରେ ଥିଲେ । ଗୋପବନ୍ଧୁ ଚୌଧୁରୀଙ୍କ ସୁପାରିଶ କ୍ରମେ ସେ ନାଗପୁର ଜାତୀୟ ବିଦ୍ୟାଳୟରେ ଓ ସାବରମତୀ ଆଶ୍ରମରେ ଶିକ୍ଷା ପାଇଥିଲେ । ସେ ଗୁଜୁରାତି ଭାଷା ଶିଖିଥିଲେ । ନିଜ ଗ୍ରାମରେ ରଚନାତ୍ମକ କାମ ଓ ବରୀରେ କଟେଜ୍ ଟ୍ୟାନେରୀ କାମ ମଧ କରିଥିଲେ । ତା ୨୭-୮-୪୨ରେ ଶ୍ରୀ ପଦ୍ମନାଭ ରାୟ ଓ ସେ ଯାଜପୁର କଚେରୀ ଘେରାଉ କରିବାରେ ନେତୃତ୍ୱ ନେଇଥିଲେ । ତତ୍‌ପରେ ସେ ପ୍ରାୟ ୨ ବର୍ଷ କଟକ ଓ ବ୍ରହ୍ମପୁର ଜେଲରେ ଅଟକ ବନ୍ଦୀ ଥିଲେ । ତତ୍‌ପରେ ନିଜ ଗ୍ରାମରେ 'ସମଗ୍ର ଗ୍ରାମସେବା' ପ୍ରୟୋଗ କଲେ । ବିନୋବାଜୀଙ୍କର ଭୂଦାନ-ଗ୍ରାମଦାନ କାର୍ଯ୍ୟ ଓ ପରେ କୋରାପୁଟର ଡ଼ାଙ୍ଗସୁରୁଡ଼ାରେ ନବନିର୍ମାଣ କାର୍ଯ୍ୟରେ ଅଣ୍ଣାସାହେବ ସହସ୍ର ବୁଦ୍ଧେଙ୍କର ମାର୍ଗଦର୍ଶନରେ ଅତିବାହିତ କରିଥିଲେ । ସେ ବହୁତ ଥର ବରୀ ଅଞ୍ଚଳକୁ ଆସି ଲୋକଙ୍କର ସେବାରେ କିଛି କିଛି ସମୟ ଦେଇଛନ୍ତି । ଗୋପବନ୍ଧୁ ଚୌଧୁରୀ ସ୍ମୃତିରକ୍ଷା ସ୍ଥାନୀୟ କମିଟିର ମଧ ଜଣେ କର୍ମକର୍ତ୍ତା ଥିଲେ । ସେ ଶାନ୍ତି ଦାସଙ୍କ ସହ ଅସବର୍ଣ୍ଣ ବିବାହ କରିଥିଲେ ।

୮୩ । **ଗୋଦାବରୀ ଦେବୀ-** ଜନ୍ମ -ଅକ୍ଟୋବର, ୧୯୧୫ ମସିହାରେ ଯାଜପୁର ଜିଲ୍ଲାର କଲ୍ୟାଣପୁରରେ । ମାତା- ହାରାମଣୀ ଦେବୀ, ପିତା-ବାଞ୍ଛାନିଧି ଦାସ । ଯାଜପୁରରେ ଉ.ପ୍ରା. ବୃତ୍ତି ପରୀକ୍ଷା ଦେଇଥିଲେ । ତାଙ୍କ ଗ୍ରାମରେ କଂଗ୍ରେସ ଓ ରଚନାତ୍ମକ କାର୍ଯ୍ୟ ହେଉଥିଲା । ସେଥିରେ ସେ ଉଦ୍‌ବୁଦ୍ଧ ହୋଇ କଂଗ୍ରେସରେ ଯୋଗ ଦେବାପାଇଁ ଜିଦ୍ ଧରିଲେ । ତାଙ୍କର ବାପା ତାଙ୍କୁ ଛାଡ଼ିଲେ ନାହିଁ । ଗୋଦାବରୀ ଦେବୀ ୩ ଦିନ ଗୋଟିଏ କୋଠରୀରେ ଅଖିଆ ଅପିଆ ରହିଲେ । ବାପା ଶେଷରେ ଶ୍ରୀଯୁକ୍ତା ରମାଦେବୀଙ୍କଠାରେ କଟକରେ ରହିବାକୁ ଅନୁମତି ଦେଲେ । ଗୋଦାବରୀ ଦେବୀ କଟକରେ ୧୯୩୦ରେ ସ୍ୱାଧୀନତା-ସଂଗ୍ରାମରେ ଯୋଗଦେଇଥିଲେ । ପୁରୀରେ ବଳିଆପଣ୍ଡା କ୍ୟାମ୍ପରେ ୧୯୩୧ରେ କଂଗ୍ରେସର ସ୍ୱେଚ୍ଛାସେବିକା ଟ୍ରେନିଂ ନେଇଥିଲେ । ୧୯୩୪ରେ ଗାନ୍ଧୀଜୀଙ୍କ ସହ ହରିଜନ ପଦଯାତ୍ରାରେ ଥିଲେ । ବରୀରେ ୧୯୩୪ରୁ ୧୯୪୧ ପର୍ଯ୍ୟନ୍ତ ରମାଦେବୀଙ୍କ ପାଖରେ ରହି କାର୍ଯ୍ୟ କଲେ । ରତ୍ନଗିରି ଗ୍ରାମରେ ରହି ରଚନାତ୍ମକ କାମ ମଧ କରିଥିଲେ । ୧୯୪୧ରେ କେତେ ମାସ ବେସରକାରୀ ମୌଳିକ ଶିକ୍ଷାରେ ଶିକ୍ଷକ ଟ୍ରେନିଂ ନେଇଥିଲେ । ଭାରତ ଛାଡ଼

Digitized by PPRACHIN, SOA

ଆନ୍ଦୋଳନରେ ୨ ବର୍ଷ କଟକ ଜେଲରେ ଅଟକବନ୍ଦୀ ରୂପେ, ମୋଟ ୨ଥର ଜେଲ ଯାଇଥିଲେ । ବାଲେଶ୍ୱର ସହରର ରବୀନ୍ଦ୍ର ମୋହନ ଦାସ ୧୯୩୦ର ଲବଣ ସତ୍ୟାଗ୍ରହରେ, ୧୯୪୨ରେ ସ୍ୱାଧୀନତା-ସଂଗ୍ରାମରେ କାରାବରଣ କରିଥିଲେ । ତାଙ୍କ ସହ ଗୋଦାବରୀ ଦେବୀଙ୍କର ତା. ୧୩/୧୨/୧୯୪୫ ମସିହାରେ ବିବାହ ହେଲା । ସ୍ୱାଧୀନତା ଲାଭ ପରେ ଉଭୟେ ଦୁଃସ୍ଥ ଝିଅମାନଙ୍କୁ ଆଶ୍ରମରେ ରଖି ଉଚ୍ଚ ଶିକ୍ଷା ଦେଉଛନ୍ତି, ନାନା ଗଠନମୂଳକ କାର୍ଯ୍ୟ କରିଆସୁଛନ୍ତି ଏବଂ ସର୍ବଦା ପ୍ରଗତିଶୀଳ ବିଚାର ଓ ଆନ୍ଦୋଳନରେ ବ୍ରତୀ ଥିଲେ । ଗୋଦାବରୀ ଦେବୀଙ୍କ ଜୀବନରେ ୬ ଦଶନ୍ଧିଧରି କାମ କଲାପରେ ୩୦.୦୯.୧୯୯୬ ମସିହାରେ ମୃତ୍ୟୁବରଣ କଲେ ।

୮୪ । **ବୈକୁଣ୍ଠନାଥ ମହାନ୍ତି-** (ବଇଭାଇ) ପିତା-ସ୍ୱର୍ଗୀୟ ପୁରୁଷୋତ୍ତମ ମହାନ୍ତି, ମାତା-ଶ୍ରୀମତୀ ହରାମଣି ଦେବୀ (ଅବଳା) "ମୁଁ ୧୯୧୭ ମସିହା ମେ ୧୭ତାରିଖରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ କଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲି । ମାତ୍ର ୧୩ ବର୍ଷ ବୟସରେ ଗାନ୍ଧୀଜୀଙ୍କ ଆହ୍ୱାନରେ ୭ମ ଶ୍ରେଣୀରୁ ପାଠ ପଢ଼ା ଛାଡ଼ି ପରିବାରର ମାୟା ମମତାକୁ ବିସର୍ଜନ ଦେଇ, ସ୍ୱାଧୀନତା ଯଜ୍ଞରେ ଝାସ ଦେଲି । କଟକର ସ୍ୱରାଜ ଆଶ୍ରମରେ ରହି "ବାନର ସେନା" ସାଜି ମଦ, ଗଞ୍ଜେଇ, ଅଫିମ ଦୋକାନ ଆଗରେ ପିକେଟିଂ କରି ବହୁବାର ବେତ ମାଡ଼ ଖାଇଲି ଓ କଠୋର ନିର୍ଯ୍ୟାତନା ସହିଲି । ୧୯୩୦ ରୁ ୧୯୩୨ ଓ ୧୯୩୩ ମସିହା ଜୁନ୍ ମାସ ପର୍ଯ୍ୟନ୍ତ କଟକ ଓ ବିହାରର ପାଟନା କ୍ୟାମ୍ପ ଜେଲରେ ଥିଲି । ୧୯୩୩ ମସିହା ଜୁନ୍ ମାସରେ ଦେବୀ ନଦୀର ଖଣ୍ଡେଇତା ଘାଇ ବାଲିକୁଦା ଓ ଏରସମା ଥାନାର ବିସ୍ତୃତ ଅଞ୍ଚଳକୁ ଜଳପ୍ଳାବିତ କରିଦେଲା । ରାମକୃଷ୍ଣ ମିଶନର ସ୍ୱେଚ୍ଛାସେବକ ରୂପେ ରିଲିଫ କାମ କଲି । ଗୋପବନ୍ଧୁ ଚୌଧୁରୀଙ୍କ ଆହ୍ୱାନରେ ଗାନ୍ଧୀଜୀଙ୍କ ହରିଜନ ପଦଯାତ୍ରାରେ ମୁଁ ଯୋଗ ଦେଲି । ତାପରେ ପଦବ୍ରଜରେ ଭାରତର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁ ସ୍ଥାନ ପାଞ୍ଚବର୍ଷ କାଳ ବୁଲି ବହୁ ବିଚିତ୍ର ଅଭିଜ୍ଞତା ଅର୍ଜନ କରି ଘରକୁ ଫେରିଲି । ମନମୋହନ ଚୌଧୁରୀଙ୍କ ନିର୍ଦ୍ଦେଶରେ ବରୀର ଅରଙ୍ଗାବାଦରେ ରହି ମହୁମାଛି ପାଳନ ଶିକ୍ଷା କରି ଓଡ଼ିଶାର ବହୁ ଗ୍ରାମାଞ୍ଚଳରେ ଶିକ୍ଷା ଦେଲି । ୧୯୪୧ ବ୍ୟକ୍ତିଗତ ସତ୍ୟାଗ୍ରହରେ କଟକ ଜେଲରେ ସାତ ମାସ ଓ ଫୁଲବାଣୀ ଜେଲରେ ଆଠ ମାସ କଟାଇ ଯେଉଁ ଦିନ ଜେଲରୁ ମୁକ୍ତ ହେଲି, ତହିଁ ଆର ଦିନ "ଭାରତଛାଡ଼" ଆନ୍ଦୋଳନରେ ଗିରଫ ହୋଇ ଦୀର୍ଘ ଦୁଇ ବର୍ଷ କାଳ କଟକ, ଅନୁଗୁଳ, ବରହମପୁର ଜେଲରେ କଟାଇଲି । ଖଲାସ ହେବା ପରେ ରମାଦେବୀ ଓ ଗୋପବାବୁଙ୍କ ନିର୍ଦ୍ଦେଶରେ ଓ୍ୱାର୍ଦ୍ଧାର ସେବାଗ୍ରାମରେ ଗୁଜୁରାଟର ଲୋକନୃତ୍ୟ (ଡାଣ୍ଡିଆ ନାଚ) ଶିକ୍ଷାକରି

Digitized by PPRACHIN, SOA

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସଙ୍ଗୀତ ଓ ନୃତ୍ୟ ମାଧମରେ ଜାତୀୟତାର ପ୍ରଚାର ଓ ପ୍ରସାର କଲି । ବିଶେଷ କରି ବାଲିବିଲ, ହାଟସାହି, ଧାରପୁର ପ୍ରଭୃତି ଗ୍ରାମରେ ମୁଁ ଏହା ଶିଖାଇଥିଲି । ନିଜେ ବହୁତ ସଙ୍ଗୀତ ରଚନା କରି ପିଲାମାନଙ୍କୁ ଶିଖାଉଥିଲି । ନିଜେ ନାଚୁଥିଲି ଓ ଶିକ୍ଷାର୍ଥୀନୀମାନଙ୍କୁ ନଚାଉଥିଲି । ଅନୁଗୃଳର ବାଜୀରାଉତ ଛାତ୍ରବାସ ଓ ପୁରୀ ଜିଲ୍ଲାର ଅନେକ ଗ୍ରାମମାନଙ୍କରେ ଶିକ୍ଷାଦାନ କରୁଥିଲି ।

ପ୍ରଜା ସମାଜବାଦୀ ଦଳ ତରଫରୁ ୧୯୫୭ ଓ ୧୯୬୭ ମସାହାରେ ଦୁଇଥର ପାଇଁ ଓଡ଼ିଶାର ବିଧାନ ସଭାର ସଭ୍ୟ ହୋଇଥିଲି ।"

ସାଇ-ଭବନ, ଦେଉଳସାହି, କଟକ-୮ । ବୈକୁଣ୍ଠନାଥ ମହାନ୍ତି ।

୮୫ । **ସୁରେନ୍ଦ୍ରନାଥ ମହାନ୍ତି**- ଗ୍ରାମ-କୁଅଁରପୁର, ପୋ.ଅ.-ଜହଙ୍ଗର, ଜିଲ୍ଲା-କେନ୍ଦ୍ରାପଡ଼ା । ମାତା-✓ସୁବର୍ଣ୍ଣ ଦେଈ, ପିତା-✓ଆନନ୍ଦବଲ୍ଲଭ ମହାନ୍ତି, ସ୍ତ୍ରୀ- ଚାରୁଲତା ମହାନ୍ତି । ଜନ୍ମ- ତା୨୫-୧୦-୧୯୧୭ ମସିହାରେ । ଗାନ୍ଧୀଜୀଙ୍କର ଡ଼ାକରାରେ କେନ୍ଦ୍ରାପଡ଼ା ହାଇସ୍କୁଲରୁ ପାଠପଢ଼ା ଛାଡ଼ି ୧୯୩୦ରେ ମୁଁ ବାନରସେନାରେ ଯୋଗ ଦେଲି । କେନ୍ଦ୍ରାପଡ଼ାରେ ୧୯୩୧ରେ ଅଫିମ ଦୋକାନ ଓ ବିଦେଶୀ ଲୁଗା ଦୋକାନରେ ପିକେଟିଙ୍ଗ କରିଥିଲି । S.D.O କୋଲ ସାହେବ ଅବସର ପ୍ରାପ୍ତ ମିଲାଟାରୀ ଅଫିସର ଥିଲେ । ଜେଲରେ ଡ଼ାକ୍ତର ସତ୍ୟାଗ୍ରହୀମାନଙ୍କୁ ବେତମାଡ଼ ଦେବାକୁ ରାଜି ନ ହେବାରୁ, କୋଲ୍ ସାହେବ ନିଜେ ବେତମାଡ଼ ଦେଉଥିଲେ । ଲିଥୋଦ୍ୱାରା ଛାପା 'ବିଦ୍ରୋହୀ' ନାମକ ପତ୍ରିକା ଆମେ ବାଣ୍ଟୁଥିଲୁ । କଟକ ଜିଲ୍ଲାର ବୋରିକିନା ଅଞ୍ଚଳରେ ୧୯୩୨ରେ ମୁଁ ଲବଣ ଆଇନ୍ ଅମାନ୍ୟ କରି ୬ ମାସ କାରାଦଣ୍ଡ କଟକ ଜେଲରେ ଭୋଗିଥିଲି । ୧୯୪୨ର ଆନ୍ଦୋଳନରେ ମୁଁ କଟକ ଓ ବ୍ରହ୍ମପୁର ଜେଲରେ ୬ ମାସ ଥିଲି । ବ୍ରହ୍ମପୁର ଜେଲରେ ମୁଁ 'ଗୋ-ଆ-ଚା' (ଗୋପବନ୍ଧୁ ଆଚାର୍ଯ୍ୟ ହରିହର-ଚାଟୁବାବୁଙ୍କ ନାମରେ ଚଳୁଥିବା ନିରାମିଷାଶୀ ମାନଙ୍କର) ମେସ୍ ପ୍ରତି ଆକୃଷ୍ଟ ହୋଇଥିଲି । ୧୯୪୫ରୁ ୧୯୪୯ ପର୍ଯ୍ୟନ୍ତ କଟକର ସ୍ୱରାଜ୍ୟ ଆଶ୍ରମରେ ରହି ମୁଁ କଂଗ୍ରେସର ଗଠନ ମୂଳକ କାର୍ଯ୍ୟ କଲି । ତାହା ପରେ ଦୁଇ ବର୍ଷ ମୁଁ ରାମଚନ୍ଦ୍ରପୁରରେ ମା ରମାଦେବୀଙ୍କର ମାର୍ଗଦର୍ଶନରେ କସ୍ତୁରବା ଗାନ୍ଧୀ ନିଧିର ଅଫିସ କାର୍ଯ୍ୟ କଲି । ସେଠାକୁ ବିଶିଷ୍ଟ ବ୍ୟକ୍ତିମାନେ ବାହାରୁ ଆସି ମଧ୍ୟେ ମଧ୍ୟେ ଗାନ୍ଧୀଜୀଙ୍କ ବିଚାର ଓ ଆଚାର ବୁଝାଉଥିଲେ । ମୁଁ ସେଥିରେ ବଡ଼ ଆନନ୍ଦ ପାଉଥିଲି । ୧୯୫୧ରେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀଙ୍କର ସୂଚନାକ୍ରମେ ମୁଁ ସର୍ବୋଦୟ କାର୍ଯ୍ୟରେ ଓ ପରେ ଭୂଦାନ ଯଜ୍ଞ ଆନ୍ଦୋଳନରେ ଯୋଗ ଦେଲି । ତାଙ୍କ ଅନ୍ତେ ରମାଦେବୀ,

Digitized by PPRACHIN, SOA

ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀଙ୍କ ପ୍ରେରଣାରେ ମୁଁ ସର୍ବୋଦୟ କାର୍ଯ୍ୟ କରୁଛି । ୧୯୭୫ ଜରୁରୀକାଳୀନ ପରିସ୍ଥିତିରେ ମୁଁ କଟକରେ ପ୍ରଥମେ ବିରଜାପ୍ରସାଦ ରାୟ ପ୍ରଭୃତିଙ୍କ ସହ ଗିରଫ ହେଇଥିଲି ଏବଂ ୧୬ ମାସ ଜେଲରେ ଥିଲି । ମୁଁ ଗାନ୍ଧୀଜୀଙ୍କର ଓ ଜୟପ୍ରକାଶ ନାରାୟଣଙ୍କର ଅହିଂସାତ୍ମକ ଆନ୍ଦୋଳନରେ ବିଶ୍ୱାସ କରେ । ତେଣୁ, ମୁଁ ସର୍ବୋଦୟ ମଣ୍ଡଳ ଓ ସର୍ବସେବା ସଂଘର ସୂଚନାକ୍ରମେ କାର୍ଯ୍ୟ କରୁଅଛି । ମୋର ଘର ବରୀ-ଡ଼େରାବିସ୍ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଅଟେ ।" ସୁରେନ୍ଦ୍ର ମହାନ୍ତି ।

(ଶ୍ରୀ ସୁରେନ୍ଦ୍ର ବାବୁ ସ୍ୱାଧୀନତା-ସଂଗ୍ରାମୀର ରାଜନୈତିକ ପେନ୍‌ସନ୍ ନେଇ ନାହାନ୍ତି । ସେଥିପାଇଁ କେବେ ଦରଖାସ୍ତ ସୁଦ୍ଧା କରି ନାହାନ୍ତି । ସୁରେନ୍ଦ୍ର ବାବୁଙ୍କର ଦେହାନ୍ତ ୨୦/୦୬/ ୨୦୦୨ରେ ହୋଇଯାଇଛି । -ସଂକଳକ)

୮୬ । **ସୁନାମଣୀ ଦେବୀ-** ଗ୍ରାମ- ବିଶ୍ୱନାଥପୁର, ବ୍ରାହ୍ମଣଶାସନ, ଜିଲ୍ଲା- ପୁରୀ, ପଣ୍ଡିତ କୃପାସିନ୍ଧୁ ହୋତାଙ୍କର ସାନ ଭାଇଙ୍କର ସ୍ତ୍ରୀ । ଅତି ଅଳ୍ପ ବୟସରେ ସେ ବିଧବା ହୋଇଗଲେ । ସନ୍ତାନ ହୋଇ ନ ଥିଲେ । ଗାନ୍ଧୀଜୀଙ୍କର ସାବରମତୀ ଆଶ୍ରମରେ ଖଦୀ ଟ୍ରେନିଂ ନେଇଥିଲେ । ୧୯୩୨ରେ ଲବଣ ସତ୍ୟାଗ୍ରହରେ ଜେଲ ଯାଇଥିଲେ । ଢ଼େଙ୍କାନାଳ ନିକଟ ବେରବୋଇରେ ହୋତା ମହାଶୟ ଆଶ୍ରମ କରିବାରୁ ସେ ରହି ରଚନାତ୍ମକ କାର୍ଯ୍ୟ, ନାରୀ- ଜାଗରଣ ଆଦି କଲେ । ୧୯୩୮ର ଗା.ସେ.ସଂଘ ସମ୍ମିଳନୀରେ ସକ୍ରିୟ ସେବା କରିଥିଲେ । ୧୯୪୨-୪୪ ପର୍ଯ୍ୟନ୍ତ ଜେଲରେ ଥିଲେ । ଖଲାସ ହେବା ପରେ ସାକ୍ଷୀଗୋପାଳ ନିକଟ "କାଦୁଆ" ଆଶ୍ରମରେ ରହି ମହିଳାମାନଙ୍କୁ ଟ୍ରେନିଂ ଦେଲେ । ସାରଙ୍ଗଯୋଡ଼ି ଆଶ୍ରମର ଲକ୍ଷ୍ମୀନାନୀ ତାଙ୍କର ଅନ୍ତରଙ୍ଗ ସହକର୍ମୀ ଥିଲେ । ସେ ବହୁଥର ବରୀ ଅଞ୍ଚଳକୁ ଆସିଥିଲେ । ବାତଜ୍ୱରରେ ଅକର୍ମଣ୍ୟ ହୋଇଯିବାରୁ ସେ ବାଧ ହୋଇ ବାପଘରେ ଜୀବନର ଶେଷଭାଗ କଟାଇଥିଲେ । ତା ୩୧-୮-୧୯୮୪ରେ ଚଉରାଶୀ ବର୍ଷରେ ସେ ପ୍ରାଣତ୍ୟାଗ କଲେ ।

୮୭ । **ମଙ୍ଗଳା ସେନଗୁପ୍ତ-** ମାତା-୵କିରଣବାଳା ଦେବୀ, ପିତା- ୵ଦୁର୍ଗାଚରଣ ସେନଗୁପ୍ତ । ଜନ୍ମ-ବିକ୍ରମପୁର (ଢ଼ାକା)ରେ ୧୯୧୨ମସିହାରେ । ମୂଳ ଘର ପୂର୍ବ ବଙ୍ଗରେ ଓ ପରେ କଲିକତାରେ ରହୁଥିଲେ । ପରିବାରର ଅନେକ ସ୍ୱାଧୀନତାସଂଗ୍ରାମୀ ଥିଲେ । ତାଙ୍କର କାକା କଟକର ଓକିଲ ସତ୍ୟନାରାୟଣ ସେନଗୁପ୍ତ ଗାନ୍ଧୀବାଦୀ ଥିଲେ । ମଙ୍ଗଳା ଦେବୀ ୧୯୩୦ରେ କଂଗ୍ରେସରେ ଯୋଗ ଦେଲେ । ଶ୍ରୀଯୁକ୍ତା ରମାଦେବୀ ଆଦି ସହ ହରିଜନ କାମ, ଚାନ୍ଦା ସଂଗ୍ରହ, କଂଗ୍ରେସ ପ୍ରଚାର ଆଦି କଲେ । ସେ ୧୯୩୨ରେ ସ୍ୱାଧୀନତା-ସଂଗ୍ରାମରେ

Digitized by PPRACHIN, SOA

୪ମାସ ଭାଗଲପୁର ଜେଲରେ ରହିଲେ । ୧୯୩୪ ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରାରେ ଥିଲେ ଏବଂ ପରେ ରମାଦେବୀଙ୍କ ସହ ବରୀରେ ୧୯୪୨ ପର୍ଯ୍ୟନ୍ତ ରହି ନାନା ରଚନାତ୍ମକ କାମ ନିଷ୍ଠାସହ କଲେ । ଭାରତ ଛାଡ଼ ଆନ୍ଦୋଳନରେ ୨ ବର୍ଷ ଜେଲ ଜୀବନ କଟାଇଲେ । ଖଲାସ ହେବାପରେ ବରୀ ଅଞ୍ଚଳରେ କସ୍ତୁରବା କାର୍ଯ୍ୟ, କନ୍ୟାଶ୍ରମ, ମୌଳିକ ଶିକ୍ଷା ଆଦିରେ ରମାଦେବୀଙ୍କୁ ନିରବଚ୍ଛିନ୍ନ ଭାବରେ ସାହାଯ୍ୟ କରିଥିଲେ । ୧୯୫୨ରୁ କଟକରେ ଗୁଣନିଧି ଭବନରେ ରହୁଥିଲେ ହେଁ, ବରୀ ଅଞ୍ଚଳକୁ ଯାଇ ଲୋକଙ୍କର ବିପଦ ଆପଦରେ ସାହାଯ୍ୟ କରୁଥିଲେ । ତା ୨୭-୨-୧୯୫୫ରେ ମୃତ୍ୟୁ ପର୍ଯ୍ୟନ୍ତ ସେ ସର୍ବୋଦୟ କାର୍ଯ୍ୟ, ଶାନ୍ତିସେନା, ରିଲିଫ ଥଇଥାନ ଓଡ଼ିଶାରେ ଓ ଓଡ଼ିଶା ବାହାରେ କରିଛନ୍ତି । ସେ ଚିରକୁମାରୀ ଥିଲେ । ସେ 'ମାସୀ' ନାମରେ ସାନମାନଙ୍କ ବେଶୀ ପରିଚିତ ଥିଲେ ।

୮୮ । **ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରାଣା)**- (ଡାକ ନାମ-ଚୁନୀ ଦେବୀ)- ବାଖରାବାଦ, କଟକ ସହର । ମାତା-ରମାଦେବୀ, ପିତା-ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ-ଶରତଚନ୍ଦ୍ର ମହାରାଣା । ଜନ୍ମ ତା ୩-୧୧-୧୯୧୭ ମସିହାରେ ।

"ପରାଧୀନ ଭାରତରେ ୧୯୩୦ ଜାନୁଆରୀ ୨୬ ତାରିଖରେ ଭାରତବାସୀ ପୂର୍ଣ୍ଣ ସ୍ୱରାଜ ହାସଲ କରିବାର ସଂକଳ୍ପ ଗ୍ରହଣ କରିଥିଲେ । ଆମେ କେତେ ଜଣ ଅପ୍ରାପ୍ତ ବୟସ୍କ ପିଲା ଏହି ଶପଥକୁ ଦୋହରାଇଥିଲୁ । ପତାକା ଉତ୍ତୋଳନ ଉତ୍ସବରେ ମାଳତୀ ଚୌଧୁରୀଙ୍କ ସହ ଯୋଗ ଦେଇଥିଲି । ଅଳକାଶ୍ରମରେ ଆମେ ଥିବାବେଳେ ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ସହ ମୁଁ କଂଗ୍ରେସ ମେମ୍ବର କରାଉଥିଲି । ଜାତୀୟ କବି ବାଞ୍ଛାନିଧି ମହାନ୍ତି (ବାଲେଶ୍ୱର)ଙ୍କର ରଚିତ ଜାତୀୟ ସଂଗୀତ ଆମେ ବୋଲୁଥିଲୁ । ୧୯୨୮ରେ ସାଇମନ କମିଶନକୁ ବୟକଟ୍ କରିବାର ଗୀତ ଗାଇଥିଲୁଁ । ତା ୬-୪-୩୦ରେ ବାପା ଗୋପବନ୍ଧୁ ଚୌଧୁରୀ ଲୁଣ ମାରିବାକୁ ଇଞ୍ଚୁଡ଼ି ଅଭିମୁଖେ ବାହାରିଲେ, ବାଟରେ ଆରେଷ୍ଟ ହେଲେ । ବୁଢ଼ୀମା ପଦ୍ମାବତୀ ଦେବୀ ବାଖରାବାଦରେ ନିଜ ଘରେ ଥାନ୍ତି । ସେଠାରେ ଆଚାର୍ଯ୍ୟ ହରିହରଙ୍କର 'ଗୀତା' ଜମା ହୋଇଥାଏ । ମୁଁ ସର୍ବପ୍ରଥମେ ସେହି ଗୀତା ପଢ଼ିବା ଆରମ୍ଭ କଲି । କଟକ ସହରରେ ଆମେ ବିଲାତି ଲୁଗା ବୟକଟ୍ କରିବା, କଂଗ୍ରେସ ବୁଲେଟିନ୍ ବାଣ୍ଟିବା, ଚାନ୍ଦା ମାଗିବା ଆଦି କାର୍ଯ୍ୟ କଲୁ । ଆମ୍ଭମାନଙ୍କ ପଛରେ ଗୋଇନ୍ଦା ପୋଲିସ ଚାଲିଥାନ୍ତି । ମୋ ବାପା, ବୋଉ, ଦାଦା, ଖୁଡ଼ୀ ଓ ଖୁଡ଼ୀଙ୍କର ଝିଅ ଉତ୍ତରା ଜେଲରେ ଥିଲେ । ମୋର ଆଈ ବସନ୍ତ କୁମାରୀ ଓ ସାଆନ୍ତମା ପଦ୍ମାବତୀ ଦେବୀ ମୋର ତତ୍ତ୍ୱାବଧାନ କରୁଥାନ୍ତି । ମୁଁ ଓ କରୁଣା ବେଆଇନ ଲୁଣ ବିକ୍ରି କରୁଥିଲୁ ।

Digitized by PPRACHIN, SOA

ସେହିହେତୁ ଡେପୁଟି ଆହେଦ୍ ସାହେବ ମୋତେ ୧୪ ବର୍ଷରୁ ଊଣା ହେତୁ ଜୋରିମାନା କଲେ ଓ କରୁଣାକୁ ୨ବର୍ଷ ୬ମାସ ଜେଲ ଦେଲେ ।

୧୯୩୪ରେ ଗାନ୍ଧୀଜୀଙ୍କ ସହ ହରିଜନ ପଦଯାତ୍ରାରେ ରହିଲୁ । ସେହି ବର୍ଷ ଅଗଷ୍ଟରୁ ବରୀ ଅଞ୍ଚଳରେ ବାପା ବୋଉ ଆଦିଙ୍କ ସହ ରହି ମୁଁ ରଚନାତ୍ମକ କାର୍ଯ୍ୟ କଲି । ପୁରୀ ଜିଲ୍ଲାର ବୀର-ନରସିଂହପୁର ଶାସନରେ ଖଦୀ, ନାରୀ ଜାଗରଣ, କଂଗ୍ରେସ କାର୍ଯ୍ୟ ଆଦି କଲି । ମାର୍ଚ୍ଚ ୧୯୪୧ରୁ ବରୀ ଅଞ୍ଚଳରେ ବେସରକାରୀ ମୌଳିକ ଶିକ୍ଷା କାର୍ଯ୍ୟ କଲି । ୧୯୪୨ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ୨ ବର୍ଷ ୬ ମାସ ଜେଲରେ ରହିଲି ।" ସେ ୧୯୪୬ରୁ ୨ ବର୍ଷ କସ୍ତୁରବା ଗାନ୍ଧୀ ମହିଳା ଟ୍ରେନିଂ କାର୍ଯ୍ୟରେ ସାହାଯ୍ୟ ଓ ୧୯୪୯ରୁ ଉତ୍କଳ ଖଦୀ ମଣ୍ଡଳର ବହି ଅନୁବାଦରେ, ଗାନ୍ଧୀ ସ୍ମାରକ ନିଧିର ଆଦେଶରେ ଗାନ୍ଧୀ ରଚନାବଳୀ ପାଇଁ ହିନ୍ଦୀରୁ ଓଡ଼ିଆରେ ଅନୁବାଦ, ରମାଦେବୀଙ୍କୁ ରିଲାଫ ଅଇଥାନ କାର୍ଯ୍ୟ, ସର୍ବୋଦୟ, ଶାନ୍ତିସେନା କାର୍ଯ୍ୟ, ବନାରସରେ ମହିଳା ଶାନ୍ତିସେନା ଟ୍ରେନିଂରେ ସାହାଯ୍ୟ ଆଦି କରିଛନ୍ତି । ବିନୋବାଜୀଙ୍କ ପଦଯାତ୍ରାରେ, ସୀମାନ୍ତ ଗାନ୍ଧୀଙ୍କ ଭାରତ ଗସ୍ତରେ ରମାଦେବୀଙ୍କର ନିର୍ଦ୍ଦେଶରେ ମଧ୍ୟ ସାହାଯ୍ୟ କରିଥିଲେ । ନାଗରୀଲିପି ପରିଷଦ୍ (ଉତ୍କଳ) ଓ ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ନିଧି କାର୍ଯ୍ୟରେ ଯଥାଶକ୍ତି ସମୟ ଦେଉଛନ୍ତି । କେନ୍ଦ୍ରୀୟ କସ୍ତୁରବା ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟୀ ବହୁଦିନ ଧରି ଥିଲେ ଏବଂ ଉତ୍କଳରେ ନିଧିର କାର୍ଯ୍ୟରେ ଯଥାଶକ୍ତି ପରାମର୍ଶ ଦେଉଛନ୍ତି । ବରୀରେ ଶ୍ରୀ ଶରତ୍ ଚନ୍ଦ୍ର ମହାରାଣାଙ୍କ ସହ ତା ୨୫-୨-୧୯୪୨ରେ ବିବାହ ହୋଇଥିଲା ।

୮୯ । **ଶରତଚନ୍ଦ୍ର ମହାରାଣା**- ମାତା-√ରାସମଣି, ପିତା-√ଚନ୍ଦ୍ରମୋହନ ମହାରାଣା । ଜନ୍ମ-ତା ୨-୩-୧୯୦୮ ମସିହାରେ, ଗ୍ରାମ-ପୁରୁଷୋତ୍ତମପୁର, ଥାନା-ରେମୁଣା, ଜିଲ୍ଲା-ବାଲେଶ୍ୱରରେ । ପାଠପଢ଼ା ବି.ଏ., ଡ଼ିପ୍-ଇନ୍ ଏଡୁକେଶନ୍ ପରେ ମାଷ୍ଟର ଅଫ୍ ଏଡୁକେଶନ୍ (ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୩୬ରେ) । "ବି.ଏ. ପଢ଼ିବାବେଳେ ମୁଁ "ମଡ଼ର୍ଣ୍ଣ ରିଭ୍ୟୁ" ମାସିକ ପତ୍ରିକାରେ ଡକ୍ଟର ହରନାରାୟଣ ସିଂହ ପିଏଚ୍.ଡ଼ି (ଲଣ୍ଡନ)ଙ୍କର ଗୋଟିଏ ଲେଖା ପଢ଼ିଥିଲି । ସରକାରୀ ଚାକିରୀ କରିବାବେଳେ ମୁଁ ଓଡ଼ିଶାର ଇନ୍‌ସ୍‌ପେକ୍ଟର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ରାୟ, ବି.ଏ (ଅକ୍‌ସଫୋର୍ଡ଼)ଙ୍କ ଠାରୁ ବ୍ରିଟିଶ ସାମ୍ରାଜ୍ୟର ଆଗାମୀ ସଙ୍କଟ ସମ୍ବନ୍ଧରେ ଶୁଣିଥିଲି । ଏହି ଉଭୟ ଇତିହାସ-ବେତ୍ତାଙ୍କର ଲେଖା ଓ କଥାର ତାତ୍ପର୍ଯ୍ୟ ଥିଲା ଯେ ଦ୍ୱିତୀୟ ମହାଯୁଦ୍ଧ, ଫଳରେ ବ୍ରିଟିଶ ସାମ୍ରାଜ୍ୟ ଭାରତରେ ତିଷ୍ଠି ପାରିବ ନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ୧୯୨୧ରୁ ମୋର ଘୋର ସମ୍ମାନ ଥିଲା । ତା ୧-୬-୧୯୩୯ରୁ ତା ୨୮-୨-୧୯୪୧ ପର୍ଯ୍ୟନ୍ତ ମୁଁ ଛୋଟିଆ ସରକାରୀ ଚାକିରିଆ ରୂପେ ବରୀ ଅଞ୍ଚଳରେ ସରକାରୀ ମୌଳିକ ଶିକ୍ଷାର

Digitized by PPRACHIN, SOA

ଅସ୍ଥାୟୀ ପ୍ରୟୋଗର ଅର୍ଗାନାଇଜର (ସଂଗଠକ) ଥିଲି । ସରକାର ସେହି ପ୍ରୟୋଗ ବନ୍ଦ କରିଦେବାରୁ ମୁଁ ସ୍ୱେଚ୍ଛାରେ, ମୋର ମାଆଙ୍କର ଅନୁମତି ନେଇ, ଛୋଟିଆ ଚାକିରିରୁ ଇସ୍ତଫା ଦେଲି । ଇସ୍ତଫାର କାରଣ ମୁଁ ଲେଖି ନ ଥିଲି କିମ୍ବା ଅନ୍ୟ ପ୍ରଭାବିତ ହୋଇ ତାହା କରି ନ ଥିଲି । ବେସରକାରୀ ମୌଳିକ ଶିକ୍ଷାରେ ମୁଁ କାମ କଲି । ୧୯୪୨ର ସ୍ୱାଧୀନତା ଆନ୍ଦୋଳନରେ ତା ୨/୯/୪୨ରେ ମୁଁ ଗିରଫ ହୋଇ ତା ୧୯/୭/୧୯୪୪ ପର୍ଯ୍ୟନ୍ତ ଜେଲରେ ଥିଲି । ଦ୍ୱିତୀୟ ଥର ୧୯୪୪ର ଗଣେଶ ପୂଜା ପରେ ଗିରଫ ହୋଇ ପ୍ରାୟ ଦେଢ଼ମାସ ମାତ୍ର ଯାଜପୁର ସବ୍‌ଜେଲରେ ଥିଲି । ଆଚାର୍ଯ୍ୟ (ହରିହର ଦାସ) ମହାଶୟ, ମା ରମାଦେବୀ ଆଦିଙ୍କ ପ୍ରେରଣାରେ ପ୍ରାୟ ୩ ବର୍ଷ ସେହି କାର୍ଯ୍ୟ ଓ ଆନୁଷଙ୍ଗିକ ଗ୍ରାମସେବା କାର୍ଯ୍ୟ କଲି । ମୋର ଅସୁସ୍ଥତା ହେତୁ ପ୍ରାୟ ୨ ବର୍ଷ କିଛି କରି ନାହିଁ । ତା ୨୯/୫/୫୨ରୁ ଉତ୍କଳ ବେସରକାରୀ ଭୂଦାନ ଯଜ୍ଞ ସମିତିର ମୁଁ ସଂଯୋଜକ ହୋଇ ପ୍ରାୟ ୬ ବର୍ଷ ସେହି ଆନ୍ଦୋଳନରେ ସମୟ ଦେଲି । ପରେ ପୁଣି ବେସରକାରୀ ମୌଳିକ ଶିକ୍ଷା, ସର୍ବୋଦୟ, ଗାନ୍ଧୀରଚନାବଳୀ-ପ୍ରକାଶନ, ରିଲିଫ୍, ଥଇଥାନ ଆଦି କାର୍ଯ୍ୟରେ ଯତ୍ ସାମନ୍ୟ ସହଯୋଗ କରିଥିଲି । ଏଥିପାଇଁ ମୁ ମୌଳିକ ଶିକ୍ଷା ପରିଷଦ୍, ସର୍ବୋଦୟ ମଣ୍ଡଳ ଓ ଗାନ୍ଧୀସ୍ମାରକ ନିଧି (ଉତ୍କଳ ଶାଖା)ରୁ ଭତ୍ତା ପାଇଥିଲି । ମୋ ନିଜ ବୁଦ୍ଧିରୁ ମୁଁ କିଛି ପ୍ରାୟ କରିନାହିଁ । ମା ରମାଦେବୀ ଓ କର୍ତ୍ତୃପକ୍ଷଙ୍କର ଉପଦେଶ ମୁଁ ବୁଝି ପାରିଥିବା ମୁତାବକ ପାଳନ କରିଥିଲି । ସରକାରୀ ଚାକିରିରେ ଓ ପରେ ମୁଁ ଅନେକ ଭଲ କଥା ସାନ ପିଲାଙ୍କଠାରୁ, ତଳେ ଥିବା ଶିକ୍ଷକମାନଙ୍କଠାରୁ ଓ ସହକର୍ମୀମାନଙ୍କଠାରୁ ଶିଖିଥିଲି । ଜୁନ, ୧୮୮୭ରେ ତାଙ୍କର ଦେହ ଖରାପ ଥିଲା । ପୁନଶ୍ଚ ଭଲହୋଇ ସବୁ କାମରେ ଲାଗିଲେ । ଗାନ୍ଧି ନିଧିର ସଭାପତି ମଧ ହୋଇଥିଲେ । ତାଙ୍କର ଦୁଇ ପୁଅ ଏବଂ ଦୁଇ ବୋହୂ ଏବଂ ଗୋଟିଏ ନାତି ଅଛନ୍ତି । ତାଙ୍କର ୩୦/୦୫/୨୦୦୭ରେ ଦେହାନ୍ତ ହୋଇଯାଇଛି ।

୯୦ । ବାସୁଦେବ ମହାନ୍ତି- ଗ୍ରାମ/ପୋ.ଅ-ଯଖପୁରା, ଜିଲ୍ଲା- ଯାଜପୁର । ମାତା- ଚମ୍ପାଦେବୀ, ପିତା-ଜଗବନ୍ଧୁ ମହାନ୍ତି । ଜନ୍ମ ୧୯୧୩ ମସିହାରେ ।

ଏହାଙ୍କର ପିତା କେଉଁଝର (ଗଡଜାତ) ରାଜାଙ୍କର ସହକରୀ ଦେୱାନ୍ ଥିଲେ । ସେ ବହୁତ ଜମିବାଡି କେଉଁଝରରେ ଓ ସୁକିନ୍ଦାରେ କରିଥିଲେ । ବାସୁଦେବଙ୍କର କୈଶୋରରେ ପିତାଙ୍କର ଦେହାନ୍ତ ହୋଇଗଲା । ବଡ ଭାଇ ନାରାୟଣ ବେଶି ପଢି ନ ଥିଲେ ଏବଂ ମିଡିଲ୍ ଇଂଲିଶ ପାସ ପରେ ବାସୁଦେବଙ୍କୁ ଆଉ ପଢାଇଲେ ନାହିଁ । ସେହି ଅଳ୍ପ ବୟସରେ ବାସୁଦେବ ପଛୁଆ ଗାଁମାନଙ୍କରେ ଚାଟଶାଳୀ ଓ ପ୍ରାଥମିକ ବିଦ୍ୟାଳୟ ଖୋଲି ନିଜେ ଶିକ୍ଷକତା କଲେ । ଏଲିମେଣ୍ଟାରୀ ଟ୍ରେନିଂ ପାସ୍ କଲେ । ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ସେ ଗିରଫ

Digitized by PPRACHIN, SOA

ହେଲେ । କଟକ ଓ ବ୍ରହ୍ମପୁର ଜେଲରେ ସେ ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ ଆଦିଙ୍କ ଘନିଷ୍ଠ ସମ୍ପର୍କରେ ଆସିଲେ । ଜେଲରୁ ଖଲାସ ପରେ ସେ ରାଜନୈତିକ ବନ୍ଦୀମାନଙ୍କର ପିଲାଙ୍କ ପାଇଁ ଛାତ୍ରାବାସରେ ରାମଚନ୍ଦ୍ରପୁରରେ ତତ୍ତ୍ୱାବଧାରକ ରହିଲେ ଓ ପରେ ସେଠାରେ ଶିକ୍ଷକତା କଲେ । ଘର-ତିଆରି, ଘର-ଛାଉଣି, ସୂତାକଟା, ଚାଷ, ବଗିଚା, ଗୋପାଳନ ଠାରୁ କବିତା ଲେଖିବା ପର୍ଯ୍ୟନ୍ତ ବହୁ ବିଷୟରେ ତାଙ୍କର ଦକ୍ଷତା ଥିଲା । ଛାତ୍ରମାନଙ୍କୁ ବ୍ୟବହାରିକ ଶିକ୍ଷା ଦେବାରେ ବଡ଼ ଧୁରନ୍ଧର ଥିଲେ । ତାଙ୍କର ବ୍ୟବସାୟ-ବୁଦ୍ଧି ଅତିରିକ୍ତ ହେବାରୁ ସେ ଉକ୍ତ ଶିକ୍ଷା କେନ୍ଦ୍ର ଛାଡ଼ି ଦେଲେ ।

ଗୋପବନ୍ଧୁ ଚୌଧୁରୀ ଓ ମା ରମାଦେବୀଙ୍କ ସହ ତା ୭.୧.୧୯୫୨ରୁ ସେ ଶୈରିକ ପର୍ଯ୍ୟନ୍ତ ସଙ୍ଗରେ ପଦଯାତ୍ରାରେ ଥିଲେ । ଏମାନେ ନିଳକଣ୍ଠପୁରକୁ ଯାଇ ଶହୀଦ୍ ବାଜୀରାଉତଙ୍କର ଜନ୍ମ-ସ୍ଥାନ ପରିଦର୍ଶନ କରିଥିଲେ । ବିନୋବାଜୀଙ୍କର ଭୂଦାନ ଯଜ୍ଞରେ ସେ ସାହାଯ୍ୟ କରିଥିଲେ । ତା ୦୮.୦୫.୬୦ରେ ତାଙ୍କର ଘର ପୋଡ଼ିଗଲା । ମାତ୍ର କାତର ହେଲେ ନାହିଁ । ୧୯୮୦ରେ ସୁକିନ୍ଦା ଅଞ୍ଚଳରେ ମରୁଡ଼ିଜନିତ ଅନାହାର ବେଳେ ସେ ମା ରମାଦେବୀଙ୍କର ବେସରକାରୀ ରିଲିଫ୍ କାର୍ଯ୍ୟରେ ସ୍ୱେଚ୍ଛାସେବକ ରୂପେ ସାହାଯ୍ୟ କରିଥିଲେ । ତା ୧/୮/ ୧୯୮୩ ମସୀହାରୁ ସେ ବାମ ଅଙ୍ଗର ପକ୍ଷାଘାତରେ ପୀଡ଼ିତ ହୋଇ ବହୁ ଯନ୍ତ୍ରଣା ଭୋଗିଲେ ।

୯୧ । ବିଶ୍ୱନାଥ ପଟ୍ଟନାୟକ- ମାତା-ଇନ୍ଦୁ ମତୀ, ପିତା- ଉପେନ୍ଦ୍ର ପଟ୍ଟନାୟକ, ଜନ୍ମ-ତା ୧୯-୧୧-୧୯୧୬ରେ ଗଞ୍ଜାମ ଜିଲ୍ଲାର କୁମରଡ଼ା ଗ୍ରାମରେ ।

ସେ ଆନ୍ଧ୍ରର ଇଚ୍ଛାପୁରରେ ୮ମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ପରେ ଗଞ୍ଜାମର କୃପାସିନ୍ଧୁ ପଣ୍ଡାଙ୍କର ପ୍ରେରଣାରେ ଦେଶସେବା ପ୍ରତି ଆକୃଷ୍ଟ ହେଲେ । ସେ ବରୀରେ ଚାଟୁବାବୁଙ୍କଠାରେ ଖଦୀ ଟ୍ରେନିଂ ନେଲେ । ତାଳଚେରରୁ ଆସିଥିବା ଶରଣାର୍ଥୀମାନଙ୍କୁ ଗାନ୍ଧୀ ସେବା ସଂଘ ପକ୍ଷରୁ ସେ ସୂତାକଟା ଆଦି ଉତ୍ପାଦକ ଧନ୍ଦା ଶିଖାଇଲେ । ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ସେ ୩ବର୍ଷ କାରାଦଣ୍ଡ ଭୋଗ କରିଥିଲେ ସେ ଗୁଣପୁର ଓ କୁଜେନ୍ଦ୍ରୀ ଗ୍ରାମରେ ଏତେ ପ୍ରଭାବ ପକାଇଥିଲେ ଯେ ୧୯୪୨ରେ କୁଜେନ୍ଦ୍ରୀ ଗ୍ରାମରୁ ୨୫ଜଣ ନାରୀ କର୍ମୀ ଓ ୩୫ଜଣ ପୁରୁଷ କାରାବରଣ କରିଥିଲେ ।ସେ ଚିର କୁମାର ।ଗୋପବାବୁଙ୍କର ସୂଚନା କ୍ରମେ ସେ ଗୁଣପୁରରେ ଓ କୁଜେନ୍ଦ୍ରୀରେ ଆଶ୍ରମ କରି ଆଦିବାସୀମାନଙ୍କର ଉନ୍ନୟନ - ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟ ଜରିଆରେ - କରାଇବାରେ ଲାଗିଲେ । ସେ "ଆଜ୍ଞା" ନାମରେ ବେଶି ପରିଚିତ । ଉତ୍କଳ

Digitized by PPRACHIN, SOA

ନବଜୀବନ ମଣ୍ଡଳର ଆରମ୍ଭରୁ ସେ ସଦସ୍ୟ । ୧ ୯ ୫ ୨ରେ ଭୂଦାନ ଯଜ୍ଞ ଆରମ୍ଭରୁ ସେ ଜଣେ ଅତି ସଚ୍ଚୋଟ ଓ ସେବା ପ୍ରାଣ କର୍ମୀ, ଏବଂ ନବନିର୍ମାଣ କାର୍ଯ୍ୟରେ ମଧ୍ୟ ଖୁବ୍ ସହଯୋଗ କରିଥିଲେ । ଏ କେତେ ବର୍ଷ ହେଲା ସେ ଫୁଲବାଣୀ ଜିଲ୍ଲାର ବାଲିଗୁଡା ଠାରେ ବନବାସୀ ସେବାସମିତି ନାମକ ସଂସ୍ଥାର ମୁଖ୍ୟ ମାର୍ଗ-ଦର୍ଶକ-ଭାବରେ ରହୁଛନ୍ତି ।

୯୭ । କୃଷ୍ଣଚରଣ ସାହୁ- ଗ୍ରାମ/ପୋ.ଅ- ସିଲନ୍ଦି, ଭାୟା- ବସନ୍ତିଆ, ଜିଲ୍ଲା- ବାଲେଶ୍ୱର, ମାତା- ରାଧା ଦେଈ, ପିତା- ନନ୍ଦକିଶୋର ସାହୁ । ଜନ୍ମ ତା ୧୫/୮/୧୯୧୭ ମସିହାରେ ।

"ମୁଁ ୧ ୯ ୩୭ରେ ମ୍ୟାଟ୍ରିକୁଲେଶନ୍ ପାସ୍ କରି ରାମଚନ୍ଦ୍ରପୁରରେ ତା ୧/୬/୩୯ ରୁ ୬ମାସ ମୌଳିକ ଶିକ୍ଷାର ସରକାରୀ ଟ୍ରେନିଂ ନେଲି । ଏପ୍ରିଲ, ୧ ୯ ୪୦ରୁ ତା ୨୮/୨/ ୧ ୯ ୪ ୧ ପର୍ଯ୍ୟନ୍ତ ବାଲିବିଲ ସରକାରୀ ମୌ. ବିଦ୍ୟାଳୟରେ ଶିକ୍ଷକତା କଲି । ଓଡ଼ିଶା ସରକାର ସେହି ପ୍ରୟୋଗ ବନ୍ଦ କରିଦେବାରୁ ଗାନ୍ଧୀଜୀଙ୍କର ଆଶୀର୍ବାଦ ତା ୧୪/୨/୪୧ର ପତ୍ର ଦ୍ୱାରା ଲାଭ କରି ଆମ୍ଭେମାନେ କେତେ ଜଣ ବେସରକାରୀ ପ୍ରୟୋଗରେ ଲାଗି ରହିଲୁ ।

୧ ୯ ୪ ୨ର 'ଭାରତ ଛାଡ଼' ଆନ୍ଦୋଳନରେ ମୁଁ ଯୋଗ ଦେଲି । ବିଞ୍ଝାରପୁର, ଧର୍ମଶାଳା, ମାହାଙ୍ଗା, ବଡ଼ଚଣା ଥାନାଗୁଡ଼ିକର ବିଭିନ୍ନ ଅଞ୍ଚଳରେ ମୁଁ ଆନ୍ଦୋଳନର ପ୍ରୋଗ୍ରାମକୁ ବିସ୍ତୃତ୍ ପରିମାଣରେ କାର୍ଯ୍ୟକାରୀ କଲି । ଜହ୍ନରାତିରେ ମୁଁ ଇନ୍ଦୁପୁର, ଚଉଦକୁଳାଟ ବାଟ ଯାଇ କେନ୍ଦ୍ରାପଡ଼ାରେ ପହଞ୍ଚିଲି । କେନ୍ଦ୍ରପଡ଼ାରେ କୋର୍ଟର ହାକିମଙ୍କୁ ଚାକିର ଛାଡ଼ିଦେବାକୁ ଅନୁରୋଧ କଲି । ସେ ମୋତେ ୬ ମାସ ଜେଲ ଦେଲେ । ବ୍ରହ୍ମପୁର ଜେଲରେ ବୀର ଲକ୍ଷ୍ମଣ ନାୟକଙ୍କର ସେଲ (Cell) ପାଖ ଏକ ୱାର୍ଡରେ ଜେଲର ମୋତେ ଓ ହରିଚରଣ ଜେନାଙ୍କୁ ରଖିଲେ । ନାୟକ ଆବୃତ୍ତି କରୁଥିବା ଭାଗବତ ଓ ଭଜନମାନ ଆମେ ଶୁଣୁଥିଲୁ । ପ୍ରବଳ ବାତ୍ୟା ଫଳରେ ୨ଦିନ ରନ୍ଧା ହୋଇପାରିଲା ନାହିଁ । ରାଜନୈତିକ ବନ୍ଦୀଙ୍କ ମଧ୍ୟରୁ ଅନେକ ଯୁବକ କଞ୍ଚା ବୋଇତ କଖାରୁ ଆଦି ଖାଇଲେ । ଜେଲର ବାହାର ପାଚେରିର କେତେ ଅଂଶ ମୂଳରୁ ଗଡ଼ି ପଡିଲା । ମାର୍ଚ୍ଚ, ୧ ୯ ୪୩ରେ ମୋତେ କଟକ ଜେଲକୁ ଅଣାଗଲା ଓ ଜେଲ ଭିତରେ କ୍ୟାମ୍ପ କୋର୍ଟରେ ମୋର ବିଚାର ହୋଇ ବ ୪/୬ ମାସ ଜେଲ ଦଣ୍ଡ ମିଳିଲା । ମୁଁ କ୍ୟାମ୍ପ କୋର୍ଟକୁ ଯାଉ ନ ଥିଲି । ମାତ୍ର, ମୁଁ ପୁରା ସମୟ ଦଣ୍ଡ ଭୋଗ ନ କରି ୧ ୯ ୪୪ର ଶେଷ ଆଡ଼କୁ ଖଲାସ ହେଲି । ମୁଁ ବରୀ ଅଞ୍ଚଳରେ ରିଲୀଫ କାମ କଲି । ମା ରମାଦେବୀଙ୍କର ନିର୍ଦ୍ଦେଶରେ ୧ ୯ ୪ ୫ରୁ ସେ ଅଞ୍ଚଳରେ ପୁଣି ଶିକ୍ଷକତା କଲି । ମୋର ଘରର ଦୁରବସ୍ଥା ଯୋଗୁ ନିଜ ଅଞ୍ଚଳକୁ ଆସି ପ୍ରୋଜେକ୍ଟ

Digitized by PPRACHIN, SOA

ଦ୍ୱାରା ପରିଚାଳିତ ଏକ ମୌଳିକ ସ୍କୁଲରେ ୧୯୫୩ରେ ଶିକ୍ଷକ ହେଲି । ନିଜ ଗ୍ରାମରେ ଏକ ମାଇନର ସ୍କୁଲ କରାଇ ସେଥିରେ ଶିକ୍ଷକତା କରି, ୧୯୮୩ରେ ଅବସର ନେଲି । ଜରା ଗ୍ରାସ କଲାଣି; ଶରୀର ଓ ମନ ଭଲ ରହୁନାହିଁ ।”

୯୩ । ଫକୀର ମିଶ୍ର- ଗ୍ରାମ-ବଳଭଦ୍ରପୁର-ଶାସନ, ଜିଲ୍ଲା- ପୁରୀ । ମାତା-ରାଧାଦେବୀ, ପିତା-ପଣ୍ଡିତ ଗୋପୀନାଥ ମିଶ୍ର, ଜନ୍ମ ତା ୧୫/୮/୧୯୧୮ ମସିହାରେ,

ସେ ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବା ବେଳେ ସରକାରୀ ସ୍କୁଲ-କୋଠାରେ ଭାରତର ତ୍ରିରଙ୍ଗା ଜାତୀୟ ପତାକା ଉଡ଼ାଇବା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ୧୯୩୮ରେ ପ୍ରଥମ ଶ୍ରେଣୀରେ ମ୍ୟାଟ୍ରିକ୍ୟୁଲେଶନ ପାସ୍ କରି ଦଶଟଙ୍କା ବୃତ୍ତି ପାଇଥିଲେ । ରେଭେନ୍ସା କଲେଜରେ ପଢିବାବେଳେ କେତେକ ଛାତ୍ର ବିଶ୍ୱ ବିଦ୍ୟାଳୟ ପରୀକ୍ଷା ବର୍ଜନ କଲେ । ସେ ଆଉ ବି.ଏ. ପରୀକ୍ଷା ଦେଲେ ନାହିଁ । ୧୯୪୨ର ସ୍ୱାଧୀନତା ଆନ୍ଦୋଳନରେ ତା ୧୧/୯/୪୨ରେ ଗିରଫ ହେଲେ । ତା ୪ ଏପ୍ରିଲ ୧୯୪୪ରେ ଖଲାସ ହେଲେ । ପରେ ସେବାଗ୍ରାମରେ ମୌଳିକ ଶିକ୍ଷାର ଶିକ୍ଷକ- ତାଲିମ ନେଇ, ବରୀ ଅଞ୍ଚଳରେ ସାତ ବର୍ଷ ଶିକ୍ଷକତା କଲେ । ଉତ୍କଳ ମୌଳିକ ଶିକ୍ଷା ପରିଷଦର ସଂପାଦକ ଥିଲେ । ବିନୋବାଜୀଙ୍କର ଭୂଦାନ-ଗ୍ରାମଦାନ କ୍ରାନ୍ତିରେ ୧୯୫୨ରୁ ପ୍ରାୟ ୧୯୬୪ ପର୍ଯ୍ୟନ୍ତ ସକ୍ରିୟ ଭାବରେ ଲାଗିଥିଲେ । କଟକର ଗୁଣନିଧି ଭବନରେ ସେ ସପରିବାର ରହୁଥିଲେ । ତାଙ୍କର ପତ୍ନୀ ଇନ୍ଦିରା ଦେବୀ ଏସବୁ ସେବା ଓ ସମାଜ ପରିବର୍ତ୍ତନ କାମରେ ମା ରମାଦେବୀଙ୍କର ସାହାଯ୍ୟକାରିଣୀ ଥିଲେ । ସେ ବସ୍ତିସମାନଙ୍କରେ ଚାଲି-ଚାଲି ବୁଲି, ‘ସର୍ବୋଦୟ ପାତ୍ର’ର ଚାଉଳ ସଂଗ୍ରହ କରୁଥିଲେ । ଫକୀରବାବୁ ଗ୍ରାମସେବକ ପତ୍ରିକାର ସଂପାଦକ, ସମବାୟ ପ୍ରକାଶନର କର୍ମକର୍ତ୍ତା, ଗାନ୍ଧୀ ସ୍ମାରକ ନିଧି (ଉତ୍କଳ ଶାଖା)ର ସଂପାଦକ ଥିଲେ । ଗାନ୍ଧୀରଚନାବଳୀ ପ୍ରକାଶନର ଏକତମ ମୁଖ୍ୟ କର୍ମୀ ଥିଲେ । ପଦ୍ମଭୂଷଣ ରାଧାନାଥ ରଥଙ୍କର ଆଗ୍ରହରେ ସେ ‘ସମାଜ’ ସମ୍ବାଦପତ୍ର ସମ୍ପାଦନାରେ ତା ୧୮/୧/୧୯୬୭ରେ ଯୋଗ ଦେଲେ । ‘ଲୋକସେବକ ମଣ୍ଡଳ’ର ସଦସ୍ୟ ହେବା ତାଙ୍କର ଇଚ୍ଛା ଥିଲା । ଆଚାର୍ଯ୍ୟ ମହାଶୟଙ୍କର ବହୁ ଯୁବକ ବିନମ୍ର ସହକର୍ମୀଙ୍କ ମଧ୍ୟରେ ସେ ଜଣେ । ସେ ଶାସନୀ ବ୍ରାହ୍ମଣ ଓ ଭିଙ୍ଗାରପୁର ଚୌଧୁରୀ ପରିବାରର ଜାମାତା ହୋଇଥିଲେ ସୁଦ୍ଧା ଜାତି ଓ ଆଭିଜାତ୍ୟର ଲେଶ ମାତ୍ର ଗର୍ବ ତାଙ୍କର ନାହିଁ । ପଇତା ଛାଡିଛନ୍ତି ବୋଲି ମଧ୍ୟ ଦାମ୍ଭିକତା ନାହିଁ । ପ୍ରଗତିଶୀଳ ଲେଖାମାନ ପଢିବା ଓ ଚର୍ଚ୍ଚା କରିବାରେ ତାଙ୍କର ଆନନ୍ଦ । ଅନ୍ୟକୁ ସାହାଯ୍ୟ କରିବା, ଜଟିଳ ପରି ସ୍ଥିତିରେ ସମାଧାନ ବାହାର କରିବା ତାଙ୍କର ସ୍ୱଭାବ । ତା ୩୦/୧୦/୬୨ରେ ତାଙ୍କର ପିତୃଦେବଙ୍କର ଓ ତା ୨୦/୧୦/୬୫ରେ ତାଙ୍କର ମାତୃଦେବୀଙ୍କର ପରଲୋକ ହୋଇଥିଲା ।

Digitized by PPRACHIN, SOA

ସେ ଜୀବନର ଶେଷ ଭାଗରେ, ଭୁବନେଶ୍ୱରରେ ରହୁଥିଲେ । ସେ ଯେଉଁଠାରେ ଥିଲେ ସୁଦ୍ଧା, ବହୁ ଥର ବରୀକୁ ଯାଇଛନ୍ତି ଓ ସେ ଅଞ୍ଚଳର ଲୋକଙ୍କର ଦୁଃଖ ଦୁର୍ଦ୍ଦଶାବେଳେ ଯଥାଶକ୍ତି ସାହାଯ୍ୟ କରିଛନ୍ତି । ସେ ଇହଲୀଳା ସମ୍ବରଣ କଲେଣି ।

୯୪ । ପାର୍ବତୀ ଗିରି- ଜନ୍ମ ସ୍ଥାନ- ଗ୍ରାମ ସମଲାଇପଦର, ପୋ.ଅ./ ଥାନା- ବିଜେପୁର, ଜିଲ୍ଲା- ସମ୍ବଲପୁର । ମାତା- ✓ଶ୍ରୀମତୀ ଦେବୀ, ପିତା- ✓ଧନଞ୍ଜୟ ଗିରି । ଜନ୍ମ ତା ୧୮/୧/୧୯୨୬ ମସିହା, ମାଘ ଶୁକ୍ଳ ୭ମୀ ତିଥିରେ ।

ଗ୍ରାମର ନି:ପ୍ରା: ବିଦ୍ୟାଳୟରେ ଶିକ୍ଷା ଶେଷ କରି ୧୯୩୮ ମସୀହାରେ ବରୀର ସେବାଘରେ ଶ୍ରୀଯୁକ୍ତା ରମାଦେବୀଙ୍କଠାରେ ୧୯୪୧ ପର୍ଯ୍ୟନ୍ତ ରହିଲେ । ୧୯୪୨ର ସ୍ୱାଧୀନତା ଆନ୍ଦୋଳନରେ ଜେଲ ଗଲେ ଓ ଜୁଲାଇ ୧୯୪୪ରେ ଖଲାସ ହେଲେ ।

ଓ୍ୱାର୍ଦ୍ଧାର ମହିଳା ଶିବିରରେ ସେ ରଚନାତ୍ମକ କାର୍ଯ୍ୟ ଓ ସତ୍ୟାଗ୍ରହ ସମ୍ବନ୍ଧରେ ତାଲିମ ପାଇଥିଲେ । ସେତେବେଳେ ପୁରୁଲିଆର ବାସନ୍ତୀ ଦେବୀ (ବାସୁଦି ନାମରେ ବେଶି ପରିଚିତା) ଓ ଜମୁନାଲାଲ ବଜାଜଙ୍କର ଭଉଣୀ ଶାନ୍ତା ରାଣୀବାଳା (ଡାକନାମ ବୁଆଜୀ) ସଞ୍ଚାଳିକା ଥିଲେ।

ପାର୍ବତୀ ସମ୍ବଲପୁର ସହରର ଗୁଜରାତୀ ବିଦ୍ୟାଳୟରେ କେତେ ମାସ ଶିକ୍ଷୟତ୍ରୀ ଥିଲେ । ପରେ ଇନ୍ଦୋରରେ କସ୍ତୁରବା ଗାନ୍ଧୀ ନିଧିର କେନ୍ଦ୍ରରେ କତାଇ ଟ୍ରେନିଂ ଏବଂ ବିହାର ଓ ଉତ୍ତର ପ୍ରଦେଶରେ ସଞ୍ଚାଳିକା ଟ୍ରେନିଂ ମଧ୍ୟ ନେଇଥିଲେ । ସେ ୧୯୬୪ ମସୀହାରେ ରାଉରକେଲାରେ ସାଂପ୍ରଦାୟିକ ଗଣ୍ଡଗୋଳ ପରେ ରିଲାଫ ଓ ଥଇଥାନ କାର୍ଯ୍ୟ କରିଥିଲେ । ୧୯୬୬ରେ କଳାହାଣ୍ଡି ଦୁର୍ଭିକ୍ଷବେଳେ ରିଲାଫ କାର୍ଯ୍ୟ ଓ ଭେଲାରେ ଦୁଃସ୍ଥ ମାତୃ- ପିତୃହୀନ ପିଲାମାନଙ୍କର ଲାଳନପାଳନ ଶାନ୍ତିଲତା ସାମଲଙ୍କ ସହ କରିଥିଲେ । ପାର୍ବତୀ ଏହିବହିର ସଙ୍କଳକକୁ କହିଥିଲେ :

"୧୯୫୮ର ତା ୨୨ ଏପ୍ରିଲରେ ମୁଁ ବରୀର ରାମଚନ୍ଦ୍ରପୁରରେ କସ୍ତୁରବା ନିଧିର କେନ୍ଦ୍ରରେ ଥିଲି । ଗୋପବନ୍ଧୁ ଚୌଧୁରୀ ସେହି ଠାରୁ କଟକକୁ ଆସିଲେ ଏବଂ କାହିଁକି କେ ଜାଣେ, ସେ ସ୍ୱତଃ କହିଲେ - 'ପାର୍ବତୀ ! ଶିକ୍ଷାର୍ଥିନୀମାନେ ମୋତେ ଗାର୍ଡ ଅଫ୍ ଅନର୍ (Guard of honour) ଦିଅନ୍ତୁ । ମୋତେ ବିଦାୟ ଦିଅନ୍ତୁ ।" ମୁଁ ତାଙ୍କୁ ବାଟେଇ ଦେବାପାଇଁ ବରୀ- ପଘଡ଼ା-ଗୁହାଳୀ ବାଟେ ଅରେଇ ପର୍ଯ୍ୟନ୍ତ ଆସିଲି । ବାପା ଗୋପବାବୁ ଆଉ ବରୀକୁ ଫେରି ନାହାନ୍ତି । କଟକରେ ତା ୨୮/୪/୫୮ର ରାତିରେ ତାଙ୍କର ଦେହାନ୍ତ ହୋଇଗଲା ।"

Digitized by PPRACHIN, SOA

ପାର୍ବତୀ ସମ୍ବଲପୁର ଜିଲ୍ଲାର ପାଇକମାଳରେ କସ୍ତୁରବା ମାତୃନିକେତନ ନାମରେ ବାଳାଶ୍ରମ ଏବଂ ଫୁଲଝରଣ, ପୋ.ଅ: ବୀର-ସିଂହଗଡ଼, ଭାୟା- ଜୁଜୁମୁରାରେ 'ଡାକ୍ତର ସାନ୍ତରା ବାଳନିକେତନ', ଓ ହାଇସ୍କୁଲ ଚଳାଉଥିଲେ । ସେ ଚିରକୁମାରୀ ଥିଲେ । ତାଙ୍କର ଦେହାନ୍ତ ୧୭-୭-୧୯୯୫ ମସିହାରେ ହୋଇଯାଇଛି ।

୯୫ । ଭୁବନାନନ୍ଦ ସାଇଁ- ଗ୍ରାମ: ପୋ.ଅ: ଗୋବିନ୍ଦପୁର, ଥାନା- ତିର୍ତ୍ତୋଲ, ଜିଲ୍ଲା- ଜଗତସିଂହପୁର । ମାତା-୰ଚିତ୍ରାଙ୍ଗଦା, ପିତା-୰ ବାଳକୃଷ୍ଣ ସାଇଁ ।

୧୯୩୯ରେ ବରୀର ଖଦୀଟ୍ରେନିଂରେ ପ୍ରଥମେ ଯୋଗ ଦେଲେ । ଶ୍ରୀ ବ୍ରଜମୋହନ ସିଂହ ପରିଚାଳକ ଥିଲେ । ରାମଚନ୍ଦ୍ରପୁର ବେସରକରୀ ମୌଳିକ ଶିକ୍ଷକ ତାଲିମ କେନ୍ଦ୍ରରେ ସେ ୧୯୪୧ର ଅକ୍ଟୋବର ଠାରୁ ଜାନୁଆରୀ ୧୯୪୨ ପର୍ଯ୍ୟନ୍ତ ସୂତାକଟା ଶିକ୍ଷା ଦେଉଥିଲେ । ସେ ଅନ୍ୟ କେତେକଙ୍କ ସହ ୧୯୪୨ରେ କାଇପଡ଼ା ଡାକଘରର ଫର୍ମ ଆଦି ପୋଡ଼ିଦେବାରେ ଅଂଶ ଗ୍ରହଣ କରିଥିଲେ । ତତ୍ପରେ ସେ ଚାଲି-ଚାଲି କଟକ ଅଭିମୁଖେ ଆନ୍ଦୋଳନ ସଂପର୍କରେ କାର୍ଯ୍ୟ କଲେ । ୨୦/୯/୪୨ରେ ସେ ନିଜ ଗ୍ରାମରେ ଗିରଫ ହୋଇ ତା ୧୨/୪/୪୪ ପର୍ଯ୍ୟନ୍ତ ବ୍ରହ୍ମପୁର ଜେଲରେ ରହିଲେ । ଗୋପବନ୍ଧୁ ଚୌଧୁରୀଙ୍କର ନିର୍ଦ୍ଦେଶରେ ରାମଚନ୍ଦ୍ରପୁର ମୌଳିକ ଶିକ୍ଷା କେନ୍ଦ୍ରରେ ତା ୨୬/୮/୪୮ରୁ ଅକ୍ଟୋବର ୧୯୬୫ ପର୍ଯ୍ୟନ୍ତ ଶିକ୍ଷକ ରୂପେ କାର୍ଯ୍ୟ କଲେ । ୧୯୬୦ର ବନ୍ୟାପରେ ସମନ୍ୱୟ ସମିତିର ପ୍ରସ୍ତାବ କ୍ରମେ ସେ ଓ ବୀରବର ରଥ ଭାରତର ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କୁ ବନ୍ୟା ନିରାକରଣ ଆଦିର ସ୍ମାରକ-ପତ୍ର ବରୀ ଅଞ୍ଚଳବାସୀଙ୍କ ପକ୍ଷରୁ ଦେଇଥିଲେ ।

ଆଚାର୍ଯ୍ୟ ହରିହର ଦାସ ମୌଳିକ ଶିକ୍ଷା ପରିଷଦର ସଭାପତି ଥିଲେ । ଏହି ପରିଷଦ ୧୯୫୪ରେ ରେଜିଷ୍ଟର୍ଡ ହୋଇଥିଲା । ସେତେବେଳେ ଭୁବନାନନ୍ଦ ବାବୁ ସଂପାଦକ ଥିଲେ । ୧୯୬୫ରୁ ଶିକ୍ଷକତା ଛାଡିଥିଲେ ହେଁ, ରାମଚନ୍ଦ୍ରପୁର ଉତ୍ତର ମୌଳିକ ବିଦ୍ୟାଳୟର ପରିଚାଳନା କମିଟିର ଓ ଗୋପବନ୍ଧୁ ଚୌଧୁରୀ କଲେଜର ପରିଚାଳନା କମିଟିର ସେ ସଂପାଦକ ଥିଲେ । ଏହି ଉଭୟ ଅନୁଷ୍ଠାନ ପାଇଁ ସରକାରୀ ମାନ୍ୟତା ପାଇବାକୁ ତାଙ୍କୁ ବହୁକଷ୍ଟ ସ୍ୱୀକାର କରିବାକୁ ପଡିଥିଲା । ପ୍ରଥମେ ୧୯୬୫ ମସୀହାରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ପରୀକ୍ଷା ଦେଇଥିଲେ । ମୌଳିକ ଶିକ୍ଷା ପରିଷଦର ତା ୧/୬/୬୪ର ବୈଠକରେ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ଜୀବନ ସଂଗ୍ରାମରେ ବହୁ କାମକରି ତା. ୧୭/୦୭/୧୯୯୫ ମସିହାରେ ଦେହାବସାନ ହୋଇଥିଲା ।

Digitized by PPRACHIN, SOA

ବରୀ ଅଞ୍ଚଳରେ ବନ୍ୟା, ଘରପୋଡି, ଓ ଅନ୍ୟ ବିପଦ ଆପଦରେ ଶ୍ରୀ ଭୁବନାନନ୍ଦ ସ୍ୱାଇଁ ତାଙ୍କର ପତ୍ନୀ ଶ୍ରୀମତୀ ପାର୍ବତୀ ଦେବୀ ସାହାଯ୍ୟ କରିଛନ୍ତି ।

୯୬ । ବୃନ୍ଦାବନ ଜେନା- ଘର-ଛୋଟି (ମଙ୍ଗଳପୁର), ଜିଲ୍ଲା- କେନ୍ଦ୍ରାପଡ଼ା, ମାତା- ପଦ୍ମାବତୀ ଦେଈ, ପିତା- ନୀଳମଣି ଜେନା । ଜନ୍ମ- ୧୯୨୬ ମସିହାରେ ।

ହାଇସ୍କୁଲରୁ ପାଠପଢ଼ା ଛାଡ଼ି ୧୯୪୨ର ସ୍ୱାଧୀନତା-ସଂଗ୍ରାମରେ ଯୋଗ ଦେଇ ୨ବର୍ଷ ବନ୍ଦୀ ହେଲେ । ଜେଲରୁ ଖଲାସ ହେବା ପରେ ସେବାଗ୍ରାମରେ ଦୁଇ ବର୍ଷ ଖଦୀଟ୍ରେନିଂ ନେଲେ ।ଅକ୍ଟୋବର,୧୯୪୭ରୁ ୧୯୪୯ ପର୍ଯ୍ୟନ୍ତ ରାମଚନ୍ଦ୍ରପୁରରେ ମହିଳାମାନଙ୍କୁ ଖଦୀଟ୍ରେନିଂ ଦେଇଥିଲେ । ଜୁନ ୧୯୫୨ରୁ ଫେବୃଆରୀ ୧୯୫୭ ପର୍ଯ୍ୟନ୍ତ ଉତ୍କଳ ଭୂଦାନ ଯଜ୍ଞ ସମିତିର ମୁଖ୍ୟ ଅଫିସ-ପରିଚାଳକ ଦାୟିତ୍ୱ ତୁଲାଇଲେ । ସର୍ବ ସେବା ସଂଘର ଜେନେରାଲ ସେକ୍ରେଟାରୀ ଅଣ୍ଣାସାହେବ ସହସ୍ର-ବୁଦ୍ଧେଙ୍କର ମାର୍ଗ ଦର୍ଶନରେ 'ନବନିର୍ମାଣ (ଗ୍ରାମଦାନ-ଗ୍ରାମଗୁଡ଼ିକର ଉନ୍ନୟନ କାର୍ଯ୍ୟ) କଲେ । ପରବର୍ତ୍ତୀ କାଳରେ ସର୍ବୋଦୟ ସମିତିର ପ୍ରତିଷ୍ଠାତା ସଦସ୍ୟ ଭାବରେ ଖଦୀ ଆଦିବାସୀ ପିଲାମାନଙ୍କର ଶିକ୍ଷା ଉପରେ କିଛି ବର୍ଷ କାର୍ଯ୍ୟ କରିଥିଲେ । ତାଙ୍କର ସାନବୋହୂ ସସ୍ମିତା ଉକ୍ତ କାମକୁ ଆଗକୁ ନେଉଛନ୍ତି । ତାଙ୍କର ଦୁଇ ପୁଅବୋହୂ ଏବଂ ତିନିଜଣ ଝିଅ ଅଛନ୍ତି । ପରେ ଅରବିନ୍ଦ ନଗର, ଜୟପୁର (କୋରାପୁଟ ଜିଲ୍ଲା) ରେ ତାଙ୍କର ସହଧର୍ମିଣୀ ପ୍ରେମଲତାଙ୍କ ସହିତ ରହି ଆଦିବାସୀଙ୍କର ନାନା ଉନ୍ନୟନ କାର୍ଯ୍ୟ କରୁଥିଲେ । ତାଙ୍କର ଦେହାନ୍ତ ୧୬/୧୨/୧୯୯୮ରେ ହୋଇଥିଲା ।

୯୭ । ମଦନମୋହନ ସାହୁ- ଜନ୍ମସ୍ଥାନ-ସୁକୁଡ଼ା, ଥାନା-ଭଟଲୀ, ଜିଲ୍ଲା-ବରଗଡ଼ ।

ତାଙ୍କର ପିତା ଜଣେ ବଡ଼ ଉତ୍ତମ ଚାଷୀ ଥିଲେ । ମଦନମୋହନ ୧୯୨୪ରେ ନିମ୍ନ ପ୍ରାଥମିକ ବୃତ୍ତି ପାଇ ୧୯୨୯ରେ ବରପାଲି ମି.ଇ. ସ୍କୁଲରୁ ପାସ କଲେ ଓ ୧୯୩୫ରେ ବରଗଡ଼ ହାଇସ୍କୁଲରୁ ମ୍ୟାଟ୍ରିକୁଲେସନ ପାସ କଲେ । ମଝିରେ ସେ କଂଗ୍ରେସର ଉନ୍ମାଦନାରେ ପଢ଼ା ଛାଡ଼ି ଦେଇଥିଲେ । ଗୁଡ଼େଇଶିରାର କୁଞ୍ଜବିହାରୀ ଦାଶ, ଗଡ଼ିଡ଼ିହିର ଉଦ୍ଧବ ସାହୁ ଓ କୁଲ୍‌ହାଣ୍ଡିର ନିତ୍ୟାନନ୍ଦ ପାଠୀ ୧୯୩୯ରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିରେ ଲୁଣ ମାରି ଜେଲ ଯାଇଥିଲେ । ମଦନବାବୁ ୧୯୩୨ରେ ଗାନ୍ଧୀଜୀଙ୍କର ଅନଶନ ଦ୍ୱାରା ଅତି ପ୍ରଭାବିତ ହୋଇଥିଲେ । କଟକରେ ସେକେଣ୍ଡାରୀ ଟ୍ରେନିଂ ପଢିବା ଆଗରୁ ବୌଦ ହାଇସ୍କୁଲ, ଦଶପଲ୍ଲା ମି:ଇ ସ୍କୁଲ ଓ ବରପାଲି ମି:ଇ ସ୍କୁଲରେ ଶିକ୍ଷକତା କରିଥିଲେ । ଆଇ.ଏ.ପାସ କରି ୧୯୩୭-

Digitized by PPRACHIN, SOA

୩୯ ପର୍ଯ୍ୟନ୍ତ ଟ୍ରେନିଂ ପାଇବା ପରେ ବରପାଲି, ବରଗଡ଼, ଲଂରମ୍ପା, ଲଖମରା, ଖଡ଼ିଆଳ, ନୂଆପଡ଼ା ଓ ଭଟଲି ସ୍କୁଲମାନଙ୍କରେ ୧୦ ବର୍ଷ ଶିକ୍ଷକତା କଲେ । ଗାନ୍ଧୀଜୀଙ୍କର ନଈ ତାଲିମରେ ଯୋଗ ଦେବାର ଇଛା ଥିଲା । କିନ୍ତୁ ୧୯୪୦ରେ ପିତାଙ୍କର ମୃତ୍ୟୁ ହେବାରୁ ବଡ଼ ପୁଅ ଭାବରେ ଘର-ଜଞ୍ଜାଳ ମୁଣ୍ଡାଇବାକୁ ପଡ଼ିଲା । ତାଙ୍କର ଭଉଣୀ ଭଗବତୀ ରାମଚନ୍ଦ୍ରପୁରରେ କସ୍ତୁରବା ନିଧିର ଟ୍ରେନିଂ ୧୯୪୯ରେ ନେଲେ ଏବଂ ମଦନବାବୁ ସେବାଗ୍ରାମରେ ନଈ ତାଲିମର ଶିକ୍ଷକ ଟ୍ରେନିଂ ନେଲେ । ମଦନବାବୁ ସେବାଗ୍ରାମରୁ ଫେରିବା ପରେ ରାମଚନ୍ଦ୍ରପୁରରେ ପୂର୍ବ ମୌଳିକ ଟ୍ରେନିଂ ବିଭାଗର ଦାୟିତ୍ୱରେ ରହିଲେ । ମା ରମାଦେବୀ ଓ ପୂଜ୍ୟ ଗୋପବାବୁଙ୍କର ପଦଯାତ୍ରାରେ ଗାଇସିଲଟ ଠାରୁ ସେ ବ୍ୟବସ୍ଥାରେ ରହିଲେ ଏବଂ ସମ୍ବଲପୁର ଜିଲ୍ଲାର ପ୍ରତି ରହଣିରେ ଭୂଦାନ ସଂଗ୍ରହ କରାଇଲେ । ସେ ଭୂକ୍ରାନ୍ତିରେ ମଜ୍ଜିଗଲେ । ୧୯୫୩ରେ ଡ଼କ୍ଟର ହ. ମହତାବଙ୍କ ସହ ଓ ୧୯୬୩ରେ ଅଚାର୍ଯ୍ୟ ବିନୋବାଜୀଙ୍କ ସହ ବାରକୋଟରେ ତାଙ୍କର ଆଲୋଚନାରୁ ମଦନବାବୁଙ୍କର ଦୃଢ଼ତା ଜଣାଯାଏ । ସେ ଗୋପାଳଓ୍ୱାଡ଼ି ଗ୍ରାମ-ସ୍ୱରାଜ ବିଦ୍ୟାଳୟର ଅଧ୍ୟକ୍ଷ ମଧ୍ୟ ଥିଲେ । ପ୍ରତ୍ୟେକ ଦାୟିତ୍ୱ ସଂପାଦନରେ ତାଙ୍କର ଦକ୍ଷତା ଓ ଦୃଢ଼ତା ଦେଖାଇଛନ୍ତି । ସେ ତାଙ୍କର ପୁଅଝିଅମାନଙ୍କୁ ମୌଳିକ ଶିକ୍ଷାରେ ଶିକ୍ଷିତ କରିଛନ୍ତି । ତାଙ୍କ ପତ୍ନୀ ଗୌରୀଦେବୀ ମଧ୍ୟ ସମବ୍ରତୀ ଥିଲେ । ସେ ପୁଅ, ଝିଅ ଆଦିଙ୍କ ବିବାହରେ ଜାତି, ଜାତକ, ଯୌତୁକ ଓ ପ୍ରଦେଶର ପ୍ରଶ୍ନ ଆଦୌ ଉଠାଇ ନାହାନ୍ତି । ଏତେ ସରଳଭାବରେ ସେ ଏହା ସଂପାଦନ କରିଥା'ନ୍ତି ଯେ ତାଙ୍କର ଦୂରର ସହକର୍ମୀ ଜାଣି ସୁଦ୍ଧା ପାରନ୍ତି ନାହିଁ । ଜରୁରୀ ପରିସ୍ଥିତିବେଳେ ସେ ପ୍ରାୟ ୨୧ ମାସ ବିନା ବିଚାରରେ ଜେଲରେ ଥିଲେ । ସେ ସର୍ବଦା କହନ୍ତି, "ଦୁନିଆ ଯଦି ତିଷ୍ଠିବ, ତେବେ ଅହିଂସାରେ ହିଁ ତିଷ୍ଠିବ ।" ତାଙ୍କର ୮୪ ବର୍ଷ ବୟସରେ ୧୯୯୭ ମସିହା ଫେବୃଆରୀ ୮ ତାରିଖରେ ଦେହାନ୍ତ ହୋଇଥିଲା ।

୯୮ । **କ୍ଷେତ୍ରବାସୀ ପତି-** ଗ୍ରାମ-ପୋ.ଅ.-ଇନ୍ଦୁପୁର, ଜିଲ୍ଲା- କେନ୍ଦ୍ରାପଡ଼ା, ମାତା-୰ସୁଭଦ୍ରା ଦେବୀ, ପିତା-୰ବିଶେଶ୍ୱର ପତି, ସ୍ତ୍ରୀ-ଅନ୍ନପୂର୍ଣ୍ଣା ପତି, ଜନ୍ମ-ତା ୬/୧/୧୯୩୩ ମସିହାରେ ।

ଏହାଙ୍କର ପରିବାରର କେତେଜଣ ସ୍ୱାଧୀନତା-ସଂଗ୍ରାମରେ ଯୋଗ ଦେଇଥିଲେ । ଗାନ୍ଧୀଜୀ ଇନ୍ଦୁପୁରର ଧୂମାତରେ ତା ୩୦-୫-୩୪ର ଦିନବେଳେ ହରିଜନ ପଦଯାତ୍ରାରେ ରହିଥିଲେ ।

Digitized by PPRACHIN, SOA

କ୍ଷେତ୍ରବାସୀବାବୁ ପାରଳାଖେମୁଣ୍ଡି କଲେଜରେ ଆଇ.ଏସ୍‌ସି. ପଢି ସରକାରୀ ଚାକିରୀ କଟକ କଲେକ୍ଟରେଟ୍‌ରେ କରିଥିଲେ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଷ୍ଟାଟିସ୍ଟିକ୍‌ସ୍ ବିଭାଗରେ ମଧ କାମ କରିଥିଲେ । ଆଚାର୍ଯ୍ୟ ମହାଶୟ ସେ ଜିଲ୍ଲାରେ ପଦଯାତ୍ରା କରୁଥିବାବେଳେ ସେ ଓ ତାଙ୍କର ପତ୍ନୀ ଅନ୍ନପୂର୍ଣ୍ଣା ପତି ଆଚାର୍ଯ୍ୟ ମହାଶୟଙ୍କ ସହ ସାକ୍ଷାତ କଲେ । ସେ ସରକାରୀ ଚାକିରୀ ଛାଡ଼ିଦେଲେ । ରାମଚନ୍ଦ୍ରପୁରରେ ତା ୧୩-୯-୧୯୬୦ରୁ ବନ୍ୟା-ରିଲିଫ୍ କାମ ଓ ଆଖପାଖ ୧୬ ଖଣ୍ଡ ଗ୍ରାମରେ ବୁଲି ୬୫ ଜଣ କୁଷ୍ଠରୋଗୀଙ୍କର ତାଲିକା, ମା ରମାଦେବୀଙ୍କର ପରାମର୍ଶକ୍ରମେ, କଲେ । ରାଉରକେଲାରେ ସର୍ବୋଦୟ କାର୍ଯ୍ୟ କଲେ । ସେହି ଶିଳ୍ପ ନଗରୀରେ ୧୯୬୪ରେ ସାମ୍ପ୍ରଦାୟିକ ଗଣ୍ଡଗୋଳର ସାମାନ୍ୟ ସନ୍ଧାନ ପାଇବାମାତ୍ରେ ସେ ରମାଦେବୀଙ୍କୁ (କଟକକୁ) ଫୋନରେ ସର୍ବପ୍ରଥମେ ଜଣାଇଥିଲେ ଏବଂ ତାଙ୍କର ସହକର୍ମୀମାନଙ୍କ ସହ ଅତି ସାହସ ସହକାରେ, ନିଜର ଓ ପତ୍ନୀଙ୍କର ପ୍ରାଣକୁ ମୂର୍ଚ୍ଛିଦେଇ, ଗଣ୍ଡଗୋଳର ବିରୋଧ କରିଥିଲେ ଓ କେତେକ ପରିବାରକୁ ମୃତ୍ୟମୁଖରୁ ବଞ୍ଚାଇ ପାରିଥିଲେ । ସେ ଓ ଅନ୍ନପୂର୍ଣ୍ଣା ପତି ଉପକୂଳ ଅଞ୍ଚଳରେ ବାତ୍ୟାପରେ ରିଲିଫ ଓ ଥଇଥାନ କାମ କରିଥିଲେ । ଦୁହେଁ ପାରାଦ୍ୱୀପ ପୋର୍ଟ ଅସ୍ୱାସ୍ଥ୍ୟକର (Slum) ଅଞ୍ଚଳରେ ରହି ସେବାକାର୍ଯ୍ୟ କରିଥିଲେ । ୧୯୭୧ରେ ସେ ଷାଢ଼େପାଞ୍ଚ ମାସ ବଙ୍ଗଳାଦେଶ ଶରଣାର୍ଥୀ - କାର୍ଯ୍ୟ ଦକ୍ଷତା ସହକାରେ କରିଥିଲେ ।

୧୯୭୫ରେ ଭାରତର ପ୍ରଧାମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଜାରି କରିବାରୁ କ୍ଷେତ୍ରବାସୀବାବୁ ଗୋପନରେ ରହି ଏହାର ବିରୋଧ କରି ବହୁ କାର୍ଯ୍ୟ କରିଥିଲେ ଏବଂ ଶେଷବେଳକୁ ଧରା ପଡ଼ିଥିଲେ । ସେ ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବୋଦୟ ବିଚାର-ପ୍ରଚାର ଏବଂ ଆନ୍ତର୍ଜାତୀୟ ଯୁଦ୍ଧବିରୋଧୀ ସଂସ୍ଥାରେ ଟ୍ରେନିଂ ନେବାପାଇଁ ତା ୨୮-୧-୭୮ରେ କଟକରୁ ପ୍ରାୟ ୮ମାସ ପାଇଁ ଯାଇଥିଲେ । ସେ ଉତ୍କଳ ସର୍ବୋଦୟ ମଣ୍ଡଳର ଓ ସର୍ବୋଦୟ ରିଲିଫ୍ କମିଟିର ସଂପାଦକ ଥିଲେ । ଅତି ତତ୍ପରଭାବରେ ସେ କାମ କରୁଥିଲେ । ବେଳେବେଳେ ଅସହିଷ୍ଣୁ ହୋଇ ପଡୁଥିଲେ । ଅତ୍ୟଧିକ ରକ୍ତଚାପ- ରୋଗରେ ତା ୧୬-୧୨-୮୭ରେ ମାତ୍ର ୫୪ ବର୍ଷ ବୟସରେ ସେ ସଂସାରରୁ ଚାଲିଗଲେ । ସେ ସଂକୀର୍ଣ୍ଣ ଜାତିପ୍ରଥାର ବିରୋଧୀ ଥିବାରୁ, ପିଲାମାନଙ୍କର ସଂଜ୍ଞା "ପତି" ନ ଲେଖି, " ଭାରତୀୟ" ଲେଖାଇଥିଲେ ।

୯୯ । ହରିଶ ଚନ୍ଦ୍ର ଦାସ- ପିତା- କୃଷ୍ଣଚନ୍ଦ୍ର ଦାସ, ମାତା- ମୁକ୍ତା ଦେଈ, ସ୍ତ୍ରୀ- ସଖୀ ଦେଈ, ଗ୍ରାମ- ନେଉଳା, ପୋ- ବରୀ କଟକ, ଜିଲ୍ଲା- ଯାଜପୁର । ବାମନବାବୁଙ୍କ ମନ୍ଦିରରେ ହରିଜନ ପ୍ରବେଶ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୯୩୦ ମସିହାରେ

Digitized by PPRACHIN, SOA

ପାଠପଢ଼ା ଛାଡ଼ି ବାନରସେନାରେ ଯୋଗ ଦେଇଥିଲେ । ୧୯୩୨ ମସିହାରେ ଲବଣ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ ।

୧୦୦ । କାର୍ତ୍ତିକ ମହଲ- ପିତା ଅନାଦି ମହଲ, ମା- ସୁମାରାଣୀ ମହଲ, ସ୍ତ୍ରୀ- ଅଇବାରୀ ମହଲ, ଘର - ନାଥପୁର କେନ୍ଦୁଆ, ଜିଲ୍ଲା- ଯାଜପୁର ।

୧୯୪୨ ମସିହାର ଆନ୍ଦୋଳନରେ ଯୋଗ ଦେଇ ପ୍ରାୟ ଦେଢ଼ବର୍ଷ କାରାବରଣ କରିଥିଲେ । ସେତେବେଳେ ସେ ଅବିବାହିତ ଥିଲେ ଜେଲ୍‌ରୁ ଫେରିବା ପରେ କଂଗ୍ରେସରେ କାମ କରୁଥିବା ଯୋଗୁଁ ଏଠାକାର ଝିଅ ବିବାହ ପାଇଁ କେହି ରାଜିହେଲେ ନାହିଁ । ଏବଂ ମୋ ସହିତ ଯେତେବେଳେ ହେଲା (ନୟାଗଡ଼)ରେ ସେତେବେଳେ ମଧ ଭୋଜି ଖାଇବାକୁ କେହି ଆସିଲେ ନାହିଁ । ମତେ ସେତେବେଳେ ୧୫ ବର୍ଷ ହୋଇଥିଲା । ପରେ ଚାଷ ବାସ କରି ଜୀବନ କଟାଇଲେ ମୋର ତିନିଜଣ ପୁଅ ଏବଂ ତିନି ଜଣ ଝିଅ ଅଛନ୍ତି । ସେ ୧୭-୭-୨୦୦୭ ମସିହାରେ ମୃତ୍ୟୁବରଣ କଲେ ।

ରିପୋର୍ଟ (ଅଇବାରୀ ମହଲ, ସ୍ତ୍ରୀ)

୧୦୧ । ମୁରଲୀଧର ଧର ଦାସ- ପିତା- ମାୟାଧର ଦାସ, ସ୍ତ୍ରୀ - ପାକ ବେଓ୍ୱା ।

ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ସ୍ଥାନୀୟ ଭାବରେ ବୀରବର ରଥଙ୍କ ଦ୍ୱାରା ପ୍ରଭାବିତ ହୋଇ ୧୯୪୨ ମସିହା ଆନ୍ଦୋଳନରେ ଯୋଗଦେଇଥିଲେ । ପରେ ଭୂଦାନ କାମରେ ମଧ ସହଯୋଗ କରିଥିଲେ, ସେ ବର୍ତ୍ତମାନ ସ୍ୱର୍ଗତ ।

୧୦୨ । ଅର୍ଜୁନ ଚରଣ ବେଉରିଆ- ପିତା - ଉପେନ୍ଦ୍ର ବେଉରିଆ, ସ୍ତ୍ରୀ - ଦୂର ଦେବୀ, ଘର- ଧାରପୁର, ଜିଲ୍ଲା- ଯାଜପୁର ।

୧୯୪୨ ମସିହା ଆନ୍ଦୋଳନରେ ଯୋଗଦେଇ ଜେଲ ବରଣ କରିଥିଲେ । ତାଙ୍କର ୧ଟି ପୁଅ ୧ଟି ଝିଅ । ସେ ବର୍ତ୍ତମାନ ସ୍ୱର୍ଗତ ।

୧୦୩ । ଶ୍ରୀ ନୃସିଂହ ଚରଣ ସାମଲ- ପିତା - ହରି ସାମଲ, ଗ୍ରାମ- ହଳଦୀବସନ୍ତ, ଜିଲ୍ଲା - ଯାଜପୁର, ଜନ୍ମ - ୧୯୨୩ ମସିହା ଜୁନ ମାସ ୧୨ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ।

Digitized by PPRACHIN, SOA

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ବ୍ରହ୍ମପୁର ଜେଲରେ ଦୁଇ ବର୍ଷ କାରାବରଣ କରିଥିଲେ । ଜେଲରୁ ଫେରିବା ପରେ ମା ରମାଦେବୀଙ୍କ ସହ ସେବା କାମରେ ଯୋଗଦେଲେ ।

୧୦୪ - ଶ୍ରୀ ପ୍ରହଲ୍ଲାଦ ଜେନା- ପିତା - ପଦ୍ମନାଭ ଜେନା, ସ୍ତ୍ରୀ - ସଜନୀ ଦେଇ, ଗ୍ରାମ - ହଳଦୀବସନ୍ତ, ପୋ - ଧାରପୁର, ଥାନା - ବିଞ୍ଝାରପୁର, ଭାୟା - ବରୀ, ଜିଲ୍ଲା - ଯାଜପୁର, ଜନ୍ମ - ୧୭-୦୭-୧୯୨୫ ମସିହାରେ ।

୧୯୪୨ ଆନ୍ଦୋଳନ ସମୟରେ ସେ କଟକ ମିସନ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର । କଳକଳା କଚେରୀ କାଗଜ ପତ୍ର ପୋଡ଼ି କେଶରେ ପୋଲିସ ଗିରଫ କରି ଯାଜପୁର ଜେଲରେ ଦୁଇଦିନ ରଖିଲା ପରେ ଗୋପବନ୍ଧୁ ଚୌଧୁରୀଙ୍କ ସହ କଟକ ଜେଲକୁ ଆସିଲେ । ସେଠାରେ ଅଟକବନ୍ଦୀ ହିସାବରେ ବ୍ରହ୍ମପୁର କେନ୍ଦ୍ର ଜେଲକୁ ବଦଳି କରିଦିଆଗଲା । ସେ ୧ବର୍ଷ ୯ମାସ କାରାବରଣ କଟାଇ ମୁକ୍ତହୋଇ ଆସିଲେ । ତାଙ୍କର ୩ପୁଅ ୪ଜଣ ଝିଅ ଅଛନ୍ତି । ସେ ୧୮/୦୨/୧୯୮୯ରେ ମୃତ୍ୟୁବରଣ କରିଥିଲେ ।

୧୦୫ । ଦୁର୍ଗାଚରଣ ସାମଲ- ପିତା - ଗୋବିନ୍ଦ ସାମଲ, ସ୍ତ୍ରୀ - ଜୀବନ ମୟୀ ଦେଈ, ଗ୍ରାମ-ରାମପୁର, ପୋ - ରାମଚନ୍ଦ୍ରପୁର, ଜିଲ୍ଲା - ଯାଜପୁର, ଜନ୍ମ ୧୯୨୪ ମସିହା ଜ୍ୟେଷ୍ଠମାସରେ ।

ଗୋପବନ୍ଧୁ ଚୌଧୁରୀଙ୍କ ବରୀ ଆଶ୍ରମରେ ୧୫ମାସ ଟ୍ରେନିଂ ପାଇଥିଲେ, ୧୯୪୨ ଭାରତଛାଡ଼ ଆନ୍ଦୋଳନରେ କେନ୍ଦ୍ରାପଡ଼ାରେ ଗିରଫ ହୋଇ ୬ମାସ କାରାବରଣ କରିଥିଲେ, କଟକ ଓ ବ୍ରହ୍ମପୁର ଜେଲରେ ଥିଲେ । ବର୍ତ୍ତମାନ ତାଙ୍କୁ ୮୪ ବର୍ଷ, ୫ପୁଅ ଏବଂ ୧ଜଣ ଝିଅ ଅଛନ୍ତି । ଚାଷବାସରେ ମନୋନିବେଶ କରି ଭଲରେ ଅଛନ୍ତି ।

୧୦୬ । ଯଦୁନାଥ ଜେନା- ଘର - ବାଗ୍ରଦା, ବରୀ, ସ୍ତ୍ରୀ - ସାରିଆ ଜେନା ।

ଗୋପବନ୍ଧୁ, ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ଦେଢ଼ ବର୍ଷ କାଳ ଜେଲ ବରଣ କରିଥିଲେ । ସେଠାରୁ ଫେରିବା ପରେ ରାଜମିସ୍ତ୍ରୀ କାମ ଶିଖିଲେ ଶିଖିସାରିବା ପରେ ମାତୃମଙ୍ଗଳ କେନ୍ଦ୍ରଟିର ପୁନରୁଦ୍ଧାର କାମରେ ସହଯୋଗ କଲେ, ଏବଂ ସତ୍ୟଭାମାପୁରରେ ଗୃହ ନିର୍ମାଣ କାର୍ଯ୍ୟରେ ମଧ୍ୟ ସହଯୋଗ କଲେ । ଗୋପବନ୍ଧୁ ଚୌଧୁରୀଙ୍କର ସହ କୋରାପୁଟ ଯାଇ ଭୂଦାନ କାମ କରିଥିଲେ । ତାଙ୍କର ଦୁଇଟି ଝିଅ । ସେ ବର୍ତ୍ତମାନ ସ୍ୱର୍ଗତ ।

Digitized by PPRACHIN, SOA

୧୦୭ । ଅର୍ଜ୍ଜୁନ ଜେନା- ବାଗଦା, ବରୀ ।

୧୯୪୨ ମସିହାରେ ଆନ୍ଦୋଳନରେ ଯୋଗଦେଇ ପ୍ରାୟ ଦେଢ଼ବର୍ଷ କାଳ ଜେଲ ବରଣ, ବରହମପୁର ଜେଲରେ କଟାଇଥିଲେ । ଜେଲରୁ ଫେରିବା ପରେ ଗୋପବନ୍ଧୁ ଚୌଧୁରୀ ଏବଂ ମା ରମାଦେବୀଙ୍କ ସହ ମିଶି ରଚନାତ୍ମକ କାମରେ ମନୋନିବେଶ କଲେ । ଭୂଦାନ ଆନ୍ଦୋଳନରେ ମଧ କାମ କରିଛନ୍ତି । ମୃତ୍ୟୁର କିଛିଦିନ ପୂର୍ବରୁ ମସ୍ତିଷ୍କ ବିକୃତି ଯୋଗୁଁ ତାଙ୍କର ମୃତ୍ୟୁବରଣ ହୋଇଥିଲା ।

୧୦୮ । ଛକୁ ମିଆଁ- (ମହମ୍ମଦ ଲଭଭ ରହମନ) ଗ୍ରାମ- ରମ୍ପା, ମାତା- ବିଶିବେନ୍ ବିବି, ପିତା- ଗୟାସୁଦ୍ଦିନ୍ ।

୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ବ୍ରହ୍ମପୁର ଜେଲରେ ପ୍ରାୟ ୬ମାସ କାଳ ରହିଥିଲେ । ସେ ଅବିବାହିତ ଥିଲେ । ୧୦.୦୨.୧୯୫୦ ମସିହାରେ ମୃତ୍ୟୁବରଣ କରିଥିଲେ ।

୧୦୯ । ହରିସାହୁ- ପିତା ପବନ ସାହୁ, ସା./ପୋ - ମନ୍ଦାରୀ, ଥାନା - ବରୀ, ଜିଲ୍ଲା- ଯାଜପୁର ।

୧୯୪୨ ମସିହାରେ ଅସହଯୋଗ ଆନ୍ଦୋଳନରେ ବ୍ରିଟିଶ ସରକାରଙ୍କ ସହିତ ମୋତେ ସଂଗ୍ରାମ କରିବାକୁ ପଡ଼ିଥିଲା । ଗଞ୍ଜେଇ, ଅଫିମ ଦୋକାନ ଆଦି ସେହି ଆନ୍ଦୋଳନରେ ବହୁତ ପୋଡ଼ିଥିଲୁ । ୧୯୪୨ ମସିହାରେ ଅଗଷ୍ଟ ମାସ ଶେଷ ସପ୍ତାହରେ ଯାଜପୁର ଅଦାଲତରୁ ସମନ ପିଅନ ଆଣିଥିଲା । ପିଅନର ସମସ୍ତ କାଗଜପତ୍ର ଚିରି ନଷ୍ଟ କରି ଦେଇଥିବା ହେତୁ ମୋତେ ଘରୁ ପୋଲିସମାନେ ଭିଷଣ ମାଡ଼ଦେଇ ଧରିନେଇ ବିଞ୍ଝାରପୁର ଥାନାରେ ରଖିଲେ । ମୋତେ ଖାଇବାକୁ ଦିଆଯାଇନଥିଲା । ଗୋଟିଏ ଦିନ ଉପବାସରେ ବିତାଇଥିଲି । ତା ପରଦିନ ମୋତେ ଖାଇବାକୁ ଦିଆଯାଇଥିଲା । ଥାନାରେ ଚାରିଦିନ ରହିଲାପରେ ଯାଜପୁର ନିଆଗଲା । ସେଠାରେ ୭/୮ ଦିନ ରହିବାପରେ ମୋତେ କଟକ ଜେଲରେବିନା ବିଚାରରେ ୧ବର୍ଷ ରଖାଗଲା । ତାପରେ ବିଚାରରେ ପୁଣି ୯ମାସ ଜେଲ ଭୋଗ ପରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଗଲା । କିନ୍ତୁ ୩ମାସ ଜେଲରେ ରହିବା ପରେ ମୋତେ ଛାଡ଼ି ଦିଆଗଲା ।

୧୧୦ । କାହ୍ନୁଚରଣ ଦାସ- ଜନ୍ମସ୍ଥାନ - କଟରପା, ପୋ - ସାଲେପୁର, ଜିଲ୍ଲା- କଟକ, ଜନ୍ମ- ୧୯୧୭ ମସିହା ।

Digitized by PPRACHIN, SOA

ରେଭେନସା କଲିଜିଏଟ୍ ସ୍କୁଲରେ ପଢୁଥିଲା ସମୟରେ ଗାନ୍ଧୀଜୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । କିଛି ଦିନ ପାଇଁ ବରୀରେ ମୌଳିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ୧୯୪୨ ମସିହା ଆନ୍ଦୋଳନରେ ଯୋଗଦେଇ ଦୁଇ ବର୍ଷରୁ ଅଧିକ କଟକ, ବରହମ୍ପୁର ଜେଲରେ କଟାଇଥିଲେ । ୧୯୪୬ରୁ ୧୯୫୨ ମସିହା ପର୍ଯ୍ୟନ୍ତ ବିଧାୟକ ମଧ୍ଥିଲେ । ବିଧାୟକରୁ ଅବସର ନେଲାପରେ ଶିକ୍ଷକତା ଆରମ୍ଭ କରିଥିଲେ, ଏବଂ ବହୁ ସମାଜ ସେବା କାମରେ ମନଦେଇଥିଲେ । ବର୍ତ୍ତମାନ ତାଙ୍କର ଦେହ ଅସୁସ୍ଥ ଅଛି ।

୧୧୧ । ଗୋପୀନାଥ ଦାସ- ପିତା - ସତ୍ୟବାଦୀ ଦାସ, ଗ୍ରାମ - ମାଳଗାଁ, ଥାନା - ଗୋପ, ଜିଲ୍ଲା - ପୁରୀ ।

ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ସେ ୩୦/୦୮/୧୯୪୨ରେ ବରୀରେ ଗିରଫହୋଇ କଟକ ଜେଲକୁ ଆସିଲେ । କଟକରେ କିଛିଦିନ ରହି କଟକରୁ ବରହମ୍ପୁର ଜେଲକୁ ସ୍ଥାନାନ୍ତରିତ ହେଲେ । ବରହମ୍ପୁରରୁ କଟକ ଜେଲକୁ ବଦଳି ହେବା ପରେ ପୁଣି କଟକରୁ କୋରାପୁଟ ଜେଲକୁ ପଠାଯାଇ ବନ୍ଦୀହେଲେ । ସେ ତା.୦୧/୦୪/୧୯୪୪ରିଖରେ କୋରାପୁଟ ଜେଲରୁ ଖଲାସ ହୋଇ କଟକ ଆସିଲେ । ତାଙ୍କର ମୋଟ ଜେଲ ଦଣ୍ଡ ସମୟ ୩ବର୍ଷ ୯ମାସ ।

୧୧୨ । ଗୋଲୋଖ ବିହାରୀ ନାୟକ- ଗ୍ରାମ- ସାରଦା (ସାଲେପୁର), ଜିଲ୍ଲା- କଟକ, ପିତା- ବାଳକୃଷ୍ଣ ନାୟକ, ମାତା- ତାରା ଦେଈ, ସ୍ତ୍ରୀ- ଫୁଲ ଦେଈ, ଜନ୍ମ- ୧୯୧୮ ମସିହା ଏପ୍ରିଲ ୧୦ ତାରିଖ ।

ପିଲାଟି ଦିନରୁ ଲାଳନପାଳନ ହୋଇଥିଲେ ମାମୁଁଘରେ ତୋଲାପୁର ଗ୍ରାମରେ । ପଢୁଥିବା ସମୟରେ ପାଠପଢ଼ା ଛାଡ଼ି ୧୫ବର୍ଷ ବୟସରେ ବାନରସେନା ଭାବରେ ଆନ୍ଦୋଳନରେ ଯୋଗଦେଇଥିଲେ । ବରୀ ଆନ୍ଦୋଳନ ସମୟରେ ୨ଥର କାରାବରଣ କରିଥିଲେ । ମୌଳିକ ଶିକ୍ଷାର ପ୍ରୟୋଗ ଯେତେବେଳେ ବରୀରେ ହୋଇଥିଲା ସେତେବେଳେ କିଛିଦିନ ଶିକ୍ଷକତା କରିଥିଲେ ତତ୍‌ପରେ ୧୯୪୨ ମସିହା ଆନ୍ଦୋଳନରେ ସାମିଲ ହୋଇ ଜେଲ ବରଣ ମଧ କରିଥିଲେ । ଜେଲରୁ ଫେରି ନିଜ ଅଞ୍ଚଳକୁ ଯାଇ ବିଭିନ୍ନ ସମାଜ ସଂଗଠନ କାମରେ ଲାଗିଥିଲେ । ତାଙ୍କର ଦେହାନ୍ତ ୧୯୮୦ ମସିହା ସେପ୍ଟେମ୍ବର ୨୬ ତାରିଖ ଦିନ ହୋଇଥିଲା ।

Digitized by PPRACHIN, SOA

୧୧୩ । ଶ୍ରୀ ଶୁକଦେବ ସାହୁ- ପିତା - ଉଦ୍ଧବ ସାହୁ, ଗ୍ରାମ - କେନ୍ଦାପଡ଼ା, ଥାନା - କେଶରପୁର, ପୋଷ୍ଟ - ଦାନପୁର, ଜିଲ୍ଲା- କେନ୍ଦ୍ରାପଡ଼ା, ଜନ୍ମ ୧୨/୦୬/୧୯୨୧ ମସିହା ।

ଚାନ୍ଦୋଳ ହାଟରେ ସତ୍ୟାଗ୍ରହ କରି ୧୪/୦୧/୧୯୪୧ରୁ ୧୩/୦୩/୧୯୪୧ ଯାଏ ଦୁଇମାସ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ । କାରାମୁକ୍ତ ପରେ ବୟସ କମ୍‌ଥିବାରୁ ପୂଜ୍ୟ ଗୋପବାବୁଙ୍କ ବରୀ ଆଶ୍ରମରେ ଶିକ୍ଷାଲାଭ କରି ଭାରତଛାଡ଼ ଆନ୍ଦୋଳନ ଯାଏ ବିଭିନ୍ନ ସଙ୍ଗଠନରେ କାର୍ଯ୍ୟ କରୁଥିଲେ । ୧୯୪୨ର ଭାରତଛାଡ଼ ଆନ୍ଦୋଳନ ବେଳେ ପ୍ରଚାରପତ୍ର ବାଣ୍ଟିବା, ତାରଖୁଣ୍ଟି ଉପାଡ଼ିବା, ଡ଼ାକଘର ପୋଡ଼ିବା ଇତ୍ୟାଦି କାର୍ଯ୍ୟକରି ପୁନର୍ବାର ୩୦/୦୯/୧୯୪୨ ମସିହାରେ ଗିରଫ ହୋଇ ୬ମାସ ସଶ୍ରମ କାରାଦଣ୍ଡ ପରେ ଅଟକ ବନ୍ଦୀ ଭାବରେ ରହି ତା. ୧୧/୦୮/୧୯୪୪ ମସିହାରେ କାରାମୁକ୍ତ ହୋଇଥିଲେ । ପରେ ରାମଚନ୍ଦ୍ରପୁରରେ ମୌଳିକ ଶିକ୍ଷକ ହେଲେ ।

୧୧୪ । ବାମନଚରଣ ଦାସ- ମୂଳ ଜନ୍ମସ୍ଥାନ-ପୂର୍ବ ଯାଜପୁରର ଅଳକୁଣ୍ଡ-ନୂଆ ଗାଁରେ । ପାଳକ ମାତା ସାଗର ଦେବୀ ତାଙ୍କୁ ନିଜ ବାପଘରୁ (ନୂଆଁ ଗାଁରୁ) ପୋଷ୍ୟପୁତ୍ର କରି ଆଣିଥିଲେ । ପାଳକ ପିତା ଜଗମୋହନ ଦାସ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସମସାମୟିକ ଥିଲେ । ଜଗମୋହନ ନରସିଂହପୁର ରାଜ୍ୟରେ ଦେୱାନ ଥିଲେ । ପରବର୍ତ୍ତୀକାଳରେ ଗାର୍ଡିଆନ୍ ଓ ରାଜ୍ୟର ପରିଚାଳକ ହେଲେ । ସେ "କୁଳବୃଦ୍ଧ" ମଧୁସୂଦନ ଦାସଙ୍କର ସଙ୍ଗାତ ଥିଲେ ବୋଲି ଶୁଣାଯାଏ ।

ଆନନ୍ଦପୁରର ଭଗୀରଥ ଦାସ 'ବୁଢ଼ା ଗୋସାଇଁ' ଦାଣ୍ଡରେ ମହତାବଙ୍କ ରଚିତ "ପଲାସୀଅବସାନେ" ବହି ପଢ଼ୁଥିଲେ । ଉକ୍ତ ବହି ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା ବାଗଦାର ଇଉନିୟନ୍ - ପ୍ରେସିଡେଣ୍ଟ ଚୌଧୁରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏ କଥା ରିପୋର୍ଟ କରିବାରୁ ଭଗୀରଥ ଦାସଙ୍କ ନାମରେ ମକଦ୍ଦମା ହେଲା ଏହା ମିଥ୍ୟାବୋଲି ବାମନଚରଣ ଦାସ ଭଗୀରଥ ଦାସଙ୍କ ସାକ୍ଷ୍ୟ ଦେଇଥିଲେ । ବ୍ରିଟିଶ ସରକାର ଚୌଧୁରୀଙ୍କୁ ପ୍ରେସିଡେଣ୍ଟ ପଦରୁ ଡିସ୍ ମିସ୍ କଲେ । ଗାନ୍ଧୀଜୀ ତା ୩୦-୫-୧୯୩୪ରେ ବାମନବାବୁଙ୍କର ଚଉପାଢୀରେ ରହିଥିଲେ ଓ ବାଗଦାର "ମେଲଣ ପଡିଆ"ରେ ସଭା କରିଥିଲେ । ୧୯୩୫ର ଦେବସ୍ନାନ ପୂର୍ଣ୍ଣିମାରେ ବାମନବାବୁ ନିଜର କୁଳଦେବତା ବଳଦେବଜୀଉଙ୍କ ମନ୍ଦିରରେ ହରିଜନମାନଙ୍କୁ ପ୍ରବିଷ୍ଟ କରାଇଥିଲେ । ଫଳରେ, ସେ ଦୀର୍ଘ ବାରବର୍ଷକାଳ ଜାତିରେ ଅଟକ ରହିଥିଲେ । ଧୋବା,

Digitized by PPRACHIN, SOA

ଭଣ୍ଡାରୀ ଅଟକ କେହି ଖାଇବାକୁ ଆସୁ ନ ଥିଲେ । କେହି ତାଙ୍କ ଘରେ ଧାନ କୁଟୁନ ଥିଲେ । ଯେ ତାଙ୍କ ଘରକୁ ଆସୁଥିଲେ ସେ ଲଣ୍ଡା ହେଉଥିଲେ ଓ ଗୋବରପାଣି ପିଉଥିଲେ ।

ସେତେବେଳେ ବରୀ ଅଞ୍ଚଳରେ ଡାକ୍ତରୀ ଚିକିତ୍ସାର ଆଦୌ ସୁବିଧା ନ ଥିଲା । ବାମନବାବୁ ଅନୁଚର- ଭାବରେ ବିସୂଚିକା (ଝାଡାବାନ୍ତି ବା ହଇଜା) ଆସୁଥିଲା । ବାମନବାବୁ ସେହି ରୋଗୀଙ୍କୁ ହୋମିଓପ୍ୟାଥିକ ଚିକିତ୍ସା କରୁଥିଲେ । ତାଙ୍କର ଶତ୍ରୁ ହେଲେ ସୁଦ୍ଧା ସେ ତାହାର ଚିକିତ୍ସା କରୁଥିଲେ ।

ଗାନ୍ଧୀ ଦେଇଥିବା ନାମ 'ସେବାଘର' (ଆଶ୍ରମ) ପାଇଁ ସେ ଅରଙ୍ଗାବାଦ ମୌଜାରେ ତାଙ୍କର ଜମି ଦାନ କରିଥିଲେ । ସେତେବେଳେ ତାହା ସେବାର, ସ୍ୱାଧୀନତା ଆନ୍ଦୋଳନର ଓ ରଚନାତ୍ମକ କାର୍ଯ୍ୟର କେନ୍ଦ୍ର ଥିଲା । ଏବେ କସ୍ତୁରବା ଗାନ୍ଧୀ ନିଧିର "ମାତୃମଙ୍ଗଳ" କେନ୍ଦ୍ର ହୋଇଛି । ତା ୮-୫-୫୭ରେ ସନ୍ନ୍ୟାସ ରୋଗରେ ତାଙ୍କର ଦେହାନ୍ତ ହେଲା । ବାମନବାବୁଙ୍କର ବାସରୀ - ଖାତାଗୁଡିକରୁ ବହୁ ତଥ୍ୟ ମିଳିଥାନ୍ତା । ସେଗୁଡ଼ିକରୁ ନଷ୍ଟ ହୋଇଯାଇଛି ।

ଶ୍ରୀ ସୁଭାଷଚନ୍ଦ୍ର ଦାସଙ୍କର ସୌଜନ୍ୟରୁ ପ୍ରାପ୍ତ ।

ପତ୍ରାଙ୍କ ୯୨୪-୬୦ ତା ୨୩-୯-୯୦ ରବିବାର .

ଶୁଭଶ୍ରୀ ପଲ୍ଲୀଭବନ, ବାଗଦା । ପୂର୍ବାହ୍ନ - ୯-୧୦-୯୦

୧୧୫ । ଅଧିକାରୀ ଚକ୍ରଧର ଦାସ- ମୂଳ ଜନ୍ମସ୍ଥାନ ସୁଙ୍ଗୁଡା, ଗ୍ରାମ, ଧର୍ମଶାଳା ଥାନାରେ । ମାତା -ସୁମା ଦେଈ, ପିତା- ବିକଳ ସାମଲ । ଜନ୍ମ - ଚନ୍ଦନ ପୂର୍ଣ୍ଣିମା, ୧୩୦୧ ସାଲରେ (୧୮୯୪ ମସିହାରେ) । ହରିଦାସପୁରର କଦଳୀମଠର ମହନ୍ତ ଲଛମନ ଦାସ ତାଙ୍କୁ ୧୯୦୯ ମସାହାରେ ଚେଲା ରୂପେ ଗ୍ରହଣ କଲେ । ମଠରେ ଦେବତା ଆଣ୍ଠୁଆ ଗୋପାଳ ଏବଂ କଲ୍ୟାଣପୁରର ଶ୍ରୀମତୀ ଗୋଦାବରୀ ଦେବୀଙ୍କର କୁଳଦେବତା କୃଷ୍ଣ ଓ ରାଧା ପୂଜା ପାଆନ୍ତି । ଅଧିକାରୀ ଚକ୍ରଧର ଦାସ ଚାଟଶାଳୀ-ପାଠ ମାତ୍ର ପଢିଥିଲେ । ସେତେବେଳେ ପାଠୁଆ ଲୋକ ଅତି ଅଳ୍ପ ଥିଲେ । ଯୌବନରେ ଏ ଲୋକଙ୍କ ଉପରେ ଭାରି ପ୍ରତାପ ଦେଖାଉଥିଲେ । ଗାନ୍ଧୀଜୀଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ ପରେ ଏ ପଣ୍ଡିତ ପ୍ରାଣକୃଷ୍ଣ ପଡିଆରୀଙ୍କର ପ୍ରେରଣାରେ ସତ୍ ପଥକୁ ଆସିଲେ କଂଗ୍ରେସ କାମରେ ଓ ଖଦୀ- କାମରେ ସାହାଯ୍ୟ କଲେ । କଟକରୁ କଂଗ୍ରେସ ଲୋକ ହରିଦାସପୁର ରେଳଷ୍ଟେସନ ଓ ମଠ ବାଟେ ବରୀକୁ ଯାଉଥିଲେ । ଏ ସେମାନଙ୍କୁ ସାହାଯ୍ୟ କରୁଥିଲେ । ୧୯୪୨ରେ ସେହି ସହଯୋଗ ପାଇଁ ଏ ବହୁତ ହଇରାଣ ହେଲେ ସେ ମଠର ୮ ଏକର ଚାଷ ଜମି ହରାଇଲେ ।

Digitized by PPRACHIN, SOA

ଭୂଦାନ ଯଜ୍ଞରେ ଏ ୩ ଏକର ଜମି ଦାନ କରିଥିଲେ । ଚାଟୁବାବୁ ଓ ଫକୀର ମିଶ୍ରଙ୍କର ପ୍ରେରଣାରେ ହରିଦାସପୁର ଗ୍ରାମଦାନ ଘୋଷିତ ହୋଇଥିଲା । ବରୀ ଅଞ୍ଚଳ ସହ ଅଧିକାରୀଙ୍କର ସଂପର୍କ ସର୍ବଦା ରହିଥିଲା । ଶେଷ ଜୀବନରେ ସେ ବହୁ ଶାରୀରିକ ଓ ମାନସିକ ଦୁଃଖ ଭୋଗ କରିଥିଲେ । ତା- ୭-୮-୧୯୭୯ରେ ଗହ୍ମା ପୂର୍ଣ୍ଣିମାରେ ତାଙ୍କର ଦେହାନ୍ତ ହେଲା ।

୧୧୬ । ଡ଼କ୍ଟର କାଳୀପଦ ଚୌଧରୀ- ଜନ୍ମସ୍ଥାନ- ଗ୍ରାମ ପୋ.ଅ/ପି.ଏସ୍- ଗୁରୁଦାସପୁର, ଜିଲ୍ଲା- ରାଜସାହି (ବେଙ୍ଗଲ) ଜନ୍ମ ୧୦ ଭାଦ୍ର, ୧୩୦୪ ସାଲ/ ୧୮୯୭ ମସିହା ପିତା- ଡାକ୍ତର କୁମୁଦାନାଥ ଚୌଧୁରୀ । ତାଙ୍କର ମାତୃଗର୍ଭରେ ପୁରା ୧୦ ମାସ ରହିବା ପୂର୍ବରୁ ଭୂମିଷ୍ଠ ହୋଇଥିଲେ । ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ସେ ଶ୍ରେଣୀରେ ପ୍ରଥମ ହେଉଥିଲେ । ନବମ ବର୍ଷ ବୟସରୁ ନିଜ ପିତାଙ୍କଠାରୁ ଦୂରରେ ରହିଲେ । ସେ ମନ୍ଦ ପିଲାଙ୍କ ସଙ୍ଗରେ ପଡି ସିଗାରେଟ୍ ଟାଣିଲେ, ପଢାରେ ଖରାପ କଲେ । ତାଙ୍କ ଜେଠା ହେଡ୍ ମାଷ୍ଟର ଥିଲେ । ତାଙ୍କ ପାଖରେ ରହି ଶ୍ରେଣୀରେ ପୁଣି ପ୍ରଥମ ହେଲେ, ମ୍ୟାଟ୍ରିକୁଲେଶନ ପ୍ରଥମ ଶ୍ରେଣୀରେ ପାସ କଲେ । ସେ ପ୍ରଥମ ବିଶ୍ୱଯୁଦ୍ଧରେ ଓ ଆଫ୍ରିକାର କେନିୟାରେ ଚାକିରି କରିବାକୁ ଚେଷ୍ଟା କରିଥିଲେ । ମାତ୍ର ଚାକିରି ପାଇଲେ ନାହିଁ । ସେ କଲିକତା କାରମାଇକେଲ ମେଡିକାଲ କଲେଜରେ ୫ମ ବର୍ଷରୁ ପଢା ଛାଡିଲେ ଓ L.M:F. ଡିପ୍ଲୋମା ପାଇ ଅ-ବିଭକ୍ତ ବଙ୍ଗଳା ପ୍ରଦେଶରେ ଡିସିଟ୍ରକ୍ଟ ବୋର୍ଡର ବିଭିନ୍ନ ଡାକ୍ତରଖାନାରେ ଚାକିରି କରିଥିଲେ । ୧୯୪୬ମସିହାରେ ହିନ୍ଦୁ-ମୁସଲମାନ ସଂଘର୍ଷ ପୂର୍ବରୁ ସେ ନିଜର ସମସ୍ତ ସ୍ଥାବର ସମ୍ପତିର ମାୟା ବିସର୍ଜନ କରି, ପରିବାର ନେଇ କଲିକତାକୁ ଚାଲି ଆସିଲେ । ରାମଚନ୍ଦ୍ରପୁରରେ କଟକ ଡିସ୍‌ଟ୍ରିକ୍ଟ ବୋର୍ଡର ଡ଼ାକ୍ତରଖାନାରେ ପ୍ରଥମ ଡାକ୍ତର ରୂପେ ତା ୫-୧୨-୧୯୪୮ରେ ସେ କାର୍ଯ୍ୟ ଆରମ୍ଭ କଲେ । କମ୍ପାଉଣ୍ଡର ନ ଥିଲେ । ଡାକ୍ତର ଚୌଧୁରୀ ନିରକ୍ଷର ଖତୁ ବେହେରାକୁ ଅଳ୍ପ ଦିନ ମଧ୍ୟରେ ପ୍ରାଥମିକ ଶିକ୍ଷା ଦେଇ ଏପରି ତାଲିମ କରିଦେଲେ ଯେ ସେ କମ୍ପାଉଣ୍ଡର - କାର୍ଯ୍ୟ ଶ୍ରୀ ମହେନ୍ଦ୍ର ମିଶ୍ର ଆସିବା ପର୍ଯ୍ୟନ୍ତ, ଚଳାଇଦେଲେ । ଡାକ୍ତରବାବୁ ରୋଗନିର୍ଣ୍ଣୟରେ ଦକ୍ଷ ଥିଲେ ଏବଂ ଆନ୍ତରିକତା ସହ ରୋଗୀମାନଙ୍କୁ ଚିକିତ୍ସା କରୁଥିଲେ । ସେ ଖୁବ୍ ଲୋକପ୍ରିୟ ହୋଇଥିଲେ । ସେ ବରୀର ଦୁଧେଇ ଆଶ୍ରମକୁ ଯାଇ ପୂଜ୍ୟ ଗୋପବାବୁଙ୍କୁ ପୋଟେଳ-ଗେଣ୍ଟ ଲଗାଇବା ଓ ଚାଷର ପଦ୍ଧତି ଦେଖାଇ ଦେଇଥିଲେ । ସେ ଏପରି ସହିଷ୍ଣୁ ଓ ସଂଯତ ଥିଲେ ଯେ ନିଜର ପ୍ରିୟ ଓ ବହୁମୂଲ୍ୟ ସଂପତ୍ତି ପୂର୍ବବଙ୍ଗରେ ଛାଡ଼ି ଆସିଥିଲେ ହେଁ, କାହାଠାରେ କୌଣସି ଦୁଃଖ କେବେ ପ୍ରକାଶ କରୁ ନ ଥିଲେ ।

Digitized by PPRACHIN, SOA

୧୧୭ । କ୍ଷମା ମହାନ୍ତି- ପିତା ଗୋକୁଳାନନ୍ଦ ମହାନ୍ତି-ମୂଳଘର କୁଜଙ୍ଗର ମଣିପୁର କରଣସାହିରେ, ଜିଲ୍ଲା- ଜଗତସିଂହପୁର, ପିତା ୯ ବର୍ଷ ବୟସରେ କଟକକୁ ଚାଲିକରି ଆସିଥିଲେ । ଦୁର୍ଭିକ୍ଷରେ ଅନାହାର ବେଳେ ଏହାଙ୍କର ପୂର୍ବପୁରୁଷ ଖ୍ରୀଷ୍ଟିଆନ୍ ଧର୍ମରେ ଦୀକ୍ଷିତ ହୋଇଯାଇଥିଲେ । ଗୋକୁଳାନନ୍ଦଙ୍କର ପୁଅଝିଅମାନେ ଉଚ୍ଚ ଶିକ୍ଷା ପାଇଥିଲେ । କ୍ଷମାଦେବୀଙ୍କର ଜନ୍ମ ତା ୨୪-୧୦-୧୮୯୯ରେ । କ୍ଷମାଦେବୀ କଲିକତାରେ ବି.ଏ. ଓ ବି.ଟି. ପାସ କରି, ବିହାର ଓ ଓଡ଼ିଶାର ରାଜଧାନୀ ପାଟଣାରେ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ଥିଲେ । ରମାଦେବୀଙ୍କର ଅନୁରୋଧରେ ସେ ରାମଚନ୍ଦ୍ରପୁରରେ ରହି ପୂର୍ବ ମୌଳିକ ଶିକ୍ଷକ-ଶିକ୍ଷିକା ଟ୍ରେନିଂରେ ଏବଂ ପରେ ରାମଚନ୍ଦ୍ରପୁର ଉତ୍ତର ମୌଳିକ ବିଭାଗରେ ଶିକ୍ଷୟିତ୍ରୀ ହୋଇଥିଲେ । ଏମିତି ତ ସେ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରାର୍ଥନା କରୁଥିଲେ । ଅନୁଷ୍ଠାନର ସମୂହ ସର୍ବଧର୍ମ ପ୍ରାର୍ଥନାରେ ମଧ୍ୟ ଯୋଗ ଦେଉଥିଲେ । କାହାରି ଦେହ ଖରାପ ହେଲେ ସେ ଖାସ ପ୍ରାର୍ଥନା କରୁଥିଲେ । ସେ ଅତି ସ୍ନେହୀ ଓ ସେବାପରାୟଣା ଥିଲେ, ଖଦୀ ପରିଧାନ କରୁଥିଲେ । ବନ୍ୟା ରିଲିଫ୍ କାମରେ ସାହାଯ୍ୟ କରିଥିଲେ । ତାଙ୍କର ବଡ଼ ଭାଇ ଯୋନାଥନ ମହାନ୍ତି ଗୋପବନ୍ଧୁ ଚୌଧୁରୀଙ୍କର ସହପାଠୀ ଥିଲେ ଓ ପରେ ରେଭେନ୍ସା କଲେଜର ଇଂରାଜୀ ଅଧ୍ୟାପକ ହୋଇଥିଲେ । କ୍ଷମାଦେବୀ ଚିରକୁମାରୀ ଥିଲେ । ତା୧୨/୮/୧୯୮୨ରେ ପୁରୀରେ ଅସହାୟା ଅବସ୍ଥାରେ ପ୍ରାଣତ୍ୟାଗ କଲେ ।

୧୧୮ । ଦୈତାରି ସାମଲ- ସା- ମଲିଆଘାଈ, ପୋ. ଅ.- ବରୀ-କଟକ, ଜିଲ୍ଲା- ଯାଜପୁର, ମାତା - କଇଁତା (କୁନ୍ତୀ) ଦେବୀ, ପିତା- ପଦ୍ମଚରଣ ସାମଲ । ଜନ୍ମ- ପ୍ରାୟ ୧୯୦୦ ମସିହାରେ ।

ଦୈତାରୀ ମାତାପିତାଙ୍କର ୨ୟ ସନ୍ତାନ ଥିଲେ । ସେ ୧୦ ବର୍ଷ ବୟସରେ ଘରୁ କଲିକତା ଧାଇଁ ଦାଦା ପରମାନନ୍ଦଙ୍କ ପାଖରେ ପହଞ୍ଚିଲେ । ଦାଦା ମାଳୀ କାମ କରୁଥିଲେ । ଦୈତାରି ମାଇନର ପର୍ଯ୍ୟନ୍ତ ପଢିଥିଲେ ଓ ସାମାନ୍ୟ ବଢେଇ କାମ ଶିଖିଲେ । ଜଣେ ଇଂରେଜଙ୍କ ସହ ପରିଚୟ ହେଲା । ଦୈତାରି ପିତାଙ୍କର ଶୁଦ୍ଧିକ୍ରିୟା ପାଇଁ ମଲିଆଘାଈକୁ ଆସି କଲିକତାକୁ ଫେରିଗଲେ । ଇଂରେଜ ପରିବାରକୁ ପାଇଲେ ନାହିଁ । ତାଙ୍କର ମନରେ ବିଦେଶ ଯିବାର ପ୍ରବଳ ଇଚ୍ଛା ହେତୁ ସେ ଜାହାଜରେ ବମ୍ବେରୁ ଏଡ଼େନ୍, ସୁଏଜ୍ କ୍ୟାନାଲ ବାଟେ ଗଲେ । ୧ମ ବିଶ୍ୱଯୁଦ୍ଧ ହେତୁରୁ ସେହି ଜାହାଜ ଭୂମଧ୍ୟ ସାଗରରୁ ଫେରିଲା । ସେ କୋଚିନ୍ ବନ୍ଦରରୁ ଆଉ ଏକ ପଣ୍ୟବାହୀ ଜାହାଜରେ ଉତ୍ତମାଶା ଅନ୍ତରୀପ ବାଟେ ସିଧା ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାୟ

Digitized by PPRACHIN, SOA

୬ ମାସରେ ପହଞ୍ଚିଲେ । ସେତେବେଳେ ଆମେରିକାରେ ଜଣେ ସୁଦ୍ଧା ଉତ୍କଳୀୟ ନ ଥିଲେ । ବଡ଼ ସାହସରେ ଓ ଦୁଃଖରେ ସେ ରହିଲେ । ପ୍ରଥମ ମହାଯୁଦ୍ଧରେ ସେ ସୈନ୍ୟଭୁକ୍ତ ହୋଇ, ମିତ୍ରଶକ୍ତି ପକ୍ଷରୁ ରୁଷିଆର ଉତ୍ତରାଞ୍ଚଳରେ ଓ ଫିଲିଫାଇନ୍‌ସ୍ ରହିଲେ । ସେ ପଢି ବି.ଏ. ପାସ୍ କଲେ । ଯୁଦ୍ଧ ପରେ ସେ ଭାରତକୁ ନ ଫେରି ନିଉୟର୍କ ସହରରେ ଭାରତୀୟ ଗୁଳ୍ମଲତା ବିକ୍ରୀର ବ୍ୟବସାୟ କଲେ । ୧୯୪୬ ଆରମ୍ଭରେ ପ୍ରାୟ ୩୦ ବର୍ଷ ପରେ, ସେ ନିଜ ଘରକୁ ଆସଲେ । ସେ କହୁଥିଲେ ଯେ ବ୍ୟାଙ୍କରେ ପ୍ରାୟ ୫ ଲକ୍ଷ ଡଲାର (୩୫/୩୬ ଲକ୍ଷ ଟଙ୍କା) ଜମା ରଖିଥିଲେ, ଏବଂ ତାକୁ ଉଠାଇ ଆଣି ଉଠାଜଳସେଚନ କରାଇ ଧୋୟା ଅଞ୍ଚଳର ଚାଷୀ କିପରି ୨ୟ ଫସଲ କରିପାରିବେ, ତାହା ଦେଖାଇବେ । ସେ ନିଜର ବଡ଼ଭାଇର ପୁଅ ଲମ୍ବୋଦରକୁ ପୋଷ୍ୟ ପୁତ୍ର କରିଥିଲେ । ନିଉୟର୍କର ମେୟର ତାଙ୍କର ସାର୍ବଜନୀନ କାର୍ଯ୍ୟରେ ରୁଚି ଓ ସାହାଯ୍ୟ ପାଇଁ ତାଙ୍କୁ ଏକ ପ୍ରଶଂସା ପତ୍ର ଦେଇଥିଲେ । ଦୈତାରିବାବୁ ନିଜର ସଂଜ୍ଞା ବଦଳାଇ 'ସିଂହ' ଲେଖୁଥିଲେ । ସେ ୩୦ ବର୍ଷ ପରେ ଫେରି ନିଜର ମାତୃଭାଷାରେ ଆମ୍ଭମାନଙ୍କ ସହ କଥା କହିଲେ । ନିଜର ବନ୍ଧୁବାନ୍ଧମାନଙ୍କ ଘରକୁ ଯାଇ ଆଳାପ କଲେ । ସେ ତାଙ୍କର ପୁତୁରା ଗୋବିନ୍ଦ ସାମଲଙ୍କୁ ମଧ୍ୟେ ଚିଠିପତ୍ର ଦେଉଥିଲେ । ସେ ଅବିବାହିତ ଥିଲେ । କେତେ ବର୍ଷ ପରେ ତାଙ୍କର ପୁତୁରା ଗୋବିନ୍ଦକୁ Mr. Edward Pious, 261, Broadway, New York-7eê12-6 1962ରେ ଲେଖିଲେ : "Daitary Singh died on 10-6-1962 at King's Park Hospital and was buried on Federal Grounds with proper cermonies in the Pine lawn Cemtary, Long Island, Ndw York." ଦୈତାରି ସିଂହଙ୍କୁ ସମ୍ଭବତଃ ତାଙ୍କଠାରୁ ଧନ ନେବାର ଲୋଭରେ କେହି ପାଗଳ କରିଦେଇଥିଲା ଏବଂ ସେ ଉକ୍ତ ହସପିଟାଲରେ ଚିକିତ୍ସା ପାଉଥିଲେ ।

[ତାଙ୍କର ପୁତୁରା ଗୋବିନ୍ଦବାବୁ ଲେଖିଛନ୍ତି ଯେ ସେ ଭାରତରୁ ପ୍ରଥମେ ବିଲାତକୁ ଯାଇଥିଲେ । ସଂକଳକ]

୧୧୯ । ବେଣୁଧର ଉତ୍ତରସିଂହ- ଗ୍ରାମ/ପୋ.ଅ- କାଇପଡ଼ା, ଜିଲ୍ଲା- ଯାଜପୁର ।

ସେ ସମୟରେ ଏ କଂଗ୍ରେସର ଇଉନିୟନ୍ ପ୍ରେସିଡ଼େଣ୍ଟ ଥିଲେ । କଂଗ୍ରେସ କାମକୁ ଆଗେଇ ନେବାରେ ସେ ବହୁତ ସାହାଯ୍ୟ କରିଥିଲେ । ଗଙ୍ଗାଧର ଦାସ ବହୁ ସମୟରେ ଏହାଙ୍କ ଘରେ ରହି ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟ କରାଉଥିଲେ । ୧୯୪୦ରେ ସରକାରୀ ମୌଳିକ

Digitized by PPRACHIN, SOA

ବିଦ୍ୟାଳୟ କାଇପଡ଼ାରେ ହେବାରେ ଉତ୍ତରସିଂହ ଖୁବ୍ ସହଯୋଗ କରିଥିଲେ । ତାଙ୍କର ପ୍ରେରଣାରେ ଯଦୁନାଥ ମିଶ୍ର ଓ ତାଙ୍କ ପୁତ୍ର ମଧ୍ୟ ସ୍ୱାଧୀନତା-ସଂଗ୍ରାମ ପ୍ରତି ସହାନୁଭୂତି ଦେଖାଇଥିଲେ ।

୧୨୦ । ଗଦାଧର ପାଲିତ- ଗ୍ରାମ- ଅନ୍ୟାସୀପୁର, ପୋ.ଅ.- କାଇପଡ଼ା, ଜିଲ୍ଲା-ଯାଜପୁର, ମାତା-୰ ରମାସୁନ୍ଦରୀ, ପିତା-୰ ଠାକୁରଦାସ । ଜନ୍ମ ତା ୧/୧/୧୯୦୫ ।

ଏ ଜଣେ ସାନ ଜମିଦାର ଥିଲେ । ଗାନ୍ଧୀଜୀ ହରିଜନ ପଦଯାତ୍ରାରେ ବରୀ କଳାମାଟିଆ କଚା ରାସ୍ତା କଡ଼ରେ ଥିବା ଏହାଙ୍କର ଆମ୍ବତୋଟାରେ ରାତିଏ ରହିଥିଲେ । ୧୯୩୭ରେ ଦିନେ ରଙ୍ଗାଧର ଦାସ ଶ୍ରୀ ପାଲିତଙ୍କୁ ସାକ୍ଷାତ କରିବାକୁ ଆସି, ତାଙ୍କର ଭିତର ଖଞ୍ଜାକୁ ଖବର ପଠାଇଲେ ଏବଂ ବାହାରେ ଦୁର୍ଗା- ମେଲାରେ ଅପେକ୍ଷା କଲେ । ଗଦେଇବାବୁ ଏହା ଭୁଲି ଗଲେ ଓ ଖାଇସାରି ଆରାମରେ ଶୋଇଗଲେ । ଉପରଓଳି ୩ଟା ବେଳକୁ ତାଙ୍କର ମନେ ପଡ଼ିଲା ଏବଂ ରଙ୍ଗାଧର ବାବୁଙ୍କଠାକୁ ଆସି ଭୁଲ ସ୍ୱୀକାର କଲେ ଏବଂ ଆତିଥ୍ୟ ଦେଖାଇଲେ । ତହିଁ ଆରଦିନ ସେ ଗାନ୍ଧୀଜୀଙ୍କର କେତେକ ବଙ୍ଗଳା ବହି ମଗାଇ, ପଢିଲେ ଏବଂ କ୍ରମେ ରଚନାତ୍ମକ କାର୍ଯ୍ୟରେ ଆନନ୍ଦ ପାଇଲେ । ତାଙ୍କ ଗ୍ରାମରେ ୧୯୪୦ରେ ସରକାରୀ ମୌଳିକ ବିଦ୍ୟାଳୟ ହେବା ପାଇଁ ୩ ଏକର ଜମି ଦାନ କଲେ । ତା ୨୬/୮/୪୨ରେ ତାଙ୍କର ଦୁର୍ଗାମେଲା ଆଗରେ ସଭା ହୋଇଥିଲା । ସେ ଖଦୀଧାରୀ ଥିଲେ, ଗରୀବ ଓ ହରିଜନମାନଙ୍କୁ ନାନା ମତେ ସାହାଯ୍ୟ କରୁଥିଲେ । ତାଙ୍କର ପୁଅ ନନୀଗୋପାଳଙ୍କୁ ସେ ମୌଳିକ ଶିକ୍ଷାରେ ଶିକ୍ଷିତ କରାଇଥିଲେ । ଏହିପୁତ୍ର ମଧ୍ୟ ବଡ଼ନିର୍ଭୀକ ଓ ନୀତିବାଦୀ ଅଟନ୍ତି । ଗଦେଇବାବୁ ପ୍ରତିଦିନ ନିଜର ବାସରୀରେ ଗ୍ରାମର ଓ ଅଞ୍ଚଳର ଉଲ୍ଲେଖନୀୟ ଘଟଣା ଲେଖୁଥିଲେ । ପ୍ରାୟ ୫୦ ବର୍ଷ ବାସରୀ ତାଙ୍କଠାରେ ଥିଲା ତା ୯/୧୧/୮୩ରେ ସେ ପ୍ରାଣତ୍ୟାଗ କଲେ ।

୧୨୧ । ଭାଗବତ ନାୟକ- ଗ୍ରାମ- କୃଷ୍ଣନଗର, ଜିଲ୍ଲା- ଯାଜପୁର ।

୧୯୪୨ର ସ୍ୱାଧୀନତା ସଂଗ୍ରାମୀ ଧ୍ରୁବଚରଣ ରାୟଙ୍କର ଏ ମାମୁଁଙ୍କର ପୁଅ । କୃଷ୍ଣନଗରରେ ମୋତିଲାଲ ପଣ୍ଡିତଙ୍କର କଚେରି-ଘରେ ପୋଲିସ ଭାଗବତ ନାୟକଙ୍କୁ ମାଡ଼ ଦେଲେ ଏବଂ ତାଙ୍କୁ ସଙ୍ଗରେ ଧରି ଆଣିଲେ । ନବକିଶୋର ନାୟକ ଓ ପୁଷି ଦେଈଙ୍କର ଅବଳା ନାମ୍ନୀ ୬ ବର୍ଷର ଝିଅକୁ ଭାଗବତ ପାଳିଥିଲେ । ଏ ଝିଅଟି ବାପର ପଛେ ପଛେ ଯାଉଁ ଯାଉଁ ପାଣି ଖାତରେ ପଡ଼ିଯିବାରୁ, ମରିଗଲେ । ଭାଗବତଙ୍କର ଭାଇ, ଜଗବନ୍ଧୁ, ନିତ୍ୟାନନ୍ଦ,

Digitized by PPRACHIN, SOA

ନବକିଶୋର ମାଗୁଣି ଚରଣଙ୍କ ଉପରେ ପୋଲିସ ଅତ୍ୟାଚାର କରିଥିଲେ ଏବଂ ଘରୁ ଅଳଙ୍କାର ଆଦି ନେଇ ଯାଇଥିଲେ । ସେ ବର୍ତ୍ତମାନ ସ୍ୱର୍ଗତ ।

-ବୟାନକାରୀ ଶ୍ରୀ ନବିକିଶୋର ନାୟକ, କୃଷ୍ଣନଗର ତା ୧୭/୭/୯୦

୧୨୨ । ଅଲେଖ ପ୍ରସାଦ ଦାସ- ଘର -କଳକଳା, ଜିଲ୍ଲା- ଢେଙ୍କାନାଳ, ଜନ୍ମ- ୧୯୦୨ ମସିହାରେ ।

ସେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ପଢା ଛାଡ଼ିଥିଲେ । ୧୯୨୪ରେ ମାଟ୍ରିକୁଲେଶନ୍ ପାସ କଲେ । ସେ ୧୯୫୨ରେ ବାଲେଶ୍ୱରରେ ଜିଲ୍ଲା ଛାତ୍ର ସମ୍ମିଳନୀ କରାଇଥିଲେ । କଟକରେ ରହି 'ପ୍ରାଚୀ ସାହିତ୍ୟ ପ୍ରଚାର ସମିତି'ରେ ପ୍ରଫେସର ଆର୍ତ୍ତବନ୍ଧୁ ମହାନ୍ତି ଓ ସବଜଜ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାମ କଲେ । ରାଣୀହାଟ ମି.ଇ. ସ୍କୁଲରେ ୧୯୨୭ରେ ଶିକ୍ଷକତା କରୁଥିଲେ । ପିଲାଦିନୁ ସେ କୁସଂସ୍କାରର ବିରୋଧୀ । ସେ ବେକରେ ମାଳି ପିନ୍ଧୁ ନ ଥିଲେ । ସପ୍ତମ ଶ୍ରେଣୀର ଛାତ୍ର ବିନୋଦ କାନୁନଗୋଙ୍କର ମାଳି ଛିଣ୍ଡାଇ ପକାଇଦେଲେ । ସେ ଓଡ଼ିଆ ବିଶ୍ୱକୋଷ ସଂକଳନରେ ସାହାଯ୍ୟ କରିଥିଲେ ।

ସେ ବିହାର ଓ ଓଡ଼ିଶାର ରାଜଧାନୀ ପାଟଣାରେ ୧୯୨୮/୨୯ରେ ବିହାର ନ୍ୟାସନ୍ୟାଲ୍ କଲେଜରେ I.A.ପଢିଲେ ଏବଂ ପତ୍ନୀ ସ୍ନେହଲତା ଓ ଶାଳୀଙ୍କୁ ଗୁଲଜାରବାଗରେ ଲୁଗା ରଙ୍ଗ କରିବା ଓ ଛାପା ପକାଇବାରେ ଟ୍ରେନିଂ ଦିଆଇଲେ । ବରୀରେ ରହି ସେ ଅ.ଭା. ଚରଖା ସଂଘର, ଉତ୍କଳ ହରିଜନ ସେବକ ସଂଘର ହିସାବରକ୍ଷକ କାମ କଲେ । ପୂଜ୍ୟ ଗୋପବାବୁ, ରମାଦେବୀ, ଆଦିଙ୍କର ଘନିଷ୍ଠ ସମ୍ପର୍କରେ ଆସିଲେ । ନାନା ରଚନାତ୍ମକ କାର୍ଯ୍ୟକ୍ରମରେ ସାହାଯ୍ୟ କଲେ । ସେ ବଡ଼ ମିତବ୍ୟୟୀ । ସାନ ବାଡ଼ି ଖଣ୍ଡିକରେ କପା ଲଗାଇ, ସୂତାକାଟି ଲୁଗା କଲେ; ଜଡ଼ା ଲଗାଇ ଘଣାରେ ପେଡାଇ ତେଲ ପାଇଲେ । ବରୀ ଅଞ୍ଚଳର ମୌଳିକ ଶିକ୍ଷା ସହ ସଂପୃକ୍ତ ଥିଲେ । ୧୯୪୨ରେ କେତେକ ଆନ୍ଦୋଳନକାରୀ ତାଙ୍କଠାରୁ କଲିକତାକୁ ଯାଇଥିଲେ । ଅଲେଖବାବୁ ଯୋଗ ଦେଇ ଗିରଫ ହୋଇଥିଲେ ।

ବରୀ ଅଞ୍ଚଳର ଲୋକଙ୍କ ସହ ବଢି-ମରୁଡ଼ି ଦାଉ ସହିଥିଲେ ।

କଲିକତାରେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ସହ କୃଷ୍ଣ ଆଶ୍ରମର ପ୍ରତିଷ୍ଠା ଓ ପରିଚାଳନାରେ କେତେ ବର୍ଷ ସାହାଯ୍ୟ କରିଥିଲେ । 'ସହକାର' ପତ୍ରିକାର ପ୍ରତିଷ୍ଠାତାଙ୍କ ସହ,

Digitized by PPRACHIN, SOA

ସେ ଲେଖା ଓ ଛାପାରେ ପ୍ରଥମେ ସହଯୋଗକରିଥିଲେ । ସେ ଶ୍ରୀମଦ୍ ଭଗବତ-ଗୀତାକୁ ପଦ୍ୟାକାରରେ ଅନୁବାଦ କରିଛନ୍ତି । ଅରବିନ୍ଦ, ଗାନ୍ଧୀ, ତିଳକ, କାଳିଦାସଙ୍କ ସାହିତ୍ୟର ଅନୁଶୀଳନକାରୀ । ସେ ବୁଦ୍ଧଚରିତ ଓ ରାମାୟଣକୁ ପଦ୍ୟ ଓ ଗଦ୍ୟରେ ଲେଖିଛନ୍ତି । ଲୌକିକ ଓ ଆଧ୍ୟାତ୍ମିକ- ଉଭୟ ବିଷୟରେ ସେ ଆଗ୍ରହୀ । ପ୍ରତିଦିନ ନିଜର ଡାଏରୀ ଲେଖନ୍ତି ।

୧୯୭୫ର ଜରୁରୀ ପରିସ୍ଥିତିରେ ତାଙ୍କର ପୁତ୍ର ଦେବେନ୍ଦ୍ର ପ୍ରସାଦ ଅଟକ ବନ୍ଦୀ ଥିଲେ । ଅଲେଖବାବୁ ଅବୈଧାନିକ ଓ ଅନ୍ୟାୟ କାର୍ଯ୍ୟର ବିରୋଧୀ ।

୧୨୩ । ଚୈତନ୍ୟ ଚରଣ ଚକ୍ରବର୍ତ୍ତୀ- ଗ୍ରାମ- ଅନ୍ୟାସୀପୁର, ପୋ.ଅ କାଇପଡା, ଜିଲ୍ଲା-ଯାଜପୁର ୧୯୦୫ମସିହା । ପ୍ରୟାଣ- ତା ୨୧/୭/୧୯୮୫ ।

ଚୈତନ୍ୟଚରଣ ବାବୁ ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକ ଥିଲେ । ସେ ନାନା ହାତକାମ ଜାଣିଥିଲେ । ଢୁଙ୍ଗ ଓ ମୂର୍ତ୍ତିଗଠନରେ ତାଙ୍କର ବିଶେଷ ଦକ୍ଷତା ଥିଲା । ୧୯୪୨ ମସିହାରେ ସ୍ୱାଧୀନତା ଆନ୍ଦୋଳନ ବେଳେ ଅନ୍ୟାସୀପୁରର ମଧୁସୂଦନ ପାଲିତ ଓ ମୁକ୍ତେଶ୍ୱର ମିଶ୍ରଙ୍କୁ ନାନା ଆଡେ ସ୍ୱତନ୍ତ୍ର ବାର୍ତ୍ତାବହରୂପେ ସେ ଗୋପନରେ ପଠାଉଥିଲେ । ସେମାନେ ଏକା ରାତିକେ କଳାମାଟିଆରୁ କାୟମା ପର୍ଯ୍ୟନ୍ତ ଯାଇ ସମ୍ବାଦ ଦେଉଥିଲେ । ଚୈତନ୍ୟଚରଣ ବାବୁ ନିଜର ଚାକିରିକୁ ପରବାୟ ନ କରି ଏହା କରାଉଥିଲେ । ଗଦାଧର ପାଲିତ ମଧ୍ୟ ଏମାନଙ୍କୁ ପ୍ରେରଣା ଦେଉଥିଲେ ।

୧୨୪ । ବଂଶୀଧର ନାୟକ- ସା-ବଳଭଦ୍ରପୁରଶାସନ, ପୋ.ଅ. ଶୀତଳେଶ୍ୱର (ଆଳୀ); ଜିଲ୍ଲା- କେନ୍ଦ୍ରାପଡ଼ା ।

ଏ ନାମାଚାର୍ଯ୍ୟ ବାୟାବାବାଙ୍କର କୁଟୁମ୍ବର ଲୋକ ଏହାଙ୍କର ମୂଳ ଘର କେରଡାଗଡରେ । ପିତା ଅତି ଖାଣ୍ଟି ଲୋକ ଥିଲେ । ତାଙ୍କର ବହୁତ ଜମିବାଡି, ଗୋଧନ ଥିଲା । କଟକ ଜିଲ୍ଲାର ସଦର ଥାନାନ୍ତର୍ଗତ ଦାମୋଦରପୁରର ଶ୍ରୀ ରଘୁନାଥ ଲେଙ୍କା ବଂଶୀଧରଙ୍କୁ ୪ର୍ଥ ଶ୍ରେଣୀରେ ଗୃହ - ଶିକ୍ଷକ ରୂପେ ପଢାଉଥିଲେ । ସେହି ସମୟରୁ ବଂଶୀଧର ଶ୍ରୀମଦ୍ -ଗୀତା ପଢିବା ଆରମ୍ଭ କଲେ , ଶିକ୍ଷକ ମହାଶୟଙ୍କ ପ୍ରେରଣାରେ । ରେଭେନସା କଲିଜିଏଟ୍ ସ୍କୁଲର ଏକାଦଶ ଶ୍ରେଣୀରୁ ଓ ଛାତ୍ରାବାସରୁ ହଠାତ୍ ବଂଶୀଧର ଚାଲିଗଲେ । ସେ ନବଦ୍ୱୀପରେ ବହୁ କଷ୍ଟରେ , ଭୋକ-ଉପାସ ରହି, ବୈଷ୍ଣବ - ଶାସ୍ତ୍ର ଓ ସଂସ୍କୃତ ଅଧ୍ୟୟନ କଲେ । ଶ୍ରୀରାମପୁର ମିଶନାରୀ ହାଇସ୍କୁଲରୁ ମ୍ୟାଟ୍ରିକୁଲେଶନ ପାସ କଲେ । କୃଷ୍ଣ ନଗର କଲେଜରେ I.Sc. ପଢିଲେ । କଣ୍ଟାପଡିର ଜଗନ୍ନାଥ ଦାସ M.L.A ଙ୍କର ସୂଚନା କ୍ରମେ ସେ ୧୯୩୫ର ଜୁଲାଇରୁ

Digitized by PPRACHIN, SOA

ବିଖ୍ୟାତ ରସାୟନ - ବେତ୍ତା ଓ ଗାନ୍ଧୀବାଦୀ ଶ୍ରୀଯୁକ୍ତ ସତୀଶଚନ୍ଦ୍ର ଦାସଗୁପ୍ତଙ୍କଠାରେ ରହି କଲିକତାର ଧପ୍‌ପାରେ କଟେଜ୍ ଟ୍ୟାନେରି କାମ ୨ ବର୍ଷ ଶିଖିଲେ । ବରୀକୁ ଆସିଲେ । କଂଗ୍ରେସପାଇଁ ୧୯୩୭ରେ ସେ ଭୋଟପ୍ରଚାର କରିଥିଲେ । ୧୯୩୮ରେ ବେରବୋଈଠାରେ ଗାନ୍ଧୀ ସେବା ସଂଘର ୪ର୍ଥ ଅଧିବେଶନରେ ପ୍ରଦର୍ଶନୀ ଆଦିରେ ସାହାଯ୍ୟ କଲେ । ସେ ତାଙ୍କର ପତ୍ନୀ ଶ୍ରୀମତୀ ଉତ୍ତମାଙ୍କୁ ମା ରମାଦେବୀଙ୍କ ଠାରେ ସେବାଘରେ ରଖାଇଥିଲେ । ବରୀରେ ସେ ମନମୋହନ ବାବୁଙ୍କୁ କଟେଜ୍ ଟ୍ୟାନେରୀ କାମରେ ସାହାଯ୍ୟ କଲେ । ଇନ୍ଦୁପୁରରେ ମାଇନର ସ୍କୁଲର ପ୍ରଧାନ ଶିକ୍ଷକରୂପେ ଥିଲେ ଓ ଆଳାରେ ଶ୍ରୀଯୁକ୍ତ ଈଶ୍ୱରଲାଲ ବ୍ୟାସଙ୍କୁ ଖଦୀକାରେ ସେ ମଧ୍ୟ କିଛି ଦିନ ସାହାଯ୍ୟ କରିଥିଲେ । ୧୯୪୨ର ତା ୧/୩/୪୧ରୁ ବେସରକାରୀ ମୌଳିକ ବିଦ୍ୟାଳୟରେ ଶିକ୍ଷକତା କଲେ । ୧୯୪୨ର ସ୍ୱାଧୀନତା-ସଂଗ୍ରାମରେ ସେ ଲୁଚି ଛପି ନାନା ଅଞ୍ଚଳରେ କାମ କଲେ ଏବଂ ଶେଷରେ ମେଦୁଆକୂଳ ଗ୍ରାମରେ ଶ୍ରୀ କସ୍ତୁରି ଶାନ୍ତିଙ୍କ ଘରେ ଅସୁସ୍ଥ ହୋଇ, ଗୋପନରେ ରହିଲେ । ପୂଜ୍ୟ ଅମୃତଲାଲ ଭିଠଲ ଭାଇ ଠକର ବାପା ଓ ଈଶ୍ୱରଲାଲ ବ୍ୟାସଙ୍କ ନିର୍ଦ୍ଦେଶରେ ୧୯୪୩ରେ ଉତ୍ତର ବାଲେଶ୍ୱରରେ ରିଲୀଫ୍ ଓ ଥଇଥାନ କାର୍ଯ୍ୟ କଲେ । ସର୍ବଶ୍ରୀ ନନ୍ଦକିଶୋର ଦାସ ଓ ନୀଳାମ୍ବର ଦାସଙ୍କ ସହିତ ସୋର ଥାନାର ତୁଡ଼ିଗଡ଼ିଆରେ ମୌଳିକ ଶିକ୍ଷା କେନ୍ଦ୍ର ଗଢିଲେ । ୧୯୬୦ ମସୀହାରେ ପ୍ରଳୟଙ୍କରୀ ବନ୍ୟା ପରେ ସେ ରିଲୀଫ କାମ କଲେ ଓ ପରେ ୧୯୬୧ରୁ ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟରେ ୧୯୬୪ ପର୍ଯ୍ୟନ୍ତ ଶିକ୍ଷକତା କଲେ । ସେ ନିଜେ ପଢି ହୋମିଓପ୍ୟାଥି ଚିକିତ୍ସା ଉତ୍ତମ ରୂପେ ଜାଣନ୍ତି । ନିଃସ୍ୱାର୍ଥଭାବରେ ରୋଗୀସେବା ତାଙ୍କର ଏକ ସଉକ । ସେ ଅଭ୍ୟସ୍ତ ଭାବରେ ପ୍ରତିଦିନ ଗୀତାପାଠ କରନ୍ତି । ତା ୨/୫/୧୯୭୧ରେ ଉତ୍ତମା ଦେବୀ ସ୍ୱର୍ଗାରୋହଣ କରିଛନ୍ତି । ବହୁ ବର୍ଷ ହେଲା ବଂଶୀଧରବାବୁ ସାର୍ବଜନୀନ କାର୍ଯ୍ୟରୁ ବିରତ ଅଛନ୍ତି । ଆଧ୍ୟାତ୍ମିକ ଚିନ୍ତାରେ ନିବିଷ୍ଟ ରହୁଛନ୍ତି । ସେ ତା ୨/୧୨/୮୦ରେ ଲେଖିଥିଲେ - ଆମେ କାହାକୁ ସମାଲୋଚନା କରିବା ଅନୁଚିତ । ଭଗବାନ୍ ଆମକୁ ମନ୍ଦ କାର୍ଯ୍ୟରୁ ଦୂରରେ ରଖନ୍ତୁ । ତା ୧୩/୧୦/୧୯୯୦ରେ ସେ ଲେଖିଛନ୍ତି, "ବରୀ ଅଞ୍ଚଳ ପାଇଁ ମୋର ଅବଦାନ କିଛି ନାହିଁ । ମୋର ବିଚାର-ଶକ୍ତି ଏବେ ସଂପୂର୍ଣ୍ଣ ଅନ୍ୟ ଦିଗରେ ପରିଚାଳିତ । ମୋର ପରିଚୟ ଦେବା ଆତ୍ମା-ପୁରୁଷର ସାନ୍ନାଧ୍ୟଲାଭର ପ୍ରଚେଷ୍ଟାରେ ପ୍ରତିବନ୍ଧକ ହେବ । ସର୍ବେ ଭଦ୍ରାଣି ପଶ୍ୟନ୍ତୁ ।"

୧୨୫ । ସୁରେନ୍ଦ୍ର ପତି- ଗ୍ରାମ- ବାଲିବିଲ, ପୋ.ଅ. ବରୀ କଟକ, ଜିଲ୍ଲା- ଯାଜପୁର । ମାତା-ଦେବକୀ, ପିତା- ସଦାନନ୍ଦ । ଜନ୍ମ-ଭଦ୍ର ଶୁକ୍ଳ ୧୪ଶୀ, ୧୩୧୬ ସାଲ ।

ଏହାଙ୍କର କେତେକ ପ୍ରଗତିଶୀଳ ବିଚାର ଅଛି । ଯାହାଙ୍କର ଚାଷ ଜମି ଅଛି ସେ ନିଜେ ହଳ ବୁଲାଇବା ଉଚିତ - ଭାବି ସେ ବ୍ରାହ୍ମଣ ହେଲେ୍ ହେଁ ନିଜେ ହଳ କରୁଥିଲେ ।

Digitized by PPRACHIN, SOA

ନିଶା- ନିବାରଣ ପାଇଁ ଖଜୁରି ରସରୁ ନିଜେ ତାଡ଼ି ତିଆରି କରୁଥିଲେ । ନିଜ ଗ୍ରାମରେ ବିଧବା-ବିବାହ ପ୍ରଚଳନ ପାଇଁ ସେ କେତେକ ଯୁବକଙ୍କୁ ଉତ୍ସାହ ଦେଇଥିଲେ ଏବଂ ସେମାନେ ସେପରି ବିବାହ କରିଥିଲେ । ପଲେଇ-ବରଦାର ବୃନ୍ଦାବନ ତ୍ରିପାଠୀଙ୍କ ସହ ଆନନ୍ଦପୁରର ହରିଜନ ଯୁବତୀ ସରସ୍ୱତୀର ବିବାହରେ ସେ ଓ ମୌଳିକ ବିଦ୍ୟାଳୟର ଗୁରୁଜୀ ଶ୍ରୀ ରାମଚନ୍ଦ୍ର ମିଶ୍ର ପୁରୋହିତ ହୋଇଥିଲେ । କୋରଡ଼ା ପିପଳ ମୌଜାରୁ ସୁରେନ୍ଦ୍ର ବାବୁ ନିଜର ୧ ଏକର ଜମି ଭୁଦାନ ଯଜ୍ଞରେ ଦାନ କରିଥିଲେ । ଓଡ଼ିଶାରେ ଏହା ସର୍ବ ପ୍ରଥବେ ଶ୍ରାବଣ ପୂର୍ଣ୍ଣିମା ୧୯୪୫ରେ ବିତରିତ ହୋଇଥିଲା ।

୧୨୬ । ଜୟକୃଷ୍ଣ ବିଶ୍ୱାଳ- ଗ୍ରାମ- କୁମ୍ଭା, ପୋ.ଅ -ଶିଙ୍ଗାଖୁଣ୍ଟା, ଥାନା-ସୋର, ଜିଲ୍ଲା- ବାଲେଶ୍ୱର । ପିତା- ଗୋପାଳ । ଜନ୍ମ ତା ୧/୨/୧୯୧୩ ଖ୍ରୀ. ୧୫ ଫାଲଗୁନ, ୧୩୨୦ ସାଲ ।

ମଙ୍ଗଳପୁର ମି.ଇ. ବିଦ୍ୟାଳୟରେ ପଢୁଥିଲେ । ସେତେବେଳେ ସେହି ସ୍କୁଲରେ କରଣ ପିଲାଙ୍କ ସହ ଖଣ୍ଡାୟତ ପିଲା ବସିପାରିବେ ନାହିଁ - ପ୍ରଥା ଥିଲା । ଜୟକୃଷ୍ଣ ଏହାର ପ୍ରତିବାଦ କରି. ସୋର ମି.ଇ. ସ୍କୁଲକୁ ଆସିଲେ । ସେଠାରେ ମି.ଇ. ପରୀକ୍ଷାରେ ବୃତ୍ତି ପାଇ, ବାଲେଶ୍ୱର ଖ୍ରୀଷ୍ଟିଆନ୍ ହାଇସ୍କୁଲରେ ପଢି ୧୯୩୬ରେ ମ୍ୟାଟ୍ରିକୁଲେଶନ ପାସ କଲେ । ଦୁଇବର୍ଷ କଟକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲରେ ପଢି କୃତିତ୍ୱ ସହକାରେ ଉତୀର୍ଣ୍ଣ ହୋଇ, ତା ୬/୪/୧୯୩୮ରେ ରେମୁଣା ମି.ଇ. ସ୍କୁଲରେ ଶିକ୍ଷକତା ଆରମ୍ଭ କଲେ । ସଂପାଦକଙ୍କ ସହ ମନାନ୍ତର ଯୋଗୁଁ ଚକ୍ରଧରପୁର ରେଲୱେ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେଲେ । Watch and Ward ବିଭାଗର କର୍ମଚାରୀ ଚକ୍ରଧର ସ୍ୱାଇଁଙ୍କ ପ୍ରବର୍ତ୍ତନାରେ ଜୟକୃଷ୍ଣ ବାବୁ ୪ ବର୍ଷ Oriya Employees, Association (ଓଡ଼ିଆ କର୍ମଚାରୀ ସଭା)ର ସମ୍ପାଦକ ଦାୟିତ୍ୱ ତୁଲାଇଲେ । ନାଟକ ଅଭିନୟ, ଉତ୍କଳମଣିଙ୍କର ଜୟନ୍ତୀପାଳନ ଆଦି କରାଇଲେ । ୧୯୪୨ ରେ ସେ ଗୁପ୍ତଭାବରେ ଆନ୍ଦୋଳନ ସପକ୍ଷରେ କାମ କରିଥିଲେ । ତା ୧୬/୮/୪୬ରେ ରେଲ୍ୱେ ଅର୍ଥକରୀ ସ୍ଥାୟୀ ଚାକିରିରୁ ଇସ୍ତଫା ଦେଲେ । ଗାନ୍ଧୀଜୀଙ୍କର ହତ୍ୟା ପରେ ତାଙ୍କ ମନରେ ଘୋର ଆଲୋଡନ ସୃଷ୍ଟି ହେଲା । ଭାରତର କେତେକ ଦର୍ଶନୀୟ ସ୍ଥାନ ବୁଲିଲେ ।୬/୨/୧୯୪୯ରେ ବରୀର ରାମଚନ୍ଦ୍ରପୁରକୁ ଆସି ପ୍ରଥମେ ସେଠାରେ ଓ ପରେ ତା ୭-୭-୫୨ରୁ ତା ୯-୧୦-୫୩ ପର୍ଯ୍ୟନ୍ତ ଗମୁରେ ଉତ୍ତର ମୌଳିକ ଶିକ୍ଷାର ପ୍ରୟୋଗରେ ମନପ୍ରାଣ ଢାଳିଦେଲେ । ତା ୬/୫/୧୯୬୩ରୁ ବାଲେଶ୍ୱର ସହରରେ ଗାନ୍ଧୀତତ୍ତ୍ୱ ପଚାର କେନ୍ଦ୍ରର ମୁଖ୍ୟ ହୋଇ କେନ୍ଦ୍ରକୁ

Digitized by PPRACHIN, SOA

ଛାତ୍ର ଓ ଜନପ୍ରିୟ କରାଇଲେ । ମଦୁରାଇର ଗାନ୍ଧୀଗ୍ରାମ ସଂସ୍ଥାରୁ ପ୍ରଶଂସିତ ହେଲେ । ୧୯୬୪ରେ ଓଡ଼ିଶାବ୍ୟାପୀ ଛାତ୍ର ଆନ୍ଦୋଳନକୁ ପ୍ରଶମିତ କରିବାରେ ଓ ରାଉରକେଲାରେ ଶାନ୍ତିସ୍ଥାପନରେ ସେ ସର୍ବୋଦୟ ନେତାମାନଙ୍କୁ ବହୁତ ସାହାଯ୍ୟ କରିଥିଲେ । ୧୯୬୭ ଓ ୧୯୬୮ର ବାତ୍ୟାଗ୍ରସ୍ତ ଲୋକଙ୍କ ପାଇଁ ସେ ଯଥାଶକ୍ତି ଚାନ୍ଦ ସଂଗ୍ରହ କରି, ପଠାଇଲେ । ଜୁଲାଇ ୧୯୭୧ ରୁ ୧୯୭୬ ପର୍ଯ୍ୟନ୍ତ ରାଉରକେଲା ଗାନ୍ଧୀ ତତ୍ତ୍ୱ ପ୍ରଚାର କେନ୍ଦ୍ରର ଭାର ନେଇଥିଲେ । ଇତିମଧ୍ୟରେ ବଙ୍ଗଳାଦେଶ-ଶରଣାର୍ଥୀମାନଙ୍କର ଆମତାଙ୍ଗାଠାରେ ୪ ମାସ ଶିବିର ଚଳାଇ ଶରଣାର୍ଥୀମାନଙ୍କର ଓ କର୍ତ୍ତୃପକ୍ଷଙ୍କର ପ୍ରିୟପାତ୍ର ହୋଇଥିଲେ । ଓଡ଼ିଆ- ବଙ୍ଗାଳୀ ଗଣ୍ଡଗୋଳବେଳେ ୧୯୭୨ରେ ଶାନ୍ତିସଦ୍‌ଭାବ ଫେରାଇ ଆଣିବାରେ ସାହାଯ୍ୟ କରିଥିଲେ । ଜୟକୃଷ୍ଣବାବୁ ହାଇସ୍କୁଲରେ ପଢିବାବେଳୁ କବିତା ଲେଖୁଛନ୍ତି । ତାଙ୍କର ପ୍ରୀତିପୁଷ୍ପ, ମନର ସୁଅ, ଭୁଦାନ କବିତା ଆଦି ଆନନ୍ଦପ୍ରଦ ଅଟେ । ସେ ବିନୋବା, ଜୟପ୍ରକାଶ ନାରାୟଣଙ୍କ ସମ୍ବନ୍ଧରେ ମଧ୍ୟ ଲେଖିଛନ୍ତି । ସେ ଗ୍ରାମ ସେବକ ସମବାୟ ପ୍ରେସରେ ମଧ୍ୟ ତତ୍ତ୍ୱାବଧାରକ ଥିଲେ । ତାଙ୍କର ଜଏଣ୍ଟ ପରିବାରରେ ୬୨ଜଣ ଗୋଟିଏ ରୋଷେଇରେ ଚଳୁଥିଲେ । ସବୁ କାମ ବଡ଼ ବ୍ୟବସ୍ଥିତଭାବରେ କରିବାର ଓ କରାଇବାର କଳା ତାଙ୍କଠାରେ ଅଛି । ତାଙ୍କର ପରିବାର ବୈଷ୍ଣବଧର୍ମରେ ବିଶ୍ୱାସୀ । ସେ ପ୍ରତିଦିନ ବାସରୀ ଲେଖନ୍ତି । ତାଙ୍କର ପତ୍ନୀ ହାରାମଣି ଦେବୀ ସୁ ଗୃହଣୀ ।

୧୨୭ । ଅନ୍ନପୂର୍ଣ୍ଣା ଦାସ- ମାତ-ଁ ସାବିତ୍ରୀ, ପିତା-ଁ ରାଧାକୃଷ୍ଣ ଦାସ, ଜନ୍ମ- ଜୁନ, ୧୯୨୨ ମସିହାରେ । ପିତାଙ୍କର ମୂଳ ଘର ଛଣପୁର ଗ୍ରାମରେ ବାଲେଶ୍ୱର ସହରଠାରୁ ୨ ମାଇଲ ଦୂରରେ ଥିଲା । ପରେ ଭଦ୍ରକ ସହରର କୁଆଁସରେ ଘର କଲେ । ବାପା ଶିକ୍ଷା ବିଭାଗର ଡେପୁଟି ଇନ୍‌ସପେକ୍ଟର ଅଫ୍ ସ୍କୁଲସ ୧୯୨୮ରେ ଯାଜପୁରରେ, ୧୯୩୦-୩୧ ଅନୁଗୁଳରେ ଥିଲେ । ୧୯୩୨ରେ ଅବସର ନେଲେ ଓ ୧୯୪୫ରେ ତାଙ୍କର ଦେହାନ୍ତ ହେଲା । ମାତା ୨୫-୦୬-୧୯୬୨ରେ ମୟୂରଭଞ୍ଜର ଖୁଣ୍ଟାରେ ସାନ ପୁଅ ଗିରୀଶଙ୍କଠାରେ ପ୍ରାଣତ୍ୟାଗ କଲେ ।

ଝିଅମାନଙ୍କର ପଢିବାପାଇଁ ସ୍ୱତନ୍ତ୍ର ମାଇନର ବା ହାଇସ୍କୁଲ ଯାଜପୁର ଓ ଅନୁଗୁଳରେ ନ ଥିବାରୁ ଅନ୍ନପୂର୍ଣ୍ଣା ଦାସଙ୍କର ପଢା ୩ ବର୍ଷ ବନ୍ଦ ଥିଲା । ସେ କଟକର ରେଭେନସା ବାଳିକା ହାଇସ୍କୁଲରେ ଜାନୁଆରୀ ୧୯୩୭ରେ ନାମ ଲେଖାଇ, ଛାତ୍ରୀନିବାସରେ ରହିଲେ ।

Digitized by PPRACHIN, SOA

୧୯୩୮ରେ ଡେଲାଙ୍ଗଠାରେ ହୋଇଥିବା ଗାନ୍ଧୀସେବା ସଂଘର ପ୍ରଦର୍ଶନୀ ଆଦି ଦେଖିବାପାଇଁ ଯାଇଥିଲେ । ବିବାସିନୀ ମହାନ୍ତି, ବିନୟକୁମାରୀ ସାହୁ ଓ ବେଲା ଦେବୀ ଆଦି ଶିକ୍ଷୟିତ୍ରୀ ଥିଲେ । ୧୯୪୫ରେ ସେଠାରୁ ଆଇ.ଏ. ପାସ୍ ଓ ୧୯୪୭ରେ ରେଭେନସା କଲେଜରୁ ଓଡ଼ିଆରେ ଅନର୍ସ ସହ ବି.ଏ. ପାସ୍ କଲେ । ତାଙ୍କୁ ଡେପୁଟି ମ୍ୟାଜିଷ୍ଟ୍ରେଟ ଚାକିରି ମିଳିଥିଲା । ମାତ୍ର ସେ ଗ୍ରହଣ କଲେ ନାହିଁ । ତା ୩୧-୭-୪୭ରେ ରାମଚନ୍ଦ୍ରପୁର ସରକାରୀ ବେସିକ୍ ଟ୍ରେନିଂ ସ୍କୁଲରେ ସେ ଷ୍ଟାଇପେଣ୍ଡ ନ ନେଇ ଆପ୍ରିଣ୍ଟିସ୍ ଶିକ୍ଷକା ଭାବରେ ରହିଲେ ।

ଗାନ୍ଧୀଜୀଙ୍କର ମୃତ୍ୟୁ ପରେ ସେ ସେବାଗ୍ରାମକୁ ଯାଇ, ଶିକ୍ଷକ ଟ୍ରେନିଂ ନେଲେ । ମାତ୍ର ଶିକ୍ଷକ ହେବାକୁ ଇଚ୍ଛା କଲେ ନାହିଁ ଶ୍ରୀଯୁକ୍ତା ରମାଦେବୀଙ୍କର ପ୍ରେରଣାରେ ସେ ଫେବୃଆରୀ, ୧୯୫୦ରେ ରାମଚନ୍ଦ୍ରପୁରରେ କସ୍ତୁରବା ଗାନ୍ଧୀ ସ୍ମାରକ ନିଧି (ଉତ୍କଳ ଶାଖା)ର ଉପ-ପ୍ରତିନିଧି ହେଲେ । ରମାଦେବୀ ଜାନୁଆରୀ, ୧୯୫୨ରେ ସେହି ଦାୟିତ୍ୱ ଛାଡି ଦେବାରୁ ଅନ୍ନପୂର୍ଣ୍ଣା ଦାସ ମାସକ ମାତ୍ର ଟ. ୧୪୦.୦୦ ଭତ୍ତା ନେଇ, ପ୍ରତିନିଧି ହେଲେ । ସାତ ବର୍ଷ ପ୍ରତିନିଧି ଦାୟିତ୍ୱ ତୁଲାଇବା ପରେ ସେ ଡିସେମ୍ବର ୧୯୫୯ରେ ବନାରସକୁ ଗଲେ । ସେ ବରୀ ଅଞ୍ଚଳରେ ବାର ବର୍ଷକାଳ ଗାନ୍ଧୀଜୀ ଓ କସ୍ତୁରବା ଗାନ୍ଧୀଙ୍କର କାର୍ଯ୍ୟ କରିଛନ୍ତି । ପରେ ନିଖିଳ ଭାରତ ମହିଳା ଶାନ୍ତିସେନା ଟ୍ରେନିଂର ଦାୟିତ୍ୱରେ ରହିଲେ । ଶ୍ରୀମତି ରମ୍ଭା ଦେବୀ ଦ୍ୱିତିଆ କସ୍ତୁରବା ନିଧି (ଉତ୍କଳ ଶାଖା) ର ପ୍ରତିନିଧି ହେଲେ । ଅନ୍ନପୂର୍ଣ୍ଣା ଦାସ ୧୯୬୦ରେ ଇନ୍ଦୋରରେ ମଧ୍ୟ ସେହି ଟ୍ରେନିଂ ପରିଚାଳନା କରିଥିଲେ । ମଝିରେ ସେ କଲିକତାରେ ଟ୍ରପିକ୍ୟାଲ୍ ହସପିଟାଲରେ ଚିକିତ୍ସିତ ହୋଇଥିଲେ । ତାଙ୍କର ମାତା ହୃଦ୍‌ରୋଗରେ ପୀଡ଼ିତ ଥିବାବେଳେ ବିନୋବାଜୀ ତାଙ୍କୁ ମାତାଙ୍କର ସେବାରେ ଲାଗିବାକୁ ଉପଦେଶ ଦେଇଥିଲେ । ବିନୋବାଜୀ କହିଥିଲେ- "ମା ତ ଭଗବାନ୍; ତାଙ୍କ ସେବା କଲେ ତୋର ପୂଣ୍ୟ ହେବ ।" ପୌନାରର ବ୍ରହ୍ମବିଦ୍ୟା ମନ୍ଦିରର ଅନ୍ନପୂର୍ଣ୍ଣା ଦାସ ମଧ୍ୟ ରହିଥିଲେ । ସେ ଚିର କୁମାରୀ । ପିଲାଦିନୁ କବିତା ଲେଖି ଆସୁଛନ୍ତି । ସେ କହନ୍ତି, 'ମୋର ସର୍ବଦା ଦୁଃସାହସ ।' ସେ ରମାଦେବୀ-ଗୋପବନ୍ଧୁ ଚୌଧୁରୀ ଟ୍ରଷ୍ଟର ଓ କ.ଗା.ନିଧି (ଉତ୍କଳ ଶାଖା)ର ଉପଦେଷ୍ଟା ବୋର୍ଡ଼ର ସଦସ୍ୟା ଥିଲେ । ଅନ୍ତିମ ଅବସ୍ଥାରେ ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ସେ କୌଣସି ସାର୍ବଜନୀନ କାର୍ଯ୍ୟ ବା ସଂସ୍ଥାର ଦାୟିତ୍ୱ ନେଉନଥିଲେ । ଓଡ଼ିଶାର କସ୍ତୁରବା ନାରୀ କର୍ମୀମାନଙ୍କଠାରେ ସେ "ବୁଢ଼ୀଅପା" ନାମରେ ବେଶି ପରିଚିତ ଥିଲେ । ତାଙ୍କର ଦେହାନ୍ତ ୧୯/୦୬/୨୦୦୫ରେ ହୋଇଯାଇଛି ।

Digitized by PPRACHIN, SOA

୧୨୮ । ସୁମିତ୍ରା ଚୌଧୁରୀ- ମାତା- ସୁଧାନନୀ ଦେବୀ, ପିତା- ବିଭୂତି ଭୂଷଣ ବାନାର୍ଜୀ, ଜନ୍ମ ତା- ୧୫/୧୧/୧୯୨୫ରିଖ ରାଞ୍ଚିରେ, ସ୍ୱାମୀ- ମନମୋହନ ଚୌଧୁରୀ, କଟକ ସଦର ।

ଏହାଙ୍କର ପିତାମହ ଧନପତି ବାନାର୍ଜୀ ପୁରୀରେ ଜଣେ ବିଖ୍ୟାତ ଓକିଲ ଥିଲେ । ବିଭୂତିବାବୁ ଯୁବକ ଅବସ୍ଥାରୁ ସ୍ୱଦେଶପ୍ରେମୀ ଥିଲେ ଏବଂ ବଙ୍ଗଦେଶରେ ଅସହଯୋଗ ଆନ୍ଦୋଳରେ ଯୋଗ ଦେଇଥିଲେ । ସେ ଅତ୍ୟନ୍ତ ସ୍ୱାଭିମାନୀ ଥିଲେ । ସେ ତାଙ୍କର କନ୍ୟା ଓ ପୁତ୍ରମାନଙ୍କୁ ଉଚ୍ଚ ଶିକ୍ଷା ଦେବା ସହ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ କରିଥିଲେ । ସୁମିତ୍ରା ଦେବୀ କୃଷ୍ଣନଗର କଲେଜରେ B.Sc ପାସ କଲାପରେ ସେବାଗ୍ରାମରେ ମୌଳିକ ଶିକ୍ଷାର ଟ୍ରେନିଂ ନେଲେ । ଶ୍ରୀମତୀ ଆଶା ଦେବୀ ଆର୍ଯ୍ୟନାୟକମଙ୍କର ସୂଚନାକ୍ରମେ ସେବାଗ୍ରାମରେ ୧୬/୨/୧୯୪୬ରେ ମନମୋହନ ଚୌଧୁରୀଙ୍କର ସହ ତାଙ୍କର ଶୁଭପରିଣୟ ହେଲା ବରୀରେ ରହି ବାଲୱାଡି କାର୍ଯ୍ୟ ଓ ପରେ ରାମଚନ୍ଦ୍ରପୁରରେ ରହି ମୌଳିକ ଶିକ୍ଷାର ଶିକ୍ଷୟତ୍ରୀ କାର୍ଯ୍ୟ ୪ ବର୍ଷ କଲେ । ୧୯୬୦ ଅଗଷ୍ଟର ପ୍ରଳୟଙ୍କରୀ ବନ୍ୟା ପରେ ଘୋର ଅସୁସ୍ଥତା ହେତୁ ସେ କଟକକୁ ଚାଲିଆସିଥିଲେ । ସେ ସତ୍ୟଭାମାପୁରରେ କସ୍ତୁରବା ଗାନ୍ଧୀ ନିଧି (ଉତ୍କଳ ଶାଖା)ର ପ୍ରତିନିଧି ଦାୟିତ୍ୱ ଦୀର୍ଘ ୧୪ ବର୍ଷ ତୁଲାଇଛନ୍ତି । ସେ ସର୍ବଦା ବରୀ ଅଞ୍ଚଳର ଦୁଃଖସୁଖରେ ଭାଗୀ । ୰ମା ରମାଦେବୀଙ୍କର ନାନା ସେବା ଓ ସମାଜ - ପରିବର୍ତ୍ତନମୂଳକ କର୍ମରେ ସେ ସହାୟିକା ଗ୍ରାମସେବକ ସମବାୟ ପ୍ରକାଶନ ଲିମିଟେଡ୍‌ର ସଂପାଦକ ଭାବରେ କାର୍ଯ୍ୟ କରିଛନ୍ତି । ସର୍ବୋଦୟ ଆନ୍ଦୋଳନ ସହ ସେ ଓତଃପ୍ରୋତ ଭାବରେ ଜଡିତ । ଅଧୁନା ସର୍ବୋଦୟ ପତ୍ରିକାର ସମ୍ପାଦକ ଭାବରେ ତଥା ଉତ୍କଳ ଗାନ୍ଧି ସ୍ମାରକ ନିଧିର ସଭାପତି ଭାବରେ ଅଛନ୍ତି । ବର୍ତ୍ତମାନ ସେ ଗାନ୍ଧୀ ସ୍ମାରକ ନିଧିର ସଭାପତି ଭାବରେ ଅଛନ୍ତି ।

୧୨୯ । ରମ୍ଭାଦେବୀ- ଜନ୍ମ ବିହାରରେ ଦୀପାବଳୀ ପର୍ବ- ୧୯୧୯ ମସିହାରେ । ଏହାଙ୍କର ପିତା ଜଣେ ଜମିଦାର ଓ ବଡ଼ ପ୍ରତାପୀ ଲୋକ ଥିଲେ । ସ୍ୱାମୀ ଗୋର୍ଦ୍ଧନ ପୁରୁଷୋତ୍ତମ ଦୁତିଆ ନିଜ ଶକ୍ତିବଳରେ ଧନୀ ହୋଇଥିଲେ । ଉଦାର ଓ ଦାନଶୀଳ ଥିଲେ । ମାଡ୍ରାସର ଏକ ହସପିଟାଲରେ ରମ୍ଭାବେନ ପ୍ରଥମେ ଗାନ୍ଧୀଜୀଙ୍କୁ ଦେଖିଥିଲେ । ଦୁତିଆଜୀ ୧୯୪୫ରେ ତାଙ୍କର ପତ୍ନୀ ରମ୍ଭାଙ୍କୁ ନେଇ ସେବାଗ୍ରାମରେ ଗାନ୍ଧୀଜୀଙ୍କୁ ଦେଖା କରିଥିଲେ । ଗାନ୍ଧୀଜୀ କହିଲେ - ରମ୍ଭା ଓଡ଼ିଶାରେ ଯାଇ ସେବା କରନ୍ତୁ । ତହୁଁ ରମ୍ଭାଦେବୀ କଟକର ସରଳା ଦେବୀଙ୍କଠାରୁ ପତ୍ରଦ୍ୱାରା ରମାଦେବୀଙ୍କର ଠିକଣା ନେଲେ । ତା- ୧୨-୧୯୪୬ରେ ଦୁତିଆଙ୍କ ଓ ରମ୍ଭାଦେବୀ ବରୀକୁ ଆସି ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ସହ କଥାବାର୍ତ୍ତା କଲେ ।

Digitized by PPRACHIN, SOA

ଫେରିଯିବା ବେଳେ ଦୁତିଆଜୀ ଗୋପବାବୁଙ୍କୁ କହିଲେ - "ମୁଁ ଆପଣଙ୍କୁ ରମ୍ଭାକୁ ଦେଶସେବା ପାଇଁ ସମର୍ପଣ କରିଯାଉଛି" । ରମାଦେବୀଙ୍କୁ ସାନମାନେ 'ଜିଜୀ' ବୋଲି ଡାକୁଥିଲେ । ଜିଜୀ ରାମଚନ୍ଦ୍ରପୁରରେ ରହି କସ୍ତୁରବା ଶିକ୍ଷାର୍ଥୀନୀମାନଙ୍କ ସହ ଓ ସ୍କୁଲପିଲାଙ୍କ ସହ ଇଟା ବୋହିଲେ, ସରଳ ଜୀବନ କଟାଇଲେ ଓ ପ୍ରି-ବେସିକ୍ ଟ୍ରେନିଂରେ ପଢାଇଲେ । ସେ ବମ୍ବେରେ ତାଙ୍କର ସ୍ୱାମୀ ଓ ସପତ୍ନୀ ମୋଙ୍ଗିବେନଙ୍କ ପାଖରେ ରହି ଉଚ୍ଚତର ନର୍ସ ଟ୍ରେନିଂ ୨ବର୍ଷ ୬ମାସ ନେଲେ । ତା ୨୮-୪-୫୮ରେ ସ୍ୱାମୀଙ୍କର ମୃତ୍ୟୁପରେ ଓଡ଼ିଶାକୁ ଆସି ସେବାପାଇଁ କେଉଁଠାରେ କେନ୍ଦ୍ର କରିବେ, ମା ରମାଦେବୀଙ୍କ ସହ ପରାମର୍ଶ କଲେ । ବିହାରର ଲକ୍ଷ୍ମୀସରାଇରେ ଆଦର୍ଶ ବାଳିକା ବିଦ୍ୟାପୀଠ ପରି ଏକ ଅନୁଷ୍ଠାନ ଓଡ଼ିଶାରେ କରିବାର କଳ୍ପନା ପ୍ରଥମେ ଥିଲା । ସେ ପ୍ରଥମେ ଭୁବନେଶ୍ୱର ନିକଟରେ, ତା ୪-୧୦-୫୮ରେ ଓ ଟାଙ୍ଗୀ ଥାନାର ସଫାଗ୍ରାମରେ ସ୍ଥାନ ଦେଖିଥିଲେ । ତାଙ୍କର ସ୍ୱାମୀ ଓ ସେ ଆଚାର୍ଯ୍ୟ ମହାଶୟଙ୍କ ହରିଦାସପୁରକୁ ଯାଇ ସ୍ଥାନ ଦେଖିଥିଲେ । ପରେ ପରେ କଦଳାମଠର ଅଧିକାରୀ ଓ ଫକୀର ମିଶ୍ରଙ୍କଠାରୁ ଅନୁକୂଳ ସୂଚନା ପାଇ ଶେଷରେ ହରିଦାସପୁରରେ ନିଜର ସେବାକେନ୍ଦ୍ର କଲେ । ଅବସରପ୍ରାପ୍ତ ଜିଲାଜଜ୍ ସାଧୁଚରଣ ମହାନ୍ତି ସେବା -ସମିତିର ପ୍ରେସିଡେଣ୍ଟ ରହିଲେ । ଜିଜୀ ଉତ୍କଳ କସ୍ତୁରବା ନିଧିର ପ୍ରତିନିଧି ଥିଲେ ଏବଂ କେନ୍ଦ୍ରୀୟ କସ୍ତୁରବା ନିଧିର ଜେନେରାଲ ସେକ୍ରେଟେରୀ ଏକ ବର୍ଷ ଥିଲେ । ତାଙ୍କର ଶାଶୁ ଗଙ୍ଗାବେନ୍‌ଙ୍କ ନାମରେ ଏକ ଟ୍ରଷ୍ଟରୁ ସେ ବରୀ ଓ ଅନ୍ୟାନ୍ୟ ଅଞ୍ଚଳରେ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ଓ ପାନୀୟ ଜଳର କୂଅ ଖୋଳିବାକୁ ସାହାଯ୍ୟ ଦେଇଛନ୍ତି । କେନ୍ଦ୍ରୀୟ ଗାନ୍ଧୀ ଶତବାର୍ଷିକୀ କମିଟିର ମେମ୍ବର ୧୯୬୭ରେ ସେ ଥିଲେ । ସମାଜସେବା ପାଇଁ ସେ ଗୌରୀଶଙ୍କର ସ୍ମୃତି କମିଟିରୁ ମାନପତ୍ର ଓ କେନ୍ଦ୍ର ସରକାରରୁ ପୁରସ୍କାର ପାଇଛନ୍ତି । ଯେଉଁଠାରେ ରହିଲେ ସୁଦ୍ଧା ସେ ବରୀ ଅଞ୍ଚଳର କଥା ଭାବନ୍ତି । ତାଙ୍କର ଦେହାନ୍ତ ୨୩/୦୯/୨୦୦୦ରେ ହୋଇଯାଇଛି ।

୧୩୦ । ବୃନ୍ଦାବିଦ୍ୟା ଦେବୀ- ମୂଳ ଘର ସୁନହଟ, ବାଲେଶ୍ୱର ସହରରେ । ମାତା-ବୃନ୍ଦାବତୀ ଦେବୀ, ପିତା- ରାଧାରଞ୍ଜନ ଦାସ । ଜନ୍ମ-ବୁଧବାର ତା ୧୬/୧୧/୧୯୨୧ରେ ।

ବେଣ୍ଟକାରର ବିଖ୍ୟାତ ଜମିଦାର ଓ ଡେପୁଟି ମ୍ୟାଜିଷ୍ଟ୍ରେଟ ହରେକୃଷ୍ଣ ମହାନ୍ତିଙ୍କର କନ୍ୟା ଏହାଙ୍କର ମାତା । ପିତା ଜମିଦାର, M A B.L. ଏବଂ କନ୍ୟା ବିହାର ଓ ଓଡ଼ିଶାର

Digitized by PPRACHIN, SOA

M.L.C. ଥିଲେ । ଏ ୧୯୩୬ର ଏପ୍ରିଲରେ ମ୍ୟାଟ୍ରିକୁଲେଶନ ପାସ୍ କଲେ, ୧୯୩୮ର ଜୁଲାଇରେ କଟକ ମେଡିକାଲ ସ୍କୁଲରେ ନାମ ଲେଖାଇଲେ ୧୯୪୪ ମେ ମାସ ତା ୪ରେ ସ୍ୱଦେଶପ୍ରେମୀ ଡାକ୍ତର ରଜନୀକାନ୍ତ ଘୋଷଙ୍କର ପୁତ୍ର ଡାକ୍ତର ଲକ୍ଷ୍ମୀକାନ୍ତଙ୍କ ସହ ବିବାହ କଲେ ।

୧୯୪୪ ନଭେମ୍ବରରେ ଡାକ୍ତର ହେଲେ । ନୀଳଗିରିରେ ସରକାରୀ ଚାକିରି କଲେ । ୧୯୫୦ରେ ସେ ପ୍ରଥମେ ବରୀକୁ ଆସିଲେ ଏବଂ ବଡ଼ମାଈଁ ରମାଦେବୀଙ୍କର ପ୍ରେରଣାରେ ସରକାରୀ ଚାକିରିରୁ ଇସ୍ତଫା ଦେଇ, ବରୀରେ ରହି ମାତୃମଙ୍ଗଳ କାର୍ଯ୍ୟ କଲେ । ବଡ଼ ମାଈଁ ତାଙ୍କୁ ତା ୨/୭/୫୮ରେ କୁଜଙ୍ଗକୁ ନେଇ, ସ୍ୱାମୀ ଲକ୍ଷ୍ମୀକାନ୍ତଙ୍କଠାରେ ଛାଡ଼ିଲେ ଏବଂ ଉଭୟ ସ୍ୱାମୀ ଓ ସ୍ତ୍ରୀ ନିଜର ଘରୋଇ ଡାକ୍ତରଖାନା ଦ୍ୱାରା ଲୋକସେବା କେତେ ବର୍ଷ କଲେ । ତା ୨୯/୦୯/୫୯ରେ ତୁଙ୍ଗବିଦ୍ୟାଙ୍କର ପିତୃବିୟୋଗ ହେଲା । ସେ ତା ୧୬/୧୧/୭୫ରୁ ୫ବର୍ଷ ପଶ୍ଚିମବଙ୍ଗ ସରକାରଙ୍କର ଅଧୀନତାରେ ଧରମପୁର ସବ୍ ହେଲଥ ସେଣ୍ଟରରେ ମୁଖ୍ୟ ଡାକ୍ତର କାର୍ଯ୍ୟ କଲେ । ତା ୧୨/୮/୭୬ରେ ତାଙ୍କର ମାତୃବିୟୋଗ ଘଟିଲା । ୧୯୮୦ରେ ପୁଣି ବରୀକୁ ଫେରିଲେ ଏବଂ ଶିଶୁ ଓ ମହିଳାଙ୍କର ସେବାରେ ନିଜକୁ ନିୟୋଜିତ କଲେ । ସେ ୧ ବର୍ଷ ୧୦ ମାସ ସତ୍ୟଭାମାପୁରରେ ରହିଲେ । ସେ ପ୍ରଥମେ ଉପ-ପ୍ରତିନିଧି ହେଲେ ଓ କୁମାରୀ ବେଲା ବାନାର୍ଜି ପ୍ରତିନିଧି ଥିଲେ । ଉତ୍କଳର କସ୍ତୁରବା ଗାନ୍ଧୀ ନିଧିର ପ୍ରତିନିଧି ରୂପେ ତା ୧/୧୦/୮୩ରୁ ରହିଥିଲେ । ସେ ଶତ ଶତ ଶିଶୁଙ୍କୁ ନିଜର ସନ୍ତାନ ରୂପେ ଦେଖିଛନ୍ତି । ବରୀ ଅଞ୍ଚଳକୁ ଆସି, ସେ ସର୍ବଦା ଲୋକଙ୍କର ଦୁଃଖରେ ଭାଗୀ ହେଉଥିଲେ । ତାଙ୍କର ଦେହାନ୍ତ ୨୪/୧୦/୨୦୦୫ରେ ହୋଇଯାଇଛି ।

୧୩୧ । କୃଷ୍ଣପ୍ରିୟା ଦେବୀ- ଘର ସେବାସାହି, ରାଜକନିକା, ଜିଲ୍ଲା-କେନ୍ଦ୍ରାପଡ଼ା ।

ଢେଙ୍କାନାଳ ସରକାରୀ ହସପିଟାଲରେ ଏ ଷ୍ଟାଫ୍ ନର୍ସ ଥିଲେ । ସ୍ୱାଧିନତା ସଂଗ୍ରାମୀମାନଙ୍କ ପ୍ରତି ଗଭୀର ସମ୍ମାନ ଥିଲା । ଏ କସ୍ତୁରବା ଗାନ୍ଧୀ ମାତୃମଙ୍ଗଳ କେନ୍ଦ୍ର (ବରୀ)ରେ ମୁଖ୍ୟ ପରିଚାଳିକା ହେଲେ । ଭାରତୀୟ ବନୌଷଧି ସମ୍ବନ୍ଧରେ ଏହାଙ୍କର କିଛି ଜ୍ଞାନ ଥିଲା ଓ ଅଳ୍ପ ଖର୍ଚ୍ଚରେ ଔଷଧ ତିଆରି କରାଇ, ଗରୀବ ଲୋକଙ୍କୁ ଦେଉଥିଲେ । ରମାଦେବୀଙ୍କର ଟାଇଫଏଡ୍ ଜ୍ୱର ବେଳେ କୃଷ୍ଣପ୍ରିୟା ଦେବୀ ଗୁଣନିଧି ଭବନରେ ତାଙ୍କର ସେବା-ଶୁଶ୍ରୁଷା କରୁଥିଲେ । ଗୋପବାବୁଙ୍କର ହଠାତ୍ ହୃଦ୍‌ରୋଗ ଜାଣପାରିଲେ । ଶେଷ ସମୟରେ ଏ 'ଜୟ ଶ୍ରୀ ଗୁରୁଦେବ' କହିଲେ ଏବଂ ଗୋପବାବୁ ମଧ୍ୟ ତାହା କହି, ଚିରଦିନ ପାଇଁ ଆଖି ବୁଜିଲେ । ୧୯୬୦ ଅଗଷ୍ଟରେ ଭୟଙ୍କର ବନ୍ୟାବେଳେ କୃଷ୍ଣପ୍ରିୟା ଦେବୀ ବରୀରେ ଥିଲେ ।

Digitized by PPRACHIN, SOA

ଏହାଙ୍କର ଜ୍ୟେଷ୍ଠ ପୁତ୍ର ଡ଼ାକ୍ତର ନିର୍ମଳଚନ୍ଦ୍ର ଦାସ କୁଷ୍ଠରୋଗ ବିଶେଷଜ୍ଞ ଆଉଜାକ୍ ସାନ୍ତରା କୁଷ୍ଠାଶ୍ରମର ପରିଚାଳକ ଥିଲେ । କନିଷ୍ଠପୁତ୍ର ପ୍ରଫୁଲ୍ଲ ତେଜସ୍ୱୀ ଭୂଦାନ ଯଜ୍ଞ ସେବକ ଓ ଭାରତର ସନ୍ତ୍ରାସବାଦୀମାନଙ୍କର ଜୀବନୀ ଲେଖିଛନ୍ତି ।

୧୩୨ । କୃଷ୍ଣଚନ୍ଦ୍ର ଜେନା- ଘର, ଗ୍ରାମ/ପୋ.ଅ.-ଇନ୍ଦୁପୁର, ଜିଲ୍ଲା-କେନ୍ଦ୍ରାପଡ଼ା । ମାତା-ସୁନାମଣି ଦେଈ, ପିତା-ରଘୁନାଥ ଜେନା । ଜନ୍ମ- ୧୯୧୭ ମସିହାରେ ।

"ମୋର ବାପା ଜଣେ ଭଲ ଚାଷୀ ଥିଲେ । ମାତ୍ର ମୋର ଜନ୍ମ ବେଳକୁ ତାଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲା । ଇନ୍ଦୁପୁରରେ ମାଇନର ପଢ଼ିବାର ସୁବିଧା ନ ଥିବାରୁ ମୁଁ କେନ୍ଦ୍ରାପଡ଼ା ହାଇସ୍କୁଲରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି, କଟକର ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିଅରିଂରୁ ଇଷ୍ଟିଆଲ୍ ଡ଼ିପ୍ଲୋମା କୋର୍ସରେ ୧୯୩୪ରେ ନାମ ଲେଖାଇଲି । ୧୯୩୯ରେ ମୁଁ ଫୋରମ୍ୟାନ୍ ସାର୍ଟିଫିକେଟ ପାଇଲି । ଶ୍ରୀ ଗୁଣନିଧି ମହାନ୍ତିଙ୍କ ପ୍ରେରଣାରେ ମୁଁ ବରୀକୁ ଆସି ଚାଟୁବାବୁଙ୍କ ଦ୍ୱାରା ପରିଚାଳିତ ଖଦୀ ଟ୍ରେନିଂ କେନ୍ଦ୍ରରେ ତାଲିମ ନେଲି ଓ ଶ୍ରୀ ମନମୋହନ ଚୌଧୁରୀଙ୍କର ସରଞ୍ଜାମ କାର୍ଯ୍ୟାଳୟରେ ସାହାଯ୍ୟ କରୁଥିଲି । ସେଠାକାର ଜୀବନ କଷ୍ଟକର ଥିଲା, କଠିନ ଶୃଙ୍ଖଳା ଓ ନୀତି ହେତୁ । ମାତ୍ର ମୁଁ ବାପା ଗୋପବାବୁଙ୍କର ଅକୃତ୍ରିମ ସ୍ନେହରେ ବାନ୍ଧି ହୋଇ ରହିଲି । ୧୯୪୨ର ଆନ୍ଦୋଳନ ଆସିଗଲା । ଯେ ଯୁଆଡ଼େ ଯାହା ମନକୁ ଆସିଲା କଲେ । ମୁଁ ହରିଚରଣ ଜେନା ଓ ନୃସିଂହଚରଣ ସାମଲଙ୍କ ସହିତ କେତେକ 'ଜଳାପୋଡ଼ା' କାର୍ଯ୍ୟରେ ସାମିଲ ହୋଇଥିଲି । ସେମାନେ ଜେଲ ଗଲେ । ମୁଁ ଖସି ରହିଗଲି । ୧୯୪୭ରେ ମୋର ସ୍ତ୍ରୀ ମା ରମାଦେବୀଙ୍କଠାରେ ରହି ଟ୍ରେନିଂ ନେଇଥିଲେ । ମୁଁ ଭୂଦାନ ଯଜ୍ଞରେ ପରେ ଯୋଗ ଦେଇଥିଲି । କେଉଁଝର ଜିଲାର କଣ୍ଡିଆପଡ଼ା ଗ୍ରାମରେ ରହି ମା ରମାଦେବୀଙ୍କ ସହ ୧୯୫୭-୫୮ରେ ମୋର ସ୍ତ୍ରୀ ବାଳାମଣି ଦେବୀ ଓ ମୁଁ କିଛି କାମ କରିଥିଲୁ । ମା'ଙ୍କର କଳ୍ପିତ ପ୍ରାକୃତିକ ଚିକିତ୍ସାକେନ୍ଦ୍ର ଗମୁରେ କରିବା ପାଇଁ ମୁଁ କ୍ଷେତ୍ର ପ୍ରସ୍ତୁତି ନିମିତ୍ତ ଯତ୍ନ କରିଥିଲି । ତାହା ଅପୂର୍ଣ୍ଣ ରହିଗଲା ।"

୧୩୩ । ସୁଧାଂଶୁଶେଖର ଦାସ- ଘର-ଗ୍ରାମ/ପୋ.ଅ.-ନାମ୍ପୋ, ଜିଲ୍ଲା-ବାଲେଶ୍ୱର । ଜନ୍ମ- ତା ୨୫-୬-୧୯ଅ୨୫ ମସିହାରେ ।

"କଲିକତାର ପ୍ରେସିଡ଼େନ୍ସି କଲେଜରେ ୨ୟ ବାର୍ଷିକ ଆଇନ୍ ପଢୁଥିବା ବେଳେ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ୧୯୪୬ରୁ ଆରମ୍ଭ ହୋଇ ୧୯୪୭ ମସିହା ପର୍ଯ୍ୟନ୍ତ ଚାଲିଲା । ମହାତ୍ମା ଗାନ୍ଧୀ ନୂଆଖାଲିରୁ କଲିକତାକୁ ଆସିଥାନ୍ତି । ଆମେ ସ୍ୱାଧୀନତା ଦିବସ ଆମର ଗ୍ରାମମାନଙ୍କରେ ପାଳନ କଲୁ ।

Digitized by PPRACHIN, SOA

କିଛିଦିନ ପରେ ଉତ୍ତର ବାଲେଶ୍ୱରବାସୀ ଗଙ୍ଗାନାରାୟଣ ଦାସଙ୍କ ସହ ମୁଁ ଜଳେଶ୍ୱର ଡ଼ାକବଙ୍ଗଳାରେ ଆଚାର୍ଯ୍ୟ ହରିହର ଦାସ, ଗୋପବନ୍ଧୁ ଚୌଧୁରୀ ଆଦିଙ୍କ ସହିତ ସାକ୍ଷାତ କଲି । ଗୋପବାବୁ ମୋତେ କହିଲେ- 'ଯଦି ଏବେ କଲିକତା ଯିବାର ନାହିଁ, ତେବେ ବରୀ ଆଶ୍ରମ ଓ ରାମଚନ୍ଦ୍ରପୁରକୁ ବୁଲିଯିବ ।' ମୁଁ ତା ୧୦-୨-୧୯୪୮ରେ ସେବାଗ୍ରାମରେ ପହଞ୍ଚିଲି । ବହୁ ବିଶିଷ୍ଟ ନେତା ଓ ଗାନ୍ଧୀବାଦୀ ସେଠାରେ ଏକତ୍ର ହୋଇଥିଲେ । "ସର୍ବୋଦୟ ସମାଜ" ଗଢ଼ା ହେଲା । ମେ, ୧୯୪୮ରେ ମୁଁ ସେବାଗ୍ରାମକୁ ଯାଇ ୭ ମାସ ନଈ ତାଲୀମରେ ପ୍ରଶିକ୍ଷଣ ଗ୍ରହଣ କଲି । ମୁଁ ଦିଲ୍ଲୀର ଜାମିଆ ମିଲିଆରେ ଓ ହରିଜନ ସେବକ ସଂଘରେ ୧୭ଦିନ ରହି, ପର୍ଯ୍ୟବେକ୍ଷଣ କଲି । ଜୟପୁର କଂଗ୍ରେସରେ ନଈ ତାଲୀମ ପ୍ରଦର୍ଶନୀର ଦାୟିତ୍ୱରେ ମୁଁ ଥିଲି । ରମାଦେବୀଙ୍କ ସୂଚନା କ୍ରମେ ନଭେମ୍ବର ୧୯୪୮ରେ ମୁଁ ରାମଚନ୍ଦ୍ରପୁରକୁ ଆସି, ମୌଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେଲି ଏବଂ ପ୍ରାୟ ୧ ବର୍ଷ ପରେ ଛାଡ଼ିଲି । ଜୁନ, ୧୯୫୦ରେ ଗୋପବାବୁ ମୋତେ ଲେଖିଲେ, "ମୌଳିକ ଶିକ୍ଷାରେ କଅଣ ଲାଗିଛ, ଗୁଣପୁର ଅଞ୍ଚଳର ଆଦିବାସୀମାନେ ଅନାହାରରେ ମରୁଛନ୍ତି ।" ସେଠାରେ ରିଲୀଫ କାମ କଲି । ବେଠିପ୍ରଥା ବିରୋଧରେ ଆନ୍ଦୋଳନ କରାଇଲି । ୫୦ ଜଣିଆ ପ୍ରତିନିଧି ଆସି କମିଶନର ରାମନାଥଙ୍କୁ ଭେଟିଲେ । ମୁଖ୍ୟମନ୍ତ୍ରୀ ସବୁ ଖବର ରଖୁଥାନ୍ତି । ମାଳତୀ ଦେବୀଙ୍କର ସହଯୋଗରେ ଆଇନ ଦ୍ୱାରା ଉକ୍ତ ପ୍ରଥା ଉଠିଲା । ନବବାବୁ ମୋତେ ରୋଗାକ୍ରାନ୍ତ ଅବସ୍ଥାରେ ସଙ୍ଗରେ ଆଣି ବମ୍ବେରୁ ଆଗତ ଡ଼ାକ୍ତର ଓ୍ୟାର୍ଦେକରଙ୍କ ଦ୍ୱାରା ମୋର ରୋଗ ନିର୍ଣ୍ଣିତ କରାଇଲେ । ମୁଁ ଭୂଦାନ-ଗ୍ରାମଦାନ ଆନ୍ଦୋଳନରେ ୧୯୫୩ରୁ ଅଭିନିବେଶ ସହକାରେ ୫ ବର୍ଷ ଲାଗିଲି । ଓଡ଼ିଶା ଖଦୀ ବୋର୍ଡ଼ର ମେମ୍ବର, ୧୯୬୨ରୁ ଓଡ଼ିଶା ଭୂଦାନ ସମିତିର ମେମ୍ବର ଓ ପରେ ସଭାପତି ହେଲି । ମୁଁ ସର୍ବଦା କର୍ମୀ ହୋଇ କାମ କରି ଆସିଛି ; ନେତୃତ୍ୱ କରିବାର ଦମ୍ଭ ମୋର ନାହିଁ । ୨୭ ବର୍ଷ ପରେ ନେଲସନ ମାଣ୍ଡେଲା ମୁକ୍ତ ଓ ବନ୍ଦୀତ ଏବଂ ୪୨ ବର୍ଷ ପରେ ଦୁଇ ଜର୍ମାନୀ ଏକତ୍ରୀକୃତ । ଏ ସବୁ ଅହିଂସାର ଅପ୍ରାପ୍ତ ପ୍ରୟୋଗ । ମୋ ଜୀବନରେ ଏହାହିଁ ସାର ଶିକ୍ଷା- 'ଦୀପମ୍ ଜ୍ୟୋତି' ।"

ସୁଧାଂଶୁଶେଖର ବାବୁ ଯେଉଁଠି ଥିଲେ ବି ବରୀ ଅଞ୍ଚଳର ଖବର ରଖିଥାନ୍ତି ।

୧୩୪ । ପ୍ରେମଲତା ଦେବୀ- ଜନ୍ମ-ବରୀର ଠାକୁରପାଟଣା ଗ୍ରାମରେ । ମାତା-ମଣିପ୍ରିୟା ଦେବୀ, ପିତା-ଆର୍ତ୍ତବନ୍ଧୁ ମହାନ୍ତି, ଜିଲ୍ଲା- ଯାଜପୁର, ଜନ୍ମ-ଫଗୁଣ, ୧୯୨୯ ମସିହାରେ ।

"ମୋର ବାପା ଶିକ୍ଷକ ଥାଇ କଂଗ୍ରେସ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଗୋପବାବୁ

Digitized by PPRACHIN, SOA

ଓ ମା' ରମାଦେବୀଙ୍କ ସହ ନାନା ସମାଜ-ସଂସ୍କାର କାମ ମଧ କରୁଥିଲେ । ପିଲାଦିନୁ ମୁ ଖଦୀ ପିନ୍ଧୁଥିଲି । ସେବାଘର ସଂପର୍କରେ ସର୍ବଦା ଆସି ଅସ୍ପୃଶ୍ୟତା-ନିବାରଣ ଆଦି କାମରେ ମୁଁ ସହଯୋଗ କରୁଥିଲି । ୧୯୪୨ରେ ବାପା ଆନ୍ଦୋଳନରେ ଜେଲ ଗଲେ । ଉଷାଦେବୀ ଓ ହରପ୍ରିୟା ଦେବୀଙ୍କ ସହ ମୁଁ ମଧ ଗିରଫ ହୋଇଥାନ୍ତି । କିନ୍ତୁ ଆମ ଅଞ୍ଚଳର ଦୁଇ ଦଳ ଲୋକେ ଝଗଡ଼ା କରି ଭୟଙ୍କର କାଣ୍ଡମାନ ଘଟାଇଲେ । ସରକାରଙ୍କ ଦମନଲୀଳା ଚାଲିଲା । ସମୁହ ଜୋରିମାନା ଆଦାୟ ହେଲା । ମୁଁ ଘରେ ରହିଗଲି । ପୋଲିସ ଆମ ଘର ଉପରେ ବହୁତ ଜୁଲୁମ କରିଥିଲେ ।

ମା ରମାଦେବୀ ଜେଲରୁ ଖଲାସ ହେବାପରେ ତାଙ୍କ ପ୍ରେରଣାରେ ମୁଁ ନିଜ ଗ୍ରାମରେ ପ୍ରି-ବେସିକ କେନ୍ଦ୍ରରେ ସାହାଯ୍ୟ କରୁଥିଲି ।

ମା ମୋତେ ସେବାଗ୍ରାମକୁ ପ୍ରି-ବେସିକ ଶିକ୍ଷୟତ୍ରୀ ଟ୍ରେନିଂରେ ପଠାଇଲେ । ଗୁଡ଼ୱାଡ଼ିରେ ରହି ଶାନ୍ତା ନାରୁଲକରଙ୍କ ଠାରେ ୪ ମାସ ଟ୍ରେନିଂ ନେଲି । ବରୀକୁ ଫେରିବା ପରେ ଆମେ ପ୍ରତି ଶୁକ୍ରବାରରେ ହରିଜନମାନଙ୍କ ସହ ତାଙ୍କ ସାହିରେ ପଙ୍‌କ୍ତି-ଭୋଜନ ଓ ପ୍ରାର୍ଥନା କରୁଥିଲୁ । ସେହି ସମୟରେ ତା ୩୦-୧-୪୮ରେ ଗାନ୍ଧୀଜୀଙ୍କର ହତ୍ୟା ଦିଲ୍ଲୀ ରେ ଘଟିଥିଲା । ମୁଁ ୧୯୪୯ରେ ରାମଚନ୍ଦ୍ରପୁରରେ ପ୍ରି-ବେସିକ୍ ଶିକ୍ଷୟତ୍ରୀ ଭାବରେ ଥିଲି । ମୁଁ ସେଠାରେ କନ୍ୟାଶ୍ରମର ସଂଞ୍ଚାଳିକା ମଧ ଥିଲି । ଜାତି-ଜାତକ-ଯୌତୁକ ନ ଦେଖି, ମୋର ପିତାମାତା ମୋତେ ଶ୍ରୀ ବୃନ୍ଦାବନ ଜେନାଙ୍କ ସହ ବିବାହ ଦେଇଥିଲେ ।" ବିବାହ ପରେ କୋରାପୁଟ ଅଞ୍ଚଳରେ ସ୍ୱାମୀଙ୍କ ସହ ଆଦିବାସୀମାନଙ୍କ ଭିତରେ ନିଶାନିବାରଣ, ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ଉନ୍ନତି କଲ୍ପେ କାମକଲେ । ଜୀବନରେ ୫ଦଶନ୍ଧି ଧରି କାମ କରିବା ପରେ ତା. ୨୦.୦୮.୧୯୯୬ରେ ମୃତ୍ୟୁବରଣ କଲେ ।

୧୩୫ । ନିର୍ମଳା ଦତ୍ତ- ମାତା-ଲକ୍ଷ୍ମୀପ୍ରିୟା, ପିତା-ଶ୍ୟାମଚାନ୍ଦ ଦତ୍ତ । ଗ୍ରାମ-ଅଚ୍ୟୁତପୁର, ପୋ.ଅ.-ରେମୁଣା, ଜିଲା-ବାଲେଶ୍ୱର, ସ୍ୱାମୀ- ବିଚିତ୍ରାନନ୍ଦ ମହାନ୍ତି, ଜିଲ୍ଲା-କେନ୍ଦ୍ରାପଡ଼ା ।

ଏହାଙ୍କର ପିତା ଜଣେ ଏଲୋପାଥିକ ଚିକିତ୍ସକ, ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ଧର୍ମପ୍ରାଣ ଓ ଖଦୀଧାରୀ ଥିଲେ । ନିର୍ମଳା ୧୦ମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ କଟକ ମେଡ଼ିକାଲ ସ୍କୁଲରେ ମାତ୍ର ୩ ମାସ ନର୍ସ ଟ୍ରେନିଂ ନେଇଥିଲେ । ସେହି ସମୟରେ ତାଙ୍କର ପିତା ମରିଗଲେ । ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରାଣାଙ୍କ ପ୍ରେରଣାରେ ସେ ରାମଚନ୍ଦ୍ରପୁରକୁ ତା ୭/୫/୧୯୪୬ରେ

Digitized by PPRACHIN, SOA

ଆସିଲେ, ୨ମାସ ସଫେଇ ପ୍ରାର୍ଥନା, ସୂତାକଟା ଓ ଆଶ୍ରମର କାର୍ଯ୍ୟ ଶିଖିଲେ । ମା ରମାଦେବୀ କହିଲେ- "ଏହି ବରୀ ଅଞ୍ଚଳରେ ବହୁ ପ୍ରସୂତି ଓ ଶିଶୁ ଚିକିତ୍ସା ନପାଇ ଅକାଳରେ ମରିଯାଉଛନ୍ତି । ଅନ୍ୟ ଜାଗାକୁ ଯାଇ ସେମାନେ ଚିକିତ୍ସା ପାଇପାରୁ ନାହାନ୍ତି । ବାଟ-ଘାଟର ସୁବିଧା ନାହିଁ । ତୁ ନର୍ସ ଓ ANM ଟ୍ରେନିଂ ପାଇ ଆସିଲେ ଏମାନଙ୍କର ସେବା କରିବୁ ।" ମା ତାଙ୍କୁ ତା ୨୪/୮/୪୬ରେ ୱାର୍ଦ୍ଧାର କୃଷ୍ଣା ତାଇ ଭାବେଙ୍କର ପ୍ରସୂତିଭବନକୁ ଟ୍ରେନିଂ ନିମିତ୍ତ ପଠାଇଲେ । ୱାର୍ଦ୍ଧା ଓ ନାଗପୁରରେ ସେ ୨ବର୍ଷ ଟ୍ରେନିଂ ନେଲେ ଓ ସେକେଣ୍ଡ କ୍ଲାସରେ ପାସ୍ କରି ବରୀକୁ ଫେରିଲେ । ଅରଙ୍ଗାବାଦର ଗୋବର୍ଦ୍ଧନ ପୁହାଣଙ୍କର ଯେଉଁ ବାହାରିଆ ଚାଳଘରେ ରମାଦେବୀ ଓ ଗୋପବାବୁ ରହୁଥିଲେ, ସେଠାରେ ରହି ତା ୬/୧/୧୯୪୯ରେ ନିର୍ମଳ ଧାତ୍ରୀ କାର୍ଯ୍ୟ ଆରମ୍ଭ କଲେ ।

ଗ୍ରାମର ସ୍ତ୍ରୀମାନେ ନିର୍ମଳାକୁ ଅଳ୍ପ ବୟସର ଅବିବାହିତ ଝିଅ ଦେଖି, ଡ୍ରେଲିଭେରୀ କରାଇବାକୁ ଡ଼ାକୁ ନଥିଲେ । ରମାଦେବୀ, ଗୋବର୍ଦ୍ଧନ ପୁହାଣଙ୍କର ସ୍ତ୍ରୀ ମାୟାଦେବୀ ଆଦି ଗାଁ ସ୍ତ୍ରୀମାନଙ୍କୁ ବୁଝାଇବାରୁ ସେମାନେ ଡ଼ାକିଲେ । ଖରାଦିନେ ସାଇକେଲ ଚଢ଼ି ବର୍ଷାକାଳରେ ଡ଼ଙ୍ଗାରେ ବସି ନିର୍ମଳା ଗାଁମାନଙ୍କୁ ଯାଉଥିଲେ । ଅନେକ ସଫଳ ଡ୍ରେଲିଭେରୀ ପରେ ଗୋଟିଏ ପ୍ରସୂତି ମରିଗଲା । ବାପା ଗୋପବାବୁ କହିଲେ- "ନିର୍ମଳ ! ମନରେ ଦୁଃଖ କର ନା । ଉଚିତ ଚିକିତ୍ସା ସତ୍ତ୍ୱେ ରୋଗୀ ମରିଗଲେ, କଅଣ କରାଯିବ ? ଏହିପରି ଘଟଣାରୁ ଡ଼ାକ୍ତର ଓ ନର୍ସର ଶିକ୍ଷା ଅଧିକ ହୁଏ ।" ଡ଼ାକ୍ତର ତୁଙ୍ଗବିଦ୍ୟା ଦେବୀ ୧୯୫୦ରେ ବରୀକୁ ଆସିଲେ । ସ୍ୱତନ୍ତ୍ର ମାତୃମଙ୍ଗଳ କେନ୍ଦ୍ର ଘରେ 'ଇନ୍‌ଡ୍ରୋର' ଖୋଲିଲା ।

ସତ୍ୟଭାମାପୁରରେ ମାତୃମଙ୍ଗଳ-କାର୍ଯ୍ୟ ନୂଆହୋଇ ଅରମ୍ଭହେଲା । ନିର୍ମଳା ସେଠାରେ କେତେ ବର୍ଷ ତାହା ଚଳାଇଲେ । ନିଜର ବ୍ୟକ୍ତିଗତ ଅସୁବିଧା ହେତୁ ସେ କେତେ ବର୍ଷ ନିଜ ଘରେ ରହିଲେ । ୧୯୮୨ରେ ସେ ପୁଣିବରୀ ମାତୃମଙ୍ଗଳ କେନ୍ଦ୍ରର ଦାୟିତ୍ୱ ନେଲେ । ସେହି ସମୟରେ ଅରଙ୍ଗାବାଦର ଧୋଇ ମହାନ୍ତିଙ୍କର ବୋହୂର ଗୋଟିଏ ଝିଅ ତାହାର ଘରେ ଜାତହେଲା । ଶିଶୁଟି ହାତଗୋଡ଼ ହଲାଉ ନଥିଲା, ନିଶ୍ୱାସ ଚାଲୁଥିବା ଜଣାଯାଉନଥିଲା । ତାକୁ ସ୍ମଶାନକୁ ଲୋକ ନେଇଯାଉଥିଲେ ଦୈବାତ ନିର୍ମଳା ଶିଶୁଟିକୁ ଆଣି ଚିକିତ୍ସା କଲେ । ଶିଶୁର ପ୍ରାଣଥିବା ଜଣାଗଲା ।

ଗରାପୁରର ସ୍ୱାଧୀନତା ସଂଗ୍ରାମୀ ସଚ୍ଚିଦାନନ୍ଦ ମହାନ୍ତିଙ୍କର କନିଷ୍ଠ ଭାଇ ବିଚିତ୍ରାନନ୍ଦ ତା. ୦୮/୦୩/୪୮ରେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀଙ୍କ ସହ ଘରୁ ବରୀକୁ ଆସିଥିଲେ । ସେ

Digitized by PPRACHIN, SOA

ଆଚାର୍ଯ୍ୟ ବିନୋବାଜୀଙ୍କ ଆଶ୍ରମରେ ପୌନାରରେ 'ସାମ୍ୟଯୋଗ' ତାଲିମ୍ ଦୁଇବର୍ଷ ନେଲେ । ପରେ ସେ ରାମଚନ୍ଦ୍ରପୁରରେ ମା'ରମାଦେବୀଙ୍କ ନିର୍ଦ୍ଦେଶରେ କସ୍ତୁରବା ନିଧିର ଅଫିସ କାର୍ଯ୍ୟ କଲେ । ବିଚିତ୍ରାନନ୍ଦଙ୍କ ସହ ନିର୍ମଳାଙ୍କ ଶୁଭ ପରିଣୟ ତା ୧୩/୨/୧୯୫୨ରେ ହେଲା । ଆଚାର୍ଯ୍ୟ ହରିହର ପ୍ରଭୃତି ଥିଲେ । ଏ ବିବାହରେ ଜାତି, ଜାତକ ଓ ଯୌତୁକର ପ୍ରଶ୍ନ ନଥିଲା । ଯେଉଁଠାରେ ଥିଲେ ମଧ ଏମାନେ ବରୀ ଅଞ୍ଚଳ ଲୋକଙ୍କର ସୁଖ ଦୁଃଖରେ ସମବେଦନା ଜଣାନ୍ତି ।

୧୩୬ । **ବାସନ୍ତୀ ମିଶ୍ର-** ବାପଘର-ପୁନ୍ଦାଳ, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା । ମାତା-ଜେମା, ପିତା-ଚକ୍ରଧର ସାମନ୍ତରାୟ, ଜନ୍ମ-ଏପ୍ରିଲ ୧୯୩୨ ମସିହାରେ ବାସନ୍ତୀଙ୍କର ମାତ୍ର ୧୪ବର୍ଷ ବୟସରେ ସ୍ୱାମୀ ନୀଳମଣି ମିଶ୍ରଙ୍କର ପରଲୋକ ହୋଇଗଲା । ଦେଢ଼ଶ୍ୱର ଭାଗବତ ମିଶ୍ର ତାଙ୍କୁ ଆଣି ରାମଚନ୍ଦ୍ରପୁର (ବରୀ)ରେ ଡ଼ିସେମ୍ବର, ୧୯୪୯ରେ ଛାଡ଼ିଲେ । ସେ ଜାନୁଆରୀ ୫୦ରୁ ୧୦ମାସ 'ବାଲୱାଡ଼ୀ'-ଟ୍ରେନିଂ ଓ ତତ୍ପରେ ୧୦ମାସ 'ସେବା ପ୍ରବେଶ' ନେଲେ । ରାମଚନ୍ଦ୍ରପୁରରେ ୧୯୫୨ରୁ ୮ବର୍ଷ ବାଲୱାଡ଼ୀ-ଶିକ୍ଷିକା ହେଲେ । ସେଠାରୁ ଆସି ସତ୍ୟଭାମାପୁରରେ, କସ୍ତୁରବା ନିଧିରେ ପ୍ରଥମେ ପ୍ରଥମେ ବାଲୱାଡି ଚଳାଇଲେ । ସେ ଇନ୍ଦୋରରେ ୨ବର୍ଷ ୬ମାସ ମାତୃମଙ୍ଗଳ କାର୍ଯ୍ୟରେ (ପ୍ରସୂତି ଓ ଶିଶୁ ପରିଚର୍ଯ୍ୟାର) ଟ୍ରେନିଂ ନେଇ ସତ୍ୟଭାମାପୁରକୁ ଫେରିଲେ । ଏଠାରେ ସେ ଦୁଇବର୍ଷ ବାଲ୍‌ସେବିକା ଟ୍ରେନିଂର ସଞ୍ଚାଳିକା ଦାୟିତ୍ୱ ତୁଲାଇଲେ । ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାନ୍ତିଙ୍କର ସାହାଯ୍ୟକାରିଣୀରୂପେ ସତ୍ୟଭାମାପୁରରେ ଦୁଇବର୍ଷ ମାତୃମଙ୍ଗଳକାର୍ଯ୍ୟକଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରିଲିଫ୍ ଓ ଥଇଥାନ ଏବଂ ଦିନାଜପୁର ଜିଲ୍ଲାରେ ବଙ୍ଗଳା ଦେଶରୁ ଆଗତ ଶରଣାର୍ଥୀମାନଙ୍କର ରିଲିଫ୍ କାର୍ଯ୍ୟ ଆଦି ସେ କରିଥିଲେ । ସେ ଗୀତ, ପ୍ରାର୍ଥନା ଓ ଭଜନ ସୁକଣ୍ଠରେ ବୋଲିପାରନ୍ତି । ବାଲୱାଡ଼ି, ଛାତ୍ରୀ-ନିବାସ-ପରିଚାଳନା, ମାତୃମଙ୍ଗଳ କାର୍ଯ୍ୟ, ଶିବିର ଚଳାଇବାରେ ତାଙ୍କର ଦକ୍ଷତା ପରି ସବୁ ବିଷୟରେ ଦକ୍ଷତା, କ୍ୱଚିତ୍ ଅନ୍ୟ ମହିଳାଙ୍କଠାରେ ଦେଖାଯାଏ । ବରୀ ଅଞ୍ଚଳରେ ସେ ଦୀର୍ଘ ବାର ବର୍ଷ ସେବା କରିଛନ୍ତି ।

୧୩୭ । **ମୁକ୍ତେଶ୍ୱର ବେଉରିଆ-** ଗ୍ରାମ-ରାମଚନ୍ଦ୍ରପୁର, ଥାନା-ବରୀ, ଜିଲ୍ଲା- ଯାଜପୁର । ମାତା-ସାବିତ୍ରୀ ଦେବୀ, ପିତା-ଭାସ୍କର ବେଉରିଆ । ଜନ୍ମ ତାରିଖ ୧୦-୩-୧୯୩୬ ମସିହା । ଏ ବୈଶାଖରେ ଗ୍ରାମର ନି:ପ୍ରା: ବିଦ୍ୟାଳୟରେ ୧୯୩୯ରୁ ପଢ଼ିଲେ । ସେଠାରେ ଏପରି ବାତାବରଣ ଥିଲା ଓ ଛାତ୍ରଛାତ୍ରୀମାନେ ଏପରି ମୁକ୍ତ ଓ ଉନ୍ନତ ପଦ୍ଧତିରେ

Digitized by PPRACHIN, SOA

ଶିକ୍ଷା ପାଉଥିଲେ ଯେ, କଟକ ଟ୍ରେନିଂ କଲେଜର ବିଲାତଫେରନ୍ତା ଅଧାପକ ଶ୍ରୀରାମଚନ୍ଦ୍ର ମହାପାତ୍ର ଓ ଅଧାପକ ରାମନାରାୟଣ ମହାନ୍ତି, M. Ed. (Leeds) ଡ଼ିସେମ୍ବର ୧୯୩୯ରେ ଲେଖିଥିଲେ- 'ସ୍ୱାଧୀନ ଦେଶରେ ଯେଉଁ ଶିକ୍ଷା ଦିଆଯାଏ । ଏଠାରେ ସେହି ଶିକ୍ଷା ଦିଆଯାଉଛି ।' ୧୯୪୨ର ସ୍ୱାଧୀନତା ଆନ୍ଦୋଳନର ଆରମ୍ଭରେ ଏହି ବିଦ୍ୟାଳୟ ବନ୍ଦକରି ଦିଆଯାଇଥିଲା । ମୁକ୍ତେଶ୍ୱର, ବ୍ରଜବନ୍ଧୁ ଖୁଣ୍ଟିଆ, କରୁଣାସିନ୍ଧୁ, ମହେଶ୍ୱର ମଲ୍ଲ ପ୍ରଭୃତି ଛାତ୍ରମାନେ ରମ୍ପା ଡ଼ାକବଙ୍ଗଳାର କେତେକ ଆସବାବ ନଷ୍ଟ କରିଦେଇ କଲ୍ୟାଣପୁର ମି. ଇ. ସ୍କୁଲ ବନ୍ଦ କରାଇଦେଲେ । ବରୀ ମି. ଇ. ସ୍କୁଲର ହେ. ମା. କପିଳବାବୁ ଏମାନଙ୍କୁ ଏ କାର୍ଯ୍ୟରୁ ନିବୃତ୍ତ ହେବାପାଇଁ ବୁଝାଇଥିଲେ । ମୁକ୍ତେଶ୍ୱରର ଦାଦା ତାଙ୍କୁ ଘରେ ବନ୍ଦ କରି କିଛି ସମୟ ରଖିଥିଲେ । ଏମାନେ ପରେ ରାମଚନ୍ଦ୍ରପୁର ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ, ସେବାଗ୍ରାମରେ ଉତ୍ପାଦକ ଧନ୍ଦା ଜରିଆରେ ଉଚ୍ଚତର ମୌଳିକ ଶିକ୍ଷା ପାଇଲେ । ମାର୍ଚ୍ଚ, ୧୯୫୮ରେ ଶ୍ରୀ ଆର୍ଯ୍ୟନାୟକମ୍‌ଜୀ ଏହାଙ୍କୁ ଜାପାନରେ ଉନ୍ନତ କୃଷିଶିକ୍ଷା ପାଇବାକୁ ପଠାଇଲେ । ସେଠାରେ ବୌଦ୍ଧମନ୍ଦିରରେ ରହି ଚାଷୀଙ୍କର କ୍ଷେତରେ ଦୈନିକ ୯ଘଣ୍ଟା କାମ କରି ଉପାର୍ଜନ କରି ଶିକ୍ଷାଲାଭ କଲେ । ଫେରି ଆସି ସେବାଗ୍ରାମରେ ହିନ୍ଦୁସ୍ତାନୀ ତାଲୀମ ସଙ୍ଘର ସହକାରୀ ସମ୍ପାଦକ ରୂପେ କାର୍ଯ୍ୟ କଲେ । ଏ କେତେ ବର୍ଷ ହେଲା ମୁକ୍ତେଶ୍ୱର ବେଉରିଆ ଗୋପାଳୱାଡ଼ି ଖଦୀମଣ୍ଡଳ ବିଦ୍ୟାଳୟର ସମ୍ପାଦକ ଏବଂ ଉତ୍କଳ ଖଦୀ ମଣ୍ଡଳର ସମ୍ପାଦକ ମଧ ହୋଇଥିଲେ ।

୧୩୮ । ଭଗବାନ ନାଥ- ଗ୍ରାମ/ପୋ.ଅ-ବାଲିବିଲ, ଜିଲ୍ଲା- ଯାଜପୁର, ମାତା- ✓ସତ୍ୟଭାମା ଦେଈ, ପିତା-ବଂଶୀଧର ନାଥ । ଜନ୍ମ-୧୯୪୩ ମସିହାରେ । "ମୋର ପାଠପଢ଼ା-ରାମଚନ୍ଦ୍ରପୁର ଉତ୍ତର ମୌଳିକ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ, ଗୋପବନ୍ଧୁ ଚୌଧୁରୀ କଲେଜରେ +୨ ଶ୍ରେଣୀ ପର୍ଯ୍ୟନ୍ତ । ବିଦ୍ୟାରମ୍ଭରୁ ମୌଳିକ ଶିକ୍ଷା ପାଉଥିବାବେଳେ ଆନୁଷଙ୍ଗିକ ଭାବରେ କୃଷି, ଗୋପାଳନ, ସୂତାକଟା ଲୁଗାବୁଣା, ଗ୍ରାମସେବା ଆଦି ଆମ୍ଭେ ଛାତ୍ରମାନେ କରିଥିଲୁ । ମୋର ମାମୁଁ କୈଳାସଚନ୍ଦ୍ର ନାଥ ସ୍ୱାଧୀନତାପ୍ରେମୀ ଓ ଗାନ୍ଧୀବାଦୀ ଥିଲେ । ଆଚାର୍ଯ୍ୟ ମହାଶୟ ଆଦିଙ୍କର ପ୍ରେରଣା ସହ ମୋର ମାମୁଁଙ୍କର ପ୍ରେରଣା ମଧ ମୁଁ ପାଇଥିଲି । ତେଣୁ ମୁଁ ଅର୍ଥକରୀ ଅନ୍ୟ ଚାକିରୀ ବା ବୃତ୍ତି ନଧରି, ଯଥାସମ୍ଭବ ଗାନ୍ଧୀମାର୍ଗରେ ଚଳିବାକୁ ଯତ୍ନକଲି । ୧୯୬୩ରେ ମୁଁ ପ୍ରଥମେ ସର୍ବୋଦୟ ମଣ୍ଡଳରେ କାମରେ ଥୋରିଆସାହିରେ ରହିଲି । ସେହି ବର୍ଷ ଉତ୍କଳରେ ବିନୋବାଜୀଙ୍କର ୨ୟ ଥର ପଦଯାତ୍ରାରେ କାମକଲି । ଗାନ୍ଧୀ ସ୍ମାରକ ନିଧି (ଉତ୍କଳ ଶାଖା) ଗାନ୍ଧୀ ଶତବାର୍ଷିକୀରେ ସାହିତ୍ୟ ପ୍ରକାଶ କରିବାର ଯୋଜନାରେ ମୁଁ

Digitized by PPRACHIN, SOA

କର୍ମୀଭାବରେ ପର୍ଯ୍ୟାୟକ୍ରମେ ହରିଦାସପୁରର କଦଳାମଠରେ, କଟକର ବାରବାଟୀ ଷ୍ଟାଡ଼ିୟମରେ ଓ ବାଖରାବାଦରେ ରହି ସାହାଯ୍ୟ କରିଥିଲି । ତା ୨୯-୫-୧୯୬୮ରେ ପ୍ରଫେସର ମହେନ୍ଦ୍ରକୁମାର ରାଉତ ଓ ପ୍ରଫେସର କ୍ଷେତ୍ରମୋହନ ପଟ୍ଟନାୟକ କଟକରୁ ଶ୍ରୀ ଫକୀର ମିଶ୍ରଙ୍କ ସହ ରାମଚନ୍ଦ୍ରପୁରକୁ ଯାଇଥିଲେ, ସେଠାରେ କଲେଜ ହେବା ସମ୍ପର୍କରେ ଇନ୍‌କ୍ୱାରୀ କରିବା ଉଦ୍ଦେଶ୍ୟରେ । ମୁଁ ସେମାନଙ୍କୁ ସେବା କରିବାର ସୁଯୋଗ ପାଇଥିଲି । ବାଖରାବାଦରେ ଗ୍ରାମସେବକ ସମବାୟ ପ୍ରକାଶନ ଲିମିଟେଡ୍‌ଙ୍କ ଦ୍ୱାରା ପରିଚାଳିତ ପ୍ରେସ୍‌ର ମ୍ୟାନେଜର ଭାବରେ ମୁଁ ୧୯୮୫ ମସିହାରୁ ୨୦୦୫ ପର୍ଯ୍ୟନ୍ତ କାମ କରୁଥିଲି । ସର୍ବୋଦୟ ପତ୍ରିକାର ପ୍ରକାଶକ ଭାବରେ ମଧ ଅଛି ।

୧୩୯ । ଶାନ୍ତି ନାୟକ- ଘର- ସତ୍ୟଭାମାପୁର, ବହୁଗ୍ରାମ, କଟକ ଜିଲ୍ଲାରେ । ମାତା-ଜେମା ଦେଈ, ପିତା-୰ଦର୍ଶନୀ ନାୟକ । ଜନ୍ମ-ମାର୍ଚ୍ଚ, ୧୯୪୭ରେ "ମୁଁ ସପ୍ତମ ଶ୍ରେଣୀରୁ ପଢ଼ା ଛାଡ଼ିଲି । ୧୯୬୪ରୁ ୧୯୬୬ ପର୍ଯ୍ୟନ୍ତ ଅନୁଗୁଳରେ ଚମ୍ପତିମୁଣ୍ଡାରେ ୨ବର୍ଷ କଣ୍ଡେନ୍‌ସଡ୍ କୋର୍ସ (Condensed course)ରେ ଅଧିକ ଜ୍ଞାନ ବଢ଼ାଇଲି । ୧୯୬୭ରେ ମା ରମାଦେବୀଙ୍କ ପାଖରେ ରହି କଟକ ଜିଲ୍ଲାର ଉପକୂଳ ବାତ୍ୟାବିଧ୍ୱସ୍ତ ଅଞ୍ଚଳରେ ରିଲାଫ୍ କାର୍ଯ୍ୟ କଲ । ତାହାପରେ ୩ବର୍ଷ ଇନ୍ଦୋରରେ ରହି ନର୍ସ ଓ ଧାତ୍ରୀବିଦ୍ୟାରେ ଟ୍ରେନିଂ ପାଇଲି । ଦୁଇମାସ ସତ୍ୟଭାମାପୁରରେ ଏହି କାର୍ଯ୍ୟ କରି ମାର୍ଚ୍ଚ ୧୯୭୧ରେ ବରୀର ସେବାଘରେ କସ୍ତୁରବା ଟ୍ରଷ୍ଟର ଶିଶୁ-ମାତୃମଙ୍ଗଳ କାର୍ଯ୍ୟରେ ଯୋଗ ଦେଲି । ୧୯୭୧ ନଭେମ୍ବରରେ ବାତ୍ୟା-ରିଲାଫ୍ କାର୍ଯ୍ୟ କଲି ।

ଫୁଲଗଡ଼ିଆ କସ୍ତୁରବା କେନ୍ଦ୍ରରେ ୧୯୭୪ରେ ମୁଁ ମୁଖ୍ୟ ସେବିକା ଥିଲି । ୧୯୭୮ରେ ଓଡ଼ିଶା ବାହାରର ୪ଜଣ ବିଦୁଷୀ ମହିଳା ସର୍ବୋଦୟ ଓ ଶାନ୍ତି ପଦଯାତ୍ରା କରୁଥିଲେ । ମୁଁ ୫ମାସ ସେମାନଙ୍କର ରହଣିରେ ସେବା କରିଛି । ୧୯୮୦-୮୫ ଢେଙ୍କାନାଳ ନିକଟ ବେରବୋଇ ମାତୃମଙ୍ଗଳ କେନ୍ଦ୍ରର ଦାୟିତ୍ୱରେ ଥିଲି ଏବଂ ମହାନଦୀର ପ୍ରବଳ ବନ୍ୟାପରେ ମୁଁ ବୌଦ ଜିଲ୍ଲାରେ TRSD ଙ୍କର ଆର୍ଥିକ ସାହାଯ୍ୟରେ ରିଲାଫ୍ କାମ କେତେ ମାସ କରିଥିଲି । ବଙ୍ଗଳାଦେଶର ଶରଣାର୍ଥୀମାନଙ୍କର ସେବା ମୁଁ ମା ରମା ଦେବୀଙ୍କ ସହ ୧୯୭୧ରେ କରିଥିଲି । ମୁଁ ଅନ୍ୟର ନିନ୍ଦା ବା ଗାଳିରେ ଦୁଃଖିତ ହୁଏନାହିଁ କିମ୍ବା ମୋତେ ପ୍ରଶଂସା, କଲେ ଆନନ୍ଦରେ ମନ ମୋଟ କରେ ନାହିଁ । ମୋର କର୍ତ୍ତବ୍ୟରେ ଲାଗିଥାଏ । ମୁଁ ଏହା ମା ରମା ଦେବୀଙ୍କଠାରୁ ଶିକ୍ଷା ପାଇଥିଲି, ବର୍ତ୍ତମାନ ଅବସର ନେଇ ଘରେ ଅଛି ।"

Digitized by PPRACHIN, SOA

୧୪୦ । ଇନ୍ଦ୍ରମଣୀ ମହାନ୍ତି- ଗ୍ରାମ-ରମ୍ପା, ବରୀ, କଟକ, ଇଂରେଜ ସରକାରଙ୍କ ଅମଳରୁ ସେ ଦଫାଦାର ଭାବରେ କାମ କରୁଥିଲେ । ଆନ୍ଦୋଳନ ସମୟରେ ତାଙ୍କର ପୋଷାକଙ୍କୁ ଆନ୍ଦୋଳନକାରୀ ବହୁଥର ପୋଡ଼ି ଦେଇଥିଲେ । ସ୍ୱାଧୀନତା ପରେ ମଧ ସେ ଦଫାଦାର ଥିଲେ । ତାଙ୍କର ମୃତ୍ୟୁ ପୂର୍ବରୁ ତାଙ୍କର ଏକମାତ୍ର ପୁଅ ମରିଯାଇ ଥିଲେ । ତାଙ୍କର ଦୁଇନାତି ଚାରି ଝିଅ ଅଛନ୍ତି ।

୧୪୧ । ମେନକା ମହାପାତ୍ର- ଘର କୁଆଁସ, ଜିଲ୍ଲା- ଭଦ୍ରକ ସହରରେ । କସ୍ତୁରବା ଗାନ୍ଧୀନିଧିର ପ୍ରଥମ ଦଳରେ ରାମଚନ୍ଦ୍ରପୁରରେ ସେ ଟ୍ରେନିଂ ନେଇଥିଲେ । ସେ ନିରବଚ୍ଛିନ୍ନଭାବରେ ୩୦ ବର୍ଷ ନିଧିରେ କାର୍ଯ୍ୟ କରିଥିଲେ । ବରୀର ମାତୃମଙ୍ଗଳ କେନ୍ଦ୍ରର ଦାୟିତ୍ୱରେ ଥିବା ବେଳେ ସେ କଲିକତାକୁ ଯାଇ ନବଜାତ ଶିଶୁଙ୍କପାଇଁ ଦୋଳି ଆଦି ସରଞ୍ଜାମ ଚାନ୍ଦାରେ ଆଣିଥିଲେ । ଅବସର ନେବା ପରେ ସେ କଟକରେ ସ୍ୱଳ୍ପକାଳ ପାଇଁ ଆଶ୍ରୟ ପାଇବାକୁ ଆଶ୍ରମ (short stay home)ର ପରିଚାଳନା ରୂପେ ଥିଲେ । ସେ ବହୁ ପିଲାଙ୍କୁ ମଣିଷ କରି ଛିଡ଼ା କରିଛନ୍ତି ଯେମାନଙ୍କ ମଧରେ କ୍ଷୀରଲତା ଅପା ଅନ୍ୟତମ । ସେ ଅଗଷ୍ଟ ୧୪ ତାରିଖ ୧୯୮୮ ମସିହାରେ ଇହଧାମ ତ୍ୟାଗକଲେ ।

୧୪୨ । ବାସନ୍ତୀ ମହାପାତ୍ର- ଶାଶୁଘର-ଗ୍ରାମ/ପୋ.ଅ.-ଏଡ଼ତାଳ, ଜିଲ୍ଲା- ଭଦ୍ରକ । ସରମଙ୍ଗା (ବାଲେଶ୍ୱର)ର ସ୍ୱାଧୀନତା-ସଂଗ୍ରାମୀ ଶ୍ରୀ ଭୋଳାନାଥ ମହାପାତ୍ରଙ୍କର ଏ କନ୍ୟା । ଏହାଙ୍କର ମାତା କ୍ଷେତ୍ରମଣି ଦେବୀ ୧୯୩୧ରେ ସତ୍ୟାଗ୍ରହ କରି ମଧ ଜେଲ ଯାଇଥିଲେ । ବାସନ୍ତୀ ଦେବୀ ବହୁ ବର୍ଷ ବରୀର କସ୍ତୁରବା ମାତୃମଙ୍ଗଳ କେନ୍ଦ୍ରର ମୁଖ୍ୟ ପରିଚାଳିକା ଥିଲେ । ଉତ୍ସର୍ଗୀକୃତ ସେବାଦ୍ୱାରା ଏ କେନ୍ଦ୍ରରେ ଲୋକପ୍ରିୟତା ବଜାୟ ରଖିଥିଲେ ।

୧୪୩ । ବିଶ୍ୱନାଥ ପରିଡ଼ା- ଗ୍ରାମ-ବାହାରଣା, ଥାନା-ନିଆଳୀ, ଜିଲ୍ଲା- କଟକ ଜନ୍ମ- ତା. ୪/୮/୧୯୦୪, ମୃତ୍ୟୁ ତା ୧୨/୧୦/୧୯୮୧

ସ୍କୁଲପଢ଼ା ୧୯୨୧ରେ ଛାଡ଼ି ଜଗତସିଂହପୁର ନିକଟ ଅଳକାଶ୍ରମରେ ଯୋଗଦେଲେ । ଅ.ଭା. ଚରଖା ସଙ୍ଘରେ ଖଦୀ କାମ କଲେ । ସେ ୧୯୩୨ରେ ସତ୍ୟାଗ୍ରହ କରି କାରାବରଣ କରିଥିଲେ । ପରେ ବରୀରେ ରହି ଖଦୀ ଓ ଅନ୍ୟାନ୍ୟ ରଚନାତ୍ମକ କାର୍ଯ୍ୟ କଲେ । ୧୯୪୨ରେ ସ୍ୱାଧୀନତା ସଂଗ୍ରାମରେ ବ୍ରହ୍ମପୁର ଜେଲରେ ବନ୍ଦୀଥିଲେ । ଖଲାସ ହେବା ପରେ ଉତ୍କଳ ଖଦୀମଣ୍ଡଳର କର୍ମୀ ଭାବରେ ଓ ଭୂଦାନ ଯଜ୍ଞରେ ବହୁ ବର୍ଷ ବିତାଇଥିଲେ ।

Digitized by PPRACHIN, SOA

୧୫୪ । ଛାୟା ଦେବୀ- ବାପଘର-ପଘିଡ଼ା (ବରୀ), ଜନ୍ମ-୧୯୧୮ ମସିହାରେ, ଜିଲ୍ଲା- ଯାଜପୁର, ସ୍ୱାମୀ- ବିଶ୍ୱନାଥ ପରିଡ଼ା, ଜିଲ୍ଲା- କଟକ ।

ଶୈଶବରୁ ପିତା ରୂପ ସାହାଣୀ ଓ ଭାଇ ହଳଧର ସାହାଣୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ସେ ୧୯୩୧ରେ ହିନ୍ଦୁସ୍ଥାନୀ ସେବାଦଳର ତାଲିମ ପୁରୀରେ ନେଇଥିଲେ । ସ୍ୱାଧୀନତା-ସଂଗ୍ରାମରେ ସେ ୧୯୩୨ରେ ଜେଲ ଯାଇଥିଲେ । ଖଲାସ ପରେ ସେ ବିଭିନ୍ନ ଗ୍ରାମରେ ଖଦୀକାମ କରିଥିଲେ ଓ ଲୋକଙ୍କୁ ସୂତାକଟା ଶିଖାଇଥିଲେ । ବାହାରଣା ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡ଼ାଙ୍କୁ ବିବାହ କରିଥିଲେ. ତାଙ୍କର ମୃତ୍ୟୁ ତା. ୧୮-୦୯-୧୯୮୭ରେ ହୋଇଯାଇଛି ।

୧୫୫ । ମଗେଇ ମଲ୍ଲିକ- ପିତା- ଅର୍ଜୁନ ମଲ୍ଲିକ, ସ୍ତ୍ରୀ- ମେନେକା ବେଓ୍ୱା, ସା- ରତ୍ନଗିରି, ଜିଲ୍ଲା-ଯାଜପୁର, ଜନ୍ମ- ୧୮.୦୭.୧୯୦୩ ମସିହା ।

ସଂଗ୍ରାମୀ ଶ୍ରୀ ରଙ୍ଗାଧର ଦାସଙ୍କ ସାଙ୍ଗରେ ସତ୍ୟାଗ୍ରହରେ ଯୋଗଦେଇ ୧୭.୧୦.୧୯୪୨ ମସିହାରେ ଯାଜପୁର ଜେଲକୁ ଗଲେ । ତାହାପରେ ସେଠାରୁ କଟକ ଜେଲକୁ ଟ୍ରାନ୍ସଫର ହେଲେ ୧୦.୦୮.୧୯୪୩ ମସିହାରେ ଖଲାସ ହେଲେ । ୧୦.୦୩.୧୯୭୮ ମସିହାରେ ମୃତ୍ୟୁବରଣ କରିଥିଲେ ।

୧୫୬ । କ୍ଷେତ୍ରମଣୀ ଦେଈ- ବାପା- ଉଦୟନାଥ ଚୌଧୁରୀ, ଗ୍ରାମ/ପୋ- ବାଗଲପୁର, ଜିଲ୍ଲ- ଜଗତସିଂହପୁର, ଜନ୍ମ- ତେନ୍ତୁଳିଆ ପଦା ଗ୍ରାମରେ ୧୯୧୨ ମସିହା ମଇମାସ ୧୯ ତାରିଖ ରବିବାର ଦିନ ।

ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଂଗେ ତାଙ୍କର ବିବାହ ହେଲାପରେ ରମାଦେବୀଙ୍କର ବରୀ ଆଶ୍ରମରେ ସେବିକା ତାଲିମ ନେଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ଏକବର୍ଷ କାରାବରଣ କଲେ । ଜେଲରୁ ଖଲାସ ହେଲାପରେ ମା ରମାଦେବୀଙ୍କ ପାଖରେ ରହି ଗଠନ ମୂଳକ କାର୍ଯ୍ୟ କଲେ ।

୧୫୭ । କପିଳ ଚରଣ ଜେନା- ସା- ହଳଦୀ ବସନ୍ତ, ଥାନା- ବରୀ, ଜି- ଯାଜପୁର, ଜନ୍ମ ୧୯୨୧ ମସିହା ଡ଼ିସେମ୍ବର ୧୬ ତାରିଖରେ ।

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ବାଡ଼େଇ ଗୋଡ଼ ଭାଙ୍ଗି ଦେଇଥିଲେ । ତେନ୍ତୁଳି ଛାଟରେ ମଧ ନିର୍ମମ ଭାବରେ ପିଟି ଅକଥନୀୟ ଅତ୍ୟାଚାର କରିଥିଲେ

Digitized by PPRACHIN, SOA

ପରେ କଟକ ଜେଲ ଏବଂ ବ୍ରହ୍ମପୁର ଜେଲକୁ ନିଆଯାଇଥିଲା । ସେ ସଶ୍ରମ କାରାଦଣ୍ଡ ଭାବରେ ପ୍ରାୟ ୩ବର୍ଷ ୬ମାସ ଦଣ୍ଡିତ ହୋଇଥିଲେ ।

୧୪୮ । ଦୁଃଶାସନ ରାୟ- ସା/ପୋ- ବରୀ, ଥାନା- ବରୀ, ଜିଲ୍ଲା- ଯାଜପୁର ।

ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଆହ୍ୱାନରେ ସଂଗ୍ରାମରେ ଯୋଗ ଦେଲେ । ୧୯୪୨ ମସିହାରେ ଗିରଫ ହୋଇ କଟକ ଜେଲରେ ୧ବର୍ଷରୁ ଅଧିକ ଦିନ କଟାଇଥିଲେ । ତତ୍‌ପରେ ଖଲାସ ପରେ ଗଠନ ମୂଳକ କାମରେ ଲାଗିଲେ ।

୧୪୯ । ମଧୁସୂଦନ ପାଲିତ- ପିତା- ଜଗତରାମ ପାଲିତ, ମା- ବିଦ୍ୟୁଲତା ପାଲିତ, ଗ୍ରାମ- ଅନ୍ୟାସପୁର । ଗୋପବନ୍ଧୁଙ୍କ ଆଶ୍ରମରେ ଶିକ୍ଷାପାଇ ତାଳଗୁଡ଼, ଖଜୁରୀଗୁଡ଼ ରାନ୍ଧିବା, ମହୁଚାଷ କରିବା କାମ ନିଜ ଗ୍ରାମରେ ଆରମ୍ଭ କଲେ, ତଥା ଅନ୍ୟମାନଙ୍କୁ ଶିକ୍ଷାଦେଲେ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ସମୟରେ କାଇପଡ଼ା ଡ଼ାକଘର ପୋଡ଼ି କେସରେ ସେ କଟକ ଏବଂ ବ୍ରହ୍ମପୁର ଜେଲରେ ୨ବର୍ଷରୁ ଅଧିକ ଦିନ ଜେଲରେ କଟାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜଣେ ସ୍ୱେଚ୍ଛାସେବକ ରୂପେ ଭାରତ ସରକାରଙ୍କର କାମ କରିଥିଲେ । ତତ୍‌ପରେ ସେ I.T.I. Electrical Instructor ଭାବେ କଟକ, ବ୍ରହ୍ମପୁର, ରାଉରକେଲା ଏବଂ ହୀରାକୁଦରେ ଥିଲେ, ତାଙ୍କର ୧୩-୦୨-୧୯୮୨ରେ ଦେହାନ୍ତ ହୋଇଥିଲା ।

୧୫୦ । ଭଗବାନ ପତି- ନିଜ ଘର ବାଲିବିଲ ଅନ୍ୟାସପୁରରେ ଶ୍ୱଶୁର ମାଗୁଣି ପତିଙ୍କ ଘରେ ରହୁଥିଲେ । ୧୯୪୨ ମସିହାରେ କାଇପଡ଼ା ଗୁଳିକାଣ୍ଡ ସମୟରେ ଆରେଷ୍ଟ ହୋଇ ଦେଢ଼ ବର୍ଷରୁ ଅଧିକ ଦିନ ଜେଲରେ ଥିଲେ । ଜେଲରୁ ଫେରିବାପରେ ଦେହ ଖରାପ ହେଲା ଏବଂ ଖୁବ୍ କମ୍ ବୟସରେ ମୃତ୍ୟୁବରଣ କରିଥିଲେ ।

୧୫୧ । ଉମା ଦେଈ- ମା- କୁମୁଦିନୀ ମହାନ୍ତି, ପିତା- ଗୋପୀନାଥ ମହାନ୍ତି, ସ୍ୱାମୀ- ଧ୍ରୁବଚରଣ ମହାନ୍ତି, ଗ୍ରାମ- ରମ୍ଭା, ଜନ୍ମ- ୧୯୧୮ ମସିହାରେ । ୧୯୩୦ ମସିହାରେ ଲବଣ ଆନ୍ଦୋଳନ ସମୟରେ କାମରେ ସାମିଲ ହୋଇଥିଲି । ସେହି ସମୟଠାରୁ ମା' ରମାଦେବୀ ଅନ୍ନପୂର୍ଣ୍ଣା ମହାରାଣାଙ୍କ ସହ ରଚନାତ୍ମକ କାମ କରୁଥିଲି । ୧୯୪୨ରେ ଜେଲ ସମସ୍ତେ ଗଲେ, ମୋତେ ଘରେ ପୂରାଇ ତାଲା ଦେଇଦେଲେ । ତା ପରେ ମୁଁ ଜୀବନରେ ବହୁ କାମ କରିଛି ।

ବିବରଣୀ - ଉମାଦେଈ (୦୪.୦୩.୨୦୦୮)

Digitized by PPRACHIN, SOA

୧୫୨ । ବୃନ୍ଦାବନ ତ୍ରିପାଠୀ- ମାତା- ସଖୀ ଦେବୀ, ପିତା- ବଳରାମ ତ୍ରିପାଠୀ, ଗ୍ରାମ- ବାଲିପତିଆ, ପୋ- ବରଦା, ଥାନା- ବଡ଼ଚଣା, ଜିଲ୍ଲା- ଯାଜପୁର, ଜନ୍ମ- ୧୫/୦୧/୧୯୧୬ ମସିହାରେ ।

୧୯୩୪ ମସିହାରେ ଗାନ୍ଧିଜୀଙ୍କର ହରିଜନ ପଦଯାତ୍ରାରେ ଯୋଗଦେଇଥିଲେ ଛାତ୍ରାବସ୍ଥାରେ । ୧୯୩୯ ଓ ୧୯୪୦ରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ୬ମାସ ଜେଲବରଣ କରିଥିଲେ । ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଭାଗନେଇ କଟକ ଜେଲରେ ୩ବର୍ଷ ୬ମାସ କାରାଦଣ୍ଡ ଭୋଗିଥିଲେ । ଗାନ୍ଧିଜୀଙ୍କ ଅସବର୍ଣ୍ଣ ବିବାହକୁ ସମର୍ଥନ କରି ସାମାଜିକ ବିରୁଦ୍ଧ ସତ୍ତ୍ୱେ ବରୀର ହରିଜନ ଘରର ଝିଅ ସରସ୍ୱତୀଙ୍କୁ ଗୋପବନ୍ଧୁ ଚୌଧୁରୀ ଏବଂ ରମାଦେବୀଙ୍କ ପ୍ରେରଣାରେ ବିବାହ କରିଥିଲେ ।

୧୫୩ । ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ- ପି.- ମୁରଲିଧର ତ୍ରିପାଠୀ, ଗ୍ରାମ- ବାଲିପଡ଼ିଆ, ପୋ.- ବରଦା, ଭାୟା- ବାଲିଚନ୍ଦ୍ରପୁର, ଜିଲ୍ଲା- ଯାଜପୁର, ଜନ୍ମ- ୧୯୨୯ ମସିହା ।

୧୯୩୯ ମସିହାଠାରୁ ପାଠପଢ଼ା ଛାଡ଼ି ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଓ ମା ରମାଦେବୀଙ୍କ ନେତୃତ୍ୱରେ ବରୀ ଆଶ୍ରମରେ ମହାତ୍ମାଗାନ୍ଧୀଙ୍କ ପରିକଳ୍ପିତ ରଚନାତ୍ମକ କାର୍ଯ୍ୟରେ ଟ୍ରେନିଂ ନେଇ କାମ କରୁଥିଲେ । ୧୯୪୨ ମସିହାରେ "ମରଣସେନା" ବଡ଼ଚଣା ଅଞ୍ଚଳରେ ଗଠନ କରିଥିଲେ । ତାଙ୍କ ଘର ପୋଡ଼ିବା, ଜମିଦାରୀ କଚେରୀ ପୋଡ଼ି, ଗଞ୍ଜେଇ ଅଫିମ ଦୋକାନ ପୋଡ଼ିବା କେସ୍‌ରେ କୃଷ୍ଣନଗରରେ ଧରାହୋଇ ୯ମାସ ପର୍ଯ୍ୟନ୍ତ ଜେଲରେ ରଖିଲେ । ତତ୍‌ପରେ ମଧ ୩/୪ଥର ବିନା ଦୋଷରେ ଆରେଷ୍ଟ କରି ଏକ ବର୍ଷ ପର୍ଯ୍ୟନ୍ତ ରଖିଥିଲେ । ପରେ ଖଲାସ କଲେ । ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଗାନ୍ଧିଜୀଙ୍କ ଅସବର୍ଣ୍ଣ ବିବାହକୁ ସମର୍ଥନ କରି ବରୀ ରାମଚନ୍ଦ୍ରପୁରର ନାଥ ଘରର ଝିଅ ଫୁଲକୁ ବିବାହ କରି ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ।

୧୫୪ । ଅକ୍ରୁର ଜେନା- ପିତା- ଜନ୍ମେଜୟ ଜେନା, ଗ୍ରାମ- ଅଗରବିନ୍ଧା, ପୋ.- କ୍ଷମପଡ଼ା, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, ଜନ୍ମ- ୧୬-୦୯-୧୯୧୦ ମସିହାରେ ।

ବରୀ ଆଶ୍ରମରୁ ଇଂରେଜ ସରକାରଙ୍କ ଦ୍ୱାରା ଗିରଫହୋଇ ୧୯୪୨ ଅଗଷ୍ଟଠାରୁ ୧୯୪୪ ଅଗଷ୍ଟ ପର୍ଯ୍ୟନ୍ତ ବ୍ରହ୍ମପୁର ଜେଲରେ କାରାବରଣ କରିଥିଲେ । ଜେଲରୁ ଖଲାସ ହୋଇ ଖଦୀ କାର୍ଯ୍ୟରେ ମନୋନିବେଶ କରି ଗାନ୍ଧି ସେବା ସଂଘର କାର୍ଯ୍ୟକର୍ତ୍ତା ରହିଥିଲେ ।

Digitized by PPRACHIN, SOA

୧୫୫ । ରଙ୍ଗାଧର ମହାପାତ୍ର- ପିତା- ଲୋକନାଥ ମହାପାତ୍ର, ଗ୍ରାମ- ମୁଷାଟିକିରୀ, ପୋ.- ରଇପୁର, ଥାନା- ବଡ଼ଚଣା, ଭାୟା- ଚାରିଲଙ୍ଗଳ, ଜିଲ୍ଲା- ଯାଜପୁର, ଜନ୍ମ- ୧୯୧୧ ମସିହା ନଭେମ୍ବର ୧୦ ତାରିଖ ।

ସେ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ରାମଦାସପୁର ଓ ପାଥପୁର ଜମିଦାର କଚେରୀ ପୋଡ଼ିରେ କେଶ୍‌ରେ ଗିରଫହୋଇ ୧ବର୍ଷ ପାଞ୍ଚମାସ ଜେଲବରଣ କରିଥିଲେ । ପୋଲିସର ଅତ୍ୟାଚାରରେ ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା ।

୧୫୬ । ସୁଭଦ୍ରା ଦେବୀ- ପିତା- ଗେଡ଼ ସିଂ, ସ୍ୱାମୀ- ମଥୁରା ନନ୍ଦ, ଗ୍ରାମ- ଗୋବିନ୍ଦପୁର, ପୋ.- କଳାକୁଦା, ଭାୟା- ଗରଦପୁର, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, ଜନ୍ମ- ୧୯୨୧ ମସିହା ଜୁନ୍ ୧୫ ତାରିଖ ।

୧୯୩୮ରୁ ୧୯୪୧ ପର୍ଯ୍ୟନ୍ତ ୪ ବର୍ଷ ସେ ବରୀ ଆଶ୍ରମରେ ରହି ମା ରମାଦେବୀଙ୍କ ନିକଟରୁ ସୂତାକଟା କାର୍ଯ୍ୟ ଓ ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟ ଶିକ୍ଷା କରିଥିଲେ । ତତ୍ପରେ ନିଜ ସ୍ୱାମୀ ମଥୁରାନନ୍ଦଙ୍କ ଗ୍ରାମ ପିଜରକିରେ ସୂତାକଟା ଓ ହରିଜନ କାମ କଲେ । ୧୯୪୨ ଆନ୍ଦୋଳନରେ ଗିରଫ ହୋଇ ଖଲାସ ହେଲେ ଏବଂ ନିଜ ଅଞ୍ଚଳରେ ଗଠନମୂଳକ କାମ କଲେ ।

୧୫୭ । ଦାଶରଥି ସାମଲ- ପିତା- ଘନଶ୍ୟାମ ସାମଲ, ମାତା- ଲୀଳାବତୀ ସାମଲ, ପାଳିତ ମାତା- ହାରାମଣି ଦେବୀ, ସ୍ତ୍ରୀ- ଅଯୋଧ୍ୟା ସାମଲ, ଜିଲ୍ଲା- ଯାଜପୁର । ତା.୧୩-୦୭-୧୯୧୦ ମସିହାରେ ବରୀର ଅରଙ୍ଗାବାଦ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

ବରୀ ଅଞ୍ଚଳରେ ସେ ୧୯୩୪ ମସିହାରେ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ସମୟରେ ଯୋଗ ଦେଇଥିଲେ । ଗୋପବନ୍ଧୁ-ରମାଦେବୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ, ତତ୍‌ସହିତ ଜୀବନର ଜଣେ ସଫଳ ନାଟ୍ୟକାର ଭାବରେ ସେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ସେ ସଦାସର୍ବଦା ଜଣେ କର୍ମଠ, ନିରଳସ ଓ ଧର୍ମପ୍ରାଣ ବ୍ୟକ୍ତିଥିଲେ । ତାଙ୍କର ଦେହାନ୍ତ ତା ୧୫-୦୧-୨୦୦୩ରିଖରେ ହୋଇଯାଇଛି ।

Digitized by PPRACHIN, SOA

ପରିଶିଷ୍ଟ - ୧

ଉତ୍କଳରେ ଗାନ୍ଧୀଙ୍କର ହରିଜନ-ପଦଯାତ୍ରା

ଶ୍ରୀ ମୋହନ ଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମାଜୀ) ତା ୫ ମେ, ୧୯୩୪ରେ ଟ୍ରେନ୍‌ରୁ ଝାରସୁଗୁଡ଼ା ଜଙ୍କସନ୍‌ରେ ଓହ୍ଲାଇଲେ । ମୋଟରକାରରେ ସେଠାରୁ ସମ୍ବଲପୁରକୁ ଆସି ସକାଳ ୯ଟାରେ ପହଞ୍ଚିଲେ । ଦେଶମିଶ୍ରଣ କମିଟି ପକ୍ଷରୁ ଗାନ୍ଧୀଜୀଙ୍କୁ ମାନପତ୍ର ଦିଆଯାଇଥିଲା । ବାମୁଣ୍ଡାରେ ଡ଼ାକବଙ୍ଗଳାରେ ସେ ରାତ୍ରି କଟାଇଲେ । ମୋଟରକାରରେ ସେଠାରୁ ତା ୬ରିଖରେ ଆସି ଅନୁଗୁଳରେ ଏକ ଆମ୍ବ ବଗିଚା ଭିତରେ ତମ୍ବୁରେ ରହିଲେ । 'ଶାସ୍ତ୍ରରେ ଅସ୍ପୃଶ୍ୟତାର ଉଲ୍ଲେଖ ନାହିଁ । ହିନ୍ଦୁଧର୍ମରେ ଏହାଏକ କଳଙ୍କ; ଏହାକୁ ଦୂର କରିବାକୁ ହେବ'- ସେ ସଭାରେ ବୁଝାଉଥିଲେ ଓ ଲୋକେ ହରିଜନ-ପାଣ୍ଠିକୁ ଚାନ୍ଦା ଦେଉଥିଲେ । ହରିବୋଲ, ହୁଳହୁଳି ଓ କରତାଳି, 'ମହାତ୍ମାଗାନ୍ଧୀ କି ଜୟ' ଧ୍ୱନିରେ ଓ ଫୁଲ ଦେଇ ଲୋକେ ତାଙ୍କୁ ସମ୍ବର୍ଦ୍ଧନା ଜଣାଉଥିଲେ । ତା ୬ର ଉପରଓଳି ସେ ମେରାମଣ୍ଡଳୀରୁ ଟ୍ରେନରେ ପୁରୀ ଅଭିମୁଖେ ବାହାରି ରାତି ୧ଟାରେ ପୁରୀରେ ପହଞ୍ଚିଲେ ।

ତା ୭/୫/୩୪ ସୋମବାର ତାଙ୍କର ମୌନ ଦିବସ ଥିଲା । ତା ୮ ସନ୍ଧ୍ୟାରେ ସେ ପୁରୀରେ ୰ପଣ୍ଡିତ ଗୋପବନ୍ଧୁ ଦାସଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରି ଗୋପବନ୍ଧୁଙ୍କର ନିଃସ୍ୱାର୍ଥ କର୍ମ, ଉନ୍ନତ ଆଦର୍ଶ, ସରଳ ଜୀବନ ଆଦି ସଦ୍‌ଗୁଣର ଭୂୟସୀ ପ୍ରଶଂସା କଲେ ।

ତା ୯ ମେ ସକାଳ ଘ୫-୩୦ରେ ସେ ପଦଯାତ୍ରା ଆରମ୍ଭ କଲେ ।

ରହଣିର କ୍ରମାଙ୍କ	ତାରିଖ	ପହଞ୍ଚିବାର ସ୍ଥାନ	ଦୂରତା (ମାଇଲ)
୧	ମେ ୯/୧୯୩୪	ହରେକୃଷ୍ଣପୁର	୪$\frac{୧}{୨}$
୩		ସନ୍ଧ୍ୟାରେ ଚନ୍ଦନପୁର (ରାତିରେ ରହଣି)	୪
୪	୧୦	ସକାଳେ କାଦୁଆ	୪
୫		ସନ୍ଧ୍ୟାରେ ବୀରପୁରୁଷୋତ୍ତମପୁର "	୨
୬	୧୧	ସକାଳେ ଦାଣ୍ଡମୁକୁନ୍ଦପୁର	୪
୭	୧୧	ସନ୍ଧ୍ୟା ପିପିଲି ରାତିରେ ରହଣି	୪
୮	୧୨	ସକାଳେ ଶିଉଳା	୩$\frac{୧}{୨}$
୯		ସନ୍ଧ୍ୟା ବାଲକାଟି, ରାତିରେ ରହଣି	୩$\frac{୧}{୨}$

Digitized by PPRACHIN, SOA

୧୦	୧୩	ସକାଳେ ସତ୍ୟଭାମାପୁର (ପୁରୀ ଜିଲା)	୪
୧୧	୧୪	ସୋମବାର ବାଲିଅନ୍ତା (ମନ୍ଦିର ଉଦ୍‌ଘାଟନ)	୭ମୌନ
୧୨	୧୫	ସନ୍ଧ୍ୟା ତେଲେଙ୍ଗାପେଣ୍ଠ, ରାତି ରହଣି	୩
୧୩	୧୬	ସକାଳେ କାଜୀପାଟଣା	୩
୧୪		ଉପରଓଳି କଟକ କାଠଯୋଡ଼ି ବାଲି	୪
		ରାତିରେ କଟକରୁ ଟ୍ରେନ ଯୋଗେ ପାଟଣା (ବିହାର)	ଅଭିମୁଖେ

ଯାତ୍ରା ।

୧୫	୨୧	ସୋମବାର ବୈରୀ ରେଳଷ୍ଟେସନ	ମୌନ
୧୬		ଚମ୍ପାପୁର ହାଟ	
୧୭	୨୨	ଉପରଓଳି ଭେଡ଼ା, ରାତିରେ ରହଣି	୪
୧୮	୨୩	ସକାଳେ ଲେଖନପୁର	୪$\frac{୧}{୨}$
୧୯		ସନ୍ଧ୍ୟା ସତ୍ୟଭାମାପୁର (କଟକ ଜିଲ୍ଲା)	୩
୨୦	୨୪	ସକାଳେ ବହୁକୁଦ	୨$\frac{୧}{୨}$
୨୧		ସନ୍ଧ୍ୟା ଶିଶୁଆ ଡ଼ାକବଙ୍ଗଳା ରାତିରେ ରହଣି	୪
୨୨	୨୫	ସକାଳେ ଜିଗିନୀ-ପାଟପୁର	୩
୨୩		ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି " "	୬
୨୪	୨୬	ସକାଳେ କାକଟିଆ	୩
୨୫		ସନ୍ଧ୍ୟାରେ ସଲାର, ରାତିରେ ରହଣି	୪
୨୬	୨୭	ସକାଳେ ଭାଗବତପୁର (ବାଲିଆ)	୪
୨୭	୨୮	ସୋମବାର ଦିନରାତି ଗରାପୁର (କେନ୍ଦ୍ରାପଡ଼ା)	୪
୨୮	୨୯	ବାରିମୂଳ, ରାତିରେ ରହଣି	୪
୨୯	୩୦	ଇନ୍ଦୁପୁର (ମଠ)	୪
୩୦		ସନ୍ଧ୍ୟାରେ ଅନ୍ୟାସୀପୁର, ରାତିରେ ରହଣି	୫
୩୧	୩୧	ସକାଳଓଳି ବରୀ	୫
୩୨		ସନ୍ଧ୍ୟାରେ-ସାହସ ଗୋବିନ୍ଦପୁର, ରାତିରହଣି	୫
୩୩	ଜୁନ୍ ୧	ସକାଳେ ପୁରୁଷୋତ୍ତମପୁର	୪

Digitized by PPRACHIN, SOA

୩୪		ସନ୍ଧ୍ୟାରେ ବୁଢ଼ା-ଘାଟ, ରାତିରେ ରହଣି	୩
୩୫	୨	ସକାଳେ ଯାଜପୁର ସହର	୪
୩୬		ସନ୍ଧ୍ୟାରେ ମଣ୍ଡୁରୀ (ଗ୍ରାମ), ରହଣି	୫
୩୭	୩	ସକାଳେ ଭଣ୍ଡାରୀପୋଖରୀ	୪ ୧/୨
୩୮	୩	ସନ୍ଧ୍ୟାରୁ ସକାଳ — ତୋଢ଼ଙ୍ଗ	୨ ୧/୨ ମୌନ
	୫		
୩୯	୫	ଦିନବେଳେ ବାରିକପୁର ଛକ	୭
୪୦	୫	ସନ୍ଧ୍ୟାରୁ ସକାଳ — ଗରଦପୁର ଆଶ୍ରମ	୪
	୭		
୪୧	୮	ଦିନବେଳର ଟ୍ରେନ ପର୍ଯ୍ୟନ୍ତ — ଭଦ୍ରକ ସହରରେ ମହତାବ ବାବୁଙ୍କ କୋଠା ରହଣି ଓ ଟ୍ରେନରେ ଓ୍ୱାର୍ଦ୍ଧାକୁ ପ୍ରସ୍ଥାନ ।	୨+୪

ତା ୮ ର ଦିନବେଳର ଟ୍ରେନରେ ଭଦ୍ରକରୁ ଓ୍ୱାର୍ଦ୍ଧା ଅଭିମୁଖେ ପ୍ରସ୍ଥାନ ।

ମୋଟ ୪୧ ରହଣି ୨୬ ଦିନ ପୁରୀଠାରୁ ଭଦ୍ରକ ରେଳଷ୍ଟେସନ ୧୫୯ ମାଇଲ ।

[ଅନ୍ନପୂର୍ଣ୍ଣା ଚୌଧୁରୀଙ୍କର (ମହାରାଣା) ନୋଟ୍ ଖାତାରୁ ସଂଗୃହୀତ]

ପରିଶିଷ୍ଟ - ୭

ଉତ୍କଳରେ ପଦଯାତ୍ରା ଗାନ୍ଧୀଜୀଙ୍କର ସହଯାତ୍ରୀଙ୍କର ନାମ

୧ । ଗୋପବନ୍ଧୁ ଚୌଧୁରୀ
୨ । ରାଜକୃଷ୍ଣ ବୋଷ
୩ । ବିନୋଦ କାନୁନଗୋ
୪ । ମନମୋହନ ଚୌଧୁରୀ
୫ । ରମାଦେବୀ
୬ । ଜଗନ୍ନାଥ ଶତପଥୀ
୭ । ଗୁଣନିଧି ମହାନ୍ତି
୮ । ସୁରେନ୍ଦ୍ର ପଟ୍ଟନାୟକ
୯ । ଗୋଦାବରୀ ଦେବୀ
୧୦ । ସୁଶୀଳା ଦେବୀ
୧୧ । ମଙ୍ଗଳା ସେନଗୁପ୍ତ
୧୨ । ଶୋଭା ପଣ୍ଡା
୧୩ । ମାଣିକ
୧୪ । ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରାଣା)
୧୫ । ତୁଳସୀ
୧୬ । ପୁରୁବାଈ

୧ । ଠକକ୍ର ବାପା
୨ । ପ୍ରଫେସର୍ ମାଲକାନୀ
୩ । ଲାଲା ଅଚିନ୍ତା ରାମ
୪ । ଦାମୋଦର ଦାସ ମୁନ୍ଦ୍ରା
୫ । ମୀରା ବେନ
୬ । ସୁଶୀଳା ପାଈ

Digitized by PPRACHIN, SOA

୭ । ପ୍ରଭାବତୀ ଦେବୀ (ବିହାର)	୮ । ଉମା ବଜାଜ	୯ । କୃଷ୍ଣ ମେନନ
୧୦ । ବାଲ କାଲେଲକର	୧୧ । ପୃଥ୍ୱୀରାଜ ଅସର	୧୨ । ଦେ ରାଜ
୧୩ । କେ : ବୁଟୋ	ମଧ୍ୟେ ମଧ୍ୟେ ଆସିଥିଲେ:	
୧୪ । ମିନୁ ମାସାନୀ	୧୫ । ବିୟୋଗୀ ହରି	୧୬ । ଆଗାଥା ହାରିସନ୍
୧୭ । ପାୟର୍ ସେରିସୋଲ	୧୮ । ନୀଳକଣ୍ଠ ଦାସ	୧୯ । ଲିଙ୍ଗରାଜ ମିଶ୍ର
୨୦ । ହରେକୃଷ୍ଣ ମହତାବ	୨୧ । ମାଳତୀ ଚୌଧୁରୀ	୨୨ । ଆଚାର୍ଯ୍ୟ ହରିହର
		[ଦାସ ଜେଲରୁ ଖଲାସ ହୋଇ]

ପରିଶିଷ୍ଟ - ୩

ବରୀ ଅଞ୍ଚଳକୁ ଆସିଥିବାକେତେକ ବିଶିଷ୍ଟ ବ୍ୟକ୍ତିଙ୍କର ନାମ

[କ] ଲକ୍ଷ୍ମୀନାରାୟଣ ସାହୁ, ପଣ୍ଡିତ ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ସୁଭଦ୍ରା ବିବୀ ମହତାବ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ କୃପାସିନ୍ଧୁ ହୋତା, ଲକ୍ଷ୍ମୀନାନୀ, ସୁନାମଣୀ ଦେବୀ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ଯଦୁମଣି ମଙ୍ଗରାଜ, ଶଙ୍କରଲାଲ ବ୍ୟାଙ୍କର, କାଶୀନାଥ ତ୍ରିବେଦୀ, ପ୍ୟାରେଲାଲ, ସତୀଶଚନ୍ଦ୍ର ଦାସଗୁପ୍ତ, ରାଜକୃଷ୍ଣ ବୋଷ, ପୁରୁବାଈ, ଈଶ୍ୱରଲାଲ ବ୍ୟାସ, ଜୀବରାମ କଲ୍ୟାଣୀ, ରଘୁନାଥ, ଶ୍ରୀଧର ଧୋତ୍ରେ, ଗୋମତୀ ବେନ, କିଶୋରଲାଲ ମଶ୍ରୁୱାଲା, କାକା କାଲେଲକର ଓ୍ୱର ଓ୍ୱଅକର (କର୍ଣ୍ଣାଟକ), କବି ବୀରକିଶୋର ଦାସ, ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ନନ୍ଦକିଶୋର ଦାସ, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ, ଗୋକୁଳାନନ୍ଦ ମହାନ୍ତି ଓ ତାଙ୍କ ପତ୍ନୀ କନକ ଦେବୀ, ନିତ୍ୟାନନ୍ଦ କାନୁନଗୋ, ଶୈଳବାଳା କାନୁନଗୋ, କବିରାଜ ବ୍ରଜନାଥ ମିଶ୍ର (କେନ୍ଦୁପାଟଣା), ହରେକୃଷ୍ଣ ବିଶ୍ୱାଳ, ଭଗବତୀ ଚରଣ ପାଣିଗ୍ରାହୀ, ଗଦାଧର ଦତ୍ତ ।

[ଖ] ଅ. ଭା. ଚରଖା ସଙ୍ଘର କର୍ମୀ ବରୀରେ ରହିଥିଲେ ; କୃପାସିନ୍ଧୁ ପଣ୍ଡା ଓ ତାଙ୍କର ପତ୍ନୀ ଶୋଭାବତୀ ଦେବୀ, ଅଲେଖ ପ୍ରସାଦ ଦାସ ଓ ତାଙ୍କ ପତ୍ନୀ ସ୍ନେହଲତା, ବ୍ରଜମୋହନ ସିଂହ (ଚାଟୁବାବୁ), ଗାନ୍ଧୀ ସେବା ସଙ୍ଘର ଅନ୍ୟ ଅନେକ ସଦସ୍ୟ ।

[ଗ] ଓଡ଼ିଶାର ପଶୁପାଳନ ବିଭାଗର ଡ଼ିରେକ୍ଟର ଗୁରୁବଚନସିଂହ, ଶିକ୍ଷାବିଭାଗର ଡ଼ିରେକ୍ଟର ଶ୍ୟାମଚରଣ ତ୍ରିପାଠୀ ଓ ଇଞ୍ଜିନିଅର୍ ମହେନ୍ଦ୍ର ଭୂୟାଁ, ଓଡ଼ିଶା ବେସିକ୍ ଏଡୁକେଶନ ବୋର୍ଡ଼ର ମେମ୍ବରଗଣ ।

Digitized by PPRACHIN, SOA

ହିନ୍ଦୁସ୍ତାନୀ ତାଲୀମ ସଙ୍ଘର ଆର୍ଯ୍ୟନାୟକମ୍ ଓ କଟକ ଟ୍ରେନିଂ କଲେଜର ପ୍ରିନ୍‌ସପାଲ ମହେଶଚନ୍ଦ୍ର ପ୍ରଧାନ, ପ୍ରଫେସର ଶ୍ରୀରାମଚନ୍ଦ୍ର ମହାପାତ୍ର ଓ ଅଧାପକ ରାମନାରାୟଣ ମହାନ୍ତି, କୁମାରୀ ନିର୍ମଳାବାଳା ନାୟକ (ଇନ୍‌ସପେକ୍‌ଟ୍ରେସ୍ ଅଫ୍ ସ୍କୁଲସ୍), ଦୁଃଖୀଶ୍ୟାମ ମିତ୍ର (ଡେ଼ପୁଟି ଇନ୍‌ସପେକ୍ଟର), ମିଷ୍ଟର ସଚ୍ଚିଦାନନ୍ଦ ରାୟ (ଇନ୍‌ସପେକ୍ଟର), ହରିହର ମିଶ୍ର (ଦକ୍ଷିଣ ଓଡ଼ିଶାର ଇନ୍‌ସପେକ୍ଟର), ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ (ତା ୯/୪/୪୧ରେ) ଗଦାଧର ଦତ୍ତ, ସାଧୁଚରଣ ମହାନ୍ତି (ଅବସର ପ୍ରାପ୍ତ ଜିଲ୍ଲା ଜଜ୍) କାକା କାଲେଲକର, ଆଶାଦେବୀ ଆର୍ଯ୍ୟନାୟକମ୍, ଜଗନ୍ନାଥ ଦାସ (କଣ୍ଟାପାଡ଼ି), ମୋତିଲାଲ ପଣ୍ଡିତ ଓ ତାଙ୍କର ପତ୍ନୀ ରୂପକୁମାରୀ ଦେବୀ, ହରେକୃଷ୍ଣ ମହତାବ, ବଦ୍ୟନାଥ ବର୍ମା (ବିହାରର ଶିକ୍ଷାମନ୍ତ୍ରୀ), ନୀଳାମ୍ବର ଦାସ, ଜୁଆଲା ପ୍ରସାଦ ସରାଓଗୀ, ସୁଧୀର ଘୋଷ, ଡ଼କ୍ଟର ଶରତ୍‌ଚନ୍ଦ୍ର ମିଶ୍ର (ଏପ୍ରିଲ ୪୬), (ନବକୃଷ୍ଣ ଚୌଧୁରୀ ତା ୧୫/୬/୪୬), ଲୋକନାଥ ମିଶ୍ର (ପୁରୀ) ଓ ଦୀନବନ୍ଧୁ ବେହେରା (ବ୍ରହ୍ମପୁର) ତା ୧୬/୬/୪୬ରେ, ତା ୨୪/୯/୪୬ରେ ଅମୃତଲାଲ ଠକ୍‌କର ଶ୍ୟାମସୁନ୍ଦର ମିଶ୍ର ଓ ନାରାୟଣ ଚନ୍ଦ୍ର ଘୋଷ, ତା ୨୬/୯/୪୬ରେ... ଥଡ଼ାନୀ (ବ୍ରଜରାଜ ନଗର) ଓ ପଣ୍ଡିତ ପ୍ରା. ପଢ଼ିଆରୀ ।

୪/୧୨/୪୬ରେ ଗୋବର୍ଦ୍ଧନ ପୁରୁଷୋତ୍ତମ ଦାସ ଦୁତିଆ ଓ ତାଙ୍କର ପତ୍ନୀ ରମ୍ଭାବେନ

୫/୧୨/୪୬ରେ ମୁକୁନ୍ଦ ମିଶ୍ର, M.Sc.(ପୁରୀ),

୧୫/୧୨/୪୬ରେ ରାଧା କୃଷ୍ଣ ବିଶ୍ୱାସରାୟ (P.W.D. ମନ୍ତ୍ରୀ),

୨୭/୧/୪୭ରେ ହରିହର ମିଶ୍ର (ଅର୍ଗାନାଇଜର),

୨୯/୧/୪୭ ବିଭୂତିଭୂଷଣ ବାନାର୍ଜୀ,

ବୈକୁଣ୍ଠନାଥ ମହାନ୍ତି (ଗୀତ ନାଟ୍ୟକାର),

ନାରାୟଣ ଦେଶାଈ (ଗୁଜୁରାଟ, ବେଡ଼ଚି),

୧୯୪୯ରେ ସୁଶୀଳା ପାଇ (କସ୍ତୁରବା ନିଧିର ସମ୍ପାଦିକା),

ତା୩୧/୭/୪୭ ଅନ୍ନପୂର୍ଣ୍ଣା ଦାସ, ପ୍ରମୋଦିନୀ ପ୍ରଧାନ ଓ ନିରୁପମା ପାଢ଼ୀ,

୪/୪/୪୮ ମାନ୍ୟବର ଗବର୍ଣ୍ଣର କୈଳାସନାଥ କାଟଜୁ

୯/୧୨/୪୮ ଡ଼ାକ୍ତର କାଳୀପଦ ଚୌଧୁରୀ ଓ ତା ୨୫/୩/୪୯ ପର୍ଯ୍ୟନ୍ତ ରହିଲେ ।

୩/୮/୪୯ ନବକୃଷ୍ଣ ଚୌଧୁରୀ ତା ୩୦/୧୧/୪୯ ବଲ୍ଲଭସ୍ୱାମୀ (ସର୍ବସେବା ସଙ୍ଘ) ।

୩୦/୧/୫୦ ରାଜକୃଷ୍ଣ ବୋଷ ଓ ତା ୨୪/୮/୫୦ରେ

Digitized by PPRACHIN, SOA

୨୧/୬/୫୩ ସାଧୁଚରଣ ମହାନ୍ତି (ଅବସର ପ୍ରାପ୍ତ ଜିଲା ଜଜ୍),

୨୨/୨/୫୫ ଆଚାର୍ଯ୍ୟ ବିନୋବା ଭାବେ

୩୧/୧୨/୫୫ ସର୍ବସେବା ସଙ୍ଘର ସମ୍ପାଦକ ବଲ୍ଲଭ ସ୍ୱାମୀ ରାମଚନ୍ଦ୍ରପୁରରେ ଗୋପବନ୍ଧୁ ଚୌଧୁରୀଙ୍କୁ ଦେଖାକଲେ

୨୧/୧୧/୫୬ ବର୍ମାର ପ୍ରଧାନ ମନ୍ତ୍ରୀ U.Nu.ଲଳିତଗିରି ଦେଖିଲେ

୨୩/୪/୫୭ ଜୟପ୍ରକାଶ ନାରାୟଣ ଓ ପ୍ରଭାବତୀ ଦେବୀ

୨୭/୫/୫୭ ନନ୍ଦିନୀ ଶତପଥୀ

୨୫/୨/୫୮ ଦେବଲା ମିତ୍ର (ଭାରତ ପ୍ରତ୍ନତତ୍ତ୍ୱ ବିଭାଗ),

୧୧/୧/୫୮ ଇଞ୍ଜିନିଅର ହେମନ୍ତ ମହାନ୍ତି ଓ ଅଣ୍ଣାସାହେବ ସହସ୍ରବୁଦ୍ଧେ

ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ (ତା ୨୯/୧୦ ରୁ ତା ୧/୧୧/୫୮)

୨୯/୧/୫୯ କେନ୍ଦ୍ର ମନ୍ତ୍ରୀ ହୁମାୟୁନ କବୀର ରତ୍ନଗିରି ପରିଦର୍ଶନ କଲେ ।

୨୭/୮/୬୦ ବନମାଳୀ ପଟ୍ଟନାୟକ, ଗଦାଧର ଦତ୍ତ ଓ ଶାନ୍ତନୁ କୁମାର ଦାସ

୨୮/୮/୬୦ ବିରଜା ପ୍ରସାଦ ରାୟ ଓ ତାଙ୍କର ପତ୍ନୀ କିରଣବାଲା ଦେବୀ

୨୯/୮/୬୦ ମହେଶଚନ୍ଦ୍ର ରଥ (ADM)

୧୦/୯/୬୦ ନବକୃଷ୍ଣ ଚୌଧୁରୀ । ୧/୧୦/୬୦ ଜୟକୃଷ୍ଣ ମହାନ୍ତି (ଭୁବନେଶ୍ୱର)

୨/୧୦/୬୦ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ (କନିକା) ଓ ଚୀଫ୍ ଇଞ୍ଜିନିଅର୍ ମାଧବ ପାଣି

୧୨/୧୦/୬୦ ହ. ମହତାବ (ମୁଖ୍ୟମନ୍ତ୍ରୀ) ଓ ସୁଧୀର କୁମାର ପାଲିତ୍ (ଚିଫ୍ ଇଞ୍ଜିନିୟର)

୧୪/୧୦/୬୦ S.K. Bawa(କଟକର କଲେକ୍ଟର) । ବଜରଙ୍ଗ ଲାଲ ଚୌଖାନୀ

୧୬/୩/୬୧ ସେବକ ରାମ (ଲୋକସେବକ ମଣ୍ଡଳର ସମ୍ପାଦକ)

ତା୧୦ ୍ /୬୧ ଗୌରାଙ୍ଗ ଚରଣ ଦାସ (କଟକ ଜିଲାପରିଷଦ୍‌ର ସଭାପତି)

୭/୪/୬୨ କୁମାରୀ ବିବାସିନୀ ମହାନ୍ତି (ଇନ୍‌ସପେକ୍ଟର ଅଫ୍ ସ୍କୁଲ)

୧୨/୯/୬୨ ପ୍ରଫେସର ବୈଦ୍ୟନାଥ ରଥ ଓ ପ୍ରଫେସର ଶତ୍ରୁଘ୍ନ ନାଥ

୧୮/୧/୬୩ କନକଲତା ଦେବୀ (ନରସିଂହପୁରର ରାଜମାତା)

୧୮/୨/୬୩ଡ଼କ୍ଟର ସଦାଶିବ ମିଶ୍ର (ଶିକ୍ଷା ବିଭାଗର ଡ଼ିରେକ୍ଟର)

୨୯/୫/୬୫ ପ୍ରଫେସର ମହେନ୍ଦ୍ର କୁମାର ରାଉତ ଓ ପ୍ରଫେସର କ୍ଷେତ୍ରମୋହନ ପଟ୍ଟନାୟକ

୧୬/୮/୮୨ ପାନ୍ନାଲାଲ ଦାସଗୁପ୍ତା (ଟାଗୋର ସୋସାଇଟିର ସମ୍ପାଦକ)

Digitized by PPRACHIN, SOA

୧୬/୪/୮୯ ଡ଼କ୍ଟର ଗୋକୁଳଚନ୍ଦ୍ର ସେନଗୁପ୍ତ (କୃଷି ବିଭାଗର ଅବସରପ୍ରାପ୍ତ ଡ଼ିରେକ୍ଟର) ଓ ନିତ୍ୟାନନ୍ଦ ପାଢ଼ୀ

୨୮/୫/୮୯ କେନ୍ଦ୍ରମନ୍ତ୍ରୀ ଚିନ୍ତାମଣି ପାଣିଗ୍ରାହୀ (ରାମଚନ୍ଦ୍ରପୁର 'ବାଣୀ-ଶ୍ରୀ'ର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେଇଥିଲେ) ।

ପରିଶିଷ୍ଟ - ୪

ନିବେଦନ

ବନ୍ଧୁ !

ଆପଣ କଂଗ୍ରେସର ଜଣେ ସଭ୍ୟ ହୋଇଛନ୍ତି । ଖଣ୍ଡିଏ କାଗଜରେ ଦସ୍ତଖତ କରି ଚାରିଅଣା ଚାନ୍ଦା ଦେଇଛନ୍ତି । ଲୋକେ ତ କରଜ ଧାର ଦେବାବେଳେ ଦଲିଲ ଦସ୍ତାବିଜରେ ଦସ୍ତଖତ କରିଥାନ୍ତି । ଏଠି କି ଦଲାଲରେ ଦସ୍ତଖତ କରିଛନ୍ତି ? ଓଲଟା ପୁଣି ହାତରୁ ଚାରି ଅଣା ପଇସା ଦେଇଛନ୍ତି । ଦଲାଲରେ ରେଜିଷ୍ଟ୍ରିଫୀସ୍ ଦେଲା ଭଳି ଏ କଂଗ୍ରେସ-ଚାନ୍ଦା ଦେଇଛନ୍ତି । କଥାଟା ହେଉଛି, ଆପଣ ଗୋଟିଏ ପ୍ରକାରର ଚୁକ୍ତିପତ୍ରରେ ଦସ୍ତଖତ କରିଛନ୍ତି ? ଆପଣ ଏ ଚୁକ୍ତି ଆପଣା ଦେଶ ସାଙ୍ଗରେ କରିଛନ୍ତି । ଏ ସଂକଳ୍ପ ଆପଣ ଦେଶର ମଙ୍ଗଳ ପାଇଁ କରିଛନ୍ତି । ଦେଶର ଦଶଙ୍କର ମଙ୍ଗଳ ପାଇଁ ଦେଶରେ ସ୍ୱରାଜ୍ୟ ଲୋଡ଼ା । ସେହି ସ୍ୱରାଜ୍ୟ ପାଇଁ ଆପଣ ଦସ୍ତଖତ କରିଦେଇଛନ୍ତି । ସେଥିପାଇଁ ଆପଣ କିଛି ନା କିଛି କରିବେ ଚୁକ୍ତି କରିଛନ୍ତି । ମନରେ ସଂକଳ୍ପ କରିଛନ୍ତି, ଆପଣ ଆପଣଙ୍କର ବଳକୁ ଅନେଇ ଯଥାଶକ୍ତି ସ୍ୱରାଜ୍ୟ ପାଇଁ ଚେଷ୍ଟା କରିବେ । ଏଥିରେ ନଗଦ ଲାଭ ନାହିଁ । ଏଥିରେ ଯେ ଲାଭ, ତାହା ଭବିଷ୍ୟତକୁ ମିଳିବ । ସେ ଲାଭ ଆମର ପରମ ଇଷ୍ଟ ଲାଭ । ସେ କେବେ ମିଳିବ, ତାହା ସମସ୍ତଙ୍କର ଚେଷ୍ଟା ଉପରେ ନିର୍ଭର କରେ । ଚେଷ୍ଟା କଲେ ତ ଦିନକରେ ମିଳିବ ।

ଏ ଚୁକ୍ତିରେ, ସଙ୍କଳ୍ପରେ ଗୋଟିଏ ବିଶେଷ କଥା ଅଛି ଯେମିତି ପାରେ ସେମିତି ସ୍ୱରାଜ୍ୟ ହେବନାହିଁ । କଂଗ୍ରେସର ଉଦ୍ଦେଶ୍ୟ ଫାରମରେ ଲେଖାଅଛି "ଶାନ୍ତିପୂର୍ଣ୍ଣ ଓ ନ୍ୟାୟସଙ୍ଗତ ଉପାୟରେ ସ୍ୱରାଜ୍ୟ-ପ୍ରାପ୍ତି ।" ନ୍ୟାୟରେ ଚଳିବାକୁ ହେବ, ଶାନ୍ତିରେ ଚଳିବାକୁ ହେବ । ତେବେ ଯାଇ ସ୍ୱରାଜ୍ୟ ପାଇବା । ସତ୍ୟ ଛଡ଼ା ନ୍ୟାୟ ନାହିଁ ଅହିଂସାକୁ ଛାଡ଼ି ଶାନ୍ତି ନାହିଁ; ସେଥିପାଇଁ କଂଗ୍ରେସର ମୂଳମନ୍ତ୍ର ହେଉଛି, ସତ୍ୟ ଓ ଅହିଂସା । ସେହି ସତ୍ୟ ଓ ଅହିଂସାର ବାଟ ଧରି ଆପଣଙ୍କୁ ଚୁକ୍ତି ରକ୍ଷା କରିବାକୁ ହେବ । ସଙ୍କଳ୍ପ ସାଧନ କରିବାକୁ ହେବ ।

Digitized by PPRACHIN, SOA

ଏ ବ୍ରତର ସାଧନ ପାଇଁ ତପସ୍ୟା ଦରକାର । ଖାଲି ମୁନି, ଋଷି ବଣରେ ବସି ତପସ୍ୟା କରନ୍ତି ନାହିଁ । ପ୍ରତ୍ୟେକ ମନୁଷ୍ୟ ଆପଣା ଉଦ୍ଦେଶ୍ୟ-ସାଧନାରେ, ସଙ୍କଳ୍ପ-ସିଦ୍ଧି ପାଇଁ ଯେଉଁ କଷ୍ଟ ସ୍ୱୀକାର କରେ, ତାକୁ ହିଁ ତପଶ୍ଚର୍ଯ୍ୟା କହନ୍ତି । ଏ ତପଶ୍ଚର୍ଯ୍ୟାରେ "ସତ୍ୟ ଓ ଅହିଂସା" ମୂଳମନ୍ତ୍ର । ସେଥିଯୋଗୁଁ ମନ ଶୁଦ୍ଧ ହେବା ଦରକାର । କଷ୍ଟ ସ୍ୱୀକାରର ଅର୍ଥ ସ୍ୱାର୍ଥତ୍ୟାଗ । ସେଥିପାଇଁ ଆପଣଙ୍କୁ ସ୍ୱରାଜ୍ୟ ପାଇଁ କିଛି ସ୍ୱାର୍ଥ ତ୍ୟାଗ କରିବାକୁ ହେବ । ସବୁବେଳେ ସ୍ୱାର୍ଥ ଚିନ୍ତା କରି କରି ମନୁଷ୍ୟର ମନ ମଳିନ ହୋଇଯାଏ । ବେଳେ ବେଳେ ସ୍ୱାର୍ଥ ଚିନ୍ତା ଛାଡ଼ି ଦେଶଚିନ୍ତା ଆବଶ୍ୟକ ।

ଏ ତପଶ୍ଚର୍ଯ୍ୟାରେ ଆପଣ ଏକା ନୁହନ୍ତି, ଆପଣଙ୍କ ସଙ୍ଗେ ଆଉ ଅନେକ ଲୋକ କଂଗ୍ରେସ-ସଭ୍ୟ ହୋଇଛନ୍ତି । ସେଥିପାଇଁ ଏ କାର୍ଯ୍ୟରେ ସାଧନା ପାଇଁ ସଙ୍ଘର ଲୋଡ଼ା । ସଙ୍ଘବଦ୍ଧ ହୋଇ କାମ କଲେ ଫଳ ଶୀଘ୍ର ମିଳେ । ଆଜି ଏଥିପାଇଁ କଂଗ୍ରେସ ମହାସଙ୍ଘ । ଆପଣମାନଙ୍କୁ ପ୍ରାଇମେରୀ କଂଗ୍ରେସ କମିଟିରେ ସଙ୍ଘବଦ୍ଧ ହେବାକୁ ପଡ଼ିବ । ପ୍ରାଇମେରୀ କମିଟି ଜରିଆରେ ଦେଶପାଇଁ, ଦଶଙ୍କ ପାଇଁ କିଛି କରିବାକୁ ହେବ ।

ଆପଣଙ୍କ କମିଟରେ ବସି ଗାଁର ଭଲମନ୍ଦ ଯେଉଁଥିରେ ହେଉଛି ବା ହେବ, ସେ କଥା ଆଲୋଚନା କରନ୍ତୁ । (୧) ନିଜେ ଗାଁର ସ୍ୱାସ୍ଥ୍ୟରକ୍ଷା ପାଇଁ, ସାହିପଡ଼ିଶାଙ୍କର ଭଲ ପାଇଁ ଆପଣାର ଗାଁ ପରିଷ୍କାର ରଖନ୍ତୁ; ଆପଣାର କୁ-ଅଭ୍ୟାସମାନ ଛାଡ଼ନ୍ତୁ ଓ ଗାଁକୁ ମଇଳା କରନ୍ତୁ ନାହିଁ । (୨) ଗାଁର ପଇସା ଗାଁରେ ରଖନ୍ତୁ । ବିଦେଶୀ ଜିନିଷର ଚାକଚକ୍ୟରେ ଭୁଲନ୍ତୁ ନାହିଁ । ଟିକିଏ କଷ୍ଟ ସ୍ୱୀକାର କରି ଆପଣା ଦେଶରେ ତିଆରି ମୋଟାସୋଟା ଜିନିଷ ବ୍ୟବହାର କରି ସନ୍ତୁଷ୍ଟ ହୁଅନ୍ତୁ । (୩) ବିବାହ, ଶ୍ରାଦ୍ଧ, ପୁଣ୍ୟପର୍ବରେ ବାଜେ ଖର୍ଚ୍ଚ କରି ଋଣଗ୍ରସ୍ତ ହୁଅନ୍ତୁନାହିଁ । ବୃଥା ଆଡ଼ମ୍ବରରେ ଲାଭନାହିଁ । (୪) ଆପଣାର ପଇସା ପରକୁ ଦିଅନ୍ତୁ ନାହିଁ । ଗାଁର ଇଜ୍ଜତ ପଦାରେ ପକାନ୍ତୁ ନାହିଁ । ଗାଁର କଳି ଗାଁରେ ତୁଟାନ୍ତୁ । ତେବେ, ଆମର ଯେ ସତ୍ୟ ଓ ହିଂସା ଆଶ୍ରୟ (ଅଟେ), ଏକଥା ଆମେ ଭୂଲିବା ନାହିଁ । ପଞ୍ଚାୟତ ନିରପେକ୍ଷ ହେବା ଆବଶ୍ୟକ । ପଞ୍ଚାୟତ ନିଷ୍ପତିରେ ଜୋରଜୁଲମ ରଖିବେ ନାହିଁ । (୫) ଆପଣ ଅନ୍ୟାୟ ଜୁଲମକୁ ଡ଼ରିବେ ନାହିଁ । ଆପଣ ଡ଼ରିଲେ, ଆପଣଙ୍କ ଦେଖା ଦେଖି ଅନ୍ୟ ସାହି-ପଡ଼ିଶା ଡ଼ରିବେ । ଯେ ଡ଼ରାଉଛି, ସେ ବେଶି ଡ଼ରାଇବ । ଦେଶର ଦଶଙ୍କର କ୍ଷତି ବେଶି ହେବ । ସେଥିପାଇଁ ମନରୁ ଭୟ ଦୂର କରି, ସତ୍ୟ ଓ ଅହିଂସାର ପଥରେ ରହି ଅସତ୍ୟ ଓ ଅନ୍ୟାୟର ବିରୋଧ କରନ୍ତୁ । (୬) ଅଳସୁଆ ହୋଇ ବସନ୍ତୁ ନାହିଁ । ଆପଣ ଅଳସୁଆ ହେଲେ ସମସ୍ତେ ଅଳସୁଆ ହେବେ । ଅଳସୁଆ ହେଲେ, ଦେଶରେ ହିଂସା ବଢ଼େ । ଯେ ନିଜେ ପରିଶ୍ରମ ନକରି, ଉତ୍ପାଦନ ନକରି, ଖାଏ ଏବଂ ଅନ୍ୟର ଉତ୍ପନ୍ନ ପଦାର୍ଥ ଖାଇ (ବା ବ୍ୟବହାର କରି) ଚଳେ, ସେ ହିଂସା କରେ । ସେଥିରେ ଅସମତା

Digitized by PPRACHIN, SOA

ବଢ଼େ, ଅଶାନ୍ତି ବଢ଼େ । (୭) ନିଶା-ଦ୍ରବ୍ୟ ବ୍ୟବହାର କରନ୍ତୁ ନାହିଁ । ତାହା ଦ୍ୱାରା ବୁଦ୍ଧି ମଳିନ ହୁଏ, ଧନ-ସମ୍ପତ୍ତି ଉଡ଼ିଯାଏ । ସର୍ବନାଶ ହୁଏ । ଗାଁରୁ ନିଶା ବନ୍ଦ କରନ୍ତୁ । (୮) "ନର ଦେହେ ନାରାୟଣ" ଅଛନ୍ତି । ମନୁଷ୍ୟକୁ ଅଛୁଆଁ କରି ନାରାୟଣଙ୍କର ଅବମାନନା କରନ୍ତୁ ନାହିଁ । ହିନ୍ଦୁ ଧର୍ମର ରକ୍ଷା ପାଇଁ ଅସ୍ପୃଶ୍ୟତାଭୂତକୁ ତଡ଼ନ୍ତୁ । ଆମେ ଆମର ଦେଶଭାଇଙ୍କୁ ଅସ୍ପୃଶ୍ୟ କରିଥାଇ ବୋଲି ଆମ କଳା ଲୋକେ ଆଜି ଦେଶ ବିଦେଶରେ ଅନ୍ୟଙ୍କ ପାଖରେ ଅସ୍ପୃଶ୍ୟଅଟନ୍ତି । ନିଜେ ଅନ୍ୟାୟ ଜୁଲମ ବନ୍ଦ ନକଲେ, ଆମ ଉପରେ ଅନ୍ୟାୟ ଜୁଲୁମ ବନ୍ଦ ହେବ ନାହିଁ ।

ଆପଣଙ୍କର

ବରୀ-କଟକ, ଗୋପବନ୍ଧୁ ଚୌଧୁରୀ

ତା୧୧/୧/୧୯୩୮ ମସିହା

[ବିଶେଷ ଦ୍ରଷ୍ଟବ୍ୟ-ପ୍ରାଥମିକ କଂଗ୍ରେସ କମିଟି ଗଢ଼ିବାକୁ ହେଲେ, ଗୋଟିଏଁ ଗାଁରେ ବା ଗୋଟିଏ ୟୁନିୟନ୍‌ର କେତୋଟି ଗାଁରେ ମିଶି ପଚାଶ ଜଣରୁ ବେଶି ସଭ୍ୟଥିବେ, ଏବଂ ସେମାନଙ୍କର କାମ ଚଳାଇବାକୁ ସବୁବେଳେ ଖଦଡ଼ ପିନ୍ଧୁଥିବା ଦୁଇଜଣ କାର୍ଯ୍ୟକର୍ତ୍ତା ଥିବେ । ସଭ୍ୟ ହେବାର ତିନି ମାସ ପରେ ଜିଲ୍ଲା କଂଗ୍ରେସ କମିଟି ସବୁ ତଦାରଖ କରି, ପ୍ରାଥମିକ ମଞ୍ଜୁରି ଦେଲେ ଚାନ୍ଦା ପଇସାର ତାଙ୍କ ଅଂଶ ତାଙ୍କୁ ମିଳିବ ।]

२४- २-४२ मेत्रामाम

वर्घा होकर (मध्य प्रांत)

चि. रमा- तुमारा खत पढ कर मैं तो बहुत हि खुइ हुआ। जो शिक्षकों ने निश्चय किया है उनको घन्यवाद। मेरी आशा है कि दुशरे शिक्षक भी घनयाबाद। अगर करें गे और अपनी शाला नहीं छोडेंगे। दुहातों की भी घन्यबाद। अगर यह काम सफल होगा तो बडींसेवा होगी।

बापुका

आशीर्वादि।

Shri Rama Devi

Ashram

P.O- Bari- Cuttack

Orissa.

Digitized by PPRACHIN, SOA

ପରିଶିଷ୍ଟ - ୫

ଜରୁରୀ ପରିସ୍ଥିତି ବେଳେ ଛାପା ପ୍ରଚାରପତ୍ର-ତାଲିକା

୧) ୨୦/୪/୭୫ ଓଡ଼ିଶାର ଜନ ଆନ୍ଦୋଳନର ସଙ୍ଗଠନ-୪ ପୃଷ୍ଠା-ରାଜ୍ୟ ଜନ ଆନ୍ଦୋଳନ ସଙ୍ଗଠନ ସମିତ, ଥୋରିଆସାହି, କଟକ

୨) ତା ୨୫/୬/୭୫ ସମସ୍ତେ ଧ୍ୟାନ ଦିଅନ୍ତୁ- ୨୧ ଧାଡ଼ି ରମାଦେବୀ

୩) ତା ୨୫/୬/୭୫ ଜନ ଆନ୍ଦୋଳନ-କାହିଁକି ଓ କିପରି ? ୨୮ଧାଡ଼ି-ରମାଦେବୀ ଓ ନବକୃଷ୍ଣ ଚୌଧୁରୀ

୪) ତା ୨୫/୬/୭୫ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ୩୫ ଧାଡ଼ି ଏକଛତ୍ରବାଦର ବିରୋଧ କରନ୍ତୁ ନବକୃଷ୍ଣ ଚୌଧୁରୀ ସଂଯୋଜକ, ଓଡ଼ିଶା ଜନ ଆନ୍ଦୋଳନ ସଂଗଠନ ସମିତି ଓ ରମାଦେବୀ

୫) ତା ୨୫/୬/୭୫ ଗିରଫ ହେବାକୁ ଯାଉଥିବା ବେଳେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଦେଶବାସୀଙ୍କୁ ବାର୍ତ୍ତା - ୨ ପୃଷ୍ଠା

୬) ୨/୭/୭୫ ଭଉଣୀମାନଙ୍କୁ ନିବେଦନ - ୧ -୧/୪ ପୃଷ୍ଠା ରମାଦେବୀ

୭) ୨୩/୭/୭୫ ତେଅର ଜଣ ବିଶିଷ୍ଟ ନାଗରିକଙ୍କର ପତ୍ର-୪ପୃଷ୍ଠା ରମାଦେବୀଙ୍କ ଦ୍ୱାରାଉଦ୍ଧୃତ

୮) ୨୩/୭/୭୫ ଦେଶ ରକ୍ଷା ପାଇଁ ଡ଼ାକରା-୨ପୃଷ୍ଠା ରମାଦେବୀ

୯) ୨୩/୭/୭୫ ଜନବାଣୀ (ଯୁବଛାତ୍ରଙ୍କୁ) - ୪ପୃଷ୍ଠା ଉତିଷ୍ଠତ ଜାଗ୍ରତ କ୍ରାନ୍ତିକାରୀ ବାହିନୀ

୧୦) ୨୩/୭/୭୫ ଛାତ୍ର ତୁମେ ଗର୍ଜିଉଠ-୨ପୃଷ୍ଠା କ୍ରାନ୍ତିକାରୀ ବାହିନୀ

୧୧) ୨୩/୭/୭୫ ଗାନ୍ଧୀ-ବାଣୀ (ଜେଲଖାନା ନିଆଯିବାର ଆମର ବିଜୟ) ୧/୨ ପୃ

୧୨) ୨୩/୭/୭୫ ବାକ୍-ସ୍ୱାଧୀନତା (ଉତ୍କଳ ମଣିଙ୍କର କାରାକବିତାରୁ) ୧-କ୍ରାନ୍ତିକାରୀ ବାହିନୀ

୧୩) ୨୩/୭/୭୫ ସଂଗ୍ରାମର ମଇଦାନରେ ଓଡ଼ିଶାର ଛାତ୍ରଶକ୍ତି-୨ ଓଡ଼ିଶା ଯୁବଛାତ୍ର ସଙ୍ଘର୍ଷ ସମିତି

୧୪) ୨/୮/୭୫ ଇନ୍ଦିରା ନେହେରୁ ଗାନ୍ଧୀଙ୍କ ଉତ୍ତର-୨ ଜର୍ଜ ଫର୍ଣ୍ଣାଣ୍ଡେଜ୍

Digitized by PPRACHIN, SOA

ପରିଶିଷ୍ଟ - ୬

ଭାରତବର୍ଷର ଇତିହାସରେ ଓ ବରୀ ଅଞ୍ଚଳରେ କେତେକ ପ୍ରଧାନ ଘଟଣା

ତାରିଖ ଓ ବର୍ଷ **ଘଟଣା**

୨୮-୧୨-୧୮୮୫-ବମ୍ବେରେ ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ ଗଠିତ ହେଲା ।

ଏ.ଓ. ହିଉମ୍, ସି.ବି., ଅବସରପ୍ରାପ୍ତ ଆଇ.ସି.ଏସ୍. ଏହାର ମୂଳ ଉଦ୍ୟୋକ୍ତା ।

୧୬-୧୦-୧୯୦୫-'ବଙ୍ଗଭଙ୍ଗ' ଆନ୍ଦୋଳନ । ବଙ୍କିମଚନ୍ଦ୍ର ଚାଟାର୍ଯୀଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତରେ ବଙ୍ଗଦେଶ ମୁଖରିତ ହେଲା ।

୧୯୦୬ - ଅରବିନ୍ଦ ଘୋଷ 'ବନ୍ଦେ ମାତରମ୍' ଓ 'କର୍ମଯୋଗୀ' ପତ୍ରିକା ପ୍ରକାଶ କଲେ ।

ଡ଼ିସେମ୍ବର, ୧୯୦୬-ଅଖିଳ ଭାରତ ମୁସଲିମ୍ ଲୀଗ୍ ଢ଼ାକାରେ ଗଠିତ ହେଲା

୧୯୧୪ ପର୍ଯ୍ୟନ୍ତ ଆଗାଖାଁ ଏହାର ପ୍ରେସିଡ଼େଣ୍ଟ ଥିଲେ ।

୧୯୦୭ - ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହ ଆରମ୍ଭ କଲେ ।

ଏପ୍ରିଲ, ୧୯୦୮ - ଖୁଦୀରାମ ବୋଷଙ୍କର ଫାଶି ।

୧୯୦୯ - ଗାନ୍ଧୀଜୀ ଗୁଜୁରାଟୀରେ 'ହିନ୍ଦ ସ୍ୱରାଜ' ବହି ପ୍ରକାଶ କଲେ ।

୧୨-୧୨-୧୯୧୧ - ଦିଲ୍ଲୀରେ ସମ୍ରାଟ୍ ପଞ୍ଚମ ଜର୍ଜଙ୍କର ଦରବାର । ବଙ୍ଗଭଙ୍ଗ ରଦ୍ଦ ହେଲା । କଲିକତା ବଦଳରେ ଦିଲ୍ଲୀ ଭାରତର ରାଜଧାନୀ ହେଲା ।

୧୯୧୨ - ଆବୁଲ କଲାମ୍, 'ଅଲ୍ ହିଲାଲ୍' ଉର୍ଦ୍ଦୁ ପତ୍ରିକା ପ୍ରକାଶ କଲେ । ତାଙ୍କର ନାମ ଆଜାଦ୍ ହେଲା ।

୪-୮-୧୯୧୪ - ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ।

ଜାନୁଆରୀ, ୧୯୧୫ - ମୋହନ ଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଞ୍ଚିଲେ । ସେତେବେଳେ ସେ ରାଜଭକ୍ତ ଥିବାରୁ ପ୍ରଥମ ବିଶ୍ୱଯୁଦ୍ଧରେ ଇଂରେଜମାନଙ୍କ ସପକ୍ଷରେ କହୁଥିଲେ ।

୧୯୧୬ - କଂଗ୍ରେସ-ମୁସଲିମ୍‌ଲୀଗ୍ ଚୁକ୍ତି ।

୧୯୧୭ - ବିହାରର ଚମ୍ପାରଣ ସତ୍ୟାଗ୍ରହ ।

୧୯୧୮ - ଗୁଜରାଟରେ ଖେଡ଼ା ସତ୍ୟାଗ୍ରହ ।

Digitized by PPRACHIN, SOA

ଏପ୍ରିଲ, ୧୯୧୯ - ଅମୃତସରର ଜାଲିଓ୍ୱାନାବାଗ୍ ହତ୍ୟାକାଣ୍ଡ ।

୧-୮-୧୯୨୦ - ଲୋକମାନ୍ୟ ତିଳକଙ୍କର ପ୍ରୟାଣ ଦିବସରେ ଗାନ୍ଧୀଜୀ ବ୍ରିଟିଶ ସରକାର ବିରୋଧରେ ଅସହଯୋଗର ସୂଚନା ଦେଲେ ।

୧୯୨୦ - ଖିଲାଫତ୍ ଆନ୍ଦୋଳନ । ହଣ୍ଟର କମିସନ୍ । ଗୋପବନ୍ଧୁ ଚୌଧୁରୀ ଡେପୁଟି ମ୍ୟାଜିଷ୍ଟ୍ରେଟ୍‌ଭାବରେ ବରୀକୁ ଖିଲାଫ୍ ଦେବାପାଇଁ ଆସିଥିଲେ ।

୧୦-୩-୨୨ - ଗାନ୍ଧୀଜୀ ଗିରଫ ହେଲେ ଓ ତା ୧୮/୩ରେ ୬ବର୍ଷ ଜେଲଦଣ୍ଡ ଆଦେଶ ପାଇଲେ ।

୧୯୨୮ - କଲିକତା କଂଗ୍ରେସ ଅଧିବେଶନରେ ଭାରତ 'ଔପନିବେଶିକ ସ୍ୱାୟତ୍ତ ଶାସନ' ପାଇବାକୁ ହକଦାର ବୋଲି ପ୍ରସ୍ତାବ ଗୃହୀତ ହେଲା ।

୧୯୨୯ - ଲାହୋର କଂଗ୍ରେସ ଅଧିବେଶନରେ 'ପୂର୍ଣ୍ଣ ସ୍ୱରାଜ' ଦାବୀ ।

୨୬-୧-୩୦ - ସ୍ୱାଧୀନତା-ସଂକଳ୍ପ-ପାଠ ।

୧୦-୩-୩୦ - ଗାନ୍ଧୀଜୀ ୭୮ ଜଣ ଅନୁଯାୟୀଙ୍କ ସହ 'ଲବଣ ସତ୍ୟାଗ୍ରହ' ପାଇଁ ସାବରମତୀ ଆଶ୍ରମରୁ ପଦଯାତ୍ରାରେ ଡାଣ୍ଡୀକୁ ବାହାରିଲେ ।

୧୬-୩-୩୦ - କଟକରେ ସାଧାରଣ ସଭାରେ ସ୍ଥିର ହେଲା ଯେ ତା ୬-୪-୩୦ରେ ଉତ୍କଳରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେବ ।

୬-୪-୩୦ - ସାପ୍ତାହିକ ସମାଜ ପତ୍ରିକା ଦୈନିକ ପତ୍ରିକା ହେଲା । ମୂଲ୍ୟମାତ୍ର ତିନି ପାହୁଲା । (୧/୬୪ଟଙ୍କା)

୫-୩-୩୧ - ଗାନ୍ଧୀ-ଆରଓ୍ୱିନ୍ ସନ୍ଧି ମଧାହ୍ନରେ ସ୍ୱାକ୍ଷରିତ ହେଲା । କ୍ରମେ କ୍ରମେ ଲବଣ-ସତ୍ୟାଗ୍ରହୀମାନେ ଖଲାସ ହେଲେ ।

୧୨-୯-୩୧ - ଗାନ୍ଧୀଜୀ କଂଗ୍ରେସର ଏକମାତ୍ର ପ୍ରତିନିଧି ଭାବରେ ବିଲାତରେ ପହଞ୍ଚିଲେ ଓ ୨ୟ ଗୋଲଟେବୁଲ ବୈଠକରେ ଯୋଗ ଦେଲେ ।

୪-୧-୩୨ - ଗାନ୍ଧୀଜୀ ବମ୍ବେରେ ପହଞ୍ଚିବା ମାତ୍ରେ ଗିରଫ ହେଲେ । ଭାରତରେ ପୁଣି ଆଇନଅମାନ୍ୟ ଆନ୍ଦୋଳନ ।

ସେପ୍ଟେମ୍ବର ୩୨ - ବ୍ରିଟିଶ ସରକାର ଅସ୍ପୃଶ୍ୟ ଲୋକମାନଙ୍କୁ ଉଚ୍ଚଜାତିର ହିନ୍ଦୁଙ୍କଠାରୁ ଅଲଗା କରିଦେବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭୋଟପ୍ରଥା-ପ୍ରଚଳନ ଘୋଷଣା କଲେ । ତା ୨୦-୯-୩୨ରୁ ଆମରଣ ଅନଶନ କରିବେ ବୋଲି ଗାନ୍ଧୀଜୀ ସ୍ଥିରକଲେ । ତା ୨୬/

Digitized by PPRACHIN, SOA

୯ରେ ଏହାର ସମାଧାନ ହେବାରୁ ଗାନ୍ଧୀଜୀ ଅନଶନ ଭାଙ୍ଗିଲେ ।

୩୧-୭-୩୩ - ଗାନ୍ଧୀଜୀ ସାବରମତୀ ସତ୍ୟାଗ୍ରହ ଆଶ୍ରମ ଚିରଦିନ ପାଇଁ ପରିତ୍ୟାଗ କଲେ ।

୧୫/୧/୩୪ - ଉତ୍ତର ବିହାରରେ ଭୟଙ୍କର ଭୂମିକମ୍ପ ହେଲା । ତା ୧୭-୧-୩୪ରେ ରାଜେନ୍ଦ୍ର ପ୍ରସାଦ, ଗୋପବନ୍ଧୁ ଚୌଧୁରୀ ଆଦି ବିନା ସର୍ତ୍ତରେ ଜେଲରୁ ଖଲାସ ହେଲେ ଏବଂ ବେସରକାରୀ ରିଲୀଫ୍ କାର୍ଯ୍ୟରେ ଲାଗିଲେ ।

୯/୫/୧୯୩୪ - ଗାନ୍ଧୀଜୀ ପୁରୀ ସହରରୁ ହରିଜନ ପଦଯାତ୍ରା ଆରମ୍ଭ କଲେ । ତା ୧୬/୫ରେ କଟକରୁ ଟ୍ରେନ୍‌ରେ ପାଟଣା ଅଭିମୁଖେ ଗଲେ । ତା ୨୧/୫ ଭୋରରୁ ବୈରୀଠାରୁ ପୁଣି ପଦଯାତ୍ରା ଆରମ୍ଭ କରି ତା ୮-୬-୩୪ରେ ଭଦ୍ରକରେ ଶେଷକଲେ ।

୧୩/୮/୩୪ - ଗୋପବନ୍ଧୁ ଚୌଧୁରୀ, ରମାଦେବୀ ବରୀରେ ପହଞ୍ଚିଲେ । ସୁନିଆଁ ଦିନ ଆଚାର୍ଯ୍ୟ ହରିହର ଦାସ 'ସେବାଘର' ଆଶ୍ରମର ଶୁଭ ଦେଲେ ।

୨୮-୧୦-୩୪ - ଗାନ୍ଧୀଜୀ ସ୍ୱେଚ୍ଛାରେ କଂଗ୍ରେସରୁ ବିଦାୟ ନେଲେ । ମାତ୍ର କଂଗ୍ରେସ ଚାହିଁଲେ ସେ ପରାମର୍ଶ ଦେବେ ।

୧୯୩୫ - ବିଲାତ ସରକାର ଭାରତର ଶାସନ-ସଂସ୍କାର ଘୋଷଣା କଲେ ।

୩୧/୫/୩୫ - ସତୀଶଚନ୍ଦ୍ର ଦାସଗୁପ୍ତ ବରୀରେ କୁଟୀର ଶିଳ୍ପ-ପ୍ରଦର୍ଶନୀ ଉଦ୍‌ଘାଟନ କଲେ ।

୧୯୩୫ର ସ୍ନାନ ପୂର୍ଣ୍ଣିମାର ବାମନଚରଣ ଦାସ ତାଙ୍କର ବଳଦେବ ଜୀଉ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇଲେ ।

୧୯୩୬ - ରମାଦେବୀ ବରୀରେ ଘୋର ସ୍ନାୟୁ ଦୁର୍ବଳତାରେ ଅସୁସ୍ଥ ହେଲେ ।

୧୯୩୭ - ଭାରତର ସାଧାରଣ ନିର୍ବାଚନରେ କଂଗ୍ରେସର ବିପୁଳ ଜୟ ଏବଂ କଂଗ୍ରେସ ୮ଟି ପ୍ରଦେଶରେ ଶାସନ-କ୍ଷମତା ଗ୍ରହଣ କଲେ ।

୨୫/୩/୧୯୩୮ - ପୁରୀ ଜିଲ୍ଲାର ବେରବୋଇ (ଡ଼େଲାଙ୍ଗ)ରେ ଗାନ୍ଧୀ ସେବା ସଂଘର ୪ର୍ଥ ଅଧିବେଶନ ଆରମ୍ଭ ।

୩/୯/୩୯ - ରବିବାର ଦିନ ୧୧ ଟା-ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ । କଂଗ୍ରେସ ବ୍ରିଟିଶ ସରକାରର ଯୁଦ୍ଧନୀତିକୁ ବିରୋଧ କଲେ । ମନ୍ତ୍ରୀମାନେ ପରେ ଇସ୍ତଫା ଦେଲେ । ଆନ୍ଦୋଳନ ଚାଲିଲା । ଅଣକଂଗ୍ରେସ ବିଧାୟକମାନେ ଶାସନଭାର ନେଲେ ।

୧୭/୧୦/୧୯୪୦ରୁ ୪୧ ଶେଷ-ଯୁଦ୍ଧ ବିରୋଧରେ ବାଣୀ-ସତ୍ୟାଗ୍ରହ ।

Digitized by PPRACHIN, SOA

୮-୮୪୨ - ବମ୍ବେରେ ନିଖିଳ ଭାରତ କଂଗ୍ରେସ ଅଧିବେଶନରେ କଂଗ୍ରେସ 'ଭାରତ ଛାଡ଼' ପ୍ରସ୍ତାବ ପାସ୍ କଲେ । ଗାନ୍ଧୀଜୀ ଆଦି ଗିରଫ ହେଲେ । ଗଣ-ଆନ୍ଦୋଳନ ଚାଲିଲା ।

୧୫-୮-୪୨ - ଆଗା ଖାଁ ପ୍ରାସାଦରେ ମହାଦେବ ଦେସାଇଙ୍କର ପରଲୋକ ସରକାର ଦମନ-ଲୀଳା ଲଗାଇଲେ ଏବଂ କ୍ଷୟକ୍ଷତି ଓ ଗଣ୍ଡଗୋଳ ପାଇଁ କଂଗ୍ରେସକୁ ଦୋଷୀ କରିବାରୁ ଗାନ୍ଧୀଜୀ

୧୦-୨-୪୩-ରୁ ୨୧ ଦିନ ଅନଶନ କରି ତା ୩-୩-୪୩ର ସକାଳ ଘ ୯-୩୦ରେ ଅନଶନ ଭଙ୍ଗକଲେ ।

୨୯-୩-୧୯୪୨ର ସ୍ୱାଧୀନତା-ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲରେ ଫାଶି ।

୨୭-୧୧-୪୩ - ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।

୨୨-୨-୪୪ - କସ୍ତୁରବା ଗାନ୍ଧୀ ଆଗା ଖାଁ ପ୍ରାସାଦରେ ବନ୍ଦୀ ଅବସ୍ଥାରେ ପ୍ରାଣତ୍ୟାଗ କଲେ ।

୬-୫-୪୪ - ଗାନ୍ଧୀଜୀ ବିନା ସର୍ତ୍ତରେ ସକାଳ ୮ଟାରେ ଖଲାସ ହେଲେ ।

୨୯-୬-୪୪ - ଆଚାର୍ଯ୍ୟ ହରିହର ଦାସ ଓ ତା ୮-୭-୪୪ରେ ରମାଦେବୀ ଖଲାସ ହେଲେ । ଗୋପବନ୍ଧୁ ଚୌଧୁରୀ କେନ୍ଦ୍ରାପଡ଼ା ସବ୍‌ଡ଼ିଭିଜନ୍‌ରେ ପ୍ରବେଶ କରିପାରିବେ ନାହିଁ - ସର୍ତ୍ତରେ ଖଲାସ ହେଲେ । ସେ ୨ଥର ତାହା ଭଙ୍ଗ କରି ୧୯୪୫ରେ ଶେଷ ଆଡ଼କୁ ବିନା ସର୍ତ୍ତରେ ଖଲାସ ହେଲେ ।

୧୮-୩-୧୯୪୫ - ରାମଚନ୍ଦ୍ରପୁର ମୌ. ସ୍କୁଲର ୧ବଡ଼ ଘର ପୋଡ଼ିଗଲା ।

୧-୪-୪୫ - ସେବାଗ୍ରାମରେ କେନ୍ଦ୍ରୀୟ କସ୍ତୁରବା ଗାନ୍ଧୀ ନିଧି ଗଠିତ ହେଲା ।

ମାର୍ଚ୍ଚ,୪୬ - ଭାରତରେ ସାଧାରଣ ନିର୍ବାଚନରେ କଂଗ୍ରେସ ବିପୁଳ ଜୟ । କଂଗ୍ରେସ ଶାସନଭାର ନେଲେ ।

୧୧-୫-୪୬ - ବାଜୀରାଉତ ଛାତ୍ରାବାସ ଅନୁଗୁଳରେ ଆରମ୍ଭ ।

୪୬ - ଉତ୍କଳନବଜୀବନ ମଣ୍ଡଳ ଅନୁଗୁଳରେଗଠିତ ହେଲା । [ମାତ୍ର ତା ୧୮-୬-୫୭ରେ ୧୮୬୦ର ଆକ୍ଟ ୨୧ ଅନୁସାରେ ରେଜିଷ୍ଟର୍ଡ଼ ହେଲା ।]

୨୮-୨-୪୭ - ଲୁଣ ଉପରେ ସରକାର ଟ୍ୟାକ୍ସ ଉଠାଇ ଦେଲେ ।

୧୪-୮-୪୭ - ସକାଳେ ବ୍ରିଟିଶ ସରକାର ପାକିସ୍ତାନକୁ ସ୍ୱାଧୀନତା ଦେଲେ ।

୧୪-୮-୪୭ - ମଧ୍ୟରାତ୍ରରେ ଭାରତ ସ୍ୱାଧୀନ ହେଲା । ତହିଁ ପରଦିନ ତା ୧୫ ଗାନ୍ଧୀଜୀ, ରମାଦେବୀ, ଗୋପବନ୍ଧୁ ଚୌଧୁରୀ...ପ୍ରାର୍ଥନା, ମୌନ ଓ ଉପବାସରେ କଟାଇଲେ ।

Digitized by PPRACHIN, SOA

୩୦-୧-୪୮ - ଶୁକ୍ରବାର ଆତତାୟୀର ଗୁଳିରେ ଦିଲ୍ଲୀରେ ଗାନ୍ଧୀଜୀ "ହେରାମ !' ଉଚ୍ଚାରଣ କରି ପ୍ରାଣତ୍ୟାଗ କଲେ ।

୧୩-୨-୪୮ - ପୁରୀରେ ଜଗନ୍ନାଥ ମନ୍ଦିରରେ ସର୍ବପ୍ରଥମେ ହରିଜନମାନେ ପ୍ରବେଶ କଲେ ।

ମାର୍ଚ୍ଚ ୧୩ରୁ ୧୫, ୧୯୪୮ - ସେବାଗ୍ରାମରେ ଅ. ଭା. ରଚନାତ୍ମକ କର୍ମୀ ସମ୍ମିଳନୀରେ "ସର୍ବୋଦୟ ସମାଜ' ଗଠିତ ହେଲା ।

୪-୪-୪୮ - ମାନ୍ୟବର ଗବର୍ଣ୍ଣର କୈଳାସନାଥ କାଟଜୁ ରାମଚନ୍ଦ୍ରପୁର ଓ ବରୀ ପରିଦର୍ଶନ କଲେ ।

୯-୧୨-୪୮ - ରାମଚନ୍ଦ୍ରପୁରରେ ଡ଼ିସ୍‌ଟ୍ରିକ୍ଟ ବୋର୍ଡ଼ ଡ଼ାକ୍ତରଖାନା ଖୋଲିଲା । ଡ଼ାକ୍ତର କାଳୀପଦ ଚୌଧୁରୀ ଯୋଗ ଦେଲେ ।

୪୯ - ମଧ୍ୟପ୍ରଦେଶ ରାଓଠାରେ ନି : ଭା : ପ୍ରଥମ ସର୍ବୋଦୟ ସମ୍ମିଳନୀ ହେଲା ।

ଏପ୍ରିଲ, ୫୦-ନି : ଭା : ଦ୍ୱିତୀୟ ସର୍ବୋଦୟ ସମ୍ମିଳନୀ ଅନୁଗୁଳରେ ହେଲା ।

୭-୧-୫୨ - ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ରାମଚନ୍ଦ୍ରପୁରରୁ ପଦଯାତ୍ରାରେ ବାହାରିଲେ । ଗାଇସିଲଟ (ସମ୍ବଲପୁର ଜିଲ୍ଲା)ରେ ଓଡ଼ିଶାରେ ପ୍ରଥମେ ଭୂମିଦାନ ମିଳିଲା ।

୨୯-୫-୫୨ - ସାଲେପୁରର ଖଣ୍ଡସାହିରେ ଉତ୍କଳ ବେସରକାରୀ ଭୂଦାନ ଯଜ୍ଞ ସମିତି ଗଠନ ।

୧-୭-୫୩ - ଓଡ଼ିଶାର ପ୍ରଥମ ଭୂଦାନ-ଜମି ବାଲି ବିଲରେ ବଣ୍ଟନ ହେଲା ।

୨୬/୮/୫୪ - ଚମ୍ପତିମୁଣ୍ଡାରେ ଉତ୍ତର ମୌଳିକ ବିଦ୍ୟାଳୟ (ଜୀବନ ବିଦ୍ୟାଳୟ) ଆରମ୍ଭ ।

୨୬/୧/୫୫ - ବିନୋବାଜୀ ଲକ୍ଷ୍ମଣନାଥରୁ ଉତ୍କଳରେ ତାଙ୍କର ପ୍ରଥମ ପଦଯାତ୍ରା ଆରମ୍ଭ କଲେ ।

୨୨/୨/୫୫ - ସେ ରାମଚନ୍ଦ୍ରପୁରରେ ଅବସ୍ଥାନ କଲେ ।

ଏପ୍ରିଲ, ୫୫ - ପୁରୀରେ ନି. ଭା. ସର୍ବୋଦୟ ସମ୍ମିଳନୀ ହେଲା ।

୧/୧/୫୭ ଭୂଦାନ ଯଜ୍ଞର ତନ୍ତ୍ର-ମୁକ୍ତି ଓ ନିଧି-ମୁକ୍ତି ଆରମ୍ଭ ।

୨୨/୪/୫୮ ଗୋପବାବୁ ଶେଷଥର ପାଇଁ ବରୀ-ରାମଚନ୍ଦ୍ରପୁର ଛାଡ଼ିଲେ ।

୨୮/୪/୫୮ ରାତିରେ କଟକରେ ତାଙ୍କର ଦେହାନ୍ତ ହେଲା ।

୨୯/୧/୫୯ କେନ୍ଦ୍ରମନ୍ତ୍ରୀ ହୁମାୟନ୍ କବୀର ସତ୍ୟଭାମାପୁର ଓ ରତ୍ନଗିରି ପରିଦର୍ଶନ କଲେ ।

୭/୯/୫୯ ଗିରୀଶଚନ୍ଦ୍ର ରାୟ ଆମେରିକାରୁ ଉଚ୍ଚଶିକ୍ଷା ପାଇଁ ଗଲେ ।

Digitized by PPRACHIN, SOA

୧୦/୧/୬୦ କସ୍ତୁରବା ଗାନ୍ଧୀ ପ୍ରାଦେଶିକ ଅଫିସ ସତ୍ୟଭାମାପୁରରେ ଖୋଲିଲା ।

୧୧/୧/୬୦ ଉଚ୍ଚଶିକ୍ଷା ପାଇ ମୁକ୍ତେଶ୍ୱର ବେଉରିଆ ଜାପାନରୁ ଫେରିଲେ ।

୬/୮/୬୦ କଳାମାଟିଆରେ ଶହୀଦ ସ୍ମୃତି-ସ୍ତମ୍ଭ ତିଆରି ।

୧୬/୮/୬୦ ବରୀ ଅଞ୍ଚଳରେ ଭୟଙ୍କର ବନ୍ୟା ଆରମ୍ଭ । ତା ୧୭/୮ରେ ବରୀ ଶାନ୍ତି ସମିତି ଆରମ୍ଭ ।

୩/୯/୬୦ ପ୍ରଧାନ ମନ୍ତ୍ରୀ ଶ୍ରୀ ଜବାହାରଲାଲ ନେହେରୁଙ୍କୁ ଭୁବନେଶ୍ୱରରେ ବରୀ । ଅଞ୍ଚଳବାସୀମାନଙ୍କ ପକ୍ଷରୁ ବନ୍ୟା ପ୍ରତିକାର ସମ୍ବନ୍ଧରେ ସ୍ମାରକ ପତ୍ର ଦିଆଗଲା ।

୧୫/୯/୬୦ ବରୀ ଅଞ୍ଚଳର ସମନ୍ୱୟ ସମିତି ଗଠିତ ହେଲା ।

୧୪/୧/୬୦ କଟକ ଜିଲ୍ଲାର କଲେକ୍ଟର **S.K. Bawa** ରାମଚନ୍ଦ୍ରପୁରକୁ ଆସିଥିଲେ ।

୬/୨/୬୧ ତନ୍ତୀଘାଈ ବାଟେବରୀ ଅଞ୍ଚଳରେ ଖରସ୍ରୋତାର ଅଦିନିଆ ବନ୍ୟା ମାଡ଼ିଲା ।

୭/୯/୬୧ ବରୀ ଅଞ୍ଚଳରେ ପ୍ରବଳ ବନ୍ୟା, ତା - ୧୬-୧୨-୧୯୬୧ ଗୁଣନିଧି ମହାନ୍ତି କଟକରେ ପ୍ରାଣତ୍ୟାଗ କଲେ ।

୧୫/୧/୬୨ ବରୀ କଟକ ସବ୍ ପୋଷ୍ଟ ଅଫିସ ହେଲା ।

୨/୫/୬୨ ବରୀକୁ ସର୍ଭିସ୍ ବସ୍ ଚାଲିବା ଆରମ୍ଭ ।

୧୭/୬/୬୨ ବରୀ ବ୍ଲକ୍ ଆରମ୍ଭ । ଲକ୍ଷ୍ମୀଧର ନାୟକ ପ୍ରଥମ **B.D.O.** ଆସିଲେ ।

୨୫/୪/୬୨ କଟକ ଜିଲ୍ଲାର କଲେକ୍ଟର ଭେଙ୍କଟରମଣି ରାମଚନ୍ଦ୍ରପୁରକୁ ଆସିଥିଲେ ।

୨୬/୧୦/୬୨ ଚୀନ-ଭାରତ ଯୁଦ୍ଧ ହେତୁ ଭାରତ ସରକାର ଅର୍ଡ଼ିନାନ୍‌ସ ଜାରି କଲେ ।

୧୮/୧/୬୩ ନରସିଂହପୁରର ରାଜମାତା ଶ୍ରୀମତୀ କନକଲତା ଦେବୀ ରାମଚନ୍ଦ୍ରପୁର ପୂର୍ବ ମୌଳିକ ବିଦ୍ୟାଳୟ ଦେଖିଲେ ।

୨୯/୭/୧୯୬୫ ରାମଚନ୍ଦ୍ରପୁରରେ ଗୋପବନ୍ଧୁ ଚୌଧୁରୀ କଲେଜ ମାନ୍ୟତା ପାଇଲା ।

୧୯୬୬ କଳାହାଣ୍ଡି ଜିଲ୍ଲାରେ ଓ ବଲାଙ୍ଗୀର ଜିଲ୍ଲାର ୨ଟା ବ୍ଲକ୍‌ରେ ଘୋର ମରୁଡ଼ି ଓ ରିଲୀଫ୍ କାର୍ଯ୍ୟ ।

୨/୧/୧୯୬୭ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।

୪/୧/୧୯୬୭ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।

୧୭/୯/୬୭ ଅନାଦି ନାୟକ ଆମେରିକାରେ କ୍ୱେକର ଆନ୍ଦୋଳନର ଅଭିଜ୍ଞତା ଅର୍ଜନ କରି ଓଡ଼ିଶାକୁ ଫେରିଲେ ।

Digitized by PPRACHIN, SOA

୧୧/୧୦/୬୭ ବରୀ ଅଞ୍ଚଳରେ ପ୍ରବଳ ବାତ୍ୟା ।

୨୪/୬/୮୪ ନବକୃଷ୍ଣ ଚୌଧୁରୀ ଅନୁଗୁଳ ଆଶ୍ରମରେ ପ୍ରାଣତ୍ୟାଗ କଲେ ।

୨୨/୭/୮୫ ରମାଦେବୀ କଟକରେ ପ୍ରାଣତ୍ୟାଗ କଲେ ।

ଉପସଂହାର

ଏ ବହିରେ ଥିବା ସ୍ୱାଧୀନତା-ସଂଗ୍ରାମୀମାନଙ୍କର ବିବରଣୀରେ ଏକା ଘଟଣା ଓ କଥାଗୁଡ଼ିକର ପୁନରୁକ୍ତି ଦେଖାଯିବ । ସଂକଳକ ଓ ପ୍ରକାଶକ ଏହି ପୁନରୁକ୍ତିକୁ ବାଦ ଦେଇନାହାନ୍ତି । ସମୟର ଅଭାବରୁ ଓ ଆଗରୁ ସଂପୂର୍ଣ୍ଣ ଯୋଜନା ହୋଇନଥିବାରୁ କେତେକ ସଂଗ୍ରାମୀ ଓ ରଚନାତ୍ମକ / ଗଠନମୂଳକ କର୍ମୀଙ୍କର ବିବରଣୀ ଦିଆଯାଇ ପାରିଲାନାହିଁ । କସ୍ତୁରବା ନିଧିର ଓ ଅନ୍ୟ ସଂସ୍ଥାଗୁଡ଼ିକର ସେ ସମୟର ସବୁ କର୍ମୀଙ୍କର ତଥ୍ୟ ଦିଆଯାଇ ପାରିନାହିଁ । କୌଣସି ନିର୍ଦ୍ଦିଷ୍ଟ କ୍ରମରେ ମଧ୍ୟ ନାମଗୁଡ଼ିକ ଦିଆଯାଇ ପାରିନାହିଁ । କେହି କେହି ସୂଚନା ଦେଇଥିଲେ ଯେ ସଂଗ୍ରାମୀଙ୍କର ଜୀବନର ସତ୍ୟ ଚିତ୍ତାକର୍ଷକ ଗୋଟିଏ ଘଟଣା (anecdote) ଦେଲେ ଭଲ ହୋଇଥାନ୍ତା । ବହିର ଆକାର ଓ ଖର୍ଚ୍ଚ ବଢ଼ିଯାଇଥାନ୍ତା ।

ଏ ବହିର ୨-ପ୍ରାକୃତିକ ପରିସ୍ଥିତି ଠାରୁ ୧୫ ଜମିଦାର ପର୍ଯ୍ୟନ୍ତ ତଥ୍ୟମାନ ଶ୍ରୀ ଦାଶରଥି ସାମଲଙ୍କ ଲେଖାରୁ ଏବଂ ୧୬ ରୁ ୪୪ ପର୍ଯ୍ୟନ୍ତ ଶ୍ରୀ ଆର୍ତ୍ତବନ୍ଧୁ ମହାନ୍ତିଙ୍କର ଲେଖାରୁ ନିଆଯାଇଛି ।

ଯେତେବେଳେ ପୁରୁଣା ଜିଲ୍ଲା ଭାବରେ କଟକ ଉଲ୍ଲେଖ ଥିଲା । ଏହା ପରବର୍ତ୍ତୀ ସମୟରେ କଟକ, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଲେଖାଯାଇଛି । ସେହିଭଳି ପୁରୁଣା ଯାଜପୁର ଜିଲ୍ଲାର ବିଞ୍ଝାରପୁର ଥାନାରୁ ବରୀ ଅଲଗା ହେଲାପରେ ପରିବର୍ତ୍ତନ ହୋଇ ବରୀ ଲେଖାଯାଇଛି । କେଉଁଠି କେଉଁଠି ପୁରୁଣା ଜିଲ୍ଲା ଭାବରେ କଟକକୁ ଏବଂ ପୁରୁଣା ଥାନଭାବରେ ବିଞ୍ଝାରପୁରକୁ ସୁବିଧା ଦୃଷ୍ଟିରୁ ଲେଖାଯାଇଛି । ଏହାକୁ ପାଠକମାନେ ଧ୍ୟାନ ଦେବେ ।

ଉତ୍କଳ ଗୌରବ, ଉତ୍କଳମଣି, ମହାତ୍ମାଗାନ୍ଧୀ, କସ୍ତୁରବା ଗାନ୍ଧୀ, ଆଚାର୍ଯ୍ୟ ବିନୋବା ଭାବେ, ଲୋକନାୟକ ଜୟପ୍ରକାଶ ନାରାୟଣ, ପ୍ରଭୃତିଙ୍କର ପଦରେଣୁରେ ବରୀ ଅଞ୍ଚଳ ପବିତ୍ର

Digitized by PPRACHIN, SOA

ହୋଇଅଛି । ସ୍ୱାଧୀନତା-ପ୍ରାପ୍ତି ପାଇଁ ବରୀ ଅଞ୍ଚଳର ଲୋକେ ବହୁ ତ୍ୟାଗ କରିଛନ୍ତି । ଅବଶ୍ୟ ଭାରତର ଅନ୍ୟ ଅଞ୍ଚଳରେ ଆହୁରି ଅଧିକ ଲୋକ ଜେଲ ଯାଇଥିଲେ ଏବଂ ଆହୁରି ଭୟଙ୍କର ଅତ୍ୟାଚାର ସହିଥିଲେ ।

ଦେଶର ବର୍ତ୍ତମାନ ଦୁଃଖଦାୟକ ଜଟିଳ ପରିସ୍ଥିତି ଦେଖି ଅନେକ ବିଚାରବାନ୍ ଲୋକ କହୁଛନ୍ତି ଯେ ମହାତ୍ମାଗାନ୍ଧୀଙ୍କର ବିଚାର ଓ ତାଙ୍କର କାର୍ଯ୍ୟକ୍ରମ ସମାଧାନର ଏକମାତ୍ର ପନ୍ଥା । ଗାନ୍ଧୀଜୀଙ୍କର ରାମରାଜ୍ୟ, ଗ୍ରାମ ସ୍ୱରାଜ, ବିନୋବାଜୀଙ୍କର 'ଜୟ ଜଗତ୍' ସ୍ୱପ୍ନରେ ରହିଛି । ଗାନ୍ଧୀଜୀଙ୍କର ଆହ୍ୱାନରେ ଉଚିତ ଉତ୍ତର କାର୍ଯ୍ୟରେ ଦେଇ ପାରିଲେ ବରୀ ଅଞ୍ଚଳ ଅତୀତ ଅବଦାନର ମହତ୍ତ୍ୱ ରହିବ । ବର୍ତ୍ତମାନ ପିଢ଼ିର କିଶୋର-କିଶୋରୀ ଓ ବୟସ୍କ ନରନାରୀ ଏବଂ ସଂଗ୍ରାମୀମାନଙ୍କର ଆତ୍ମୀୟମାନେ ଅତୀତ ତ୍ୟାଗ ଓ କର୍ମରେ ଗୌରବ ଅନୁଭବ କରିବେ । କିଛି କିଛି ସେ ଦିଗରେ କଲେ ଏହି ପୁସ୍ତକ-ପ୍ରକାଶନ ସାର୍ଥକ ହେବ ।

ବରୀ ଅଞ୍ଚଳର ନିମ୍ନଲିଖିତ ବ୍ୟକ୍ତିମାନେ ସ୍ୱାଧୀନତା ସଂଗ୍ରାମରେ ଜେଲ ଯାଇଥିଲେ, ମାତ୍ର ବିଷଦ୍ ତଥ୍ୟ ଅଭାବରୁ କେବଳ ନାମଧାମ ଦିଆଗଲା ।

ଦୁଃଶାସନ ଜେନା- ଧାରପୁର-	୧୯୪୨ରେ ।
ମଧୁସୂଦନ ମିଶ୍ର- ଘର ଛପଡ଼ା-	" ।
ଶ୍ୟାମସୁନ୍ଦର ପାଣିଗ୍ରାହୀ- ଘର ବାଉନଣ୍ଡା- ବାଲେଶ୍ୱର-	" ।
ସଦାଶିବ ମିଶ୍ର- ପୁରୁଷୋତ୍ତମ ଶାସନ- ପୁରୀ-	" ।
ଫକୀର ଜେନା- ଘର- ବରୀ- ଯାଜପୁର-	" ।
ପଦ୍ମନାଭ ରାୟ- ଘର- ଛତ୍ରପଡ଼ା- ଯାଜପୁର-	" ।
ପ୍ରାଣକୃଷ୍ଣ ପଟ୍ଟନାୟକ- ଘର- କଲ୍ୟାଣପୁର- ଯାଜପୁର-	" ।

- ୦ -

Digitized by PPRACHIN, SOA

ଅମର ଶହିଦ୍ ମାୟାଧର ଭୂୟାଁ

ବରୀ ଅଞ୍ଚଳରେ ସମସ୍ତ ଶହିଦ୍ ମାନଙ୍କର ଫଟୋ ମିଳି ପାରିଲାନାହିଁ କେବଳ ମାୟାଧର ଭୂୟାଁଙ୍କର ଫଟୋ ମିଳିଛି । ସମସ୍ତ ଶହିଦ୍ଙ୍କୁ ଗୋପବନ୍ଧୁ-ରମାଦେବୀ ଆଶ୍ରମ ତରଫରୁ ପ୍ରଣାମ ଜଣାଉଛି ।

Digitized by PPRACHIN, SOA

ଗାନ୍ଧୀଜୀ

ହରିଜନ ପଦଯାତ୍ରା

●

ମେ, ୧୯୩୪
ଅନ୍ୟାସୀପୁର ତା.୩୦-୫-୩୪
ବରୀ- ତା.୩୧-୫-୩୪
ସାହସପୁର ତା.୩୧-୫-୩୪

କସ୍ତୁରବା

Digitized by PPRACHIN, SOA

ଗୋପବନ୍ଧୁ ଚୌଧୁରୀ ପୃଷ୍ଠା- ୫୧

Digitized by PPRACHIN, SOA

ରମାଦେବୀ   ପୃଷ୍ଠା- ୫୩

Digitized by PPRACHIN, SOA

ହଳଧର ସାହାଣୀ   ପୃଷ୍ଠା- ୫୪

କାର୍ତ୍ତୀକ ଚନ୍ଦ୍ର ମହାନ୍ତି ପୃଷ୍ଠା- ୫୫

ଭଗୀରଥ ଦାସ ପୃଷ୍ଠା- ୫୫

ପ୍ରିୟମ୍ବଦା ଦେବୀ ପୃଷ୍ଠା- ୫୬

Digitized by PPRACHIN, SOA

କୃପାସିନ୍ଧୁ ଖୁଣ୍ଟିଆ   ପୃଷ୍ଠା- ୫୭

ହାରାମଣୀ ଦେବୀ   ପୃଷ୍ଠା- ୫୮

ଗଣେଶ ଚନ୍ଦ୍ର ମହାନ୍ତି   ପୃଷ୍ଠା- ୫୯

ହରିଚରଣ ଜେନା   ପୃଷ୍ଠା- ୬୦

Digitized by PPRACHIN, SOA

ମଧୁସୂଦନ ଦାସ ପୃଷ୍ଠା- ୬୧

ରତ୍ନାକର ଜେନା ପୃଷ୍ଠା- ୬୨

ଅକୃର ଜେନା ପୃଷ୍ଠା- ୬୨



ବଂଶୀଧର ଦ୍ୱିବେଦୀ ପୃଷ୍ଠା- ୬୩

Digitized by PPRACHIN, SOA



ଆକୁଳି ଚରଣ ମେକାପ ପୃଷ୍ଠା- ୬୪

ଜଗନ୍ନାଥ ଜେନା ପୃଷ୍ଠା- ୬୪

ରାମଚନ୍ଦ୍ର ମିଶ୍ର ପୃଷ୍ଠା- ୬୪

ଜଗବନ୍ଧୁ ଜେନା ପୃଷ୍ଠା- ୬୫

Digitized by PPRACHIN, SOA

ଆର୍ତ୍ତବନ୍ଧୁ ମହାନ୍ତି   ପୃଷ୍ଠା- ୬୬

ରଙ୍ଗାଧର ଦାସ   ପୃଷ୍ଠା- ୬୭

ଅନାମ ଚନ୍ଦ୍ର ଦାସ   ପୃଷ୍ଠା- ୬୮

ବିଦ୍ୟାଧର ରାୟ   ପୃଷ୍ଠା- ୬୯

Digitized by PPRACHIN, SOA

ବେଣୁଧର ସାମଲ ପୃଷ୍ଠା- ୬୯

ବୀରବର ରଥ ପୃଷ୍ଠା- ୭୦

ଡ଼ମ୍ବରୁଧର ରାୟ ପୃଷ୍ଠା- ୭୧

ବିଚିତ୍ରାନନ୍ଦ ଶୁକ୍ଳ ପୃଷ୍ଠା- ୭୧

Digitized by PPRACHIN, SOA

ବସୁଦେବ ସାମଲ ପୃଷ୍ଠା- ୭୧ ଋଷି ବେହେରା ପୃଷ୍ଠା- ୭୨

ଦେବେନ୍ଦ୍ରନାଥ ପାଢ଼ୀ ପୃଷ୍ଠା- ୭୩ ଇନ୍ଦ୍ରମଣୀ ତ୍ରିପାଠୀ ପୃଷ୍ଠା- ୭୩

Digitized by PPRACHIN, SOA

ବୀରକିଶୋର ରାୟ   ପୃଷ୍ଠା- ୭୪

ରାଧାକୃଷ୍ଣ ସାମଲ   ପୃଷ୍ଠା- ୭୫

ସୁରେନ୍ଦ୍ର ଶୁକ୍ଳ   ପୃଷ୍ଠା- ୭୬

ଶକ୍ତିଶେଖର ଦାସ   ପୃଷ୍ଠା- ୭୬

Digitized by PPRACHIN, SOA

ମୁକ୍ତେଶ୍ୱର ମିଶ୍ର   ପୃଷ୍ଠା- ୭୭

ରସାନନ୍ଦ ଶୁକ୍ଳ   ପୃଷ୍ଠା- ୭୮

ଜୟମଣି ସାମଲ   ପୃଷ୍ଠା- ୭୯

ହଳଧର ଦାଶ   ପୃଷ୍ଠା- ୭୯

Digitized by PPRACHIN, SOA

ବାଞ୍ଛାନିଧି ଦାସ ପୃଷ୍ଠା- ୮୦

ଶକୁନ୍ତଳା ଦାସ ପୃଷ୍ଠା- ୮୧

ତ୍ରିଲୋଚନ ମହାନ୍ତି ପୃଷ୍ଠା- ୮୨

ଭିକାରୀ ଚରଣ ମହାନ୍ତି ପୃଷ୍ଠା- ୮୩

Digitized by PPRACHIN, SOA

ରାମଚନ୍ଦ୍ର ଜେନା   ପୃଷ୍ଠା- ୮୩

ପର୍ଶୁରାମ ମହାନ୍ତି   ପୃଷ୍ଠା- ୮୪

ବିପିନ୍‌ବିହାରୀ ମହାନ୍ତି ପୃଷ୍ଠା- ୮୫

କିରଣ ଲେଖା ରାୟ ପୃଷ୍ଠା- ୮୭

Digitized by PPRACHIN, SOA

ଅନାଦି ନାୟକ ପୃଷ୍ଠା- ୮୯

ଆଚାର୍ଯ୍ୟ ହରିହର ଦାଶ ପୃଷ୍ଠା- ୮୯

ପଣ୍ଡିତ କୃପାସିନ୍ଧୁ ହୋତା ପୃଷ୍ଠା- ୯୧

ଗୁଣନିଧି ମହାନ୍ତି ପୃଷ୍ଠା- ୯୨

Digitized by PPRACHIN, SOA

ଈଶ୍ୱର ଲାଲ ବ୍ୟାସ ପୃଷ୍ଠା- ୯୩

ବ୍ରଜମୋହନ ସିଂ ପୃଷ୍ଠା- ୯୪

ରାଜକୃଷ୍ଣ ବୋଷ ପୃଷ୍ଠା- ୯୫

ହରେକୃଷ୍ଣ ବିଶ୍ୱାଳ ପୃଷ୍ଠା- ୯୬

Digitized by PPRACHIN, SOA

ନବକୃଷ୍ଣ ଚୌଧୁରୀ   ପୃଷ୍ଠା- ୯୬

ମାଳତୀ ଚୌଧୁରୀ   ପୃଷ୍ଠା- ୯୭



ଅମରନାଥ ଚଟ୍ଟୋପାଧ୍ୟାୟ ପୃଷ୍ଠା- ୯୭

ଗଦାଧର ଦତ୍ତ   ପୃଷ୍ଠା- ୯୮

Digitized by PPRACHIN, SOA

ବିନୋଦ କାନୁନଗୋ ପୃଷ୍ଠା- ୯୯

ସୁରେନ୍ଦ୍ରନାଥ ପଟ୍ଟନାୟକ ପୃଷ୍ଠା- ୯୯

ସଚ୍ଚିଦାନନ୍ଦ ମହାନ୍ତି ପୃଷ୍ଠା- ୯୯

ମନମୋହନ ଚୌଧୁରୀ ପୃଷ୍ଠା- ୧୦୦

Digitized by PPRACHIN, SOA

ବୈଦ୍ୟନାଥ ଦାସ ପୃଷ୍ଠା- ୧୦୨

ଗୋଦାବରୀ ଦେବୀ ପୃଷ୍ଠା- ୧୦୩

ବୈକୁଣ୍ଠନାଥ ମହାନ୍ତି ପୃଷ୍ଠା- ୧୦୪

ସୁରେନ୍ଦ୍ରନାଥ ମହାନ୍ତି ପୃଷ୍ଠା- ୧୦୫

Digitized by PPRACHIN, SOA

ସୁନାମଣୀ ଦେବୀ ପୃଷ୍ଠା- ୧୦୬

ମଙ୍ଗଳା ସେନଗୁପ୍ତ ପୃଷ୍ଠା- ୧୦୬

ଅନ୍ନପୂର୍ଣ୍ଣା ମହାରାଣା ପୃଷ୍ଠା- ୧୦୭

ଶରତଚନ୍ଦ୍ର ମହାରାଣା ପୃଷ୍ଠା- ୧୦୮

Digitized by PPRACHIN, SOA

ବାସୁଦେବ ମହାନ୍ତି ପୃଷ୍ଠା- ୧୦୯

ବିଶ୍ୱନାଥ ପଟ୍ଟନାୟକ ପୃଷ୍ଠା- ୧୧୦

କୃଷ୍ଣ ଚରଣ ସାହୁ ପୃଷ୍ଠା- ୧୧୧

ଫକୀର ମିଶ୍ର ପୃଷ୍ଠା- ୧୧୨

Digitized by PPRACHIN, SOA

ପାର୍ବତୀ ଗିରି ପୃଷ୍ଠା- ୧୧୩

ଭୁବନାନନ୍ଦ ସ୍ୱାଇଁ ପୃଷ୍ଠା- ୧୧୪

ବୃନ୍ଦାବନ ଜେନା ପୃଷ୍ଠା- ୧୧୫

ମଦନମୋହନ ସାହୁ ପୃଷ୍ଠା- ୧୧୫

Digitized by PPRACHIN, SOA



କ୍ଷେତ୍ରବାସୀ ପତି   ପୃଷ୍ଠା- ୧୧୬

ହରିଶଚନ୍ଦ୍ର ଦାସ   ପୃଷ୍ଠା- ୧୧୭

କାର୍ତ୍ତିକ ମହଲ   ପୃଷ୍ଠା- ୧୧୮

ଅର୍ଜୁନ ଚରଣ ବେଉରିଆ ପୃଷ୍ଠା- ୧୧୮

Digitized by PPRACHIN, SOA

ନୃସିଂହ ଚରଣ ସାମଲ ପୃଷ୍ଠା- ୧୧୮

ପ୍ରହ୍ଲାଦ ଜେନା ପୃଷ୍ଠା- ୧୧୯

ଦୁର୍ଗାଚରଣ ସାମଲ ପୃଷ୍ଠା- ୧୧୯

ହରି ସାହୁ ପୃଷ୍ଠା- ୧୨୦

Digitized by PPRACHIN, SOA

କାହ୍ନୁଚରଣ ଦାସ   ପୃଷ୍ଠା-   ୧୨୦

ଗୋଲୋଖୀ ବିହାରୀ ନାୟକ ପୃଷ୍ଠା-   ୧୨୧

ଶୁକଦେବ ସାହୁ   ପୃଷ୍ଠା-   ୧୨୨

ବାମନ ଚରଣ ଦାସ   ପୃଷ୍ଠା-   ୧୨୨

Digitized by PPRACHIN, SOA

ଅନ୍ନପୂର୍ଣ୍ଣା ଦାସ   ପୃଷ୍ଠା- ୧୩୨

ସୁମିତ୍ରା ଚୌଧୁରୀ   ପୃଷ୍ଠା- ୧୩୪

ରମା ଦେବୀ   ପୃଷ୍ଠା- ୧୩୪

ତୁଙ୍ଗବିଦ୍ୟା ଦେବୀ ପୃଷ୍ଠା- ୧୩୫

Digitized by PPRACHIN, SOA

କୃଷ୍ଣପ୍ରିୟା ଦେବୀ ପୃଷ୍ଠା- ୧୩୬

ପ୍ରେମଲତା ଦେବୀ ପୃଷ୍ଠା- ୧୩୮

ବାସନ୍ତୀ ମିଶ୍ର ପୃଷ୍ଠା- ୧୪୧

ଭଗବାନ ନାଥ ପୃଷ୍ଠା- ୧୪୨

Digitized by PPRACHIN, SOA

ମେନକା ମହାପାତ୍ର ପୃଷ୍ଠା- ୧୪୪

ବାସନ୍ତୀ ମହାପାତ୍ର ପୃଷ୍ଠା- ୧୪୪

ବିଶ୍ୱନାଥ ପରିଡ଼ା ପୃଷ୍ଠା- ୧୪୪

ଛାୟା ଦେବୀ ପୃଷ୍ଠା- ୧୪୫

Digitized by PPRACHIN, SOA

କ୍ଷେତ୍ରମଣୀ ଦେଈ ପୃଷ୍ଠା- ୧୪୫

କପିଳ ଚରଣ ଜେନା ପୃଷ୍ଠା- ୧୪୫

ଦୁଃଶାସନ ରାୟ ପୃଷ୍ଠା- ୧୪୬

ବୃନ୍ଦାବନ ତ୍ରିପାଠୀ ପୃଷ୍ଠା- ୧୪୭

ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପୃଷ୍ଠା- ୧୪୭

Digitized by PPRACHIN, SOA

ଅକୃର ଜେନା   ପୃଷ୍ଠା- ୧୪୭

ରଙ୍ଗାଧର ମହାପାତ୍ର   ପୃଷ୍ଠା- ୧୪୮

ସୁଭଦ୍ରା ଦେବୀ   ପୃଷ୍ଠା- ୧୪୮

ଦାଶରଥି ସାମଲ   ପୃଷ୍ଠା- ୧୪୮

Digitized by PPRACHIN, SOA

କସ୍ତୁରବା ମାତୃମଙ୍ଗଳ କେନ୍ଦ୍ର

ଗୋପବନ୍ଧୁ ରମାଦେବୀ ଆଶ୍ରମ

Digitized by PPRACHIN, SOA